# ଧରିତ୍ରୀ DHARITRI

ଭୁବନେଶ୍ୱର, ସୋମବାର, ଜାନୁୟାରୀ ୨୧/୨୦୧୯ (୨୦ ପୃଷ୍ଠା) | Bhubaneswar, Monday, January 21/ 2019 | ★★★★★★

୪୫ଶ ଭାଗ ୫୯ ସଂଖ୍ୟା | www.orissakhabar.com/www.dharitri.com | Printed at Bhubaneswar, Sambalpur, Angul and Rayagada | ମୂଲ୍ୟ ₹ ୫/-




**ଫେଡରରଙ୍କୁ ହରାଇଲେ ସିତ୍‌ସିପାସ**

ମେଲବୋର୍ନରେ ଚାଲିଥିବା ଅଷ୍ଟ୍ରେଲିଆନ ଓପନ ଗ୍ରାଣ୍ଡସ୍ଲାମ ଟେନିସ ପୁରୁଷ ସିଙ୍ଗଲ୍ସ ୪ର୍ଥ ରାଉଣ୍ଡରେ ରୋଜର ଫେଡରରଙ୍କୁ ହରାଇ ବିପର୍ଯ୍ୟୟ ଘଟାଇଛନ୍ତି ଷ୍ଟିଫାନୋସ ସିତ୍‌ସିପାସ।

୧୮

୧୪

**'ଦବଙ୍ଗ ୩' ସୋନାକ୍ଷୀଙ୍କ ପାଇଁ ଘରବାହୁଡ଼ା**

ଖୁବ୍‌ଶୀଘ୍ର 'ଦବଙ୍ଗ ୩'ର ଶୁଟିଂ ହେବାକୁ ଯାଉଥିବା ବେଳେ ବଲିଉଡ ଅଭିନେତ୍ରୀ ସୋନାକ୍ଷୀ ସିହ୍ନାଙ୍କ ପାଇଁ ଏହା ଘରବାହୁଡ଼ା ସାବ୍ୟସ୍ତ ହୋଇଛି।





ଉତ୍ତରପ୍ରଦେଶର ଆଗ୍ରାସ୍ଥିତ ବିଶ୍ୱପ୍ରସିଦ୍ଧ ତାଜମହଲ ପରିଦର୍ଶନରେ ଆସିଛନ୍ତି ଡେନମାର୍କ ପ୍ରଧାନମନ୍ତ୍ରୀ ଲାର୍ସ ଲୋକ୍କେ ରାସ୍ମୁସେନ୍ ଓ ତାଙ୍କ ସ୍ତ୍ରୀ ସୋଲ୍ରୁନ୍।

# ଠିକାରେ ଚାଲିଛି ଓଡ଼ିଶା ମୁକ୍ତ ବିଶ୍ୱବିଦ୍ୟାଳୟ

**ଭୁବନେଶ୍ୱର,୨୦।୧(ବ୍ୟୁରୋ)**

- ପ୍ରତିଷ୍ଠାକୁ ବିତିବ ୪ ବର୍ଷ, ନାହିଁ ସ୍ଥାୟୀ କ୍ୟାମ୍ପସ୍
- ଜି.ଏମ୍. କ୍ୟାମ୍ପସ୍ ଖାଲି କରିବାକୁ କର୍ତ୍ତୃପକ୍ଷଙ୍କ ଚିଠି
- କୁଳପତି, କୁଳ ସଚିବଙ୍କ ସ୍ଥାୟୀ ଅଫିସ୍ ନାହିଁ





ଓଡ଼ିଶା ରାଜ୍ୟ ମୁକ୍ତ ବିଶ୍ୱବିଦ୍ୟାଳୟ(ଓଏସ୍‌ଓୟୁ) ସମ୍ପର୍କିତ ବିଲ୍ ବିଧାନସଭାରେ ଗୃହୀତ ହେଲା। ରାଜ୍ୟ ସରକାରଙ୍କ ଉଚ୍ଚଶିକ୍ଷା ବିଭାଗ ଦ୍ୱାରା ଉକ୍ତ ବିଶ୍ୱବିଦ୍ୟାଳୟ ପ୍ରତିଷ୍ଠା କରାଗଲା। ହେଲେ ବିଶ୍ୱବିଦ୍ୟାଳୟ ପ୍ରତିଷ୍ଠା ହେବାର ସାଢେ ତିନି ବର୍ଷ ବିତିଯାଇଥିଲେ ମଧ୍ୟ ଏହାର ନିଜସ୍ୱ ଗୃହ, ଲାବୋରେଟୋରି ଏବଂ ସ୍ଥାୟୀ ଅଧ୍ୟାପକ ଓ କର୍ମଚାରୀ ନିଯୁକ୍ତ ହୋଇନାହାନ୍ତି। ଠିକାରେ କେତେଜଣ କର୍ମଚାରୀଙ୍କୁ ନେଇ ଯେନତେନ ପ୍ରକାରେଣ କାମଚଳା ନୀତିରେ ମୁକ୍ତ ବିଶ୍ୱବିଦ୍ୟାଳୟ ଚାଲିଛି। ବର୍ତ୍ତମାନ ଏହି ମୁକ୍ତ ବିଶ୍ୱବିଦ୍ୟାଳୟରେ ପ୍ରାୟ ୧୦,୦୦୦ରୁ ଅଧିକ ଛାତ୍ରୀଛାତ୍ର ପଢୁଛନ୍ତି। ୧୨ଟି ବିଭାଗରେ ଏହା ସ୍ନାତକୋତ୍ତର ଶିକ୍ଷା ସହିତ ଅନ୍ୟ ୪୨ଟି କାର୍ଯ୍ୟକ୍ରମରେ ପିଜି ଡିପ୍ଲୋମା, ଡିପ୍ଲୋମା ଓ ସାର୍ଟିଫିକେଟ ପାଠ୍ୟକ୍ରମ ପ୍ରଦାନ କରାଯାଉଛି। ସାରା ରାଜ୍ୟର ୩୦ଟି ଜିଲାରେ ଏହାର ୫୦ଟି ଶିକ୍ଷା କେନ୍ଦ୍ର ରହିଛି। ବିଭିନ୍ନ ସରକାରୀ ଓ ସରକାରୀ ଅନୁଦାନପ୍ରାପ୍ତ ମହାବିଦ୍ୟାଳୟଗୁଡ଼ିକରେ ଏହି ପାଠ୍ୟକ୍ରମ ଗୁଡ଼ିକର ଶିକ୍ଷାଦାନ କରାଯାଉଛି। ହେଲେ ଏହି ଶୈକ୍ଷିକ ସଫଳତା ସତ୍ତ୍ୱେ ରାଜ୍ୟ ସରକାରଙ୍କ ଉଚ୍ଚଶିକ୍ଷା ବିଭାଗ ଏହାକୁ ପ୍ରତିଷ୍ଠା କରି ବୈମାତୃକ ମନୋଭାବ ପୋଷଣ କରିଚାଲିଥିବା ଅଭିଯୋଗ ହେଉଛି। ମୁକ୍ତ ବିଶ୍ୱବିଦ୍ୟାଳୟ ୨୦୧୫ ଜୁନ୍‌ରେ ପ୍ରତିଷ୍ଠା ହୋଇଥିଲା। କିଛି ମାସ ପରେ ଏହି ପ୍ରତିଷ୍ଠାକୁ ୪ବର୍ଷ ବିତିବାକୁ ଯାଉଛି।

ଓଏସ୍‌ଓୟୁ ମୁଖ୍ୟାଳୟ ସମ୍ବଲପୁରର ଗଙ୍ଗାଧର ମେହେର ବିଶ୍ୱବିଦ୍ୟାଳୟର ଏକ ଛୋଟିଆ କୋଠାରେ ଗତ ସାଢେ ୩ବର୍ଷ ଧରି ଚାଲିଛି। ଆଶ୍ଚର୍ଯ୍ୟଜନକ ବିଷୟ ଏହି କି ଯେ, କୁଳପତି ଏବଂ କୁଳସଚିବଙ୍କ ପାଇଁ ସ୍ଥାୟୀ ଅଫିସ୍ ପ୍ରକୋଷ୍ଠଟିଏ ନାହିଁ। ଏହି କ୍ୟାମ୍ପସ ଅସ୍ଥାୟୀ ଭାବେ ଚାଲୁଥିବାରୁ ସେଠାରୁ ସ୍ଥାନାନ୍ତର କରିବାକୁ ଗଙ୍ଗାଧର ମେହେର ବିଶ୍ୱବିଦ୍ୟାଳୟ କର୍ତ୍ତୃପକ୍ଷ ୫ ମାସ ପୂର୍ବେ ଓଏସ୍‌ଓୟୁକୁ ନୋଟିସ୍ ଦେଇସାରିଛନ୍ତି। ବିଶ୍ୱବିଦ୍ୟାଳୟକୁ ନିଜର କ୍ୟାମ୍ପସ ନିର୍ମାଣ ପାଇଁ ଜମି ଖଣ୍ଡେ ମିଳିପାରି ନାହିଁ। ଆଇଆଇଏମ୍ ଓ ଗଙ୍ଗାଧର ମେହେର ବିଶ୍ୱବିଦ୍ୟାଳୟ ପାଇଁ ଅତିରିକ୍ତ ଜାଗା ସରକାର ଦେଇଥିବା ବେଳେ ମୁକ୍ତ ବିଶ୍ୱବିଦ୍ୟାଳୟକୁ ଗୋଟେ ଗୁଣ୍ଠ ଜମି ବି ଦେଇନାହାନ୍ତି। ଜମି କେବେ ମିଳିବ ଓ କେବେ ବିଶ୍ୱବିଦ୍ୟାଳୟ ଘର ପ୍ରତିଷ୍ଠା ହେବ, ସେ ନେଇ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ମୁକ୍ତ ବିଶ୍ୱବିଦ୍ୟାଳୟ ସଙ୍ଗରେ ଏକାଥରେ ପ୍ରତିଷ୍ଠା ହୋଇଥିବା ରମାଦେବୀ ମହିଳା ବିଶ୍ୱବିଦ୍ୟାଳୟ, ଗଙ୍ଗାଧର ମେହେର ବିଶ୍ୱବିଦ୍ୟାଳୟ ଓ ଖଲ୍ଲିକୋଟ ବିଶ୍ୱବିଦ୍ୟାଳୟକୁ ଉଚ୍ଚଶିକ୍ଷା ବିଭାଗ ବିଭିନ୍ନ ପଦବୀ ମଞ୍ଜୁର ଦେବା ସହ ବିଭିନ୍ନ କ୍ଷେତ୍ର ପାଇଁ ଅନୁଦାନ ମିଳିଛି। ଏପରିକି ଏହି ତିନୋଟି ବିଶ୍ୱବିଦ୍ୟାଳୟର ଦ୍ୱିତୀୟ କ୍ୟାମ୍ପସ୍ ପାଇଁ ଉଚ୍ଚଶିକ୍ଷା ବିଭାଗ ତତ୍ପରତା ପ୍ରକାଶ କରିଛି। ହେଲେ ମୁକ୍ତ ବିଶ୍ୱବିଦ୍ୟାଳୟ ବେଳକୁ ସେହି ତତ୍ପରତା ଦେଖିବାକୁ ମିଳିନାହିଁ।

ଓଏସ୍‌ଓୟୁରେ ନିଯୁକ୍ତି ନିମନ୍ତେ କୌଣସି ପଦବୀ ପାଇଁ ଉଚ୍ଚଶିକ୍ଷା ବିଭାଗ ମଞ୍ଜୁରୀ ଦେଇନାହିଁ। ବିଶ୍ୱବିଦ୍ୟାଳୟ ଏ ନେଇ ଉଚ୍ଚଶିକ୍ଷା ବିଭାଗକୁ ବାରମ୍ବାର ଚିଠି ଲେଖିଥିବା ଉଚ୍ଚଶିକ୍ଷା ବିଭାଗର ଜଣେ ବରିଷ୍ଠ ଅଧିକାରୀ ସ୍ୱୀକାର କରିଛନ୍ତି। ହେଲେ ପଦବୀ ମଞ୍ଜୁର ନ ହେବାର କାରଣ ଉଲ୍ଲେଖ କରିନାହାନ୍ତି। ବର୍ତ୍ତମାନର କୁଳପତି ଶ୍ରୀକାନ୍ତ ମହାପାତ୍ର ଇନ୍ଦିରା ଗାନ୍ଧୀ ଜାତୀୟ ମୁକ୍ତ ବିଶ୍ୱବିଦ୍ୟାଳୟ(ଇଗ୍ନୋ)ରୁ ଡେପୁଟେଶନରେ ଆସିଥିବା ବେଳେ କୁଳସଚିବ ଉଚ୍ଚଶିକ୍ଷା ବିଭାଗରୁ ଡେପୁଟେଶନରେ ଆସିଛନ୍ତି। ଜାତୀୟ ଅନୁଷ୍ଠାନ ଇଗ୍ନୋ ଭଳି ସଂସ୍ଥାରେ ଇଂଲିଶ ଏବଂ ହିନ୍ଦୀରେ ଶିକ୍ଷାଦାନକୁ ଗୁରୁତ୍ୱ ଦିଆଯାଇଥାଏ। ହେଲେ ଓଡ଼ିଶା ମୁକ୍ତ ବିଶ୍ୱବିଦ୍ୟାଳୟରେ ☞ ପୃଷ୍ଠା-୪

# ନିର୍ବନ୍ଧ ପୂର୍ବରୁ ବାନ୍ଧବୀଙ୍କୁ ମାରିଦେଲେ

**ଭୁବନେଶ୍ୱର, ୨୦।୧(ବ୍ୟୁରୋ)/ ପୁରୁଣା ଭୁବନେଶ୍ୱର(ଡି.ଏନ୍.ଏ.)**

ପୁଅ ଦେଖା ସରିଥିଲା। ଦୁଇ ଦିନ ପରେ ନିର୍ବନ୍ଧ ହୋଇଥାନ୍ତା। କିନ୍ତୁ ତା' ପୂର୍ବରୁ ନିଜ ବାନ୍ଧବୀ ସାଜିଲେ ବଇରି। ନିର୍ବନ୍ଧ ପୂର୍ବରୁ ଯୁବତୀଙ୍କୁ ତଣ୍ଟିକାଟି ହତ୍ୟା କଲେ ବାନ୍ଧବୀ। ଏଭଳି ଏକ ସମ୍ବେଦନଶୀଳ ଘଟଣା ଘଟିଛି ଲିଙ୍ଗରାଜ ଥାନା ଅନ୍ତର୍ଗତ ଗୌରୀନଗରର ଲେନ୍-୫ରେ ଥିବା ଏକ ହଷ୍ଟେଲରେ। ହତ୍ୟାର ଶିକାର ହୋଇଛନ୍ତି ବାଲେଶ୍ୱର ଜିଲା ବସ୍ତା ଥାନା ବାଉଁଶ ମୁଖା ଗାଁର ଅଳକାନନ୍ଦା ଦାଶ। ପୋଲିସ ଅଭିଯୁକ୍ତ ତଥା ଅଳକାନନ୍ଦାଙ୍କ ବାନ୍ଧବୀ ଅନିଷା ମିତ୍ର(୩୨)ଙ୍କୁ ଗିରଫ କରିଛି।

ଅନିଷାଙ୍କ ଘର କୋଣାର୍କ ଅଞ୍ଚଳରେ। ୧୦ ବର୍ଷ ତଳେ ଏକ ଏନ୍‌ଜିଓରେ କାମ କରିବା ସମୟରେ ଅଳକାନନ୍ଦାଙ୍କ ସହ ତାଙ୍କର ଭେଟ ହୋଇଥିଲା। ସେତେବେଳେ କୋରାପୁଟରେ ଉଭୟେ ଗୋଟିଏ ସଂସ୍ଥାରେ କାମ କରୁଥିଲେ। ଉଭୟଙ୍କ ମଧ୍ୟରେ ନିବିଡ଼ ସମ୍ପର୍କ ଥିଲା। ୪ବର୍ଷ ତଳେ ସେମାନେ ଭୁବନେଶ୍ୱର ଆସିବା ପରେ ଗୌରୀନଗରରେ ହଷ୍ଟେଲରେ ଘର ଭଡ଼ା ନେଇ ଏକାଠି ରହୁଥିଲେ। ସାଥିହୋଇ ସକାଳେ ଅଫିସ ଯାଉଥିଲେ ଏବଂ ସନ୍ଧ୍ୟାରେ ଫେରୁଥିଲେ।

ପୋଲିସ ସୂଚନା ମୁତାବକ, ପ୍ରାୟ ମାସେ ହେବ ଅଳକାଙ୍କ ପରିବାର ଲୋକେ ତାଙ୍କ ପାଇଁ ବର ଖୋଜୁଥିଲେ। ଶେଷରେ ବିବାହ ପାଇଁ ପୁଅ ଠିକ୍ ହୋଇଥିଲା। କିନ୍ତୁ ଅଳକା ବିବାହ କରନ୍ତୁ ବୋଲି ଅନିଷା ଚାହୁଁ ନ ଥିଲେ। ବିବାହ ପରେ ଅଳକା ତାଙ୍କଠାରୁ ଅଲଗା ହୋଇଯିବେ ବୋଲି ଅନିଷା ବିବାହକୁ ବାରଣ କରୁଥିଲେ। କିନ୍ତୁ ଅଳକା ଶୁଣି ନ ଥିଲେ। ଏହାକୁ ନେଇ ୨ଦିନ ତଳେ ସେମାନଙ୍କ ମଧ୍ୟରେ ପାଟିତୁଣ୍ଡ ହୋଇଥିଲା। ଘର ମାଲିକ ଉଭୟଙ୍କ ମଧ୍ୟରେ ଆପୋସ ସମାଧାନ କରିଥିଲେ। ଅଳକା ଛାତ ଉପରକୁ ଯାଇ ଫୋନରେ କଥା ହେଲେ ଅନିଷା ତାଙ୍କୁ ରୁମ୍‌ରେ ରହି କଥା ହେବାକୁ ବାଧ୍ୟ କରୁଥିଲେ। ଏହାକୁ ଅଳକା ବିରୋଧ କରୁଥିଲେ। ଏହା ମଧ୍ୟରେ ନିର୍ବନ୍ଧ ପାଇଁ ପରିବାର ଲୋକେ ଅଳକାଙ୍କୁ ଘରକୁ ଡକାଇଥିଲେ। ସେ ସୋମବାର ଟ୍ରେନରେ ଘରକୁ ଯାଇଥାନ୍ତେ। ତେବେ ଶନିବାର ରାତି ପ୍ରାୟ ୨ଟା ୪୫ରେ ଅଳକା ଫୋନ୍‌ରେ କଥାହେବା ଲାଗି ଛାତ ଉପରକୁ ଯିବାରୁ ଉଭୟଙ୍କ ମଧ୍ୟରେ ବଚସା ହୋଇଥିଲା। ଦୁହିଁଙ୍କ ମଧ୍ୟରେ ପ୍ରବଳ ଝଗଡ଼ା ହୋଇ ହାତହାତି ପର୍ଯ୍ୟନ୍ତ କଥା ଯାଇଥିଲା। ଅନିଷା ଏଥିରେ ଉତ୍‌କ୍ଷିପ୍ତ ହୋଇ ଅଳକାଙ୍କୁ ତଳେ ପକାଇ ଦେଇଥିଲେ। ପରେ ତାଙ୍କ ଛାତି ଉପରେ ବସି ପରିବା କଟା ଛୁରିରେ ତାଙ୍କ ତଣ୍ଟି କାଟିଦେଇଥିଲେ ବୋଲି ଅନିଷା ପୋଲିସ ଆଗରେ ସ୍ୱୀକାର କରିଛନ୍ତି। ଘଟଣା ସମୟରେ ଚିତ୍କାର ଶୁଣି ଘରମାଲିକ ସେମାନଙ୍କ ରୁମ୍ ନିକଟକୁ ଯାଇଥିଲେ। କବାଟ ବାଡ଼େଇଥିଲେ ମଧ୍ୟ କେହି ଖୋଲି ନ ଥିଲେ। ଶେଷରେ ପିସିଆରକୁ ଫୋନ କରିଥିଲେ। ପୋଲିସ ପହଞ୍ଚି କବାଟ ଖୋଲିବା ବେଳକୁ ଅନିଷା ଅଳକାଙ୍କ ମୃତଦେହ ନିକଟରେ ବସିଥିଲେ। ରକ୍ତ ଜୁଡୁବୁଡୁ ଅବସ୍ଥାରେ ଅଳକାଙ୍କ ମୃତଦେହ ପଡ଼ିଥିଲା। ପୋଲିସ ଅନିଷାଙ୍କୁ କାବୁ କରି ଘରକୁ ସିଲ୍ କରିଥିଲା। ସକାଳୁ ପୋଲିସ ସାଇଣ୍ଟିଫିକ୍ ଟିମ୍ ସହ ପହଞ୍ଚି ତଦନ୍ତ କରିଥିଲା। ଏ ନେଇ ଥାନାରେ ଆଇପିସି ଦଫା ୩୦୨ରେ ଏକ ହତ୍ୟା ମାମଲା(୧୪/୧୯) ରୁଜୁ ହୋଇଛି। ରବିବାର ଅଭିଯୁକ୍ତ ଅନିଷାଙ୍କୁ ଏସ୍‌ଡିଜେଏମ୍ କୋର୍ଟ ଚାଲାଣ କରାଯିବା ପରେ ବିଚାର ବିଭାଗୀୟ ହାଜତକୁ ପଠାଇ ଦିଆଯାଇଛି।

**ରାଜଧାନୀରେ ଚାଞ୍ଚଲ୍ୟ**



ଅଭିଯୁକ୍ତ ଅନିଷା

**ଅନ୍ୟ ସହ କଥା ହେବାକୁ ଦେଉ ନ ଥିଲେ**

ଅଳକା ଏବଂ ଅନିଷା ଅଫିସରୁ ଆସିବା ପରେ ଗୋଟିଏ ରୁମ୍ ଭିତରେ ପ୍ରାୟ ସମୟ କବାଟ ବନ୍ଦ କରି ରହୁଥିଲେ। ହଷ୍ଟେଲରେ ରହୁଥିବା ଅନ୍ୟ ଯୁବତୀମାନଙ୍କ ସହ କଥା ହେଉ ନ ଥିଲେ। ଯଦି ଅଳକାନନ୍ଦା କଥା ହେବାକୁ ଚେଷ୍ଟା କରୁଥିଲେ ତାଙ୍କୁ ଅନିଷା ବାରଣ କରୁଥିଲେ ବୋଲି ହଷ୍ଟେଲରେ ରହୁଥିବା କେତେଜଣ ଯୁବତୀ କହିଛନ୍ତି।

# ଅପରାହ୍ନରେ ଘନ କୁହୁଡ଼ି



ରବିବାର ଅପରାହ୍ନ ୩ଟାବେଳେ ଘନ କୁହୁଡ଼ିରେ ଆଚ୍ଛାଦିତ କୋଣାର୍କ ସୂର୍ଯ୍ୟ ମନ୍ଦିର।

- ପୂର୍ବରୁ ଏଭଳି କେବେ ଦେଖାଯାଇ ନ ଥିଲା
- କୋଣାର୍କ, ରାମଚଣ୍ଡୀ ବୁଲି ପାରିଲେନି ପର୍ଯ୍ୟଟକ

**କୋଣାର୍କ, ୨୦।୧(ଡି.ଏନ୍.ଏ.)**

ପର୍ଯ୍ୟଟନ କ୍ଷେତ୍ର କୋଣାର୍କ ଓ ରାମଚଣ୍ଡୀରେ ରବିବାର ଅପରାହ୍ନ ୩ ଘଟିକା ସମୟରେ ହଠାତ୍ ଘନ କୁହୁଡ଼ି ମାଡ଼ିଆସିଥିଲା। ରାମଚଣ୍ଡୀ ସମୁଦ୍ର ପଟୁ କୁହୁଡ଼ି ଧୀରେ ଧୀରେ କୋଣାର୍କ ଆଡ଼କୁ ଯାଇଥିଲା। କୁହୁଡ଼ି ଯୋଗୁ ଏକପ୍ରକାର ଅନ୍ଧକାରମୟ ପରିବେଶ ସୃଷ୍ଟି ହୋଇଯାଇଥିଲା। ଫଳରେ ପର୍ଯ୍ୟଟକମାନେ ନାହିଁ ନ ଥିବା ଅସୁବିଧାର ସମ୍ମୁଖୀନ ହୋଇଥିଲେ। ରାସ୍ତାଘାଟରେ ଯାତାୟାତରେ ବାଧା ସୃଷ୍ଟି ହେବା ସହ ଅଚାନକ ଏଭଳି ଘନ କୁହୁଡ଼ି ଦେଖି ପର୍ଯ୍ୟଟକମାନେ ଭୟଭୀତ ହୋଇ ଉକ୍ତ ସ୍ଥାନ ଛାଡି ଚାଲିଯାଉଥିବା ଦେଖିବାକୁ ମିଳିଥିଲା। ଘନ କୁହୁଡ଼ିରେ ସୂର୍ଯ୍ୟମନ୍ଦିର ସମ୍ପୂର୍ଣ୍ଣ ଭାବେ ଘୋଡ଼େଇ ହେବା ଯୋଗୁ ପର୍ଯ୍ୟଟକମାନେ ମନ୍ଦିରର କଳାକୃତି ଦେଖିପାରି ନ ଥିଲେ। କୁହୁଡ଼ି ଯୋଗୁ ସନ୍ଧ୍ୟା ୬ଟା ୩୦ରେ ଅନୁଷ୍ଠିତ ହେଉଥିବା ଲାଇଟ୍ ଆଣ୍ଡ ସାଉଣ୍ଡ ☞ ପୃଷ୍ଠା-୪

# ନେପାଳ, ଭୁଟାନ ଯିବା ଲାଗି ଆଧାର ଆବଶ୍ୟକ

**ନୂଆଦିଲ୍ଲୀ,୨୦।୧(ପି.ଟି.):** ନେପାଳ ଏବଂ ଭୁଟାନ ଯିବାକୁ ଚାହୁଁଥିବା ୧୫ ବର୍ଷରୁ କମ୍ ଏବଂ ୬୫ ବର୍ଷରୁ ଊର୍ଦ୍ଧ୍ୱ ବୟସ ବର୍ଗର ଭାରତୀୟଙ୍କ ପାଇଁ ଏଣିକି ଆଧାର କାର୍ଡକୁ ବୈଧ ଭ୍ରମଣ କାଗଜାତ ଭାବେ ବ୍ୟବହାର କରାଯାଇପାରିବ। ଅନ୍ୟମାନଙ୍କ ପାଇଁ ଆଧାର ଦରକାର ପଡ଼ିବ ନାହିଁ ବୋଲି ସ୍ୱରାଷ୍ଟ୍ର ମନ୍ତ୍ରଣାଳୟ ପକ୍ଷରୁ ଜାରି ବିଜ୍ଞପ୍ତିରେ କୁହାଯାଇଛି। ନେପାଳ ଏବଂ ଭୁଟାନ ଯିବାକୁ ହେଲେ ଭାରତୀୟଙ୍କ ପାଇଁ ଭିଜା ଆବଶ୍ୟକ ନାହିଁ। କେବଳ ବୈଧ ପାସ୍‌ପୋର୍ଟ, ଫଟୋ ପରିଚୟପତ୍ର କିମ୍ବା ଭୋଟର ପରିଚୟପତ୍ର ଥିଲେ ସେମାନେ ଉପରୋକ୍ତ ଦୁଇ ଦେଶକୁ ଯାଇପାରିବେ। ପୂର୍ବରୁ ୧୫ ବର୍ଷରୁ କମ୍ ଏବଂ ୬୫ ବର୍ଷରୁ ଊର୍ଦ୍ଧ୍ୱ ନାଗରିକଙ୍କ ପରିଚୟର ପ୍ରମାଣ ସ୍ୱରୂପ ପାଇଁ ପାନ୍ କାର୍ଡ, ଡ୍ରାଇଭିଂ ଲାଇସେନ୍ସ, କେନ୍ଦ୍ର ସରକାରଙ୍କ ସ୍ୱାସ୍ଥ୍ୟସେବା କାର୍ଡ କିମ୍ବା ରାଶନ କାର୍ଡ ଦରକାର ହେଉଥିଲା, ଆଧାର ଆବଶ୍ୟକ ପଡୁ ନ ଥିଲା। ଏବେ ଆଧାର କାର୍ଡ ଉକ୍ତ ତାଲିକାରେ ସାମିଲ ହୋଇଥିବା ସ୍ୱରାଷ୍ଟ୍ର ମନ୍ତ୍ରଣାଳୟ ପକ୍ଷରୁ କୁହାଯାଇଛି।

**ଆଜିର ସମ୍ପାଦକୀୟ**

ମୋଦି: ସବୁଥିରେ ଆଙ୍ଗୁଠି

**ଆଜିର ମନ୍ତବ୍ୟ**

"ରାଜନୀତିରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଅନୁପସ୍ଥିତିରୁ ଅରାଜକତା ସୃଷ୍ଟି ହେବ।"

– ପ୍ରକାଶ ଜାଭଡ଼େକର, କେନ୍ଦ୍ରମନ୍ତ୍ରୀ


NECC NATIONAL EGG CO-ORDINATION COMMITTEE | 20.01.2019 | Vencobb CHICKEN

| Dist | Farm Gate/Kg | With Skin/Kg | Skinless /Kg |
|---|---|---|---|
| BBSR | 77 | 128 | 138 |
| CTC | 77 | 128 | 138 |
| DKL | 77 | 128 | 138 |
| BDK | 79 | 131 | 141 |
| BLS | 80 | 132 | 142 |
| ANG | 77 | 128 | 138 |

*Conditions Apply

Eggs Retail Price- 55/-Dozen
Issued in the Interest of Consumers


# ୮ମ ଶ୍ରେଣୀ ଛାତ୍ରୀଙ୍କୁ ବଳାତ୍କାର ପରେ ହତ୍ୟା

**ଅନୁଗୋଳ ଅଫିସ, ୨୦।୧**

- ବୁଦାମୂଳରୁ ମିଳିଲା ମୃତଦେହ
- ଘଟଣାସ୍ଥଳରେ ଡିଆଇଜି, ଏସ୍‌ପି
- ଅଭିଯୁକ୍ତଙ୍କୁ ଧରିବାକୁ ଚଢ଼ାଉ

ଅନୁଗୋଳ ସହର ଉପକଣ୍ଠରେ ରବିବାର ଘଟିଛି ଏକ ଅଭାବନୀୟ ଘଟଣା। ଅଷ୍ଟମ ଶ୍ରେଣୀରେ ପଢୁଥିବା ଜଣେ ନାବାଳିକାଙ୍କୁ ବଳାତ୍କାର ପରେ ହତ୍ୟା କରାଯାଇଥିବା ରାତି ପ୍ରାୟ ସାଢ଼େ ୧୧ଟାରେ ଅନୁଗୋଳ ଥାନାରେ ଲିଖିତ ଅଭିଯୋଗ ହୋଇଛି। ତେବେ ଅପରାହ୍ନରୁ ହିଁ ଗ୍ରାମବାସୀଙ୍କ ଅଭିଯୋଗକୁ ଆଧାର କରି ଅନୁଗୋଳ ଥାନା ଅଧିକାରୀ ରମେଶ ଚନ୍ଦ୍ର ବିଶୋଇ, ଦୀପିକା ରାୟଙ୍କ ସହ ସାଇଣ୍ଟିଫିକ ଟିମ୍ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଆରମ୍ଭ କରିଛନ୍ତି। ଉତ୍ତର କେନ୍ଦ୍ରାଞ୍ଚଳ ଡିଆଇଜି ନରସିଂହ ଭୋଳ, ଅନୁଗୋଳ ଏସ୍‌ପି ମିତ୍ରଭାନୁ ମହାପାତ୍ର ଘଟଣାସ୍ଥଳ ପରିଦର୍ଶନ କରିଛନ୍ତି। ପୋଲିସ ନଂ. ୫୨/୧୯ରେ ମାମଲା ରୁଜୁ କରି ଅଭିଯୁକ୍ତ ଗୋଡ଼ିସାହିର ଅନାମ ଦେହୁରୀଙ୍କୁ ଧରିବାକୁ ବିଭିନ୍ନ ସ୍ଥାନରେ ଚଢ଼ାଉ କରୁଛି। ଘଟଣାସ୍ଥଳରେ ଉଜ୍ଜ୍ୱଳ ଆଲୋକ ବ୍ୟବସ୍ଥା ସହ ୨ ପ୍ଲାଟୁନ ଫୋର୍ସ ମୁତୟନ କରାଯାଇଛି। ସୋମବାର ସନ୍ଧାନୀ କୁକୁର ନେଇ ପୋଲିସ ଓ ସାଇଣ୍ଟିଫିକ୍ ଟିମ୍ ଅଧିକ ତଦନ୍ତ କରିବ ବୋଲି ସୂଚନା ମିଳିଛି।

ଅଭିଯୋଗ ଅନୁଯାୟୀ, ଥାନା ଅଞ୍ଚଳର ଏକ ସାହିରେ ସମ୍ପୃକ୍ତା ଛାତ୍ରୀଙ୍କ ବାପା ତେଜରାତି ଦୋକାନ ଦେଇଛନ୍ତି। ଅପରାହ୍ନ ପ୍ରାୟ ୩ଟାରେ ଛାତ୍ରୀ ଜଣକ ବାପାଙ୍କ ପାଇଁ ଘରୁ ଖାଇବା ଧରି ନାଳ ଅପରପାର୍ଶ୍ୱରେ ଥିବା ଦୋକାନ ଅଭିମୁଖେ ଯାଇଥିଲେ ହେଁ ଆଉ ଫେରି ନ ଥିଲେ। ସେହି ସାହିର ଜଣେ ମହିଳା ଅନ୍ୟ ସାହିକୁ ଯାଉଥିବା ବେଳେ ନାଳ ନିକଟ ରାସ୍ତାରେ ରକ୍ତ ପଡ଼ିଥିବା ଦେଖି ଭୟଭୀତ ହୋଇଯାଇଥିଲେ। ସେହି ରାସ୍ତା ଦେଇ ଆସୁଥିବା ଶ୍ୱଶୁରଙ୍କୁ ସେ ରକ୍ତ ପଡ଼ିଥିବା ସ୍ଥାନ ଦେଖାଇଥିଲେ। ଏହା ପରେ ମହିଳାଙ୍କ ଶ୍ୱଶୁର ଉକ୍ତ ସାହିକୁ ଆସି ଜଣାଇବାରୁ ଲୋକେ ଘଟଣାସ୍ଥଳକୁ ଧାଇଁଥିଲେ। ଖୋଜାଖୋଜି ବେଳେ ରାସ୍ତାରେ ଏକ ବ୍ୟାଗ, ହଳେ ଚପଲ ଓ ରକ୍ତ ଭିଜା ପଥର ପଡ଼ିଥିବା ଦେଖିଥିଲେ। ଉକ୍ତ ସାମଗ୍ରୀ ତାଙ୍କର ବୋଲି ମୃତା ଛାତ୍ରୀଙ୍କ ମା' ଚିହ୍ନଟ କରିବା ପରେ ଗ୍ରାମବାସୀ ଖୋଜାଖୋଜି କରି ଏକ ବୁଦାମୂଳେ ସମ୍ପୃକ୍ତା ନାବାଳିକାଙ୍କ ଉଲଗ୍ନ ମୃତଦେହ ପଡ଼ିଥିବା ଦେଖିଥିଲେ। ଖବରପାଇ ପୋଲିସ ତୁରନ୍ତ ଘଟଣାସ୍ଥଳରେ ପହଞ୍ଚିବା ସହ ଅଭିଯୁକ୍ତ ଅନାମଙ୍କୁ ଧରିବାକୁ ଉଦ୍ୟମ ଆରମ୍ଭ କରିଥିଲା। ତାଙ୍କ ଘର ଯାଞ୍ଚ ବେଳେ ପୋଲିସ ଅଭିଯୁକ୍ତ ପିନ୍ଧିଥିବା ସ୍ୱେଟରରେ ଘାସ ଫୁଲ ଲାଗିଥିବା ଓ ଗାମୁଛା ଓଦା ଥିବା ଦେଖି ତାହାକୁ ଜବତ କରିଥିଲା। ଅଭିଯୁକ୍ତ ଅନାମ ସମ୍ପୃକ୍ତା ଛାତ୍ରୀଙ୍କୁ ବଳାତ୍କାର କରିବା ପରେ ପଥରରେ ମୁଣ୍ଡକୁ ଛେଚି ହତ୍ୟା କରିଥିବା ପୋଲିସ ପ୍ରାଥମିକ ତଦନ୍ତରୁ ଜାଣିବାକୁ ପାଇଛି।

ଏ ସମ୍ପର୍କରେ ଉତ୍ତରକେନ୍ଦ୍ରାଞ୍ଚଳ ଡିଆଇଜି ଭୋଳ କହିଛନ୍ତି, ନାବାଳିକାଙ୍କ ମୃତଦେହ ବ୍ୟବଚ୍ଛେଦ ପାଇଁ ପଠାଯାଇଛି। ଅଭିଯୁକ୍ତଙ୍କୁ ଧରିବା ପାଇଁ ପୋଲିସ ଟିମ୍ କାର୍ଯ୍ୟରେ ଲାଗିଛି। ପଡ଼ୋଶୀ ଜିଲା ଏସ୍‌ପିମାନଙ୍କୁ ଅବଗତ କରାଯାଇଥିବା ବେଳେ ଅଭିଯୁକ୍ତଙ୍କ ବନ୍ଧୁବାନ୍ଧବଙ୍କ ଘରେ ମଧ୍ୟ ଚଢ଼ାଉ କରାଯାଉଛି। ଖୁବ୍‌ଶୀଘ୍ର ଗିରଫ କରାଯିବ।






ଭାଜପାକୁ କ୍ଷମତାଚ୍ୟୁତ କରିବା ପାଇଁ କଂଗ୍ରେସ ହିଁ ନେତୃତ୍ୱ ନେଇପାରିବ। କିନ୍ତୁ ସହଯୋଗୀ ଦଳଗୁଡ଼ିକ ପାଇଁ କଂଗ୍ରେସ ହୃଦୟବାନ୍ ହେବା ଜରୁରୀ।

-ତେଜସ୍ୱୀ ଯାଦବ, ଆର୍‌ଜେଡି ନେତା

# ତଳକୁ ଖସିଲେ ନେତା

ତାରିଖ ଘୋଷଣା ହୋଇ ନ ଥିଲେ ହେଁ ସାଧାରଣ ନିର୍ବାଚନ ଯେତିକି ପାଖେଇ ଆସୁଛି, ରାଜନୀତିରେ ସେତିକି ତିକ୍ତତା ବଢ଼ିବାରେ ଲାଗିଛି। ଦଳ ଓ ନେତାମାନେ ବିଚାରଧାରା ତଥା ମୂଲ୍ୟବୋଧ ଭିତ୍ତିକ ରାଜନୀତିରୁ ଦୂରେଇ ବ୍ୟକ୍ତିଗତ ସ୍ତରରେ ନିମ୍ନକୁ ଓହ୍ଲାଇଆସି ଆରୋପ ପ୍ରତ୍ୟାରୋପରେ ବ୍ୟସ୍ତ । ପରିଣାମସ୍ୱରୂପ କେଉଁଠି ହିଂସା ତ ପୁଣି କେଉଁଠି ବିଷୋଦ୍‌ଗାର ଦେଖିବାକୁ ମିଳୁଛି । ବିଏସ୍‌ପି ସୁପ୍ରିମୋ ମାୟାବତୀଙ୍କ ବିରୋଧରେ ଉତ୍ତରପ୍ରଦେଶର ଜଣେ ଭାଜପା ବିଧାୟିକା ଆପତ୍ତିଜନକ ଭାଷା ବ୍ୟବହାର କରିଥିବାବେଳେ ମଧ୍ୟପ୍ରଦେଶର ଜଣେ ଭାଜପା ନେତାଙ୍କୁ ହତ୍ୟା ଏହାର ପ୍ରମାଣ ଦିଏ। ସେପଟେ କର୍ଣ୍ଣାଟକରେ ଜେଡିଏସ୍ ସହ ମେଣ୍ଟକରି ସରକାରରେ ଥିବା କଂଗ୍ରେସର ବିଧାୟକମାନେ ଏକ ହୋଟେଲରେ ବାଡ଼ିଆପିଟା ହୋଇଛନ୍ତି । କୋଲକାତାରେ ବିରୋଧୀ ମେଳିକରି କେନ୍ଦ୍ରକୁ ଟାର୍ଗେଟ କରିବାର ଦିନକ ପରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ସେମାନଙ୍କ ଏକତାକୁ ନକାରାତ୍ମକ ଓ ଅସ୍ଥିର ମେଣ୍ଟ ଭାବେ ଅଭିହିତ କରିଛନ୍ତି।

## ସଂକ୍ଷେପରେ

### 'ଆଉ ପିଇବି ନାହିଁ'



ଭଗଓ୍ୱନ୍ତ ମନ୍

**ନୂଆଦିଲ୍ଲୀ,୨୦।୧ :** ବରିଷ୍ଠ ଏଏପି ନେତା ସଙ୍ଗ୍ରୁର୍ ଏମ୍‌ପି ଭଗଓ୍ୱନ୍ତ ମନ୍ ଆଉ ମଦ ପିଇବେ ନାହିଁ ବୋଲି ସଙ୍କଳ୍ପ ନେଇଛନ୍ତି। ମା'ଙ୍କ କଥା ମାନି ଜାନୁୟାରୀ ୧ରୁ ସେ ମଦକୁ ବର୍ଜନ କରିଥିବା ରବିବାର ଜଣାଇଛନ୍ତି। ଦଳର ସୁପ୍ରିମୋ ଅରବିନ୍ଦ କେଜରିଓ୍ୱାଲ ତାଙ୍କୁ ଏଥିପାଇଁ ସାଧୁବାଦ ଜଣାଇଛନ୍ତି। ମଦରୁ ଦୂରେଇ ରହିଥିବା ନେଇ ସେ ନେଇଥିବା ଶପଥକୁ ସ୍ୱାଗତ କରିଛନ୍ତି। ଏମ୍‌ପି ମନ୍ ମଦ ନିଶାରେ ଚୁର୍ ରହୁଥିଲେ। ଜଣେ ରାଜନେତା ହୋଇ ମଧ ସେ ମଦ୍ୟପାନ ଛାଡ଼ି ପାରୁନଥିଲେ। ବିରୋଧୀ ଦଳମାନେ ତାଙ୍କର ଏଭଳି କୁଅଭ୍ୟାସକୁ ପ୍ରସଙ୍ଗ କରି ସମାଲୋଚନା କରିଆସୁଥିଲେ।

### ବସ୍ ଦୁର୍ଘଟଣା : ୨୨ ମୃତ

**ଲା ପାଜ୍,୨୦।୧:** ବଲିଭିଆର ଲାପାଜ୍ ସହରରେ ଭୟାବହ ସଡ଼କ ଦୁର୍ଘଟଣା ଘଟିଛି। ୨ ବସ୍ ମଧ୍ୟରେ ଧକ୍କା ହୋଇ ୨୨ ଯାତ୍ରୀଙ୍କ ଜୀବନ ଯାଇଛି। ୩୭ ଗୁରୁତର ଆହତ ହୋଇଛନ୍ତି। ସେମାନଙ୍କ ମଧ୍ୟରୁ ଅଧିକାଂଶଙ୍କ ଅବସ୍ଥା ଗୁରୁତର ଥିବା ଜଣାଯାଇଛି। ମୃତ୍ୟୁ ସଂଖ୍ୟା ବୃଦ୍ଧି ପାଇବା ଆଶଙ୍କା ରହିଛି। ଲାପାଜ୍ ସହରରୁ ୨୫୦ କି.ମି. ଦୂରରେ ଶନିବାର ଘଟିଥିବା ଏହି ମର୍ମନ୍ତୁଦ ଘଟଣାର ତଦନ୍ତ ଆରମ୍ଭ ହୋଇଛି। ରାଜପଥରେ ଦ୍ରୁତଗତିରେ ଗାଡ଼ି ଚଳାଚଳ ଯୋଗୁ ଏହି ଦୁର୍ଘଟଣା ଘଟିଥିବା ମେୟର ମାର୍ଟିନ୍ ଫେଲିସିଆନୋ କହିଛନ୍ତି।

### ପ୍ରତିରକ୍ଷା ଶିଳ୍ପ କରିଡ଼ର ଉଦ୍‌ଘାଟିତ

**ତିରୁଚିରାପଲ୍ଲୀ,୨୦।୧(ପି.ଟି.):** ତାମିଲନାଡୁ ପ୍ରତିରକ୍ଷା ଶିଳ୍ପ କରିଡ଼ରକୁ ରବିବାର ପ୍ରତିରକ୍ଷା ମନ୍ତ୍ରୀ ନିର୍ମଳା ସୀଥାରାମନ ଉଦ୍‌ଘାଟନ କରିଛନ୍ତି। ଏହି କରିଡରରେ ୩୦୩୮ କୋଟି ଟଙ୍କା ବ୍ୟୟ ହେବ। ସ୍ୱଦେଶୀ ଜ୍ଞାନକୌଶଳରେ ପ୍ରତିରକ୍ଷା ସରଞ୍ଜାମ ଉତ୍ପାଦନ ବଢ଼ାଇବା ଲାଗି ଏହା ଏକ ବଡ଼ ପଦକ୍ଷେପ। ଉକ୍ତ କରିଡରରେ ଗୋଲବାରୁଦ କାରଖାନା ବୋର୍ଡ, ଭାରତ ଇଲେକ୍ଟ୍ରୋନିକ୍ସ ଲିଃ, ଭାରତ ଡାଇନାମିକ୍ସ ଲିଃ ସମେତ ଘରୋଇ କମ୍ପାନୀ ଟିଭିଏସ୍, ଡାଟା ପାର୍ଟନ୍ସ ଏବଂ ଆଲଫା ଡିଜାଇନ ପୁଞ୍ଜି ନିବେଶ କରିବେ।

## ଭାଜପା ନେତାଙ୍କୁ ହତ୍ୟା

**ବରଓ୍ୱାନି(ଏମ୍‌ପି),୨୦।୧(ପି.ଟି.)**

ମଧ୍ୟପ୍ରଦେଶ (ଏମ୍‌ପି)ର ବରଓ୍ୱାନି ଜିଲା ବଲଓ୍ୱାଡ଼ିସ୍ଥିତ ଏକ ପଡ଼ିଆରେ ରବିବାର ସକାଳେ ଜଣେ ଭାଜପା ନେତାଙ୍କ ମୃତଦେହ ମିଳିଛି। ତାଙ୍କ ମୁହଁ ଓ ଦେହରେ ଅନେକ କ୍ଷତଚିହ୍ନ ଥିବାରୁ ପୋଲିସ ଏହାକୁ ଏକ ହତ୍ୟାକାଣ୍ଡ ବୋଲି ସନ୍ଦେହ କରୁଛି। ଗତ ୧୭ ତାରିଖରେ ମଣ୍ଡସୌରରେ ଭାଜପା ନେତା ପ୍ରହ୍ଲାଦ ବନ୍ଧଓ୍ୱରଙ୍କୁ ଗୁଳିକରି ହତ୍ୟା କରାଯାଇଥିଲା। ଏହାର ୩ ଦିନ ପରେ ଦଳର ଅନ୍ୟ ଜଣେ ନେତା ମନୋଜ ଠାକ୍‌ରେ(୪୮)ଙ୍କ ମୃତ୍ୟୁ ପରେ ବିବାଦ ସୃଷ୍ଟି ହୋଇଛି। ମନୋଜ ପ୍ରାତଃଭ୍ରମଣରେ ଯାଇଥିବାବେଳେ ରାଜନୈତିକ ଶତ୍ରୁତାରୁ ତାଙ୍କୁ ହତ୍ୟା କରାଯାଇଥିବା କୁହାଯାଉଛି। ଏକ ସ୍ୱତନ୍ତ୍ର ତଦନ୍ତକାରୀ ଦଳ (ଏସ୍‌ଆଇଟି) ଏହାର ତଦନ୍ତ କରୁଛି। ପୂର୍ବତନ ମୁଖ୍ୟମନ୍ତ୍ରୀ ଶିବରାଜ ସିଂ ଚୌହାନ ଦୁଇ ହତ୍ୟାକାଣ୍ଡର ସିବିଆଇ ତଦନ୍ତ ଦାବି କରିଛନ୍ତି।



ମନୋଜ ଠାକ୍‌ରେ

## 'ମାୟାବତୀ କିନ୍ନରଠାରୁ ବି ହୀନ'

**ଚନ୍ଦୌଲି,(ୟୁପି)୨୦।୧(ପି.ଟି.)**

ବହୁଜନ ସମାଜ ପାର୍ଟି (ବିଏସ୍‌ପି) ସୁପ୍ରିମୋ ମାୟାବତୀଙ୍କ ପ୍ରତି ଉତ୍ତରପ୍ରଦେଶ(ୟୁପି)ର ଜଣେ ଭାଜପା ବିଧାୟିକାଙ୍କ ଆପତ୍ତିଜନକ ମନ୍ତବ୍ୟ କେବଳ ରାଜ୍ୟରେ ନୁହଁ, ବରଂ ଜାତୀୟ ରାଜନୀତିରେ ଝଡ଼ ସୃଷ୍ଟି କରିଛି। ତାଙ୍କ ମନ୍ତବ୍ୟକୁ ବିଭିନ୍ନ ମହଲରେ ନିନ୍ଦା କରାଯାଇଛି। ୧୯୯୫ରେ ଲକ୍ଷ୍ନୌର ଏକ ଗେଷ୍ଟହାଉସ୍‌ରେ ମାୟାବତୀଙ୍କୁ ସମାଜବାଦୀ ପାର୍ଟି (ଏସ୍‌ପି) କର୍ମୀମାନେ ଆକ୍ରମଣ କରିଥିଲେ। ଏହି ବହୁଚର୍ଚ୍ଚିତ ଘଟଣା ସମ୍ପର୍କରେ ଶନିବାର ଏକ ସଭାରେ ଅବତାରଣା କରିବାକୁ ଯାଇ ମୋଗଲସରାଇ ବିଧାୟିକା ସାଧନା ସିଂ କହିଛନ୍ତି, ମାୟାବତୀ ମହିଳା ଜାତି ପାଇଁ ଏକ କଳଙ୍କ ଏବଂ କିନ୍ନରଠାରୁ ବି ହୀନ। ପୂର୍ବତନ ମୁଖ୍ୟମନ୍ତ୍ରୀ ମାୟାବତୀ କ୍ଷମତା ପାଇଁ ନିଜ ମର୍ଯ୍ୟାଦାକୁ ସେହିମାନଙ୍କ ହାତରେ ବିକ୍ରି କରିଦେଇଛନ୍ତି, ଯେଉଁମାନେ ତାଙ୍କୁ ଅସମ୍ମାନ କରିଥିଲେ। ତାଙ୍କୁ ମହିଳା କିମ୍ବା ପୁରୁଷ ଭାବେ ଗଣନା କରାଯାଇ ପାରିବ ନାହିଁ ବୋଲି କହିଛନ୍ତି। କେନ୍ଦ୍ରମନ୍ତ୍ରୀ ତଥା ରିପବ୍ଲିକାନ୍ ପାର୍ଟି ଅଫ୍ ଇଣ୍ଡିଆ (ଆର୍‌ପିଆଇ) ଅଧକ୍ଷ ରାମଦାସ ଅଠାଓ୍ୱଲେ ଏଭଳି ବ୍ୟକ୍ତିଗତ ମନ୍ତବ୍ୟ ଦିଆଯିବା ଅନୁଚିତ ବୋଲି ରବିବାର ଲକ୍ଷ୍ନୌରେ କହିଛନ୍ତି। ବିଏସ୍‌ପି ନେତା ସତୀଶଚନ୍ଦ୍ର ମିଶ୍ର କହିଛନ୍ତି, ସମାଜବାଦୀ ପାର୍ଟି (ଏସ୍‌ପି) ସହ ମାୟାବତୀଙ୍କ ଦଳ ମେଣ୍ଟ କରିବା ପରେ ଭାଜପା ନେତାମାନେ ମାନସିକ ଭାରସାମ୍ୟ ହରାଇଦେଲେଣି। ଏସ୍‌ପି ଅଧକ୍ଷ ଅଖିଳେଶ ଯାଦବ ମଧ ଏଭଳି ନକାରାତ୍ମକ ମନ୍ତବ୍ୟକୁ ସମାଲୋଚନା କରିଛନ୍ତି। ସେପଟେ ଜାତୀୟ ମହିଳା କମିଶନ ଏନେଇ ସାଧନାଙ୍କଠାରୁ ସ୍ପଷ୍ଟୀକରଣ ଲୋଡ଼ି ତାଙ୍କୁ ନୋଟିସ ପଠାଇଛନ୍ତି। ବିଏସ୍‌ପି ନେତା ରାମଚନ୍ଦ୍ର ଗୌତମଙ୍କ ଅଭିଯୋଗ କ୍ରମେ ସାଧନାଙ୍କ ବିରୋଧରେ ବାବୁରି ଥାନାରେ ଏକ ମାମଲା ରୁଜୁ ହୋଇଛି।



ସାଧନା ସିଂ

## 'ବିରୋଧୀ ଗଢ଼ୁଛନ୍ତି ନକାରାତ୍ମକ ମେଣ୍ଟ'

**ନୂଆଦିଲ୍ଲୀ,୨୦।୧(ପି.ଟି.)**

ବିରୋଧୀ ଦଳଗୁଡ଼ିକ ନକାରାତ୍ମକ, ଭ୍ରଷ୍ଟାଚାର ଓ ଅସ୍ଥିରତାକୁ ନେଇ ଏକ ମେଣ୍ଟ ଗଢ଼ୁଛନ୍ତି ବୋଲି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଟାର୍ଗେଟ କରିଛନ୍ତି। କଲିକତାରେ ପଶ୍ଚିମବଙ୍ଗ ମୁଖ୍ୟମନ୍ତ୍ରୀ ମମତା ବାନାର୍ଜୀଙ୍କ ଆବାହକତ୍ୱରେ ଶନିବାର ଆୟୋଜିତ ମହାମେଳିକୁ ଇଙ୍ଗିତ କରି ମୋଦି ଏପରି ସମାଲୋଚନା କରିଛନ୍ତି।

## କଂଗ୍ରେସ ବିଧାୟକଙ୍କ ମଧ୍ୟରେ ବାଡ଼ିଆପିଟା

**ବେଙ୍ଗାଲୁରୁ,୨୦।୧(ଆଇଏଏନ୍‌ଏସ୍):** କର୍ଣ୍ଣାଟକ କଂଗ୍ରେସ ବିଧାୟକ ଆନନ୍ଦ ସିଂଙ୍କୁ ବେଙ୍ଗାଲୁରୁସ୍ଥିତ ଏକ ହୋଟେଲରେ ଦଳର ଅନ୍ୟ ବିଧାୟକମାନେ ଆକ୍ରମଣ କରିଛନ୍ତି। ଆହତ ଆନନ୍ଦଙ୍କୁ ହସ୍ପିଟାଲରେ ଭର୍ତ୍ତି କରାଯାଇଛି। କର୍ଣ୍ଣାଟକରେ ଶାସକ ଧର୍ମନିରପେକ୍ଷ ଜନତା ଦଳ (ଜେଡିଏସ୍)-କଂଗ୍ରେସ ସରକାର ସଙ୍କଟରେ ଅଛି। ଘୋଡ଼ାବେପାରକୁ ଏଡ଼ାଇବା ପାଇଁ ଇଗଲ୍‌ଟନ୍ ହୋଟେଲରେ ଶୁକ୍ରବାର ରାତିରୁ ଅଧିକାଂଶ ବିଧାୟକଙ୍କୁ ରଖାଯାଇଛି। ସେଠାରେ ରବିବାର ଆନନ୍ଦ ଓ ଅନ୍ୟ ବିଧାୟକଙ୍କ ମଧ୍ୟରେ କୌଣସି କାରଣରୁ ଯୁକ୍ତିତର୍କ ହୋଇଥିଲା। ବିଧାୟକ ଜେ.ଏନ୍ ଗଣେଷ ଓ ଅନ୍ୟମାନେ ଏଥିରେ ଉତ୍ତ୍ୟକ୍ତ ହୋଇ ତାଙ୍କୁ ମାଡ଼ ମାରିଥିଲେ। ବିଜୟନଗର ବିଧ୍ୟାକ ଆନନ୍ଦଙ୍କ ମୁଣ୍ଡରେ ଗଣେଷ ଏକ ବୋତଲ ବାଡ଼େଇଥିବାରୁ ତାଙ୍କ ମୁଣ୍ଡରେ ଆଘାତ ଲାଗିଥିବା ଜଣାପଡ଼ିଛି। ଅନ୍ୟପକ୍ଷରେ ଶୁକ୍ରବାର କଂଗ୍ରେସ ବିଧାୟକ ଦଳ ବୈଠକରେ ଅନୁପସ୍ଥିତ ଥିବା ୪ ଏମ୍‌ଏଲ୍‌ଏଙ୍କୁ ରବିବାର କାରଣ ଦର୍ଶାଅ ନୋଟିସ ଜାରି କରାଯାଇଛି। ଦଳବଦଳ ଆଇନ ବଳରେ ସେମାନଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ନିଆଯାଇପାରେ। ସେପଟେ ଗୁରୁଗ୍ରାମରେ ଲୁଚାଇ ରଖାଯାଇଥିବା ଭାଜପା ବିଧାୟକମାନେ ରବିବାର ବେଙ୍ଗାଲୁରୁ ଫେରିଥିବା ଜଣାପଡ଼ିଛି।



ଆନନ୍ଦ ସିଂ

■ ୧୦ମ ସପ୍ତାହରେ ୟେଲୋ ଭେଷ୍ଟ ଆନ୍ଦୋଳନ

## ଫ୍ରାନ୍ସରେ ସଂଘର୍ଷ




**ପ୍ୟାରିସ୍,୨୦।୧**

ବିକ୍ଷୋଭକାରୀଙ୍କ କ୍ରୋଧ ଶାନ୍ତ କରିବା ଲାଗି ରାଷ୍ଟ୍ରପତି ଏମାନ୍ୱେଲ ମାକରଁଙ୍କ ଉଦ୍ୟମ ସତ୍ତ୍ୱେ ଫ୍ରାନ୍ସରେ 'ୟେଲୋ ଭେଷ୍ଟ' ଆନ୍ଦୋଳନ ଜାରି ରହିଛି। ତେଲ ଦର ବୃଦ୍ଧି ଏବଂ ମାକରଁଙ୍କ ଆର୍ଥିକ ନୀତିକୁ ବିରୋଧ କରି ଚାଲିଥିବା ଆନ୍ଦୋଳନ ରବିବାର ୧୦ ସପ୍ତାହ ପୂରଣ କରିଥିବାବେଳେ ବିଭିନ୍ନ ସ୍ଥାନରେ ସାନି ସଂଘର୍ଷ ଘଟିଛି। ରାଷ୍ଟ୍ରପତିଙ୍କ ଜାତୀୟ ବିତର୍କକୁ ୟେଲୋ ଭେଷ୍ଟ ପ୍ରତ୍ୟାଖ୍ୟାନ କରିଦେଇଛି। ମାକରଁଙ୍କ ଇସ୍ତଫା ଦାବିରେ ରବିବାର ହଜାର ହଜାର ଆନ୍ଦୋଳନକାରୀ ର୍ୟାଲିରେ ବାହାରିଥିଲେ। ପ୍ୟାରିସ ସମେତ ବିଭିନ୍ନ ସହରରେ ବିକ୍ଷୋଭକାରୀ ଏବଂ ସୁରକ୍ଷା ବଳ ମଧ୍ୟରେ ସଂଘର୍ଷ ଘଟିଛି। ସେମାନଙ୍କୁ ଘଉଡାଇବା ଲାଗି ପୋଲିସ ଲୁହବୁହା ବାଷ୍ପ ପ୍ରୟୋଗ କରିବା ସହ ପାଣିମାଡ଼ କରିଥିଲା। ଅନ୍ୟପକ୍ଷରେ ବିକ୍ଷୋଭକାରୀ ମଧ ପୋଲିସ ଉପରକୁ ଢ଼େଲା ଓ ପାଣି ବୋତଲ ମାଡ଼ କରିଥିଲେ। ପ୍ୟାରିସରେ ୩୦ ଜଣଙ୍କୁ ପୋଲିସ ଗିରଫ କରିଛି। ପ୍ୟାରିସ୍‌ରେ ୫୦୦୦ ସମେତ ସାରା ଦେଶରେ ୮୦ ହଜାର ପୋଲିସଙ୍କୁ ନିୟୋଜିତ କରାଯାଇଛି।

## ଆଜି ଦ୍ୱିତୀୟ ଶାହିସ୍ନାନ



ପ୍ରୟାଗର କୁମ୍ଭମେଳାରେ ଜଣେ ନାଗାସାଧୁ ଓଟ ଉପରେ ବସି ପରିଭ୍ରମଣ କରୁଛନ୍ତି।

**ପ୍ରୟାଗରାଜ,୨୦।୧(ପି.ଟି.)**

କୁମ୍ଭ ମେଳା

କୁମ୍ଭମେଳାରେ ସୋମବାର ପୌଷ ପୂର୍ଣ୍ଣିମା ଅବସରରେ ଦ୍ୱିତୀୟ ଶାହିସ୍ନାନ ଥିବାରୁ ତ୍ରିବେଣୀ ସଙ୍ଗମ ସ୍ଥଳକୁ ଲକ୍ଷ ଲକ୍ଷ ଶ୍ରଦ୍ଧାଳୁଙ୍କ ସୁଅ ଛୁଟିଛି। ମେଳାସ୍ଥଳୀ ସମେତ ରେଳ ଷ୍ଟେସନ, ବସ୍‌ଷ୍ଟାଣ୍ଡରେ ସୁରକ୍ଷା ବଢ଼ାଇ ଦିଆଯାଇଛି। ପ୍ରଥମ ଶାହି ସ୍ନାନ ମକର ସଂକ୍ରାନ୍ତିରେ ୧ କୋଟି ୪୦ ଲକ୍ଷ ଶ୍ରଦ୍ଧାଳୁ ଓ ସାଧୁସନ୍ଥ ବୁଡ଼ ପକାଇଥିଲେ। ସୋମବାର ୨୦ ଲକ୍ଷ ଶ୍ରଦ୍ଧାଳୁ ବୁଡ଼ ପକାଇବା ଆକଳନ କରାଯାଇଛି। ଏହା ପରେ ଫେବୃୟାରୀ ୪ ମୌନି ଅମାବାସ୍ୟା, ଫେବୃୟାରୀ ୧୦ ବସନ୍ତ ପଞ୍ଚମୀ, ୧୯ ତାରିଖ ମାଘ ପୂର୍ଣ୍ଣିମା ଏବଂ ମାର୍ଚ୍ଚ ୪ ମହାଶିବରାତ୍ରିରେ ଶାହିସ୍ନାନ ଅନୁଷ୍ଠିତ ହେବ।




## ପୋଲିସ ଅଫିସରଙ୍କୁ ଆଜୀବନ ଜେଲ୍

**ଜଲଗାଁଓ,୨୦।୧(ପି.ଟି.)**

ଅପହରଣ ଏବଂ ଜବରଦସ୍ତ ଅର୍ଥ ଆଦାୟ ମାମଲାରେ ଏସ୍‌ପି ପାହ୍ୟାର ଜଣେ ପୋଲିସ ଅଧିକାରୀଙ୍କ ସମେତ ୨ ଜଣଙ୍କୁ ମହାରାଷ୍ଟ୍ରର ଏକ ଅଦାଲତ ଆଜୀବନ ଜେଲ୍ ଦଣ୍ଡାଦେଶ ଦେଇଛନ୍ତି। ଏଥିସହିତ ସେମାନଙ୍କୁ ୫ ହଜାର ଟଙ୍କା ଲେଖାଏଁ ଅର୍ଥଦଣ୍ଡରେ ଦଣ୍ଡିତ କରାଯାଇଛି। ମୁମ୍ବାଇ ହୋମଗାର୍ଡ ବିଭାଗର ବରିଷ୍ଠ ପ୍ରଶାସନିକ ଅଧିକାରୀ ମନୋଜ ଲୋହାର ଏବଂ ତାଙ୍କ ସମ୍ପର୍କୀୟ ଧୀରଜ ୟେଭଲେଙ୍କୁ ଗତ ୧୬ ତାରିଖରେ ଜଲଗାଁଓ ଦୌରାଜଜ୍ ପି.ଓ୍ୱାଇ. ଲାଡେକାର ଦୋଷୀସାବ୍ୟସ୍ତ କରିଥିଲେ। ୨୦୦୯ରେ ଲୋହାର ଚାଲିସଗାଁଓର ଅତିରିକ୍ତ ଏସ୍‌ପି ଥିବାବେଳେ ତତ୍କାଳୀନ ଜିଲ୍ଲା ପରିଷଦ ସଦସ୍ୟ ଉତ୍ତମ ମହାଜନଙ୍କୁ ତାଙ୍କ ନିଜ ଅଫିସ ଏବଂ ଅନ୍ୟ ଦୁଇଟି ସ୍ଥାନରେ ଦୁଇ ଦିନ ଅଟକାଇ ରଖିଥିଲେ। ମହାଜନ ଚଳାଉଥିବା ଶିକ୍ଷାନୁଷ୍ଠାନରେ ଅନିୟମିତତା ହେଉଥିବା କହି ଲୋହାର ତାଙ୍କଠାରୁ ୨୫ ଲକ୍ଷ ଟଙ୍କା ଦାବି କରିଥିଲେ।

## ସବୁଠୁ ବୟସ୍କ ବ୍ୟକ୍ତିଙ୍କ ପରଲୋକ

**ଟୋକିଓ,୨୦।୧**



ବିଶ୍ୱର ସବୁଠୁ ବୟସ୍କ ପୁରୁଷ ଜାପାନର ମାସାଜୋ ନୋନାକାଙ୍କର ୧୧୩ ବର୍ଷ ବୟସରେ ରବିବାର ପରଲୋକ ହୋଇଯାଇଛି। ୧୯୦୫ ଜୁଲାଇ ୨୫ରେ ନୋନାକାଙ୍କ ଜନ୍ମ। ଗତବର୍ଷ ଏପ୍ରିଲରେ ତାଙ୍କୁ ବିଶ୍ୱର ସବୁଠୁ ବୟସ୍କ ବ୍ୟକ୍ତି ଭାବେ ଗିନିଜ ବିଶ୍ୱ ରେକର୍ଡ ସାର୍ଟିଫିକେଟ ମିଳିଥିଲା। ସେତେବେଳେ ତାଙ୍କୁ ୧୧୨ ବର୍ଷ ୨୫୯ ଦିନ ହୋଇଥିଲା।

## ସିବିଆଇ ନିର୍ଦ୍ଦେଶକ ଚୟନ ବୈଠକ ଗୁରୁବାର

**ନୂଆଦିଲ୍ଲୀ,୨୦।୧ (ପି.ଟି.)**

ନୂଆ ସିବିଆଇ ମୁଖ୍ୟ ଚୟନ ନେଇ ପ୍ରଧାନମନ୍ତ୍ରୀ ନେତୃତ୍ୱାଧୀନ ପାନେଲର୍ ଗୁରୁବାର ବୈଠକ ହେବ। ପ୍ରଧାନ ବିଚାରପତି ରଞ୍ଜନ ଗୋଗୋଇ ନିଜେ ଅଥବା ତାଙ୍କ ପ୍ରତିନିଧି, ଲୋକ ସଭାର କଂଗ୍ରେସ ନେତା ମଲ୍ଲିକାର୍ଜୁନ ଖାର୍ଗେ ଏହି ବୈଠକରେ ଯୋଗ ଦେବେ। ୧୯୮୨ ବ୍ୟାଚ୍ ଆଇପିଏସ୍ ଅଧିକାରୀ ଜେ.କେ. ଶର୍ମା, ହରିୟାଣା କ୍ୟାଡର ଅଧିକାରୀ ପରମିନ୍ଦର ରାୟ, ୧୯୮୩ ବ୍ୟାଚ ଅଧିକାରୀ ତଥା ସିବିଆଇରେ ୫ ବର୍ଷ କାର୍ଯ୍ୟ କରିଥିବା ଗୃହ ମନ୍ତ୍ରଣାଳୟର ସ୍ୱତନ୍ତ୍ର ସଚିବ (ଆଭ୍ୟନ୍ତରୀଣ ସୁରକ୍ଷା) ରୀନା ମିତ୍ର ପଦବୀ ପାଇଁ ଦାବିଦାର୍ ହୋଇଛନ୍ତି।





ଆଫଗାନିସ୍ତାନରେ ରବିବାର ଆତ୍ମଘାତୀ ଆକ୍ରମଣ ହୋଇଛି। ସେଣ୍ଟ୍ରାଲ୍ ଲୋଗାର ପ୍ରଦେଶର ଗଭର୍ନର ଅନୱର ଇଶାକ୍‌ଜାଇଙ୍କ ଗାଡ଼ି ଉପରକୁ ତାଲିବାନ ପକ୍ଷରୁ ହୋଇଥିବା ଆତ୍ମଘାତୀ ବିସ୍ଫୋରଣରେ ୭ ସୁରକ୍ଷା କର୍ମୀ ପ୍ରାଣ ହରାଇଛନ୍ତି। କାବୁଲକୁ ସଂଯୋଗ କରୁଥିବା ରାଜପଥ ଦେଇ ସୁରକ୍ଷା ବଳୟ ମଧ୍ୟରେ ଗଭର୍ନର ଯାଉଥିବାବେଳେ ଆତ୍ମଘାତୀ ଆକ୍ରମଣକାରୀ ବିସ୍ଫୋରକ ବୋଝେଇ ଗାଡ଼ି ସହ ସେଠାରେ ବିସ୍ଫୋରଣ ଘଟାଇଥିଲେ।

# ଖଟିଲେ ଖାଇବା, କେହି ଭଲ ନୁହେଁ

## ଜନସାଧାରଣଙ୍କୁ ପଚରାଯାଇଥିବା ପ୍ରଶ୍ନ

- ଗତ ୧୫ ତାରିଖରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ବଲାଙ୍ଗୀର ଗସ୍ତରେ ଆସିଥିଲେ । ତାଙ୍କ ଭାଷଣର କେଉଁ କଥାଟି ଆପଣଙ୍କ ମନେ ଅଛି ବା ମନକୁ ଛୁଇଁଛି ?
- ପ୍ରଧାନମନ୍ତ୍ରୀ ମୋଦିଙ୍କ ଗସ୍ତ ପରେ ବଲାଙ୍ଗୀରରେ କେଉଁ ପ୍ରକାର ରାଜନୈତିକ, ସାମାଜିକ ବା ଅର୍ଥନୈତିକ ପ୍ରଭାବ ପଡିଛି ?
- ରାଜ୍ୟରେ ବିଜେଡି ସରକାର ଦୀର୍ଘକାଳ ଶାସନରେ ରହିଛି । କେନ୍ଦ୍ରରେ ମଧ୍ୟ ନରେନ୍ଦ୍ର ମୋଦିଙ୍କ ନେତୃତ୍ୱରେ ଭାଜପା ସରକାର ପ୍ରାୟ ୫ ବର୍ଷ ପୂରଣ କଲାଣି । ତୁଳନାତ୍ମକ ଭାବେ ଏହି ଦୁଇ ସରକାରଙ୍କ ମଧ୍ୟରୁ ରାଜ୍ୟର ଭବିଷ୍ୟତ ବିକାଶରେ କେଉଁ ଗୋଷ୍ଠୀ ଅଧିକ ବିଶ୍ୱସନୀୟ ବା ମଙ୍ଗଳମୟ ହେବେ ବୋଲି ଆପଣ ଭାବୁଛନ୍ତି ?

“ଗତ ୧୫ ତାରିଖରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ବଲାଙ୍ଗୀର ଗସ୍ତରେ ଆସି ଏକ ସରକାରୀ କାର୍ଯ୍ୟକ୍ରମ ଓ ସାଧାରଣ ସଭାରେ ଯୋଗଦେଇ ଫେରିଛନ୍ତି। ଏହି ଅବସରରେ ସେ ୧୫୫୦ କୋଟି ଟଙ୍କାର ବିଭିନ୍ନ ପ୍ରକଳ୍ପର ଶିଳାନ୍ୟାସ, ଉଦ୍‌ଘାଟନ କରିଥିଲେ। ସାଧାରଣ ସଭାରେ ଓଡିଶାର ଐତିହ୍ୟ, ସଂସ୍କୃତି ଓ ପରମ୍ପରା କଥା କହିଥିଲେ। ତେବେ ଏହି ସାଧାରଣ ସଭାରେ ରାଜ୍ୟ ସରକାରଙ୍କ ପ୍ରତି ସେ ନରମ ଭାବ ପ୍ରଦର୍ଶନ କରିଥିବା ଚର୍ଚ୍ଚାର ବିଷୟ ହୋଇଥିଲା। ମୋଦିଙ୍କ ବଲାଙ୍ଗୀର ଗସ୍ତ ପରେ ଏହି ଅଞ୍ଚଳରେ କ’ଣ ରହିଛି ରାଜନୈତିକ, ସାମାଜିକ ଓ ଅର୍ଥନୈତିକ ପ୍ରଭାବ ତାହା ଏବେ ବଡ଼ ପ୍ରଶ୍ନ। ଏ ସଂକ୍ରାନ୍ତରେ ଆମେ ବିଭିନ୍ନ ବର୍ଗର ଲୋକଙ୍କୁ ଭେଟିଥିଲୁ। ସେମାନଙ୍କ ମତାମତକୁ ନେଇ ଏକ ସ୍ୱତନ୍ତ୍ର ଉପସ୍ଥାପନା...।”

ରିପୋର୍ଟ-ବୀରେନ୍ଦ୍ର ଝାଙ୍କର



ଲିଙ୍କନ ମହାକୁର, ଯୁକ୍ତ ୩ ଶେଷବର୍ଷ ଛାତ୍ର, ରାଜେନ୍ଦ୍ର କଲେଜ, ବଲାଙ୍ଗୀର

- ବଲାଙ୍ଗୀର ଆସିଥିବା ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଭାଷଣ ମୁଁ ଟିଭିରେ ଶୁଣିଛି । ବେଶ୍ ଭଲ ଲାଗିଲା । ସେ ରେଳପ୍ରକଳ୍ପ ଶୁଭାରମ୍ଭ କଲେ । ଅନ୍ୟ ପ୍ରସଙ୍ଗରେ ବି ଆଲୋଚନା କଲେ ।
- ମୋଦିଙ୍କ ଗସ୍ତ ଆଗାମୀ ଦିନରେ ନିଶ୍ଚିତ ପ୍ରଭାବ ପକାଇବ।
- ଆଗକୁ ଭାଜପା ରାଜ୍ୟବାସୀଙ୍କ ପାଇଁ ଅଧିକ ବିକାଶ କରିପାରିବ ବୋଲି ମୁଁ ଭାବୁଛି ।



ଦୈତାରୀ ରୋହିଦାସ, ଚମଡ଼ା କାରିଗର, ସୁଦପଡ଼ା

- ମୁଁ ମୋଦିଙ୍କ ସମାବେଶକୁ ଯାଇନାହିଁ କି ତାଙ୍କ ଭାଷଣ ଶୁଣିନାହିଁ । ତେବେ ସେ ଭଲ କଥା କହୁଥିଲେ ବୋଲି ଲୋକଙ୍କଠାରୁ ଶୁଣିଛି ।
- ମୋଦିଙ୍କ ଗସ୍ତ ନିଶ୍ଚିତ ପ୍ରଭାବ ପକାଇବ । ଆମ ଅଞ୍ଚଳର ଉନ୍ନତି ହେବ ବୋଲି ମୁଁ ଭାବୁଛି ।
- ଆଗାମୀ ଦିନରେ ଭାଜପା କ୍ଷମତାକୁ ଆସିଲେ ରାଜ୍ୟର ଅଧିକ ଉନ୍ନତି ହେବ ବୋଲି ମୋର ବିଶ୍ୱାସ ରହିଛି ।



ସୁଦୀପ୍ତା ପଣ୍ଡା, ଯୁକ୍ତ ୩ ଶେଷବର୍ଷ ଛାତ୍ରୀ, ମହିଳା କଲେଜ, ବଲାଙ୍ଗୀର

- ମୁଁ ମୋଦିଙ୍କ ସମାବେଶକୁ ଯାଇନାହିଁ । ଟିଭିରୁ ତାଙ୍କ ଭାଷଣ ଶୁଣିଛି । ରେଳପ୍ରକଳ୍ପର ଶୁଭାରମ୍ଭ କଲେ । ଦେଶ ଆଗକୁ ଯାଉଥିବା କହିଲେ, ଭଲ ଲାଗିଲା ।
- ମୋଦିଙ୍କ ଭଳି ଜଣେ ନେତା ଆସିଲେ ନିଶ୍ଚୟ କିଛି ପ୍ରଭାବ ତ ପଡିବ । ମାତ୍ର ସାମାଜିକ, ଅର୍ଥନୈତିକ ପ୍ରଭାବ କେତେ ପଡିବ ତାହା ସମୟ କହିବ ।
- ଓଡ଼ିଶାରେ ନବୀନ ପଟ୍ଟନାୟକଙ୍କ ବିଜେଡି ସରକାର ବିକାଶ କରି ଆସୁଛି । ଆଗକୁ ମଧ୍ୟ ବିଶ୍ୱସନୀୟ ହେବ ।



ନାଗ ମାଧବୀ, ଯୁକ୍ତ ୩ ଶେଷବର୍ଷ ଛାତ୍ରୀ, ମହିଳା କଲେଜ, ବଲାଙ୍ଗୀର

- ମୁଁ ମୋଦିଙ୍କ ଭାଷଣ ଶୁଣିନାହିଁ କି ତାଙ୍କ ସମାବେଶକୁ ଯାଇନାହିଁ ।
- ମୋଦିଙ୍କ ବଲାଙ୍ଗୀର ଗସ୍ତର ସାମାନ୍ୟ ପ୍ରଭାବ ପଡିବ ବୋଲି ମୁଁ ଭାବୁଛି ।
- ଆଗାମୀ ଦିନରେ ବିଜେଡି ସରକାର ଓଡିଶାର ଅଧିକ ବିକାଶ କରିବ ବୋଲି ମୁଁ ଆଶା ରଖିଛି ।



ହରି ମେହେର, ଚମଡ଼ା କାରିଗର, ସୁଦପଡ଼ା

- ପ୍ରଧାନମନ୍ତ୍ରୀ ବଲାଙ୍ଗୀର ଆସିଥିବା ମୁଁ ଜାଣିଥିଲି । ତାଙ୍କ ସମାବେଶକୁ ମୁଁ ଯାଇନାହିଁ କି ତାଙ୍କ ଭାଷଣ ଶୁଣିନାହିଁ। ମୁଁ ଗୋଟିଏ ଦିନ କାମ ବନ୍ଦ କରି ଭାଷଣ ଶୁଣିଲେ ମୋତେ କିଏ ଖାଇବାକୁ ଦେବ ?
- ମୋଦିଙ୍କ ଗସ୍ତ ସେମିତି କିଛି ଅଧିକ ପ୍ରଭାବ ପକାଇବ ନାହିଁ । ଗତ ୫ ବର୍ଷରେ ସେ ଗରିବ ଲୋକଙ୍କ ପାଇଁ କ’ଣ କରିଛନ୍ତି? ଆମ ଅଞ୍ଚଳର ପିଲା ପାଠପଢ଼ି ବେକାର ବସିଛନ୍ତି । କାମ କରିବାକୁ ଅନ୍ୟ ରାଜ୍ୟକୁ ଯିବାକୁ ପଡୁଛି। ଏଭଳି ବିକାଶରେ କୌଣସି ମା’ବାପା ଖୁସି ନାହାନ୍ତି ।
- ବିଜେଡି ଦୀର୍ଘବର୍ଷ ଶାସନରେ ରହିଲେ ବି ବାସ୍ତବରେ କ’ଣ ବିକାଶ ହୋଇଛି । ଟଙ୍କିକିଆ ଚାଉଳ ଦେଇଦେଲେ କ’ଣ ବିକାଶ ହୋଇଯାଏ? ଲୋକଙ୍କୁ ଅଳସୁଆ କରାଯାଇଛି । ଆମେ ପରିଶ୍ରମ କରି ଟଙ୍କା ରୋଜଗାର କରିବାକୁ ଚାହୁଁଛୁ । ମୁଁ ଜଣେ ଚମଡା କାରିଗର। ମୋ ଭଳି ରୋଜଗାରରେ ଥିବା ଲୋକଙ୍କ ପାଇଁ ବିଜେଡି, ଭାଜପା କ’ଣ କରିଛନ୍ତି । ସେମାନେ ଆଗକୁ କ’ଣ ଅଧିକ କରିବେ ବୋଲି ଆମେ ଆଶା କରିବୁ ?



ଅହଲ୍ୟା ମେହେର, ଗୃହିଣୀ, ତୁଳସୀନଗର

- ମୁଁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଭାଷଣ ଟିଭିରେ ଶୁଣିଛି । ମାତ୍ର ସେ କ’ଣ କହିଲେ ତାହା ମନେନାହିଁ ।
- ମୋଦିଙ୍କ ବଲାଙ୍ଗୀର ଗସ୍ତ ନିଶ୍ଚିତ ରୂପେ ପ୍ରଭାବ ପକାଇବ ।
- ମୋଦିଙ୍କ ଭାଜପା ସରକାର ଓଡିଶାରେ ଶାସନ କ୍ଷମତାକୁ ଆସିଲେ ନିଶ୍ଚିତ ରୂପେ ରାଜ୍ୟବାସୀଙ୍କ ଅଧିକ ମଙ୍ଗଳ ହେବ ବୋଲି ମୁଁ ଭାବୁଛି ।



ସତ୍ୟ ବାଗ, ଚା’ ଦୋକାନୀ, ଡିଆଇପିଆର୍‌ଓ ଅଫିସ ପାଖ

- ମୋଦିଙ୍କ ବଲାଙ୍ଗୀର ଗସ୍ତ ସମାବେଶକୁ ମୁଁ ଯାଇନାହିଁ କି ତାଙ୍କ ଭାଷଣ ଶୁଣିନାହିଁ ।
- ମୋଦି ବଲାଙ୍ଗୀର ଆସି ଫେରିଯାଇଥିଲେ ବି କିଛି ବିଶେଷ ଫରକ ବା ପ୍ରଭାବ ପଡିଥିବା ମୁଁ ଲକ୍ଷ୍ୟ କରୁନାହିଁ ।
- ବିଜେଡି କି ଭାଜପା କେହି ବି ଆଗକୁ ରାଜ୍ୟବାସୀଙ୍କ ପାଇଁ ବିଶ୍ୱସନୀୟ ହେବେ ନାହିଁ । ଲୋକେ ପରିବର୍ତ୍ତନ ଚାହୁଁଛନ୍ତି । ଏଥର ପରିବର୍ତ୍ତନ ହେବ ।



ରଞ୍ଜନ ବାରିକ, ସେଲୁନ୍ ଦୋକାନୀ, ତୁଳସୀନଗର

- ମୋଦି ବଲାଙ୍ଗୀର ଆସିଥିଲେ । ମୁଁ ତାଙ୍କ ସମାବେଶକୁ ଯାଇଥିଲି । ତେବେ ସେ ବିଶେଷ କିଛି ଗୁରୁତ୍ୱପୂର୍ଣ୍ଣ କଥା କହିଲେ ନାହିଁ ।
- ମୋଦିଙ୍କ ଗସ୍ତ ବଲାଙ୍ଗୀର ଅଞ୍ଚଳରେ ବିଶେଷ ପ୍ରଭାବ ପକାଇବ ନାହିଁ । ଲୋକେ କେବଳ ତାଙ୍କୁ ଦେଖିବା ପାଇଁ ଯାଇଥିଲେ ।
- ଓଡ଼ିଶାରେ ନବୀନ ପଟ୍ଟନାୟକଙ୍କ ବିଜେଡି ସରକାର ଆଗକୁ ମଧ୍ୟ ରାଜ୍ୟ ପାଇଁ ମଙ୍ଗଳକର ହେବ ।



ନିବାସ ସାହୁ, ପାନ ଦୋକାନୀ, ନରସିଂହ ମନ୍ଦିର ଛକ

- ମୁଁ ମୋଦିଙ୍କ ଭାଷଣ ଶୁଣିନାହିଁ । ସେ କ’ଣ କହିଲେ ବି ଜାଣିନାହିଁ ।
- ମୋଦିଙ୍କ ଗସ୍ତ ଏହି ଅଞ୍ଚଳରେ ବିଶେଷ କିଛି ପ୍ରଭାବ ପକାଇବ ନାହିଁ।
- ନବୀନ ସରକାର ଆସିଲେ ଆଗକୁ ମଧ୍ୟ ରାଜ୍ୟର ମଙ୍ଗଳ ହେବ ।



ପ୍ରହ୍ଲାଦ ବାରିକ, ସେଲୁନ ଦୋକାନୀ, ସରକାରୀ ବସଷ୍ଟାଣ୍ଡ

- ମୋଦିଙ୍କ ସମାବେଶକୁ ମୁଁ ଯାଇନାହିଁ । ଭାଷଣ ବି ଶୁଣିନାହିଁ ।
- ମୋଦିଙ୍କ ବଲାଙ୍ଗୀର ଗସ୍ତ ସାମାଜିକ, ଅର୍ଥନୈତିକ କ୍ଷେତ୍ରରେ କିଛି ବି ପ୍ରଭାବ ପକାଇବ ନାହିଁ । ରାଜନୈତିକ କ୍ଷେତ୍ରରେ ସାମାନ୍ୟ ପ୍ରଭାବ ପକାଇପାରେ ।
- ଓଡ଼ିଶାରେ ବିଜେଡି ସରକାର ହିଁ ଆଗକୁ ବିଶ୍ୱସନୀୟ ହେବେ ବୋଲି ମୋର ମତ ।



ନରେନ୍ଦ୍ର ବାରିକ, ରିକ୍ସା ଚାଳକ, ଫକିରିଆମୁଣ୍ଡା

- ପ୍ରଧାନମନ୍ତ୍ରୀ ବଲାଙ୍ଗୀର ଆସିଥିଲେ କିନ୍ତୁ ମୁଁ ତାଙ୍କ ସମାବେଶକୁ ଯାଇନାହିଁ କି ତାଙ୍କ ଭାଷଣ ଶୁଣିନାହିଁ । ସେ କ’ଣ କହିଲେ ତାହା ମଧ୍ୟ ଜାଣିନାହିଁ। ଆମେ ଗରିବ ଲୋକ,ପ୍ରତିଦିନ ରୋଜଗାର କଲେ ଖାଇବୁ । କିଏ ଆସିଲା ନ ଆସିଲା ଆମର କିଛି ଯାଏ ଆସେ ନାହିଁ।
- ମୋଦି ଆସିଲେ ବି ଏଠାରେ କିଛି ପ୍ରଭାବ ପଡିନାହିଁ କି କିଛି ଉନ୍ନତି ହୋଇନାହିଁ । ଦୀର୍ଘବର୍ଷ ହେଲା ସେମାନେ ଆମ ପରି ଲୋକଙ୍କୁ ଠକି ଆସିଛନ୍ତି।
- ଆଗାମୀ ଦିନରେ ବିଜେଡି କି ଭାଜପା ଯେଉଁ ଦଳ ଶାସନକୁ ଆସିଲେ ମଧ୍ୟ ଓଡିଶାବାସୀଙ୍କ ମଙ୍ଗଳ ହେବନାହିଁ। ବିଜେଡି ଏତେବର୍ଷ ଶାସନରେ ରହିଲା କ’ଣ ବିକାଶ କଲା । ମୋଦି ବି ଶାସନକୁ ଆସି କ’ଣ ବିକାଶ କଲେ ଆମେ ଜାଣିନାହୁଁ। ଭୋଟ ବେଳେ କେବଳ ପ୍ରତିଶ୍ରୁତି ଦେଇ ଏମାନେ ଠକି ଚାଲିଛନ୍ତି। ଏଣୁ ଏଥର ପରିବର୍ତ୍ତନ ଲୋଡା ।



ନବୀନ ମହାନନ୍ଦ, ରିକ୍ସାଚାଳକ, ବଘିଆ

- ମୋଦି ବଲାଙ୍ଗୀର ଆସିଥିଲେ ଜାଣିଛି । ମାତ୍ର ମୁଁ ତାଙ୍କର ଭାଷଣ ଶୁଣିନାହିଁ ।
- ମୋଦିଙ୍କ ବଲାଙ୍ଗୀର ଗସ୍ତ କିଛି ବି ପ୍ରଭାବ ପକାଇବ ନାହିଁ ।
- ଆମେ ରିକ୍ସାବାଲା ପ୍ରତିଦିନ ଖଟିଲେ ମୁଠେ ଖାଇବାକୁ ପାଉଛୁ। ବିଜେଡି କି ଭାଜପା କେହି ଆମର ମଙ୍ଗଳ କରିନାହାନ୍ତି । ଆମେ ଆଜି ବି କଠିନ ପରିଶ୍ରମ କଲେ ପରିବାର ଚଳାଉଛୁ । ତେଣୁ ଆଗକୁ ବିଜେଡି କିମ୍ବା ଭାଜପା କେହି ରାଜ୍ୟର ଅଧିକ ମଙ୍ଗଳ କରିବେ ସେ ଆଶା ମୋର ନାହିଁ।



ଉର୍ମିଳା ବାଗ, ଗୃହିଣୀ, ଗୋଠପଡ଼ା

- ମୋଦିଙ୍କୁ ଦେଖିବା ପାଇଁ ଯାଇଥିଲି । ମାତ୍ର ତାଙ୍କୁ ଦେଖିପାରିଲି ନାହିଁ କି ଭାଷଣ ବି ଶୁଣି ପାରିଲି ନାହିଁ। ସେ କ’ଣ କହିଲେ, କ’ଣ ପ୍ରତିଶ୍ରୁତି ଦେଇ ଗଲେ ଜାଣିନାହିଁ ।
- ମୋଦି ବଲାଙ୍ଗୀର ଆସିଲେ କିଛି ପ୍ରଭାବ ପଡିବ ନାହିଁ ।
- ନବୀନ ସରକାର ଆଗାମୀ ଦିନରେ ମଧ୍ୟ ରାଜ୍ୟବାସୀଙ୍କ ମଙ୍ଗଳ କରିବେ । ମୁଁ ବିଜୁ ପକ୍କା ଘର ଗୋଟେ ପାଇବି ବୋଲି ଆଶା ରଖିଛି ।



ଅବକାଶ ପଟେଲ, ଯୁକ୍ତ ୩ ଶେଷବର୍ଷ ଛାତ୍ର, ରାଜେନ୍ଦ୍ର କଲେଜ, ବଲାଙ୍ଗୀର

- ମୋଦି ବଲାଙ୍ଗୀର ଆସିଥିଲେ ବି ତାଙ୍କ ଭାଷଣ ମୁଁ ଶୁଣିନାହିଁ କି ତାଙ୍କ ସମାବେଶକୁ ଯାଇନାହିଁ ।
- ପ୍ରଧାନମନ୍ତ୍ରୀଙ୍କ ବଲାଙ୍ଗୀର ଗସ୍ତ ଯୁବବର୍ଗ ଉପରେ ନିଶ୍ଚିତ ପ୍ରଭାବ ପକାଇବ। ସାମାଜିକ, ଅର୍ଥନୈତିକ ଉନ୍ନତି ହେବ ।
- ଆଗାମୀ ଦିନରେ ଓଡ଼ିଶାରେ ଭାଜପା ଅଧିକ ବିଶ୍ୱସନୀୟ ହୋଇପାରିବ।




■ ସହାୟକଙ୍କୁ ସୁଯୋଗ ମିଳିଲାନାହିଁ

## ଏଏସ୍‌ଓ ପରୀକ୍ଷା ଦେଇ ପାରିଲେନି ଦୃଷ୍ଟିହୀନ

ମଥୁରାନଗରୀ,୨୦।୧



ପରୀକ୍ଷା ଦେଇ ନ ପାରି ବାପାଙ୍କ ସହିତ ଘରକୁ ଫେରୁଛନ୍ତି ଟେକଧର ।

ଆଡ଼ମିଟ୍ କାର୍ଡ଼ ଥିବା ସତ୍ତ୍ୱେ ଜଣେ ଦିବ୍ୟାଙ୍ଗ (ଦୃଷ୍ଟିହୀନ)ଙ୍କୁ ରବିବାର ଓଡ଼ିଶା ପବ୍ଲିକ ସର୍ଭିସ କମିଶନ (ଓପିଏସସି) ଦ୍ୱାରା ପରିଚାଳିତ ଆସିଷ୍ଟାଣ୍ଟ ସେକ୍ସନ ଅଫିସର(ଏଏସ୍‌ଓ) ପରୀକ୍ଷାରୁ ବଞ୍ଚିତ ହେବାକୁ ପଡିଛି। ଏହି ଘଟଣା ବରଗଡ଼ ମହିଳା କଲେଜ ପରୀକ୍ଷା କେନ୍ଦ୍ରରେ ଘଟିଛି ।

ବରଗଡ଼ ସହର ଉପକଣ୍ଠ ଖଲିଆପାଲି ଗ୍ରାମର ବୀରବର କୁଶଳଙ୍କ ପୁଅ ଟେକଧର ଜଣେ ଦୃଷ୍ଟିହୀନ। ସେ ଗ୍ରାଜୁଏଶନ କରିଥିବାବେଳେ କମ୍ପ୍ୟୁଟର ଶିକ୍ଷା ମଧ୍ୟ ନେଇଛନ୍ତି। ରବିବାର ଚାଲିଥିବା ଏଏସ୍‌ଓ ପରୀକ୍ଷାରେ ଭାଗ ନେବା ପାଇଁ ସେ ଆବେଦନ କରିଥିଲେ ଏବଂ ତାଙ୍କୁ ଆଡ଼ମିଟ୍ କାର୍ଡ଼ ମଧ୍ୟ ମିଳିଥିଲା। ରବିବାର ପୂର୍ବାହ୍ନ ସାଢ଼େ ୯ଟାରେ ପ୍ରଥମ ସିଟିଂ ପରୀକ୍ଷା (ଜେନେରାଲ ଆୱାରନେସ) ରହିଥିଲା। ଫଳରେ ନିର୍ଦ୍ଧାରିତ ସମୟର ଯଥେଷ୍ଟ ପୂର୍ବରୁ ଟେକଧର ତାଙ୍କ ବାପା ବୀରବର ଓ ଭାଇ ଚନ୍ଦ୍ରଭାନୁଙ୍କ ସହିତ ବରଗଡ଼ ମହିଳା କଲେଜ ପରୀକ୍ଷାକେନ୍ଦ୍ରକୁ ଆସିଥିଲେ । ହାତରେ ଆଡ଼ମିଟ୍ କାର୍ଡ଼ ଏବଂ ଅନ୍ୟ ଆବଶ୍ୟକ କାଗଜାତ୍ ମଧ୍ୟ ଆଣିଥିଲେ । ତେବେ ଦୃଷ୍ଟିହୀନମାନେ ପରୀକ୍ଷା ଦେବାବେଳେ ଲେଖିବା ପାଇଁ ତାଙ୍କ ସହିତ ଜଣେ ସହାୟକଙ୍କୁ ସୁଯୋଗ ଦେବାର ପ୍ରାବଧାନ ରହିଛି। ମାତ୍ର ସେଭଳି କିଛି ପ୍ରାବଧାନ ତାଙ୍କ ପାଖରେ ପହଞ୍ଚିନାହିଁ ଏବଂ ଲେଖିବା ପାଇଁ କୌଣସି ସହାୟକ ମଧ୍ୟ ତାଙ୍କ ସହିତ ଭାଗ ନେଇପାରିବେ ନାହିଁ ବୋଲି ପରୀକ୍ଷା ପରିଚାଳନା ଦାୟିତ୍ୱରେ ରହିଥିବା କର୍ମଚାରୀମାନେ କହିଥିଲେ। ଟେକଧର ଏବଂ ପରିବାର ଲୋକେ ଯେତେ ଗୁହାରୀ କରିଥିଲେ ମଧ୍ୟ ସେହି କର୍ମଚାରୀମାନେ ଗୁରୁତ୍ୱ ଦେଇ ନ ଥିଲେ । ଫଳରେ ସେମାନେ ନିରାଶ ହୋଇ ଘରକୁ ଚାଲିଯାଇଥିଲେ। ଅନ୍ୟପକ୍ଷେ ଭିନ୍ନକ୍ଷମ ଆସୋସିଏଶନର ସାର୍ଥକ ସାହୁ କହିଛନ୍ତି, ସେହି ପଦବୀ ପାଇଁ ଉଦ୍ଦିଷ୍ଟ ବିଜ୍ଞାପନରେ ଓପିଏସ୍‌ସି ସେଭଳି ସହାୟକଙ୍କୁ ସୁଯୋଗ ଦିଆଯିବ ନାହିଁ ବୋଲି ପୂର୍ବରୁ ଦର୍ଶାଇଥିଲା। ମାତ୍ର ପରବର୍ତ୍ତୀ ସମୟରେ ସେଥିରେ ହସ୍ତକ୍ଷେପ କରାଯିବା ପରେ ଗତ ୧୧ତାରିଖରେ ଭିନ୍ନକ୍ଷମଙ୍କ ପାଇଁ ରହିଥିବା ସୋସିଆଲ ସିକ୍ୟୁରିଟି ଆଣ୍ଡ ଏମ୍ପୋରମେଣ୍ଟ ଅଫ୍ ପର୍ସନ୍ସ ଉଇଥ ଡିସଆବିଲିଟିଜ୍‌ର ନିର୍ଦ୍ଦେଶକ ସୁଶାନ୍ତ ମହାପାତ୍ର ତାଙ୍କ ପତ୍ରସଂଖ୍ୟା-୩୮ ତା-୧୧।୧।୨୦୧୯ କ୍ରମେ ଭିନ୍ନକ୍ଷମଙ୍କ ପାଇଁ ରହିଥିବା ଭାରତ ସରକାରଙ୍କ ଗାଇଡ୍‌ଲାଇନ ଅନୁଯାୟୀ ସେଭଳି ଦୃଷ୍ଟିହୀନଙ୍କୁ ଲିଖିତ ପରୀକ୍ଷାରେ ସହାୟକ ସୁଯୋଗ ଦେବା ପାଇଁ ଓପିଏସ୍‌ସି ସେକ୍ରେଟେରୀଙ୍କୁ ଲିଖିତ ଭାବେ ଜଣାଇଥିଲେ। ଏହାସତ୍ତ୍ୱେ ଟେକଧରଙ୍କୁ ପରୀକ୍ଷାରୁ ବଞ୍ଚିତ କରାଯିବା ନିନ୍ଦନୀୟ। ଏ ନେଇ ସେ ଜିଲାପାଳଙ୍କ ଦୃଷ୍ଟି ଆକର୍ଷଣ କରି ବିହିତ ପଦକ୍ଷେପ ନେବା ପାଇଁ ଅନୁରୋଧ କରିବେ ବୋଲି ସାହୁ କହିଛନ୍ତି।

## ଜାରି ରହିବ ଘନ କୁହୁଡ଼ି

ଭୁବନେଶ୍ୱର, ୨୦।୧(ବ୍ୟୁରୋ)

କିଛିଦିନ ହେବ ଭୁବନେଶ୍ୱର ଓ କଟକ ସମେତ ରାଜ୍ୟର ବିଭିନ୍ନ ସ୍ଥାନରେ ଘନ କୁହୁଡ଼ିର ଆସ୍ତରଣ ଦେଖିବାକୁ ମିଳୁଛି। ଶନିବାର ଭଳି ରବିବାର ମଧ୍ୟ ପ୍ରବଳ କୁହୁଡ଼ି ପଡ଼ିଥିଲା। ୫୦ ମିଟରରୁ ଅଧିକ ଦୂର ପର୍ଯ୍ୟନ୍ତ ରାସ୍ତା ଦୃଶ୍ୟମାନ ହେବା ସମ୍ଭବ ହେଉନାହିଁ। ଏଥିଯୋଗୁ ଶନିବାର ଟ୍ରେନ ଏବଂ ବିମାନ ଚଳାଚଳ ବାଧାପ୍ରାପ୍ତ ହୋଇଥିଲା। ରବିବାର ମଧ୍ୟ ପ୍ରବଳ କୁହୁଡ଼ି ଯୋଗୁ ରାସ୍ତାରେ ଗାଡ଼ି ଚଳାଚଳ ବ୍ୟାହତ ହୋଇଥିଲା। ଶୀତର ଲହରି ସାଙ୍ଗକୁ କୁହୁଡ଼ି ଫଳରେ ଲୋକମାନେ ବାହାରକୁ ବାହାରି ପାରି ନ ଥିଲେ। ସୋମବାର ମଧ୍ୟ ଘନ କୁହୁଡ଼ି ହୋଇପାରେ ବୋଲି ଭୁବନେଶ୍ୱର ଆଞ୍ଚଳିକ ପାଣିପାଗ କେନ୍ଦ୍ର ପକ୍ଷରୁ ପୂର୍ବାନୁମାନ କରାଯାଇଛି। ରବିବାର ରାଜ୍ୟରେ ୧୩ ସହରରେ ତାପମାତ୍ରା ୧୧ଡିଗ୍ରୀ ତଳେ ରହିଥିଲା।




# ସମୁଦ୍ରରେ ବୁଡ଼ି ୩ ଇଞ୍ଜିନିୟରିଂ ଛାତ୍ର ମୃତ

- ୩ ଗୁରୁତର କ୍ୟାପିଟାଲ ହସ୍ପିଟାଲରେ ଭର୍ତ୍ତି
- ଲାଇଫ୍‌ଗାର୍ଡ଼ ନ ଥିବାରୁ ବାରମ୍ବାର ଘଟୁଛି ଦୁର୍ଘଟଣା

କାକଟପୁର, ୨୦।୧(ଡି.ଏନ୍.ଏ.)

ପୁରୀ ଜିଲା ଅସ୍ତରଙ୍ଗ ବ୍ଲକର ପର୍ଯ୍ୟଟନସ୍ଥଳୀ ପୀରଜାହାନିଆଠାରେ ରବିବାର ଏକ ଅଘଟଣ ଘଟିଛି। ସମୁଦ୍ରରେ ଗାଧୋଇବା ସମୟରେ ବୁଡ଼ିଯାଇ ୩ ଛାତ୍ରଙ୍କ ମୃତ୍ୟୁ ଘଟିଥିବାବେଳେ ୩ ଜଣ ଗୁରୁତର ଆହତ ଅବସ୍ଥାରେ ଭୁବନେଶ୍ୱର ୬ ନମ୍ବର ମେଡିକାଲ୍‌ରେ ଭର୍ତ୍ତି ହୋଇଛନ୍ତି। ମୃତକମାନେ ହେଲେ ଅମିତ୍ ମହାନ୍ତି, ଅଭିନାଶ ପ୍ରଧାନ ଓ ଶୁଭସୌମ୍ୟ ସେନାପତି। ଗୁରୁତରମାନେ ହେଲେ ଅଙ୍କିତ୍ ସିଂ, ଶୁଭମ୍ କୁମାର ଓ ଯଶ୍ ଚକ୍ରିୟା ବୋଲି ଅସ୍ତରଙ୍ଗ ଥାନା ଆଇଆଇସି ବୁଲୁ ମୁଣ୍ଡା ସୂଚନା ଦେଇଛନ୍ତି।

ପ୍ରକାଶ ଯେ, ଭୁବନେଶ୍ୱରସ୍ଥିତ ଏକ ଘରୋଇ ଇଞ୍ଜିନିୟରିଂ କଲେଜର ୫୦ରୁ ଊର୍ଦ୍ଧ୍ୱ ଛାତ୍ରୀଛାତ୍ର ଜାହାନିଆ ପୀଠକୁ ବଣଭୋଜି କରିବାକୁ ଆସିଥିଲେ। ସେମାନଙ୍କ ମଧ୍ୟରୁ କେତେଜଣ ଛାତ୍ର ସମୁଦ୍ରରେ ଗାଧୋଉଥିବାବେଳେ ସ୍ରୋତ ଯୋଗୁ ୬ଜଣ ଛାତ୍ର ଗଭୀର ସମୁଦ୍ରକୁ ଭାସି ଯାଇଥିଲେ। ଏହା ଦେଖି ବେଳାଭୂମିରେ ଉପସ୍ଥିତ ଥିବା ପର୍ଯ୍ୟଟକ ଓ ସ୍ଥାନୀୟ ବ୍ୟବସାୟୀମାନେ ଜୀବନକୁ ବାଜି ଲଗାଇ ସେମାନଙ୍କୁ ଉଦ୍ଧାର କରିଥିଲେ। ସମସ୍ତଙ୍କୁ ଚିକିତ୍ସା ପାଇଁ ଅସ୍ତରଙ୍ଗ ସ୍ୱାସ୍ଥ୍ୟକେନ୍ଦ୍ରକୁ ନିଆଯାଇଥିଲା। ସେଠାରେ ଡାକ୍ତର ୩ ଜଣଙ୍କୁ ମୃତ ଘୋଷଣା କରିଥିବାବେଳେ ଗୁରୁତରଙ୍କୁ ୧୦୮ଆମ୍ବୁଲାନ୍ସ ଯୋଗେ ଭୁବନେଶ୍ୱର ସ୍ଥାନାନ୍ତର କରିଥିଲେ। ଅସ୍ତରଙ୍ଗର ଜାହାନିଆ ପୀଠଟି ଜିଲାର ଏକ ପ୍ରମୁଖ ପର୍ଯ୍ୟଟନସ୍ଥଳୀ ହୋଇଥିବାରୁ ସେଠାରେ ବର୍ଷସାରା ପର୍ଯ୍ୟଟକଙ୍କ ଭିଡ଼ ଲାଗି ରହିଥାଏ। ପର୍ଯ୍ୟଟନ ବିଭାଗ ପକ୍ଷରୁ ଲାଇଫ୍‌ଗାର୍ଡ ମୁତୟନ କରିବା ପାଇଁ ବାରମ୍ବାର ଦାବି ହୋଇଆସୁଥିଲେ ମଧ୍ୟ ବିଭାଗର ଖାମଖିଆଲ ମନୋବୃତ୍ତି ଯୋଗୁ ଏଭଳି ଘଟିଚାଲିଛି। ଏ ସମ୍ପର୍କରେ ଅସ୍ତରଙ୍ଗ ଆଇଆଇସି ମୁଣ୍ଡା କୁହନ୍ତି, ଘଟଣାର ଅଭିଯୋଗ ହୋଇ ନ ଥିବାରୁ ମାମଲା ରୁଜୁ ହୋଇପାରି ନାହିଁ। ମୃତକଙ୍କ ପରିବାର ଥାନାରେ ପହଞ୍ଚିଲେ ଅପମୃତ୍ୟୁ ମାମଲା ରୁଜୁ କରାଯିବ।


SBI ଭାରତୀୟ ଷ୍ଟେଟ୍ ବ୍ୟାଙ୍କ
କ୍ଷେତ୍ରୀୟ ବ୍ୟବସାୟିକ କାର୍ଯ୍ୟାଳୟ, କ୍ଷେତ୍ର-୨, ମଧୁପାଟଣା, ଲିଙ୍କ୍ ରୋଡ୍, କଟକ-୭୫୩୦୧୪

**ଦଖଲ ନୋଟିସ୍** (ସ୍ଥାବର ସମ୍ପତ୍ତି ନିମନ୍ତେ) [ରୁଲ୍ ୮(୧)]

**ସରଫେଶୀ ଆକ୍ଟ ୨୦୦୨ର ଧାରା ୧୩(୪) ଅନୁଯାୟୀ ଦଖଲ ନିଆଯାଇଥିବା ସମ୍ପତ୍ତି ସମ୍ବନ୍ଧୀୟ ବିଜ୍ଞପ୍ତି ପ୍ରକାଶନ**

ଏତଦ୍‌ଦ୍ୱାରା ସିକ୍ୟୁରିଟାଇଜେସନ୍ ଆଣ୍ଡ ରିକନ୍‌ଷ୍ଟ୍ରକସନ ଅଫ୍ ଫାଇନାନ୍‌ସିଆଲ୍ ଆସେଟ୍‌ସ୍ ଆଣ୍ଡ ଏନ୍‌ଫୋର୍ସମେଣ୍ଟ ଅଫ୍ ସିକ୍ୟୁରିଟି ଇଣ୍ଟରେଷ୍ଟ ଆକ୍ଟ ୨୦୦୨ (୨୦୦୨ ର ୫୪) ଏବଂ ଧାରା ୧୩(୧୨) ଅନୁଯାୟୀ ପ୍ରଦତ୍ତ କ୍ଷମତା ସହିତ ସିକ୍ୟୁରିଟି ଇଣ୍ଟରେଷ୍ଟ (ଏନଫୋର୍ସମେଣ୍ଟ) ରୁଲ୍ସ ୨୦୦୨ର ରୁଲ ୯ ଅନୁଯାୟୀ ନିମ୍ନଲିଖିତ ଆକାଉଣ୍ଟଗୁଡିକୁ ନିମ୍ନଦର୍ଶିତ ତାରିଖରେ ଡିମାଣ୍ଡ ନୋଟିସ୍ ଜାରି କରାଯାଇ ନୋଟିସ ମାଧ୍ୟମରେ ଦର୍ଶାଯାଇଥିବା ଋଣ ରାଶି କଥିତ ନୋଟିସ୍ ପାଇବାର **୬୦ ଦିନ** ମଧ୍ୟରେ ପଇଠ କରିବାକୁ କୁହାଯାଇଥିଲା।

ଯେହେତୁ ଋଣଗ୍ରହୀତା(ମାନେ) ଋଣ ପଇଠ କରିପାରିଲେ ନାହିଁ, ତେଣୁ ଏହି ନୋଟିସ ମାଧ୍ୟମରେ ଋଣଗ୍ରହୀତା/ଜାମିନ୍‌ଦାରମାନଙ୍କୁ ଏବଂ ସର୍ବସାଧାରଣଙ୍କୁ ଜଣାଇ ଦିଆଯାଉଅଛି ଯେ ଉପରକଥିତ ଆକ୍ଟର ଧାରା ୧୩(୪) ସହିତ କଥିତ ଆକ୍ଟର ରୁଲ ୯ ରେ ଦିଆଯାଇଥିବା କ୍ଷମତା ଅନୁଯାୟୀ ନିମ୍ନସ୍ୱାକ୍ଷରକାରୀ ନିମ୍ନରେ ବର୍ଣ୍ଣିତ ସମ୍ପତ୍ତିଗୁଡିକୁ ନିମ୍ନଦର୍ଶିତ ତାରିଖରେ **ଦଖଲ** ନେଇଛନ୍ତି। ତେଣୁ ବିଶେଷତଃ ଋଣଗ୍ରହୀତା/ଜାମିନ୍‌ଦାରମାନଙ୍କୁ ଏବଂ ସର୍ବସାଧାରଣଙ୍କୁ ଏତଦ୍‌ଦ୍ୱାରା ଜଣାଇ ଦିଆଯାଉଛି ଯେ, ନିମ୍ନଲିଖିତ ସମ୍ପତ୍ତିଗୁଡିକ ସହିତ କୌଣସି ପ୍ରକାର କାରବାର କରିବେ ନାହିଁ ଏବଂ ଉକ୍ତ ସମ୍ପତ୍ତିଗୁଡିକ ଉପରେ କୌଣସି କାରବାର କଲେ ନିମ୍ନରେ ଦର୍ଶାଯାଇଥିବା ରାଶି ସହିତ ସୁଧ ଏବଂ ସେବାବଦ ଅନ୍ୟାନ୍ୟ ଖର୍ଚ୍ଚ ନିମନ୍ତେ **ଭାରତୀୟ ଷ୍ଟେଟ୍ ବ୍ୟାଙ୍କ** ନିକଟରେ ଉତ୍ତରଦାୟୀ ରହିବେ। **ଏତଦ୍‌ଦ୍ୱାରା ଋଣଗ୍ରହୀତାମାନଙ୍କ ଦୃଷ୍ଟି ଆକର୍ଷଣ କରାଯାଉଅଛି କି କଥିତ ଆକ୍ଟର ଧାରା ୧୩ର ଉପଧାରା (୮)ର ବ୍ୟବସ୍ଥା ଅନୁଯାୟୀ ସେମାନଙ୍କର ସୁରକ୍ଷିତ ବନ୍ଧକ ସମ୍ପତ୍ତିକୁ ସମୟ ଥିବା ପୂର୍ବରୁ ବନ୍ଧକ ମୁକ୍ତ କରନ୍ତୁ।**

| ବଡ଼ମ୍ବା ଶାଖା / ଋଣଗ୍ରହୀତାଙ୍କ ନାମ ଏବଂ ଠିକଣା | ସମ୍ପତ୍ତିର ମାଲିକ | ବନ୍ଧକପ୍ରାପ୍ତ ସମ୍ପତ୍ତିର ବିବରଣୀ | ଡିମାଣ୍ଡ ନୋଟିସ୍ ତାରିଖ | ଦଖଲ ତାରିଖ | ବକେୟା ପରିମାଣ |
|---|---|---|---|---|---|
| ଋଣଗ୍ରହୀତା: ଶ୍ରୀ ନିବାସ ବେହେରା, ପିତା: ଅନ୍ତର୍ଯ୍ୟାମୀ ବେହେରା, ସା: ବାଙ୍ଗରିସିଂହା, ବଡ଼ମ୍ବା, ଜିଲ୍ଲା: କଟକ | ସମ୍ପତ୍ତିର ମାଲିକ: ଶ୍ରୀ ନିବାସ ବେହେରା | ଶ୍ରୀ ନିବାସ ବେହେରାଙ୍କ ନାମରେ ଥିବା ଜମି ଏବଂ ଗୃହ ଆଦି ସମ୍ପତ୍ତିର ସମସ୍ତ ଅଂଶବିଶେଷ ଯାହାର ମୌଜା: ବାଙ୍ଗରିସିଂହା, ଖାତା ନଂ.: ୧୪୬, ପ୍ଲଟ୍ ନଂ.: ୬୧୦୩, କ୍ଷେତ୍ର: ଏକର୦.୦୨ଡିସିମିଲି, କିସମ: ଘରବାରି | ୨୫.୦୯.୨୦୧୮ | ୧୫.୦୧.୨୦୧୯ | ୧୮.୦୯.୨୦୧୮ ସୁଦ୍ଧା ଟ.୫,୦୮,୨୭୧/- + ସୁଧ ଏବଂ ସେବାବଦ ଖର୍ଚ୍ଚ |
| ଋଣଗ୍ରହୀତା: ଶ୍ରୀ ବସନ୍ତ କୁମାର ମିଶ୍ର, ପିତା: କୁଳମଣି ମିଶ୍ର, ସା: କେନ୍ଦୁପଲି, ପୋ: ନୁଖାପଡ଼ା, ନରସିଂହପୁର, ଜିଲ୍ଲା: କଟକ | ସମ୍ପତ୍ତିର ମାଲିକ: ଶ୍ରୀ ବସନ୍ତ କୁମାର ମିଶ୍ର | ଶ୍ରୀ ବସନ୍ତ କୁମାର ମିଶ୍ରଙ୍କ ନାମରେ ଥିବା ଜମି ଏବଂ ଗୃହ ଆଦି ସମ୍ପତ୍ତିର ସମସ୍ତ ଅଂଶବିଶେଷ ଯାହାର ମୌଜା: ଠେଙ୍ଗାପଲ୍ଲୀ, ଖାତା ନଂ.: ୮୭/୫୪, ପ୍ଲଟ୍ ନଂ.: ୩୧୭, କ୍ଷେତ୍ର: ଏକର୦.୦୪ଡିସିମିଲି, କିସମ: ଘରବାରି | ୨୫.୦୯.୨୦୧୮ | ୧୫.୦୧.୨୦୧୯ | ୧୮.୦୯.୨୦୧୮ ସୁଦ୍ଧା ଟ.୩,୫୮,୩୯୦/- + ସୁଧ ଏବଂ ସେବାବଦ ଖର୍ଚ୍ଚ |
| ଋଣଗ୍ରହୀତା: ଶ୍ରୀ ମଥୁରା ସାହୁ, ପିତା: କୃଷ୍ଣ ଚନ୍ଦ୍ର ସାହୁ, ସା: ସୁନାପାଳ, ପୋ: ବଡ଼ମ୍ବା, ଜିଲ୍ଲା: କଟକ | ସମ୍ପତ୍ତିର ମାଲିକ: ଶ୍ରୀ ମଥୁରା ସାହୁ | ଶ୍ରୀ ମଥୁରା ସାହୁଙ୍କ ନାମରେ ଥିବା ଜମି ଏବଂ ଗୃହ ଆଦି ସମ୍ପତ୍ତିର ସମସ୍ତ ଅଂଶବିଶେଷ ଯାହାର ମୌଜା: ସୁନାପାଳ, ଖାତା ନଂ.: ୪୬୬/୨୨୫, ପ୍ଲଟ୍ ନଂ.: ୮୩୮, କ୍ଷେତ୍ର: ଏକର୦.୧୯ଡିସିମିଲି, କିସମ: ଘରବାରୀ | ୨୫.୦୯.୨୦୧୮ | ୧୫.୦୧.୨୦୧୯ | ୧୮.୦୯.୨୦୧୮ ସୁଦ୍ଧା ଟ.୧,୯୯,୧୨୧/- + ସୁଧ ଏବଂ ସେବାବଦ ଖର୍ଚ୍ଚ |

ତାରିଖ: ୧୯.୦୧.୨୦୧୯, ସ୍ଥାନ: କଟକ

ସ୍ୱା/-କ୍ଷମତାପ୍ରାପ୍ତ ଅଧିକାରୀ, ଭାରତୀୟ ଷ୍ଟେଟ୍ ବ୍ୟାଙ୍କ

## ଜନ୍ମଦିନର ଶୁଭେଚ୍ଛା

ନାମ: ..................................
ବୟସ:..................................
ଜନ୍ମ ତାରିଖ: ..............................


ଅନୁସ୍କା
ପରିବାରବର୍ଗ


ପୁଜା
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।

# classified




### SALE

2500 km. run May, 2018 Alto 800 VXI silver colour. 9437284700. D-10660




### SALE

Plotting project near Patia KIIT University, Bhubaneswar 40" mainroad, 30" subroad, draingage, electrification, instant boundarywall sqft. 1150/-. 6370743007, 6370855152. D-65341

ଭୁବନେଶ୍ୱର ସୁନ୍ଦରପଦା Indus Engineering କଲେଜ backside sqft.- 199/-ରେ ପ୍ଲଟ ମିଳୁଅଛି। 8338932027. D-65312

ଭୁବନେଶ୍ୱର ବାଳକାଟିବଜାରରୁ 3km. ଦୂରତାରେ 30'ରୋଡ୍ ଇଲେକ୍ଟ୍ରିସିଟି ସୁବିଧାଥାଇ ଘରବାରି ପାଚେରିସହ ପିଚୁରୋଡକୁଲାଗି sqft. 550/-, ଜଟଣୀଗେଟ୍‌ରୁ 1km. 1200କୁ 2,40,000/-ରେ ବିକ୍ରିହେବ। 9090053827, 9348020724. D-65335

Bhubaneswar Patia KIIT University ନିକଟରେ ବାସୋପଯୋଗୀ plot କିଣନ୍ତୁ। 9439444251, 9078085655. D-65334

2BHK flat with fully furnished at Sunderpada. 9439362175. D-35841

Want to make a society deal for 50 Units of 2/3BHK flats project at Corporate price near AMRI Hospital, Ghatikia, Bhubaneswar. 7750085903. D-10658

ଭୁବନେଶ୍ୱର ଉତ୍ତରା/ Krupajal ପାଖରେ ଘରବାଡି ପାଚେରି ପ୍ଲଟ ପଟ୍ଟାରୁ ବିକ୍ରିହେବ। 9178660666. D-65509

ଭୁବନେଶ୍ୱର ଜଟଣୀଗେଟ୍ NH-5ରୁ କିଛି ଦୂରତାରେ 1200 sqft. 1,80,000/-, ପ୍ରତାପନଗରୀ ଧାକୁଲେଇପୀଠରୁ କିଛି ଦୂରତାରେ 1200କୁ 2,60,000/- (outright). 9938177361, 9776934361. D-65321

Sthtiban developed plot with Revenue Road and electricity near Patia Railway Station. 7978441564. D-10680

### LEASE

One running lodge near Puri Sea Beach for immediate long term lease. Contact: 9090714981, 7008456764. D-64037

Now Matrimonial ads. only on Wednesday & Sunday
Book 1 Get 1 FREE




1400 sqft. commercial space at BMC Bhabani mall sqft. 50/-. 9337119834. D-65331

1000, 750, 700, 650, 450 sqft. available for office purpose at centrally located Unit-9, 2300 sqft. office space available at Metro house Vanivihar. 3BHK available for rent at Damayanti Apartment Nayapally. Mob: 7789837712, 9861256148. D-71411

ଭୁବନେଶ୍ୱରରେ ଆଜବେଷ୍ଟସ ଘର-3 phase line ସହ ଖୋଲା ଜାଗା ଆବଶ୍ୟକ। Contact: 8018172594. D-62917

3BHK and 2BHK house for residence/ office at Patrapada, Bhubaneswar near NH. 8249016091. D-60937

**ପାଠକଙ୍କ ପାଇଁ ସୂଚନା:** କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।




Fully refreshed/ relaxed body massage by expert therapist, Shastri Nagar. 7377984773. D-65282

Rejuvenate and Ayurvedic full body massage by smart therapist. 9114402304. D-65283

Herbal fullbody massage with refreshment by well trained therapist. 7381239385. D-65511

Experience full body massage with us by expert Enquiry: 06742597822, 7377048581. D-65512

Herbal full body massage by smart/ expert therapist. Contact: 8338067247. D-65514

Newly opening ayurvedic massage smart therapist, Shree herbal. 7750020754. D-65515

Improving your health, skin care through expert therapist, excellent offer. 9668374480. D-65516

Pamper yourself this Mansoon professional massage. Contact Purple Orchid. 9776598888. D-65517

Ayurvedic full body massage ladies/ gents experts therapist. 8338097451 . D-64693

Physiotherapy, full body massage by trained ladies/ gents therapy. 7008773793. D-65451

### Birthday Wish



**Anuska**
BJB Nagar, BBSR
Wishing you a day filled with happiness and a year filled with joy. **Happy Birthday**. Best Wishes From: Friends, Family and Relatives. D-10678


ନାବାଳିକାଙ୍କୁ ଦୁର୍ବ୍ୟବହାର ଅଭିଯୋଗ

## ଜିଲା କ୍ରୀଡ଼ା ଅଧିକାରୀ ଗିରଫ

**ମାଲକାନଗିରି,୨୦।୧ (ଡି.ଏନ୍.ଏ.)**

ଜଣେ ନାବାଳିକାଙ୍କୁ ଦୁର୍ବ୍ୟବହାର କରିବା ଅଭିଯୋଗରେ ମାଲକାନଗିରି ଜିଲା କ୍ରୀଡା ଅଧିକାରୀ ଜ୍ଞାନେନ୍ଦ୍ର ବାଡୋଇ ରବିବାର ଗିରଫ ହୋଇଛନ୍ତି। ଗିରଫ ପରେ ତାଙ୍କୁ ପୋଲିସ କୋର୍ଟଚାଲାଣ କରିଛି। ଖବରରୁ ଜଣାପଡିଛି କ୍ରୀଡା ହଷ୍ଟେଲରେ ରହୁଥିବା ଜଣେ ଛାତ୍ରୀଙ୍କୁ କ୍ରୀଡା ଅଧିକାରୀ ବାଡୋଇ ଦୁର୍ବ୍ୟବହାର ପ୍ରଦର୍ଶନ କରିଥିଲେ। ଏନେଇ ଛାତ୍ରୀ ଜଣକ ମାଲକାନଗିରି ଥାନାରେ ଅଭିଯୋଗ କରିଥିଲେ। ଆଇଆଇସି ସୌମେନ୍ଦ୍ର ଶେଖର ତ୍ରିପାଠୀ ଘଟଣାର ତଦନ୍ତ କରିବା ପରେ ବାଡୋଇଙ୍କୁ ଗିରଫ କରିଥିଲେ। ଏ ସମ୍ପର୍କରେ ଜିଲା କ୍ରୀଡା ଅଧିକାରୀ ବାଡୋଇଙ୍କୁ ପଚାରିବାରୁ ସେ କହିଛନ୍ତି ଯେ, ମୋତେ ବଦ୍‌ନାମ କରିବା ପାଇଁ ଏହା ମୋ ବିରୋଧରେ ଏକ ଚକ୍ରାନ୍ତ। ମାଲକାନଗିରି ଜିଲାରେ ମୋ ସମୟରେ କ୍ରୀଡାର ଉନ୍ନତି ହୋଇ ରାଜ୍ୟ ଏବଂ ଜାତୀୟ ସ୍ତରରେ ପରିଚିତ ହୋଇଥିବା ପ୍ରାୟ ସମସ୍ତେ ଜାଣନ୍ତି ବୋଲି କହିଥିଲେ।

### କିଛି ତଥ୍ୟ

୨୦୧୮-୧୯ ଆର୍ଥିକ ବର୍ଷର ଏପ୍ରିଲ-ଡିସେମ୍ବର ସମୟରେ ଦେଶର କୋଇଲା ଆମଦାନୀ ୬.୭% ବୃଦ୍ଧି ଘଟି ୧୭୧.୮୧ ନିୟୁତ ଟନ୍ ରହିଛି।
-କୋଲ ଇଣ୍ଡିଆ




## ମନେ ପଡ଼ନ୍ତି

### ପ୍ରଥମ ଶ୍ରାଦ୍ଧବାର୍ଷିକୀ



**ସ୍ୱର୍ଗତା କ୍ଷେତ୍ରମଣି ଦାସ**
ଯଶୋବନ୍ତପୁର, ଜଗତସିଂହପୁର
ତିରୋଧାନ: ତା. ୦୩।୦୬।୨୦୧୭
ବାହୁଡା ଦଶମୀ
ଅଖିଳବ୍ରହ୍ମାଣ୍ଡନାଥ ଅଶରଣ ଶରଣରକ୍ଷଣ ମହାବାହୁ, ବିଶ୍ୱନିୟନ୍ତା ଶ୍ରୀଶ୍ରୀ ଜଗନ୍ନାଥ ମହାପ୍ରଭୁ ଆପଣଙ୍କର ଅମରାତ୍ମାକୁ ସଦ୍‌ଗତି ପ୍ରଦାନ କରନ୍ତୁ ଏତିକି ମାତ୍ର ଗୁହାରି। ଶୋକସନ୍ତପ୍ତ: ଆଶୁତୋଷ, ମନୋଜ, ଗୁଡ୍ଡୁ, ଅବିନାଶ, ବନ୍ଧୁ, ପରିବାରବର୍ଗ ଏବଂ ଆତ୍ମୀୟସ୍ୱଜନ। ଧ-୬୪୦୩୯

### ଶ୍ରଦ୍ଧାଞ୍ଜଳି



**ସ୍ୱର୍ଗତା ପାସୁରୀ ନାୟକ**
ପାଇଲୋ, କେନ୍ଦ୍ରାପଡ଼ା
ଆବିର୍ଭାବ: ୨୪।୧୦।୧୯୧୨
ତିରୋଧାନ: ୧୧।୦୧।୨୦୧୯
ଆପଣଙ୍କର ସ୍ନେହ, ଶ୍ରଦ୍ଧା, ତ୍ୟାଗ ଓ ଆଶୀର୍ବାଦ ସବୁବେଳେ ଆମ୍ଭ ଉପରେ ଥାଉ ଏତିକି ଆମର ପ୍ରାର୍ଥନା। ଆପଣଙ୍କର ପୁତ୍ର- ଆକୁଳି, ନକୁଳି, ପୁତ୍ରବଧୂ- ସୌଦାମିନୀ, ନମିତା ଏବଂ ପୀତାମ୍ବର, ମହେଶ୍ୱର, ସୁନାକର, ବିଦୁ, ସୀତା, ଆଶା, ରେଣୁ, ମାଳ, ତିଳ, ଶିବ, ହରିଶ, ଅମିତ, ଅଜିତ, ଅନିଲ, ଟିଟୁ, ପିଣ୍ଟୁ, ବାବୁ, ବୁବୁ, ମଦନ, ଯୁଗଳ, ଡମ୍ବୁ, ବାନାମ୍ବର, ଗଗନ, ପବନ, ବୀର, ଅଭିନ, ଶ୍ରାବଣୀ, ମିଲୁ, ମିନିଆ, ଗନିଆ, କମଳା, ମଛନ, ସୁଶାନ୍ତ, ପ୍ରଶାନ୍ତ, ବାବାଜୀ, ମିତା, ମାମା, ଲୋରା, ଲିଲି, ସୁଧା, ମାନା, ଚୀନା, ଲକି, ଚିଲି, ମେନକା। ଧ-୧୦୬୮୩

### ଶ୍ରଦ୍ଧାଞ୍ଜଳି
### ଏକାଦଶାହ ଉପଲକ୍ଷେ



**ସ୍ୱର୍ଗତ ଅଲେଖ ବିହାରୀ ସାହୁ**
ବଡ଼ଗଡ଼, ଭୁବନେଶ୍ୱର
ଆବିର୍ଭାବ: ତା ୦୪।୦୮।୧୯୩୭ରିଖ
ତିରୋଧାନ: ତା ୧୧।୦୧।୨୦୧୯ ରିଖ
ଆପଣଙ୍କର ସ୍ନେହ, ଶ୍ରଦ୍ଧା, ଆଦର୍ଶ, ଉପଦେଶ ଏବଂ ଆଶୀର୍ବାଦ ସବୁଦିନ ପାଇଁ ଆମ ଜୀବନରେ ସ୍ମରଣୀୟ ହୋଇ ରହିବ। ଆପଣଙ୍କ ଅମର ଆତ୍ମାର ସଦ୍‌ଗତି ନିମନ୍ତେ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ବିନମ୍ର ପ୍ରାର୍ଥନା। ଶୋକସନ୍ତପ୍ତ: ସ୍ତ୍ରୀ, ପୁତ୍ର, ପୁତ୍ରବଧୂ, ଝିଅ, ଜ୍ୱାଇଁ, ନାତି, ନାତୁଣୀ, ବନ୍ଧୁ ଓ ପରିବାରବର୍ଗ। ଧ-୧୦୬୬୬

### ସ୍ମୃତି ଶ୍ରଦ୍ଧାଞ୍ଜଳି
### ଦଶମ ଶ୍ରାଦ୍ଧବାର୍ଷିକୀ ଉପଲକ୍ଷେ



**ସ୍ୱର୍ଗତ ଭିକାରୀଚରଣ ମହାନ୍ତି**
ଆଦର୍ଶ ଶିକ୍ଷକ
ସୁନ୍ଦରଗ୍ରାମ, କଟକ
ତିରୋଧାନ: ୨୧।୦୧।୨୦୦୯
ଆପଣଙ୍କର ଅମର ଆତ୍ମାର ସଦ୍‌ଗତି ନିମନ୍ତେ ପରମଦୟାଳ ଶ୍ରୀଶ୍ରୀ ଠାକୁରଙ୍କ ନିକଟରେ ବିନମ୍ର ପ୍ରାର୍ଥନା। ପୁତ୍ର- ଗନି, ଫନି, ଟନି, ପୁତ୍ରବଧୂ- ବୁନୁ, ରିନୁ, ତନୁ, ଝିଅଜ୍ୱାଇଁ: ମାମି-କାବୁଲି, ନାତୁଣୀ-ଜ୍ୱାଇଁ: ପ୍ରଜ୍ଞା-ପ୍ରକାଶ, ରୀତି-ଅସୀମ, ମିକି-ବିଟୁନ୍, ନାତି- ନିତ୍ୟ, ନୀତୀଶ, ହ୍ରିତି, ଅଣନାତିନାତୁଣୀ- କ୍ରିସ୍, ପିହୁ, ନାତୁଣୀବୋହୂ- ଅପର୍ଣ୍ଣା। ଧ-୬୪୬୯୬

### ଦ୍ୱାଦଶ ଶ୍ରାଦ୍ଧବାର୍ଷିକୀ



**ସ୍ୱର୍ଗତ ତାରା ପ୍ରସାଦ ମହାନ୍ତି**
ଆବିର୍ଭାବ: ରାଖୀ ପୂର୍ଣ୍ଣମୀ (୧୯୩୩)
ତିରୋଧାନ: ପୌଷ ପୂର୍ଣ୍ଣମା (୨୦୦୭)
ପରିବାରବର୍ଗ
EB 361, ଲକ୍ଷ୍ମୀସାଗର, ଭୁବନେଶ୍ୱର। ଧ-୧୦୬୮୨

### ପ୍ରଥମ ଶ୍ରାଦ୍ଧବାର୍ଷିକୀ



**ସ୍ୱର୍ଗତ ଚରଣ ବାବା**
ଯଶୋବନ୍ତପୁର, ଜଗତସିଂହପୁର
ତିରୋଧାନ: ତା. ୦୨।୦୧।୨୦୧୮
ଅନନ୍ତକୋଟି ବ୍ରହ୍ମାଣ୍ଡ ନାୟକ ନୀଳାଚଳଧାମର ମଉଡମଣି ମହାପ୍ରଭୁ ଶ୍ରୀଶ୍ରୀ ଜଗନ୍ନାଥ ଆପଣଙ୍କର ଅମର ଆତ୍ମାକୁ ଶାନ୍ତି ଏବଂ ସଦ୍‌ଗତି ପ୍ରଦାନ କରନ୍ତୁ ଏତିକି ମାତ୍ର ଗୁହାରି। ଶୋକସନ୍ତପ୍ତ: ଆଶୁତୋଷ, ମନୋଜ, ଅବିନାଶ, ଗୁଡ୍ଡୁ, ବନ୍ଧୁ, ପରିବାରବର୍ଗ ଏବଂ ଆତ୍ମୀୟସ୍ୱଜନ। ଧ-୬୪୦୩୮


# ଏସ୍‌ସିବିରେ ୨ ବଳାତ୍କାର ନାବାଳିକା ପୀଡ଼ିତା

## ଜଣେ ଚଟାଣରେ, ଜଣେ ଆଇସିୟୁରେ

**କଟକ ଅଫିସ, ୨୦।୧**

ଏସ୍‌ସିବି ମେଡିକାଲରେ ଏବେ ୨ ଜଣ ବଳାତ୍କାର ପୀଡ଼ିତା ଚିକିତ୍ସିତ ହେଉଛନ୍ତି। ଦୁଇ ଜଣ ଯାକ ଆଦିବାସୀ ନାବାଳିକା। ଜଣଙ୍କର ବୟସ ୧୫ ହୋଇଥିବା ବେଳେ ଅନ୍ୟ ଜଣଙ୍କର ବୟସ ୭। ୧୫ ବର୍ଷ ନାବାଳିକାଙ୍କ କୋଳରେ ୫ ଦିନର ଶିଶୁ କନ୍ୟା ଆଉ ୭ ବର୍ଷର ନାବାଳିକା ଆଇସିୟୁ ଭିତରେ ସଙ୍କଟାପନ୍ନ ଅବସ୍ଥାରେ ଚିକିତ୍ସିତ ହେଉଛନ୍ତି। ଉଭୟଙ୍କ ପାଖକୁ ଦୈନିକ ଶିଶୁ ଅଧିକାର ସୁରକ୍ଷା ବିଭାଗର ଅଧିକାରୀ, ଆଇନ ସେବା ପ୍ରାଧିକରଣଙ୍କ କର୍ମୀ ଓ ସାମାଜିକ କର୍ମୀମାନଙ୍କ ସୁଅ ଛୁଟୁଛି। ୧୫ ବର୍ଷର ନାବାଳିକା ଜଣକ ଯାଜପୁରରୁ ଆସି ପ୍ରସୂତି ବିଭାଗରେ ଚିକିତ୍ସିତ ହେଉଛନ୍ତି। ଚଟାଣ ଉପରେ ଏହି ନାବାଳିକା ଜଣକ ନିଜ ଶିଶୁକନ୍ୟାଙ୍କ ସହିତ ବସିଥିବାର ଦୃଶ୍ୟ ହୃଦୟବିଦାରକ। ସେହିପରି ସେଣ୍ଟ୍ରାଲ ଆଇସିୟୁ ଭିତରେ ଚିକିତ୍ସିତ ହେଉଥିବା ୭ ବର୍ଷର ଶିଶୁକନ୍ୟା ଜଣକ କେନ୍ଦୁଝର ଜିଲାରୁ ଆସିଛନ୍ତି। ଗତ ୯ ତାରିଖ ରାତିରେ ଏହି ନାବାଳିକାଙ୍କୁ ତାଙ୍କର ଜଣେ ସମ୍ପର୍କୀୟ ମାମୁ ବଳାତ୍କାର କରିଥିଲେ। ବଳାତ୍କାର ପରେ ନାବାଳିକାଙ୍କୁ ରକ୍ତାକ୍ତ ଅବସ୍ଥାରେ ଉଦ୍ଧାର କରାଯାଇ କେନ୍ଦୁଝର ଜିଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଥିଲା। ଅବସ୍ଥା ଗୁରୁତର ହେବାରୁ ୧୦ ତାରିଖରେ ତାଙ୍କୁ ଏସ୍‌ସିବି ଅଣାଯାଇଥିଲା। ଗତ ୧୫ ତାରିଖରେ ଅସ୍ତ୍ରୋପଚାର କରାଯାଇଛି। ଉଭୟ ନାବାଳିକାଙ୍କ ଦେଖାଶୁଣା ଚାଇଲ୍ଡ ଲାଇନ ପକ୍ଷରୁ କରାଯାଉଛି।

■ ସରିଲା ମୟୂରଭଞ୍ଜ ଉତ୍ସବ

# ଛଉ ନୃତ୍ୟ 'ନଟରାଜ'ରେ ଦର୍ଶକ ମନ୍ତ୍ରମୁଗ୍ଧ

**ଭୁବନେଶ୍ୱର, ୨୦।୧(ବ୍ୟୁରୋ)**

ମୟୂରଭଞ୍ଜ ସାଂସ୍କୃତିକ ସଂସଦ ପକ୍ଷରୁ ଉତ୍କଳ ମଣ୍ଡପରେ ଚାଲୁଥିବା ୮ମ ମୟୂରଭଞ୍ଜ ଉତ୍ସବ-୨୦୧୯ ରବିବାର ଉଦ୍‌ଯାପିତ ହୋଇଯାଇଛି। ସାଂସ୍କୃତିକ ସଂସଦର ଉପସଭାପତି ତଥା ଓଡ଼ିଆ ଚଳଚ୍ଚିତ୍ର ଜଗତର କିମ୍ବଦନ୍ତୀ ଅଭିନେତା ଉତ୍ତମ ମହାନ୍ତି ଅନ୍ତିମ ସନ୍ଧ୍ୟାକୁ ଉଦ୍‌ଘାଟନ କରିଥିଲେ। ପରେ ପରେ ସାଂସ୍କୃତିକ କାର୍ଯ୍ୟକ୍ରମ ଆରମ୍ଭ ହୋଇଥିଲା। ପ୍ରାରମ୍ଭରେ ମୟୂରଭଞ୍ଜ ଶୀର୍ଷକ ସଙ୍ଗୀତର ଭିଜୁଆଲ୍‌ସ ପ୍ରଦର୍ଶନ କରାଯାଇଥିଲା। ଏହାପରେ ଶିଶୁ ଛଉ ନୃତ୍ୟଶିଳ୍ପୀ ବୈଭବ ରଣାଙ୍କ ଦ୍ୱାରା ପରିବେଷିତ ଏକକ ଛଉ ନୃତ୍ୟ 'ନଟରାଜ' ଉପସ୍ଥିତ ଦର୍ଶକଙ୍କୁ ମନ୍ତ୍ରମୁଗ୍ଧ କରିଥିଲା। ପରେ ମୟୂରଭଞ୍ଜ 'ଛାଉଣୀ' ଗ୍ରୁପ୍ ପକ୍ଷରୁ ଚିତ୍ତାକର୍ଷକ ଛଉନୃତ୍ୟ 'ବୀର ନୃତ୍ୟ' ଓ 'ପଞ୍ଚଭୂତ' ପ୍ରଦର୍ଶିତ ହୋଇଥିଲା। ବାରିପଦାର ଗୁରୁକୁଳ ଡ୍ୟାନ୍ସ ଆଣ୍ଡ ଭିଜୁଆଲ ଏକାଡେମୀ, ନମ୍ବର-୧ ଡ୍ୟାନ୍ସ ଗ୍ରୁପ୍, ଆଦିମ ଆଦିବାସୀ ମହାସଂଘର ଦଳଗତ ଫିଲ୍ମ ଏବଂ ଆଧୁନିକ ଗୀତ ବେଶ୍ ଆକର୍ଷଣୀୟ ହୋଇଥିଲା। ଏହା ସହିତ କଣ୍ଠଶିଳ୍ପୀ ହ୍ୟୁମାନ ସାଗରଙ୍କ ଗୀତ ଓ ହାସ୍ୟ ଅଭିନେତା ପପୁ ପମ୍‌ପମ୍, ସଲିଲ୍ ମିତ୍ର, ତାପସ ସରଘରିଆଙ୍କ ହାସ୍ୟରସର ସମସ୍ତେ ମଜା ନେଇଥିଲେ। ଉତ୍ସବର ମୁଖ୍ୟ ଆକର୍ଷଣ ଥିଲା ଫଟୋଗ୍ରାଫର୍ ଅଶୋକ ପଣ୍ଡାଙ୍କ ଦ୍ୱାରା ଆୟୋଜିତ ମୟୂରଭଞ୍ଜ ଫଟୋ ପ୍ରଦର୍ଶନୀ। ସୁକାନ୍ତ ରଥ କାର୍ଯ୍ୟକ୍ରମ ଉପସ୍ଥାପନା କରିଥିଲେ। ଚିନ୍ମୟ ଦାସ ପଟ୍ଟନାୟକ ପରିଚାଳନା କରିଥିଲେ। ସଂସଦର ସାଧାରଣ ସମ୍ପାଦକ ଗୋକୁଳ ଚନ୍ଦ୍ର ଦାସ ସ୍ୱାଗତ ଭାଷଣ ଦେଇଥିଲେ। ଶେଷରେ ରଜନୀକାନ୍ତ ବିଶ୍ୱାଳ ଧନ୍ୟବାଦ ଅର୍ପଣ କରିଥିଲେ। ଉତ୍ସବ ପରିସରରେ ପଡ଼ିଥିବା କ୍ରାଫ୍ଟ ମେଳା ଏବଂ ଫୁଡ୍ କୋର୍ଟରେ ମଜା ନେଇଥିଲେ ଦର୍ଶକ।

# ଗୁଳିକରି ୩ ଲକ୍ଷ ଟଙ୍କା ଲୁଟ୍

- ■ ମଦଭାଟି ମ୍ୟାନେଜର ଆହତ
- ■ ବାଇକ୍‌ରେ ଆସିଥିଲେ ୩ ଲୁଟେରା
- ■ ୫ ମାସରେ ତୃତୀୟ ଗୁଳିକାଣ୍ଡ

**ବଲାଙ୍ଗୀର ଅଫିସ/ସଇଁତଲା, ୨୦।୧ (ଡି.ଏନ୍.ଏ.)**

ବଲାଙ୍ଗୀର ଜିଲାରେ ବନ୍ଧୁକ ଦେଖାଇ ଭୟଭୀତ କରିବା ଓ ଗୁଳିମାଡ କରି ଟଙ୍କା ଲୁଟ୍ ଘଟଣା ବଢ଼ିବାରେ ଲାଗିଛି। ରବିବାର ସ୍ପଷ୍ଟ ଦିବାଲୋକରେ ୩ ଯୁବକ ସଇଁତଲା ନିକଟସ୍ଥ ଜଣେ ମଦଭାଟି ମ୍ୟାନେଜରଙ୍କୁ ଗୁଳିମାଡ଼ କରି ୩ ଲକ୍ଷ ୬ ହଜାର ଟଙ୍କା ଲୁଟି ନେଇଛନ୍ତି। ଏନେଇ ପୋଲିସ ତନାଘନା ଚଳାଇଛି। ଫେରାର ଲୁଟେରାଙ୍କ କୌଣସି ପତ୍ତା ମିଳିନାହିଁ। ଆହତ ମଦଭାଟି ମ୍ୟାନେଜର ନଗେନ୍ଦ୍ର କୁମାର ଗୁପ୍ତା (୪୪)ଙ୍କୁ ଡାକ୍ତରଖାନାରେ ଭର୍ତ୍ତି କରାଯାଇଛି। ୫ ମାସ ମଧ୍ୟରେ ଏହା ତୃତୀୟ ଘଟଣା। ବଲାଙ୍ଗୀର ଜିଲା ସଇଁତଲା ଥାନା ଅନ୍ତର୍ଗତ ବିବିନା ମଦଭାଟି ମ୍ୟାନେଜର ଗୌତମ ବର୍ମା ଓ ଆମ୍ବପାଲି ମଦଭାଟି ମ୍ୟାନେଜର ନଗେନ୍ଦ୍ର ପ୍ରସାଦ ଗୁପ୍ତା(୪୪) ଗତ ୪ଦିନର ବିକ୍ରି ଟଙ୍କାକୁ ବ୍ୟାଙ୍କରେ ଜମା କରିବା ପାଇଁ ଏକ ବାଇକରେ ପୂର୍ବାହ୍ନ ପ୍ରାୟ ସାଢ଼େ ୧୦ଟାରେ ଟିଟିଲାଗଡ଼ ଅଭିମୁଖେ ଯାଉଥିବାବେଳେ ଭତାସର ଛକ ନିକଟ ବୁଲାଣିରେ ୩ ଯୁବକ ଉଭୟଙ୍କୁ ଲାଠିରେ ଆକ୍ରମଣ କରିଥିଲେ। ଏହି ସମୟରେ ନଗେନ୍ଦ୍ର ଜଣେ ଆକ୍ରମଣକାରୀଙ୍କ ଠାରୁ ଲାଠି ଛଡାଇ ନେବାରୁ ଜଣେ ଲୁଟେରା ବନ୍ଧୁକ ବାହାର କରି ଗୁଳି ଚଳାଇଥିଲେ। ଗୁଳି ନଗେନ୍ଦ୍ରଙ୍କ ଗୋଡରେ ବାଜିଥିଲା। ପରେ ଲୁଟେରାମାନେ ବାଇକ୍ ଡିକି ଭାଙ୍ଗି ସେଥିରୁ ୩ ଲକ୍ଷ ୬ହଜାର ଟଙ୍କା ଲୁଟି ନେଇ ଫେରାର ହୋଇଯାଇଥିବା ଅଭିଯୋଗ ହୋଇଛି।

**ପ୍ରଥମ ପୃଷ୍ଠାରୁ...**

## ଅପରାହ୍ନରେ...

ଶୋ'କୁ ବନ୍ଦ କରିଦିଆଯାଇଥିଲା। ଶୋ ବନ୍ଦ ହେବାରୁ ପ୍ରାୟ ୨ଶହରୁ ଊର୍ଦ୍ଧ୍ୱ ଦେଶୀୟ ଓ ବିଦେଶୀ ପର୍ଯ୍ୟଟକ ନିରାଶ ହୋଇ ଫେରିଥିଲେ। କର୍ତ୍ତୃପକ୍ଷଙ୍କ ତରଫରୁ ସମସ୍ତ ପର୍ଯ୍ୟଟକଙ୍କୁ ଟିକେଟ ମୂଲ୍ୟ ଫେରାଇ ଦିଆଯାଇଥିଲା। କୁହୁଡ଼ି ଏତେ ଘନ ଥିଲା ଯେ ଦିନ ସମୟ ରାତି ଭଳି ଲାଗୁଥିଲା। ଏପରିକି ୧୦୦ମିଟର ଦୂରରୁ ମଧ୍ୟ ସୂର୍ଯ୍ୟମନ୍ଦିର ଦେଖାଯାଉ ନ ଥିଲା। ସ୍ଥାନୀୟ ବ୍ୟବସାୟୀମାନେ କୁହୁଡ଼ି ଦେଖି ଭୟରେ ଦୋକାନ ବଜାର ବନ୍ଦ କରିଦେଇଥିଲେ। କୁହୁଡ଼ି ଯୋଗୁ ରାସ୍ତା ଦେଖାଯାଉ ନ ଥିବାରୁ ବାହାରୁ ଆସିଥିବା ପର୍ଯ୍ୟଟକ ଗାଡ଼ିଗୁଡ଼ିକ ରାସ୍ତାରେ ଦୀର୍ଘ ସମୟ ଧରି ଅଟକି ରହିଥିଲା। ସ୍ଥାନୀୟ ଲୋକଙ୍କ କହିବା ଅନୁସାରେ ପୂର୍ବରୁ ଏଭଳି ଘଟଣା କେବେ ଦେଖାଯାଇ ନ ଥିଲା।

## ଠିକାରେ ଚାଲିଛି...

ଓଡ଼ିଆରେ ଶିକ୍ଷାଦାନ ସହ ପାଠ୍ୟକ୍ରମ ଯୋଗାଇ ଦିଆଯାଉଛି। ଆଉ ଏଥିପାଇଁ କାର୍ଯ୍ୟରେ ନିୟୋଜିତ ଥାଇ ମଧ୍ୟ ଅନେକ ଶିକ୍ଷା ଗ୍ରହଣ କରିବାର ସୁଯୋଗ ପାଇଥାନ୍ତି। ଏଠାରେ କମ୍ ଖର୍ଚ୍ଚରେ ସ୍ନାତକୋତ୍ତର ଶିକ୍ଷା ପାଇଁ ଦୁଇ ବର୍ଷକୁ ବିଶ୍ୱବିଦ୍ୟାଳୟ ମାତ୍ର ୧୦,୦୦୦ ଟଙ୍କା ନିଆଯାଉଛି। ଏଥିସହିତ ପାଠ୍ୟପୁସ୍ତକ, ପରୀକ୍ଷା, ଖାତା ଦେଖା, ଭିଡିଓ କ୍ଲାସ୍ ଏବଂ ଅଡ଼ିଓ କ୍ଲାସ୍ ପରି ବ୍ୟବସ୍ଥା ରହିଛି। ତେଣୁ ସରକାରଙ୍କ ଅନୁଦାନ ବିନା କେବଳ ଛାତ୍ରୀଛାତ୍ରଙ୍କ ନାମଲେଖା ଅର୍ଥରେ ବିଶ୍ୱବିଦ୍ୟାଳୟ ଚାଲିବା କଷ୍ଟକର ବୋଲି ପରୋକ୍ଷରେ ଭୁବନେଶ୍ୱର ଆଞ୍ଚଳିକ ନିର୍ଦ୍ଦେଶକ ଡକ୍ଟର ଦିଲୀପ ନାୟକ ସ୍ୱୀକାର କରିଛନ୍ତି। ହେଲେ ଏହିସବୁ ଅଭିଯୋଗ ଉପରେ କୌଣସି ନିର୍ଦ୍ଦିଷ୍ଟ ଟିପ୍ପଣୀ ଦେବାକୁ ସେ ଉତ୍ତରଦାୟୀ ନୁହନ୍ତି ବୋଲି କହି ଏଡାଇ ଯାଇଛନ୍ତି। ଏସଂକ୍ରାନ୍ତରେ ଉଚ୍ଚଶିକ୍ଷା ମନ୍ତ୍ରୀ ଅନନ୍ତ ଦାସଙ୍କ ମତାମତ ପାଇଁ ଫୋନ୍‌ରେ ଯୋଗାଯୋଗ କରାଯାଇଥିଲା। ହେଲେ ତାଙ୍କର କୌଣସି ପ୍ରତିକ୍ରିୟା ମିଳିପାରିନାହିଁ। ଅପରପକ୍ଷରେ ଉଚ୍ଚଶିକ୍ଷା ସଚିବ ବିଷ୍ଣୁପଦ ସେଠୀ ତାଙ୍କର ତଳପାହ୍ୟା ଅଧିକାରୀଙ୍କୁ ଯୋଗାଯୋଗ କରିବାକୁ କହି ପ୍ରସଙ୍ଗକୁ ଏଡାଇଯାଇଛନ୍ତି।

# ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ

**ମେଷ**

ଆଜି ଚନ୍ଦ୍ର କେନ୍ଦ୍ରସ୍ଥ କର୍ମସ୍ଥାନରେ ବୁଧ ଓ କେତୁଙ୍କ ପ୍ରଭାବ ପ୍ରତ୍ୟେକ କ୍ଷେତ୍ରରେ ଅସ୍ଥିରତା ସୃଷ୍ଟି କରିବ। କିନ୍ତୁ ବିଶିଷ୍ଟ ବ୍ୟକ୍ତିମାନଙ୍କର ସଂସ୍ପର୍ଶରେ ଆସିବେ ଓ ସମ୍ମାନ, ପ୍ରତିଷ୍ଠା ମଧ୍ୟ ଲାଭ କରିବାର ସୁଯୋଗ ମିଳିବ। ଶନି କ୍ଷେତ୍ରସ୍ଥ ରବି ହେତୁ ଭଲ କଥା କହିଲେ ମଧ୍ୟ ତାହାକୁ ଅନ୍ୟମାନେ ଭିନ୍ନାର୍ଥରେ ଗ୍ରହଣ କରିପାରନ୍ତି। ଆର୍ଥିକ ସ୍ୱଚ୍ଛଳତା ଫେରି ପାଇବେ ।

**ବୃଷ**

ରାଶି ଓ ଚନ୍ଦ୍ରଙ୍କ ଠାରୁ ଶୁଭସ୍ଥାନସ୍ଥ ଗ୍ରହ ଆପଣଙ୍କୁ ବିଭିନ୍ନ କ୍ଷେତ୍ରରୁ ଅର୍ଥ, ସମ୍ମାନ ଓ ପ୍ରଶଂସା ପ୍ରଦାନ କରିବ। ବୃହସ୍ପତି ପ୍ରତ୍ୟେକ କାମକୁ ସୁରୁଖୁରୁରେ କରାଇନେବେ। ପାପଯୁକ୍ତ ଚତୁର୍ଥାଧିପତି ହେତୁ ପାରିବାରିକ ଅଶାନ୍ତି ଜନିତ ମାନସିକ ଉଦ୍‌ବେଗ ବଢିପାରେ। କଳା, ସାହିତ୍ୟ ଓ ସାମ୍ବାଦିକତା, ଚୁକ୍ତିପତ୍ର କ୍ଷେତ୍ରରୁ ସୁଫଳ ମିଳିବ।

**ମିଥୁନ**

ଧନସ୍ଥାନସ୍ଥ ରାହୁ ଯୁକ୍ତ ଚନ୍ଦ୍ର ଅର୍ଥ ସମ୍ପର୍କକୁ ନେଇ ବିବାଦୀୟ ପରିସ୍ଥିତି ସୃଷ୍ଟି କରିପାରନ୍ତି। ରାଶ୍ୟାଧିପତି ଦୁଃସ୍ଥାନରେ ରହିଥିବାରୁ ଶାରୀରିକ ସ୍ୱାସ୍ଥ୍ୟ ସାଙ୍ଗକୁ ମାନସିକ ସ୍ଥିତି ମଧ୍ୟ ସେତେଟା ଭଲ ରହି ନ ପାରେ। କର୍ମକ୍ଷେତ୍ରରେ ପ୍ରତିକୂଳ ପରିସ୍ଥିତିର ଚାପ କ୍ରମଶଃ ବଢିବ ଏବଂ ଘରୋଇ କ୍ଷେତ୍ରରେ ମଧ୍ୟ ସନ୍ତୋଷଜନକ ସ୍ଥିତି ରହି ନ ପାରେ।

**କର୍କଟ**

ମନ ବିଚଳିତ ରହିବା କାରଣରୁ ପ୍ରତ୍ୟେକ କାମ ସହଜ ଓ ସୁବିଧାରେ ସମ୍ପନ୍ନ ହେବା କଷ୍ଟକର ହୋଇପାରେ। ସ୍ୱରାଶିସ୍ଥ ଚନ୍ଦ୍ର ପ୍ରଭାବରେ ଭାବପ୍ରବଣତାରେ ଭାସିଯାଇ ଗୁରୁତ୍ୱପୂର୍ଣ୍ଣ କଥାଟିକୁ ପାସୋରି ଦେବେ, ଯାହାକି ପରକ୍ଷଣରେ ସମସ୍ୟା ସୃଷ୍ଟି କରିବ। ନିର୍ମାଣ, ସଭାସମିତିରେ କାମଗୁଡିକ ସୁରୁଖୁରୁରେ ସମ୍ପନ୍ନ ହୋଇପାରିବ।

**ସିଂହ**

ଅଷ୍ଟମଭାବସ୍ଥ ମଙ୍ଗଳ ହେତୁ ପାରିବାରିକ ଅଶାନ୍ତି ମନ ଭିତରେ ଭରି ରହିଥିଲେ ମଧ୍ୟ ଶୁକ୍ର ପ୍ରଭାବରେ କୌଣସି କାର୍ଯ୍ୟ ଅଟକି ରହିବ ନାହିଁ। ବୃହସ୍ପତିଙ୍କ ଦ୍ୱାରା କୌଣସି ନୂତନ ଯୋଜନାରମ୍ଭରେ ପ୍ରଥମେ ମୌଖିକ ଆଲୋଚନା କରିବା ଭଲ ହେବ। ତଥାପି ଅବହେଳା କାରଣରୁ ମଘା ନକ୍ଷତ୍ରର କେତେକ ସୁଯୋଗ ହାତଛଡା ହୋଇପାରେ।

**କନ୍ୟା**

ଶନିଙ୍କ କୁପ୍ରଭାବରୁ ପାରିବାରିକ କ୍ଷେତ୍ର ଅଶାନ୍ତ ରହିପାରେ। ଏହା ସାଙ୍ଗକୁ ପାପଯୁକ୍ତ ଚନ୍ଦ୍ର ମଧ୍ୟ ମାନସିକ ଅସ୍ଥିରତାକୁ ବୃଦ୍ଧି କରିବ। ନିଜର ସନ୍ଦେହୀ ମନୋଭାବ ହେତୁ କେତେକ ଅନାକାଂକ୍ଷିତ ସମସ୍ୟା ଦେଖାଦେବାର ଆଶଙ୍କା ରହିଛି। ଶୁକ୍ର ତୃତୀୟସ୍ଥ ହେତୁ କୌଣସି ଭଦ୍ର ମହିଳାଙ୍କ ସହଯୋଗରେ ଅବଶ୍ୟ ବକେୟା ଅର୍ଥ ପାଇପାରନ୍ତି।

**ତୁଳା**

ଆଜି ଏକାଧାରରେ ଅର୍ଥ ଓ ସମ୍ମାନ ଲାଭ କରିବାର ସୁଯୋଗ ପ୍ରାପ୍ତ ହେବାର ଆଶା ରହିଛି। ବନ୍ଧୁମାନଙ୍କ ସାହାଯ୍ୟରେ ସ୍ଥଗିତ କାର୍ଯ୍ୟକୁ ପୁନଃ ଆରମ୍ଭ କରିବାର ଯୋଜନା କରିପାରନ୍ତି। ଚିତ୍ରା ନକ୍ଷତ୍ରର କେତେକ ଅପୂରଣୀୟ ଆଶା ମନରେ ଆଲୋଡନ ସୃଷ୍ଟି କରି ଅନ୍ତର୍ଦ୍ୱନ୍ଦ୍ୱ ସୃଷ୍ଟି କରିବ। ଆଜି ଅଫିସରେ ଅସମ୍ପୂର୍ଣ୍ଣ କାର୍ଯ୍ୟକୁ ସମ୍ପୂର୍ଣ୍ଣ କରିବେ।

**ବିଛା**

ପ୍ରତ୍ୟେକ କ୍ଷେତ୍ରରେ ଆପଣଙ୍କର ବିଚାର ଓ ଚିନ୍ତାଧାରା ଅନୁଯାୟୀ କୌଣସି କାର୍ଯ୍ୟ ହୋଇପାରିବ ନାହିଁ। ଯାହାକୁ ନିଜର ମନେ କରୁଛନ୍ତି ସେହିମାନଙ୍କର କାର୍ଯ୍ୟକଳାପ ହିଁ ଆପଣଙ୍କ ଅଶାନ୍ତିର ପୃଷ୍ଠଭୂମି ସାଜିବ। କଳା ସାହିତ୍ୟ,ପ୍ରଶାସନରେ ସମସ୍ୟା ସମାଧାନ ହେବାର ଆଶା ରହିଛି। ବ୍ୟବସାୟ ଓ ଯାତ୍ରା ପାଇଁ ପ୍ରସ୍ତୁତିପର୍ବ ଶେଷ କରିପାରନ୍ତି।

**ଧନୁ**

ଶନି ରାଶିରେ ରହି ଆପଣଙ୍କୁ ପ୍ରତ୍ୟେକ କ୍ଷେତ୍ରରେ ଅବହେଳିତ କରି ରଖିପାରନ୍ତି। ଏଣେ ଅଷ୍ଟମ ଚନ୍ଦ୍ର ହେତୁ ଧନହାନି ସହ ମନର ଅସ୍ଥିରତା ବିଷାଦିତ କରି ରଖିପାରେ । ତଥାପି ଉତ୍ତରାଷାଢା ନକ୍ଷତ୍ର ଯେତେ ପ୍ରକାରର ସମସ୍ୟା ଆସିଲେ ମଧ୍ୟ ତାହାର ଠିକ୍ ସାମନା କରିବା ପାଇଁ ଚେଷ୍ଟା କରି ସଫଳତା ପାଇବେ ।

**ମକର**

ପାପଯୁକ୍ତ ଚନ୍ଦ୍ର ପ୍ରଭାବରେ ମାନସିକ ଅସ୍ଥିରତା ପ୍ରତ୍ୟେକ କାର୍ଯ୍ୟରେ ଅନ୍ତରାୟ ସୃଷ୍ଟି କରିବ । ଦ୍ୱାଦଶସ୍ଥ ଶନି ଆପଣଙ୍କୁ ମୂଲ୍ୟହୀନ କଥାରେ ନିମଗ୍ନ କରାଇ ଅତୀତ ଘଟଣାରେ ବ୍ୟଥିତ କରାଇପାରେ । ଏକାଧିକ କାର୍ଯ୍ୟରେ ଅନୁପ୍ରବେଶ କୌଣସିଟାରେ ମଧ୍ୟ ସଫଳତା ଦେବ ନାହିଁ। ବନ୍ଧୁଙ୍କୁ ବିଭିନ୍ନ ପ୍ରକାର ବିନୟପୂର୍ଣ୍ଣ କଥା କହି ସଫଳତା ହାସଲ କରିବେ।

**କୁମ୍ଭ**

ସ୍ୱାସ୍ଥ୍ୟ ସମସ୍ୟା, ଧାର କରଜ ଓ ପୂର୍ବ ଶତ୍ରୁତା ସମ୍ବନ୍ଧୀୟ ଦୁଶ୍ଚିନ୍ତା ମନକୁ ବିଚଳିତ କରିପାରେ । କୌଣସି କଥା କହିବା ପାଇଁ ପୂର୍ବରୁ ମନସ୍ଥ କରିଥିଲେ ମଧ୍ୟ ଆଜି ବନ୍ଧୁଙ୍କ ମୁହଁ ସାମ୍ନାରେ ପ୍ରକାଶ କରିପାରିବେ ନାହିଁ। ଆଜି ଦିନଟିରେ ବାଣିଜ୍ୟ,ବ୍ୟବସାୟ ଓ ପରିବହନରେ ଆଶାତୀତ ସଫଳତା ହାସଲ କରିପାରିବେ । ଲାଗି ରହିଥିବା ବାଦବିବାଦ କ୍ରମେ ଜଟିଳ ହୋଇପାରେ।

**ମୀନ**

ପାପଯୁକ୍ତ ଚନ୍ଦ୍ର ମନ୍ତ୍ରଣାଭାବସ୍ଥ ହେତୁ ବିଶେଷ କାରଣ ନ ଥାଇ ମଧ୍ୟ ଆଜି ପରିବାରରେ ଟଣା ଓଟରା ଅବଶ୍ୟମ୍ଭାବୀ। ବନ୍ଧୁଙ୍କ ଖାପଛଡା କଥା ଓ ବେଖାତିର ମନୋଭାବ ଯୋଗୁ ଚିନ୍ତାପ୍ରକଟ କରିପାରନ୍ତି। ଋଣ ପରିଶୋଧ ପାଇଁ ବ୍ୟଗ୍ରତା, ସମ୍ପର୍କୀୟମାନଙ୍କ ଅଭିଯୋଗ ମନକୁ ବିଭ୍ରାନ୍ତ କରିପାରେ। ଆଜିର ଯାତ୍ରା, ବାଣିଜ୍ୟ, ବନ୍ଧୁ ସମ୍ପର୍କ ଓ ଆଲୋଚନା ପ୍ରୀତିପ୍ରଦ ହେବନାହିଁ।

ଆଜି ପୌଷମାସର ଦେବାଭିଷେକ ପୂର୍ଣ୍ଣିମା ଦିବା ଘ୧୦।୫୪ମି. ପର୍ଯ୍ୟନ୍ତ, ପୁଷ୍ୟାଭିଷେକ, ଶ୍ରୀଜଗନ୍ନାଥ ମହାପ୍ରଭୁଙ୍କର ରାଜବେଶ, ପୌଷବନ୍ଦାପନା, ରାଜାଭିଷେକ, ଶ୍ରୀନଅରରେ ଉତ୍ସବ, ଜଗଦ୍‌ଗୁରୁ ଶଙ୍କରାଚାର୍ଯ୍ୟଙ୍କ ମହୋଦଧି ଆଳତି, ବରଗଡ଼ ପ୍ରସିଦ୍ଧ ଧନୁଯାତ୍ରା ଶେଷ, ମାଘବ୍ରତାରମ୍ଭ, ଜାନୁୟାରୀ ୨୧ ତାରିଖ, ସୋମବାର, ରାଶି ନକ୍ଷତ୍ର, ପୁଷ୍ୟା/କର୍କଟ, ମିଥୁନ ରାଶିର ଘାତବାର, ପୂର୍ଣ୍ଣିମାର ଏକୋଦ୍ଦିଷ୍ଟ ଓ ପ୍ରତିପଦାର ଏକୋଦ୍ଦିଷ୍ଟ ଓ ପାର୍ବଣ ଶ୍ରାଦ୍ଧ, ଦିବା ଘ୭।୫୨ମି. ମଧ୍ୟେ ଘ୧।୨୬ମି. ଗତେ, ଘ୨।୪୯ମି. ମଧ୍ୟେ ଅମୃତବେଳା । ଦିବା ଘ୯।୧୬ମି. ଗତେ ଘ୧୦।୩୯ମି. ମଧ୍ୟେ ମାହେନ୍ଦ୍ରବେଳା।


DSPL-361
ଓଡ଼ିଶା ସରକାର
ODISHA ONE
ଓଡ଼ିଶା ଆମ ଗୌରବ
ଆମ ଗାଁ ଆମ ବିକାଶ
PEETHA
( PEOPLES EMPOWERMENT ENABLING TRANSPARENCY AND ENHANCING ACCOUNTABILITY ON ODISHA INITIATIVES )
ପୀଠ
ସଶକ୍ତିକରଣ ଏବଂ ସଚେତନତା
ପଞ୍ଚାୟତିରାଜ ଓ ପାନୀୟ ଜଳ ବିଭାଗ, ଓଡ଼ିଶା ସରକାର
19001/13/0034/1819

ଖେଳ ଭିତରେ ବି ଅତିରିକ୍ତ ହେଳାଭାବ ଭଲ ନୁହେଁ। ଜୀବନ ଓ କର୍ମସାଧନ ବେଳେ ମଧ୍ୟ ସେହିପରି ଅତିରିକ୍ତ ଗୁରୁଗାମ୍ଭୀର୍ଯ୍ୟ ଠିକ୍ ନୁହେଁ। ଉଭୟତ୍ର ହିଁ ଆମେ ଚାହୁଁ ଖେଳର ସ୍ୱଚ୍ଛନ୍ଦଲୀଳା ଓ ଶୃଙ୍ଖଳାର ମଧ୍ୟ ଗୁରୁତ୍ୱ ଓ ନିଷ୍ଠାପରତା। – ଶ୍ରୀଅରବିନ୍ଦ

# ମୋଦି: ସବୁଥିରେ ଆଙ୍ଗୁଠି

ସାଧାରଣ ନିର୍ବାଚନ ଯେତେ ନିକଟତର ହେଉଛି, ରାଜନୈତିକ ଉଷ୍ମତା ସେତେ ବଢ଼ିବାରେ ଲାଗିଲାଣି। ଜାନୁୟାରୀ ୧୯ରେ କୋଲକାତାରେ ବିରୋଧୀଙ୍କ ରାଲିର କଳେବର ଦେଖିଲେ ମହାଗଠବନ୍ଧନ ଶକ୍ତିଶାଳୀ ହେଉଥିବା ମନେହେଉଛି। କେନ୍ଦ୍ରରେ ନରେନ୍ଦ୍ର ମୋଦି ସରକାରଙ୍କ ବିରୋଧରେ ବିରୋଧୀ ଯେଭଳି ରଣହୁଙ୍କାର ଦେଇଛନ୍ତି, ତାହାକୁ ହାଲୁକା ଭାବେ ନେବା କଥା ନୁହେଁ। ଜାତୀୟ ଦଳ କଂଗ୍ରେସ, ବିଏସ୍‌ପି, ଏନ୍‌ସିପି, ତୃଣମୂଳ କଂଗ୍ରେସ ସହ ଆଞ୍ଚଳିକ ଦଳଗୁଡ଼ିକର ନେତା ଏକାଠି ହୋଇ ବିଭିନ୍ନ ଦିଗରୁ ଭାଜପା ସରକାରକୁ ଟାର୍ଗେଟ କରିଛନ୍ତି। ରାଜନୈତିକ ବିଶ୍ଳେଷକଙ୍କ ମତରେ, ସାମ୍ପ୍ରତିକ ପରିସ୍ଥିତିରେ ସ୍ଥାନୀୟ ସମସ୍ୟା ଓ ପ୍ରସଙ୍ଗକୁ ନେଇ ରାଜ୍ୟସ୍ତରରେ ନିର୍ବାଚନ ହେଉଥିବାରୁ ଆଞ୍ଚଳିକ ଦଳଗୁଡ଼ିକ ନିଶ୍ଚିତ ଗୁରୁତ୍ୱ ବହନ କରିବେ। ଏତଦ୍‌ବ୍ୟତୀତ ନିକଟରେ ୩ ହିନ୍ଦୀଭାଷୀ ରାଜ୍ୟରେ ଭାଜପାର ପରାଜୟ ଓ ଦେଶବ୍ୟାପୀ ଏହି ଦଳ ପ୍ରତି ଜନସାଧାରଣଙ୍କ ଅସନ୍ତୋଷ ଯେଭଳି ବଢ଼ିଚାଲିଛି, ଆଗାମୀ ସାଧାରଣ ନିର୍ବାଚନରେ ମୋଦିଙ୍କ ଶାସନ ବିରୋଧରେ ସେହି ସ୍ୱର ପ୍ରତିଫଳିତ ହେବାର ଚିନ୍ତାଧାରା ସୁଦୃଢ଼ ହୋଇଛି। କୋଲକାତା ସମାବେଶରେ ବିରୋଧୀଙ୍କ ଆକାର ଦେଖି ମୋଦି ଭୟଭୀତ ହେବା ଭଳି ଜଣାପଡ଼ିଲେଣି। କାରଣ ସେ ଉକ୍ତ ରାଲିକୁ କେବଳ ମୋଦିଙ୍କ ବିରୋଧରେ ନୁହେଁ, ସମଗ୍ର ଦେଶ ବିରୋଧରେ ବୋଲି କହିବାକୁ ପଛାଇ ନାହାନ୍ତି। ନିଜ ସପକ୍ଷରେ ସମବେଦନା ଗୋଟାଇବା ଲକ୍ଷ୍ୟରେ ସେ ଦେଶବାସୀଙ୍କ କଥା କହି ଚତୁରତା ଦେଖାଇଛନ୍ତି ବୋଲି କୁହାଯାଉଛି।

୨୦୧୪ ନିର୍ବାଚନ ପୂର୍ବରୁ ମୋଦିଙ୍କର ସ୍ୱପ୍ନ ଦେଖାଇବାର ଦକ୍ଷତା ଦେଶବାସୀ ଭୁଲିନାହାନ୍ତି। ବହୁଳ ପରିମାଣରେ ଆସନ ଜିଣି ଲୋକ ସଭାରେ ଏକାକୀ ସଂଖ୍ୟାଗରିଷ୍ଠତା ହାସଲ କରିବା ସତ୍ତ୍ୱେ, ମୋଦିଙ୍କ ତୁଣ୍ଡ ଚୁପ୍ ପଡ଼ିଲାନାହିଁ। ରେଡିଓରେ 'ମନ୍ କି ବାତ୍', ଟେଲିଭିଜନରେ ନିତିଦିନ ବିଭିନ୍ନ ସ୍ଥାନରୁ ସିଧା ପ୍ରସାରଣ ଏବଂ ବାସ୍ତବରେ ଦେଶ ଭିତରେ ଓ ବାହାରେ ଗସ୍ତ କରି ମୋଦିଙ୍କର ବକ୍ତବ୍ୟ ଆଜି ତାଙ୍କର କାଳ ହେବାକୁ ବସିଲାଣି ବୋଲି ସ୍ପଷ୍ଟ ଜଣାପଡୁଛି। 'ଗାତର ଦୋଷ' ଗଳ୍ପ ଭଳି କ୍ଷମତା ବାହାରେ ଥିବା ମୋଦିଙ୍କ ଗଣତାନ୍ତ୍ରିକ ଆଭିମୁଖ୍ୟ ସହିତ କ୍ଷମତାରେ ରହି ଅଗଣତାନ୍ତ୍ରିକ ଓ ଏକଚ୍ଛତ୍ରବାଦୀ ମନୋଭାବରେ କାର୍ଯ୍ୟ କରିବା ଖାପ ଖାଇଲା ନାହିଁ। ବିଦେଶରୁ କଳାଧନ ଫେରାଇଆଣିବା, ସୀମା ଆରପଟୁ ଆକ୍ରମଣ ହେଲେ ଭାରତ ତରଫରୁ, ଅନ୍ୟତ୍ର ନ ଯାଇ, ପାକିସ୍ତାନକୁ ଆକ୍ରମଣ କରିବା ଭଳି କଥା କହିବା ସହିତ ଆଧାର ଏବଂ ଜିଏସ୍‌ଟି ଯୋଜନାଗୁଡ଼ିକୁ ମଧ୍ୟ ମୋଦି ବିରୋଧ କରିଥିଲେ। କିନ୍ତୁ, କ୍ଷମତାକୁ ଆସିବା ପରେ, ମୋଦି ସେହି ଗାତରେ ପଶି ଗରିବ ଜନସାଧାରଣ ବିରୋଧୀ ପାଲଟିଗଲେ। ତାଙ୍କ ପାଇଁ ସବୁଠାରୁ ଅଧିକ କ୍ଷତିକାରକ ହେଲା ବିମୁଦ୍ରୀକରଣ। ଗୋ–ରକ୍ଷକଙ୍କ ତାଣ୍ଡବଲୀଳା ଯୋଗୁ ଗ୍ରାମାଞ୍ଚଳର ଭାରତୀୟ ଯେତିକି କଷ୍ଟ ପାଇଲା, ତା'ଠାରୁ ଅଧିକ କଷ୍ଟ ବିମୁଦ୍ରୀକରଣ ମାଧ୍ୟମରେ ଘଟିଥିବା ଆର୍ଥିକ କ୍ଷତି ଗରିବ ନାଗରିକକୁ ପ୍ରବଳ ଦୁଃଖ ଦେଇଛି। ଭାରତର ଶିକ୍ଷିତ ସମାଜରେ ଅସହିଷ୍ଣୁତା, ଅସାମ୍ବିଧାନିକ ଭାବେ ସରକାରୀ କାର୍ଯ୍ୟ, ପଡ଼ୋଶୀ ରାଷ୍ଟ୍ରଗୁଡ଼ିକ ସହ ସମ୍ପର୍କ ତୁଟିଯିବାଠାରୁ ଆରମ୍ଭ କରି ଆରବିଆଇ, ସିବିଆଇ ଏପରି କି ସଂସଦୀୟ ବ୍ୟାପାରରେ ମୋଦିଙ୍କ ସିଧାସଳଖ ହସ୍ତକ୍ଷେପ ଏହି ଶ୍ରେଣୀକୁ ବ୍ୟସ୍ତ କରିଛି।

ହାତଗଣତି ବ୍ୟବସାୟୀଙ୍କ ପରିବାରକୁ ମୋଦିଙ୍କ ଅନୁକମ୍ପା ସମସ୍ତଙ୍କ ଦୃଷ୍ଟିଗୋଚର ହୋଇଛି। ଏହା ସ୍ୱୀକାରଯୋଗ୍ୟ ଯେ, ମୋଦିଙ୍କ କର୍ପୋରେଟ ପ୍ରୀତି ଖୋଲାଖୋଲି ବୁଝାପଡ଼ିଲା। କିନ୍ତୁ ସାମାଜିକ ଅସ୍ଥିରତା ଓ ଅର୍ଥନୈତିକ ବାତାବରଣକୁ ଅଶାନ୍ତ କରିବାରେ ମଧ୍ୟ ମୋଦିଙ୍କର ପ୍ରମୁଖ ଭୂମିକା ଦେଶରେ ପୁଞ୍ଜି ବିନିଯୋଗ କରାଇବାରେ ସହାୟକ ହେଲା ନାହିଁ। ଯେହେତୁ ପୁଞ୍ଜି ଲାଗିଲା ନାହିଁ, ସେହେତୁ ନୂଆ କଳକାରଖାନା ଗଢ଼ିଉଠିଲା ନାହିଁ। ଏହାଫଳରେ ନିଯୁକ୍ତି ସୁଯୋଗ ବଢ଼ିବାର କୌଣସି ସମ୍ଭାବନା ମୋଦିଙ୍କ ଦ୍ୱାରା ସୃଷ୍ଟି କରାଗଲା ନାହିଁ।

ଏଭଳି ଏକ ବିରାଟକାୟ ବିଫଳତାର ଅନେକ କାରଣ ଥାଇପାରେ। ଆମେ ଜାଣିବାରେ କେତେକ ମୁଖ୍ୟ କାରଣ ଉଲ୍ଲେଖ କରାଯାଇପାରିବ। ପ୍ରଥମେ, ମୋଦି ଜଣେ ଅତ୍ୟନ୍ତ ଦୃଢ଼ ଏବଂ ଶକ୍ତିଶାଳୀ ଆଞ୍ଚଳିକ ନେତା ହୋଇପାରନ୍ତି। ତେବେ ଏକ ଜାତୀୟସ୍ତର ନେତା ହେବାର ସୁଯୋଗ ପାଇଲେ ମଧ୍ୟ ଭାରତର ସାମାଜିକ, ଧାର୍ମିକ ଏବଂ ଭାଷା ବିବିଧତାକୁ ହୃଦୟଙ୍ଗମ କରିବାରେ ତାଙ୍କର ସକ୍ଷମତା ନାହିଁ ବୋଲି ସ୍ପଷ୍ଟ ବୁଝାପଡୁଛି। ଦ୍ୱିତୀୟରେ ହିନ୍ଦୀ–ହିନ୍ଦୁ ଚିନ୍ତାଧାରାରେ ଯାଇ ମୋଦି ମାଡ଼ ଖାଇଯାଉଛନ୍ତି। ତୃତୀୟ ବିଷୟ ପୂର୍ବରୁ ଯାହା ଉଲ୍ଲେଖ କରିଛେ ତାହା ହେଲା ମୋଦିଙ୍କ ଅନର୍ଗଳ ଭାଷଣ ଦେବାର ପ୍ରେମ। ଏହା ସ୍ୱୀକାର କରିବାକୁ ହେବ ଯେ ନେତାଙ୍କର ସମ୍ପୂର୍ଣ୍ଣ ନୀରବ ରହିବା ଯେତିକି ମାରାତ୍ମକ, ଅଯଥାରେ ବକରବକର ହେବା ମଧ୍ୟ ଦେଶ ପାଇଁ ଅତ୍ୟନ୍ତ କ୍ଷତିକାରକ। ଅନ୍ତ ନୁହେଁ କିନ୍ତୁ ଚତୁର୍ଥରେ, ଏକ ବିରାଟବଡ଼ କ୍ଷତିକାରକ ଚରିତ୍ର, ଯାହା ମୋଦିଙ୍କୁ ଧୂଳିସାତ୍ କରିଦେଇପାରେ, ତାହାହେଲା ସବୁଥିରେ ଆଙ୍ଗୁଠି ଗେଞ୍ଜିବା। ୮୦୦ ବର୍ଷର ଜଣାଶୁଣା ମୁସଲମାନ ଶାସନ, ପ୍ରାୟ ୨୦୦ରୁ ଊର୍ଦ୍ଧ୍ୱ ଗୋରା ଶାସନ ସହିଥିବା ଭାରତ ଅନେକ ଶାସକଙ୍କ ଯିବାଆସିବା ଦେଖିଛି। ସକାରାତ୍ମକ ଆଭିମୁଖ୍ୟ ରଖିଥିବା ବ୍ୟକ୍ତି କିଛି ଅଧିକ ବର୍ଷ କ୍ଷମତାରେ ରହିଯାଆନ୍ତି। ନକାରାତ୍ମକ ଚିନ୍ତା ପ୍ରବେଶ କରିବାମାତ୍ରେ କ୍ଷମତାରୁ ଦୂରେଇଯିବା ସୁନିଶ୍ଚିତ। ମୋଦି ଭୁଲିଗଲେ ଯେ ତାଙ୍କର ଶାସନ ଜୀବନକାଳ ଇତିହାସରେ କ୍ଷଣକ ପାଇଁ। ସେହି ସମୟରେ ଅଧିକରୁ ଅଧିକ ସହାନୁଭୂତି ଏବଂ ଶାନ୍ତି ସୃଷ୍ଟି କରିବାରେ ସମୟ ଦେଇଥିଲେ ତାଙ୍କ ପାଇଁ ଆଜିର ଏହି ଟଳମଳିଆ ପରିସ୍ଥିତି ସୃଷ୍ଟି ହୋଇ ନ ଥାଆନ୍ତା। ସମସ୍ୟା ହେଉଛି କ୍ଷମତା ଆଣିଦିଏ ଉଚ୍ଚକୋଟୀର ଅହଂଭାବ। ମୋଦି ଭୁଲିଗଲେ ଯେ, ୨୦୧୪ରେ କଂଗ୍ରେସର ସ୍କାମ୍ ଏବଂ ମୌନ ମୋହନ ସିଂଙ୍କ ଚରିତ୍ର ଦେଶବାସୀଙ୍କୁ ଅତିଷ୍ଠ କରିଥିଲା। ଆମ ବୁଝିବାରେ ଦେଶବାସୀ ମୋଦିଙ୍କୁ ଜିତାଇବା ପରିବର୍ତ୍ତେ କଂଗ୍ରେସକୁ ହରାଇବାରେ ଅଧିକ ଗୁରୁତ୍ୱ ଦେଇଥିଲେ। ସେହି ବାସ୍ତବ ସତ୍ୟକୁ ମନେରଖି ନିଜର ଶାସନକୁ ନରମ ରଖିଥିଲେ ମୋଦିଙ୍କ କ୍ଷମତାକୁ ଫେରିବା ନେଇ ଆଜି ଯେଉଁ ସନ୍ଦେହ ସୃଷ୍ଟି ହେଉଛି, ସମ୍ଭବତଃ ତାହା ହୋଇ ନ ଥାଆନ୍ତା।

## su | do | ku | ସୁ–ଡୋ–କୁ

| | | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|---|
| 1 | | | | A | 7 | | | 5 | | | | 8 | B | |
| | 5 | 6 | | | 4 | 2 | | | | | | | A | |
| | 3 | | D | | | | | E | 1 | | | | | |
| | | | | 1 | 6 | 8 | 0 | | A | E | | | | D |
| | A | B | 3 | | 2 | | 1 | | | | | | 0 | C |
| | | | | | | C | | | D | | 8 | | | 3 |
| E | | | 7 | C | | | | | 9 | | | | 2 | |
| | | 8 | | E | B | | | | | | 3 | 1 | | 5 |
| | D | A | | | 8 | | | | | | | | 6 | 0 |
| | 4 | 3 | 5 | | | | | | | 6 | | | | |
| | | 9 | | 6 | | 4 | B | | | | 7 | | | A |
| | | | 9 | | | | | | | C | | 3 | | |
| | | D | | | | | 8 | 7 | | | B | | E | |
| C | B | | | | D | 6 | | | | 5 | 1 | | | |
| 4 | E | 5 | | 0 | | 1 | | | | | | | 7 | 8 |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡ଼ି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୦ରୁ ୯ ପର୍ଯ୍ୟନ୍ତ ଅଙ୍କ ଓ Aରୁ E ପର୍ଯ୍ୟନ୍ତ ଇଂଲିଶ ଲିପି ରହିବ।

| | | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|---|
| B | E | 2 | A | 0 | 3 | D | 9 | 4 | 5 | 7 | 1 | 6 | C | 8 |
| D | 9 | 1 | 8 | 2 | B | C | 7 | E | 3 | 6 | 0 | A | 5 | 4 |
| 5 | 6 | 3 | 7 | E | 4 | 0 | B | 8 | A | 9 | C | 2 | D | 1 |
| 0 | 8 | A | D | C | 1 | 6 | 5 | 2 | 4 | B | E | 3 | 9 | 7 |
| C | 4 | 7 | 9 | 5 | 6 | A | 3 | 1 | 2 | 8 | D | 0 | B | E |
| A | 5 | B | 1 | 6 | C | 4 | E | 3 | 9 | 0 | 2 | 8 | 7 | D |
| 2 | D | 6 | 5 | 4 | E | 7 | 8 | A | B | C | 3 | 1 | 0 | 9 |
| 3 | 0 | 8 | 2 | D | 9 | 1 | C | 5 | E | A | 7 | 4 | 6 | B |
| E | 1 | 9 | B | 7 | 0 | 2 | 6 | D | 8 | 4 | 5 | C | 3 | A |
| 4 | 7 | C | 3 | A | 8 | B | 0 | 9 | 1 | D | 6 | E | 2 | 5 |
| 9 | 3 | E | 6 | B | 2 | 8 | A | 0 | 7 | 5 | 4 | D | 1 | C |
| 6 | C | D | E | 8 | A | 5 | 2 | 7 | 0 | 1 | 9 | B | 4 | 3 |
| 1 | B | 4 | 0 | 3 | 7 | 9 | D | C | 6 | E | A | 5 | 8 | 2 |
| 7 | 2 | 0 | C | 1 | 5 | E | 4 | B | D | 3 | 8 | 9 | A | 6 |
| 8 | A | 5 | 4 | 9 | D | 3 | 1 | 6 | C | 2 | B | 7 | E | 0 |

ଗତକାଲିର ଉତ୍ତର

# ସବୁଜ ପରିବହନ ବ୍ୟବସ୍ଥା



ଇଂ. ମାୟାଧର ସ୍ୱାଇଁ

ବିଶ୍ୱ ସ୍ୱାସ୍ଥ୍ୟ ସଂସ୍ଥାର ଏକ ରିପୋର୍ଟରୁ ଜଣାଯାଏ ଯେ, ଭାରତରେ ଅଧିକାଂଶ ସହର ବାୟୁ ପ୍ରଦୂଷଣ ଦ୍ୱାରା ଆକ୍ରାନ୍ତ। ଏପରି କି ପୃଥିବୀର ସବୁଠାରୁ ଅଧିକ ପନ୍ଦରଟି ସହର ମଧ୍ୟରେ ଭାରତର ଚଉଦଟି ସହର ଅଛି। ସବୁଠାରୁ ପ୍ରଦୂଷିତ ସହର ହେଉଛି କାନପୁର। ଏଠାରେ ବାୟୁମଣ୍ଡଳରେ କଣିକୀୟ ପଦାର୍ଥ (୨.୫ ପିଏମ୍) ପରିମାଣ ହେଉଛି ଘନମିଟର ପ୍ରତି ୧୭୩ ମାଇକ୍ରୋଗ୍ରାମ୍। କେନ୍ଦ୍ରୀୟ ପ୍ରଦୂଷଣ ନିୟନ୍ତ୍ରଣ ପରିଷଦ ଅନୁଯାୟୀ, ଏହାର ନିରାପଦ ପରିମାଣ ହେଉଛି ୪୦ ଏବଂ ବିଶ୍ୱ ସ୍ୱାସ୍ଥ୍ୟ ସଂସ୍ଥା ଅନୁସାରେ ଏହାର ସୀମା ହେଉଛି ୧୦। ଯେଉଁ କଣିକାର ଆକାର ୨.୫ ମାଇକ୍ରନ୍ (ଏକ ମାଇକ୍ରନ୍ ହେଉଛି ମିଟରର ନିୟୁତ ଭାଗରୁ ଏକ ଭାଗ) ବା ତାହାଠାରୁ କମ୍, ତାକୁ ୨.୫ ପିଏମ୍ (ପରକ୍ୟୁଲେଟ୍ ମ୍ୟାଟର) ବା କଣିକୀୟ ପଦାର୍ଥ କୁହାଯାଏ। ଏହା ତାପଜ ବିଦ୍ୟୁତ୍ କେନ୍ଦ୍ର, ଯାନବାହନ, ନିର୍ମାଣ କାର୍ଯ୍ୟ, ଜଙ୍ଗଲ ପୋଡ଼ି, ଶସ୍ୟ ଅବଶେଷ ପୋଡ଼ି ଏବଂ ଧୂଳି ଆଦିରୁ ବାୟୁମଣ୍ଡଳକୁ ଯାଇଥାଏ। ଏହା ଶ୍ୱାସ ପ୍ରକ୍ରିୟାରେ ଆମ ଶରୀର ଭିତରକୁ ଯାଇ ଫୁସ୍‌ଫୁସୀୟ ରୋଗ ସୃଷ୍ଟି କରିଥାଏ। ବିଶ୍ୱ ସ୍ୱାସ୍ଥ୍ୟ ସଂସ୍ଥା ଅଧୀନରେ କାର୍ଯ୍ୟ କରୁଥିବା ଅନ୍ତର୍ଜାତୀୟ କର୍କଟ ରୋଗ ଗବେଷଣା ସଂସ୍ଥା ୨୦୧୩ ମସିହାରେ ଏହି କଣିକୀୟ ପଦାର୍ଥକୁ କର୍କଟ ରୋଗର କାରକ ଭାବେ ଅଭିହିତ କରିଛି। ଗର୍ଭବତୀ ମହିଳାଙ୍କୁ ମଧ୍ୟ ଏହା ପ୍ରଭାବିତ କରିଥାଏ, ଯାହାଫଳରେ ଜନ୍ମବେଳକୁ ଶିଶୁର ଓଜନ କମ୍ ଥାଏ ଏବଂ ନିର୍ଦ୍ଧାରିତ ସମୟ ପୂର୍ବରୁ ଶିଶୁ ଜନ୍ମ ହୋଇଥାଏ। ବିଶ୍ୱ ସ୍ୱାସ୍ଥ୍ୟ ସଂସ୍ଥା ପ୍ରକାଶ କରିଛି ଯେ, ଭାରତରେ ବର୍ଷକୁ ପ୍ରାୟ ୧୨.୪ ଲକ୍ଷ ଲୋକ ବାୟୁ ପ୍ରଦୂଷଣ ଯୋଗୁ ମୃତ୍ୟୁବରଣ କରୁଛନ୍ତି। ପୁନଶ୍ଚ ଏହା ପ୍ରକାଶ କରିଛି ଯେ, ସ୍ୱଚ୍ଛ ଓ ନିର୍ମଳ ବାୟୁ ପାଉଥିଲେ ଭାରତୀୟମାନଙ୍କର ବ୍ୟକ୍ତି ପିଛା ହାରାହାରି ଆୟୁଷ ୧.୭ ବର୍ଷ ବଢ଼ିଯାଆନ୍ତା। ଭାରତରେ ପ୍ରାୟ ୭୭ ପ୍ରତିଶତ ଲୋକ ବାୟୁ ପ୍ରଦୂଷଣ ଦ୍ୱାରା ପ୍ରଭାବିତ ହେଉଛନ୍ତି। ଯାନବାହନ ଉତ୍ସର୍ଜନରୁ ବିଭିନ୍ନ ରୋଗ ହେବା ସଙ୍ଗେସଙ୍ଗେ ଏଥିରୁ ନିର୍ଗତ ଅଙ୍ଗାରକାମ୍ଳ ଗ୍ୟାସ୍ ହେଉଛି ଜାଗତିକ ଉଷ୍ମତା ବୃଦ୍ଧିର କାରଣ। ସମଗ୍ର ପୃଥିବୀରେ ମୋଟ ସବୁଜ ଗୃହ ଗ୍ୟାସ୍ ଉତ୍ସର୍ଜନର ୨୩ ପ୍ରତିଶତ ଯାନବାହନରୁ ନିର୍ଗତ ହୋଇଥାଏ। ବାୟୁ ପ୍ରଦୂଷଣର ପ୍ରଭାବ ଅଧିକ ମାତ୍ରାରେ ସହରାଞ୍ଚଳରେ ଦେଖାଯାଏ। ଏହାର ମୁଖ୍ୟ କାରଣ ହେଉଛି ଯାନବାହନ। ଯାନବାହନରେ ପେଟ୍ରୋଲ ଓ ଡିଜେଲ ଆଦି ଜୀବାଶ୍ମ ଇନ୍ଧନ ଦହନ ପରେ ସେଥିରୁ କାର୍ବନ୍ ମନୋକ୍ସାଇଡ୍, ସଲ୍‌ଫର ଡାଇଅକ୍ସାଇଡ୍, ଅଙ୍ଗାରକାମ୍ଳ ଓ କଣିକୀୟ ପଦାର୍ଥ ବାୟୁମଣ୍ଡଳକୁ ନିର୍ଗତ ହୋଇଥାଏ। ଦିନକୁ ଦିନ ସହରାଞ୍ଚଳରେ ବ୍ୟକ୍ତିଗତ ଯାନବାହନ ସଂଖ୍ୟା ବଢ଼ିଚାଲିଛି। ଅଫିସ ଆରମ୍ଭ ଓ ବନ୍ଦ ସମୟରେ ଭୁବନେଶ୍ୱର ମୁଖ୍ୟରାସ୍ତାରେ ଗାଡ଼ିର ଭିଡ଼ ଦେଖିଲେ ଏହା ଜଣାପଡ଼େ। ଏହାର ପ୍ରତିକାର ପାଇଁ ଯାନବାହନ ସଂଖ୍ୟାର ନିୟନ୍ତ୍ରଣ ଆବଶ୍ୟକ; କିନ୍ତୁ ଏହା କୌଣସି ଆଇନ ଦ୍ୱାରା ସମ୍ଭବ ନୁହେଁ। ଲୋକମାନେ ବ୍ୟକ୍ତିଗତ ଗାଡ଼ି ବଦଳରେ ବସ୍, ରେଳ ଆଦି ସାଧାରଣ ପରିବହନ ବ୍ୟବସ୍ଥାରେ ଯାତାୟାତ କରିବା ପାଇଁ ସଚେତନତା ଦରକାର। ଏଥିପାଇଁ ସରକାରୀ ସ୍ତରରେ ଅଧିକ ସଂଖ୍ୟକ ସାଧାରଣ ବସ୍‌ର ଚଳାଚଳ ଆବଶ୍ୟକ। ଦିଲ୍ଲୀରେ ଏପରି ବ୍ୟବସ୍ଥା ଥିଲେ ସୁଦ୍ଧା ବ୍ୟକ୍ତିଗତ ଗାଡ଼ି ସଂଖ୍ୟା ଏତେ ଅଧିକ ଯେ, ଦିଲ୍ଲୀ ସରକାର ଏହାକୁ ନିୟନ୍ତ୍ରଣ କରିବା ପାଇଁ ମଝିରେ ଯୁଗ୍ମ–ଅଯୁଗ୍ମ ସଂଖ୍ୟା ଥିବା ଗାଡ଼ି ଚଳାଇବା ପାଇଁ ନିର୍ଦ୍ଦେଶ ଦେଇଥିଲେ। ବିଭିନ୍ନ କାରଣରୁ ଏହାକୁ ମଧ୍ୟ ବିରୋଧ କରାଗଲା। ଅନ୍ୟ ଗୋଟିଏ ଉପାୟ ହେଉଛି ଅଧିକ ଦକ୍ଷତାବିଶିଷ୍ଟ ଇଞ୍ଜିନର ବ୍ୟବହାର। ଭାରତ ସରକାର ୨୦୧୭ ମସିହାରୁ ଦେଶରେ ୟୁରୋ–୬ ଭଳି ଭାରତ–୬ ମାନକ ଇଞ୍ଜିନର ବିକ୍ରି ପାଇଁ ନିର୍ଦ୍ଦେଶ ଦେଇଛନ୍ତି। ଦିଲ୍ଲୀରେ ଆସନ୍ତାବର୍ଷ ଭାରତ–୭ ମାନକ ଇଞ୍ଜିନ ପ୍ରଚଳନ ପାଇଁ ମଧ୍ୟ ପ୍ରସ୍ତାବ ଅଛି। ଏ ସବୁରୁ ବାୟୁମଣ୍ଡଳକୁ ଟିକିଏ କମ୍ ପ୍ରଦୂଷକ ନିର୍ଗତ ହୋଇଥାଏ। କିନ୍ତୁ ଏହା ସମ୍ପୂର୍ଣ୍ଣ ସମାଧାନ ନୁହେଁ। ଯାନବାହନ ଉତ୍ସର୍ଜନର ନିୟନ୍ତ୍ରଣ ପାଇଁ ନୀତି ଆୟୋଗ କିଛି ପ୍ରସ୍ତାବ ଦେଇଛି। କମ୍ ଦକ୍ଷତା ଥିବା ଓ ପ୍ରଦୂଷଣ ସୃଷ୍ଟି କରୁଥିବା ଯାନବାହନ ଉପରେ ଅଧିକ କର ବସାଇବା ଏବଂ ଅଧିକ ଦକ୍ଷ ଗାଡ଼ିଗୁଡ଼ିକୁ ଟିକସରେ ରିହାତି ଦେବା ପାଇଁ ପ୍ରସ୍ତାବ ଅଛି। ଏହି ବ୍ୟବସ୍ଥା ଅଷ୍ଟ୍ରିଆ, ଡେନ୍‌ମାର୍କ, ଫ୍ରାନ୍ସ, ନେଦରଲାଣ୍ଡ, କାନାଡା ଓ ସିଙ୍ଗାପୁରରେ ପ୍ରଚଳିତ। ବ୍ୟକ୍ତିଗତ ଗାଡ଼ିର ବୀମା ଓ କର ବଢ଼ାଇବା, ପାର୍କିଙ୍ଗ ପାଇଁ ଅଧିକ ଅର୍ଥ ଆଦାୟ କରିବା ଏବଂ ସହରର ପ୍ରଦୂଷଣପ୍ରବଣ ଅଞ୍ଚଳକୁ ଗାଡ଼ିର ପ୍ରବେଶ ଉପରେ କଟକଣା କରିବାର ପ୍ରସ୍ତାବ ରହିଛି। ଅତି ପୁରୁଣା ଗାଡ଼ିଗୁଡ଼ିକର ପଞ୍ଜୀକରଣକୁ ନବୀକରଣ ନ କରି ଏଗୁଡ଼ିକୁ ବନ୍ଦ କରିଦେବା ପାଇଁ ପ୍ରସ୍ତାବ ଅଛି। ସହରବାସୀଙ୍କୁ ବାୟୁ ପ୍ରଦୂଷଣ କବଳରୁ ରକ୍ଷା କରିବାକୁ ହେଲେ ପେଟ୍ରୋଲ ଓ ଡିଜେଲଚାଳିତ ଯାନବାହନ ଚଳାଚଳକୁ ସମ୍ପୂର୍ଣ୍ଣ ରୂପେ ବନ୍ଦ କରିଦେଇ ସବୁଜ ପରିବହନ ବ୍ୟବସ୍ଥା କରିବାକୁ ହେବ। ଏଥିପାଇଁ ବାୟୁ ପ୍ରଦୂଷଣ କରୁ ନ ଥିବା ବିକଳ୍ପ ଶକ୍ତିଉତ୍ସ ବାହାର କରିବାକୁ ପଡ଼ିବ। ସୁଯୋଗବଶତଃ ବିକଳ୍ପ ଭାବେ ବିଦ୍ୟୁତ୍ ଗାଡ଼ିର ବିକାଶ କରାଯାଇଛି। ଏଥିପାଇଁ ପ୍ରତି ଗାଡ଼ିରେ ଗୋଟିଏ ବ୍ୟାଟେରି ରହିବ ଏବଂ ବ୍ୟାଟେରିରୁ ବିଦ୍ୟୁତ୍ ଶକ୍ତି ନେଇ ଇଞ୍ଜିନ ଚାଲିବ। ବର୍ତ୍ତମାନ ସୀମିତ ଭାବେ କେତୋଟି ବିଦ୍ୟୁତ୍ ଗାଡ଼ି ଚଳପ୍ରଚଳ କରୁଛି। ଏହାର ବେଗ କମ୍ ଅଛି। ଏଣୁ ଏହାକୁ ବିଭିନ୍ନ କାର୍ଯ୍ୟାଳୟ ଓ କାରଖାନା ପରିସର, ରେଳୱେ ଷ୍ଟେଶନ, ବିମାନ ଘାଟି ଆଦିରେ ବ୍ୟବହାର କରାଯାଉଛି। ସାର୍ବଜନୀନ ଭାବେ ବିଦ୍ୟୁତ୍ ଗାଡ଼ିର ବ୍ୟବହାର ପାଇଁ ବ୍ୟାଟେରି ପ୍ରଯୁକ୍ତି ବିଦ୍ୟାର ଅଧିକ ବିକାଶ ଦରକାର ଏବଂ ବିଭିନ୍ନ ପରୀକ୍ଷାଗାରରେ ଏଥିପାଇଁ ଗବେଷଣା ଚାଲିଛି। କେନ୍ଦ୍ର ସରକାରଙ୍କ ସମସ୍ତ ସଂସ୍ଥା ୧୫ ବର୍ଷରୁ ଅଧିକ ପୁରୁଣା ଗାଡ଼ି ଜାଗାରେ ବିଦ୍ୟୁତ୍‌ଚାଳିତ ଗାଡ଼ି କିଣିବା ପାଇଁ ନୀତି ଆୟୋଗ ପ୍ରସ୍ତାବ ଦେଇଛି। ପୁନଶ୍ଚ ଦୁଇଚକିଆ ବାଇକ୍ ଓ ତିନିଚକିଆ ଅଟୋଗୁଡ଼ିକୁ ବିଦ୍ୟୁତ୍ ଦ୍ୱାରା ଚଳାଇବା ପାଇଁ ପ୍ରସ୍ତାବ ଦିଆଯାଇଛି। ୨୦୩୦ ମସିହା ପରେ ଦେଶରେ ଡିଜେଲ ଓ ପେଟ୍ରୋଲଚାଳିତ ଗାଡ଼ିଗୁଡ଼ିକର ଉତ୍ପାଦନ ଏବଂ ବିକ୍ରିକୁ ନିଷେଧ କରିବା ପାଇଁ ସରକାର ନୀତିଗତ ନିଷ୍ପତ୍ତି ନେଇଛନ୍ତି। ସବୁଜ ପରିବହନ ବ୍ୟବସ୍ଥାକୁ ଗୁରୁତ୍ୱ ନ ଦେଲେ ଶେଷରେ ଦିଲ୍ଲୀ ଭଳି ଅନ୍ୟ ସହରଗୁଡ଼ିକର ଅବସ୍ଥା ଅସମ୍ଭାଳ ହୋଇପଡ଼ିବ। ବେଳହୁଁ ସାବଧାନ ହେବା ଉଚିତ।

୭୦, ଲକ୍ଷ୍ମୀବିହାର, ଫେଜ୍–୧,
ଭୁବନେଶ୍ୱର, ମୋ–୯୪୩୮୬୯୩୭୨୪

# ବାସିପାଣିରେ ପଚରା



ଡ. କୁଳାଙ୍ଗାର

ହଇରେ ମୋତେ କ'ଣ ଆଉ ବାସିପାଣିରେ ପଚାରୁନୁ? ଚିହ୍ନା ଲୋକଟିଏ, ଆପଣାର ମଣିଷଟିଏ ଆମକୁ ପୂର୍ବାପେକ୍ଷା ହତାଦର କରିବାର ଅନୁଭବ କଲେ ଆମେ ଏ ରୂଢ଼ିଟିର ପ୍ରୟୋଗ କରିଥାଉ! ଏଠାରେ ବାସିପାଣିକୁ ନିକୃଷ୍ଟ ଅର୍ଥରେ ବ୍ୟବହାର କରାଯାଇଛି। ନଚେତ୍ ଆମେ କହୁଥାନ୍ତେ– ହଇରେ ମୋତେ କ'ଣ ଆଉ ସଜପାଣିରେ ପଚାରୁନୁ? ନଚେତ୍ କହିଥାନ୍ତେ– କିରେ ମୋତେ କ'ଣ ଆଉ ମଦପାଣିରେ ପଚାରୁନୁ? ମାନେ ବାସିପାଣିଟି ପଚାରିବା ବା ବନ୍ଧୁ ଚର୍ଚ୍ଚା କରିବା ଯୋଗ୍ୟ ନୁହେଁ।

ଓଡ଼ିଆ ଘରକୁ ଅତିଥି ଆସିଲେ ସଜପାଣି ଢାଳଟିଏ ବଢେଇ ଦେବାର ବ୍ୟବସ୍ଥା ପ୍ରଚଳିତ। କିନ୍ତୁ ଏବେ ଆମେ କରୁଛେ କ'ଣ? ବନ୍ଧୁଟିଏ ଘରକୁ ଆସିଲେ ବାସିପାଣିରେ ପଚାରିବାଟା ଏବେ ପରମ୍ପରା ପାଲଟିଗଲାଣି। ପରେ ପରେ ବୋତଲ ଓ ଗିଲାସ ଢାଳର ସ୍ଥାନ ଗ୍ରହଣ କରିଛନ୍ତି। ରହିଲା ପାଣି! ଏବେ ଘରକୁ ଆସିଲେ ଆମେ ଦୋକାନକୁ ଧାଇଁଯାଉଚେ ଅବା ଘରେ ମହଜୁଦ୍ ଥିଲେ ଥଣ୍ଡା(ମୃଦୁପାନୀୟ) କିମ୍ବା ପ୍ୟାକେଜ୍‌ଡ ପାଣି ବୋତଲଟିଏ ଆଣି ଥୋଇଦେଉଛେ। ଉଭୟ ବାସି।

ମୃଦୁପାନୀୟ, ଯାହାର ଡାକନାମ ଥଣ୍ଡା, ଏବେ ଆମର ଜାତୀୟ ପାନୀୟ! କାରଣ ଏହାକୁ ଜାତି, ଧର୍ମ, ରୋଜଗାର ଓ ଦଳ ନିର୍ବିଶେଷରେ ସମସ୍ତେ ପିଅନ୍ତି। ଛୋଟରୁ ବଡ଼ ସବୁ ଦୋକାନରେ ଏହା ଉପଲବ୍ଧ। ରାସ୍ତାକଡ଼ରେ ଛିଡାହୋଇ ଥଣ୍ଡାଟେ ପିଇବାଟାକୁ ଅନେକେ ପ୍ରେଷ୍ଟିଜ୍ ବୋଲି ମନେ କରନ୍ତି। ଆଜିର ମଣିଷ ପାଇଁ ଶରୀରଠାରୁ ସମ୍ମାନ ବଡ଼। ତେଣୁ ଶରୀର ପାଇଁ କ୍ଷତିକାରକ ହେଲେ ମଧ୍ୟ ସମ୍ମାନ ବଢିବ ବୋଲି ଲୋକେ ଢକ ଢକ କରି ପିଇଯାଆନ୍ତି। ଥଣ୍ଡାର ନାନା ଦୁର୍ଗୁଣ ଅଛି ବୋଲି ବାରମ୍ବାର ପ୍ରକାଶ ପାଉଥିଲେ ମଧ୍ୟ ପ୍ରିୟଜନଟିଏ ହାବୁଡିଲେ ଆମେ ତାକୁ ଥଣ୍ଡା ନ ପିଆଇ ଛାଡୁନାହୁଁ! ଥଣ୍ଡାରେ କୀଟନାଶକ ଅଛି ବୋଲି ଅନେକେ କହିଥାଆନ୍ତି, ସେଇ ପ୍ରସଙ୍ଗକୁ ନେଇ କଥାଟିଏ–

ଝିଅକୁ ବରପକ୍ଷ ଦେଖିବାକୁ ଆସିବେ! ସେମାନଙ୍କ ପାଇଁ ଦୋକାନରୁ ଥଣ୍ଡା କିଣି ଫେରୁଥିବା ବାପ–ପୁଅଙ୍କୁ ଦେଖି ଶିକ୍ଷକ ପଚାରିଲେ– ଏ କୀଟନାଶକ କ'ଣ କରିବା ପାଇଁ ନେଉଛନ୍ତି?

ବାପା କହିଲେ– କୀଟଙ୍କୁ ନାଶ କରିବା ପାଇଁ!

ହଉ ଭଲକଥା। କିନ୍ତୁ ଖର୍ଚ୍ଚବହୁଳ କହି ଶିକ୍ଷକ ଚାଲିଗଲେ।

ଏବେ କୁନିପୁଅ ପଚାରିଲା– ବାପା, ତୁମେ ଶିକ୍ଷକଙ୍କୁ ମିଛ କାହିଁକି କହିଲ? ଆମେ ତ କୀଟ ନୁହେଁ ବରଂ ଅପାକୁ ଦେଖିବାକୁ ଆସୁଥିବା ଅତିଥିଙ୍କ ପାଇଁ ନେଉଛେ!

ସିଏ ମନେମନେ ଭାବିଲା– ପୁଅ, ତୁ ବଡ଼ ହେଲେ ଜାଣିବୁ ଏ ବରପକ୍ଷଗୁଡାକ କୀଟଙ୍କଠାରୁ ବି ଆହୁରି ଭୟଙ୍କର!

ପୁଅ ପୁଣି ପଚାରିଲା– ବାପା, କ'ଣ ଭାବୁଚ? କହୁନ, ଆମେ ଅତିଥିଙ୍କୁ ଏ କୀଟନାଶକ ଗୁଡିକ କାହିଁକି ପିଇବାକୁ ଦେବା?

ସିଏ ବୁଝେଇଲା– ଅତିଥିଙ୍କର ମଙ୍ଗଳ ପାଇଁ, କାରଣ ଯାକୁ ପିଇଲେ ତାଙ୍କ ପେଟରେ ଥିବା କୀଟଗୁଡାକ ଖତମ୍ ହୋଇଯିବେ!

ପୁଅ କହିଲା– ବଢ଼ିଆ ହେଲା, ଏଥର ଦେହ ଖରାପ ହେଲେ ଆମେ ଔଷଧ ନ ଖାଇ ଥଣ୍ଡା ପିଇଦେବା!'

ସମସ୍ତ ଥଣ୍ଡା ବାସି। କମ୍ପାନୀରେ ବଟ୍‌ଲିଂ ହୋଇ ଖରାବର୍ଷା ଖାଇ ଦୋକାନ ଆଗରେ ପଡ଼ି ପଡ଼ି ପାଳି ପଡ଼ିଲେ ରେଫ୍ରିଜରେଟରରେ ପଶନ୍ତି। ତା'ପରେ ଆମ ତଣ୍ଟିରେ ଢଳା ହୁଅନ୍ତି। ତେଣୁ ଆମେ ଅତିଥିଙ୍କୁ ଏହା ପିଇବାକୁ ଦେଇ ବାସିପାଣିରେ ପଚାରିଥାଉ। ଖାଲି କ'ଣ ଅତିଥି, ଓଷାବ୍ରତରେ ବ୍ରତଧାରୀଏ ପିଇ ଦିଅନ୍ତି, ପଣ୍ଡିତେ ଯଜ୍ଞବେଦିରେ ଦି ଢୋକ ମାରିଦେଇ ଉପଦେଶ ଦିଅନ୍ତି– ଥଣ୍ଡାରେ ମାରା ନାଇଁ!

ପାଣି କହିଲେ ଲୋକେ ଆଉ କୂଅ, ପୋଖରୀ କି ନଈର ପାଣିକୁ ନୁହେଁ ବରଂ ବୋତଲ ପାଣିକୁ ମନେପକାନ୍ତି। ଅନେକଙ୍କର ବଦ୍ଧମୂଳ ଧାରଣା ଏୟା କି, ଯେ କୌଣସି କମ୍ପାନୀର ହୋଇଥାଉ ପଛେ ବୋତଲରେ ଥାଇ ବିକ୍ରି ହେଉଥିବା ପାଣି ହିଁ ବିଶୁଦ୍ଧ। ପୂର୍ବରୁ ଥିଲା– ପାଣି ପିଇବ ଛାଣି, ପଇସା ନେବ ଗଣି। ଏବେ ଦୁଇଟି ଯାକ ବାକ୍ୟ ମିଶି ଗୋଟିଏ ହୋଇଯାଇଛି– ପାଣି ପିଇବ ଗଣି! ମାନେ ପଇସା ଗଣିଦିଅ, ପିଇବା ପାଇଁ ପାଣି ବୋତଲ କିଣିନିଅ! ସେ ବୋତଲରେ ପାଣି କୋଉଠୁ ଆସେ, କିଏ, କେବେ ତାକୁ ଭର୍ତ୍ତି କରିଥିଲା ସେଇଟା ଜାଣିବା ମୁସ୍କିଲ୍। ତଥାପି ବୋତଲ ପାଣି ପିଇବାଟାକୁ ବି ଆମେ ପ୍ରେଷ୍ଟିଜ୍ ଭାବରେ ଗ୍ରହଣ କରି ନେଲେଣି। ଶ୍ରାବଣ ମାସରେ ଅନେକ କାଉଡିଆ ଆଉ ଭାରରେ ଢାଳ ନ ଝୁଲେଇ ହାତରେ ଦୁଇଟା ବୋତଲ ଧରି ଶିବଙ୍କଠାରେ ଜଳଲାଗି କରିବାକୁ ଯାଉଛନ୍ତି।

ପାଣିର ପୁଣି ଭିନ୍ନ ଭିନ୍ନ ଦର ମଧ୍ୟ ରହିଛି! ଯେଉଁ ବୋତଲଟି ଯେତେ ଦାମୀ; ସେଥିରେ ଥିବା ପାଣି ସେତେ ନିର୍ମଳ ବୋଲି ଅନେକେ ବିଶ୍ୱାସ କରନ୍ତି। ଦାମୀ ହେଉ କି ଶସ୍ତା, ସମସ୍ତ ପାଣି ବୋତଲରେ ବାସିପାଣି ହିଁ ଥାଏ। ଅନେକ ଲୋକ ନିର୍ଦ୍ଦିଷ୍ଟ ବ୍ରାଣ୍ଡର ମଦ ପରି ନିର୍ଦ୍ଦିଷ୍ଟ ବ୍ରାଣ୍ଡର ବୋତଲ ପାଣି ହିଁ ପିଇଥାଆନ୍ତି। ତାହା ବ୍ୟତିରେକ ଅନ୍ୟ କିଛି ସିଏ ପିଅନ୍ତି ନାହିଁ। ଦୁଃଖର କଥା ତାଙ୍କୁ ମଧ୍ୟ ରୋଗ ହୁଏ।

ସତେଯେମିତି ଆମେ ପଣ କରିଛେ କି ଜୀବନରେ କେବେହେଲେ ସଜପାଣି ପିଇବା ନାହିଁ। ବୋତଲ ପାଣିର ଆଉ ଗୋଟେ ପରିଚୟ ହେଲା– ମିନେରାଲ୍ ୱାଟର। ସେଇ ପ୍ରସଙ୍ଗରେ କଥାଟିଏ–

ପ୍ରେମୀଯୁଗଳ ପ୍ରାକୃତିକ ଡେଟିଂରେ ଯାଇଥିଲେ। ଝରଣାରେ ଗାଧୋଇଲା ବେଳେ ପ୍ରେମିକ କହିଲା– ଶୋଷ ହେଲାଣି, କିନ୍ତୁ ତୁମକୁ ଛାଡିଯିବାକୁ ଇଚ୍ଛା ହେଉନି! ଯାଉଛି ଝରଣା ପାଣି ପିଇଦେବି।

ପ୍ରେମିକା କହିଲା– ଛି, ଦେହ ଖରାପ ହେବ! ମିନେରାଲ୍ ୱାଟର ପିଇବ ସିନା!

ପ୍ରେମିକ କହିଲା– ଏହା ତ ମିନେରାଲ୍ ୱାଟର।

ପ୍ରେମିକା କହିଲା– ମିଛୁ..!

ପ୍ରେମିକ କହିଲା– ସତ, ଦେଖ ଝରଣାଟି ପାହାଡ଼ରୁ ଝରିଛି ଆଉ ପାହାଡ଼ରେ ଅନେକ ମିନେରାଲ୍ ଅଛି, ଯାହା ଏଇ ପାଣିରେ ମିଶିଛି। ତେଣୁ ଏହା ହେଲା ମିନେରାଲ୍ ୱାଟର!

ବୋତଲର ସାନଭାଇ ହେଲା ପାଉଚ୍। ଏଇ ପାଉଚ୍ ହେଉଛି ଭୋଜିଭାତରେ ଅନ୍ୟତମ ଆଇଟମ୍। ଜରି ପୁଡିଆରେ ବାସିପାଣି ପିଇବାକୁ ପିଲାରୁ ବୁଢ଼ା ସମସ୍ତେ ବାୟା। ଯଦି ନ ଆସିଛି ତେବେ ଲୋକେ କହିବେ– ହଇରେ ଏତେ ଆୟୋଜନ କଲା, ଦି ଚାରିବସ୍ତା ପାଣି ପାଉଚ୍ ଆଣିପାରିଲାନି! ଅତଏବ ଆମେ ସମସ୍ତେ ଏବେ ବାସିପାଣିର ପ୍ରେମୀ। ତେଣୁ ସମସ୍ତେ ସମସ୍ତଙ୍କୁ ବାସି ପାଣିରେ ପଚାରିବାରେ ବ୍ୟସ୍ତ!

ଗାନ୍ଧୀ ପଣ୍ଡା କଳାଘର, ଅଲରା, ନରସିଂହପୁର,
କଟକ, ମୋ– ୯୩୩୮୫୮୧୩୦୯,
dr.kulangar@gmail.com

## ଆମ ସମସ୍ୟା

### ଅର୍ଥ ମଞ୍ଜୁର ପରେ ବି କାମ ହେଉନି

ମହାଶୟ,

ଭଦ୍ରକ ଅଧୀନ ସାବରଙ୍ଗ ଗ୍ରାମପଞ୍ଚାୟତ ୱାର୍ଡ ନଂ.୬ରେ ଗାଁରୁ ପଞ୍ଚାୟତ ଅଫିସ ଆଗଦେଇ ମୁଖ୍ୟରାସ୍ତାକୁ ସଂଲଗ୍ନ କରୁଥିବା ରାସ୍ତାଟି ଖାଲଢିପରେ ପୂର୍ଣ୍ଣ। ଛୋଟବଡ ପଥର ସବୁ ଉପରକୁ ବାହାରି ପଡିଥିବାରୁ ପଥଚାରୀ ଝୁଣ୍ଟିପଡି କ୍ଷତବିକ୍ଷତ ହେଉଛନ୍ତି। ଏହିଭଳି ଦୈନିକ ଛୋଟବଡ ଦୁର୍ଘଟଣାମାନ ଘଟୁଛି। ଏହି ଦୁର୍ଘଟଣାରେ ଜଣେ ସାଇକେଲ ଆରୋହୀ ରାସ୍ତାରେ ପଡିଯାଇ କ୍ଷତବିକ୍ଷତ ହୋଇ ଡାକ୍ତରଖାନାରେ ପଡିଛନ୍ତି। ସରପଞ୍ଚଙ୍କ ସୂତ୍ରରୁ ପ୍ରକାଶ ଯେ ରାସ୍ତା ପାଇଁ ଅର୍ଥ ମଞ୍ଜୁର ହୋଇଥିଲେ ବି କାମ ହେଉନାହିଁ। ଅଧିକ ବିଳମ୍ବ ଜନଅସନ୍ତୋଷ ବୃଦ୍ଧି କରିବ। ସୁତରାଂ ଯଥାଶୀଘ୍ର କାମ ଆରମ୍ଭ କରିବାକୁ ବିଭାଗୀୟ ଅଧିକାରୀଙ୍କୁ ଅନୁରୋଧ।

ଯଦୁନାଥ ସାହୁ, ସାବରଙ୍ଗ, ଭଦ୍ରକ

### ଶୁଣିବାକୁ କେହି ନାହାନ୍ତି

ଖୋର୍ଦ୍ଧା ଜିଲାର ଜଟଣୀ ସହରକୁ ବାହ୍ୟ ମଳମୁକ୍ତ ଅଞ୍ଚଳ ଭାବେ ଘୋଷଣା କରାଯାଇଛି। କିନ୍ତୁ ସହରର ଅବସ୍ଥା ଯଥା ପୂର୍ବଂ ତଥା ପରମ୍। ନଭେମ୍ବର ୨୦୧୮ରେ ମ୍ୟୁନିସିପାଲିଟି କାଉନସିଲ କାର୍ଯ୍ୟକାଳ ଶେଷ ହୋଇଥିବା ବେଳେ କିଛିଦିନ ତଳେ ମ୍ୟୁନିସିପାଲିଟିର କାର୍ଯ୍ୟନିର୍ବାହୀ ଅଧିକାରୀଙ୍କୁ ଲାଞ୍ଚ ନେଉଥିବାରୁ ଭିଜିଲାନ୍ସ ଧରି କୋର୍ଟ ପଠାଇ ଦେଇଛନ୍ତି। ଫଳରେ ଜଟଣୀ ମ୍ୟୁନିସିପାଲିଟି କାର୍ଯ୍ୟାଳୟ ଖାଁ ଖାଁ, ସତେଯେପରି ଲୋକଙ୍କ ଦୁଃଖ ବୁଝିବା ପାଇଁ କେହି ନାହାନ୍ତି। ଜଟଣୀ ସହରରେ କୁଢ କୁଢ ଆବର୍ଜନା ଜମା ହୋଇ ରହିଛି। ମ୍ୟୁନିସିପାଲିଟି ଲୋକମାନଙ୍କଠାରୁ ଟ୍ୟାକ୍ସ ଆଦାୟ କରୁଥିବା ବେଳେ ସେମାନଙ୍କୁ ସର୍ବନିମ୍ନ ସେବା ଯୋଗାଇବାରେ ବିଫଳ ହୋଇଛି। ଏ ସମସ୍ୟାର ତୁରନ୍ତ ସମାଧାନ ହେଉ।

ଶ୍ରୀନିବାସ ମଙ୍ଗରାଜ, କୁଦିଆରୀ, ଜଟଣୀ, ଖୋର୍ଦ୍ଧା

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି–୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର–୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

## ଏଇ ଭାରତରେ

ଭଲ ପାଇବାର ହୃଦୟଟିଏ ଥିଲେ କେତେକ ପୁରୁଷ ଓ ମହିଳା ଅତିକ୍ରାନ୍ତ ବୟସରେ ବି ଭଲପାଇ ବସନ୍ତି। ତେବେ ଭଲ ପାଇବା ପାଇଁ ଜଣେ ବିବାହିତା ମହିଳା ଏକ ଅଭିନବ ପନ୍ଥା ଆପଣାଇଥିଲେ। ସେ ନିଜକୁ ଅବିବାହିତା ଦର୍ଶାଇବା ପାଇଁ ବୟସ ପ୍ରମାଣପତ୍ର ବି ଯୋଗାଡ କରିଥିଲେ। ଶେଷରେ ତାଙ୍କ ଭଲ ପାଇବାର ଇଚ୍ଛା ଫଳବତୀ ହୋଇଥିଲେ ବି ଶେଷରେ ଷଡ଼ଯନ୍ତ୍ର ଧରାପଡ଼ିଯାଇଛି। ମଧ୍ୟପ୍ରଦେଶରେ ଘଟିଛି ଏପରି ଏକ ଅଭାବନୀୟ ଘଟଣା। ଏକ ଗ୍ରାହକ ସେବା କେନ୍ଦ୍ରରେ କାର୍ଯ୍ୟ କରୁଥିବା ଜଣେ ବିବାହିତା ମହିଳା ନିଜକୁ ଅବିବାହିତା କହି ଜଣେ ମେଜରଙ୍କୁ ବିବାହ କରିଥିଲେ। ମହିଳା ଜଣକ ନକଲି ବୟସଗତ ପ୍ରମାଣପତ୍ର ଯୋଗାଡ କରିଥିଲେ। ଏହାପରେ ସେ ହନିମୁନ୍ ପାଇଁ ଆଣ୍ଡାମାନ ଚାଲିଯାଇଥିଲେ। ନିଜ ଝିଅକୁ ମେଜରଙ୍କ ସହିତ ସାକ୍ଷାତ କରାଇ ବାନ୍ଧବୀ ଭାବେ ପରିଚୟ ଦେଇଥିଲେ। ତେବେ ବିବାହ ପାଇଁ ଠକିଥିବା ମହିଳାଙ୍କ ନାମରେ ମେଜରଙ୍କ ପିତା ସତୀଶ କୁମାର ଥାନାରେ ଏକ ମାମଲା ରୁଜୁ କରିଛନ୍ତି। ସତୀଶଙ୍କ ଅଭିଯୋଗ ଆଧାରରେ ପୋଲିସ ତଦନ୍ତ ଆରମ୍ଭ କରିଛି।

### ଚିରନ୍ତନୀ

ପୁତ୍ର ହସ୍ତେ ବୁହାଇଲ ଜନକର ରୁଧିର ଝରଣା
ଭରିଲ ରୂପସୀ ବୁକେ ଅବିଶ୍ୱାସ ବିଷର ବାସନା।
(ସୁନା)
–କାଳିନ୍ଦୀ ଚରଣ ପାଣିଗ୍ରାହୀ

### ୨୫ ବର୍ଷ ତଳର ଧରିତ୍ରୀ

୨୧ ଜାନୁୟାରୀ ୧୯୯୪

- ରୁଷିଆ ଭାରତକୁ ୭ଟି କ୍ରାୟୋଜେନିକ ରକେଟ ଇଞ୍ଜିନ ଯୋଗାଇଦେବାକୁ ପ୍ରସ୍ତୁତ ଥିବା ବିଷୟ ରୁଷିଆ ମହାକାଶ ସଂସ୍ଥା ପକ୍ଷରୁ କୁହାଯାଇଛି।
- ଜନତାଦଳର ସଭାପତି ଏସ୍.ଆର. ବୋମାଇଙ୍କ ଅନୁପସ୍ଥିତିରେ ବରିଷ୍ଠ ନେତା ଜର୍ଜ ଫର୍ଣ୍ଣାଣ୍ଡିଜଙ୍କୁ ସଭାପତି କାର୍ଯ୍ୟ କରିବା ଲାଗି କ୍ଷମତା ଦିଆଗଲା।

## ସାପ୍ତାହିକ ପଞ୍ଜିକା

ଜାନୁୟାରୀ ୧୩– କେନ୍ଦ୍ର ସରକାର ଚାଇନା ସୀମାରେ ୨୧୦୦୦ କୋଟି ଟଙ୍କା ବ୍ୟୟରେ ୪୪ଟି ରାସ୍ତା ଏବଂ ପାକିସ୍ତାନ ସୀମା ପଞ୍ଜାବ ଓ ରାଜସ୍ଥାନରେ ୫୪୦୦ କୋଟି ଟଙ୍କା ବ୍ୟୟରେ ୨୧୦୦ କିଲୋମିଟର ରାସ୍ତା ନିର୍ମାଣ କରିବାକୁ ଯୋଜନା କରିଛନ୍ତି।

୧୪– ସାଧାରଣ ବର୍ଗର ଆର୍ଥିକ ଦୁର୍ବଳ ଶ୍ରେଣୀ ଲାଗି ନିଯୁକ୍ତି ଓ ଶିକ୍ଷା କ୍ଷେତ୍ରରେ ୧୦ ପ୍ରତିଶତ ସ୍ଥାନ ସଂରକ୍ଷଣ ଲାଗୁ ହେଲା।

୧୫– ବ୍ରିଟିଶ ପାର୍ଲାମେଣ୍ଟରେ ବ୍ରେକ୍‌ଜିଟ ଚୁକ୍ତିନାମା ଉପରେ ଅନୁଷ୍ଠିତ ଐତିହାସିକ ଭୋଟ୍‌ରେ ଥେରେସା ମେ ହାରିଯାଇଛନ୍ତି।

୧୬– ଝାରସୁଗୁଡ଼ା ବିଧାୟକ ନବ ଦାସ କଂଗ୍ରେସର ପ୍ରାଥମିକ ସଦସ୍ୟ ପଦରୁ ଇସ୍ତଫା ଦେଲେ।

* କର୍ନାଟକ ହାଇକୋର୍ଟର ମୁଖ୍ୟ ବିଚାରପତି ଦିନେଶ ମାହେଶ୍ୱରୀ ଓ ଦିଲ୍ଲୀ ହାଇକୋର୍ଟ ବିଚାରପତି ସଞ୍ଜୀବ ଖାନ୍ନାଙ୍କୁ ସୁପ୍ରିମ୍‌କୋର୍ଟର ବିଚାରପତି ଭାବେ ପଦୋନ୍ନତି ଦିଆଯାଇଛି।

୧୭– ସିବିଆଇର ସ୍ୱତନ୍ତ୍ର ନିର୍ଦ୍ଦେଶକ ରାକେଶ ଆସ୍ଥାନାଙ୍କୁ ସରକାର ତାଙ୍କ ପଦରୁ ହଟାଇଦେଇଛନ୍ତି।

* ଓଡ଼ିଆ ଆଇପିଏସ୍ ଅଫିସର ସତ୍ୟନାରାୟଣ ପ୍ରଧାନ ଜାତୀୟ ବିପର୍ଯ୍ୟୟ ପ୍ରଶମନ ବଳର ମହାନିର୍ଦ୍ଦେଶକ ଭାବେ ନିଯୁକ୍ତ ହେଲେ।

୧୮– ଜଷ୍ଟିସ୍ ଦିନେଶ ମାହେଶ୍ୱରୀ ଓ ଦିନେଶ ଖାନ୍ନା ସୁପ୍ରିମ୍‌କୋର୍ଟର ବିଚାରପତି ଭାବେ ଶପଥ ଗ୍ରହଣ କଲେ। ବରିଷ୍ଠତାକୁ ଉପେକ୍ଷା କରି ଏମାନଙ୍କୁ ନିଯୁକ୍ତି ଦିଆଯାଇଥିବାରୁ ବିବାଦ ଦେଖାଦେଇଛି।



ପ୍ରଥମ ପୁରସ୍କାର ବିଜେତା ବାବୁରାମ ପାତ୍ର(ମଝି), ଦ୍ୱିତୀୟ ପୁରସ୍କାର ବିଜେତା ନାଜିଆ ସୁମ୍ବୁଲ(ବାମ), ତୃତୀୟ ପୁରସ୍କାର ବିଜେତା ଅରୁଣ କୁମାର ବାଗ୍ (ଡାହାଣ) ଙ୍କ ସହ 'ଧରିତ୍ରୀ' ଏବଂ 'ଓଡ଼ିଶାପୋଷ୍ଟ'ର ମୁଖ୍ୟ କାର୍ଯ୍ୟନିର୍ବାହୀ ଆଦ୍ୟାଶା ସତପଥୀ, ଡାଇରେକ୍ଟର(ମାର୍କେଟିଂ) ହିମାଂଶୁ ହୋତା ଓ ଟିଭିଏସ୍ ମୋଟର୍ସ ଓଡ଼ିଶା ଏରିଆ ମ୍ୟାନେଜର (ସେଲ୍ସ) ଡି. ବାପି ରାଜୁ, ଟେରିଟୋରି ମ୍ୟାନେଜର (ସେଲ୍ସ) ମୟଙ୍କ ଅଗ୍ରୱାଲ।

# ପାଠିକାପାଠକ ଆମର ସମ୍ପତ୍ତି

**ଭୁବନେଶ୍ୱର, ୨୦।୧(ବ୍ୟୁରୋ)**

'ଧରିତ୍ରୀ ପୂଜା କୁଇଜ୍-୨୦୧୮'ର ପୁରସ୍କାର ବିତରଣ ଉତ୍ସବ ରବିବାର ମାଷ୍ଟରକ୍ୟାଣ୍ଟିନସ୍ଥିତ ପ୍ରେସ୍ କ୍ଲବ ଅଫ୍ ଓଡ଼ିଶାଠାରେ ଅନୁଷ୍ଠିତ ହୋଇଯାଇଛି। ୨୦୧୮ର ମେଗା ୱିନରମାନଙ୍କୁ 'ଟିଭିଏସ୍' ପକ୍ଷରୁ ଦୁଇଚକିଆ ଗାଡ଼ି ପ୍ରଦାନ କରାଯାଇଛି। ପ୍ରଥମ ପୁରସ୍କାର ବିଜେତା ହେଲେ କେନ୍ଦ୍ରାପଡ଼ା ଜିଲା ଖଡ଼ିପାଳର ବାବୁରାମ ପାତ୍ର। ତାଙ୍କୁ ପୁରସ୍କାର ବାବଦରେ ଟିଭିଏସ୍ ଆପାଚି ୧୬୦ସିସି ବାଇକ୍ ଦିଆଯାଇଛି। ସେହିପରି ଦ୍ୱିତୀୟ ପୁରସ୍କାର ବିଜେତା ଢେଙ୍କାନାଳ ମୀନାବଜାରର ନାଜିଆ ସୁମ୍ବୁଲଙ୍କୁ ଜୁପିଟର ସ୍କୁଟର ଏବଂ ତୃତୀୟ ପୁରସ୍କାର ବିଜେତା କୋରାପୁଟ ଜିଲା କୋଟପାଡ଼ର ଅରୁଣ କୁମାର ବାଗ୍‌ଙ୍କୁ ସ୍କୁଟି ପେପ୍ ପ୍ଲସ୍ ପ୍ରଦାନ କରାଯାଇଛି। ୫ଜଣଙ୍କୁ ସାନ୍ତ୍ୱନାମୂଳକ ପୁରସ୍କାର ବାବଦରେ 'ନିକନ' ତରଫରୁ ନିକନ କ୍ୟାମେରା ପ୍ରଦାନ କରାଯାଇଥିବାବେଳେ ୭୨ଜଣଙ୍କୁ ଡେଲି ୱିନର୍ସ ଭାବେ ଶପିଂ ମଲ୍ 'ସେଣ୍ଟ୍ରାଲ' ପକ୍ଷରୁ ୧ ହଜାର ଟଙ୍କାର ଗିଫ୍ଟ ଭାଉଚର ଦିଆଯାଇ ପୁରସ୍କୃତ କରାଯାଇଛି। ଏଥି ସହିତ କୁମୁଦିନୀ ପଣ୍ଡାଙ୍କୁ 'ଲକି ଫ୍ରମ୍ ଅନ୍‌ଲକି' ଭାବେ ପୁରସ୍କୃତ କରାଯାଇଛି। 'ଧରିତ୍ରୀ' ଏବଂ 'ଓଡ଼ିଶାପୋଷ୍ଟ'ର ସମ୍ପାଦକ ତଥାଗତ ସତପଥୀ, ମୁଖ୍ୟ କାର୍ଯ୍ୟନିର୍ବାହୀ ଆଦ୍ୟାଶା ସତପଥୀ, ଡାଇରେକ୍ଟର(ମାର୍କେଟିଂ) ହିମାଂଶୁ ହୋତା, ଟିଭିଏସ୍ ମୋଟର୍ସ ଓଡ଼ିଶା ଏରିଆ ମ୍ୟାନେଜର (ସେଲ୍ସ) ଡି. ବାପି ରାଜୁ, ଟେରିଟୋରି ମ୍ୟାନେଜର (ସେଲ୍ସ) ମୟଙ୍କ ଅଗ୍ରୱାଲ, ନିକନ ଓଡ଼ିଶା ଶାଖାର ଆସିଷ୍ଟାଣ୍ଟ ମ୍ୟାନେଜର(ସେଲ୍ସ) ଦେବେଶ ମାଝି ବିଜେତାମାନଙ୍କୁ ପୁରସ୍କୃତ କରିଥିଲେ।

ଏହି ଅବସରରେ ଧରିତ୍ରୀ ସମ୍ପାଦକ ତଥାଗତ ସତପଥୀ କହିଛନ୍ତି, ମା'ର କର୍ତ୍ତବ୍ୟ ହେଉଛି ସେ ପିଲାଠାରୁ କିଛି ନିଏନାହିଁ। ଆମେ ଯଦି ମାନସିକସ୍ତରଠାରୁ ଆରମ୍ଭ କରି ସାମାଜିକ, ସାଂସ୍କୃତିକ ସବୁ ସ୍ତରରେ ଗୋଟିଏ ଜାଗାରେ ରହିପାରୁଛୁ ତାହା କେବଳ ମା' ଯୋଗୁ ହୋଇପାରୁଛି। ମା' ହେଉଛି 'ଧରିତ୍ରୀ'। 'ଧରିତ୍ରୀ'ର କର୍ତ୍ତବ୍ୟ ହେଉଛି ସିଏ ଦେବ, ନେବନି। ପାଠିକାପାଠକଙ୍କୁ ଉଦ୍‌ବୋଧନ ଦେଇ କହିଛନ୍ତି ଆପଣମାନେ ହେଉଛନ୍ତି ଆମର ହଜାର ହଜାର କୋଟି ଟଙ୍କାର ସମ୍ପତ୍ତି। ମୁଖ୍ୟ କାର୍ଯ୍ୟନିର୍ବାହୀ ଆଦ୍ୟାଶା ସତପଥୀ ଯୋଗଦେଇ କହିଛନ୍ତି, ପାଠିକାପାଠକ ହେଉଛନ୍ତି ଆମର ବଡ଼ ସମ୍ପତ୍ତି। ଆମର ସେଭଳି କୌଣସି ଖଣି, ଖାଦାନ, ବଡ଼ ବଡ଼ କଲେଜ ନାହିଁ। ତେଣୁ ରୋଜଗାର କରିବା ପାଇଁ ଆମର କୌଣସି ଉତ୍ସ ନାହିଁ। ଆମେ କେବଳ ସାମ୍ବାଦିକତା ଦ୍ୱାରା ବଞ୍ଚିଛୁ। ଯେହେତୁ ଆମର କୌଣସି ଅନ୍ୟ ବ୍ୟବସାୟ ନାହିଁ ତେଣୁ ଆମେ ନିର୍ଭୀକ ସାମ୍ବାଦିକତା କରିପାରୁଛୁ। ଯେଉଁଠି ବି ଅନ୍ୟାୟ ଦେଖୁଛୁ ତାହା ପାଠିକାପାଠକଙ୍କ ସାମ୍ନାରେ ରଖୁଛୁ।

ଏହି ପରିପ୍ରେକ୍ଷୀରେ କଣ୍ଠଶିଳ୍ପୀ କାଜୋଲ ଓ ବିଭୁଙ୍କ ସଙ୍ଗୀତଭିତ୍ତିକ କାର୍ଯ୍ୟକ୍ରମ ଉପସ୍ଥିତ ପାଠିକାପାଠକଙ୍କୁ ମନୋରଞ୍ଜନ କରାଇଥିଲା। କାର୍ଯ୍ୟକ୍ରମରେ ମୁକେଶ ସଂଯୋଜନା କରିଥିଲେ। ସୂଚନାଯୋଗ୍ୟ, 'ଧରିତ୍ରୀ ପୂଜା କୁଇଜ୍-୨୦୧୮' ଗତ ଅକ୍ଟୋବର ୧୩ରୁ ନଭେମ୍ବର ୭ ପର୍ଯ୍ୟନ୍ତ ନିୟମିତ ପ୍ରକାଶ ପାଇଥିଲା। ଗତ ଡିସେମ୍ବର ୨୪ରେ ଏକ ଲକି ଡ୍ର କାର୍ଯ୍ୟକ୍ରମ ମାଧ୍ୟମରେ ବିଜେତାଙ୍କ ନାମ ଘୋଷଣା କରାଯାଇଥିଲା।




ଜଣେ ସାନ୍ତ୍ୱନାମୂଳକ ପୁରସ୍କାର ବିଜେତାଙ୍କୁ ନିକନ୍ ଓଡ଼ିଶା ଶାଖାର ଆସିଷ୍ଟାଣ୍ଟ ମ୍ୟାନେଜର(ସେଲ୍ସ) ଦେବେଶ ମାଝି ପୁରସ୍କୃତ କରୁଛନ୍ତି।




ଜଣେ ଡେଲି ୱିନର୍‌ଙ୍କୁ ଟିଭିଏସ୍ ମୋଟର୍ସ ଓଡ଼ିଶା ଏରିଆ ମ୍ୟାନେଜର (ସେଲ୍ସ) ଡି. ବାପି ରାଜୁ ପୁରସ୍କୃତ କରୁଛନ୍ତି। ନିକଟରେ ଅଛନ୍ତି 'ଧରିତ୍ରୀ' ଏବଂ 'ଓଡ଼ିଶାପୋଷ୍ଟ'ର ମୁଖ୍ୟ କାର୍ଯ୍ୟନିର୍ବାହୀ ଆଦ୍ୟାଶା ସତପଥୀ।



ପୁରସ୍କାର ବିତରଣ ଉତ୍ସବରେ ଉପସ୍ଥିତ ପାଠିକାପାଠକ, ବିଜେତା।





କଣ୍ଠଶିଳ୍ପୀ ବିଭୁ ଓ କାଜୋଲଙ୍କ ସଙ୍ଗୀତ ପରିବେଷଣ।




ଭୁବନେଶ୍ୱର ମାଷ୍ଟରକ୍ୟାଣ୍ଟିନସ୍ଥିତ ପ୍ରେସ୍ କ୍ଲବ ଅଫ୍ ଓଡ଼ିଶା ପରିସରରେ ରବିବାର ଆୟୋଜିତ 'ଧରିତ୍ରୀ ପୂଜା କୁଇଜ୍-୨୦୧୮'ର ପୁରସ୍କାର ବିତରଣ ଉତ୍ସବରେ ଡେଲି ୱିନର୍‌ଭାବେ ପୁରସ୍କୃତ ହୋଇଥିବା ପ୍ରତିଯୋଗୀ ଓ ଅନ୍ୟମାନେ।



ଗୁଜରାଟର ସୌରାଷ୍ଟ୍ର ଏବଂ କୁଚ୍ ଅଞ୍ଚଳରେ ରବିବାର ୨ ଥର ଭୂକମ୍ପର ଝଟ୍କା ଅନୁଭୂତ ହୋଇଛି। ପ୍ରଥମଟି ୧.୪ ରିକ୍ଟର ସ୍କେଲ୍ ତୀବ୍ରତା ବିଶିଷ୍ଟ ରହିଥିଲା। ଏହାର କେନ୍ଦ୍ରସ୍ଥଳ କୁଚ୍ ଅଞ୍ଚଳର ବାଚାହୁଠାରୁ ୮ କିମି ଦୂର ବୋଲି ଜଣାପଡ଼ିଥିଲା। ଦ୍ୱିତୀୟଟି ୪.୧ ରିକ୍ଟର ସ୍କେଲ୍ ତୀବ୍ରତା ବିଶିଷ୍ଟ ଥିଲା। ସୌରାଷ୍ଟ୍ରର ଉନାଠାରୁ ୩୮ କିମି ଦୂରରେ ଏହାର କେନ୍ଦ୍ରସ୍ଥଳ ରହିଥିଲା।

# ମଥୁରାରେ ବେନିଭାଇ, ଆଜି କଂସ ବଧ

**ବରଗଡ଼ ଧନୁଯାତ୍ରା**

**ମଥୁରାନଗରୀ,୨୦।୧**

ବରଗଡ଼ ଧନୁଯାତ୍ରା ମହୋତ୍ସବର ରବିବାର ଦଶମ ଦିବସରେ ଶ୍ରୀକୃଷ୍ଣ, ବଳରାମଙ୍କ ମଥୁରା ପରିଭ୍ରମଣ ମୁଖ୍ୟ ଆକର୍ଷଣ ରହିଥିଲା। ପରିଭ୍ରମଣ ସମୟରେ ରାଜଘାଟରେ ରଜକଙ୍କ ସହିତ ସେମାନଙ୍କ ସାକ୍ଷାତ ହୋଇଥିଲା । ସେହିପରି ଖଜୁରଟିକ୍ରା ସ୍କୁଲର ଶିଶୁ ମଣ୍ଡପରେ ସୁଦାମା ମାଳିଙ୍କ ସହିତ ବେନିଭାଇଙ୍କ ଦେଖା ହୋଇଥିଲା ଏବଂ ସେଠାରେ ସୁଦାମା ମାଳି ଶ୍ରୀକୃଷ୍ଣଙ୍କ ଗୁଣଗାନ କରି ବେନିଭାଇଙ୍କୁ ଫୁଲମାଳ ପ୍ରଦାନ କରିଥିଲେ। ଏହାପରେ ବେନିଭାଇ ସ୍ଥାନୀୟ ଗୌରୀଶଙ୍କର ମନ୍ଦିର ଦେଇ ମଥୁରାଭ୍ରମଣ କରିବା ବାଟରେ ବରଗଡ଼ ଉପଜିଲାପାଳଙ୍କ ଆବାସିକ କାର୍ଯ୍ୟାଳୟ ତଥା ସରକାରୀ ବାସଭବନକୁ ଯାଇଥିଲେ । ସେଠାରେ ଉପଜିଲାପାଳ ଦେବେନ୍ଦ୍ର କୁମାର ନନ୍ଦ ସସ୍ତ୍ରୀକ ବେନିଭାଇଙ୍କୁ ନେଇ ମଣ୍ଡପରେ ପୂଜାର୍ଚ୍ଚନା କରିଥିଲେ । ଏହାପରେ ଶ୍ରୀକୃଷ୍ଣ, ବଳରାମ ମାଁ ଶ୍ୟାମାକାଳୀ ମନ୍ଦିରରେ ପହଞ୍ଚିଥିଲେ ଏବଂ କୁବ୍ଜାଙ୍କୁ ଅଭିଶାପରୁ ମୁକ୍ତ କରିଥିଲେ ।



ଶ୍ରୀକୃଷ୍ଣ ଓ ବଳରାମଙ୍କ ସହିତ ସୁଦାମା ମାଳିଙ୍କ ସାକ୍ଷାତ ଦୃଶ୍ୟ ।

ଅନ୍ୟପଟେ ମହାରାଜ କଂସ ଦିଗ୍‌ବିଜୟ ସାରି ହାଟପଦାସ୍ଥିତ ରଙ୍ଗମହଲ ଆସି ନୃତ୍ୟଗୀତରେ ମସଗୁଲ ହେବା ପରେ ଲୋକମଣ୍ଡପ ପଡ଼ିଆର ରାଜ ଦରବାରକୁ ପହଞ୍ଚିଥିଲେ। ଶ୍ରୀକୃଷ୍ଣ, ବଳରାମ ମଥୁରାରେ ପହଞ୍ଚିଥିବା ଖବର ପାଇ କଂସ ମହାରାଜା ଖୁସି ହୋଇ ନାଚଗୀତରେ ବିଭୋର ହୋଇ ପଡ଼ିଥିଲେ । ପରେ କଂସ ରାଜ ଦରବାରର ଶୟନ କକ୍ଷରେ ବିଶ୍ରାମ ନେଇଥିବାବେଳେ ଶ୍ରୀକୃଷ୍ଣଙ୍କୁ ବଂଶୀ ବାଦନ ଅବସ୍ଥାରେ ସ୍ୱପ୍ନ ଦେଖି ଚିନ୍ତିତ ଓ ଭୟଭୀତ ହୋଇପଡ଼ିଥିଲେ । ଏହାପରେ ରାଜ ଦରବାରକୁ ଆସି ନିଜର ଭୟ, ଚିନ୍ତା ଦୂର କରିବା ପାଇଁ ନାଚଗୀତର ଆୟୋଜନ କରିଥିଲେ । ସଂସ୍କୃତି ଓ ପର୍ଯ୍ୟଟନ ମନ୍ତ୍ରୀ ଅଶୋକ ପଣ୍ଡା, ପଶ୍ଚିମ ଓଡ଼ିଶା ବିକାଶ ପରିଷଦ ଅଧ୍ୟକ୍ଷ କିଶୋର ମହାନ୍ତି, ସମ୍ବଲପୁର ଡିଆଇଜି ସତ୍ୟବ୍ରତ ଭୋଇ ପ୍ରମୁଖ ଅତିଥି ଭାବେ ଯୋଗ ଦେଇଥିଲେ। ସୋମବାର ରାତ୍ରିରେ କଂସବଧ ସହିତ ଚଳିତ ଧନୁଯାତ୍ରା ମହୋତ୍ସବ ଶେଷ ହେବ ।

## ସଂକ୍ଷେପରେ

### ବାଇକ୍‌କୁ ଧକ୍କା ଦେଲା ଟ୍ରକ୍: ଦମ୍ପତି ମୃତ

ରିଆମାଳ, ୨୦।୧ (ଡି.ଏନ.ଏ.)- ଦେବଗଡ଼ ଜିଲା ରିଆମାଳ ଥାନା ତେଲିମୁଣ୍ଡା ଛକଠାରୁ କିଛି ଦୂରରେ ରବିବାର ସନ୍ଧ୍ୟା ୭ଟାରେ ଏକ ଦୁର୍ଘଟଣା ଘଟିଛି। ଏକ ଟ୍ରକ ବାଇକ୍‌କୁ ଧକ୍କା ଦେବା ଫଳରେ ବାଇକ୍ ଆରୋହୀ ଦମ୍ପତିଙ୍କ ମୃତ୍ୟୁ ଘଟିଛି। ପ୍ରାପ୍ତ ସୂଚନା ଅନୁସାରେ ଟିଙ୍କବୀର ବାଇସପାଲି ସାହିର ପ୍ରଶାନ୍ତ ଲୁହା (୨୭) ଓ ସ୍ତ୍ରୀ ମମତା(୨୪) ବାଇକ(ନଂ. ଓଆର ୧୫କେ ୦୮୦୦)ରେ କଖାରୁମାଳ ଗ୍ରାମରୁ ଘରକୁ ଫେରୁଥିଲେ। ଏହି ସମୟରେ ଏକ ଟ୍ରକ ଧକ୍କା ଦେଇ ଫେରାର୍ ହୋଇଯାଇଥିଲା। ସ୍ୱାମୀ, ସ୍ତ୍ରୀ ଦୁର୍ଘଟଣାଗ୍ରସ୍ତ ହୋଇ ପଡ଼ିରହିଥିଲେ। ଏହା ଦେଖି ସ୍ଥାନୀୟ ଲୋକେ ଛତାବର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ଉଭୟଙ୍କୁ ନେଇଥିଲେ। କିନ୍ତୁ ଦମ୍ପତିଙ୍କୁ ସ୍ୱାସ୍ଥ୍ୟକେନ୍ଦ୍ରର ଡାକ୍ତର ମୃତ ଘୋଷଣା କରିଥିଲେ।

### ଚଳିତ ବର୍ଷର ଅର୍ଥନୀତି ର୍‍ୟାଙ୍କିଙ୍ଗ ବ୍ରିଟେନକୁ ପଛରେ ପକାଇବ ଭାରତ

ନୂଆଦିଲ୍ଲୀ,୨୦।୧: ଲୋକ ସଭା ନିର୍ବାଚନ ପୂର୍ବରୁ ଏନଡିଏ ସରକାରଙ୍କୁ ଖୁସି ଖବର ମିଳିବାକୁ ଯାଉଛି। ପିଡବ୍ଲ୍ୟୁସିର ରିପୋର୍ଟ ଅନୁଯାୟୀ ଚଳିତ ବର୍ଷ ବିଶ୍ୱର ସର୍ବବୃହତ ଅର୍ଥନୀତି ର୍‍ୟାଙ୍କିଙ୍ଗରେ ବ୍ରିଟେନକୁ ପଛରେ ପକାଇବାକୁ ଯାଉଛି ଭାରତ। ଏଥିରେ କୁହାଯାଇଛି ଯେ, ଗୋଟିଏ ସ୍ତର ବିକାଶ ଏବଂ ଉଣାଅଧିକ ସମାନ ଜନସଂଖ୍ୟା କାରଣରୁ ଫ୍ରାନ୍ସ ଓ ବ୍ରିଟେନର ର୍‍ୟାଙ୍କିଙ୍ଗ ସର୍ବଦା ଆଗପଛ ହୋଇଥାଏ। କିନ୍ତୁ ଥରେ ଭାରତ ଏହି ତାଲିକାରେ ଆଗକୁ ବଢ଼ିଲେ ଏହାର ସ୍ଥାନ ଦୀର୍ଘସ୍ଥାୟୀ ହେବ ବୋଲି ରିପୋର୍ଟରେ କୁହାଯାଇଛି। ପିଡବ୍ଲ୍ୟୁସିର ବିଶ୍ୱ ଅର୍ଥନୀତି ଅବଲୋକନ ରିପୋର୍ଟରେ ଚଳିତ ବର୍ଷ ବ୍ରିଟେନର ଜିଡିପି ୧.୬%, ଫ୍ରାନ୍ସର ୧.୭% ଓ ଭାରତର ୭.୬% ରହିବ ବୋଲି ଅନୁମାନ କରାଯାଇଛି। ଚଳିତ ବର୍ଷ ବ୍ରିଟେନକୁ ଭାରତ ଓ ଫ୍ରାନ୍ସ ଟପିଯିବେ ବୋଲି ଏଥିରେ ଦର୍ଶାଯାଇଛି। ଉଲ୍ଲେଖଥାଉ କି, ବିଶ୍ୱ ବ୍ୟାଙ୍କ ତଥ୍ୟ ଅନୁଯାୟୀ ୨୦୧୭ରେ ଭାରତ ର୍‍ୟାଙ୍କିଙ୍ଗରେ ବିଶ୍ୱର ୬ଷ୍ଠ ସର୍ବବୃହତ ଅର୍ଥନୀତି ଭାବେ ଉଭା ହୋଇଛି।

### ନିଆଁରେ ପୋଡ଼ି ବାଳକଙ୍କ ମୃତ୍ୟୁ

ବାଲିମେଳା,୨୦।୧(ଡି.ଏନ.ଏ.)- ମାଲକାନଗିରି ଜିଲା କୋରୁକୋଣ୍ଡା ବ୍ଲକ ଅନ୍ତର୍ଗତ ପୁରୁଣା ଚିତାପାରି ଗ୍ରାମରେ ଜଣେ ଦିବ୍ୟାଙ୍ଗ ବାଳକଙ୍କ ନିଆଁରେ ପୋଡି ହୋଇ ମୃତ୍ୟୁ ଘଟିଛି। ତାଙ୍କ ନାମ ରବିନ୍ଦ୍ର ଗୁଣ୍ଡା(୧୧)। ସେ ନିକଟସ୍ଥ ବିଦ୍ୟାଳୟରେ ୫ମ ଶ୍ରେଣୀରେ ପଢୁଥିଲେ। ଖବରରୁ ଜଣାପଡିଛି ଶନିବାର ସକାଳେ ଘରେ କେହି ନ ଥିବା ବେଳେ ରବିନ୍ଦ୍ର ଘର ପିଣ୍ଡାରେ ବସି ଜଳୁଥିବା ନିଆଁରେ ସେକି ହେଉଥିଲେ। ମାତ୍ର ଅସାବଧାନ ଯୋଗୁ ତାଙ୍କ ପିନ୍ଧା ଗାମୁଛା ଓ ଶାର୍ଟରେ ନିଆଁ ଲାଗି ଯାଇଥିଲା। ସେ ଚିତ୍କାର କରିଥିଲେ ମଧ କେହି ଶୁଣି ପାରି ନ ଥିଲେ। କିଛି ସମୟ ପରେ ପଡୋଶୀ ଘର ଲୋକେ ବାହାରକୁ ଆସି ରବିନ୍ଦ୍ର ଅର୍ଦ୍ଧଦଗ୍ଧ ହୋଇପଡିଥିବା ଦେଖିବାକୁ ପାଇଥିଲେ। ତୁରନ୍ତ ତାଙ୍କୁ ଉଦ୍ଧାର କରାଯାଇ କୋରୁକୋଣ୍ଡା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ନିଆଯାଇଥିଲା। ପ୍ରାଥମିକ ଚିକିତ୍ସା ପରେ ତାଙ୍କୁ ମାଲକାନଗିରି ଜିଲା ମୁଖ୍ୟ ଚିକିତ୍ସାଳୟକୁ ସ୍ଥାନାନ୍ତର କରାଯାଇଥିଲା। ସେଠାରେ ତାଙ୍କର ଚିକିତ୍ସାଧୀନ ଅବସ୍ଥାରେ ମୃତ୍ୟୁ ଘଟିଛି। ଖବର ପାଇ ଓରକେଲ୍ ପୋଲିସ ପହଞ୍ଚି ମୃତଦେହ ଜବତ କରି ଏକ ଅପମୃତ୍ୟୁ ମାମଲା ରୁଜୁ କରିଛି। ମୃତଦେହ ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯାଇଛି ବୋଲି ତଦନ୍ତ ଅଧିକାରୀ ଏଏସଆଇ ଗୋପାଳ କୃଷ୍ଣ ପଟ୍ଟନାୟକ କହିଛନ୍ତି।

## ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**ଅଳପ ଲୋକ ବଡ଼ ପଣ ପାଏ**
**ହଗୁଣୁ ମୁତୁଣୁ ଗୀତ ଗାଏ ।**

ନୀଚ ସ୍ତରର ବ୍ୟକ୍ତି ଉଚ୍ଚ ପଦପଦବୀରେ ଅଧିଷ୍ଠିତ ହେଲେ ଗର୍ବରେ ଫାଟି ପଡ଼ନ୍ତି। ପଦବୀ ମୋହରେ ନିଜର ବଡ଼ଲୋକୀ ଦେଖେଇ ହୁଅନ୍ତି। ସେହିପରି ସ୍ଥାନ, କାଳ ଓ ପାତ୍ରକୁ ସେମାନେ ଆଦୌ ଖାତିର କରନ୍ତି ନାହିଁ ବୋଲି ଏଠାରେ ପ୍ରକାଶ କରାଯାଇଛି।

**ଅଫୁଲା ଗଇଶ ଫୁଲୁଛ କେତେ ?**
**ଫୁଲିବାକୁ ଦିନ ନାହିଁ କି ତତେ ?**

ଉତ୍ସାହଜନକ ପରିବେଶରେ ବ୍ୟକ୍ତି ଉଦ୍‌ବୁଦ୍ଧ ହେବା ସ୍ୱାଭାବିକ। କିନ୍ତୁ ଅନେକ କ୍ଷେତ୍ରରେ କିଛି ନ ଥିବା ବ୍ୟକ୍ତି ତୁଚ୍ଛାକୁ ଫୁଲି ଉଠନ୍ତି ବା ବାହ୍ୟ ଆଡ଼ମ୍ବର ଦେଖେଇ ହୁଅନ୍ତି। ତେବେ ତୁଚ୍ଛାକୁ ଗର୍ବ କରିବସୁଥିବା ବ୍ୟକ୍ତିଙ୍କ ଏପରି ଭାବଭଙ୍ଗୀ ପର ଆଖିରେ ନିହାତି ଅସୁନ୍ଦର ଲାଗିଥାଏ। ଅନ୍ୟ ଆଗରେ ନିଜର ଫୁଲାଣିଆ ଭାବ ଦେଖେଇ ହେଉଥିବା ବ୍ୟକ୍ତିଙ୍କୁ ଲକ୍ଷ୍ୟରେ ରଖି ଏଭଳି ବ୍ୟଙ୍ଗୋକ୍ତି ପ୍ରକାଶ କରାଯାଇଛି।

ଓଡ଼ିଆ ଢଗଢମାଳି ଓ ଲୋକଗୀତ
-ଫ୍ରେଣ୍ଡସ୍ ପବ୍ଲିଶର୍ସ

■ସମ୍ବଲପୁର ଜିଲା ମୁଖ୍ୟ ଚିକିତ୍ସାଳୟରେ ଅବ୍ୟବସ୍ଥା

# ରୋଗୀଙ୍କୁ ଇଞ୍ଜେକ୍‌ଶନ ଦେଲେ ଅଜଣା ଯୁବତୀ

**ସମ୍ବଲପୁର,୨୦।୧(ବ୍ୟୁରୋ)**

■ ଟାଉନ ଥାନାରେ ଅଭିଯୋଗ
■ ତଦନ୍ତ ନିର୍ଦ୍ଦେଶ ଦେଲେ ସିଡିଏମ୍ଓ

ସମ୍ବଲପୁର ଜିଲା ସଦର ଡାକ୍ତରଖାନାର ମେଡିସିନ ୱାର୍ଡରେ ଶନିବାର ରାତି ପ୍ରାୟ ଗୋଟାଏରେ ଜଣେ ଅଜଣା ଯୁବତୀ ୭ ଜଣ ରୋଗୀଙ୍କୁ ଇଞ୍ଜେକଶନ ଦେଇଥିବା ଅଭିଯୋଗ ହୋଇଛି। ସେଠାରେ ଡ୍ୟୁଟିରେ ଥିବା ଷ୍ଟାଫ୍‌ନର୍ସ ଦେଖିଦେବାରୁ ସମ୍ପୃକ୍ତ ଯୁବତୀ ସେଠାରୁ ଖସି ପଳାଇଥିଲେ। ରବିବାର ସକାଳୁ ଏହି ଘଟଣା ପ୍ରଘଟ ହୋଇଛି। ସିଡିଏମ୍ଓ ଡାକ୍ତର କଲ୍ୟାଣ କୁମାର ଗୁପ୍ତା ରୋଗୀମାନଙ୍କ ସମ୍ପର୍କୀୟଙ୍କୁ ଭେଟି ଏ ନେଇ ଆଲୋଚନା କରିଛନ୍ତି । ଏହି ଘଟଣାର ତଦନ୍ତ ପାଇଁ ଏଡିଏମଓ ଅଶୋକ କୁମାର ଦାଶଙ୍କୁ ସେ ନିର୍ଦ୍ଦେଶ ଦେଇଛନ୍ତି । ଘଟଣାର ତଦନ୍ତ ପାଇଁ ଟାଉନ ଥାନାରେ ଅଭିଯୋଗ ହୋଇଛି। ତେବେ ସଂପୃକ୍ତ ଯୁବତୀ ଅଭିଜ୍ଞ ନ ଥିବା ଅନୁମାନ କରାଯାଉଛି। ସେ କୌଣସି ଘରୋଇ ମେଡିକାଲରେ କାମ କରୁଥାଇପାରନ୍ତି। ରୋଗୀମାନଙ୍କୁ ଯେଉଁ ଇଞ୍ଜେକଶନ ଦେବା କଥା ତାହା ଦେଇଥିଲେ ବୋଲି ବିଭାଗୀୟ ତଦନ୍ତରୁ ଜଣାପଡିଛି।

ମିଳିଥିବା ସୂଚନା ଅନୁସାରେ, ମେଡିଶିନ ୱାର୍ଡରେ କାର୍ଯ୍ୟରତ ଷ୍ଟାଫ୍‌ନର୍ସ ରୋଗୀମାନଙ୍କୁ ଇଞ୍ଜେକଶନ ଦେବାକୁ ପ୍ରସ୍ତୁତ କରିଥିଲେ। ସେହି ସମୟରେ ଯୁବତୀ ଜଣକ ଯାଇ ଅନନ୍ତ ବଗର୍ତ୍ତି, ରାଜୁ ଖୁଣ୍ଟୁଲି ଓ ଜେଠୁ ବାଦି ପ୍ରମୁଖ ୭ ଜଣଙ୍କୁ ଇଞ୍ଜେକଶନ ଦେଇଥିଲେ । ହଠାତ୍ ବିନା ପୋଷାକରେ ଯୁବତୀ ଜଣକ ଇଞ୍ଜେକଶନ ଧରି ରୋଗୀଙ୍କ ପାଖେ ପହଞ୍ଚିବାରୁ ରୋଗୀ ଓ ସେମାନଙ୍କ ସମ୍ପର୍କୀୟ ମନା କରିଦେଇଥିଲେ। ହେଲେ ଇଞ୍ଜେକଶନ ନ ନେଲେ ଡିସ୍‌ଚାର୍ଜ କରିଦେବେ ବୋଲି ଯୁବତୀ ଜଣକ ନାଲି ଆଖି ଦେଖାଇ ଥିଲେ। ଏଣୁ ରୋଗୀ ବାଧ ହୋଇ ଇଞ୍ଜେକଶନ ନେଇଥିଲେ। ଜଣେ ରୋଗୀଙ୍କଠାରେ ସାଲାଇନ ଓ ଜଣେ ରୋଗୀଙ୍କଠାରେ ରକ୍ତ ଚାଲିଥିଲା। ତାହା ମଧ ସମ୍ପୃକ୍ତ ଯୁବତୀ ଜଣକ ଯାଞ୍ଚ କରିଥିବା ଅଭିଯୋଗ ହୋଇଛି।

# ଭାଜପାରେ ଯୋଗଦେଲେ ବହୁ ବିଜେଡି, କଂଗ୍ରେସ କର୍ମୀ

**ଭୁବନେଶ୍ୱର,୨୦।୧(ବ୍ୟୁରୋ):**

ବେଗୁନିଆ ବୋଲଗଡ ନିର୍ବାଚନମଣ୍ଡଳୀର ଶତାଧିକ ବିଜେଡି ଓ କଂଗ୍ରେସ କର୍ମୀ ରବିବାରରେ ଭାଜପାରେ ସାମିଲ ହୋଇଛନ୍ତି । କଂଗ୍ରେସ ନେତ୍ରୀ ଜୟଶ୍ରୀ ପଟ୍ଟନାୟକ ବିଧିବଦ୍ଧ ଭାବେ ଭାଜପାରେ ସାମିଲ ହୋଇଛନ୍ତି । ସେହିପରି ସ୍ୱାଧୀନତା ସଂଗ୍ରାମୀ ତଥା ପୂର୍ବତନ ବ୍ଲକ ସଭାପତି ଶତ୍ରୁଘ୍ନ ମାନସିଂହ, ଫାଶିଓଦା ପଞ୍ଚାୟତ ସରପଞ୍ଚ ବ୍ରଜ କିଶୋର ପାତ୍ର, ପୂର୍ବତନ ସରପଞ୍ଚ ବିଜୟ ପ୍ରଧାନ, ବୋଲଗଡର ପୂର୍ବତନ ଜିଲା ପରିଷଦ ଫକୀର ପ୍ରଧାନ, ଖୋର୍ଦ୍ଧା ଜିଲା ପୂର୍ବତନ ବିଜେଡି ଉପସଭାପତି ସନ୍ତୋଷ ସାହୁ , ଜିଲା ପରିଷଦ ପ୍ରାର୍ଥୀ ରମାକାନ୍ତ ରନବୀର, ପୂର୍ବତନ ସମିତିସଭ୍ୟ ପ୍ରଭାତ କୁମାର ସାହୁ ପ୍ରମୁଖ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଏବଂ ଭାଜପା ନେତ୍ରୀ ଅପରାଜିତା ଷଡଙ୍ଗୀଙ୍କ ଉପସ୍ଥିତିରେ ଦଳରେ ମିଶିଛନ୍ତି। ଜୟଦେବ ନିର୍ବାଚନମଣ୍ଡଳୀର ଖୋର୍ଦ୍ଧା ଜିଲା କଂଗ୍ରେସ ସାଧାରଣ ସମ୍ପାଦକ ଅଶୋକ ପ୍ରଧାନ, ଅବସରପ୍ରାପ୍ତ ଶିକ୍ଷକ ବାଉରୀବନ୍ଧୁ ସାହୁ, କଂଗ୍ରେସ ନେତା ନବଘନ ସ୍ୱାଇଁ, ଭାଗୀରଥି ଭୋଇ ପ୍ରମୁଖ ମଧ ବିଜେଡି ଓ କଂଗ୍ରେସ ଛାଡି ଭାଜପାରେ ମିଶିଛନ୍ତି । ଧର୍ମେନ୍ଦ୍ର ପ୍ରଧାନ ଏବଂ ଅପରାଜିତା ଷଡଙ୍ଗୀ ଏହି ନୂଆ ନେତାମାନଙ୍କୁ ଉତ୍ତରୀୟ ଓ ଟୋପି ପିନ୍ଧାଇ ବିଧିବଦ୍ଧଭାବେ ଦଳରେ ସାମିଲ ହୋଇଛନ୍ତି । ଭାଜପା ରାଜ୍ୟ ଉପସଭାପତି ସମୀର ମହାନ୍ତି ସମସ୍ତଙ୍କୁ ସ୍ୱାଗତ କରିବା ସହ ସାଧୁବାଦ ଜଣାଇଛନ୍ତି। ଅନ୍ୟପଟେ ବିଜେଡି ଦଳ ପ୍ରତି ଅତିଷ୍ଠ ହୋଇ ଏବଂ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ବିକାଶ ଧାରାରେ ଅନୁପ୍ରାଣିତ ହୋଇ ସମସ୍ତେ ଭାଜପାରେ ସାମିଲ ହୋଇଛନ୍ତି ବୋଲି କହିଛନ୍ତି।

# ହଷ୍ଟେଲରୁ ୩ ଛାତ୍ରୀ ନିଖୋଜ

**ଚାନ୍ଦିଲି(କୋଟପାଡ଼),୨୦।୧(ଡି.ଏନ୍.ଏ.)**

କୋରାପୁଟ ଜିଲା କୋଟପାଡ଼ ବ୍ଲକ୍ ସର୍ଗିଗୁଡ଼ା ନୂତନ ପ୍ରାଥମିକ ବିଦ୍ୟାଳୟ ଛାତ୍ରୀ ନିବାସରୁ ୩ଜଣ ଛାତ୍ରୀ ନିଖୋଜ ହୋଇଛନ୍ତି। ସେମାନେ ହେଲେ କୋଷାଗୁମୁଡ଼ାର ଈଶ୍ୱରୀ ଭତ୍ରା (ଅଷ୍ଟମ), କାତ୍ରାଗୁଡ଼ାର ଅନିତା ଭତ୍ରା (ସପ୍ତମ) ଏବଂ ମିରିଗୁଡ଼ାର ଲକ୍ଷ୍ମୀ ମାଝି (ସପ୍ତମ)। ରବିବାର ସକାଳ ୯ଟାରୁ ଏହି ୩ଜଣ ଛାତ୍ରୀ ହଷ୍ଟେଲରୁ ନିଖୋଜ ହୋଇଥିବା କର୍ମଚାରୀମାନେ ସୂଚନା ଦେଇଛନ୍ତି। ନିଖୋଜ ଛାତ୍ରୀମାନଙ୍କ ପରିବାରବର୍ଗଙ୍କୁ ଯୋଗାଯୋଗ କରାଯାଇଥିଲା। କିନ୍ତୁ ଝିଅମାନେ ଘରକୁ ଆସି ନ ଥିବା ସେମାନଙ୍କଠାରୁ ଉତ୍ତର ମିଳିଛି ବୋଲି ପ୍ରଧାନ ଶିକ୍ଷକ ତଥା ହଷ୍ଟେଲ ସୁପରିଣ୍ଟେଣ୍ଡେଣ୍ଟ ବି. ଆପ୍ପାଲା ରାଜୁ କହିଛନ୍ତି। ଡବ୍ଲ୍ୟୁଇଓ ଗୁରୁବନ୍ଧୁ ପୂଜାରୀ ଏବଂ ବିଇଓ ବିଚିତ୍ରାନନ୍ଦ ସେଠୀ ଛାତ୍ରୀମାନଙ୍କ କୌଣସି ପତ୍ତା ମିଳି ନ ଥିବା ସୂଚନା ଦେଇଛନ୍ତି। ଏ ସମ୍ପର୍କରେ ମତନେବା ପାଇଁ ସ୍ଥାନୀୟ ବିଡିଓଙ୍କୁ ଯୋଗାଯୋଗ କରାଯାଇଥିଲେ ମଧ ତାହା ସମ୍ଭବ ହୋଇପାରି ନାହିଁ। ବଢ଼ିଲା ଝିଅମାନେ କାହିଁକି ଓ କିପରି ସୁରକ୍ଷା ବଳୟ ଭେଦି ହଷ୍ଟେଲରୁ ନିଖୋଜ ହେଲେ, ବିଦ୍ୟାଳୟରେ ଶିକ୍ଷୟିତ୍ରୀମାନେ ଥିବାବେଳେ ଜଣେ ପୁରୁଷଙ୍କୁ କାହିଁକି ଛାତ୍ରୀ ନିବାସ ଦାୟିତ୍ୱ ଦିଆଯାଇଛି, ତାହା ସାଧାରଣରେ ପ୍ରଶ୍ନବାଚୀ ସୃଷ୍ଟି କରିଛି। ଝିଅମାନଙ୍କ ନିଖୋଜ ଖବର ପାଇ ସେମାନଙ୍କ ପରିବାର ଚିନ୍ତିତ ହୋଇପଡ଼ିଛନ୍ତି।

+PILES CLINIC+
Near Budheswari Temple, ମତ୍ସ୍ୟ ବିକ୍ରୟ କେନ୍ଦ୍ର ନିକଟ, CTC Road, BBSR
☎0674 - 2310255, 9861146916
ଅର୍ଶ (PILES)
ମଳକଣ୍ଟକ (FISSURE)
ଭଗନ୍ଦର (FISTULA)
WITHOUT SURGICAL OPERATION
DR. R. PRASAD GAMS (PATNA)
DR. PREM KUMAR BAMS, LLB (UTKAL)
10AM TO 8PM
VSS Nagar, Q.N.- B/L-107, Vanivihar, BBSR
☎0674 - 2581337, 9437301790

# ଯମୁନା ନଦୀରେ ଭାସିଗଲେ ଯୁବକ

**ରୂପସା, ୨୦।୧(ଡି.ଏନ.ଏ.)**



ଦିଲୀପ ନାୟକ

ବାଲେଶ୍ୱର ଜିଲା ରୂପସା ଥାନା ଗଡ଼ପଦା ପଞ୍ଚାୟତ ଅନ୍ତର୍ଗତ ପଶ୍ଚିମ ସିମୁଳିଆ ଗ୍ରାମର ଯୁବକ ଦିଲୀପ କୁମାର ନାୟକ (୩୬) ହରିୟାଣାର ଯମୁନା ନଦୀରେ ଭାସିଯାଇଥିବା ଅଭିଯୋଗ ହୋଇଛି। ଅଭିଯୋଗ ପାଇ ଯମୁନାନଗର ଥାନା ପୋଲିସ୍ ତଦନ୍ତ ଜାରି ରଖିଛି। ଦିଲୀପ ୩ବର୍ଷ ଧରି ହରିୟାଣା ଯମୁନାନଗରସ୍ଥିତ ତରସ୍ ପ୍ଲାଏ ବୋର୍ଡ଼ କମ୍ପାନୀରେ ଚାକିରି କରୁଥିଲେ। ଶନିବାର ସାଙ୍ଗମାନଙ୍କ ସହ ସେ ଯମୁନା ନଦୀକୁ ଗାଧୋଇବାକୁ ଯାଇଥିଲେ। ଅସାବଧାନତାବଶତଃ ସେ ନଦୀ ସୁଅରେ ଭାସି ନିଖୋଜ ହୋଇଯାଇଥିଲେ। ଏ ସମ୍ପର୍କରେ ତାଙ୍କ ସାଙ୍ଗ ଟେଲିଫୋନ୍ ଯୋଗେ ଦିଲୀପ୍‌ଙ୍କ ଘରକୁ ଜଣାଇବା ସହ ଯମୁନାନଗର ଥାନାରେ ଅଭିଯୋଗ କରିଥିଲେ। ଏଯାବତ୍ ନିଖୋଜ ଯୁବକଙ୍କ ପତ୍ତା ମିଳି ନାହିଁ।

# ପଶ୍ଚିମ ଓଡ଼ିଶାରେ ଭାଜପା ୪୦ ଆସନ ଦଖଲ କରିବ:ସୁରେଶ

**ସମ୍ବଲପୁର, ୨୦।୧ (ବ୍ୟୁରୋ)**

■ଭାଜପା ଦିବାସ୍ୱପ୍ନ ଦେଖୁଛି: କଂଗ୍ରେସ
■ବିଜେପୁର ଫଳାଫଳ ଭାଜପା ଭୁଲି ଯାଉଛି: ବିଜେଡି

ଭାରତୀୟ ଜନତା ପାର୍ଟିର ମିଶନ- ୧୨୦ ସଫଳ ହେବ । ଆସନ୍ତା ସାଧାରଣ ନିର୍ବାଚନରେ ଦଳ ପଶ୍ଚିମ ଓଡିଶାରେ ୪୦ ବିଧାନସଭା ଆସନ ଦଖଲ କରିବ । ଯାହାକି ମିଶନ-୧୨୦ରେ ସହାୟକ ହୋଇପାରିବ । ରବିବାର ସମ୍ବଲପୁରରେ ଭାଜପା ରାଷ୍ଟ୍ରୀୟ ସମ୍ପାଦକ ସୁରେଶ ପୂଜାରୀ ଖବରଦାତାଙ୍କୁ ଏହା କହିଛନ୍ତି । ସେ ଆହୁରି ମଧ କହିଥିଲେ, ଗତ ପଞ୍ଚାୟତ ନିର୍ବାଚନରେ ଭାଜପା ପଶ୍ଚିମ ଓଡିଶାରେ ୫୦ ପ୍ରତିଶତ ଭୋଟ ପାଇଛି । ବାକି ୫୦ ପ୍ରତିଶତ ବିଜୁ ଜନତା ଦଳ ଓ କଂଗ୍ରେସ ସମେତ ଅନ୍ୟାନ୍ୟ ଛୋଟ ଦଳକୁ ଯାଇଛି। ଏହାକୁ ଆକଳନ କଲେ ଭାଜପା ନିଶ୍ଚିତ ଭାବେ ଏଥର ସାଧାରଣ ନିର୍ବାଚନରେ ୪୦ ସିଟ୍ ନେବ । ଏଥିପାଇଁ ଦଳୀୟ ନେତା ଓ କର୍ମୀମାନେ ସହର ଏବଂ ଗ୍ରାମାଞ୍ଚଳରେ କାର୍ଯ୍ୟାରମ୍ଭ କରିଛନ୍ତି।

ଏ ନେଇ ଜିଲା କଂଗ୍ରେସ ସଭାପତି ତଥା ପୂର୍ବତନ ବିଧାୟକ ଅଶ୍ୱିନୀ ଗୁରୁ କହିଛନ୍ତି , ସମଗ୍ର ଦେଶରେ ମୋଦି ଓ ଭାଜପାକୁ ନେଇ ଜନଅସନ୍ତୋଷ ବଢ଼ିବାରେ ଲାଗିଛି । ବିଗତ ୩ ଟି ରାଜ୍ୟର ନିର୍ବାଚନ ଫଳାଫଳକୁ ଏହାର ଉଦାହରଣ ନିଆଯାଇ ପାରେ । ଭାଜପା ସଭାପତି ଅମିତ ଶାହ ମିଶନ- ୧୨୦ କଥା କହୁଛନ୍ତି । ସେହିପରି ରାଷ୍ଟ୍ରୀୟ ସମ୍ପାଦକ ପୂଜାରୀ ମଧ ପଶ୍ଚିମ ଓଡିଶାରେ ୪୦ ଆସନ ଆଶା ରଖିଛନ୍ତି । ଏହା ଭାଜପାର ଦିବା ସ୍ୱପ୍ନ ଭଳି ଲାଗୁଛି । ଅନ୍ୟପକ୍ଷେ ରାଜ୍ୟସଭା ସଦସ୍ୟ ପ୍ରସନ୍ନ ଆଚାର୍ଯ୍ୟ କହିଛନ୍ତି, ବିଜେପୁର ଉପନିର୍ବାଚନ ଫଳାଫଳ କଥା ଭାଜପା ବୋଧେ ଭୁଲି ଯାଉଛି । ରାଷ୍ଟ୍ରୀୟ ସଭାପତି ଅମିତ ଶାହ କହିଥିଲେ , ବିଜେଡିକୁ ରାଜ୍ୟରୁ ଉଖାଡ୍ କେ ଫେକ୍ ଦୋ । ହେଲେ ବିଜେପୁରବାସୀ ନିର୍ବାଚନରେ ଭାଜପାକୁ ଉପାଡି ଫିଙ୍ଗି ଦେଇଥିଲେ । ପଶ୍ଚିମ ଓଡିଶାରେ ୪୦ ବିଧାନସଭା ମଣ୍ଡଳୀ ନାହିଁ । କେଉଁ ଆଧାରରେ ରାଷ୍ଟ୍ରୀୟ ସମ୍ପାଦକ ସୁରେଶ ପୂଜାରୀ ଏଭଳି ମନ୍ତବ୍ୟ ଦେଉଛନ୍ତି ତାହା ହାସ୍ୟାସ୍ପଦ। ଗତ ପଞ୍ଚାୟତ ନିର୍ବାଚନକୁ ନେଇ ଭାଜପା ଏହି ଆକଳନ କରୁଛି । ହେଲେ ତା'ପରେ ହୋଇଥିବା ବିଜେପୁର ଉପନିର୍ବାଚନ କଥା ଭୁଲି ଯାଉଛି । ଓଡିଶାରେ ବିଜେଡି ଶକ୍ତିଶାଳୀ। ଜନକଲ୍ୟାଣ ଯୋଜନା କରି ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଜନପ୍ରିୟତା ହାସଲ କରିଛନ୍ତି। ତେଣୁ ଗତ ନିର୍ବାଚନ ଭଳି ଆଗାମୀ ୨୦୧୯ ନିର୍ବାଚନରେ ବିଜେଡି ସରକାର ଗଠନ କରିବ।

# ଫେବୃୟାରୀରେ ବିଜେଡି ଆଇନଜୀବୀ ସାମ୍ମୁଖ୍ୟ ଜିଲା ସମ୍ମିଳନୀ

**ଭୁବନେଶ୍ୱର,୨୦।୧(ବ୍ୟୁରୋ)**

ବିଜୁ ଜନତା ଦଳ ରାଜ୍ୟ କାର୍ଯ୍ୟାଳୟରେ ଆଇନଜୀବୀ ସାମ୍ମୁଖ୍ୟର ଜିଲା ଏବଂ ଜୋନାଲ କମିଟି ଆବାହକମାନଙ୍କ ବୈଠକ ରବିବାର ଅନୁଷ୍ଠିତ ହୋଇଯାଇଛି। ଏହି ବୈଠକରେ ଆଇନ ମନ୍ତ୍ରୀ ତଥା ବିଜେଡି ନେତା ପ୍ରତାପ ଜେନା ସରକାରଙ୍କ ବିଭିନ୍ନ ଯୋଜନାର ସୂଚନା ଦେଇଥିଲେ।

ସେହିପରି ଆଇନଜୀବୀ କଲ୍ୟାଣ ପାଣ୍ଠିକୁ ବାର୍ଷିକ ୫ କୋଟି ଟଙ୍କା ପ୍ରଦାନ, ମଧୁବାବୁ ଆଇନ ସହାୟତା କେନ୍ଦ୍ରରେ ରାଜ୍ୟର ସମସ୍ତ ଗ୍ରାମ ପଞ୍ଚାୟତରେ ନିଯୁକ୍ତି ପ୍ରକ୍ରିୟା ଚାଲୁ ରହିଛି। ରାଜ୍ୟର ବିଭିନ୍ନ ସ୍ଥାନରେ ନୂତନ କୋର୍ଟ ପ୍ରତିଷ୍ଠା କରାଯାଇଥିବା ମନ୍ତ୍ରୀ ଜେନା ଜଣାଇଛନ୍ତି। ଫେବୃୟାରୀରେ ସମସ୍ତ ଜିଲାରେ ଆଇନଜୀବୀମାନଙ୍କର ଜିଲାସ୍ତରୀୟ ସମ୍ମିଳନୀ କରାଯିବାକୁ ବୈଠକରେ ସ୍ଥିର ହୋଇଛି।

ଅନ୍ୟମାନଙ୍କ ମଧରେ ବୈଠକରେ ଆବାହକ ମିଳନ କାନୁନଗୋ, ଉପଦେଷ୍ଟା ଅସୀମ ଅମିତାଭ ଦାସ, ବାର୍ କାଉନ୍‌ସିଲ ସଭ୍ୟ ବିଷ୍ଣୁପ୍ରସାଦ ପାତ୍ର, ପବନ କୁମାର ଶର୍ମା, ରାଜ୍ୟ ସଂଯୋଜକ ଶୁଭ୍ରାଂଶୁ ମହାନ୍ତି, ମନୋଜ କୁମାର ବର୍ମା, ଜୋନାଲ ଓ ଜିଲା ଆବାହକ ସନ୍ତୋଷ କୁମାର ନାୟକ, ପ୍ରବୀର ପଟ୍ଟନାୟକ, ଗୋପାଳ ଚନ୍ଦ୍ର ପାଣିଗ୍ରାହୀ, ବିଧାନ ଚନ୍ଦ୍ର ମହାନ୍ତି, ସୁରେଶ ବାରିକ, ରାଜୀବ ମହାନ୍ତି, ଶାନ୍ତନୁ କୁମାର ଦାସ, ବ୍ରଜ ସୁନ୍ଦର ନାୟକ, ବଂଶୀଧର ରାଉତରାୟ, ଭୀମସେନ ଭୂୟାଁ, ରଞ୍ଜନ କୁମାର ସାହୁ, ପ୍ରତାପ କୁମାର ପାତ୍ର, ଶରତ ଚନ୍ଦ୍ର ଭୋଇ, ସଚ୍ଚିଦାନନ୍ଦ ସ୍ୱାଇଁ, ଅଶୋକ ସ୍ୱାଇଁ, ବିନୋଦ ପାଣି, ହୃଦାନନ୍ଦ ଦ୍ୱିବେଦୀ, ଅଶୋକ ମହାନ୍ତି, ବାଦଲ ରାୟ, ଗଗନ ଚନ୍ଦ୍ର ମେହେର, ଗୋପାଳ ଚନ୍ଦ୍ର ପାତ୍ର, ସୁଧୀର ପଟ୍ଟନାୟକ, ସୁବାସ ଚନ୍ଦ୍ର ବେହେରା, ମହେନ୍ଦ୍ର ବସ୍ତିଆ ପ୍ରମୁଖ ଯୋଗ ଦେଇ ଆଲୋଚନାରେ ଅଂଶଗ୍ରହଣ କରିଥିଲେ।

CLASSIFIED DISPLAY
ALL EDITION-B/W (Every Day) | For Booking Contact: 0674-2580385, 7894447131, 7894447148, 9437038266, 7894447166

ମୁଦ୍ରିକା ଫାଇନାନ୍ସ ଲୋନ
ଏଜେଣ୍ଟ ଏବଂ ଡିଲରଶିପ୍ ସୁଧ 2% ଛାଡ଼, 40% ସହଜ କିସ୍ତିରେ କମ୍ପାନୀଠୁ ସମସ୍ତ ପ୍ରକାରର ଲୋନ ପ୍ରାପ୍ତ କରନ୍ତୁ।
7055500110
7351444489
ବାଲେଶ୍ୱର- 7088008550
କଟକ- 7618439473
ଯାଜପୁର- 7055111132
ସୁନ୍ଦରଗଡ଼- 8057447508
3rd Floor, D. N. Enclave, Meerut, U.P.

MAHENDAR FINANCE
• Personal Loan
• Business Loan
• Salary Slip Loan
• Marksheet Loan
2% Interest, ମହିଳାଙ୍କ ପାଇଁ 50% subsidy
8860754476
7838556518
Block Chack, Balasore-756027

CO-OPERATIVE INADIA
Co-Operative India ଦ୍ୱାରା P.M.J.S.Y. ର ଲାଭ ଆଧାର କାର୍ଡଧାରୀ ମାନଙ୍କୁ ଦିଆଯାଉଛି । ଏହି ଯୋଜନା ଦ୍ୱାରା ବର୍ଷକୁ 2% ସୁଧ ଏବଂ ସହଜ ମାସିକ କିସ୍ତି ସହ ସମସ୍ତ ପ୍ରକାର ଲୋନ ନେଇ ଆପଣଙ୍କ ଆବଶ୍ୟକତାକୁ ପୂରଣ କରନ୍ତୁ । ବି.ଦ୍ର.- ପୁରୁଷ ମାନଙ୍କୁ 20% ଏବଂ ମହିଳା ମାନଙ୍କୁ 30% ସବସିଡି ମିଳିବ ।
Address: Ameerpt, Hyderabad, Pin- 5000106 ( Telangana)
7787907927
7787922501
9319932148
Email id- pmjansamridhi@gmail.com

GET INSTANT CASH AGAINST GOLD
GOLD CASH
SELL YOUR GOLD AT 100% MARKET VALUE
ନିଜ ବନ୍ଧକ ସୁନାକୁ ମୁକୁଳେଇବା ପାଇଁ ଆମକୁ ଯୋଗାଯୋଗ କରନ୍ତୁ ଏବଂ GOLD CASH ଆପଣଙ୍କ ବନ୍ଧକ ସୁନାକୁ ଉଚିତ୍ ମୂଲ୍ୟରେ ନେବ।
ବିକ୍ରି କରନ୍ତୁ ଆପଣଙ୍କ ସୁନା ଗହଣା ଆମ ପାଖରେ ଏବଂ ପାଆନ୍ତୁ ୧୦୦% ମାର୍କେଟ ମୂଲ୍ୟରେ।
Toll Free -1800-120-3430
9090902555, 9090903555 | www.goldcash.co
Visit the Nearest Gold Cash Branch in your City

ଅଲ ଇଣ୍ଡିଆ ଖୋଲା ଚ୍ୟାଲେଞ୍ଜ
ଫୋନ୍ ଲଗାନ୍ତୁ, ସମସ୍ୟା କୁହନ୍ତୁ ଏବଂ ୨ଘଣ୍ଟାରେ ୧୦୦% ସମାଧାନ ପାଆନ୍ତୁ, ୧୧ ଇଲମରେ ମାହିର
କାମ ନହେଲେ ପଇସା ଫେରନ୍ତ
କୌଣସି ପ୍ରକାର ସମସ୍ୟାର ସମାଧାନ ପାଇଁ ମୋତେ ସମ୍ପର୍କ କରନ୍ତୁ ।
ସ୍ପେଶାଲିଷ୍ଟ: ବଶୀକରଣ ଓ ମୁଠକରଣୀ
ବାବା ଆଲାମ ଖାନ
ମ୍ୟାଷ୍ଟର କ୍ୟାଣ୍ଟିନ, ରାମ ମନ୍ଦିର ପାଖ, ଭୁବନେଶ୍ୱର
9773820765
8512004851

BISWAJIT FINANCE
Biswajit Financeରେ ସମସ୍ତ ପ୍ରକାର Loan ମିଳିବ। Personal, Business, ଗୃହ, ଶିକ୍ଷା, Certificate, Property ଓ କୃଷି।
ସୁଧ 1% ରେ Loan ପାଆନ୍ତୁ
7750922443
7077432760
AT/PO: Jambhirai, Baleswar, Odisha- 756024

ଖର୍ଚ୍ଚ ରଣ ମଞ୍ଜୁର ହେବା ପରେ
ଜନତା ଫାଇନାନ୍ସ
(Govt. Regd) Regd No.- U659001077
ଆପଣ ସମସ୍ତଙ୍କ ପାଇଁ ଆଣିଛନ୍ତି ସୁବର୍ଣ୍ଣ ସୁଯୋଗ। କମ୍ ସୁଧରେ ଋଣ ସୁବିଧା। ମାର୍କଶିଟ୍, ପ୍ରପର୍ଟି, ପର୍ସନାଲ, ଆଧାର ଏବଂ ମହିଳା ଗ୍ରୁପ୍ ଋଣ ମଧ ଉପଲବ୍ଧ। 2% ସୁଧ 45% ସରକାରୀ ସବ୍‌ସିଡି
Helpline Numbers 9915535422 7626900260
Address C-281, Pratap Gali, Nanakchand Road, South Delhi - 110003

BIKASA FINANCE
Bikasa Finance କମ୍ପାନୀଠାରୁ ସମସ୍ତ ପ୍ରକାର Loan କମ୍ ସୁଧରେ ପାଆନ୍ତୁ। ମାର୍କଶିଟ୍, ପର୍ସନାଲ, Business, ଗୃହ, ଶିକ୍ଷା, କୃଷି, ଗାଈ ଓ ଛେଳି ଇତ୍ୟାଦି, 1% ସୁଧ 7 ଦିନ ମଧରେ।
M: 7381973695
8480304782
ବାବାଜୀପଡ଼ା, ପାଟଣାଗଡ଼, ବଲାଙ୍ଗୀର, ପିନ: ୭୬୭୦୨୫

BUSINESS
ଖାଲିଥିବା ଜମି ଓ ଛାତ ଉପରେ ହିନ୍ଦୁସ୍ଥାନ ଗ୍ରୁପର ଡିଜିଟାଲ ଉପକରଣ ବସାଇ ଅଗ୍ରୀମ 95,000,00/- ପାଆନ୍ତୁ ଓ ମାସକୁ ଭଡା 95,000/- ଟଙ୍କା ପାଆନ୍ତୁ । ଜଣକୁ ଚାକିରି ମିଳିବ । ଦରମା 70,000/-ଟଙ୍କା + 1 Bike ରେଜିଷ୍ଟ୍ରେସନ ଫ୍ରୀ - ଏଗ୍ରୀମେଣ୍ଟ ୨୦ ବର୍ଷ
Plot No - 114/617, Devaraja Mohalla, Bangalore, Karnataka 570001
9634734514
7599131272

!!ଋଣ ଋଣ ଋଣ!!
ସାଇ ଫାଇନାନ୍ସ
ଜନକଲ୍ୟାଣ ଯୋଜନା ଅଧୀନରେ ମାତ୍ର ୯୦୦/-ରେ ଋଣ ୧୦୦୦୦୦-୯୦୦୦୦୦୦ ପର୍ଯ୍ୟନ୍ତ ଋଣ
୦% ସୁଧ ୪୫% ରିହାତି
ମାର୍କଶିଟ୍, ପ୍ରପର୍ଟି, ସମସ୍ତ ଋଣ ମାତ୍ର ୧ ଦିନରେ
ମହିଳା/ବିଦ୍ୟାର୍ଥୀଙ୍କ ପାଇଁ ବିଶେଷ ରିହାତି
Toll Free
18001238914
9319817746
9650353144
Add. : T-51, Gali No. 8, Gautampuri, Delhi

ଡିଜିଟାଲ ଉପକରଣ -କମ୍ପାନୀ- SMS JOB
ଡିଜିଟାଲ ଉପକରଣ କମ୍ପାନୀରେ sms ଜବ୍ କରି ପୁଅ, ଝିଅ, ଗୃହିଣୀ ଘରେ ବସି ପାର୍ଟଟାଇମ୍ ଫୁଲ୍‌ଟାଇମ୍ ରୋଜଗାର କରନ୍ତୁ 15000ରୁ 25000 ମାସିକ ଲାପ୍‌ଟପ୍ + ମୋବାଇଲ ମାଗଣା। ବିବରଣୀ ପାଇଁ ନାମ, ଠିକଣା sms କିମ୍ବା କଲ୍ କିମ୍ବା whatsapp କରନ୍ତୁ।
BUKAR, MALEPUR, JAMUI, BIHAR-811313
9065013355, 9162431749

1985ରୁ ସହସ୍ରାଧିକଙ୍କୁ ଲାଭ
ମହାକାଳୀ ଶକ୍ତିପୀଠ ଉତ୍ତରାଖଣ୍ଡ
ପ୍ରଫେସର ବିପି ଖନ୍ନା
ତନ୍ତ୍ର-ମନ୍ତ୍ର ଅନୁଭବୀ PhD ଜ୍ୟୋତିଷ କାଳୀ ମହାବିଦ୍ୟାର ତପସ୍ୱୀ ତାନ୍ତ୍ରିକ
(ପ୍ରେମବିବାହର 1757 କେସ୍ ସଫଳ)
ମହାବଶୀକରଣ, ପ୍ରେମରେ ଧୋକା, ସଉତୁଣୀ ଶତ୍ରୁ, ଗୃହକ୍ଲେଶ, ଯାଦୁ-ଟୋନା, ସନ୍ତାନ ବାଧା
'ଠକ ବଙ୍ଗାଳି ମୌଲବୀ ବାବାଙ୍କ ପ୍ରତି ସାବଧାନ'
'ଘଣ୍ଟା-ମିନିଟ୍‌ରେ ନିଦାନର ଦାବି ଧୋକା ଅଟେ'
09198771709
ସବୁଆଡୁ ନିରାଶ ବ୍ୟକ୍ତି ସମ୍ପୂର୍ଣ୍ଣ ସମାଧାନ ପାଆନ୍ତୁ

ପାଠକଙ୍କ ପାଇଁ ସୂଚନା: ଏହି ପୃଷ୍ଠାରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଇଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।



ପଞ୍ଜାବର ମୋହାଲି ଜିଲାରେ ଥିବା ଛତବିର ଚିଡିଆଖାନାରେ ଜଣେ ଯୁବକଙ୍କୁ ଦୁଇଟି ସିଂହ ମାରିଦେଇଛନ୍ତି। ୪ଟି ସିଂହ ଥିବା ଏନ୍‌କ୍ଲୋଜର ମଧ୍ୟରେ ଯୁବକ ଜଣକ କିପରି ପ୍ରବେଶ କଲେ ତାହା ଜଣାପଡିନି।



## ସଂକ୍ଷେପରେ

### ଆଜି ମହାପ୍ରଭୁଙ୍କ ସୁନାବେଶ
## ଶ୍ରୀନଅରରେ ଗଜପତିଙ୍କ ହେବ ପୁଷ୍ୟାଭିଷେକ

**ପୁରୀ ଅଫିସ,୨୦ା୧:** ସୋମବାର ପବିତ୍ର ପୌଷ ପୂର୍ଣ୍ଣମୀରେ ଶ୍ରୀମନ୍ଦିରରେ ଦେବାଭିଷେକ ନୀତି ଅନୁଷ୍ଠିତ ହେବ। ରତ୍ନସିଂହାସନରେ ବିରାଜିତ ଦାରୁବିଗ୍ରହ ସୁନାବେଶରେ ସଜ୍ଜିତ ହୋଇ ଭକ୍ତଙ୍କୁ ଦର୍ଶନ ଦେବେ। ହଜାର ହଜାର ଭକ୍ତ ମହାପ୍ରଭୁଙ୍କର ଏହି ଦିବ୍ୟବେଶ ଦର୍ଶନ କରିବେ। ସକାଳ ଧୂପ ସରି ପୁଷ୍ୟାଭିଷେକ ନୀତି ସମ୍ପନ୍ନ ହେବା ପରେ ଠାକୁରମାନଙ୍କୁ ସୁନାବେଶରେ ବିଭୂଷିତ କରାଯିବ। ସେହିପରି ଶ୍ରୀନଅରରେ ମଧ ସୋମବାର ଗଜପତି ମହାରାଜା ଦିବ୍ୟସିଂହ ଦେବଙ୍କ ପୁଷ୍ୟାଭିଷେକ ନୀତି ଅନୁଷ୍ଠିତ ହେବ। ସାଧାରଣତଃ ଅଧିକାଂଶ ବର୍ଷ ପ୍ରଥମେ ଶ୍ରୀମନ୍ଦିରରେ ଦେବାଭିଷେକ ନୀତି ସମ୍ପନ୍ନ ହେବା ପରଦିନ ଗଜପତି ମହାରାଜାଙ୍କ ପୁଷ୍ୟାଭିଷେକ କରାଯାଇଥାଏ। କିନ୍ତୁ ଚଳିତବର୍ଷ ଗୋଟିଏ ଦିନରେ ଦେବାଭିଷେକ ଏବଂ ପୁଷ୍ୟାଭିଷେକ ପଡିଛି। ପୌରାଣିକ ତଥ୍ୟ ଅନୁଯାୟୀ, ମର୍ଯ୍ୟାଦା ପୁରୁଷୋତ୍ତମ ପ୍ରଭୁ ଶ୍ରୀରାମଚନ୍ଦ୍ର ୧୪ ବର୍ଷ ବନବାସ ପରେ ଅଯୋଧ୍ୟାକୁ ପ୍ରତ୍ୟାବର୍ତ୍ତନ କରି ପୌଷ ପୂର୍ଣ୍ଣିମା ତିଥିରେ ସିଂହାସନରେ ଅଭିଷିକ୍ତ ହୋଇଥିଲେ। ସେହି ସ୍ମୃତିରେ ଶ୍ରୀମନ୍ଦିରରେ ପ୍ରତିବର୍ଷ ଏହି ପବିତ୍ର ତିଥିରେ ମହାପ୍ରଭୁଙ୍କର ଅଭିଷେକ ଉତ୍ସବ ଅନୁଷ୍ଠିତ ହୋଇଥାଏ। ପୌଷ ପୂର୍ଣ୍ଣିମା ଦିନ ସକାଳ ଧୂପ ପରେ ୧୦୮ ଗରା ଘିଅ ମିଶ୍ରିତ ଜଳରେ ଶ୍ରୀଜଗନ୍ନାଥଙ୍କୁ ଅଭିଷେକ କରାଯାଏ। ଏହାପରେ ଶ୍ରୀବିଗ୍ରହମାନଙ୍କ ଅତ୍ୟନ୍ତ ଚିତ୍ତାକର୍ଷକ ସୁନାବେଶ ଅନୁଷ୍ଠିତ ହୋଇଥାଏ। ବର୍ଷକ ମଧ୍ୟରେ ହେଉଥିବା ପାଞ୍ଚଥର ସୁନାବେଶ ମଧ୍ୟରୁ ଏହି ସୁନାବେଶ ଅନ୍ୟତମ।

## ସୁଲତା, କସ୍ତୁରୀ ବିଜେଡି ମୁଖପାତ୍ର ନିଯୁକ୍ତ

### ନନ୍ଦଲାଲ ଅପ୍ରବାସୀ ସାମ୍ମୁଖ୍ୟ ଆବାହକ

**ଭୁବନେଶ୍ୱର,୨୦ା୧(ବ୍ୟୁରୋ):** ବିଜୁ ଜନତା ଦଳ ପକ୍ଷରୁ ଦୁଇଜଣ ମହିଳା ନେତ୍ରୀଙ୍କୁ ମୁଖପାତ୍ର ଭାବେ ନୂତନ ନିଯୁକ୍ତି ଦିଆଯାଇଛି। ଏହି ଦୁଇ ଜଣ ହେଉଛନ୍ତି ସୁଲତା ଦେଓ ଏବଂ କସ୍ତୁରୀ ମହାପାତ୍ର। ସୁଲତା ବିଜୁ ମହିଳା ଜନତା ଦଳର ସାଧାରଣ ସମ୍ପାଦିକା ଏବଂ କସ୍ତୁରୀ ଉପଦେଷ୍ଟା ଭାବେ ପୂର୍ବରୁ କାର୍ଯ୍ୟ କରିଆସୁଛନ୍ତି। ସେହିପରି ବିଜେଡିର ଅପ୍ରବାସୀ ସାମ୍ମୁଖ୍ୟର ଆବାହକ ଭାବେ ନନ୍ଦଲାଲ ସିଂଙ୍କୁ ଦାୟିତ୍ୱ ପ୍ରଦାନ କରାଯାଇଛି। ଦଳୀୟ ସଭାପତି ତଥା ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଅନୁମୋଦନ କ୍ରମେ ଉପରୋକ୍ତ ନିଯୁକ୍ତି କରାଯାଇଛି। ଦଳର ରାଜ୍ୟ ସମ୍ପାଦକ ବିଜୟ ନାୟକଙ୍କ ଦ୍ୱାରା ଏ ସଂକ୍ରାନ୍ତ ଏକ ବିଜ୍ଞପ୍ତି ପ୍ରକାଶ ପାଇଛି।

## ଏଏସ୍‌ଓ ପରୀକ୍ଷାରେ କପି କରି ଧରାପଡ଼ିଲେ ପରୀକ୍ଷାର୍ଥୀ

**ବୌଦ୍ଧ,୨୦ା୧(ସ୍ୱ.ପ୍ର.):** ବୌଦ୍ଧ ପଞ୍ଚାୟତ ମହାବିଦ୍ୟାଳୟରେ ରବିବାର ଆସିଷ୍ଟାଣ୍ଟ ସେକ୍‌ସନ ଅଫିସର (ଏଏସ୍‌ଓ) ପଦବୀ ପାଇଁ ପରୀକ୍ଷାରେ କପି କରି ଜଣେ ପରୀକ୍ଷାର୍ଥୀ ଧରାପଡିଛନ୍ତି। ଧରାପଡିଥିବା ପରୀକ୍ଷାର୍ଥୀ ହେଲେ ନୟାଗଡ ଜିଲା ନୂଆଗାଁର ମୂଳବାସିନ୍ଦା ଅଜୟ କୁମାର ସାହୁ। ଅଜୟ ହାତରେ ପିନ୍ଧିଥିବା ସ୍ମାର୍ଟ ୱାଚ୍ ସାହାଯ୍ୟରେ କପି କରୁଥିବା ବେଳେ ଧରାପଡିଥିଲେ। ପରୀକ୍ଷା ନିୟନ୍ତ୍ରକଙ୍କ ଅଭିଯୋଗ ପରେ ପରୀକ୍ଷାର୍ଥୀ ସାହୁଙ୍କୁ ବୌଦ୍ଧ ମଡେଲ ଥାନାରେ ଅଟକ ରଖାଯାଇଛି। ଏ ନେଇ ବୌଦ୍ଧ ପଞ୍ଚାୟତ ମହାବିଦ୍ୟାଳୟ ଅଧ୍ୟକ୍ଷ ପ୍ରଶାନ୍ତ କୁମାର ମହାପାତ୍ରଙ୍କୁ ପଚାରିବାରୁ ତାଙ୍କର କାଗଜପତ୍ର ଯାଞ୍ଚ ଚାଲିଛି। ଯାଞ୍ଚ ସମ୍ପୂର୍ଣ୍ଣ ହେଲା ପରେ ଥାନାରେ ଏତଲା ଦିଆଯିବ ବୋଲି ସେ ପ୍ରକାଶ କରିଥିଲେ। ଏ ସମ୍ପର୍କରେ ବୌଦ୍ଧ ଥାନା ଅଧିକାରୀ ତପସ୍ୱିନୀ କହଁରଙ୍କୁ ପଚାରିବାରୁ ପରୀକ୍ଷାର୍ଥୀଙ୍କୁ ଅଟକ ରଖାଯାଇଛି। ଏପର୍ଯ୍ୟନ୍ତ କୌଣସି ଲିଖିତ ଅଭିଯୋଗ ଆସିନାହିଁ ବୋଲି କହିଥିଲେ। ସୂଚନାଯୋଗ୍ୟ, ରବିବାର ସାରା ରାଜ୍ୟରେ ଏଏସ୍‌ଓ ପରୀକ୍ଷା ହେଉଥିବା ବେଳେ ବୌଦ୍ଧ ଜିଲାର ଯୋଗୀନ୍ଦ୍ର ଦେବ ଉଚ୍ଚବିଦ୍ୟାଳୟ, ବାଳିକା ଉଚ୍ଚ ବିଦ୍ୟାଳୟ ଏବଂ ବୌଦ୍ଧ ପଞ୍ଚାୟତ ମହାବିଦ୍ୟାଳୟରେ ପରୀକ୍ଷା କେନ୍ଦ୍ର ହୋଇଛି। ଜିଲାରେ ସମୁଦାୟ ୫୯୨ ଜଣ ପରୀକ୍ଷା ଦେଇଥିବା ଜଣାପଡିଛି।

# ବହିଷ୍କାର ପରେ ବର୍ଷିଲେ ଶ୍ରୀକାନ୍ତ

**ଭୁବନେଶ୍ୱର,୨୦ା୧(ବ୍ୟୁରୋ)**

- ନିରଞ୍ଜନଙ୍କୁ କହିଲେ ଖଣି ଲୁଟେରା, ଲାଞ୍ଚୁଆ
- ନବୀନ-ରାହୁଲଙ୍କ ମଧ୍ୟରେ ସମ୍ପର୍କ ରହିଛି
- ପଟ୍ଟନାୟକ ପରିବାର ବିରୋଧରେ ସାରା ରାଜ୍ୟରେ ପ୍ରଚାର କରିବି
- ଶ୍ରୀକାନ୍ତଙ୍କ ଅଭିଯୋଗକୁ ନିରଞ୍ଜନଙ୍କ ଖଣ୍ଡନ



କଂଗ୍ରେସରୁ ବହିଷ୍କାର ହେବା ପରେ ବେଶ୍ ପ୍ରତିକ୍ରିୟାଶୀଳ ହୋଇଛନ୍ତି ପୂର୍ବତନ କେନ୍ଦ୍ରମନ୍ତ୍ରୀ ଶ୍ରୀକାନ୍ତ ଜେନା। ରାଜଧାନୀରେ ନିଜ ବାସଭବନରେ ରବିବାର ଏକ ଖବରଦାତା ସମ୍ମିଳନୀ କରି ସେ ପିସିସି ସଭାପତି ନିରଞ୍ଜନ ପଟ୍ଟନାୟକ, ବିଜେଡି ରାଜ୍ୟ ସଭା ସଦସ୍ୟ ସୌମ୍ୟରଞ୍ଜନ ପଟ୍ଟନାୟକ, କଂଗ୍ରେସ ଅଧ୍ୟକ୍ଷ ରାହୁଲ ଗାନ୍ଧୀ, ପିସିସି ପ୍ରଭାରୀ ଜିତେନ୍ଦ୍ର ସିଂ ଏବଂ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କୁ କଡ଼ା ସମାଲୋଚନା କରିଛନ୍ତି। ଏମିତିକି ପିସିସି ସଭାପତି ନିରଞ୍ଜନ ପଟ୍ଟନାୟକଙ୍କୁ ହାଇକୋର୍ଟ ଦ୍ୱାରା ଆଖ୍ୟାୟିତ ଅଭ୍ୟାସଗତ ଲାଞ୍ଚଦାତା କହିବାକୁ ସେ ପଛାଇ ନାହାନ୍ତି। ଓଡ଼ିଶାର ଖଣିଜ ସମ୍ପଦ ଲୁଟ୍ କରିଥିବା ପଟ୍ଟନାୟକ ପରିବାର ସହ ରାହୁଲ ଗାନ୍ଧୀ ରହିବାକୁ ସ୍ଥିର କରିଛନ୍ତି, ତେଣୁ ପ୍ରଦେଶ କଂଗ୍ରେସରେ ତାଙ୍କର ଆବଶ୍ୟକତା ନାହିଁ। ଆଗାମୀ ଦିନରେ ପଟ୍ଟନାୟକ ପରିବାରର କଳଙ୍କିତ ଅଧ୍ୟାୟର ମୁଖା ଖୋଲିବା ସହ ରାଜ୍ୟ ସାରା ବୁଲି ସଭା କରିବେ ବୋଲି ଶ୍ରୀକାନ୍ତ କହିଛନ୍ତି।

୨୦୧୮ ଡିସେମ୍ବର ୬ରେ ଶ୍ରୀକାନ୍ତଙ୍କୁ ପିସିସି ଇସ୍ତାହାର କମିଟିରୁ ବରଖାସ୍ତ କରାଯାଇଥିଲା। ଏହାର ୩ ଦିନ ପରେ ନିଜ ପକ୍ଷ ରଖି ରାହୁଲଙ୍କୁ ଲେଖିଥିବା ଚିଠିକୁ ସେ ସାର୍ବଜନୀନ କରିଛନ୍ତି। ଉକ୍ତ ଚିଠିରେ ଶ୍ରୀକାନ୍ତ ଉଲ୍ଲେଖ କରିଛନ୍ତି ଯେ, ବିଜେଡି ସରକାର ସମୟରେ ୨ ଲକ୍ଷ କୋଟିରୁ ଅଧିକ ଟଙ୍କାର ଖଣି ଦୁର୍ନୀତି ହୋଇଛି। ଏହି ଦୁର୍ନୀତି ରାଫାଲ ଦୁର୍ନୀତିଠାରୁ କୌଣସି ଗୁଣରେ କମ୍ ନୁହେଁ। ତେଣୁ ପ୍ରଦେଶ କଂଗ୍ରେସ ବେଆଇନ ଖଣି ଦୁର୍ନୀତି କରିଥିବା ମାଲିକମାନଙ୍କ ବିରୋଧରେ ଚାର୍ଜଶିଟ୍ ପ୍ରସ୍ତୁତ କରିବା ସହ ଲଢ଼େଇ କରୁ ବୋଲି ସେ ମତ ଦେଇଥିଲେ। ହେଲେ ଏହାକୁ ପିସିସି ସଭାପତି ନିରଞ୍ଜନ ପଟ୍ଟନାୟକ ଏବଂ ପ୍ରଭାରୀ ଜିତେନ୍ଦ୍ର ସିଂ ଗୁରୁତ୍ୱ ଦେଇ ନାହାନ୍ତି। ସେହିପରି କେବଳ ଗତବର୍ଷ ପିସିସି ସଭାପତି ନିରଞ୍ଜନ ପଟ୍ଟନାୟକଙ୍କ ପରିବାର ୨୦୦୦ କୋଟି ଟଙ୍କାରୁ ଊର୍ଦ୍ଧ୍ୱ ବେଆଇନ ଖଣି କାରବାର କରିଛନ୍ତି। ୧୯୮୫ରେ ଅଦାଲତରେ ଦାଖଲ କରିଥିବା ଏକ ସତ୍ୟପାଠରେ ନିଜର ଖଣି ବ୍ୟବସାୟ ପାଇଁ ନିରଞ୍ଜନ କିଛି ବ୍ୟକ୍ତିବିଶେଷଙ୍କୁ ଲାଞ୍ଚ ଦେଇ ଆସୁଥିବା ଉଲ୍ଲେଖ କରିଥିଲେ। ତେଣୁ ନିରଞ୍ଜନଙ୍କୁ ଜଣେ ଅଭ୍ୟାସଗତ ଲାଞ୍ଚଦାତା ବୋଲି ଅଦାଲତ ଅଭିହିତ କରିଥିଲା। ଯେଉଁ କଂଗ୍ରେସ ଦଳରେ ମହାତ୍ମା ଗାନ୍ଧୀ, ଜବାହରଲାଲ ନେହେରୁ, ଗୋପବନ୍ଧୁ ଦାସ ପ୍ରମୁଖ ଜାତୀୟ ତଥା ରାଜ୍ୟସ୍ତରରେ ନେତୃତ୍ୱ ନେଇଛନ୍ତି, ସେ ଦଳରେ ଲାଞ୍ଚଦାତାଙ୍କୁ ପିସିସି ସଭାପତି କରାଯିବା ଦୁର୍ଭାଗ୍ୟଜନକ। କର୍ଣ୍ଣାଟକ ବେଲାରୀ ରେଡ୍ଡି ବ୍ରଦର୍ସ ଉପାଖ୍ୟାନ ଭଳି ଓଡ଼ିଶାରେ ପଟ୍ଟନାୟକ ଭାଇମାନଙ୍କ କାରନାମା, କିନ୍ତୁ ଏହାକୁ ପ୍ରଭାରୀ ଜିତେନ୍ଦ୍ର ଅଣଦେଖା କରିଥିବା ଶ୍ରୀକାନ୍ତ ଅଭିଯୋଗ କରିଛନ୍ତି। ରାଜ୍ୟକୁ ଦୁଇ ପଟ୍ଟନାୟକ ପରିବାର ମଧ୍ୟରୁ ବିଜୁ ପଟ୍ଟନାୟକ(୭ ବର୍ଷ), ଜାନକୀ ପଟ୍ଟନାୟକ(୧୪ବର୍ଷ) ଏବଂ ନବୀନ ପଟ୍ଟନାୟକ(୧୯ବର୍ଷ) ପ୍ରାୟ ୪୦ ବର୍ଷ ଶାସନ କରିଛନ୍ତି। ଆଶ୍ଚର୍ଯ୍ୟର ବିଷୟ ପ୍ରଭାରୀ ଓ ସଭାପତି କଂଗ୍ରେସର ସାମାଜିକ ନ୍ୟାୟ ଆଦର୍ଶକୁ କୋଣଠେସା କରିଛନ୍ତି ବୋଲି ଶ୍ରୀକାନ୍ତ କହିଛନ୍ତି।

ନବୀନ ପଟ୍ଟନାୟକ କଂଗ୍ରେସ ରାଜନୀତିକୁ ନିରଞ୍ଜନଙ୍କ ଭାଇ ତଥା ବିଜେଡି ରାଜ୍ୟ ସଭା ଏମ୍‌ପି ସୌମ୍ୟରଞ୍ଜନ ପଟ୍ଟନାୟକ ପ୍ରଭାବିତ କରୁଛନ୍ତି। ତେଣୁ କଂଗ୍ରେସ ରାଜ୍ୟରେ ବିଜେଡିର ବି ଟିମ୍ ହୋଇଯାଇଛି। ଯଦି ଏଥିରେ ପରିବର୍ତ୍ତନ ନ କରାଯାଏ, ତେବେ ଭାଜପାକୁ ଫାଇଦା ହେବ ବୋଲି ଶ୍ରୀକାନ୍ତ ରାହୁଲଙ୍କୁ ଲେଖିଥିବା ଚିଠିରେ ଉଲ୍ଲେଖ କରିଥିବା କହିଛନ୍ତି। ରାହୁଲ-ନବୀନଙ୍କ ମଧ୍ୟରେ ଏକ ବୁଝାମଣା ହୋଇଛି, କିଛି ଖଣିମାଫିଆ ଏହାର ସୂତ୍ରଧର। ଏପରିକି ଆସନ୍ତା ୨୫ରେ ରାହୁଲଙ୍କ ଓଡ଼ିଶା ଗସ୍ତ ସମୟରେ ସେ ଏମିତି କିଛି ତଥ୍ୟ ଦେବେ, ଯାହାଦ୍ୱାରା ସାରା ଭାରତରେ ରାହୁଲ ନିନ୍ଦିତ ହେବେ ବୋଲି ଶ୍ରୀକାନ୍ତ କହିଛନ୍ତି।

ଶ୍ରୀକାନ୍ତଙ୍କ ଅଭିଯୋଗର ପ୍ରତିକ୍ରିୟା ରଖି ନିରଞ୍ଜନ କହିଛନ୍ତି ଯେ, ଦଳରେ ଶୃଙ୍ଖଳା ରକ୍ଷା ନ କଲେ କାର୍ଯ୍ୟାନୁଷ୍ଠାନ ହେବ। ଖଣି କାରବାର ଲାଞ୍ଚ ପ୍ରସଙ୍ଗରେ ଶ୍ରୀକାନ୍ତବାବୁ ହାଇକୋର୍ଟଙ୍କ ରାୟ ଶୁଣିଛନ୍ତି, ହେଲେ ସୁପ୍ରିମ୍‌କୋର୍ଟ କହିଥିବା କଥା ଶୁଣିନାହାନ୍ତି। ରାହୁଲଙ୍କ ବିରୋଧରେ ମହାଖୁଲାସା ପୂର୍ବରୁ ନ କରି କାହିଁକି ଚୁପ୍ ଥିଲେ ବୋଲି ନିରଞ୍ଜନ କହିଛନ୍ତି। ସେହିପରି ଶ୍ରୀକାନ୍ତଙ୍କ କଂଗ୍ରେସକୁ ବିଜେଡିର ବି ଟିମ୍ କହିବା କଥାକୁ ପ୍ରତାପ ଦେବ ଖଣ୍ଡନ କରିଛନ୍ତି। ସେ କହିଛନ୍ତି ଯେ, କିଛିଦିନ ପୂର୍ବେ ଶ୍ରୀକାନ୍ତ ବାବୁ ଭାଜପା-ବିଜେଡି ମେଣ୍ଟ କଥା କହୁଥିଲେ। ଏବେ କଂଗ୍ରେସ-ବିଜେଡି ମେଣ୍ଟ କଥା କହିଲେଣି, ତେଣୁ ତାଙ୍କ କଥାରେ କୌଣସି ତାଳମେଳ ନାହିଁ ବୋଲି ପ୍ରତାପ କହିଛନ୍ତି।

### କୋଷ୍ଟ ଗାର୍ଡ ପକ୍ଷରୁ ସମୁଦ୍ରରେ ଦିନେ କାର୍ଯ୍ୟକ୍ରମ
## ୪ ପାଟ୍ରୋଲିଂ ଜାହାଜରେ କୌଶଳ ପ୍ରଦର୍ଶନ




**ପାରାଦୀପ,୨୦ା୧(ସ୍ୱ.ପ୍ର.)**

ଭାରତୀୟ ତଟରକ୍ଷୀ ବାହିନୀ(କୋଷ୍ଟ ଗାର୍ଡ)ର ପ୍ରତିଷ୍ଠା ଦିବସ ଅବସରରେ ରବିବାର ସମୁଦ୍ରରେ ଦିନେ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏଥିରେ ୪ ପାଟ୍ରୋଲିଂ ଜାହାଜ ନିମନ୍ତ୍ରିତ ଅତିଥିଙ୍କୁ ନେଇ ପାରାଦୀପ ନିକଟସ୍ଥ ସମୁଦ୍ରରେ କଳାକୌଶଳ ଦେଖାଇଥିଲେ। କୋଷ୍ଟ ଗାର୍ଡର ଦୁଇ ନୂଆ ଜାହାଜ ସୁଜୟ-ବିଜୟରେ ଅତିଥି ସମୁଦ୍ରକୁ ଯାଇଥିଲେ। କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥିଭାବେ ରାଜ୍ୟପାଳ ଗଣେଶୀ ଲାଲ ଯୋଗ ଦେଇଥିଲେ। ସମୁଦ୍ରରେ ବିପଦରେ ପଡ଼ିଥିବା ଲୋକଙ୍କୁ କିପରି ଉଦ୍ଧାର କରାଯାଏ, ଶତ୍ରୁ ଦେଶର ବୋଟ କିମ୍ବା ସନ୍ଦିଗ୍ଧ ଲୋକଙ୍କୁ ଠାବ କରିବାର ପ୍ରଣାଳୀ, ଅଲିଭ ରିଡ୍‌ଲେ କଇଁଛ ସୁରକ୍ଷା ପାଇଁ ନିଆଯାଉଥିବା ପଦକ୍ଷେପ, ସାମୁଦ୍ରିକ ପ୍ରଦୂଷଣକୁ ରୋକିବା ଆଦି କଳାକୌଶଳ ଯବାନମାନେ ଦେଖାଇଥିଲେ। ଏଥିସହିତ ହେଲିକପ୍ଟର ଅବତରଣ କରିବା, ଉଡ଼ାଣ କରିବା, ପାଣିରୁ ଲୋକଙ୍କୁ ଉଦ୍ଧାର କରିବା କୌଶଳ ପ୍ରଦର୍ଶିତ ହୋଇଥିଲା। କୋଷ୍ଟଗାର୍ଡ ଡିଆଇଜି ରାଜେଶ ମ୍ୟାକ୍‌ୱାବ୍‌ଙ୍କ ସମେତ ବହୁ ଅଧିକାରୀ କାର୍ଯ୍ୟକ୍ରମରେ ସାମିଲ ହୋଇଥିଲେ।

## ବିଜେଡି, କଂଗ୍ରେସ ଉପରେ ବର୍ଷିଲେ ଭୂପିନ୍ଦର

### ବିରୋଧୀ ମହାମେଣ୍ଟକୁ ସମାଲୋଚନା

**ଭୁବନେଶ୍ୱର,୨୦ା୧(ବ୍ୟୁରୋ)**



ଖବରଦାତା ସମ୍ମିଳନୀରେ ଭାଜପା ରାଷ୍ଟ୍ରୀୟ ସାଧାରଣ ସମ୍ପାଦକ ଭୂପିନ୍ଦର ଯାଦବ (ମଝି)।

କେନ୍ଦ୍ର ଯୋଜନାକୁ ତୃଣମୂଳସ୍ତରରେ ପହଞ୍ଚାଇବାରେ ରାଜ୍ୟ ସରକାର ବିଫଳ। ରାଜ୍ୟବାସୀ ଏହା ଜାଣିସାରିଲେଣି। ତେଣୁ ଓଡ଼ିଶାରେ ଏଥର ଭାଜପା ସରକାର କରିବ। ରାଜ୍ୟରେ ଦୀର୍ଘଦିନ ଶାସନ କରୁଥିବା ବିଜେଡିକୁ ଏଥର ଶାସନଗାଦିରୁ ଲୋକେ ହଟାଇବେ ଏବଂ ଉଭୟ ଲୋକ ସଭା ଏବଂ ବିଧାନସଭା ପାଇଁ ଭାଜପା ଜନମତ ପାଇବ ବୋଲି ଭାଜପା ରାଷ୍ଟ୍ରୀୟ ସାଧାରଣ ସମ୍ପାଦକ ତଥା ଏମ୍‌ପି ଭୂପିନ୍ଦର ଯାଦବ କହିଛନ୍ତି । ଏହି ଅବସରରେ ଭୂପିନ୍ଦର ଉଭୟ ରାଜ୍ୟ ସରକାର ଏବଂ କଂଗ୍ରେସ ଉପରେ ବର୍ଷିଛନ୍ତି। ପଶ୍ଚିମବଙ୍ଗରେ ଶନିବାର ଏକାଠି ହୋଇଥିବା ବିରୋଧୀ ମହାମେଣ୍ଟକୁ ନେଇ ମଧ୍ୟ ଭୂପିନ୍ଦର କଡା ସମାଲୋଚନା କରି ଦେଶବାସୀ ଭାଜପାକୁ ପୁନର୍ବାର ସରକାରରେ ବସାଇବାକୁ ଚାହୁଁଥିବା ଯାଦବ କହିଛନ୍ତି।

ଭାଜପା ରାଜ୍ୟ କାର୍ଯ୍ୟାଳୟଠାରେ ରବିବାର ଆୟୋଜିତ ଖବରଦାତା ସମ୍ମିଳନୀରେ ଭୂପିନ୍ଦର କହିଛନ୍ତି ଯେ, ନିକଟରେ ଦଳର ରାଷ୍ଟ୍ରୀୟ ଅଧିବେଶନରେ ବିଭିନ୍ନ ରାଜନୈତିକ ପ୍ରସଙ୍ଗରେ ଆଲୋଚନା ହୋଇଥିଲା। ଭାରତକୁ ପ୍ରଗତିର ଶିଖରରେ ପହଞ୍ଚାଇବା ପାଇଁ କେନ୍ଦ୍ର ସରକାରଙ୍କ ବିଭିନ୍ନ ଜନକଲ୍ୟାଣ ଯୋଜନାର ସଫଳତାକୁ ନେଇ ଦଳ ଆଗାମୀ ନିର୍ବାଚନରେ ଲୋକଙ୍କ ପାଖକୁ ଯିବ। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କର କାର୍ଯ୍ୟକାଳ ମଧ୍ୟରେ କୃଷି କ୍ଷେତ୍ର ପାଇଁ କେନ୍ଦ୍ର କରିଥିବା ଯୋଜନା ପୂର୍ବରୁ ଆଉ କୌଣସି ସରକାର ସମୟରେ ହୋଇ ନ ଥିଲା। କୃଷକ ସମୃଦ୍ଧ ହେଲେ ଭାରତ ସମୃଦ୍ଧ ହେବ। ଶସ୍ୟର ସର୍ବନିମ୍ନ ସହାୟକ ମୂଲ୍ୟରେ ଏହି ସରକାର ସମୟରେ ବ୍ୟାପକ ବଢାଯାଇଛି । ୟୁପିଏର ଶେଷ ୫ବର୍ଷର କଂଗ୍ରେସ ସରକାର ସମୟରେ ଯାହା ବଜେଟ ଆସୁଥିଲା ତାହା ଏବେ ଦୁଇଗୁଣ ହୋଇଯାଇଛି। ଜନତା ଭାଜପା ସହ ଅଛନ୍ତି। ମୋଦିଙ୍କ ନେତୃତ୍ୱରେ ୨୦୧୯ ନିର୍ବାଚନରେ ବହୁମତ ସହିତ ଭାଜପା ସରକାର ଗଢିବା ନିଶ୍ଚିତ। ଯାଦବ ଆହୁରି କହିଛନ୍ତି ଯେ, ସ୍ୱାର୍ଥ ଏବଂ ସତ୍ତା ପାଇଁ କଂଗ୍ରେସ ଏବଂ ଅନ୍ୟ ଦଳ ଏଭଳି ମେଣ୍ଟ କରୁଛନ୍ତି, ଯାହାର କେହି ନେତା ନାହାନ୍ତି କି କୌଣସି ନୀତି ନାହିଁ। ଏହି ମେଣ୍ଟ ଜାଣିସାରିଲାଣି ସେମାନେ ଭାଜପାର ମୁକାବିଲା କରିପାରିବେ ନାହିଁ। ଗତ ପାଞ୍ଚବର୍ଷ ଶାସନରେ କେନ୍ଦ୍ରରେ ଭାଜପା ସରକାରରେ ଦୁର୍ନୀତିର ଗୋଟିଏ ବି ଦାଗ ଲାଗିନି। କିନ୍ତୁ କଂଗ୍ରେସ ସରକାର ସେତେବେଳେ ଅନ୍ତରୀକ୍ଷରୁ ପାତାଳ ପର୍ଯ୍ୟନ୍ତ ଲୁଟିବାର କାମ କରୁଥିଲା। ଭାଜପା ସରକାର ସାମାନ୍ୟ ଶ୍ରେଣୀର ଗରିବ ଯୁବକଙ୍କୁ ଶିକ୍ଷା ଓ ସରକାରୀ ଚାକିରିରେ ୧୦% ସଂରକ୍ଷଣ ଐତିହାସିକ ନିଷ୍ପତ୍ତି ନେଇଛନ୍ତି ବୋଲି ଯାଦବ କହିଛନ୍ତି।

ଅପରପକ୍ଷରେ ବିଜେଡି ମୁଖପାତ୍ର ସମୀର ଦାସ କହିଛନ୍ତି ଯେ, ଭାଜପା ନେତାମାନଙ୍କର ଦିବାସ୍ୱପ୍ନ ଦେଖିବାର ଅଭ୍ୟାସ ଯାଉନି। ରାଜ୍ୟ ସରକାର ଗରିବଙ୍କ ପାଇଁ ଯେତେସବୁ ଯୋଜନା କରିଛନ୍ତି ସେସବୁର ସୁବିଧା ତୃଣମୂଳସ୍ତରରେ ଲୋକେ ପାଉଛନ୍ତି। ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ବହୁ ଜନକଲ୍ୟାଣକାରୀ ଯୋଜନାର ଲାଭ ସିଧାସଳଖ ଲୋକମାନଙ୍କ ପାଖରେ ପହଞ୍ଚିଛି। ଏହାକୁ ଦେଖି ଭାଜପା ଭୟଭୀତ। ପୁଣିଥରେ ଆମେ ସରକାର କରିବୁ ବୋଲି ସମୀର କହିଛନ୍ତି।

## ୨୮ରୁ ଓଡ଼ିଶା ପୋଲିସ ହାବିଲଦାର, କନଷ୍ଟେବଲ, ସିପାହି ମହାସଙ୍ଘର ଧାରଣା

**କଟକ ଅଫିସ, ୨୦ା୧**

ନିଜର ମୌଳିକ ଦାବି ପୂରଣ ନ ହେବା ପର୍ଯ୍ୟନ୍ତ ଆସନ୍ତା ୨୮ ତାରିଖଠାରୁ ଅନିର୍ଦ୍ଦିଷ୍ଟ କାଳ ପର୍ଯ୍ୟନ୍ତ ବିଧାନସଭା ସମ୍ମୁଖରେ ଧାରଣାରେ ବସିବ ଓଡ଼ିଶା ପୋଲିସ ହାବିଲଦାର, କନଷ୍ଟେବଲ ଓ ସିପାହି ମହାସଂଘ। ଏ ନେଇ ରବିବାର ମହାସଂଘ ପକ୍ଷରୁ କଟକ ବକ୍ସିବଜାରସ୍ଥିତ କ୍ୟାମ୍ପ ଅଫିସ୍‌ରେ ଆୟୋଜିତ ଖବରଦାତା ସମ୍ମିଳନୀରେ ସଂଘ ସଭାପତି ସନ୍ତୋଷ ଶତପଥୀ ସୂଚନା ଦେଇଛନ୍ତି। ସେ କହିଛନ୍ତି, ଘରଭଡା, ସ୍ୱାସ୍ଥ୍ୟବୀମା, ବାଟାଲିୟନ ଭତ୍ତା, ସ୍ୱତନ୍ତ୍ର ପ୍ରୋତ୍ସାହନ ଭତ୍ତା, ପୋଷାକର ରକ୍ଷଣାବେକ୍ଷଣ ଭତ୍ତା ଭଳି ମୌଳିକ ଦାବିଗୁଡିକ ପୂରଣ ପାଇଁ ଆମେ ରାଜ୍ୟ ସରକାର ଓ ବିଭାଗୀୟ ଅଧିକାରୀମାନଙ୍କୁ ବହୁବାର ଅବଗତ କରାଇଛୁ। ହେଲେ ସେମାନେ ଆମର ଦାବି ପୂରଣ ଦିଗରେ କୌଣସି ପଦକ୍ଷେପ ଗ୍ରହଣ କରୁନାହାନ୍ତି। ତେଣୁ ଆସନ୍ତା ୨୮ ତାରିଖରେ ଆମେ ଅନିର୍ଦ୍ଦିଷ୍ଟ କାଳ ପାଇଁ ଧାରଣା ଦେବାକୁ ନିଷ୍ପତ୍ତି ନେଇଛୁ। ଏଥିସହିତ ସେହିଦିନ ଆମର ୫୦ଟି ଶାଖା ସଂଘର କର୍ମକର୍ତ୍ତାମାନଙ୍କୁ ନିଜ ଜିଲା କିମ୍ବା ବାଟାଲିୟନ ସଦର ମହକୁମାଠାରେ ଧାରଣା ଦେବାକୁ କୁହାଯାଇଛି। ଏହାପରେ ଯଦି ସରକାର ଆମର ଦାବି ପୂରଣ ନ କରନ୍ତି ତେବେ ଆସନ୍ତା ବିଧାନସଭା ଅଧିବେଶନର ପ୍ରଥମ ଦିନରୁ ସମସ୍ତ ହାବିଲଦାର, ସିପାହି ଏବଂ କନଷ୍ଟେବଲ ସମୂହ ଛୁଟିରେ ରହିବା ସହ ଧାରଣାରେ ଯୋଗଦେବେ ବୋଲି ସେ କହିଛନ୍ତି।

## ପୁଣି ଲାଗିଲା ମାଓବାଦୀ ପୋଷ୍ଟର

### ମହିଳା ସରପଞ୍ଚଙ୍କୁ ହତ୍ୟା ଧମକ

**ବାଲିଗୁଡ଼ା,୨୦ା୧(ଡି.ଏନ୍.ଏ.)**

କନ୍ଧମାଳ ଜିଲା ବାଲିଗୁଡ଼ା ଉପଖଣ୍ଡ ଅଞ୍ଚଳରେ ଗତ ୨ ଦିନ ହେଲା ମାଓବାଦୀ ପୋଷ୍ଟର ମରାଯାଉଥିବାରୁ ଏକ ପ୍ରକାର ଭୟର ବାତାବରଣ ସୃଷ୍ଟି ହୋଇଛି। ଶନିବାର ସୁଦ୍ରା ପଞ୍ଚାୟତରେ ମାଓବାଦୀ ପୋଷ୍ଟର ଲାଗିଥିଲା। ରବିବାର କୋଟଗଡ଼ ବ୍ଲକ ତଥା ଥାନା ଅନ୍ତର୍ଗତ ପକାରୀ ପଞ୍ଚାୟତ କାର୍ଯ୍ୟାଳୟ ଫାଟକ ଓ ସମିତି ସଭ୍ୟଙ୍କ ଘର ଆଗରେ ଧମକପୂର୍ଣ୍ଣ ପୋଷ୍ଟର ଲାଗିଥିବା ଦେଖାଯାଇଛି। ଏଥିରେ ପଞ୍ଚାୟତର ମହିଳା ସରପଞ୍ଚଙ୍କୁ ହତ୍ୟା ଧମକ ଦିଆଯାଇଛି।

ସରପଞ୍ଚ ବହୁ ଦୁର୍ନୀତିରେ ଲିପ୍ତ ରହିଛନ୍ତି। ବିଜୁ ପକ୍କାଘର ଓ ରାଶନ କାର୍ଡ ପ୍ରଦାନରେ ପାତରଅନ୍ତର କରାଯାଉଛି। ଠିକାଦାରଙ୍କଠାରୁ ଆଗୁଆ ଲାଞ୍ଚ ନେଉଥିଲେ ମଧ ଠିକ ଭାବେ ବିଲ କରୁନାହାନ୍ତି। ଯଦ୍ୱାରା ଶ୍ରମିକମାନେ ସେମାନଙ୍କ ଅର୍ଥ ନ ପାଇ ଅସୁବିଧା ଭୋଗୁଛନ୍ତି। ୧୫ ଦିନ ଭିତରେ ଏସବୁ ସମସ୍ୟାର ସମାଧାନ ନ ହେଲେ ମୃତ୍ୟୁଦଣ୍ଡ ଦିଆଯିବ ବୋଲି ଏକ ଧଳା କାଗଜରେ ନାଲି ଅକ୍ଷରରେ ଲେଖାଯାଇଛି। କାଗଜ ଉପରେ ମରାଯାଇଥିବା ଏକ ଷ୍ଟାମ୍ପରେ ଦୁର୍ନୀତି ବିରୋଧରେ ଲଢ଼ିବ ଓଡ଼ିଶା ବୋଲି ଲେଖାଅଛି। ତଳକୁ ସିପିଆଇ ମାଓବାଦୀ କମାଣ୍ଡର, ଓଡ଼ିଶା ବୋଲି ଉଲ୍ଲେଖ ରହିଛି। ରବିବାର ସକାଳୁ ଏହି ପୋଷ୍ଟର ଦେଖିବା ପରେ ସରପଞ୍ଚ ଓ ସମିତିସଭ୍ୟ ଭୟଭୀତ ହୋଇପଡ଼ିଛନ୍ତି। ତେବେ ସନ୍ଧ୍ୟା ପର୍ଯ୍ୟନ୍ତ ପୋଲିସ ଉକ୍ତ ପଞ୍ଚାୟତରେ ପହଞ୍ଚି ନ ଥିଲା। ପୋଷ୍ଟର ମରାଯାଇଥିବା ଖବର ପହଞ୍ଚିଛି, ତେବେ କୌଣସି ଅଭିଯୋଗ ହୋଇ ନ ଥିବାରୁ ମାମଲା ରୁଜୁ ହୋଇ ନାହିଁ। ଏ ନେଇ ସରପଞ୍ଚଙ୍କ ସହ ଯୋଗାଯୋଗ କରାଯାଇଥିବା ବେଳେ ତାଙ୍କର କୌଣସି ମତାମତ ମିଳିପାରି ନାହିଁ।

### ପ୍ରାଇସ୍, ପ୍ରେଷ୍ଟିଜ୍ ଓ ପେନ୍‌ସନ ଦାବି
## ୬ରୁ ଆର୍ଥନୀତିକ ଅବରୋଧ କରିବ ନବ ନିର୍ମାଣ କୃଷକ ସଙ୍ଗଠନ

**ଭୁବନେଶ୍ୱର,୨୦ା୧(ବ୍ୟୁରୋ)**

ରାଜ୍ୟ ସରକାରଙ୍କ ପକ୍ଷରୁ ଆରମ୍ଭ କରାଯାଇଥିବା କାଳିଆ ଯୋଜନାକୁ ନବ ନିର୍ମାଣ କୃଷକ ସଙ୍ଗଠନ ପ୍ରତ୍ୟାଖ୍ୟାନ କରିଛି। କାଳିଆ ଯୋଜନାକୁ ବିରୋଧ କରି ଆସନ୍ତା ୬ତାରିଖରୁ ଅନବରତ ଲଢେଇ କରିବ ବୋଲି ଘୋଷଣା କରିଛି। ପ୍ରାଇସ୍, ପ୍ରେଷ୍ଟିଜ୍ ଓ ପେନ୍‌ସନ ଦାବିରେ ଚାଷୀମାନେ ଆଗାମୀ ଦିନରେ ଆର୍ଥନୀତିକ ଅବରୋଧ କରିବା ସହ ଦାବି ପୂରଣ ନ ହେବା ପର୍ଯ୍ୟନ୍ତ ଲଢେଇ ଜାରି ରଖିବ ବୋଲି ସଙ୍ଗଠନର ରାଷ୍ଟ୍ରୀୟ ଆବାହକ ଅକ୍ଷୟ କୁମାର କହିଛନ୍ତି।

ରବିବାର ସ୍ଥାନୀୟ ରେଡ୍‌କ୍ରସ ଭବନଠାରେ ଆୟୋଜିତ ଖବରଦାତା ସମ୍ମିଳନୀରେ ଅକ୍ଷୟ କୁମାର କହିଛନ୍ତି ଯେ, ଅକ୍ଟୋବର ୨୯ରୁ ନଭେମ୍ବର ୫ତାରିଖ ପର୍ଯ୍ୟନ୍ତ ଚାଷୀମାନଙ୍କ ଐତିହାସିକ ପଦଯାତ୍ରା ଯୋଗୁ ରାଜ୍ୟ ସରକାର ମନ୍ତ୍ରୀସ୍ତରୀୟ କମିଟି ଗଠନ କଲେ। ଏହି କମିଟି ୨ଥର ବୈଠକ କଲା, ମାତ୍ର ଚାଷୀ ସଙ୍ଗଠନର ଦାବି ଉପରେ କୌଣସି ଠୋସ୍ ପଦକ୍ଷେପ ନିଆଗଲାନି। ଓଲଟା କାଳିଆ ଯୋଜନା କରି ଚାଷୀଙ୍କ ଦାବିକୁ ସରକାର ଏଡାଇଗଲେ। ଅନ୍ୟ ରାଜ୍ୟ ସରକାରମାନେ ଯେଭଳି ଚାଷୀଙ୍କ ଦାବିକୁ ବିଚାରକୁ ନେଇ ନିଷ୍ପତ୍ତି ନେଇଛନ୍ତି ଓଡିଶା ସରକାର ସେଭଳି ପଦକ୍ଷେପ ନିଅନ୍ତୁ ବୋଲି ନବ ନିର୍ମାଣ କୃଷକ ସଙ୍ଗଠନ ଦାବି କରିଛି। ସଙ୍ଗଠନ ପୂର୍ବରୁ ଚାଷୀ ସୁରକ୍ଷା ଭତ୍ତା ଦାବି କରି ଆସୁଛି। ରାଜ୍ୟରେ ୩୬ଲକ୍ଷ ଚାଷୀଙ୍କ ପାଇଁ ୫ହଜାର ଟଙ୍କା ଲେଖାଏ ସୁରକ୍ଷା ଭତ୍ତା ବର୍ଷକୁ ୨୧,୬୦୦କୋଟି ଟଙ୍କା ବଜେଟ୍‌ରେ ବ୍ୟବସ୍ଥା କରିବା ପାଇଁ ସଙ୍ଗଠନ ଦାବି କରୁଛି। ସରକାର ତୁରନ୍ତ ଅଧ୍ୟାଦେଶ ମାଧ୍ୟମରେ ଏହି ବଜେଟ୍ ବ୍ୟବସ୍ଥା କରନ୍ତୁ , ନଚେତ୍ ଫେବୃୟାରୀ ୬ରୁ ବିଶାଳ ଚାଷୀ ସମାବେଶ , ଆର୍ଥନୀତିକ ଅବରୋଧ ଓ ସବୁସ୍ତରରେ ନବ ନିର୍ମାଣ କୃଷକ ସଙ୍ଗଠନ ଲଢେଇ କରିବ ବୋଲି ଅକ୍ଷୟ କୁମାର ଚେତାବନୀ ଦେଇଛି।

# ଆରମ୍ଭ ହେଲା ଜୟପୁର-ମାଲକାନଗିରି ରେଳ ଲାଇନ ସର୍ଭେ

**ମାଲକାନଗିରି,୨୦ା୧ (ଡି.ଏନ୍.ଏ.)**



ଅଧିକାରୀମାନେ ରେଳ ପ୍ରକଳ୍ପ ସର୍ଭେ କାର୍ଯ୍ୟର ଶୁଭାରମ୍ଭ କରୁଛନ୍ତି।

- ଜୟପୁର-ବୈପାରିଗୁଡା ସର୍ଭେ ଶେଷ ହୋଇଛି
- ୯୬୬ ହେକ୍ଟର ଜମି ଅଧିଗ୍ରହଣ ହେବ
- ୩ଟି କମ୍ପାନୀକୁ ମିଳିବ ଟେଣ୍ଡର

ମାଲକାନଗିରି ଜିଲାବାସୀ ଦୀର୍ଘ ବର୍ଷ ହେଲା ଜିଲାକୁ ରେଳ ଲାଇନ ପାଇଁ ଦାବି କରି ଆସୁଥିଲେ। ଏଥିପାଇଁ ରାଜ୍ୟ ସରକାର କେନ୍ଦ୍ର ସରକାରଙ୍କ ନିକଟକୁ ମାଲକାନଗିରି ଜିଲାରେ ରେଳ ଲାଇନ ଅତ୍ୟନ୍ତ ଜରୁରୀ ବୋଲି ଦର୍ଶାଇ ବିଭିନ୍ନ ସମୟରେ ଦାବି କରି ଆସୁଥିଲେ। ୨୦୧୬ରେ ମାଲକାନଗିରି ରେଳଲାଇନ ପାଇଁ ପ୍ରସ୍ତାବ ମଞ୍ଜୁର ହୋଇଥିଲା। ୨୦୧୮ରେ ସରକାର ୨୬୭୬ କୋଟି ଟଙ୍କା ମଞ୍ଜୁର କରିଛନ୍ତି। ରାଜ୍ୟ ସରକାର ଜମି ଯୋଗାଇଦେବା ସହ ଏହି ରେଳ ଲାଇନ ପାଇଁ ୪୦ ପ୍ରତିଶତ ଅର୍ଥ ଯୋଗାଇ ଦେବେ ବୋଲି ପୂର୍ବରୁ କେନ୍ଦ୍ରକୁ ଜଣାଇଥିଲେ। ନବରଙ୍ଗପୁର ଏମ୍‌ପି ବଳଭଦ୍ର ମାଝୀ କେନ୍ଦ୍ର ରେଳମନ୍ତ୍ରୀଙ୍କ ନିକଟରେ ସର୍ଭେ କାର୍ଯ୍ୟ ତ୍ୱରାନ୍ୱିତ କରିବା ପାଇଁ ବାରମ୍ବାର ଦାବି କରି ଆସୁଥିଲେ। ଏହାର ଫଳ ସ୍ୱରୂପ ୧୨୮.୫ କିଲୋମିଟର ରେଳଲାଇନ ପାଇଁ ଜୟପୁରରୁ ବୈପାରିଗୁଡା ସର୍ଭେ କାର୍ଯ୍ୟ ଆରମ୍ଭ ହୋଇ ନିକଟରେ ଶେଷ ହୋଇଛି ବୋଲି ରେଳ ମନ୍ତ୍ରଣାଳୟର ଡେପୁଟି ଚିଫ୍ ଇଞ୍ଜିନିୟର ରବିବାର ଏକ ଖବରଦାତା ସମ୍ମିଳନୀରେ ପ୍ରକାଶ କରିଛନ୍ତି। ଅବଶିଷ୍ଟ ଲାଇନ୍ ବୈପାରିଗୁଡାରୁ ମାଲକାନଗିରି ସର୍ଭେ କାର୍ଯ୍ୟ ରବିବାରଠାରୁ ଆରମ୍ଭ ହୋଇଛି। ଏହି ଅବସରରେ ଏମ୍.ଭି.-୪୨ ଗ୍ରାମ ନିକଟରେ ପ୍ରସ୍ତାବିତ ରେଳଷ୍ଟେସନଠାରୁ ସର୍ଭେ କାର୍ଯ୍ୟକୁ ଏମ୍‌ପି ମାଝୀ ଶୁଭାରମ୍ଭ କରିଛନ୍ତି। ତାଙ୍କ ସହ ମାଲକାନଗିରି ବିଧାୟକ ମାନସ ମାଡକାମି, ଚିତ୍ରକୋଣ୍ଡା ବିଧାୟକ ଡମ୍ବରୁ ଶିଶା, ପୂର୍ବତନ ଜିଲା ପରିଷଦ ଅଧ୍ୟକ୍ଷ ଗଙ୍ଗାଧର ବୁରୁଦା, ପୌର ପରିଷଦର ପୂର୍ବତନ ଅଧ୍ୟକ୍ଷା ରାଜଓ୍ୱନ୍ତଙ୍କ ସମେତ ଅନ୍ୟମାନେ ଉପସ୍ଥିତ ଥିଲେ। ଖବରଦାତା ସମ୍ମିଳନୀରେ ଉପସ୍ଥିତ ଥିବା ବିଭାଗୀୟ ନିର୍ବାହୀଯନ୍ତ୍ରୀ ସି.ଏମ୍. ରାଓ କହିଛନ୍ତି ଯେ, ଏହି ୧୨୮.୫ କିଲୋମିଟର ରେଳ ଲାଇନରେ ଜୟପୁରରୁ ଫାମ୍ପୁଣି, ବୈପାରିଗୁଡା, ଟାଙ୍ଗିଣିଗୁଡା, ନୁନଖାରି, ସିନ୍ଧିଗୁଡା, ଗୋବିନ୍ଦପାଲି, ମାଥିଲି, ପାଙ୍ଗାମ, ପାଣ୍ଡ୍ରିପାଣି, ପଞ୍ଚବଟୀ ପରେ ମାଲକାନଗିରିଠାରେ ଷ୍ଟେସନ ପ୍ରତିଷ୍ଠା ହେବ । ପାଣ୍ଡ୍ରିପାଣିରୁ ମାଲକାନଗିରି ମଧ୍ୟରେ ସତୀଗୁଡା ଜଳଭଣ୍ଡାର ପଡୁଥିବାରୁ ଜଳଭଣ୍ଡାର ନିକଟରେ ଥିବା ମୁନୁସା, ଭିମାରାଙ୍ଗିଣି, ରିଜାରଗୁଡା ପଞ୍ଚବଟୀ ଷ୍ଟେସନ (ଡ୍ୟାମ୍ ସାଇଟ୍)କୁ ରାସ୍ତା ନିର୍ମାଣ କରାଯିବ । ଏହି ରେଳ ଲାଇନ ପାଇଁ ମୋଟ ୯୬୬ ହେକ୍ଟର ଜମି ଅଧିଗ୍ରହଣ କରାଯିବ। ସେଥିରୁ ୬୯ ହେକ୍ଟର ଜଙ୍ଗଲ ଜମି ପଡୁଛି। ୫୦୦ ହେକ୍ଟର ଘରୋଇ ଜମି ପଡୁଥିବା ବେଳେ ଅବଶିଷ୍ଟ ରାଜସ୍ୱ ଜମି ପଡୁଛି। ସର୍ଭେ କାର୍ଯ୍ୟ ସରିଲା ପରେ ଜମି ଅଧିଗ୍ରହଣ ଏବଂ ଟେଣ୍ଡର ପ୍ରକ୍ରିୟା ହୋଇ ରେଳଲାଇନ କାମ ଆରମ୍ଭ ହେବ। ଏହି ଟେଣ୍ଡର ପ୍ରକ୍ରିୟା ୩ଟି କମ୍ପାନୀକୁ ଭାଗ ଭାଗ କରି ପ୍ରଦାନ କରାଯିବ। ଏହା ହେଲେ କାର୍ଯ୍ୟ ଶୀଘ୍ର ଶେଷ ହେବ ବୋଲି ରାଓ କହିଥିଲେ।



"ଯେଉଁ ମାନବ ମନକୁ ବୁଝେ ଓ ଠିକ୍ ବାଟରେ ଯିବା ପାଇଁ ମନକୁ ନିୟନ୍ତ୍ରଣ କରିପାରେ ସେ ହେଉଛି ବାସ୍ତବରେ ସାଧକ ପଦବାଚ୍ୟ।
- ସ୍ୱାମୀ ପ୍ରଜ୍ଞାନନ୍ଦ

## ଆଜି କ'ଣ କେଉଁଠି

**ଭୁବନେଶ୍ୱର**

- ସୁସ୍ଥ ହୋଇଥିବା କୁଷ୍ଠ ଆକ୍ରାନ୍ତ ବ୍ୟକ୍ତିଙ୍କ ସାମର୍ଥ୍ୟ ବୃଦ୍ଧି କର୍ମଶାଳା, ରେଡ୍‌କ୍ରସ ଭବନ ସମ୍ମିଳନୀ କକ୍ଷ, ୟୁନିଟ୍-୯, ପୂର୍ବାହ୍ନ ୧୦ଟା ୩୦।
- ଇଣ୍ଡିଆନ ପ୍ରୋକ୍ଟୋଲୋଜି ସୋସାଇଟି ଓ ଓୟୁଏଟି ପକ୍ଷରୁ 'ଆଡ୍‌ଭାନ୍ସେସ୍ ଇନ୍ ମେଡିସିନ, ଟେକ୍ନୋଲୋଜି ଆଣ୍ଡ୍ ହୋଲିଷ୍ଟିକ୍ ହେଲ୍‌ଥ' ଉପରେ ଅନ୍ତର୍ଜାତୀୟ ସମ୍ମିଳନୀ ଉଦ୍‌ଘାଟନ, କଲେଜ ଅଫ୍ ଭେଟେରିନାରୀ ସାଇନ୍ସ ଆଣ୍ଡ ଆନିମାଲ ହଜ୍‌ବ୍ୟାଣ୍ଡ୍ରି, ଓୟୁଏଟି, ପୂର୍ବାହ୍ନ ୧୧ଟା।
- ଶ୍ରୀଲଙ୍କା ଅନୁରାଧାପୁରରୁ ଆସିଥିବା ବୋଧି ଦ୍ରୁମ ଚାରା ବିଜୁ ପଟ୍ଟନାୟକ ଅନ୍ତର୍ଜାତୀୟ ବିମାନବନ୍ଦରରେ ପହଞ୍ଚିବ, ପୂର୍ବାହ୍ନ ୧୧ଟା।
- ନିଖିଳ ଉତ୍କଳ ବେସରକାରୀ କଲେଜ ଶିକ୍ଷକ ସଂଘ ଓ ନିଖିଳ ଉତ୍କଳ ରାଜ୍ୟ ଦରମାପ୍ରାପ୍ତ ଅଧ୍ୟାପକ ଫୋରମ୍ ମିଳିତ ସମନ୍ୱୟ ସମିତି ପକ୍ଷରୁ ସଭା ଶୋଭାଯାତ୍ରା ଓ ସ୍ମାରକପତ୍ର ପ୍ରଦାନ, ଲୋୟର ପିଏମ୍‌ଜି, ମଧ୍ୟାହ୍ନ ୧୨ଟା।
- ଅକ୍ସଫାମ୍ ଇଣ୍ଡିଆ ପକ୍ଷରୁ ସାମାଜିକ ଅସମାନତା ଉପରେ ଗ୍ଲୋବାଲ ରିପୋର୍ଟ ଓ ଆଲୋଚନା, ପ୍ରେସ୍ କ୍ଲବ୍ ଅଫ୍ ଓଡ଼ିଶା, ମାଷ୍ଟରକ୍ୟାଣ୍ଟିନ ଛକ ନିକଟ, ଅପରାହ୍ନ ୨ଟା।
- ରୟାଲ କଲେଜ ଅଫ୍ ସାଇନ୍ସ ଆଣ୍ଡ୍ ଟେକ୍ନୋଲୋଜିର ବାର୍ଷିକ ପ୍ରତିଷ୍ଠା ଉତ୍ସବ, ପ୍ରତିଷ୍ଠାନ ପରିସର, ମଞ୍ଚେଶ୍ୱର ଶିଳ୍ପାଞ୍ଚଳ, ଅପରାହ୍ନ ୪ଟା।
- ଓଡ଼ିଏମ୍ ପବ୍ଲିକ ସ୍କୁଲର ସାଂସ୍କୃତିକ ଉତ୍ସବ 'ସ୍ପେକ୍ଟ୍ରା ୨୦୧୯' ଉଦ୍‌ଘାଟନ, ସ୍କୁଲ୍ ପରିସର, ଶିଶୁ ବିହାର, ଇନ୍‌ଫୋସିଟି ରୋଡ୍, ପଟିଆ, ଅପରାହ୍ନ ୫ଟା।
- ସରସ୍ୱତୀ ଶିଶୁ ବିଦ୍ୟା ଜ୍ଞାନ ମନ୍ଦିର ନିଳାଦ୍ରିବିହାରର ବାର୍ଷିକ ଉତ୍ସବ, ସ୍କୁଲ୍ ପରିସର, ଅପରାହ୍ନ ୫ଟା ୩୦।
- ଶ୍ରୀଶ୍ରୀ ଠାକୁର ଗୋଖିବାବାଙ୍କ ମକରମେଳା ଅବସରରେ ଭାଗବତ ପାରାୟଣ ପ୍ରବଚନ ଓ ଗୀତାଯଜ୍ଞ, ଗୋଖିବାବା ଆଶ୍ରମ ପରିସର, ସୁନ୍ଦରପଦା, ରାତି ୭ଟା।
- ଭୁବନେଶ୍ୱର ମ୍ୟୁଜିକ୍ ସର୍କଲ ପକ୍ଷରୁ ଓଡ଼ିଆ ସିନେମାର ଆଠ ଦଶନ୍ଧି ପରୀପେକ୍ଷୀରେ ସ୍ୱତନ୍ତ୍ର କାର୍ଯ୍ୟକ୍ରମ 'ଏ ମ୍ୟୁଜିକାଲ ଓଡ଼ିଶୀ', ରବୀନ୍ଦ୍ର ମଣ୍ଡପ, ରାତି ୭ଟା।

**କଟକ**

- ଇଚ୍ଛାରାମ ଫାଉଣ୍ଡେଶନ ପକ୍ଷରୁ 'ମମତାର କାନ୍ଥ', ବିଶପ ହାଉସ୍, ଷ୍ଟୁଆର୍ଟ ସାଇନ୍ସ କଲେଜ ସମ୍ମୁଖ, ପୂର୍ବାହ୍ନ ୧୦ଟା ୩୦।
- ଆମ୍ବେଦକର ସ୍ମୃତି ପରିଷଦ ପକ୍ଷରୁ ବିକ୍ଷୋଭ, ଜିଲାପାଳଙ୍କ ଅଫିସ ସମ୍ମୁଖ, ପୂର୍ବାହ୍ନ ୧୧ଟା ୩୦।
- ଥିଏଟର ମୁଭ୍‌ମେଣ୍ଟ ପକ୍ଷରୁ ବିଶ୍ୱ ନାଟ୍ୟ ମେଳା ଏବଂ ଜାତୀୟ ନାଟ୍ୟ ନୃତ୍ୟ ପ୍ରତିଯୋଗିତାର ଦ୍ୱିତୀୟ ଦିବସ, କଳା ବିକାଶ କେନ୍ଦ୍ର, ଅପରାହ୍ନ ୫ଟା ୩୦।

**ପୁରୀ**

- ତୀର୍ଥରାଜ ଶ୍ରୀମହୋଦଧି ସନ୍ଧ୍ୟା ଆରତୀ କାର୍ଯ୍ୟକ୍ରମ, ସ୍ୱର୍ଗଦ୍ୱାର ସମ୍ମୁଖ, ଅପରାହ୍ନ ୪ଟା।
- ଗୀତା ଜ୍ଞାନ ଯଜ୍ଞ, ପୌର ସଦନ, ସନ୍ଧ୍ୟା ୬ଟା।

**କୋଣାର୍କ**

- ବିବେକାନନ୍ଦ ଶିକ୍ଷାକେନ୍ଦ୍ରର ୧୯ତମ ବାର୍ଷିକ ଉତ୍ସବ, ସ୍କୁଲ୍ ପରିସର, ଅପରାହ୍ନ ୩ଟା।

**ସାକ୍ଷୀଗୋପାଳ**

- ସାକ୍ଷୀଗୋପାଳ ଠାକୁରଙ୍କ ପୁଷ୍ୟାଭିଷେକ ବେଶ, ମନ୍ଦିର ପରିସର, ଅପରାହ୍ନ ୩ଟା।

**ବୋଲଗଡ଼**

- ରାଜ୍ୟସ୍ତରୀୟ ଫୁଟବଲ୍ ଟୁର୍ନାମେଣ୍ଟର ୨ୟ ଲିଗ୍ ମ୍ୟାଚ୍‌ରେ ରାଜସୁନାଖଳା ଆର.କେ. ଏକାଡେମୀ ବନାମ ଖଣ୍ଡପଡା ପୁଟବଲ ଆସୋସିଏଶନ, ହାଟବସ୍ତ ପଞ୍ଚାୟତ ହାଇସ୍କୁଲ ପଡିଆ, ଅପରାହ୍ନ ୪ଟା।

**ବଡ଼ମ୍ବା**

- ନବମ ବାର୍ଷିକ ରାମଚରିତ ମାନସ ନବାହ୍ନ ପାରାୟଣ ଓ ପ୍ରବଚନ ଜ୍ଞାନଯଜ୍ଞ ଉଦ୍‌ଯାପନ, ମା'ଚଣ୍ଡୀ ପୀଠ, ତୁଣପୁର, ରାତି ୭ଟା।

# ମୁକୁଳା ଡ୍ରେନ୍ ନେଉଛି ହରିଣଙ୍କ ଜୀବନ

**ପୁରୀ ଅଫିସ,୨୦।୧**

- ୨ ହରିଣଙ୍କ ମୃତଦେହ ଠାବ, ବ୍ୟବଚ୍ଛେଦ ପରେ ପୋତାଗଲା
- ବିପଦରେ ବାଲୁଖଣ୍ଡ ଅଭୟାରଣ୍ୟର ଜୀବଜନ୍ତୁ
- ଚିଠି ସତ୍ତ୍ୱେ ଡ୍ରେନ୍‌ରେ ପକାଯାଇ ନ ଥିଲା ସ୍ଲାବ୍

ବିପଦରେ ବାଲୁଖଣ୍ଡ ଅଭୟାରଣ୍ୟର ବନ୍ୟପ୍ରାଣୀ। ଗୋଟିଏ ପଟେ ଜଙ୍ଗଲ ସଙ୍କୁଚିତ ହେଉଥିବାବେଳେ ଅନ୍ୟପଟେ ବନ୍ୟପ୍ରାଣୀଙ୍କ ବାସ ପାଇଁ ସଙ୍କଟ ସୃଷ୍ଟି ହେଲାଣି। ଜଙ୍ଗଲ ବାହାରକୁ ଗଲେ ବି ସେମାନେ ସୁରକ୍ଷିତ ନୁହନ୍ତି। କେତେବେଳେ ଦୁର୍ଘଟଣାରେ ତ ପୁଣି କେତେବେଳେ କୁକୁର ଓ ମଣିଷ ଆକ୍ରମଣରେ ଏହି ବନ୍ୟପ୍ରାଣୀଙ୍କ ମୃତ୍ୟୁ ଘଟୁଛି। ବିଶେଷକରି ବାଲୁଖଣ୍ଡ ହରିଣଙ୍କ ପାଇଁ ମରଣଯନ୍ତା ପାଲଟିଛି ମୁକୁଳା ଡ୍ରେନ୍। ରାତିରେ ହରିଣପଲ ଜଙ୍ଗଲ ଛାଡି ବାହାରକୁ ବିଚରଣ କରିବାକୁ ଗଲାବେଳେ ଅନେକ ସମୟରେ ଡ୍ରେନ୍‌ରେ ପଡି ମରୁଛନ୍ତି। ରବିବାର ଡ୍ରେନ୍ ମଧ୍ୟରୁ ଦୁଇଟି ମାଈ ହରିଣଙ୍କ ମୃତଦେହକୁ ବନ ବିଭାଗ ଉଦ୍ଧାର କରିଛନ୍ତି।

ମିଳିଥିବା ସୂଚନାନୁସାରେ, ବାଲିଘାଟ-ଗୋପାଳପୁର ରାସ୍ତାର ତ୍ରିନାଥନଗର ଛକ ନିକଟ ଡ୍ରେନରେ ୨ଟି ହରିଣ ମରି ଭାସୁଥିବା ଗ୍ରାମବାସୀ ଦେଖିବାକୁ ପାଇଥିଲେ। ତୁରନ୍ତ ଘଟଣା ସମ୍ପର୍କରେ ସେମାନେ ବାଲୁଖଣ୍ଡ ରେଞ୍ଜ ଅଫିସକୁ ଖବର ଦେଇଥିଲେ। ବନ ବିଭାଗ କର୍ମଚାରୀମାନେ ପହଞ୍ଚି ଡ୍ରେନ୍ ମଧ୍ୟରୁ ୨ଟି ମଲା ହରିଣକୁ ବାହାର କରିଥିଲେ। ଏଥିମଧ୍ୟରୁ ଗୋଟିଏ ପଚି ଯାଇଥିଲା। ଦୁଇ ମଲା ହରିଣକୁ ବ୍ୟବଚ୍ଛେଦ କରିବା ପରେ ବାଲୁଖଣ୍ଡ ରେଞ୍ଜ କ୍ୟାମ୍ପସ ମଧ୍ୟରେ ପୋତି ଦିଆଯାଇଛି। ତେବେ ଏହି ହରିଣଙ୍କ ମୃତ୍ୟୁ ପାଇଁ ଗ୍ରାମବାସୀ ଖୋଲା ଡ୍ରେନ୍‌କୁ ଦାୟୀ କରିଛନ୍ତି। ଦୀର୍ଘଦିନ ହେଲା ଏହି ଡ୍ରେନ୍ ମୁକୁଳା ପଡିଛି। ପ୍ରାୟ ୫ ଫୁଟ ଗଭୀର ଏବଂ ୪ଫୁଟ ଚଉଡାର ଏହି ଡ୍ରେନ୍‌ରେ ସବୁବେଳେ ପାଣି ରହୁଥିବାବେଳେ ଏହା ଉପରେ ସ୍ଲାବ ପକାଯାଇ ନାହିଁ। ଅନ୍ୟପକ୍ଷରେ ରାତିରେ ହରିଣ ପଲ ଖାଦ୍ୟ ଅନ୍ୱେଷଣରେ ହେଉ କିମ୍ବା ବିଚରଣ ଲାଗି ଜଙ୍ଗଲରୁ ବାହାରିଥାନ୍ତି। ପୂର୍ବରୁ ମଧ୍ୟ ଏହି ଡ୍ରେନ୍‌ରେ ହରିଣ ଖସି ପଡିଥିବା ନଜିର ରହିଛି। ତେଣୁ ଏହି ମୁକୁଳା ଡ୍ରେନ୍ ଉପରେ ସ୍ଲାବ୍ ପକାଇବା ପାଇଁ ବନ ବିଭାଗ ପକ୍ଷରୁ ପିଡବ୍ଲ୍ୟୁଡିକୁ ଚିଠି କରାଯାଇଥିବା ବିଭାଗର ଜଣେ କର୍ମଚାରୀ କହିଛନ୍ତି। କିନ୍ତୁ ଏ ପର୍ଯ୍ୟନ୍ତ ସ୍ଲାବ ପକାଯାଇ ନ ଥିବାରୁ ହରିଣଙ୍କ ଜୀବନ ଗଲା। ଏଥିପାଇଁ ସମ୍ପୃକ୍ତ ବିଭାଗ ଉପରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବାକୁ ଦାବି ହେଉଛି।

ସୂଚନାଥାଉ କି, ଗତ ୯ ତାରିଖରେ ତାଳବଣିଆ ଇନ୍‌ଡୋର ଷ୍ଟାଡିୟମ୍ ପରିସରରୁ ଏକ ହରିଣର ମୃତଦେହ ଦେଖିବାକୁ ମିଳିଥିଲା। ବନ ବିଭାଗର କର୍ମଚାରୀ ରକ୍ତ ଜୁଡୁବୁଡୁ ଅବସ୍ଥାରେ ମରି ପଡିଥିବା ଅଣ୍ଡିରା ହରିଣଟିକୁ ଉଦ୍ଧାର କରିଥିଲେ। ପ୍ରାୟ ୩ରୁ ୪ ବର୍ଷ ବୟସ ହୋଇଥିବା ଏହି ହରିଣଟିର ମୃତ୍ୟୁ କିପରି ହେଲା ତାହା ସ୍ପଷ୍ଟ ଜଣାପଡି ନ ଥିଲା। ତେବେ ରାତିରେ ଅଭୟାରଣ୍ୟରୁ ବାହାରକୁ ଆସିଥିବାବେଳେ କୌଣସି ଗାଡି ଦୁର୍ଘଟଣାରେ ହରିଣଟିର ମୃତ୍ୟୁ ହୋଇଥାଇପାରେ ବୋଲି ବନ ବିଭାଗ ଅନୁମାନ କରିଥିଲା। ଏପରି ବାରମ୍ବାର ହରିଣଙ୍କ ଜୀବନ ଯାଉଥିଲେ ମଧ୍ୟ ବନ ବିଭାଗ ପକ୍ଷରୁ କାହିଁକି ସ୍ଥାୟୀ ସୁରକ୍ଷା ବ୍ୟବସ୍ଥା ଗ୍ରହଣ କରାଯାଉ ନାହିଁ ତାହାକୁ ନେଇ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି।

### ଅଲାରନାଥଙ୍କ ପୁଷ୍ୟାଭିଷେକ

# ପଞ୍ଚତୀର୍ଥରୁ ଆସିଲା ପବିତ୍ର ଜଳ



**ବ୍ରହ୍ମଗିରି, ୨୦।୧(ଡି.ଏନ୍.ଏ.)**

ପବିତ୍ର ପୌଷ ପୂର୍ଣ୍ଣିମା ଅବସରରେ ମହାପ୍ରଭୁ ଅଲାରନାଥଙ୍କୁ ପୁଷ୍ୟାଭିଷେକ କରାଯିବ। ସୋମବାର ଶ୍ରୀଜୀଉ ଭକ୍ତମାନଙ୍କୁ ରାଜାରାଜେଶ୍ୱର ବେଶରେ ଦର୍ଶନ ଦେବେ। ରବିବାର ମନ୍ଦିରର ସେବାୟତମାନେ ମହୋଦଧି, ଅର୍ଜୁନସର, ଭାର୍ଗବୀ ନଦୀ ଓ ତ୍ରିବେଣୀ ଘାଟରୁ ତୀର୍ଥ ଜଳ ସଂଗହ କରି ଆଣିଛନ୍ତି। ଏକ ଶୋଭାଯାତ୍ରାରେ ପଣ୍ଡା ସେବକ, ପତ୍ରୀସେବକ ଓ ସୁଆର ସେବକମାନେ ପଞ୍ଚ ତୀର୍ଥରୁ ଜଳ ସଂଗ୍ରହ କରି ବ୍ରହ୍ମଗିରି ପଞ୍ଚୁଦୋଳ ପଡିଆରେ ଏକତ୍ରିତ ହୋଇଥିଲେ। ବ୍ରହ୍ମଗିରି, ନହରପଦା ବଜାର ଓ ଅନ୍ୟ କେତେକ ସ୍ଥାନ ପରିକ୍ରମା କରି ମନ୍ଦିର ନିକଟରେ ପହଞ୍ଚିବା ପରେ ଚୁଆ, ଚନ୍ଦନ, ଅଗୁର, କସ୍ତୁରୀ, କର୍ପୂର, ଶୁଦ୍ଧ ଘିଅ ମିଶ୍ରିତ କରାଯାଇ ମନ୍ଦିର ପରିସରରେ ରଖାଯାଇଛି। ସୋମବାର ସକାଳୁ ମହପ୍ରଭୁଙ୍କର ଦୈନିକ ନୀତି ବଢିବା ପରେ ଅପରାହ୍ନ ୨ଟାରେ ଶ୍ରୀଜୀଉଙ୍କୁ ୧୦୮ କଳସ ମନ୍ତ୍ରପୁତ ପଞ୍ଚତୀର୍ଥ ଜଳରେ ସେବାୟତମାନେ ରତ୍ନସିଂହାସନ ଉପରେ ସ୍ନାନ କରାଇବେ। ପରେ ଶ୍ରୀଜୀଉ ରାଜାରାଜେଶ୍ୱର ବେଶରେ ଭକ୍ତଙ୍କୁ ଦର୍ଶନ ଦେବେ ବୋଲି ସେବାୟତ ଜଗମୋହନ ସୁଆର ଓ ସୁକାନ୍ତ ସୁଆର ଜଣାଇଛନ୍ତି।



ରାଜାରାଣୀ ସଙ୍ଗୀତ ଉତ୍ସବରେ ଶିଳ୍ପୀଙ୍କ ଦ୍ୱାରା ପରିବେଷିତ ସାଂସ୍କୃତିକ କାର୍ଯ୍ୟକ୍ରମ।

### ରାଜାରାଣୀ ସଙ୍ଗୀତ ଉତ୍ସବ ଉଦ୍‌ଯାପିତ

# ହିନ୍ଦୁସ୍ତାନୀ ଶାସ୍ତ୍ରୀୟ, ଯନ୍ତ୍ର ସଙ୍ଗୀତ ମନ୍ତ୍ର ମୁଗ୍ଧ କଲା

**ପୁରୁଣା ଭୁବନେଶ୍ୱର, ୨୦।୧(ଡି.ଏନ୍.ଏ.)**



ରାଜାରାଣୀ ସଙ୍ଗୀତ ଉତ୍ସବର ରବିବାର ଥିଲା ଅନ୍ତିମ ସନ୍ଧ୍ୟା। ଭାରତୀୟ ଶାସ୍ତ୍ରୀୟ ସଙ୍ଗୀତର ବିଭିନ୍ନ ରାଗ ରାଗିଣୀର ହୃଦୟସ୍ପର୍ଶୀ ପରିବେଷଣ ବେଶ ମନ ମୁଗ୍ଧକର ଥିଲା। ରାଜ୍ୟ ପର୍ଯ୍ୟଟନ ବିଭାଗର ଏହି ପ୍ରଶଂସନୀୟ ପ୍ରୟାସ ବାସ୍ତବିକ ଶାସ୍ତ୍ରୀୟ ସଙ୍ଗୀତ ପ୍ରେମୀମାନଙ୍କୁ ଖୁବ୍ ଆନନ୍ଦ ଦେଇ ପାରିଥିଲା।

ଅନ୍ତିମ ସନ୍ଧ୍ୟାର ପ୍ରଥମ କାର୍ଯ୍ୟକ୍ରମ ଥିଲା ଯନ୍ତ୍ର ସଙ୍ଗୀତର ଫ୍ୟୁଜନ, ଯାହାକୁ ପ୍ରସ୍ତୁତ କରିଥିଲେ ଶିବାଗ୍ନିର କଳାକାର ବୃନ୍ଦ। ତାଙ୍କ ପ୍ରସ୍ତୁତିରେ ଥିଲା ଶିବାଗ୍ନି ସଙ୍ଗୀତ ଯାହା ରାଗ ଚାରୁକେଶୀ, ଆରବିୟାନ ନାଇଟ। ଏହା ରାଗ ଭୈରବୀ, ପାରମ୍ପରିକ ଓଡ଼ିଶୀ ସଙ୍ଗୀତ ରାଗ କୀରବାଣୀ ଓ ଫ୍ୟୁଜନ ରାଗ ବକୁଳାଭରଣମ। ଶିବାଗ୍ନିର କଳାକାରମାନେ ହେଲେ ବେହେଲାରେ ଅଗ୍ନିମିତ୍ର ବେହେରା, ବଂଶୀରେ ଶ୍ରୀନିବାସ ଶତପଥୀ, କଣ୍ଠରେ କ୍ଷୀତି ପ୍ରକାଶ ମହାପାତ୍ର, ତବଲାରେ ବିଶ୍ୱରଞ୍ଜନ ନନ୍ଦ, ମର୍ଦ୍ଦଳରେ ବୈଭବ କୁମାର ଦାସ, କି ବୋର୍ଡରେ ରମେଶ ଚନ୍ଦ୍ର ବେହେରା, ଡ୍ରମ୍‌ରେ ଆଲୋକ ପୃଷ୍ଟି। ଶିବାଗ୍ନିର ସମସ୍ତ ପ୍ରସ୍ତୁତି ବେଶ ଉଚ୍ଚକୋଟୀର ହୋଇଥିଲା, ଯାହାକୁ ଦର୍ଶକ ବେଶ ଉପଭୋଗ କରିଥିଲେ। ଦ୍ୱିତୀୟ ଅର୍ଦ୍ଧ ଥିଲା ଅନ୍ତର୍ଜାତୀୟ ଖ୍ୟାତି ସମ୍ପନ୍ନ ହିନ୍ଦୁସ୍ତାନୀ ଶାସ୍ତ୍ରୀୟ ସଙ୍ଗୀତ ଗାୟିକା ଶୁଭା ମୁଦଗଲ। ସେ ପ୍ରଥମେ ରାଗ ଶ୍ୟାମ କଲ୍ୟାଣ ଓ ତିଲକ କା ମୋଦ ପରେ ଚନ୍ଦ୍ରମା ଭାରେ ବିରାଜେ ସହ ସୁନ୍ଦର ଓ ନିଖୁଣ ରାଗ ବିସ୍ତାର, ଆଳଙ୍କାରିକ ସର୍ଜନା ସାବଲୀଳ ଏବଂ ଭାବୋଦ୍ଦୀପକ ଥିଲା। ଉଦ୍‌ଯାପନୀ ସନ୍ଧ୍ୟାରେ ଓଡ଼ିଶା ରାଜସ୍ୱ ପରିଷଦର ସଦସ୍ୟ ଜି.ଭି.ଭି. ଶର୍ମା, ପ୍ରଧାନ ମହାଲେଖାକାର ମଧୁସ୍ମିତା ବସୁ, ପର୍ଯ୍ୟଟନ ବିଭାଗର ଶାସନ ସଚିବ ବିଶାଲ କୁମାର ଦେବ, ପର୍ଯ୍ୟଟନ ନିର୍ଦ୍ଦେଶକ ଆର. ପି. ସିଂହ ଅତିଥି ଭାବେ ଯୋଗ ଦେଇଥିଲେ। କାର୍ଯ୍ୟକ୍ରମକୁ ଡ. ସଙ୍ଗୀତା ଗୋସାଇଁ ଏବଂ ଡ. ଭେଦୁଲା ରାମଲକ୍ଷ୍ମୀ ପରିଚାଳନା କରିଥିଲେ।

### ନର୍ସଙ୍କୁ ପ୍ରତାରଣା, ନାବାଳିକାଙ୍କୁ ବିବାହ

# ଅଡୁଆରେ ହସ୍ପିଟାଲ ମାଲିକ

**କଟକ ଅଫିସ, ୨୦।୧**

ନିଜ ହସ୍ପିଟାଲର ଜଣେ ନର୍ସଙ୍କୁ ପ୍ରେମକରି ତାଙ୍କ ସହ ବର୍ଷେ କାଳ ଶାରୀରିକ ସମ୍ପର୍କ ରଖିଥିଲେ। ପରେ ତାଙ୍କୁ ପ୍ରତାରଣା କରି ଅନ୍ୟଜଣେ ୧୫ ବର୍ଷର ନାବାଳିକାଙ୍କୁ ବିବାହ କରି ଫସିଛନ୍ତି କଟକସ୍ଥିତ ଏକ ଘରୋଇ ହସ୍ପିଟାଲ ମାଲିକ। ତାଙ୍କ ବିରୋଧରେ ପ୍ରତାରିତା ନର୍ସ ଜଣକ ମହିଳା ଥାନାରେ ଏତଲା ଦେଇଥିବାବେଳେ ନାବାଳିକାଙ୍କୁ ବିବାହ କରିଥିବା ଅଭିଯୋଗରେ ଚାଇଲ୍‌ଡ ଲାଇନ ପକ୍ଷରୁ ଆଠଗଡ଼ ଥାନାରେ ଏତଲା ଦିଆଯାଇଛି।

ସୂଚନାଥାଉକି, ଅଭିଯୁକ୍ତ ମାଲିକ ଜଣକ ଗତ ୧୮ ତାରିଖରେ ଆଠଗଡ଼ ଅଞ୍ଚଳରେ ଜଣେ ନାବାଳିକାଙ୍କୁ ତାଙ୍କ ଘରେ ବିବାହ କରୁଥିବା ଖବର ଚାଇଲ୍‌ଡ ଲାଇନ ପାଇଥିଲା। ଚାଇଲ୍‌ଡ ଲାଇନ ପକ୍ଷରୁ ବିବାହ ରୋକିବାକୁ ଉଦ୍ୟମ ହେଉଥିବା ଜାଣି କନ୍ୟାଘର ଲୋକେ ହଠାତ୍ ବାହାଘରକୁ ବନ୍ଦ ରଖି ଢେଙ୍କାନାଳର ଯୋରନ୍ଦା ପଳାଇଥିଲେ। ସେଠାରେ ଏହି ବିବାହ ସମ୍ପନ୍ନ ହୋଇଥିବା ଚାଇଲ୍‌ଡ ଲାଇନ ସଂଯୋଜକ ନାରାୟଣ ଶୁକ୍ଳା କହିଛନ୍ତି। ତେବେ ଜିଲା ସମାଜ ମଙ୍ଗଳ ବିଭାଗ ଅସହଯୋଗ କରିବାରୁ ବିବାହକୁ ରୋକାଯାଇ ପାରି ନ ଥିବା ଶୁକ୍ଳା କହିଛନ୍ତି। ଅନ୍ୟପକ୍ଷରେ ଦୀର୍ଘଦିନର ପ୍ରେମ ସମ୍ପର୍କ ପରେ ପ୍ରତାରଣା କରି ହସ୍ପିଟାଲ ମାଲିକ ଅନ୍ୟଆଡେ ବିବାହ କରିଥିବା ଜାଣି ନର୍ସ ମଧ୍ୟ ପ୍ରତିକ୍ରିୟାଶୀଳ ହୋଇଛନ୍ତି। ଏ ସମ୍ପର୍କରେ ମହିଳା ଥାନା ଅଧିକାରୀ ଅନସୂୟା ନାୟକଙ୍କୁ ପଚାରିବାରୁ ଜଣେ ଯୁବତୀ ଏଭଳି ଅଭିଯୋଗ ନେଇ ଥାନାକୁ ଆସିଥିଲେ। ତେବେ ସେ ସମ୍ପର୍କରେ ତଦନ୍ତ ଆଗେଇ ନ ଥିବା ନାୟକ କହିଛନ୍ତି।

### ଲକ୍ଷ୍ମୀଧର ଆତ୍ମହତ୍ୟା ଘଟଣା

# ଭିଡିଓ ଭାଇରାଲ ପରେ ମିଳିଥିଲା ଧମକ

**ଖୋର୍ଦ୍ଧା ଅଫିସ,୨୦।୧**

**ଭାଇରାଲ ୩ ଭିଡିଓର ମିଳୁନି ସୁରାକ୍**

ମୃତ୍ୟୁ ପୂର୍ବରୁ ଲକ୍ଷ୍ମୀଧର ୫ ଟି ଭିଡିଓରେ ନିଜର ମନର କ୍ଷୋଭ, ଅସନ୍ତୋଷ ପ୍ରକଟ କରିଛନ୍ତି। ଏଥିରୁ ୨ଟି ଭିଡିଓ ଗଣମାଧ୍ୟମର ହସ୍ତଗତ ହୋଇଛି। ଆହୁରି ୩ଟି ଭିଡିଓ ରହିଥିବା କେତେଜଣ ଲୋକ ନାଁ ଗୋପନ ରଖି ପ୍ରକାଶ କରିଛନ୍ତି। ଯଦି ୫ ଟି ଭିଡିଓ ଭାଇରାଲ ହୋଇଛି ଆଉ ୩ ଟି ଭିଡିଓକୁ କିଏ ଲୁଚାଇ ରଖିଛି। ଭିଡିଓ ଲୁଚାଇ ରଖିବାର କାରଣ କ'ଣ ହୋଇପାରେ। ଏଥିରେ ଲକ୍ଷ୍ମୀଧର କ'ଣ କହିଛନ୍ତି ତାହା ଶୁଣିବାକୁ ସାଧାରଣରେ ଉତ୍ସୁକତା ଆରମ୍ଭ ହୋଇଛି। ଲକ୍ଷ୍ମୀଧରଙ୍କ ମୃତ୍ୟୁ ପୂର୍ବରୁ ଗୋଟିଏ ଭିଡିଓ ଲୋକଲୋଚନକୁ ଆସିଥିଲା। ପରେ ପରେ ଆଉ ଗୋଟିଏ ଆସିଛି।

ଗ୍ରାମୀଣ ଆବାସ ଯୋଜନାରେ ଘରଟିଏ ନ ପାଇ ୧୬ ତାରିଖରେ ଖୋର୍ଦ୍ଧା ଜିଲା ଟାଙ୍ଗୀ ବ୍ଲକ ନିରାକାରପୁରସାହିର ଲକ୍ଷ୍ମୀଧର ବେହେରା ଆତ୍ମହତ୍ୟା କରିଥିଲେ। ମୃତ ଲକ୍ଷ୍ମୀଧରଙ୍କ ପ୍ରଥମ ଓ ୨ୟ ଭିଡିଓ ଭାଇରାଲ ହେବା ପରେ ସରକାର, ଜିଲା ପ୍ରଶାସନ, ଟାଙ୍ଗୀ ବିଡିଓ, ନିରାକାରପୁର ସରପଞ୍ଚଙ୍କ ଉପରକୁ ଅଙ୍ଗୁଳି ଉଠିଛି। ତାଙ୍କ ମୃତ୍ୟୁ ପରେ ପ୍ରଶାସନ ପକ୍ଷରୁ ପିଠା ସଚେତନତା ଶିବିରରେ ବିଜୁ ପକ୍କାଘର ଯୋଜନାରେ ଗୃହ ନିର୍ମାଣ ପାଇଁ ପରିବାରକୁ କାର୍ଯ୍ୟାଦେଶ ମିଳିଛି। ତଥାପି ସମାଲୋଚନା ଥମିବାର ନାଁ ଧରୁନି। ତାଙ୍କ ଆତ୍ମହତ୍ୟାର କାରଣ କ'ଣ ତାହା ଅସ୍ପଷ୍ଟ ରହିଛି। ତେବେ ଭିଡିଓ ଭାଇରାଲ ପରେ ଲକ୍ଷ୍ମୀଧରଙ୍କୁ ୪ ଜଣ ଯୁବକ ଧମକ ଦେଇଥିବାରୁ ସେ ଚିନ୍ତିତ ହୋଇପଡିଥିବା ଚର୍ଚ୍ଚା ହେଉଛି। କେତେଜଣ ବ୍ୟକ୍ତି ନାମ ଗୋପନ ରଖି ସୂଚନା ଦେଇଛନ୍ତି, ୧୩ ତାରିଖରେ ଲକ୍ଷ୍ମୀଧରଙ୍କ ଭିଡିଓ ଭାଇରାଲ ହେବା ପରେ ଏହି ଧମକ ମିଳିଥିଲା। କିନ୍ତୁ ଘଟଣା ଲୋକଲୋଚନକୁ ନ ଆସିବାକୁ ମୋଟା ଅଙ୍କର ଅର୍ଥ କାରବାର ହୋଇଛି। ଏଭଳିସ୍ଥଳେ ସ୍ଥାନୀୟ ସରପଞ୍ଚ ନିର୍ଦ୍ଦୋଷ ବୋଲି ଖବରଦାତା ସମ୍ମିଳନୀରେ ସଫେଇ ଦେଇ ୯ ଦଫା ଦାବି ରଖି ତଦନ୍ତକୁ ସ୍ୱାଗତ କରିଛନ୍ତି। ତେବେ ଭିଡିଓ ଭାଇରାଲ ପରେ ଲକ୍ଷ୍ମୀଧରଙ୍କୁ ଧମକ ଦେବା ଘଟଣା କେତେଦୂର ସତ୍ୟ ତାହା ତଦନ୍ତ ସାପେକ୍ଷ। ଅନ୍ୟପକ୍ଷେ ଲକ୍ଷ୍ମୀଧରଙ୍କୁ ଗୋଟିଏ ଜାଗାରେ ବସାଇ ତାଙ୍କ ଭିଡିଓ ରେକର୍ଡିଂ କିଏ କରିଛନ୍ତି, ତାହା ଏ ପର୍ଯ୍ୟନ୍ତ ଜଣାପଡିନାହିଁ। ଯଦି ସେହି ବ୍ୟକ୍ତିଙ୍କ ପାଖରେ ପୋଲିସ ପହଞ୍ଚି ପାରନ୍ତା ତେବେ ଏହି ଘଟଣା ପଛର ରହସ୍ୟ ଉନ୍ମୋଚିତ ହୁଅନ୍ତା ବୋଲି ବୁଦ୍ଧିଜୀବୀମାନେ ମତବ୍ୟକ୍ତ କରିଛନ୍ତି। ଜିଲାପାଳଙ୍କ ନିର୍ଦ୍ଦେଶକ୍ରମେ ଉପଜିଲାପାଳ ସରୋଜ ସାହୁ ଘଟଣାର ତଦନ୍ତ କରୁଥିଲେ ମଧ୍ୟ ଘଟଣା ଚପି ଯାଉଛି ନାଁ କିଛି ଲୁକ୍କାୟିତ ରହସ୍ୟ ପଦାକୁ ଆସୁଛି ସେ ନେଇ ଜିଲାବାସୀ ଅପେକ୍ଷା କରି ରହିଛନ୍ତି।

**ରାଜ୍ୟ ମାନବାଧିକାର କମିଶନରଙ୍କୁ ଫେରାଦ**

ଲକ୍ଷ୍ମୀଧରଙ୍କ ଆତ୍ମହତ୍ୟା ଘଟଣା ସମ୍ପର୍କରେ ଭୁବନେଶ୍ୱରର ସାମାଜିକ କର୍ମୀ ପ୍ରଦୀପ୍ତ କୁମାର ନାୟକ ରାଜ୍ୟ ମାନବାଧିକାର କମିଶନର ରଘୁବୀର ଦାସଙ୍କ ନିକଟରେ ୧୭ ତାରିଖରେ ଫେରାଦ ହୋଇଥିଲେ। ସେଥିରେ ସେ ଉଲ୍ଲେଖ କରିଛନ୍ତି ଯେ, ଗ୍ରାମୀଣ ଆବାସ ଯୋଜନାରେ ଘରଟିଏ ପାଇବାକୁ ଲକ୍ଷ୍ମୀଧର ଗୁହାରି କରିଥିଲେ ମଧ୍ୟ କେହି ଶୁଣି ନ ଥିଲେ। ଏବେ ଲକ୍ଷ୍ମୀଧରଙ୍କ ପତ୍ନୀଙ୍କ ପାଇଁ ପରିବାର ଚଳାଇବା କଷ୍ଟକର ହୋଇପଡିଛି। ତାଙ୍କର ଆର୍ଥିକ ସ୍ଥିତି ଭଲ ନ ଥିବାରୁ ଜିଲାପାଳ ଏହାର ତଦନ୍ତ କରି କ୍ଷତିପୂରଣ ଦେବା ବ୍ୟବସ୍ଥା କରିବାକୁ ମଧ୍ୟ ସେ କମିଶନରଙ୍କୁ ଅନୁରୋଧ କରିଛନ୍ତି।

### ନିଆଳିରେ ପ୍ରମୋଦ ହଟାଅ, ବିଜେଡି ବଞ୍ଚାଅ ଅଭିଯାନ

# ବିରୋଧ କରୁଥିବା ଲୋକ ବିଜେଡି ସଦସ୍ୟ ନୁହନ୍ତି: ବିଧାୟକ

**କଣ୍ଟାପଡା, ୨୦।୧(ଡି.ଏନ୍.ଏ.)**

ନିଆଳି ନିର୍ବାଚନ ମଣ୍ଡଳୀରୁ ଆଗାମୀ ନିର୍ବାଚନରେ ବିଧାୟକ ଡା. ପ୍ରମୋଦ ମଲ୍ଲିକଙ୍କୁ ହଟାଇ ଜଣେ ଯୁବପ୍ରତିଭାଙ୍କୁ ବିଜେଡିରୁ ଟିକଟ ଦିଆଯିବାକୁ ଦାବି ଜୋର୍ ଧରିଛି। ଏଥିପାଇଁ ରବିବାର କଣ୍ଟାପଡାସ୍ଥିତ ବଟଗାଦୀ ପୀଠରେ ଅନୁଷ୍ଠିତ ଏକ କାର୍ଯ୍ୟକ୍ରମରେ ତୃପ୍ତି ରଞ୍ଜନ ବେହେରାଙ୍କ ନେତୃତ୍ୱରେ ବହୁସଂଖ୍ୟାରେ ଯୁବକ ଏକାଠି ହୋଇଥିଲେ। ଡା. ମଲ୍ଲିକ ଦୀର୍ଘ ୧୦ ବର୍ଷ ହେଲା ବିଧାୟକ ରହି ଆସିଥିବାବେଳେ ସେ ଦଳୀୟ କର୍ମୀଙ୍କୁ ଗୁରୁତ୍ୱ ଦେଉନାହାନ୍ତି। ଫଳରେ କର୍ମୀଙ୍କ ମଧ୍ୟରେ ଦିନକୁ ଦିନ ଅସନ୍ତୋଷ ବୃଦ୍ଧି ପାଉଛି ବୋଲି ବୈଠକରେ ମତପ୍ରକାଶ ପାଇଥିଲା। ଆଗାମୀ ନିର୍ବାଚନରେ ତାଙ୍କୁ ଏଠାରୁ ପ୍ରାର୍ଥୀ ନ କରିବା ପାଇଁ ଦଳର ସଭାପତି ତଥା ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କୁ ଏକ ଯୁବଗୋଷ୍ଠୀ ଭେଟି ସମସ୍ତ ବିଷୟ ଜଣାଇବେ ବୋଲି ତୃପ୍ତି କହିଥିଲେ। ଏ ସମ୍ପର୍କରେ ବିଧାୟକ ମଲ୍ଲିକ କୁହନ୍ତି, ଯେଉଁମାନେ ସେଠାରେ ମେଳି ବାନ୍ଧିଛନ୍ତି ସେମାନେ ବିଜେଡିର ସଦସ୍ୟ ନୁହଁନ୍ତି। ସେମାନଙ୍କ ବାପାମାନେ ମୋତେ ଫୁଲମାଳ ଦେଉଥିବାବେଳେ ପୁଅମାନଙ୍କ ମତିଭ୍ରମ ଘଟିଛି ବୋଲି ସେ କହିଥିଲେ।




କଣ୍ଟାପଡାସ୍ଥିତ ବଟଗାଦୀ ପୀଠରେ ଅନୁଷ୍ଠିତ ସଭା।

## ଫଟୋରେ ଖବର




ସଶକ୍ତ ଗୋ ସୁରକ୍ଷା ଆଇନ ପ୍ରଣୟନ ଦାବିରେ ଓଡ଼ିଶା ସୁରକ୍ଷା ସେନା ପକ୍ଷରୁ ରବିବାର ଭୁବନେଶ୍ୱର ଲୋୟର ପିଏମ୍‌ଜିରେ ଧାରଣା ଦିଆଯାଇଛି।



ନେମାଳସ୍ଥିତ ଅଚ୍ୟୁତାନନ୍ଦ ପୀଠ ପାଇଁ କଟକ ଫିରିଙ୍ଗି ବଜାରର କାରିଗର ଚନ୍ଦ୍ରଶେଖର ସାହୁ ତିଆରି କରିଥିବା ୫ ଫୁଟ ଉଚ୍ଚ ଓ ୧୪ ଫୁଟ ଗୋଲେଇ ପଗଡ଼ି।



ନେତାଜୀ ଜୟନ୍ତୀ ଉପଲକ୍ଷେ କଟକ ଓଡ଼ିଆ ବଜାରସ୍ଥିତ ନେତାଜୀ ଜନ୍ମସ୍ଥାନ ସଂଗ୍ରହାଳୟ ପରିସରରେ ଥିବା ଘୋଡ଼ାଗାଡ଼ିକୁ ରଙ୍ଗ ଦିଆଯାଉଛି।



ଯେଉଁ ଲୋକ ତୁମ ଜୀବନର ସବୁକଥା ଜାଣିବାକୁ ବରାବର ଚେଷ୍ଟା କରୁଛି, ତା' ଉଦ୍ଦେଶ୍ୟ ବିଷୟରେ ପ୍ରଥମରୁ ସନ୍ଦିହାନ ହେବା ଉଚିତ।
- କଲମ୍ବସ୍

## ସଂକ୍ଷେପରେ

### ମହାପ୍ରଭୁଙ୍କ ହେଲା ମହାସ୍ନାନ



**ପୁରୀ ଅଫିସ,୨୦।୧:** ଶ୍ରୀମନ୍ଦିରରେ ରବିବାର ମହାପ୍ରଭୁଙ୍କ ମହାସ୍ନାନ ହୋଇଛି। ନାଟମଣ୍ଡପରେ ବାନ୍ତି ପଡ଼ିଦେବାରୁ ଏହି ମହାସ୍ନାନ ହୋଇଛି। ଏଥିପାଇଁ ନୀତିରେ ପ୍ରାୟ ୧ ଘଣ୍ଟା ବିଳମ୍ବ ହୋଇଥିବା ଜଣାପଡିଛି। ସକାଳ ପ୍ରାୟ ୮ଟାରେ ଠାକୁରଙ୍କ ଅବକାଶ ପରେ ମଇଲମ୍ ହୋଇ ବେଶ ଆରମ୍ଭ ହେବାକୁ ଯାଉଥିଲା। ଏହି ସମୟରେ ନାଟମଣ୍ଡପରେ ବାନ୍ତି ପଡିଥିବା ଜଣାପଡିଥିଲା। ସେହିଠାରେ ହିଁ ନୀତି ଅଟକି ମହାସ୍ନାନ ପାଇଁ ବିଧି ଆରମ୍ଭ ହୋଇଥିଲା। ମହାସ୍ନାନ ପୂଜା ସରିବା ପରେ ପୁଣି ଠାକୁରଙ୍କ ନୀତି ଯେଉଁଠୁ ଅଟକିଥିଲା ସେହିଠାରୁ ଆରମ୍ଭ ହୋଇଥିଲା। ତେବେ ସେଠାରେ କିଏ ବାନ୍ତି କରିଥିଲା ତାହା ସ୍ପଷ୍ଟ ଜଣାପଡି ନାହିଁ। ସୂଚନାଥାଉ କି, ଗତ ଗୁରୁବାର ବଲ୍ଲଭ ପିଣ୍ଡି ନିକଟରେ ରକ୍ତ ବୁନ୍ଦା ପଡିଥିବାରୁ ଠାକୁରଙ୍କର ବଡ଼ ମହାସ୍ନାନ ହୋଇଥିଲା।

### ଆଜି ମହୋଦଧି ଆଳତିର ଦ୍ୱାଦଶ ବାର୍ଷିକ ଉତ୍ସବ

**ପୁରୀ ଅଫିସ,୨୦।୧:** ସୋମବାର ପବିତ୍ର ପୌଷ ପୂର୍ଣ୍ଣିମା ଅବସରରେ ମହୋଦଧି ଆଳତିର ଦ୍ୱାଦଶ ବାର୍ଷିକ ଉତ୍ସବ ଅନୁଷ୍ଠିତ ହେବ। ଏହି ଉପଲକ୍ଷେ ଅପରାହ୍ନ ୪ଟାରୁ ସନ୍ଧ୍ୟା ସାଢ଼େ ୭ଟା ପର୍ଯ୍ୟନ୍ତ ସ୍ୱର୍ଗଦ୍ୱାର ସମ୍ମୁଖ ସମୁଦ୍ର ତଟରେ ସଭା କାର୍ଯ୍ୟ ଓ ସନ୍ଧ୍ୟା ୬ଟା ୩୦ରେ ମହାଆଳତି କରାଯିବ। ଏଥିରେ ଗୋବର୍ଦ୍ଧନ ପୀଠର ଶଙ୍କରାଚାର୍ଯ୍ୟ ସ୍ୱାମୀ ନିଶ୍ଚଳାନନ୍ଦ ସରସ୍ୱତୀ, ଗଜପତି ମହାରାଜା ଦିବ୍ୟସିଂହ ଦେବ, ବରିଷ୍ଠ ସାଧୁସନ୍ଥ, ମଠ ମହନ୍ତ, ଶ୍ରୀମନ୍ଦିର ସେବକ, ମୁକ୍ତିମଣ୍ଡପ ବ୍ରାହ୍ମଣ, ରାଜନେତା ଏବଂ ବୁଦ୍ଧିଜୀବୀ ଯୋଗଦେବାର କାର୍ଯ୍ୟକ୍ରମ ରହିଛି। ସୂଚନାଯୋଗ୍ୟ, ଗୋବର୍ଦ୍ଧନ ପୀଠ ଶଙ୍କରାଚାର୍ଯ୍ୟ ସ୍ୱାମୀ ନିଶ୍ଚଳାନନ୍ଦ ସରସ୍ୱତୀ ୧୧ ବର୍ଷ ପୂର୍ବେ ମହୋଦଧିରେ ସନ୍ଧ୍ୟା ଆଳତି ଶୁଭାରମ୍ଭ କରିଥିଲେ।

### କାଠଯୋଡି ନଦୀରୁ ଅଚିହ୍ନା ମୃତଦେହ ଉଦ୍ଧାର

**ଫୁଲନଖରା, ୨୦।୧ (ଡି.ଏନ୍.ଏ.):** କଟକ ସଦର ଥାନା ଅଧୀନ ସାଆଁପୁର ଗ୍ରାମ ନିକଟ କାଠଯୋଡି ନଦୀରୁ ରବିବାର ଜଣେ ଅଚିହ୍ନା ବ୍ୟକ୍ତିଙ୍କ ମୃତଦେହ ଉଦ୍ଧାର କରାଯାଇଛି। ନଦୀକୁ ଗାଧୋଇବାକୁ ଯାଇଥିବାବେଳେ ପାଣିରେ ଏକ ମୃତଦେହ ଭାସୁଥିବା ଲୋକମାନେ ଦେଖିଥିଲେ। ଖବରପାଇ ପୋଲିସ ପହଞ୍ଚି ମୃତଦେହକୁ ଉଦ୍ଧାର କରିବା ସହ ବ୍ୟବଚ୍ଛେଦ ପାଇଁ କଟକ ବଡ ଡାକ୍ତରଖାନା ପଠାଇଥିଲା। ଏ ନେଇ ଥାନାରେ ଅପମୃତ୍ୟୁ ମାମଲା(ନଂ.୩/୧୯) ରୁଜୁ ହୋଇଛି। ବ୍ୟବଚ୍ଛେଦ ରିପୋର୍ଟ ଆସିବା ପରେ ମୃତ୍ୟୁର କାରଣ ଜଣାପଡିବ ବୋଲି ଆଇଆଇସି ସୁଧାଂଶୁ ଭୂଷଣ ଜେନା କହିଛନ୍ତି।

### ଫେରାର ଅଭିଯୁକ୍ତଙ୍କୁ ଧରିବାବେଳେ ୩ କନଷ୍ଟେବଲ ଆହତ

**କଟକ ସଦର, ୨୦।୧(ଡି.ଏନ୍.ଏ.):** ୪୨ ମୌଜା ଫାଣ୍ଡି ଅଧୀନ ରାଉତ୍ରାପୁର ଗ୍ରାମର ସନ୍ତୋଷ ମାଝୀ ନାମକଫେରାର ଅଭିଯୁକ୍ତଙ୍କୁ ରବିବାର ରାତିରେ ସ୍ଥାନୀୟ ପୋଲିସ ଧରିବା ପାଇଁ ଉଦ୍ୟମ କରିଥିଲା। ଧାଁ ଦଉଡ ଓ ଗଡାପଡାରେ ୩ ଜଣ କନଷ୍ଟେବଲ ଆହତ ହୋଇଥିଲେ। ଚିକିତ୍ସାଲାଗି ସେମାନଙ୍କୁ ବେଣ୍ଟକାର ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଯାଇଛି। ମିସ୍ କେସ୍ ନଂ.୭୯/୧୫ର ଏକ ଭରଣପୋଷଣ ମାମଲାରେ ସନ୍ତୋଷଙ୍କୁ କୋର୍ଟରେ ୨ ଲକ୍ଷ ୫୨ ହଜାର ୭୦୦ ଟଙ୍କା ଜମା କରିବାକୁ କୁହାଯାଇଥିଲା। ଠିକ୍ ସମୟରେ ସେ ଟଙ୍କା ଦାଖଲ ନ କରିବାରୁ କୋର୍ଟ ପକ୍ଷରୁ ତାଙ୍କ ନାଁରେ ଓ୍ୱାରେଣ୍ଟ ଜାରି କରାଯାଇଥିଲା। ଏହାପରଠାରୁ ସେ ଫେରାର ହୋଇଯାଇଥିଲେ। ରବିବାର ରାତିରେ ସେ ଘର ନିକଟ କାଠଯୋଡୀ ନଦୀବନ୍ଧରେ ବସିଥିଲେ। ଖବରପାଇ ଫାଣ୍ଡି ଅଧିକାରୀ ନୃସିଂହ ଚରଣ ସ୍ୱାଇଁ ସଦଳବଳ ସେଠାରେ ପହଞ୍ଚିବା ଦେଖି ସନ୍ତୋଷ ନଦୀ ଭିତରକୁ ଡେଇଁ ପଡିଥିଲେ। ପରେ ପୋଲିସ ନଦୀକୁ ଡେଇଁ କାବୁ କରିବାବେଳେ ଉଭୟ ଧସ୍ତାଧସ୍ତି ହୋଇଥିଲେ। ଶେଷରେ ସନ୍ତୋଷଙ୍କୁ ପୋଲିସ କାବୁ କରିଥିଲା। ସନ୍ତୋଷ ନିର୍ଦ୍ଧାରିତ ଟଙ୍କା ଫାଣ୍ଡିରେ ଜମା କଲେ ତାଙ୍କୁ ଛଡାଯିବ ବୋଲି ଫାଣ୍ଡି ଅଧିକାରୀ ସ୍ୱାଇଁ କହିଛନ୍ତି।




ସୂଚନା ଭବନରେ ଆୟୋଜିତ ଚାଖି ଖୁଣ୍ଟିଆଙ୍କ ରାଜ୍ୟସ୍ତରୀୟ ଜୟନ୍ତୀ ସମାରୋହରେ ଉପସ୍ଥିତ ମନ୍ତ୍ରୀ ମହେଶ୍ୱର ମହାନ୍ତି ଓ ଅନ୍ୟ ଅତିଥିମାନେ।

# ଚାଖି ଖୁଣ୍ଟିଆଙ୍କୁ ସ୍ୱାଧୀନତା ସଂଗ୍ରାମୀ ମାନ୍ୟତା ଦିଆ ନ ଯିବା ଐତିହାସିକ ତ୍ରୁଟି

**ଭୁବନେଶ୍ୱର, ୨୦।୧(ବ୍ୟୁରୋ)**

## ବିପ୍ଳବୀ ଚାଖି ଖୁଣ୍ଟିଆଙ୍କ ରାଜ୍ୟସ୍ତରୀୟ ଜୟନ୍ତୀ

ଶ୍ରୀଜଗନ୍ନାଥଙ୍କ ପରମ ସେବକ, ବିପ୍ଳବୀ ଚାଖି ଖୁଣ୍ଟିଆ ବା ଚନ୍ଦନ ହଜୁରୀ ତାଙ୍କର ବଳିଷ୍ଠ ନେତୃତ୍ୱ, ଦେଶପ୍ରେମ, ତ୍ୟାଗ ତଥା ଅସାଧାରଣ ବ୍ୟକ୍ତିତ୍ୱ ପାଇଁ ସ୍ମରଣୀୟ ରହିବେ। କିନ୍ତୁ ତାଙ୍କୁ ସ୍ୱାଧୀନତା ସଂଗ୍ରାମୀ ମାନ୍ୟତା ଦିଆ ନ ଯିବା ଏକ ଐତିହାସିକ ତ୍ରୁଟି। ସିପାହି ବିଦ୍ରୋହକୁ ଐତିହାସିକମାନେ ଗୁରୁତ୍ୱ ଦେଉଥିବାବେଳେ ଏହି ବିଦ୍ରୋହର ନେତୃତ୍ୱ ନେବାରେ ବଡ଼ ଭୂମିକା ନେଇଥିବା ଚାଖି ଖୁଣ୍ଟିଆଙ୍କୁ ଅଣଦେଖା କରିବା ଅନ୍ୟାୟ ବୋଲି ରାଜସ୍ୱ ମନ୍ତ୍ରୀ ମହେଶ୍ୱର ମହାନ୍ତି କହିଛନ୍ତି। ସୂଚନା ଓ ଲୋକ ସମ୍ପର୍କ ବିଭାଗ ଏବଂ ପୁରୀ ଚାଖି ଖୁଣ୍ଟିଆ(ଚନ୍ଦନ ହଜୁରୀ) ସ୍ମୃତି ସମିତି ମିଳିତ ଆନୁକୂଲ୍ୟରେ ରବିବାର ସୂଚନା ଭବନରେ ଆୟୋଜିତ ଚାଖି ଖୁଣ୍ଟିଆଙ୍କ ରାଜ୍ୟସ୍ତରୀୟ ଜୟନ୍ତୀ ସମାରୋହରେ ରାଜସ୍ୱ ମନ୍ତ୍ରୀ ମୁଖ୍ୟଅତିଥି ଭାବେ ଯୋଗଦେଇ ଏହା କହିଥିଲେ।

ରେଭେନ୍‌ଶା ବିଶ୍ୱବିଦ୍ୟାଳୟ ଇତିହାସ ବିଭାଗ ମୁଖ୍ୟ ପ୍ରଫେସର ଲକ୍ଷ୍ମୀକାନ୍ତ ମିଶ୍ର ମୁଖ୍ୟବକ୍ତା ଭାବେ ଯୋଗଦେଇ କହିଲେ, ଚାଖି ଖୁଣ୍ଟିଆ ସିପାହି ବିଦ୍ରୋହର ଇତିହାସରେ ପୁରୀ ଏବଂ ଓଡ଼ିଶାକୁ ଅନବଦ୍ୟ ସ୍ଥାନ ଦେଇଛନ୍ତି। ମାଟିକୁସ୍ତିରେ ପ୍ରସିଦ୍ଧ ଚାଖି ସମଗ୍ର ଉତ୍ତର ଭାରତରେ ସିପାହିମାନଙ୍କୁ ତାଲିମ ଓ ଶିକ୍ଷା ଦେବା ସହିତ ବ୍ରିଟିଶ ବିରୋଧରେ ସଂଗ୍ରାମ ପାଇଁ ପ୍ରୋତ୍ସାହିତ କରିଥିଲେ। ଧାର୍ମିକ ପର୍ଯ୍ୟଟନରେ ସମ୍ପୃକ୍ତ ରହି ଚାଖି ଖୁଣ୍ଟିଆ ଜଗନ୍ନାଥ ଦର୍ଶନର ପ୍ରଚାର କରିବା ସହିତ ଝାନ୍ସି ରାଣୀ ଲକ୍ଷ୍ମୀବାଈଙ୍କ ପରାମର୍ଶଦାତା ଓ ସିପାହି ବିଦ୍ରୋହର ଅନ୍ୟତମ ଚତୁର ଯୋଦ୍ଧା ଭାବରେ ନିଜକୁ ପ୍ରତିଷ୍ଠିତ କରିଥିଲେ। ତାଙ୍କର ବ୍ୟକ୍ତିଗତ ଚିଠି, ବିଭିନ୍ନ ରେକର୍ଡ, ଦଲିଲ ପରି ଐତିହାସିକ ଉପାଦାନଗୁଡ଼ିକର ଆଧାରରେ ଅଧିକ ଅଧ୍ୟୟନ କରାଯାଇପାରିବ ବୋଲି ମିଶ୍ର କହିଥିଲେ।

ବିଭାଗୀୟ ନିର୍ଦ୍ଦେଶକ ଲକ୍ଷ୍ମୀଧର ମହାନ୍ତି ସ୍ୱାଗତ ଭାଷଣ ଦେଇଥିଲେ। ବକ୍ତୃତା ଓ ପ୍ରବନ୍ଧ ପ୍ରତିଯୋଗିତାର କୃତୀ ଛାତ୍ରୀଛାତ୍ରଙ୍କୁ ପୁରସ୍କୃତ କରାଯାଇଥିଲା। ଚାଖି ଖୁଣ୍ଟିଆ ସ୍ମୃତି ସମିତି, ପୁରୀ ପକ୍ଷରୁ ଗବେଷକ କୃଷ୍ଣଚନ୍ଦ୍ର ମହାପାତ୍ର ବକ୍ତବ୍ୟ ପ୍ରଦାନ କରିଥିଲେ। ଚାଖି ଖୁଣ୍ଟିଆଙ୍କ ପଞ୍ଚମ ପିଢ଼ି ଦାୟାଦ ଭୀମସେନ ହଜୁରୀ ମଞ୍ଚାସୀନ ଥିଲେ। ସୂଚନା ଅଧିକାରୀ ଦୀପ୍ତିମୟୀ ମହାପାତ୍ରଙ୍କ ସଂଯୋଜନାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ସମିତିର ଭୁବନେଶ୍ୱର ଶାଖା ସଭାପତି ପ୍ରଫେସର ବସନ୍ତ କୁମାର ପତି ଧନ୍ୟବାଦ ଅର୍ପଣ କରିଥିଲେ। ଶେଷରେ ଓଡ଼ିଶୀ ଶାସ୍ତ୍ରୀୟ ନୃତ୍ୟସଙ୍ଗୀତ ପରିବେଷିତ ହୋଇଥିଲା। ସକାଳେ କଳ୍ପନା ଛକସ୍ଥିତ ବିପ୍ଳବୀ ଚାଖି ଖୁଣ୍ଟିଆଙ୍କ ପ୍ରତିମୂର୍ତ୍ତିରେ ବିଭାଗ ପକ୍ଷରୁ ଶ୍ରଦ୍ଧାସୁମନ ଅର୍ପଣ କରାଯାଇଥିଲା।




ଭୁବନେଶ୍ୱର ରବୀନ୍ଦ୍ର ମଣ୍ଡପଠାରେ ରବିବାର ଅନୁଷ୍ଠିତ 'ଆମ ଲୋକକଳା, ଆମ ସଂସ୍କୃତି' ଉତ୍ସବରେ ପରିବେଷିତ ସାଂସ୍କୃତିକ କାର୍ଯ୍ୟକ୍ରମ।

# 'ଆମ ଲୋକକଳା, ଆମ ସଂସ୍କୃତି'

**ଭୁବନେଶ୍ୱର, ୨୦।୧(ବ୍ୟୁରୋ)**

'ଆମ ଲୋକକଳା, ଆମ ସଂସ୍କୃତି' ଉତ୍ସବ ରବିବାର ରବୀନ୍ଦ୍ର ମଣ୍ଡପଠାରେ ଅନୁଷ୍ଠିତ ହୋଇଯାଇଛି। ଏହି ଉତ୍ସବରେ କଟକ, ଖୋର୍ଦ୍ଧା ଏବଂ ବଲାଙ୍ଗୀର ଜିଲାର ଲୋକକଳା ପରିବେଷଣ କରାଯାଇଥିଲା। ପ୍ରଥମେ ଖୋର୍ଦ୍ଧା ଜିଲା ବାଲିଅନ୍ତା ବ୍ଲକରୁ ଆସିଥିବା ଗୋପାଳ ଚନ୍ଦ୍ର ବେହେରା ଏବଂ ସାଥି ଚଇତାଳି ଘୋଡ଼ାନାଚ ପରିବେଷଣ ହୋଇଥିଲା। ଏହାପର ପ୍ରସ୍ତୁତିରେ ଥିଲା ମଙ୍ଗଳାଚରଣ ଏବଂ ମା'ଙ୍କୁ ବନ୍ଦନା। ପରେ ପରେ ବଲାଙ୍ଗୀର ବଜାଶାଲ ନୃତ୍ୟ ପରିବେଷଣ ହୋଇଥିଲା। ଏହାକୁ ସଙ୍ଗୀତ ସାଧନାର କଳାକାରମାନେ ପରିବେଷଣ କରିଥିଲେ। ପାରମ୍ପରିକ ବେଶ ପୋଷାକରେ ସିଲୋଲାଇ ଏବଂ ଘୋ ଘୋ ରାଣୀ... ପରିବେଷଣ କରିଥିଲେ। ଶେଷ ପ୍ରସ୍ତୁତିରେ ଥିଲା ଢଣ କୋଏଲା ନୃତ୍ୟ। କଟକ କଳାତୀର୍ଥ ଅନୁଷ୍ଠାନର କଳାକାରମାନଙ୍କ ଦ୍ୱାରା ପରିବେଷିତ ଏହି ନୃତ୍ୟ ସମସ୍ତଙ୍କୁ ମତୁଆଲା କରିଥିଲା। ସନ୍ଧ୍ୟାରେ ଅତିଥିଭାବେ ଓଡିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ସଚିବ ମନୋରଞ୍ଜନ ପାଣିଗ୍ରାହୀ, ନିର୍ଦ୍ଦେଶକ ଡ. ବିଜୟ କୁମାର ନାୟକ, ଯୁଗ୍ମ ନିର୍ଦ୍ଦେଶକ ସଂଘମିତ୍ରା ଶତପଥୀ, ୟୁନିସେଫ୍ କାର୍ଯ୍ୟକ୍ରମ ଅଧିକାରୀ ଲୋପାମୁଦ୍ରା ତ୍ରିପାଠୀ ପ୍ରମୁଖ ଯୋଗଦେଇଥିଲେ।

## ମୁକୁଳା ଫାଟକ ଦେଇ ଟ୍ରେନ ଚାଲିବା ଘଟଣା

# ତଦନ୍ତ କଲେ ମୁଖ୍ୟ ନିରାପତ୍ତା ଅଧିକାରୀ

**ପୁରୀ ଅଫିସ,୨୦।୧**

ସିଦ୍ଧମହାବୀର ଲେଭଲ କ୍ରସିଂ (ପୁରୀ-କୋଣାର୍କ ରୋଡ୍ ମଧ ଦେଇ ଯାଇଥିବା)ରେ ଫାଟକ ପଡି ନ ଥିବାବେଳେ ଟ୍ରେନ୍ ଚାଲିବା ଘଟଣାକୁ ଗୁରୁତ୍ୱର ସହ ନେଇଛି ପୂର୍ବତଟ ରେଳପଥ। ରବିବାର ମୁଖ୍ୟ ନିରାପତ୍ତା ଅଧିକାରୀ ସୁଧାଂଶୁ ଶେଖର ମିଶ୍ର ଘଟଣାସ୍ଥଳକୁ ଆସି ତଦନ୍ତ କରିଛନ୍ତି। ଏଠାରେ ସିଗ୍‌ନାଲ ବ୍ୟବସ୍ଥା ଓ ଫାଟକ ସ୍ଥିତିକୁ ପରଖିଛନ୍ତି। କାହିଁକି ଗେଟ୍ ପକାଗଲା ନାହିଁ, ସେତେବେଳେ ସିଗ୍‌ନାଲ ଦିଆଯାଇଥିଲା କି ନାହିଁ ଆଦି ବିଭିନ୍ନ ଦିଗକୁ ତଦନ୍ତ ପରିସରଭୁକ୍ତ କରିଛନ୍ତି। ଏଥିସହ ପୁରୀ ଷ୍ଟେଶନ କର୍ତ୍ତୃପକ୍ଷଙ୍କ ସହ ଆଲୋଚନା କରିଥିବା ଜଣାପଡିଛି।

ସୂଚନାଥାଉ କି, ଶନିବାର ସକାଳ ୭ଟା ୨୫ରେ ହାଟିଆ-ପୁରୀ ତପସ୍ୱିନୀ ଏକ୍ସପ୍ରେସ୍ (ନଂ.୧୮୪୫୧) ସିଦ୍ଧମହାବୀର ଲେଭଲ କ୍ରସିଂ ଦେଇ ପୁରୀ ଷ୍ଟେଶନ ଅଭିମୁଖେ ଯାତ୍ରା କରିଥିଲା। ହେଲେ ଏହି ସମୟରେ ଲେଭଲ କ୍ରସିଂର ଦୁଇପାର୍ଶ୍ୱ ଫାଟକ ମୁକୁଳା ପଡିଥିଲା। ବହୁ ଗାଡି, ସ୍କୁଲ ଛାତ୍ରୀଛାତ୍ର ଫାଟକକୁ ଅତିକ୍ରମ କରି ଟ୍ରେନ ଲାଇନ କଡ଼ରେ ଠିଆ ହୋଇଥିଲେ। ସୌଭାଗ୍ୟବଶତଃ କୌଣସି ଅଘଟଣ ଘଟି ନ ଥିଲେ ମଧ ଏଭଳି ଖାମଖିଆଲିକୁ ନେଇ ଜନସାଧାରଣରେ ଗଭୀର ଉଦ୍‌ବେଗ ପ୍ରକାଶ ପାଇଥିଲା। ଖବର ପାଇବା ପରେ ପୂର୍ବତଟ ରେଳପଥ ଏହାକୁ ଗୁରୁତ୍ୱର ସହ ନେଇ ୪ ଜଣିଆ ଟିମ୍ ଗଠନ କରିଥିଲା। ଏହି ଟିମ୍‌ର ପ୍ରାଥମିକ ତଦନ୍ତକୁ ଭିତ୍ତିକରି ଟ୍ରେନର ଚାଳକ (ଲୋକୋ ପାଇଲଟ୍) ଗୋବିନ୍ଦ ସାହୁ ଏବଂ ସହକାରୀ ଚାଳକ (ଆସିଷ୍ଟାଣ୍ଟ ଲୋକୋ ପାଇଲଟ୍) ଉମେଶ କୁମାରଙ୍କୁ କାର୍ଯ୍ୟରୁ ନିଲମ୍ବିତ କରାଯାଇଛି।



ଅଧିକାରୀମାନେ ଲେଭଲ୍ କ୍ରସିଂ ନିକଟରେ ତଦନ୍ତ କରୁଛନ୍ତି।

## ସେଲ୍‌ଫି କର୍ଣ୍ଣର



ରାକେଶ



ଅନିଲ



ସୌମ୍ୟ



ପ୍ରଦୀପ୍ତ



ସତ୍ୟଜିତ୍



ସନ୍ଦୀପ



ଆଲୋକ



ଏମ୍.ପୁଷ୍ଟି



ଯେଉଁମାନେ ଯୁକ୍ତି କରି ଜାଣନ୍ତି ନାହିଁ, ସେହିମାନେ ହିଁ କଥାବାର୍ତ୍ତାବେଳେ କଳି କରନ୍ତି।

-ଚେଷ୍ଟାର ଷ୍ଟେନ୍



## ସଂକ୍ଷେପରେ

### ମର୍ନିଂ ୱାକ ବେଳେ ସୁନାଚେନ୍ ଲୁଟ

**କଟକରୋଡ,୨୦।୧(ଡି.ଏନ୍.ଏ.):** ରବିବାର ଜଣେ ନାଗରିକ ମର୍ନିଂ ୱାକରେ ଯାଉଥିବାବେଳେ ତାଙ୍କର ସୁନାଚେନ ଲୁଟ ହୋଇଥିବା ଅଭିଯୋଗ ହୋଇଛି। ସୂଚନା ଅନୁଯାୟୀ, ଭୋର ୫ଟା୩୦ବେଳେ ଶ୍ୟାମସୁନ୍ଦର ଦାସ ନାମକ ବ୍ୟକ୍ତି ମର୍ନିଂ ୱାକରେ ଯାଉଥିବାବେଳ ୩ଜଣ ଦୁର୍ବୃତ୍ତ ଏକ ବାଇକରେ ଆସି ବଡଗଡ ଥାନା ଅଧୀନ ବ୍ରହ୍ମେଶ୍ୱରପାଟଣା ମନ୍ଦିର ନିକଟରୁ ତାଙ୍କ ବେକରୁ ସୁନାଚେନ ସହ ଏକ ମୁଦି, ଘଣ୍ଟା ଛଡାଇ ନେଇଥଲେ। ଏନେଇ ଥାନାରେ ଅଭିଯୋଗ ପରେ ପୋଲିସ ମାମଲା ନଂ ୧୫/୧୯ରେ ରୁଜୁ କରିଛି। ଘଟଣା ସଂକ୍ରାନ୍ତରେ ତଦନ୍ତ ଜାରି ରହିଥିବା ଥାନାଧିକାରୀ ଦିଲୀପ କୁମାର ସ୍ୱାଇଁ କହିଛନ୍ତି। ଶ୍ୟାମସୁନ୍ଦର ଜଣେ ପୂର୍ବତନ ସାମୂହିକ ଅଧିକାରୀ ବୋଲି ଜଣାପଡିଛି।

### ୧୯୮୯ ବ୍ୟାଚ୍‌ର ବନ୍ଧୁମିଳନ

**ଭୁବନେଶ୍ୱର, ୨୦।୧(ବ୍ୟୁରୋ):** ଉତ୍କଳ ବିଶ୍ୱବିଦ୍ୟାଳୟ(ବାଣୀବିହାର) ସ୍ନାତକୋତ୍ତର ଓଡ଼ିଆ ଭାଷା ଓ ସାହିତ୍ୟ ବିଭାଗ ୧୯୮୯ ବ୍ୟାଚ୍‌ର ବନ୍ଧୁମିଳନ ରବିବାର ସ୍ଥାନୀୟ ଏକ ହୋଟେଲରେ ଅନୁଷ୍ଠିତ ହୋଇଯାଇଛି। ଦୀର୍ଘବର୍ଷ ପରେ କାନାଡ଼ାରୁ ଫେରିଥିବା ବିଥି ମହାନ୍ତିଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଓଡ଼ିଆ ଭାଷାର ବର୍ତ୍ତମାନର ସ୍ଥିତି ଆଲୋଚନା କରାଯାଇଥିଲା। କୁଳମଣି ଓଝା କାର୍ଯ୍ୟକ୍ରମ ଶୁଭାରମ୍ଭ କରିଥିଲେ। ମାନସୀ ଦାସ ଓ ଅନାଦି ବରାଳଙ୍କ ଉଦ୍ୟମରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ଡ. ବିଶ୍ୱଜିତ ବେହେରା, ଡ. ବିଭୂତି ଭୂଷଣ ଆଚାର୍ଯ୍ୟ, ସୌମେନ୍ଦ୍ର ଜେନା, ଡ. ଜ୍ୟୋତ୍ସ୍ନା ବସ୍ତିଆ, ଶୁଭଲକ୍ଷ୍ମୀ ଦାଶ, ପ୍ରଣତିପ୍ରୀତି ମିଶ୍ର, ବିଦ୍ୟୁତ୍‌ପ୍ରଭା ରାୟ, ନର୍ମଦା ପାଣି, ନନ୍ଦିନୀ ମହାପାତ୍ରଙ୍କ ସମେତ ବହୁ ପୁରାତନ ଛାତ୍ରୀଛାତ୍ର ଯୋଗଦେଇଥିଲେ।

### ଶ୍ରୀ ଅନୁକୂଳଚନ୍ଦ୍ରଙ୍କ ୧୩୧ତମ ଜନ୍ମୋତ୍ସବ

**ବାଲକାଟୀ,୨୦।୧(ଡି.ଏନ୍.ଏ.):** ବାଲକାଟୀସ୍ଥିତ ଭାର୍ଗବୀ ନଦୀତଟରେ ଅବସ୍ଥିତ ସତସଙ୍ଗ କେନ୍ଦ୍ରରେ ଶ୍ରୀଶ୍ରୀ ଠାକୁର ଅନୁକୂଳଚନ୍ଦ୍ରଙ୍କ ୧୩୧ତମ ଜନ୍ମୋତ୍ସବ ସହ ସତ୍‌ସଙ୍ଗ ଶ୍ରୀମନ୍ଦିର ବାଲକାଟୀର ଦ୍ୱିତୀୟ ବାର୍ଷିକ ଉଦ୍‌ବୋଧନୀ ସ୍ମୃତି ମହୋତ୍ସବ ରବିବାର ମନ୍ଦିର ପରିସରରେ ଅନୁଷ୍ଠିତ ହୋଇଛି। ଏହି ଅବସରରେ ବେଦ ମାଙ୍ଗଳିକ, ପ୍ରତ୍ୟୁଷରେ ଉଷା କୀର୍ତ୍ତନ, ପ୍ରାତ୬ଟା ୨୨ରେ ସମବେତ ଉଷା ବିନତୀ ଓ ଗ୍ରନ୍ଥପାଠ କରାଯାଇଥିଲା। ଏହି ସଭାରେ ଉତ୍ସବ କମିଟିର ସଭାପତି ସହପ୍ରତି ରୀତିକ କୃଷ୍ଣଚନ୍ଦ୍ର ଚାନ୍ଦଙ୍କ ଅଧ୍ୟକ୍ଷତାରେ ମୁଖ୍ୟଅତିଥି ଭାବେ ଅର୍ଥ ଓ କୃଷି ମନ୍ତ୍ରୀ ଶଶିଭୂଷଣ ବେହେରା ଯୋଗଦେଇଥିଲେ। ମୁଖ୍ୟବକ୍ତା ଭାବେ ସତସଙ୍ଗ ଦେଓଘରର ସହପ୍ରତି ରୀତିକ ଶ୍ରୀଧର ସୁନ୍ଦର ମିଶ୍ର, ସମ୍ମାନିତ ଅତିଥି ଭାବେ ପୂର୍ବତନ ମୁଖ୍ୟମନ୍ତ୍ରୀ ଗିରିଧାରୀ ଗମାଙ୍ଗ ଯୋଗଦେଇଥିଲେ। ଏଥିରେ ୫ହଜାର ଭକ୍ତ ସମାଗମ ହୋଇଥିଲେ।

### ମନ୍ଦିରରୁ ଠାକୁରଙ୍କ ଅଳଙ୍କାର, ହୁଣ୍ଡି ଭାଙ୍ଗି ଚୋରି

**ଜଟଣୀ,୨୦।୧(ଡି.ଏନ.ଏ.):** ଜଟଣୀ ଥାନା ଅନ୍ତର୍ଗତ ପାତ୍ରପଡ଼ାସ୍ଥିତ ଶ୍ରୀମଦନମୋହନ ଦେବଙ୍କ ମନ୍ଦିରରୁ ଶନିବାର ବିଳମ୍ବିତ ରାତିରେ ଠାକୁରଙ୍କ ସୁନା ଓ ରୁପା ଅଳଙ୍କାର ସମେତ ହୁଣ୍ଡି ଭାଙ୍ଗି ଦୁର୍ବୃତ୍ତମାନେ ଟଙ୍କା ଚୋରି କରି ନେଇଛନ୍ତି। ମନ୍ଦିରର ବିଭିନ୍ନ ଗେଟ୍‌ରେ ପଡ଼ିଥିବା ୭ଟି ତାଲା ଭାଙ୍ଗି ଦୁର୍ବୃତ୍ତମାନେ ଏହି ଚୋରି କରିଛନ୍ତି। ଅଳଙ୍କାର ମଧ୍ୟରେ ରୁପା ମକୁଟ, ପାଉଁଜି, ବଂଶୀ, ସୁନାଚୁଡ଼ି, ଚିତା ଚୋରି ହୋଇଛି। ଏହାର ମୂଲ୍ୟ ଏକ ଲକ୍ଷ ଟଙ୍କା ହେବ। ଏ ନେଇ ମନ୍ଦିର ପରିଚାଳନା କମିଟି ପକ୍ଷରୁ ପଦ୍ମଚରଣ ପ୍ରଧାନ ରବିବାର ଥାନାରେ ଅଭିଯୋଗ କରିଛନ୍ତି। ପୋଲିସ ଘଟଣାସ୍ଥଳରେ ପହଞ୍ଚି ସିସିଟିଭି ଯାଞ୍ଚ କରିବା ସହ ତଦନ୍ତ ଜାରି ରଖିଛି। ତେବେ ଏହି ଘଟଣାରେ କେହି ଧରା ପଡିନାହାନ୍ତି।

# ଏମ୍‌ସ ଛାତରୁ ଡେଇଁ ରୋଗୀଙ୍କ ଆତ୍ମହତ୍ୟା

**ଭୁବନେଶ୍ୱର(ବ୍ୟୁରୋ)/ ପାତ୍ରପଡା(ଡି.ଏନ.ଏ.), ୨୦।୧**

ଭୁବନେଶ୍ୱର ଏମ୍‌ସରେ ଚିକିତ୍ସାଧୀନ ଥିବା ଜଣେ ରୋଗୀ ଶନିବାର ବିଳମ୍ବିତ ରାତିରେ ହସ୍ପିଟାଲ ଛାତରୁ ଡେଇଁ ଆତ୍ମହତ୍ୟା କରିଛନ୍ତି। ମୃତକ ହେଲେ ସତ୍ୟଜିତ ମହାନ୍ତି(୩୨) ଏବଂ ଘର ଖୋର୍ଦ୍ଧା ଜିଲା ଗୁଡୁମ ନିକଟ ଚକରା ଅଞ୍ଚଳରେ। ସୂଚନା ଅନୁଯାୟୀ, ସତ୍ୟଜିତ ଗତ ୧୭ ତାରିଖ ରାତିରେ ବିଷ ପିଇଦେଇଥିଲେ। ପରିବାର




ଲୋକେ ତାଙ୍କୁ ଏମ୍‌ସରେ ଭର୍ତ୍ତି କରିଥିଲେ। ଆଇସିୟୁରେ ଦୁଇ ଦିନ ରହି ଚିକିତ୍ସିତ ହେବା ପରେ ତାଙ୍କୁ ମେଡିସିନ ୱାର୍ଡକୁ ସ୍ଥାନାନ୍ତର କରାଯାଇଥିଲା। ମାତ୍ର ସେ ହସ୍ପିଟାଲ ପରିସରରେ ରହିବାକୁ ଚାହୁଁ ନ ଥିଲେ। ମାନସିକ ଅବସ୍ଥା ଠିକ୍ ନ ଥିବାରୁ ଶନିବାର ବିଳମ୍ବିତ ରାତିରେ ସେ ୱାର୍ଡରୁ ବାହାରି ଆସି ୬ମହଲା ଉପରକୁ ଯାଇ ଛାତରୁ ତଳକୁ ଡେଇଁ ପଡ଼ିଥିଲେ। ହସ୍ପିଟାଲ ପରିସରରେ ହଠାତ୍ ଉଚ୍ଚ ଶବ୍ଦ ଶୁଣି ସୁରକ୍ଷା କର୍ମୀମାନେ ଘଟଣାସ୍ଥଳରେ ପହଞ୍ଚିଥିଲେ। ସତ୍ୟଜିତ ତଳେ ସଂଜ୍ଞାହୀନ ହୋଇ ପଡିଥିବାବେଳେ ତାଙ୍କ ମୁଣ୍ଡରୁ ପ୍ରଚୁର ରକ୍ତସ୍ରାବ ହେଉଥିଲା। ସୁରକ୍ଷା କର୍ମୀମାନେ ଡାକ୍ତରଙ୍କୁ ଡକାଇଥିଲେ। ଡାକ୍ତର ପହଞ୍ଚି ତାଙ୍କୁ ମୃତ ଘୋଷଣା କରିଥିଲେ। ଏମ୍‌ସ ଫାଣ୍ଡି ଏବଂ ଖଣ୍ଡଗିରି ପୋଲିସ ପହଞ୍ଚି ମୃତଦେହ ଜବତ କରିଥିଲା। ଚିକିତ୍ସାଧୀନ ଥିବାବେଳେ ସତ୍ୟଜିତ ଛାତ ଉପରକୁ ଯାଇ ଆତ୍ମହତ୍ୟା କରିଥିବାରୁ ପରିବାର ଲୋକେ ହସ୍ପିଟାଲ କର୍ତ୍ତୃପକ୍ଷଙ୍କୁ ଦାୟୀ କରିଛନ୍ତି। ସୁରକ୍ଷା ବ୍ୟବସ୍ଥା ଢିଲା ଏବଂ ରୋଗୀଙ୍କ ଦାୟିତ୍ୱରେ ଥିବା କର୍ମଚାରୀଙ୍କ ଅବହେଳାରୁ ଏପରି ଘଟଣା ଘଟିଛି ବୋଲି ପରିବାର ଲୋକେ ଅଭିଯୋଗ କରିଛନ୍ତି। ସୂଚନାଯୋଗ୍ୟ, ୨୦୧୭ ଏପ୍ରିଲରେ ଜଣେ ୫୦ ବର୍ଷୀୟ ରୋଗୀ ଅନୁରୂପ ଭାବେ ୬ମହଲା ଛାତରୁ ଡେଇଁ ଆତ୍ମହତ୍ୟା କରିଥିଲେ।



ଉତ୍ସବରେ ଅଙ୍କାଯାଇଥିବା ସ୍ୱାଧୀନତା ସଂଗ୍ରାମୀ ଓ ବରପୁତ୍ରଙ୍କ ଚିତ୍ର।

**ପଥ ଉତ୍ସବ**



ଔଷଧୀୟ ଗଛ ସମ୍ପର୍କରେ ସଚେତନ କରାଯାଉଛି।

# ସ୍ୱାଧୀନତା ସଂଗ୍ରାମୀଙ୍କୁ ମନେପକାଇଲେ

**ଭୁବନେଶ୍ୱର, ୨୦।୧(ବ୍ୟୁରୋ)**

ପଥ ଉତ୍ସବରେ ଓଡିଶାର ସ୍ୱାଧୀନତା ସଂଗ୍ରାମୀମାନଙ୍କ ଅବଦାନକୁ ମନେପକାଇଛନ୍ତି ରାଜଧାନୀବାସୀ। ରଙ୍ଗଠାରୁ ଆରମ୍ଭ କରି ଅଭିନୟରେ, ସବୁଠି ଦେଖିବାକୁ ମିଳିଥିଲା ସ୍ୱାଧୀନତା ସଂଗ୍ରାମୀଙ୍କ ପରାକ୍ରମର ଗାଥା। ଚାଖି ଖୁଣ୍ଟିଆ, ବୀର ସୁରେନ୍ଦ୍ର ସାଏ, ଜୟୀ ରାଜଗୁରୁ, ବକ୍ସି ଜଗବନ୍ଧୁଙ୍କ ଚିତ୍ର ଆଙ୍କି ସେମାନଙ୍କ ବୀରଗାଥାକୁ ସ୍ମରଣ କରିଥିଲେ। ବିଭିନ୍ନ ସଂଗଠନର କର୍ମକର୍ତ୍ତା ସ୍ୱାଧୀନତା ସଂଗ୍ରାମୀଙ୍କ ବେଶରେ ସଜ୍ଜିତ ହୋଇ ଲୋକଙ୍କୁ ସଚେତନ କରାଇଥିଲେ। ସବୁଠୁ ବେଶି ଆର୍କଷଣୀୟ ଥିଲା କଂସଙ୍କ ରାଜୁତି। ଲୋକଙ୍କୁ ହସାଉଥିଲେ ଆଉ ମିଛି ମିଛିକା ଦଣ୍ଡ ମଧ୍ୟ ଦେଉଥିଲେ। ଏହା ବ୍ୟତୀତ ମାଷ୍ଟରକ୍ୟାଣ୍ଟିନ ଏବଂ ରାମମନ୍ଦିର ନିକଟ ମଞ୍ଚରେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷିତ ହୋଇଥିଲା।

### କଂସଙ୍କ ସହ ସେଲ୍‌ଫି

ଆସନ୍ତା ୨୭ ତାରିଖରେ ରବୀନ୍ଦ୍ର ମଣ୍ଡପରେ ପୁଷପୁନି ଭେଟି ନାମକ ଏକ କାର୍ଯ୍ୟକ୍ରମ ହେବ। ଏଥିରେ

### ମଞ୍ଚରେ କଂସଙ୍କ ରାଜୁତି



ବରଗଡର ଧନୁଯାତ୍ରା ସହ ଅନ୍ୟ କାର୍ଯ୍ୟକ୍ରମ କରାଯିବ। ତେଣୁ ଏହି କାର୍ଯ୍ୟକ୍ରମକୁ ସଫଳ କରିବା ପାଇଁ ବରଗଡର ବିଜୟ କୁମାର ଦେବତା ଓ ତାଙ୍କର ସାଥୀ ନିଜକୁ କଂସ ବେଶରେ ସଜ୍ଜିତ କରାଇ ପଥ ଉତ୍ସବରେ ବୁଲିଥିଲେ। ମଞ୍ଚରେ ଗମ୍ଭୀର ଗଳାରେ କଂସଙ୍କ ସଂଳାପ କହିବା ସହ ବୁଲି ବୁଲି କାର୍ଯ୍ୟକ୍ରମକୁ ଆସିବା ପାଇଁ ଲୋକଙ୍କୁ ନିମନ୍ତ୍ରଣ କରିଥିଲେ। କଂସଙ୍କୁ ଦେଖି ସମସ୍ତେ ତାଙ୍କ ସହ ସେଲ୍‌ଫି ନେଉଥିବା ଦେଖିବାକୁ ମିଳିଥିଲା।

### ଜାଣିଲେ ଜିଣିବ

ଅନେକ ଲୋକ ସୂଚନା ଅଧିକାର ଆଇନ ସମ୍ପର୍କରେ ଅବଗତ ନାହାନ୍ତି। ତେଣୁ ଜଣେ ଆରଟିଆଇ ନିୟମ ବଳରେ କିଭଳି ସୂଚନା ପାଇପାରିବେ ଏବଂ ତାହା ଜରିଆରେ ସରକାରୀ କଳରେ ହୋଇଥିବା ଦୁର୍ନୀତି ସମ୍ପର୍କରେ ଜାଣି ତାହାକୁ ପଦାକୁ ଆଣିପାରିବେ ସେନେଇ ଏକ ସଂଗଠନ ପକ୍ଷରୁ ସଚେତନତା କରାଯାଇଥିଲା।







ପଥ ଉତ୍ସବର ଏକ ମଞ୍ଚରେ ନୃତ୍ୟ ପରିବେଷଣ କରାଯାଉଛି।



ପଥ ଉତ୍ସବରେ ଆଇଆଇଟି ଭୁବନେଶ୍ୱର ଛାତ୍ରୀଛାତ୍ରଙ୍କ ପକ୍ଷରୁ ପଥପ୍ରାନ୍ତ ନାଟକ।

■ କ୍ୟାପିଟାଲ ହସ୍ପିଟାଲ

# ଚିକିତ୍ସା ନ କରିବାରୁ ଉତ୍ତେଜନା

**ଭୁବନେଶ୍ୱର, ୨୦।୧(ବ୍ୟୁରୋ)**

### ମା'ପେଟରେ ଶିଶୁ ମୃତ

ଜଣେ ମହିଳାଙ୍କ ପେଟରେ ଶିଶୁର ମୃତ୍ୟୁ ଘଟିବା ପରେ ତାଙ୍କୁ ଚିକିତ୍ସାରେ ଅବହେଳା କରାଯାଇଛି। ଫଳରେ ମହିଳା ଜଣକ ଯନ୍ତ୍ରଣାରେ ଛଟପଟ ହେଉଥିବାବେଳେ ପରିବାର ଲୋକଙ୍କ କଥା କେହି ଶୁଣି ନ ଥିଲେ। ଏହାକୁ ନେଇ ରବିବାର କ୍ୟାପିଟାଲ ହସ୍ପିଟାଲର ମହିଳା ଓ ପ୍ରସୂତି ୱାର୍ଡରେ ଉତ୍ତେଜନା ପ୍ରକାଶ ପାଇଥିଲା।

ସୂଚନା ଅନୁଯାୟୀ, ବାଙ୍କୀ ତୁଳୀପୁର ଗ୍ରାମର ସରୋଜିନୀ ସାହୁ ଗର୍ଭଯନ୍ତ୍ରଣା ପାଇବାରୁ ଗତ ୧୭ ତାରିଖରେ ପରିବାର ଲୋକେ ତାଙ୍କୁ କ୍ୟାପିଟାଲ ହସ୍ପିଟାଲର ପ୍ରସୂତି ବିଭାଗରେ ଭର୍ତ୍ତି କରିଥିଲେ। ଡାକ୍ତର ତାଙ୍କୁ ଚିକିତ୍ସା କରିବା ସହ ଅଲଟ୍ରାସାଉଣ୍ଡ କରିବାକୁ କହିଥିଲେ। ସରୋଜିନୀଙ୍କ ପରିବାର ଲୋକେ ଖୋର୍ଦ୍ଧାରେ ଅଲଟ୍ରାସାଉଣ୍ଡ କରିବା ପରେ ପେଟରେ ଥିବା ଶିଶୁ ସୁସ୍ଥ ଥିବା ଜଣାପଡିଥିଲା। ହେଲେ ହସ୍ପିଟାଲରେ ଡାକ୍ତର ଚିକିତ୍ସା କରି ଦେଖିବା ପରେ ଶିଶୁର ମୃତ୍ୟୁ ଘଟିଥିବା କହିଥିଲେ। ଉକ୍ତ ମୃତ ଶିଶୁକୁ କାଢ଼ିବା ପାଇଁ ପରିବାର ଲୋକେ ଡାକ୍ତରଙ୍କୁ କହିଥିଲେ। ହେଲେ ଡାକ୍ତର ଠିକ୍ ତାଙ୍କୁ ଔଷଧ ଖାଇବାକୁ କହିଥିଲେ। ମାତ୍ର ଏଥିରେ କୌଣସି ଉପଶମ ମିଳି ନ ଥିଲା। ବରଂ ରବିବାର ସକାଳେ ସରୋଜିନୀ ଅଧିକ ଯନ୍ତ୍ରଣା ପାଇଥିଲେ। କିନ୍ତୁ ଡାକ୍ତର ତାଙ୍କର ଚିକିତ୍ସା କରି ନ ଥିଲେ। ପରିବାର ଲୋକେ ପ୍ରସୂତି ୱାର୍ଡକୁ ଯିବାକୁ ଚାହିଁଥିଲେ ମଧ୍ୟ ସୁରକ୍ଷାକର୍ମୀ ଛାଡି ନ ଥିଲେ। ଫଳରେ ସେଠାରେ ଉତ୍ତେଜନା ପ୍ରକାଶ ପାଇଥିଲା। ଖବର ପାଇ ହସ୍ପିଟାଲ ଫାଣ୍ଡି ପୋଲିସ ପହଞ୍ଚି ସେମାନଙ୍କୁ ବୁଝାଶୁଝା କରିବା ସହ ଡାକ୍ତରଙ୍କୁ ଡାକି ଚିକିତ୍ସା କରିବା ପରେ ପରିସ୍ଥିତି ଶାନ୍ତ ପଡ଼ିଥିଲା।

# ରାଜ୍ୟସ୍ତରୀୟ ସାରସ୍ୱତ ବନ୍ଧୁମିଳନ

**ବାଲିପାଟଣା,୨୦।୧(ଡି.ଏନ୍.ଏ.)**

ଭୁବନେଶ୍ୱରସ୍ଥିତ ଜୟଦେବ ବାଟିକାଠାରେ ରବିବାର ଏକ ରାଜ୍ୟସ୍ତରୀୟ ସାରସ୍ୱତ ବନ୍ଧୁମିଳନ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। କେନ୍ଦ୍ର ସାହିତ୍ୟ ଏକାଡେମୀ ପୁରସ୍କାରପ୍ରାପ୍ତ କବି ଫନି ମହାନ୍ତିଙ୍କ ସଭାପତିତ୍ୱରେ କବି ରାଜେନ୍ଦ୍ର ପ୍ରସାଦ ପଣ୍ଡା, ହୃଷୀକେଶ ମଲ୍ଲିକ, ହରପ୍ରସାଦ ପରିଚ୍ଛା ପଟ୍ଟନାୟକ, ସରୋଜ ମହାପାତ୍ର, ସୌଭାଗ୍ୟ ମିଶ୍ର, ଆଦିକନ୍ଦ ସାହୁ, ଗିତାଶ୍ରୀ ପ୍ରିୟମ୍ବଦା, ଭଗବାନ ସାହୁ, ଅଭିମନ୍ୟୁ ନାୟକ, ପ୍ରକାଶ ମହାପାତ୍ରଙ୍କ ସମେତ ବହୁ କବି ଯୋଗଦେଇ ସ୍ୱରଚିତ କବିତା ପାଠ କରିଥିଲେ। ଓଡ଼ିଆ ଭାଷାର ଭବିଷ୍ୟତ ଓ ସୁରକ୍ଷା ପାଇଁ ସବୁସ୍ତରରୁ ସଚେତନତାର ଆବଶ୍ୟକ ବୋଲି ଆଲୋକପାତ କରିଥିଲେ।



ବନ୍ଧୁମିଳନରେ ଯୋଗଦେଇଥିବା ପୁରାତନ ବନ୍ଧୁ।

■ ସିଟିଜେନ୍ସ ଫୋରମ୍‌ର ଆଲୋଚନାଚକ୍ର

# କୃଷକଙ୍କ ସମସ୍ୟାର ସ୍ଥାୟୀ ସମାଧାନ ଆବଶ୍ୟକ

**ଭୁବନେଶ୍ୱର, ୨୦।୧(ବ୍ୟୁରୋ)**

କୃଷକମାନେ ବହୁବିଧ ସମସ୍ୟାର ସମ୍ମୁଖୀନ ହେଉଥିବାରୁ ସାମୟିକ ସମାଧାନ ଭାବେ କୃଷି ଋଣ ଛାଡ କରାଯିବା ଉଚିତ। କିନ୍ତୁ ଏହା ସ୍ଥାୟୀ ସମାଧାନର ବାଟ ନୁହେଁ। କୃଷି ଏବଂ କୃଷକଙ୍କ ବିକାଶ ପାଇଁ କୃଷି କ୍ଷେତ୍ରରେ ସମ୍ମୁଖୀନ ହେଉଥିବା ବିଭିନ୍ନ ସମସ୍ୟାର ଦୀର୍ଘସ୍ଥାୟୀ ସମାଧାନ କରାଯିବ ଉଚିତ ବୋଲି 'ସିଟିଜେନ୍ସ ଫୋରମ'ର ମାସିକିଆ ଆଲୋଚନାଚକ୍ରରେ ମତପ୍ରକାଶ ପାଇଛି। ସ୍ଥାନୀୟ ୟୁନିଟ-୨ସ୍ଥିତ ଶ୍ରମିକ ଭବନ ପରିସରରେ ଶନିବାର ଅନୁଷ୍ଠିତ ଆଲୋଚନାଚକ୍ରରେ ବିଶିଷ୍ଟ ସାମ୍ବାଦିକ ରାଜେଶ ମହାପାତ୍ର ବକ୍ତାଭାବେ ଯୋଗଦେଇ ଭାରତ ବର୍ଷ, ବିଶେଷକରି ଓଡିଶାର ଚାଷୀମାନେ ସମ୍ମୁଖୀନ ହେଉଥିବା ସମସ୍ୟା ସମ୍ପର୍କରେ ଆଲୋଚନା କରିଥିଲେ। କୃଷିଋଣ ଛାଡକୁ ଏକ ସାମୟିକ ସମାଧାନ ପନ୍ଥା ଦର୍ଶାଇ ସେ କହିଲେ ଯେ, କୃଷକଙ୍କ ସବୁ ସମସ୍ୟାର ସ୍ଥାୟୀ ସମାଧାନ କରାଯିବା ଆବଶ୍ୟକ। ଜମିକୁ ଜଳସେଚନ, ଠିକ ସମୟରେ ଉନ୍ନତମାନର ବିହନ ଯୋଗାଣ ଏବଂ ଫସଲର ଉଚିତ ବଜାର ସୃଷ୍ଟି ଆଦି ସମ୍ପର୍କରେ ଆଲୋଚନା କରିଥିଲେ। ସରଳ ଦାସ, ତୁଷାରକାନ୍ତ, ପ୍ରଦୋଷ ପଟ୍ଟନାୟକ ଓ ବାସନ୍ତୀ ମାଝି ପ୍ରମୁଖ କାର୍ଯ୍ୟକ୍ରମରେ ଅଂଶଗ୍ରହଣ କରିଥିଲେ। ଫୋରମର ସଭାପତି ଡ. ମଧୁସୂଦନ ମିଶ୍ରଙ୍କ ଅଧ୍ୟକ୍ଷତାରେ ଆବାହକ ପ୍ରଦୀପ୍ତ ନାୟକ ସ୍ୱାଗତ ଭାଷଣ ଦେଇଥିବା ବେଳେ ଅନ୍ୟତମ ଆବାହକ ଦିଲୀପ ମିଶ୍ର ଧନ୍ୟବାଦ ଅର୍ପଣ କରିଥିଲେ।

# ଗାଁକୁ ସଫା କଲେ ଗ୍ରାମବାସୀ

**ପୁରୁଣା ଭୁବନେଶ୍ୱର, ୨୦।୧(ଡି.ଏନ.ଏ.)**

ଭୁବନେଶ୍ୱର ବ୍ଲକ ଲିଙ୍ଗିପୁର ପଞ୍ଚାୟତ ନାଥପୁର ଗାଁର ଲୋକେ ନିଜ ପରିବେଶକୁ ସ୍ୱଚ୍ଛ ରଖିବାକୁ ଯାଇ ରବିବାର ସଫେଇ କରିଛନ୍ତି। ଆଞ୍ଚଳିକ ବିକାଶ ପରିଷଦ ଆବାହକତ୍ୱରେ ୫୦ରୁ ଉର୍ଦ୍ଧ୍ୱ ଯୁବକ ଆମ ପରିବେଶ ପରିଚ୍ଛନ୍ନ ଆମେ ରଖିବା କରି ଦେଖାଇଛନ୍ତି। ପରେ ସେମାନଙ୍କ ଉତ୍ସାହକୁ ପ୍ରଶଂସା କରିବାକୁ ଯାଇ ସମସ୍ତଙ୍କୁ ଗୋଟିଏ ଗୋଟିଏ ଗୋଲାପ ଫୁଲ ଦେଇ ସମ୍ବର୍ଦ୍ଧିତ କରାଯାଇଥିଲା। ଯୁବକମାନଙ୍କ ଏଭଳି କାର୍ଯ୍ୟକୁ ଗ୍ରାମବାସୀ ପ୍ରଶଂସା କରିଥିଲେ।



ରବିବାର କୁହୁଡ଼ି ଯୋଗୁ ଶ୍ରୀମନ୍ଦିର ଲୁଚିଯାଉଛି।

■ ଭାଜପାର ଜବାବ ମାଗୁଛି ଓଡ଼ିଶା କାର୍ଯ୍ୟକ୍ରମ, ମିଶ୍ରଣ ପର୍ବ

# ରାଜ୍ୟରେ ମହିଳା ଅସୁରକ୍ଷିତ, ଉପେକ୍ଷିତ : ଧର୍ମେନ୍ଦ୍ର

**ବାଙ୍କୀ,୨୦।୧(ସ୍ୱ.ପ୍ର.)**

ଭାଜପାର ଜବାବ ମାଗୁଛି ଓଡ଼ିଶା କାର୍ଯ୍ୟକ୍ରମ ଓ ମିଶ୍ରଣ ପର୍ବ ରବିବାର କଟକ ଜିଲାସ୍ଥିତ ବାଙ୍କୀ କଲେଜ ପଡ଼ିଆରେ ଅନୁଷ୍ଠିତ ହୋଇଯାଇଛି। କାର୍ଯ୍ୟକ୍ରମରେ କେନ୍ଦ୍ର ପେଟ୍ରୋଲିୟମ୍ ଓ ରସାୟନ ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ମୁଖ୍ୟଅତିଥିଭାବେ ଯୋଗଦେଇ ରାଜ୍ୟ ସରକାରଙ୍କୁ ସମାଲୋଚନା କରିବା ସହ କେନ୍ଦ୍ର ସରକାରଙ୍କ ଲୋକାଭିମୁଖୀ ଯୋଜନା ସମ୍ପର୍କରେ ଆଲୋକପାତ କରିଥିଲେ। ବିଜେଡିର ୧୮ ବର୍ଷର ଶାସନ କାଳ ମଧ୍ୟରେ ରାଜ୍ୟରେ ମହିଳାମାନେ ଅସୁରକ୍ଷିତ, ଅପମାନିତ ଓ ଉପେକ୍ଷିତ ବୋଲି ସେ ଅଭିଯୋଗ କରିଥିଲେ। ପିପିଲି ଗଣବଳାତ୍କାର ମାମଲାରେ ଅଭିଯୁକ୍ତମାନେ ନିର୍ଦ୍ଦୋଷରେ ଖଲାସ ହୋଇଛନ୍ତି। ଏହାପରେ ବିଜେଡିର ପୂର୍ବତନ ମନ୍ତ୍ରୀ ପ୍ରଦୀପ ମହାରଥୀ ତାଚ୍ଛଲ୍ୟ କରି କହିଲେ, ପୀଡିତାଙ୍କ ଆତ୍ମା ଶାନ୍ତି ପାଇବ। କୁନ୍ଦୁଲି ଗଣବଳାତ୍କାର



କାର୍ଯ୍ୟକ୍ରମରେ ଯୋଗଦେଇଥିବା କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଓ ଅନ୍ୟମାନେ।

ମାମଲାରେ ରାଜ୍ୟ ସରକାର ନ୍ୟାୟ ଦେଇ ନ ପାରିବାରୁ ପୀଡ଼ିତା ଆତ୍ମହତ୍ୟା କରିଛନ୍ତି। ଏଥିପାଇଁ ମୁଖ୍ୟମନ୍ତ୍ରୀ ଏବଂ ପୋଲିସ ପ୍ରଶାସନ ସମ୍ପୂର୍ଣ୍ଣ ଦାୟୀ ବୋଲି ସେ କହିଥିଲେ। ସେ ଉଜ୍ଜ୍ୱଳା ଯୋଜନାକୁ ପ୍ରଶଂସା କରି ଦେଶର ଶତକଡ଼ା ୯୦ ଭାଗ ମହିଳାଙ୍କ ଘରେ ଏଲପିଜି ପହଞ୍ଚିପାରିଛି। ଭାଜପା ସବୁ ସମୟରେ ବିକାଶକୁ ଗୁରୁତ୍ୱ ଦେଇଛି। ଆଗାମୀ ଦିନରେ ଭାଜପା ସଙ୍କଳ୍ପ ପତ୍ର ବନେଇ ସେହି ଅନୁସାରେ କାର୍ଯ୍ୟ କରିବ ବୋଲି ଧର୍ମେନ୍ଦ୍ର କହିଥିଲେ। କାର୍ଯ୍ୟକ୍ରମରେ କଟକ ଜିଲା ଭାଜପା ସଭାପତି ହେମନ୍ତ କୁମାର ସାହୁ ସଭାପତିତ୍ୱ କରିଥିଲେ। ବାଙ୍କୀର ବରିଷ୍ଠ ଭାଜପା ନେତା ଅଜୟ କୁମାର ସ୍ୱାଇଁ ସ୍ୱାଗତ ଭାଷଣ ଦେଇ ଅତିଥି ପରିଚୟ ପ୍ରଦାନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ପୂର୍ବତନ ମନ୍ତ୍ରୀ ସମୀର ଦେ, ରାଜ୍ୟ ଭାଜପା ସାଧାରଣ ସମ୍ପାଦକ ପୃଥ୍ୱୀରାଜ ହରିଚନ୍ଦନ, ରାଜ୍ୟ ଭାଜପା ଉପସଭାପତି ନୟନ କିଶୋର ମହାନ୍ତି, ଭାଜପା ମୁଖପାତ୍ର ବରିଷ୍ଠ ଆଇନଜୀବୀ ପୀତାମ୍ବର ଆଚାର୍ଯ୍ୟ, ଅଭିନେତା ମିହିର ଦାସ, ରାଷ୍ଟ୍ରୀୟ ଭାଜପା କୃଷକ ମୋର୍ଚ୍ଚା କାର୍ଯ୍ୟକାରୀ ସଭ୍ୟ ଶୁଭ୍ରାଂଶୁ ମୋହନ ପାଢୀ ଓ ମହିଳା ଭାଜପା ନେତ୍ରୀ ପଦ୍ମଜା ଦେବତା ପ୍ରମୁଖ ଯୋଗଦେଇ ନିଜ ନିଜର ମତ ରଖିଥିଲେ।

ଏହି ଅବସରରେ ଭାଜପା ଦଳର ମିଶ୍ରଣ ପର୍ବ ଅନୁଷ୍ଠିତ ହୋଇଥିଲା। ବାଙ୍କୀ-ବାରଙ୍ଗ ଯୁବକ ସଂଘର ଆବାହକ ତୁଷାରକାନ୍ତ ଚକ୍ରବର୍ତ୍ତୀ, ବାରଙ୍ଗ ବ୍ଲକର ଉପାଧ୍ୟକ୍ଷା ସୁମିତ୍ରା ବେହେରା, ଡମପଡ଼ା ବ୍ଲକର ପୂର୍ବତନ ଉପାଧ୍ୟକ୍ଷ ସରୋଜ କୁମାର ମତଗଜ ସିଂ ଏବଂ ବ୍ଲକର ପୂର୍ବତନ ଅଧ୍ୟକ୍ଷା ଯମୁନା ବେହେରା ପ୍ରମୁଖ ଭାଜପାରେ ଯୋଗଦେଇଥିଲେ।



ଅତି ଘର୍ଷଣ ଫଳରେ ଚନ୍ଦନ କାଷ୍ଠରୁ ମଧ ଅଗ୍ନି ବାହାରେ। ସେହିପରି ଜ୍ଞାନୀମାନଙ୍କ ପ୍ରତି ଅବଜ୍ଞା ପ୍ରଦର୍ଶନ କଲେ ସେମାନଙ୍କ ହୃଦୟରୁ କ୍ରୋଧଜାତ ହୁଏ।

- ମହର୍ଷି ବାଲ୍ମୀକି



## ସଂକ୍ଷେପରେ

### ଆଇନ ସଚେତନତା ଶିବିର

ଖୋର୍ଦ୍ଧା ଅଫିସ,୨୦୧: ବେଗୁନିଆ ବ୍ଲକର ପୋଡାଡିହ ଗାଁରେ ଖୋର୍ଦ୍ଧା ତାଲୁକସ୍ତରୀୟ ଆଇନ ସଚେତନତା ଶିବିର ରବିବାର ଅନୁଷ୍ଠିତ ହୋଇଯାଇଛି। ତାଲୁକଆଇନ୍ ସେବା କମିଟିର ଅଧକ୍ଷ ତଥା ପ୍ରଥମ ଶ୍ରେଣୀ ଅତିରିକ୍ତ ଜିଲା ଜଜ ଧନୁର୍ଦ୍ଧର ସେନାପତି ଏହାକୁ ଉଦ୍‌ଘାଟନ କରିଥିଲେ। ଅନ୍ୟମାନଙ୍କ ମଧରେ ମୁଖ୍ୟ ବିଚାର ବିଭାଗୀୟ ବିଚାରପତି (ସିଜେଏମ) ଦିଲୀପ କୁମାର ବିଶ୍ୱାଳ, ସିଭିଲ ଜଜ ଜୁନିୟର ଡିଭିଜନ ଶ୍ରଦ୍ଧାଞ୍ଜଳି ରାୟ, ବେଗୁନିଆ ଅତିରିକ୍ତ ତହସିଲଦାର ଜନ୍ମେଜୟ ସାହୁ, ତାଲୁକ୍ ଆଇନ ସେବା କମିଟିର ସଦସ୍ୟା ସୁଷମା ପ୍ରଧାନ, ଆଇନଜୀବୀ ମୁନିରା ବେଗମ୍, ସମ୍ପାଦକ ବସନ୍ତ ଶତପଥୀ, ସମ୍ପାଦକ ସନ୍ତୋଷ ମାଣିକ ପ୍ରମୁଖ ଯୋଗଦେଇଥିଲେ।

### ଅବସରପ୍ରାପ୍ତ କର୍ମଚାରୀ ସଂଘର ବନ୍ଧୁମିଳନ

ଟାଙ୍ଗୀ(ଖୋର୍ଦ୍ଧା),୨୦୧(ଡି.ଏନ.ଏ.): ଟାଙ୍ଗୀ ବ୍ଲକ ଅନ୍ତର୍ଗତ ଭୂଷଣ୍ଡପୁର, ବାଲିପାଟପୁର, କନ୍ତଲବାଇ, ଉଜଳା ଗୋପୀନାଥପୁର, ସାନ ରାଉତପଡା ଓ ନୂଆଗଡ ପଞ୍ଚାୟତର ବିଭିନ୍ନ ସେବା ନିବୃତ କର୍ମଚାରୀଙ୍କ ବନ୍ଧୁମିଳନ ଆୟୋଜିତ ହୋଇଛି। ଭୂଷଣ୍ଡପୁର ସରକାରୀ ଅବସରପ୍ରାପ୍ତ କର୍ମଚାରୀ ସଂଘ ତରଫରୁ ଆୟୋଜିତ ଏହି ବନ୍ଧୁମିଳନ ରବିବାର ମା' ଉଗ୍ରତାରା ଠାକୁରାଣୀଙ୍କ ମନ୍ଦିର ପରିସରରେ ଅନୁଷ୍ଠିତ ହୋଇଛି। ସଂଘ ସଭାପତି ପି.ପି ମିଶ୍ର, ସମ୍ପାଦକ ବି.ଆର ପଟ୍ଟନାୟକ, ସଭ୍ୟ କମଳକାନ୍ତ ରାୟ, ତାରେଶ୍ୱର ରାଉତରାୟ ଓ ଭାସ୍କର ମଙ୍ଗରାଜ ପ୍ରମୁଖ ଉପସ୍ଥିତ ଥିଲେ।

### କାଳିଆ ମେମୋରିଆଲ୍ ଫୁଟ୍‌ବଲ:ଖୋର୍ଦ୍ଧା ବିଜୟୀ

ବୋଲଗଡ଼,୨୦୧(ଡି.ଏନ.ଏ.):ବୋଲଗଡ଼ ବ୍ଲକ ହାଟବସ୍ତ ଗ୍ରାମସ୍ଥିତ ପଞ୍ଚାୟତ ହାଇସ୍କୁଲ ପଡିଆରେ ରାଜ୍ୟସ୍ତରୀୟ କାଳିଆ ମେମୋରିଆଲ୍ ଫୁଟ୍‌ବଲ ଟୁର୍ନାମେଣ୍ଟ ରବିବାର ଉଦ୍‌ଘାଟିତ ହୋଇଯାଇଛି । ଖୋର୍ଦ୍ଧାର ମା'ଯୋଗମାୟା ଫୁଟ୍‌ବଲ ଆସୋସିଏଶନ୍ ଆନୁକୂଲ୍ୟରେ ଆୟୋଜିତ ପ୍ରଥମ ଦିବସ ମ୍ୟାଚ୍‌ରେ ପୁରୀର ନିତା ଏକାଡେମୀ ଫୁଟ୍‌ବଲ ଟିମ୍‌କୁ ପରାସ୍ତ କରି ଖୋର୍ଦ୍ଧା ଆର୍‌ଏନ୍ କ୍ଲବ୍ ବିଜୟୀ ହୋଇଛି। ରବି ନାରାୟଣ ରଣା ଖେଳ ପରିଚାଳନା କରିଥିଲେ। ଏମ୍ ଏସ୍ ବେଗ ଓ କିଶୋର ଯତି ଖେଳରେ ସହାୟତା କରିଥିଲେ । ବ୍ଲକ ଯୁବ ବିଜେଡି ସଭାପତି ରବୀନ୍ଦ୍ର କୁମାର ସୁବୁଦ୍ଧି, ବଡକୁମାରୀ ପଞ୍ଚାୟତ ନାଏବ ସରପଞ୍ଚ ବିଜୟ କୁମାର ତାରେଣିଆ ଅତିଥି ଭାବେ ଯୋଗଦେଇଥିଲେ।

### ମାଗଣା ସ୍ୱାସ୍ଥ୍ୟ ଶିବିର

ଟାଙ୍ଗୀ(ଖୋର୍ଦ୍ଧା),୨୦୧(ଡି.ଏନ.ଏ.): ଟାଙ୍ଗୀ ବ୍ଲକ ବଡପାରୀ ପ୍ରାଥମିକ ବିଦ୍ୟାଳୟ ପୁରାତନ ଛାତ୍ରସଂସଦ ଆନୁକୂଲ୍ୟରେ ରବିବାର ବିଦ୍ୟାଳୟ ପରିସରରେ ଏକ ମାଗଣା ସ୍ୱାସ୍ଥ୍ୟ ପରୀକ୍ଷା ଶିବିର ଆୟୋଜିତ ହୋଇଛି। ଏହାକୁ ଖୋର୍ଦ୍ଧା ବିଧାୟକ ରାଜେନ୍ଦ୍ର କୁମାର ସାହୁ ଉଦ୍‌ଘାଟନ କରିଥିଲେ। ଶିବିରରେ ମାଗଣାରେ ୨୫୬ ଜଣ ରୋଗୀଙ୍କ ସ୍ୱାସ୍ଥ୍ୟ ପରୀକ୍ଷା ସହ ଔଷଧ ପ୍ରଦାନ କରାଯାଇଥିଲା। ଖୋର୍ଦ୍ଧା ଜିଲା ମୁଖ୍ୟ ଡାକ୍ତରଖାନା ଶିଶୁ ରୋଗ ବିଶେଷଜ୍ଞ ଡା. ବି ଭେଙ୍କଟରମଣ, ଟାଙ୍ଗୀ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରର ଭେଷଜ ଚିକିତ୍ସକ ଡା.ଏଏନ ନନ୍ଦ, ଡା. ଅବିନାଶ ଓ ଡା. ଜେକେ ସାହୁ ପ୍ରମୁଖ ସ୍ୱାସ୍ଥ୍ୟ ପରୀକ୍ଷା କରିଥିଲେ। ଫାର୍ମାସିଷ୍ଟ ବାଲୁଙ୍କେଶ୍ୱର ସାହୁ, ଚନ୍ଦ୍ରକାନ୍ତ ଜୟସିଂହ ଓ ନିଦାନ ବିଭାଗର ଆଲୋକ କୁମାର ସୁନ୍ଦରାୟ ସହଯୋଗ କରିଥିଲେ।

### ମୃତ୍ୟୁ ପରେ ଶିକ୍ଷାବିତ୍‌ଙ୍କ ଏମ୍ସକୁ ଶରୀର ଦାନ

ନିରାକାରପୁର,୨୦୧(ଡି.ଏନ.ଏ.)- ଶିକ୍ଷାବିତ୍ ସାଧୁ ଚରଣ ମଙ୍ଗରାଜ(୮୨)ଙ୍କର ରବିବାର ସକାଳେ ହୃଦ୍‌ଘାତରେ ପରଲୋକ ଘଟିଛି । ସ୍ୱର୍ଗତ ମଙ୍ଗରାଜଙ୍କର ଗତ ସପ୍ତାହରେ ଦିଲ୍ଲୀସ୍ଥିତ ସରକାରୀ ହସ୍‌ପିଟାଲରେ ହୃତ୍‌ପିଣ୍ଡ ଅସ୍ତ୍ରୋପଚାର ହୋଇଥିଲା । ମୃତ୍ୟୁ ପରେ ଅଙ୍ଗଦାନ ଓ ଶରୀର ଦାନ ନେଇ ପ୍ରତିବଦ୍ଧତା(ଘୋଷଣା) ନେଇ ସେ ଦଧିଚି ସମ୍ମାନ ପାଇଥିଲେ । ସ୍ୱର୍ଗତ ମଙ୍ଗରାଜଙ୍କ ଶରୀର ଦାନ ନେଇ ଆଇନଗତ କାର୍ଯ୍ୟ ଆରମ୍ଭ ହୋଇଯାଇଛି। ସେ ଭିକାରୀ ଚରଣ ବିଦ୍ୟା ନିକେତନ ବକୁ, ଜିବି ହାଇସ୍କୁଲ୍‌ର ପ୍ରଧାନ ଶିକ୍ଷକ ଥିଲେ । ଶ୍ରୀ ରାମଦୟା ପରିଷଦ, ଶ୍ରୀ ଜଗନ୍ନାଥ ସଂସ୍କୃତି ପରିଷଦ, ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିର ଆଦି ଅନୁଷ୍ଠାନରେ ପ୍ରତିଷ୍ଠାତା ସଭ୍ୟ ଓ ମାର୍ଗଦର୍ଶକ ଭାବେ ପରିଚିତ।

## ମୌଳିକ ସୁବିଧା ନାହିଁ

# ହଟହଟା ହେଉଛନ୍ତି ଗଙ୍ଗାସାଗର ଯାତ୍ରୀ

**ସାକ୍ଷୀଗୋପାଳ,୨୦୧(ଡି.ଏନ୍.ଏ.)**



ସାକ୍ଷୀଗୋପାଳ ମନ୍ଦିର ସମ୍ମୁଖରେ ଗଙ୍ଗାସାଗର ଯାତ୍ରୀମାନେ ଶୀତକାକରରେ ବସି ରହିଛନ୍ତି।

ସାକ୍ଷୀଗୋପାଳ ମନ୍ଦିରରେ ଏବେ ଗଙ୍ଗାସାଗର ଯାତ୍ରୀଙ୍କ ଭିଡ଼ ଲାଗିଛି। ଗଙ୍ଗାସାଗର ମେଳାରୁ ଫେରି ଶ୍ରୀକ୍ଷେତ୍ରରେ ଜଗନ୍ନାଥଙ୍କ ଦର୍ଶନ ସାଙ୍ଗକୁ ତୀର୍ଥଯାତ୍ରାର ସାକ୍ଷୀରଖିବା ନିମନ୍ତେ ଦେଶର ବିଭିନ୍ନ ପ୍ରାନ୍ତରୁ ତୀର୍ଥଯାତ୍ରୀଙ୍କର ସୁଅଛୁଟିଛି। ମହାରାଷ୍ଟ୍ର, ଉତ୍ତରପ୍ରଦେଶ, ମଧ୍ୟପ୍ରଦେଶ, ରାଜସ୍ଥାନ, ଛତିଶଗଡ, ହିମାଚଳ ପ୍ରଦେଶ, ମଣିପୁର, ଆସାମ, କର୍ନାଟକ, ଆନ୍ଧ୍ରପ୍ରଦେଶ, ଦିଲ୍ଲୀ, ବିହାର ଓ ପଞ୍ଜାବ ଆଦି ରାଜ୍ୟରୁ ପର୍ଯ୍ୟଟନ ବସ ଓ ଟ୍ରକ ଯୋଗେ ଆସି ତୀର୍ଥଯାତ୍ରୀମାନେ ସାକ୍ଷୀଗୋପାଳଙ୍କୁ ଦର୍ଶନ କରୁଛନ୍ତି।

ମାତ୍ର ଏଠାରେ କ୍ଲାନ୍ତି ମେଣ୍ଟାଇବାକୁ ଯାତ୍ରୀମାନଙ୍କ ନିମନ୍ତେ ମୌଳିକ ସୁବିଧା ନାହିଁ। ସାକ୍ଷୀଗୋପାଳ ମନ୍ଦିରକୁ ପୁରୀ ରାଜପଥରୁ ଲାଗିଥିବା ସାକ୍ଷୀଗୋପାଳ ବଜାର ମଧ୍ୟରେ ସଂକୀର୍ଣ୍ଣ ଜନଗହଳି ରାସ୍ତାରେ ଯାନବାହନ ଚଳାଚଳ କରିବା କଷ୍ଟକର ହେଉଛି। ମୁଖ୍ୟତଃ ସନ୍ଧ୍ୟା ସମୟରେ ଭିଡଯୋଗୁ ରାଜପଥରୁ ଗାଡିଗୁଡିକ ମନ୍ଦିରକୁ ନ ଛଡାଯିବାରୁ ତୀର୍ଥଯାତ୍ରୀ ଦୁଇ କିଲୋମିଟରରୁ ଅଧିକ ରାସ୍ତା ଚାଲିଚାଲି ଯିବାବେଳେ କେହିକେହି ଅଟୋରିକ୍ସାରେ ଆସିବାକୁ ବାଧ ହେଉଥିବା ଦେଖାଯାଇଛି। ବିଶ୍ରାମ, ସ୍ନାନ, ଶୌଚ, ରାତ୍ରିଯାପନ ନିମନ୍ତେ ପର୍ଯ୍ୟାପ୍ତ ସୁବିଧା ନ ଥିବାରୁ ପାର୍କିଂ ସ୍ଥଳରେ ହିଁ ରୋଷେଇ ସହ ରାତ୍ରିଯାପନ କରୁଛନ୍ତି। ମନ୍ଦିର ନିକଟରେ ଥିବା ପାନ୍ଥଶାଳା, ପୁରୁଣା ଶୌଚାଳୟରେ ବି ପାଣି ସୁବିଧା ନାହିଁ। ୧୮ଲକ୍ଷ ଟଙ୍କା ବ୍ୟୟରେ ହୋଇଥିବା ନୂତନ ଶୌଚାଳୟଟିରେ ପାଣି ସୁବିଧା ନ ଥିବାରୁ ଏହା ଉନ୍ମୁକ୍ତ କରାଯାଇପାରୁ ନାହିଁ। ତୀର୍ଥଯାତ୍ରୀଙ୍କ ଭିଡକୁ ଲକ୍ଷ୍ୟରଖି ସେମାନଙ୍କ ନିମନ୍ତେ ଅସ୍ଥାୟୀ ସୁବିଧା କରାଯାଉ ନ ଥିବାରୁ ହଟହଟା ହେଉଛନ୍ତି।

ଅପରପକ୍ଷେ ପୁରାତନ ସାକ୍ଷୀଗୋପାଳ ଧର୍ମଶାଳା ବିବାଦ ମୁକ୍ତହୋଇ ସାକ୍ଷୀଗୋପାଳ ଠାକୁରଙ୍କ ମାଲିକାନାକୁ ଫେରିବା ପରେ ଏହାର ଜୀର୍ଣ୍ଣ ଉଦ୍ଧାର କରାଯାଇପାରୁ ନାହିଁ। ଏହାର ପୁନରୁଦ୍ଧାର ପାଇଁ ବାରମ୍ବାର ଧାରଣା, ଅନଶନ ଓ ଆତ୍ମାହୁତି ଭଳି ଚରମ ପଦକ୍ଷେପ ନିଆଯାଇଥିଲେ ମଧ କିଛି ସୁଫଳ ମିଳିନାହିଁ।

ଏକ ତରଫା ଗାଡି ଚଳାଚଳ ପାଇଁ ଦାବି:– ସାକ୍ଷୀଗୋପାଳ ମନ୍ଦିର ମୁଖ୍ୟରାସ୍ତା ବ୍ୟତୀତ ସାକ୍ଷୀଗୋପାଳ କଲେଜ ଛକରୁ ଅନ୍ୟ ଏକ ବାଇପାସ ରାସ୍ତା ରହିଛି। ଭିଡ ସମୟରେ ଉକ୍ତ ଦୁଇଟି ରାସ୍ତାକୁ ବ୍ୟବହାର କରି ଏକ ତରଫା ଯାନବାହନ ଚଳାଚଳ କରିବାକୁ ସତ୍ୟବାଦୀ ଅଞ୍ଚଳର କେତେକ ସଚେତନ ନାଗରିକ ସତ୍ୟବାଦୀ ଥାନାଧିକାରୀଙ୍କ ଦୃଷ୍ଟି ଆକର୍ଷଣ କରି ଏକ ଦାବି ଜଣାଇଛନ୍ତି। ବଜାର ମଧ୍ୟରେ ବସୁଥିବା ଉଠା ଦୋକାନୀମାନଙ୍କୁ ନିୟନ୍ତ୍ରିତ ବଜାର ପରିସରକୁ ସ୍ଥାନାନ୍ତର କରିବାକୁ ଅନୁରୋଧ କରାଯାଇଛି। ରାସ୍ତାରେ ତୀର୍ଥଯାତ୍ରୀଙ୍କ ଯାନବାହନ ଚଳାଚଳ ସୁବିଧା ନିମନ୍ତେ ଟ୍ରାଫିକ ପୋଲିସ ମୁତୟନ ଏବଂ ପୋଲିସ ପାଟ୍ରୋଲିଂ ବ୍ୟବସ୍ଥା କରିବାକୁ ପୁରୀ ଜିଲାପାଳ, ଏସ୍‌ପିଙ୍କ ଅବଗତି ଓ କାର୍ଯ୍ୟାନୁଷ୍ଠାନ ନିମନ୍ତେ ଅନୁରୋଧ କରିଛନ୍ତି।

## ରାସ୍ତାରେ ପିଚୁ ଉପରେ ପିଚୁ ସ୍ଥାୟିତ୍ୱ ନେଇ ପ୍ରଶ୍ନବାଚୀ




ଖୋର୍ଦ୍ଧା ଷ୍ଟେଟ ବ୍ୟାଙ୍କ ଛକ–ଖଣିପୋଖରୀ ରାସ୍ତାରୁ ପିଚୁକୁ କଢ଼ା ନ ଯାଇ ପିଚୁ କରାଯାଉଛି ।

**ଖୋର୍ଦ୍ଧା ଅଫିସ,୨୦୧:**

ପୁରୁଣା ରାସ୍ତାର ପିଚୁ ନ ଖୋଳି ତା' ଉପରେ ନୂଆ ପିଚୁ କାର୍ଯ୍ୟ ଆରମ୍ଭ ଚାଲିଛି। ଏପରି କାର୍ଯ୍ୟ ଖୋର୍ଦ୍ଧା ଷ୍ଟେଟ ବ୍ୟାଙ୍କ ଛକରୁ ଖଣିପୋଖରୀ ପର୍ଯ୍ୟନ୍ତ ପ୍ରାୟ ଦେଢ଼ କିମି ରାସ୍ତା କରାଯାଉଛି। ରାସ୍ତା ପାର୍ଶ୍ୱରେ ଡ୍ରେନ ନିର୍ମାଣ ବି ନିମ୍ନମାନର ବୋଲି ଅଭିଯୋଗ ହେଉଛି। ଏଭଳିସ୍ଥଳେ ରାସ୍ତାର ସ୍ଥାୟିତ୍ୱ ନେଇ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ତେବେ ସ୍ଥାନୀୟ ଲୋକଙ୍କ ଅଭିଯୋଗକୁ ଅଣଦେଖା କରାଯାଇ ରାସ୍ତା ନିର୍ମାଣ ଚାଲୁ ରହିଛି।

## ଉଚ୍ଚ ବିଦ୍ୟାଳୟର ବାର୍ଷିକୋତ୍ସବ

**ଖୋର୍ଦ୍ଧା ଅଫିସ,୨୦୧:**

ବାଣପୁର ବ୍ଲକ ଭେଟେଶ୍ୱରସ୍ଥିତ ଭେଟିନାଥଦେବ ନୋଡାଲ ଉଚ୍ଚ ବିଦ୍ୟାଳୟର ୩୪ତମ ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ପ୍ରଧାନ ଶିକ୍ଷକ ରମେଶ ଚନ୍ଦ୍ର ଭୋଳଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଉତ୍ସବରେ ଚିଲିକା ବିଧାୟକ ବିଭୂତି ଭୂଷଣ ହରିଚନ୍ଦନ ମୁଖ୍ୟଅତିଥି, ସୁନୀଲ କୁମାର ସୁବୁଦ୍ଧି ମୁଖ୍ୟବକ୍ତା ରୂପ ଯୋଗ ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ସରପଞ୍ଚ ଜିତେନ୍ଦ୍ର କୁମାର ଭୋଳ, ଜିଲା ପରିଷଦ ସଭ୍ୟ ଅମରେନ୍ଦ୍ର ରଣସିଂହ, ସମିତିସଭ୍ୟ ଶେଖର ସାହୁ, ଉପକାରାଗାରର ଚିକିତ୍ସା ଅଧିକାରୀ ଡ. ଗୋଲକ ବିହାରୀ ସାମନ୍ତରାୟ, ବିଦ୍ୟାଳୟ ପରିଚାଳନା କମିଟି ସଭାପତି କାଳୁ ଚରଣ ପଲେଇ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ବକ୍ତାମାନେ ନୈତିକ ଶିକ୍ଷାର ଆବଶ୍ୟକତା ଓ ମାନବୀୟ ମୂଲ୍ୟବୋଧ ଉପରେ ବକ୍ତବ୍ୟ ପ୍ରଦାନ କରି ଛାତ୍ରୀଛାତ୍ରମାନଙ୍କୁ ଅଧ୍ୟବସାୟୀ ହେବାକୁ ପରାମର୍ଶ ଦେଇଥିଲେ। ବିଭିନ୍ନ ପ୍ରତିଯୋଗିତାରେ କୃତିତ୍ୱ ଅର୍ଜନ କରିଥିବା ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା। ଏ ଅବସରରେ ବରିଷ୍ଠ ଶିକ୍ଷକ ପ୍ରମୋଦ କୁମାର ସ୍ୱାଇଁ ଓ ନାଟ୍ୟକାର ଭିକାରୀ ଚରଣ ପ୍ରଧାନଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଅନୁଷ୍ଠାନର ଶିକ୍ଷକ ସୁକାନ୍ତ ମୁଦୁଲି ଧନ୍ୟବାଦ ପ୍ରଦାନ କରିଥିଲେ। ଶେଷରେ ଛାତ୍ରୀଛାତ୍ରମାନଙ୍କ ଦ୍ୱାରା କଠୋର ପରୀକ୍ଷା ନାଟକ ପରିବେଷିତ ହୋଇଥିଲା। ପ୍ରାରମ୍ଭରେ ଶିକ୍ଷକ ପ୍ରମୋଦ କୁମାର ସ୍ୱାଇଁ ବେଦ ପାଠ ଓ ଛାତ୍ରୀଛାତ୍ର ଉଦ୍‌ବୋଧନ ସଙ୍ଗୀତ ଗାନ କରିଥିଲେ।

## ରୋଜଗାର ମେଳାରେ ହଜାରେ ଯୁବପିଢ଼ି ପାଇଲେ ନିଯୁକ୍ତି




ଅତିଥିଙ୍କ ଗହଣରେ ନିଯୁକ୍ତି ପାଇଥିବା ଯୁବତୀଯୁବକମାନେ ।

**ଖୋର୍ଦ୍ଧା ଅଫିସ,୨୦୧:**

ଉଦ୍ୟୋଗିକତା ଏବଂ ବୃତ୍ତି ପରିଚାଳନା କୌଶଳ ପରିଷଦ (ଏମ୍‌ଇପିଏସ୍‌ସି) ଏବଂ ସ୍କିଲ ଇଣ୍ଡିଆର ତତ୍ତ୍ୱାବଧାନରେ ଖୋର୍ଦ୍ଧା ସହରର ମୁକୁନ୍ଦପ୍ରସାଦଠାରେ ରବିବାର ରୋଜଗାର ମେଳା ଅନୁଷ୍ଠିତ ହୋଇଯାଇଛି। ଏହି ମେଳାରେ ଭାଜପା ଜାତୀୟ କାର୍ଯ୍ୟକାରିଣୀ ସଦସ୍ୟ ଭୃଗୁ ବକ୍ସିପାତ୍ର ମୁଖ୍ୟଅତିଥି ଭାବେ ଯୋଗଦେଇ ଉଦ୍‌ଘାଟନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଭାଜପା ନେତ୍ରୀ ପିଙ୍କି ପ୍ରଧାନ, ଏମ୍‌ଇପିଏସ୍‌ସିର ସିଇଓ ଅନିଲ ପୋଖରିୟାଲ, ଏନ୍‌ଏସ୍‌ଡିସିର ରାଜ୍ୟ ସମନ୍ୱୟକାରୀ ରତ୍ନାକର ପାଣିଗ୍ରାହୀ, କୋୟାର୍ ସିକ୍ୟୁରିଟି ଓ ଏଲାଏଡ୍ ସର୍ଭିସେସ୍‌ର ପରିଚାଳନା ନିର୍ଦ୍ଦେଶକ ମହେଶ୍ୱର ମହାନ୍ତି ଓ ଜେଏମ୍‌ଡି ଦିଲୀପ କୁମାର ଚାତାର, ସ୍କିଲ୍ ଡେଭେଲପମେଣ୍ଟର ପରାମର୍ଶଦାତା ରଶ୍ମିନ କୁମାର ପତି, ସ୍କିଲ୍ ଡେଭେଲପମେଣ୍ଟର ପରାମର୍ଶଦାତା ଜିତୁ ମିତ୍ର, ଏମ୍‌ଇପିଏସ୍‌ସିର ପରିଚାଳନା ମୁଖ୍ୟ ଅଭିଷେକ ସକସେନା ପ୍ରମୁଖ ସମ୍ମାନନୀୟ ଅତିଥି ଭାବେ ଯୋଗ ଦେଇଥିଲେ। ଭାରତର ବିଭିନ୍ନ ପ୍ରାନ୍ତରୁ ୩୦ଟି କମ୍ପାନୀ ଏହି ରୋଜଗାର ମେଳାରେ ଯୋଗ ଦେଇଥିଲେ। ୨୦ରୁ ଊର୍ଦ୍ଧ୍ୱ ନିଯୁକ୍ତିଦାତା କମ୍ପାନୀ ୫ ହଜାରରୁ ଊର୍ଦ୍ଧ୍ୱ ପ୍ରାର୍ଥୀଙ୍କ ମଧ୍ୟରୁ ଏକ ହଜାର ଯୁବତୀଯୁବକ ସିକ୍ୟୁରିଟି, ସିକ୍ୟୁରିଟି ସୁପରଭାଇଜର, ସ୍ୱାସ୍ଥ୍ୟ କର୍ମୀ, ବୈଷୟିକ ଏବଂ ପ୍ରଯୁକ୍ତି ବିଦ୍ୟା ପରିଚାଳନା, ଅନ୍ତଃ ଅଫିସ୍ କର୍ମଚାରୀ, କଣ୍ଟେଟ ଲେଖକ, ବଣ୍ଟନ କର୍ମୀ ଭାବେ ନିଯୁକ୍ତି ପାଇଛନ୍ତି।

## ଉପକରଣ ଲୁଟି ଲଗାଇ ଦେଲେ ନିଆଁ

**ଖୋର୍ଦ୍ଧା ଅଫିସ,୨୦୧:**

ବାଣପୁର ମସଜିଦ୍ ନିକଟରେ ଥିବା ଏକ ଚିକେନ୍ କାଉଣ୍ଟର ଶନିବାର ରାତିରେ ପୋଡି ପାଉଁଶ ହୋଇଯାଇଛି। ବ୍ୟବସାୟିକ ପ୍ରତିଦ୍ୱନ୍ଦ୍ୱିତାକୁ ନେଇ କୌଣସି ଦୁର୍ବୃତ୍ତ ନିଆଁ ଲଗାଇ ଦେଇଥିବା ବାଣପୁର ଥାନାରେ ଅଭିଯୋଗ ହୋଇଛି। ନିଜ ଚିକେନ୍ କାଉଣ୍ଟରରେ ନିଆଁ ଲାଗିଥିବା ଶୁଣି ଗଡମୁସଲିମ୍ ସାହିର ସେଖ୍ ଜାବିର ପହଞ୍ଚିଲା ବେଳକୁ ଦୋକାନଟି ସମ୍ପୂର୍ଣ୍ଣ ଜଳି ଯାଇଥିଲା। କେହି ଦୁର୍ବୃତ୍ତ ସମସ୍ତ ଆସବାବପତ୍ର ଓ ଉପକରଣ ଲୁଟି ନେଇ ଦୋକାନରେ ନିଆଁ ଲଗାଇ ଦେଇଥିବା ଜଣାପଡିଛି।

## ପ୍ରତିଭା ସାହିତ୍ୟ ସଂସଦର ବାର୍ଷିକ ଉତ୍ସବ

**ବେଗୁନିଆ,୨୦୧ (ଡି.ଏନ.ଏ.)**



ବାର୍ଷିକ ଉତ୍ସବରେ ସମ୍ବର୍ଦ୍ଧିତ ହୋଇଥିବା ଛାତ୍ରୀଛାତ୍ରମାନେ ।

ବେଗୁନିଆ ବ୍ଲକ ଗଡମାଣତୀର ସ୍ଥିତ ମା' ରାମଚଣ୍ଡୀଙ୍କ ପବିତ୍ର ପୀଠ ପରିସରରେ ରବିବାର ପ୍ରତିଭା ସାହିତ୍ୟ ସଂସଦର ୩୬ ତମ ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଥିଲା। ଏହି ଅବସରରେ ସାହିତ୍ୟ ଭାଷାରେ କୃତିତ୍ୱ ଅର୍ଜନ କରିଥିବା ପ୍ରତିଭାମାନଙ୍କୁ ଆୟୋଜକ ସଂସଦ ପକ୍ଷରୁ ସମ୍ବର୍ଦ୍ଧନା କରାଯାଇଥିଲା। ସାହିତ୍ୟିକ ଜମେଶ୍ୱର କହଲସିଂହଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଉତ୍ସବରେ ଅଧ୍ୟାପକ ପ୍ରଫୁଲ୍ଲ କୁମାର ସୁବୁଦ୍ଧି ମୁଖ୍ୟଅତିଥି ଭାବେ ଯୋଗ ଦେଇଥିଲେ। ଆୟୋଜକ ସଂସଦର ସମ୍ପାଦକ ବଳରାମ ରଣସିଂହ, ଶିକ୍ଷାବିତ୍ ରାଜକିଶୋର ପାଣିଗ୍ରାହୀ, ସାହିତ୍ୟିକ ଲକ୍ଷ୍ମୀଧର ମହାପାତ୍ର ସମ୍ମାନିତ ଅତିଥି, ଅନ୍ୟତମ ଅତିଥି ଭାବେ ପୂର୍ବତନ ଜିଲାପାଳ ଦେବରାଜ ସେନାପତି ଯୋଗ ଦେଇଥିଲେ। ଶିକ୍ଷକ ଅଖିଳେଶ ମହାପାତ୍ର ଅତିଥିମାନଙ୍କ ପରିଚୟ ପ୍ରଦାନ କରିଥିଲେ। ଓଡ଼ିଆ ଭାଷାକୁ ଏଯାଏ ରାଜ୍ୟ ସରକାର ସୁରକ୍ଷା ଦେଇପାରିଲେ ନାହିଁ। ସରକାରଙ୍କ ଓଡିଆ ଭାଷା ପ୍ରୀତି ଏଠି ଫେଲ୍ ମାରିଛି ବୋଲି ଅତିଥିମାନେ ମତ ରଖିଥିଲେ। କବି ନିଶିକାନ୍ତ କହଲସିଂହ, ଡ. ସୋମନାଥ ବିଷୋୟୀ, ନବକିଶୋର ବିଷୋୟୀଙ୍କ ସମେତ ଅଞ୍ଚଳର ବହୁ କବୟିତ୍ରୀ ଓ କବି ସ୍ୱରଚିତ କବିତା ପାଠ କରିଥିଲେ। ଦୁର୍ଗାପ୍ରସାଦ ଦାଶ, ରାମଶଙ୍କରଙ୍କୁ ସାମାଜିକ କର୍ମୀ ଭାବେ ଏବଂ ଅଗ୍ରଣୀ ଶିକ୍ଷୟିତ୍ରୀ ଓ ଶିକ୍ଷକ ଭାବେ ନଳିନୀପ୍ରଭା ଦେବୀ, ଉପେନ୍ଦ୍ର ଦାଶ ଓ ଗଣେଶ୍ୱର ମିଶ୍ରଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ସେହିପରି ସ୍ଥାନୀୟ ଅଞ୍ଚଳର ବିଭିନ୍ନ ଉଚ୍ଚ ବିଦ୍ୟାଳୟରେ ପୂର୍ବ ଶିକ୍ଷା ବର୍ଷରେ ସାହିତ୍ୟ ବିଭାଗରେ ୯୦ ପ୍ରତିଶତରୁ ଅଧିକ ନମ୍ବର ରଖିଥିବା ୧୨ ଜଣ ଛାତ୍ରୀଛାତ୍ରମାନଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା।

## ବାଇକ ଆରୋହୀଙ୍କୁ ସଚେତନତା

# ଗୋଲାପ ଫୁଲ ଦେଇ ହେଲମେଟ ପିନ୍ଧିବାକୁ ପରାମର୍ଶ



ଛାତ୍ରୀଛାତ୍ରମାନେ ହେଲମେଟ୍ ପିନ୍ଧି ନ ଥିବା ବାଇକ୍ ଆରୋହୀଙ୍କୁ ସଚେତନ କରାଉଛନ୍ତି ।

**ଖୋର୍ଦ୍ଧା ଅଫିସ,୨୦୧:**

ବାଘମାରି କଣ୍ଟିଲୋ ରାସ୍ତାର ଗେଡିଆପଲ୍ଲି ନୋଡାଲ ଉଚ୍ଚ ବିଦ୍ୟାଳୟଠାରେ ସ୍ଥାନୀୟ ହାଇସ୍କୁଲର ଛାତ୍ରୀଛାତ୍ର ଓ ୪୯ ଜଣ ଏନ୍‌ସିସି କ୍ୟାଡେଟ୍ ହେଲମେଟ୍ ପିନ୍ଧିବାକୁ ବାଇକ୍ ଆରୋହୀମାନଙ୍କୁ ଶନିବାର ସଚେତନତା କରାଇଛନ୍ତି। ଯେଉଁମାନେ ହେଲମେଟ୍ ପିନ୍ଧି ନ ଥିଲେ ସେମାନଙ୍କୁ ଗୋଲାପ ଫୁଲ ଦେଇ ହେଲମେଟ୍ ପିନ୍ଧିବାକୁ ପରାମର୍ଶ ଦେଇଥିଲେ। ହେଲମେଟ୍ ପିନ୍ଧିଥିବା ଆରୋହୀଙ୍କୁ ଧନ୍ୟବାଦ ଦେଇଥିଲେ।

## କଟକ ଜିଲା କଂଗ୍ରେସର ନୂତନ ସମ୍ପାଦକ ନିଯୁକ୍ତ

**ଖୁଣ୍ଟୁଣୀ,୨୦୧(ଡି.ଏନ୍.ଏ.)**

କଟକ ଜିଲା କଂଗ୍ରେସ କମିଟିର ସମ୍ପାଦକ ଭାବେ ଆଠଗଡ଼ ନିର୍ବାଚନମଣ୍ଡଳୀର କଖଡ଼ି ପଞ୍ଚାୟତର ପୂର୍ବତନ ସରପଞ୍ଚ ସୁନୀଲ ସୂତାର ଓ ଗୁରୁଡିଝାଟିଆର ପୂର୍ବତନ ସରପଞ୍ଚ ବିକ୍ରମ ସେନ ଧଳ ନିଯୁକ୍ତ ପାଇଛନ୍ତି। ପିସିସି ସଭାପତି ନିରଞ୍ଜନ ପଟ୍ଟନାୟକଙ୍କ ଅନୁମୋଦନ କ୍ରମେ ଜିଲା ସଭାପତି ଗୁରୁପଦ ନନ୍ଦ ଏହି ନିଯୁକ୍ତି ପ୍ରଦାନ କରିଛନ୍ତି।

## ଗୁରୁକୁଳ ଶିକ୍ଷା ନିକେତନର ବାର୍ଷିକ ଉତ୍ସବ

**ବୋଲଗଡ଼,୨୦୧(ଡି.ଏନ.ଏ.)**

ବୋଲଗଡ଼ ବ୍ଲକ ଗେଡିଆପଲ୍ଲୀ ପଞ୍ଚାୟତ ସାଲତରା ଗ୍ରାମସ୍ଥିତ ଗୁରୁକୁଳ ଶିକ୍ଷା ନିକେତନର ୯ମ ବାର୍ଷିକ ଉତ୍ସବ ଓ ମାତୃ ସମ୍ମିଳନୀ ରବିବାର ଅପରାହ୍ନରେ ଅନୁଷ୍ଠିତ ହୋଇଯାଇଛି। ଅନୁଷ୍ଠାନର ପ୍ରତିଷ୍ଠାତା ସ୍ୱାମୀ ସ୍ୱରୂପାନନ୍ଦ ସରସ୍ୱତୀ କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରଥିଲେ । ସଭାରେ ଶିକ୍ଷାବିତ୍ ରାଜ କିଶୋର ମହାପାତ୍ର ପୌରୋହିତ୍ୟ କରିଥିଲେ। ରସାୟନ ବିଜ୍ଞାନୀ ଡ. ହରିପ୍ରସାଦ ଦାସ ମୁଖ୍ୟଅତିଥି, ଡାକ୍ତର ଅମରେନ୍ଦ୍ରନାଥ ମହାପାତ୍ର ମୁଖ୍ୟବକ୍ତା ଓ ସମ୍ମାନିତ ଅତିଥି ଭାବେ ପ୍ରାଧ୍ୟାପକ ରବୀନ୍ଦ୍ର ନାଥ ପାଣିଗ୍ରାହୀ, ଖୋର୍ଦ୍ଧା ଜିଲା ଶିଶୁ କଲ୍ୟାଣ ସମିତି ଅଧ୍ୟକ୍ଷ ନୀଳକଣ୍ଠ ତ୍ରିପାଠୀ, ଖବରଦାତା ଜୟକୃଷ୍ଣ ହୋତା ପ୍ରମୁଖ ମଞ୍ଚାସୀନ ଥିଲେ । ସହ ସମ୍ପାଦକ ରମେଶ ଚନ୍ଦ୍ର ବେହେରା ସମ୍ପାଦକୀୟ ବିବରଣୀ ପାଠ କରିଥିଲେ । ପ୍ରଧାନ ଆଚାର୍ଯ୍ୟ ଦୀନବନ୍ଧୁ ସାହୁ ଧନ୍ୟବାଦ ଅର୍ପଣ କରିଥିଲେ। କୃତୀ ଛାତ୍ରୀଛାତ୍ରଙ୍କୁ ପୁରସ୍କାର ପ୍ରଦାନ କରାଯାଇଥିଲା। ଶିକ୍ଷୟିତ୍ରୀ ପ୍ରତିମା ପ୍ରଧାନଙ୍କ ରଚନା ଓ ନିର୍ଦ୍ଦେଶନାରେ 'ଭଲ ମଣିଷ ଖୋଜା ଚାଲିଛି ''ନାଟକ ମଞ୍ଚସ୍ଥ ହୋଇଥିଲା।

## ପ୍ରତିଭା ସମ୍ବର୍ଦ୍ଧନା ଓ ଚିଲିକା ବିକାଶ କଥା ଆଲୋଚନାଚକ୍ର

# 'ହକ୍ ପାଇଁ ସଂଗ୍ରାମ ଆବଶ୍ୟକ'

**କୃଷ୍ଣପ୍ରସାଦ,୨୦୧(ଡି.ଏନ.ଏ.)**



ଆଲୋଚନାଚକ୍ରରେ ଯୋଗଦେଇଥିବା ଅତିଥିମାନେ ।

ପୁରୀ ଜିଲା କୃଷ୍ଣପ୍ରସାଦ ବ୍ଲକର ଚାରିଛକଠାରେ ରବିବାର ପ୍ରତିଭା ସମ୍ବର୍ଦ୍ଧନା ଓ ଚିଲିକା ବିକାଶ କଥା ଶୀର୍ଷକ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଯାଇଛି । ଫାଇଲିନ୍ ଗୃହ ଯୋଗାଣ ସଂଗ୍ରାମ ସମିତିର ଆବାହକ ଟୁନା ସ୍ୱାଇଁଙ୍କ ନେତୃତ୍ୱରେ ବୈଠକ ରାଜ୍ୟର ପୂର୍ବତନ ଅର୍ଥମନ୍ତ୍ରୀ ପଞ୍ଚାନନ କାନୁନ୍‌ଗୋ ମୁଖ୍ୟଅତିଥି ଭାବେ ଯୋଗଦେଇ କୃଷ୍ଣପ୍ରସାଦର ହକ୍ ପାଇଁ ସଂଗ୍ରାମ ହେବା ଆବଶ୍ୟକ ବୋଲି କହିଥିଲେ । ସେ ଉଦାହରଣ ଦେଇ କହିଥିଲେ,୨୦୧୩ରେ ହୋଇଥିବା ଫାଇଲିନ ସହାୟତା ଗୃହକୁ ରାଜ୍ୟ ସରକାର ପୁରୀ ଜିଲାରେ କାର୍ଯ୍ୟକାରୀ ନ କରି ଫେରାଇ ଦେଇଥିଲେ । ସେ ବିଧାନସଭା ଘେରାଉ ପରେ ସଫଳତା ମିଳିଥିବା କହିଥିଲେ । ଉକ୍ତ ସହାୟତା ୨୦୧୪ ରେ ମିଳିଥିଲେ ୩ ଲକ୍ଷ ଟଙ୍କା ଓ ଆଜି ୬ ଲକ୍ଷ ଟଙ୍କା ହୋଇଥାନ୍ତା ବୋଲି କହିଥିଲେ। । ଅବସରପ୍ରାପ୍ତ ଶିକ୍ଷକ ବ୍ରଜ କିଶୋର ଜେନାଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ସାମାଜିକ କର୍ମୀ ପଦ୍ମଚରଣ ନାୟକ, ବନ ବିହାରୀ ବେହେରା, ବାସନ୍ତୀ ଆଚାର୍ଯ୍ୟ, କେଲୁ ଚରଣ ଜେନା, ସୁବାସ ଚନ୍ଦ୍ର ଜେନା, ସୁକାନ୍ତ କୁମାର ବିଶ୍ୱାଳ, ଶିକ୍ଷାବିତ୍ ପ୍ରଦୀପ କୁମାର ଦାସ ପ୍ରମୁଖ ଯୋଗ ଦେଇଥିଲେ। ମଦ ବିରୋଧି ସଂଗ୍ରାମ, ଫାଇଲିନ ଗୃହ ଯୋଗାଣ ନିମନ୍ତେ ବିଶେଷ ଉଦ୍ୟମ ଯୋଗୁ ଟୁନା ସ୍ୱାଇଁ ସମ୍ବର୍ଦ୍ଧିତ ହୋଇଥିଲେ। ପାଇକ ମହାସଂଘ ସମ୍ପାଦକ ସୁବାସ ଚନ୍ଦ୍ର ଜେନା, ସୁକାନ୍ତ କୁମାର ବିଶ୍ୱାଳ ଏବଂ ବ୍ଲକର ଶ୍ରେଷ୍ଠ ଖବରଦାତା ଭାବେ ଧରିତ୍ରୀ ପ୍ରତିନିଧି କୈଳାସ ଚନ୍ଦ୍ର ପଟ୍ଟନାୟକଙ୍କୁ ମାନପତ୍ର , ଉପଢୌକନ ପ୍ରଦାନ କରାଯାଇଥିଲା।

ଧରିତ୍ରୀ
DHARITRI
ଭୁବନେଶ୍ୱର, ସୋମବାର, ୨୧ ଜାନୁୟାରୀ, ୨୦୧୯



“ସାଧାରଣ ବର୍ଗର ଆର୍ଥିକ ଦୁର୍ବଳ ଶ୍ରେଣୀଙ୍କ ପାଇଁ କେନ୍ଦ୍ର ସରକାର ୧୦ ପ୍ରତିଶତ ସ୍ଥାନ ସଂରକ୍ଷଣ ବ୍ୟବସ୍ଥା କାର୍ଯ୍ୟକାରୀ କରିଛନ୍ତି। ଏହା ଭାଜପା ନେତୃତ୍ୱାଧୀନ ଏନ୍‌ଡିଏର ଭୋଟ ହାର ୧୦ ପ୍ରତିଶତ ବୃଦ୍ଧି କରିବ।

-ରାମବିଳାସ ପାଶ୍ୱାନ, କେନ୍ଦ୍ରମନ୍ତ୍ରୀ



# ତୁମ ସ୍ୱେଚ୍ଛାଚାରିତାରୁ ମୁକ୍ତି ଚାହାନ୍ତି ଲୋକେ





## ମୋଦିଙ୍କ ‘ବଚାଓ’ ସମାଲୋଚନାକୁ ନେଇ ରାହୁଲଙ୍କ ତାଚ୍ଛଲ୍ୟ

ନୂଆଦିଲ୍ଲୀ,୨୦।୧(ପି.ଟି.)

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ‘ବଚାଓ’ ସମାଲୋଚନାକୁ ନେଇ ରବିବାର କଂଗ୍ରେସ ଅଧ୍ୟକ୍ଷ ରାହୁଲ ଗାନ୍ଧୀ ତାଚ୍ଛଲ୍ୟ କରିଛନ୍ତି। ରାହୁଲ କହିଛନ୍ତି, ଦେଶବାସୀ ପ୍ରଧାନମନ୍ତ୍ରୀଙ୍କ ସ୍ୱେଚ୍ଛାଚାରିତା ଓ ଅକ୍ଷମତାରୁ ମୁକ୍ତି ଚାହାନ୍ତି। ପଶ୍ଚିମବଙ୍ଗ ମୁଖ୍ୟମନ୍ତ୍ରୀ ମମତା ବାନାର୍ଜୀଙ୍କ ଆବାହକତ୍ୱରେ କଲିକତାରେ ଶନିବାର ବିରୋଧୀ ମେଳି ହୋଇଥିଲା। ଏଥିରେ ୨୩ଟି ବିରୋଧୀ ଦଳର ନେତା ଯୋଗଦେଇଥିଲେ। ଏହାକୁ ଉପହାସ କରି ପ୍ରଧାନମନ୍ତ୍ରୀ କହିଥିଲେ, ବିରୋଧୀ ଦଳଗୁଡ଼ିକ ଏକାଠି ହୋଇ ‘ବଚାଓ, ବଚାଓ’ କହୁଛନ୍ତି। ଏହାର ଜବାବରେ ରାହୁଲ କହିଛନ୍ତି, ଲୋକେ ତୁମ ସ୍ୱେଚ୍ଛାଚାରିତାରୁ ମୁକ୍ତି ଚାହାନ୍ତି। ଲକ୍ଷ ଲକ୍ଷ ବେକାର ଯୁବତୀଯୁବକ, ଦୁର୍ଦ୍ଦଶାରେ ଥିବା କୃଷକ, ଦଳିତ ଓ ଆଦିବାସୀ, ସଂଖ୍ୟାଲଘୁ ଓ ଛୋଟ ବ୍ୟବସାୟୀ ସାହାଯ୍ୟ ପାଇଁ ଚିତ୍କାର କରୁଛନ୍ତି। ଆସନ୍ତା ୧୦୦ ଦିନ ମଧ୍ୟରେ ଭାରତ ମୁକ୍ତ ହେବ ବୋଲି ରାହୁଲ ଟୁଇଟ୍ କରିଛନ୍ତି। ସାଧାରଣ ନିର୍ବାଚନ ଆଉ ପ୍ରାୟ ୧୦୦ ଦିନ ବାକି ଥିବାରୁ ରାହୁଲ ପ୍ରଧାନମନ୍ତ୍ରୀଙ୍କୁ ଏଭଳି ଭାଷାରେ ଚେତାଇ ଦେଇଛନ୍ତି।

# ଜେଲ୍‌ରେ ଶଶୀକଳାଙ୍କୁ ଭିଆଇପି ସୁବିଧା

ବେଙ୍ଗାଲୁରୁ,୨୦।୧



ବେଙ୍ଗାଲୁରୁ ସେଣ୍ଟ୍ରାଲ୍ ଜେଲ୍‌ରେ ଏଆଇଏଡିଏମ୍‌କେ ନେତା ଭି.କେ.ଶଶୀକଳାଙ୍କୁ ଭିଆଇପି ସୁବିଧା ଦିଆଯାଉଥିଲା। ତାଙ୍କ ପାଇଁ ସ୍ୱତନ୍ତ୍ର ସେଲ୍‌ର ବ୍ୟବସ୍ଥା କରାଯାଇଥିଲା। ଏପରି କି ତାଙ୍କ ରୁଚି ମୁତାବକ ରନ୍ଧା ଖାଦ୍ୟ ପ୍ରସ୍ତୁତ କରାଯାଉଥିଲା। ଅବସରପ୍ରାପ୍ତ ଆଇଏଏସ୍ ଅଧିକାରୀ ବିନୟ କୁମାରଙ୍କ ନେତୃତ୍ୱାଧୀନ ତଦନ୍ତ ପ୍ୟାନେଲ୍ ରିପୋର୍ଟରୁ ଏହା ସ୍ପଷ୍ଟ ହୋଇଛି। ଶଶୀକଳାଙ୍କ ସେବାରେ ନିୟୋଜିତ ୫ଟି ସେଲ୍‌ରେ ରନ୍ଧା କାର୍ଯ୍ୟର ସୁବନ୍ଦୋବସ୍ତ ନେଇ ପ୍ରମାଣ ମିଳିଥିବା ଉକ୍ତ ରିପୋର୍ଟରେ ଦର୍ଶାଯାଇଛି। ୨୦୧୭ରେ ଏହି ରିପୋର୍ଟ କର୍ଣ୍ଣାଟକ ସରକାରଙ୍କୁ ହସ୍ତାନ୍ତର କରାଯାଇଥିଲା ଯାହା ଏବେ ସାର୍ବଜନିନ ହୋଇଛି।

## ■ ସୋମାଲିଆରେ ରକେଟ ମାଡ଼

# ୫୨ ଆତଙ୍କବାଦୀ ନିହତ



ଜୋହାନ୍ସବର୍ଗ,୨୦।୧

ଅଲ୍-ସବାବ୍ ଆତଙ୍କବାଦୀ ଗ୍ରୁପ୍‌ଙ୍କୁ ଟାର୍ଗେଟ୍ କରି ଆମେରିକା ସେନା ପକ୍ଷରୁ ବିମାନରୁ ଗୁଳିବର୍ଷଣ ଓ ବୋମାମାଡ଼ କରାଯାଇଛି। ଶନିବାର ଜୁବା ଅଞ୍ଚଳର ଜିଲିବ୍‌ଠାରେ ଅଲ୍-ସବାବ୍ କ୍ୟାମ୍ପ ଉପରେ ହୋଇଥିବା ଏହି ଆକ୍ରମଣରେ ୫୨ ଆତଙ୍କବାଦୀ ନିହତ ହୋଇଥିବା ଅମେରିକା ଆଫ୍ରିକା କମାଣ୍ଡ ପକ୍ଷରୁ କୁହାଯାଇଛି। ନିକଟରେ ସୋମାଲି ସେନା ଉପରକୁ ହୋଇଥିବା ଆକ୍ରମଣର ଏହା ଦୃଢ଼ ଜବାବ୍ ବୋଲି ଆମେରିକା ସାମରିକ ୟୁନିଟ୍ ପକ୍ଷରୁ ସ୍ପଷ୍ଟ କରାଯାଇଛି। ସୋମାଲିଆର ଅଧିକାଂଶ ଅଞ୍ଚଳରେ ଇସ୍‌ଲାମିକ୍ ଆତଙ୍କବାଦୀ ଗ୍ରୁପ୍ ଅଲ୍-ସବାବ୍‌ର ପତିଆରା ରହିଛି। ମଙ୍ଗଳବାର ପଡ଼ୋଶୀ କେନିଆର ରାଜଧାନୀସ୍ଥିତ ଏକ ବିଳାସପୂର୍ଣ୍ଣ ହୋଟେଲରେ ଏହି ଗ୍ରୁପ୍‌ର ସଦସ୍ୟମାନେ ବୋମା ବିସ୍ଫୋରଣ କରିଥିଲେ। ଆମେରିକା ରାଷ୍ଟ୍ରପତି ଭାବେ ଡୋନାଲ୍ଡ ଟ୍ରମ୍ପ ଦାୟିତ୍ୱ ଗ୍ରହଣ କରିବାପରଠାରୁ ସୋମାଲିଆରେ ଏହାକୁ ମିଶାଇ ୪୭ ଥର ଆକାଶ ମାର୍ଗରୁ ବୋମାମାଡ଼ ହୋଇଛି।

# ଟ୍ରମ୍ପ୍‌ଙ୍କ ବିରୋଧରେ ମହିଳାଙ୍କ ବିକ୍ଷୋଭ

ୱାଶିଂଟନ,୨୦।୧(ପି.ଟି.)

ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପଙ୍କ ଶାସନର ତୃତୀୟ ବର୍ଷ ପୂର୍ତ୍ତି ଅବସରରେ ଆମେରିକାର ହଜାର ହଜାର ମହିଳା ରାଜଧାନୀ ସମେତ ବିଭିନ୍ନ ସ୍ଥାନରେ ଏକତ୍ର ହୋଇ ତାଙ୍କ ବିରୋଧରେ ବିକ୍ଷୋଭ ପ୍ରଦର୍ଶନ କରିଛନ୍ତି। ମହିଳା ଅଧିକାର ସମର୍ଥନରେ ଏହି ବିକ୍ଷୋଭ ହୋଇଥିଲା। ତେବେ ମତଭେଦ ଯୋଗୁ ପୂର୍ବବର୍ଷ ତୁଳନାରେ ଏଥର ର୍‌ୟାଲି ଦୁର୍ବଳ ଥିଲା। ୱାଶିଂଟନରେ ଗୋଲାପୀ ଟୋପି ପରିହିତା ମହିଳାମାନେ ଫ୍ରିଡମ୍ ପ୍ଲାଜାଠାରେ ଏକତ୍ର ହୋଇ ଶୋଭାଯାତ୍ରାରେ ବାହାରିଥିଲେ। ମହିଳାଙ୍କ ସମ୍ପର୍କରେ ଟ୍ରମ୍ପଙ୍କ ଦ୍ୱି-ଅର୍ଥବୋଧକ ମନ୍ତବ୍ୟକୁ ସେମାନେ ବିରୋଧ କରିଥିଲେ।




# ଅମିତ ଶାହ ଏମ୍ସରୁ ବାହାରିଲେ

ନୂଆଦିଲ୍ଲୀ,୨୦।୧(ପି.ଟି.)

ସ୍ୱାଇନ୍ ଫ୍ଲୁରେ ପୀଡିତ ଭାଜପା ଅଧ୍ୟକ୍ଷ ଅମିତ ଶାହା ଏମ୍ସରେ ଚିକିତ୍ସିତ ହୋଇ ରବିବାର ଘରକୁ ଫେରିଛନ୍ତି। ସେ ଏବେ ସମ୍ପୂର୍ଣ୍ଣ ସୁସ୍ଥ ଏବଂ ତାଙ୍କ ଆଶୁ ଆରୋଗ୍ୟ କାମନା କରିଥିବା ସମସ୍ତଙ୍କୁ ଧନ୍ୟବାଦ ଜଣାଇ ଟୁଇଟ୍ କରିଛନ୍ତି। ଗତ ବୁଧବାର ସେ ଦିଲ୍ଲୀର ଏମ୍ସରେ ଭର୍ତ୍ତି ହୋଇଥିଲେ। ଶାହ ସମ୍ପୂର୍ଣ୍ଣ ସୁସ୍ଥ ହୋଇ ଘରକୁ ଫେରିଥିବା ଭାଜପା ଆଇଟି ସେଲ୍ ପ୍ରଭାରୀ ଅମିତ ମାଲଭିୟ ଗଣମାଧ୍ୟମକୁ କହିଛନ୍ତି।

ଫୁର୍‌ସତ

# ବର୍ଷର ପ୍ରଥମ ସୁପରମୁନ୍

ୱାଶିଂଟନ୍



ବର୍ଷର ପ୍ରଥମ ଚନ୍ଦ୍ରଗ୍ରହଣ ଜାନୁୟାରୀ ୨୧ରେ ସୋମବାର ହେବ। ଏହା ଭାରତକୁ ଦୃଶ୍ୟମାନ ହେବ ନାହିଁ। ଏହାକୁ ସୁପର ବ୍ଲଡମୁନ୍ କୁହାଯାଉଛି। କାରଣ ଚନ୍ଦ୍ର ଏହାର କକ୍ଷପଥରେ ପୃଥିବୀକୁ ପରିକ୍ରମା କରୁଥିବା ବେଳେ ପୂର୍ଣ୍ଣିମା ତିଥିରେ ପୃଥିବୀର ଅଧିକ ନିକଟବର୍ତ୍ତୀ ହେବ। ଏହାକୁ ସୁପର ବ୍ଲଡମୁନ୍ କୁହାଯାଉଛି। କାରଣ ଚନ୍ଦ୍ରଗ୍ରହଣ ସମୟରେ ଏହା ରକ୍ତଭଳି ଲାଲ୍ ରଙ୍ଗ ଧାରଣ କରିବ। ୨୧ତାରିଖ ଭାରତୀୟ ସମୟ ପୂର୍ବାହ୍ନ ୮ଟା ୬ରୁ ଚନ୍ଦ୍ରଗ୍ରହଣ ଆରମ୍ଭ ହୋଇ ମଧ୍ୟାହ୍ନ ୧୨ଟା ୧୨ ପର୍ଯ୍ୟନ୍ତ ଜାରି ରହିବ। ତେବେ ପୂର୍ଣ୍ଣଗ୍ରାସ ପ୍ରକ୍ରିୟା ୬୦ ମିନିଟ ପର୍ଯ୍ୟନ୍ତ ଜାରି ରହି ଧୀରେ ଧୀରେ ଏହା କ୍ଷୟ ହେବ। ସଂଘଟିତ ହେଉଥିବା ସୁପରମୁନ୍ ଉତ୍ତର ଓ ଦକ୍ଷିଣ ଆମେରିକୀୟ ଦେଶଗୁଡ଼ିକୁ ସମ୍ପୂର୍ଣ୍ଣ ଦୃଶ୍ୟମାନ ହେବ ବୋଲି ଆମେରିକୀୟ ମହାକାଶ ଗବେଷଣା ସଂସ୍ଥା ନାସା ପକ୍ଷରୁ କୁହାଯାଇଛି। ଚନ୍ଦ୍ର ଗ୍ରହଣ ସମୟରେ ଚନ୍ଦ୍ରର ଉଜ୍ଜ୍ୱଳତାରେ ୩୦ ପ୍ରତିଶତ ବୃଦ୍ଧି ଘଟିବା ସହିତ ଏହାର ଆକାର ୧୫ ପ୍ରତିଶତ ବଢ଼ିବ ବୋଲି କୁହାଯାଉଛି। ଏହାକୁ ସୁପର ବ୍ଲଡ୍‌ମୁନ୍ ଭାବେ ନାମିତ କରାଯାଇଛି। ଏହା ଆଫ୍ରିକା, ୟୁରୋପ, ଦକ୍ଷିଣ ଆମେରିକାର ଉତ୍ତର ଅଞ୍ଚଳ, ପ୍ରଶାନ୍ତ ମହାସାଗରୀୟ କ୍ଷେତ୍ରର ମଧ୍ୟମ ଅଞ୍ଚଳ ଆଦିରେ ଦୃଷ୍ଟିଗୋଚର ହେବ। ଚନ୍ଦ୍ରଗ୍ରହଣ ନ୍ୟୁୟର୍କ, ଲସ୍ ଏଞ୍ଜେଲ୍ସ, ଲଣ୍ଡନ, ଶିକାଗୋ, ଏଥେନ୍ସ, ପ୍ୟାରିସ୍, ମସ୍କୋ, ବ୍ରସେଲ୍ସ ଏବଂ ୱାଶିଂଟନରେ ଦୃଶ୍ୟମାନ ହେବ।

## [ଇତିହାସର ଆଇନାରେ]

### ଜାନୁୟାରୀ ୨୧ର ପ୍ରମୁଖ ଘଟଣା

୧୯୬୦ ଜାନୁୟାରୀ ୨୧ରେ ଦକ୍ଷିଣ ଆଫ୍ରିକାର ହୋଲି କଣ୍ଟ୍ରିରେ ଏକ କୋଇଲା ଖଣି ଭୁଶୁଡ଼ି ପଡିବା ଯୋଗୁ ୪୩୫ ଶ୍ରମିକ ପ୍ରାଣ ହରାଇଥିଲେ। ସାସୋଲବର୍ଗଠାରୁ ୫ କିଲୋମିଟର ଦୂରରେ ଅବସ୍ଥିତ ଏହି କୋଇଲାଖଣିର ମୂଳ ନାମ କୋଲବ୍ରାକ୍।

୧୯୩୧ ଜାନୁୟାରୀ ୨୧ରେ ସାର୍ ଆଇଜାକ୍ ଆଇଜାକ୍ସ ଅଷ୍ଟ୍ରେଲିଆର ପ୍ରଥମ (ଅଷ୍ଟ୍ରେଲିଆ ଜନ୍ମିତ) ଗଭର୍ନର-ଜେନେରାଲ ଭାବେ ଶପଥ ନେଇଥିଲେ। ସେ ଏକାଧାରରେ ଜଣେ ଆଇନଜ୍ଞ, ରାଜନେତା ଏବଂ ବିଚାରପତି। ସେ ୧୮୫୫ ଅଗଷ୍ଟ ୬ରେ ଜନ୍ମଗ୍ରହଣ କରିଥିବା ବେଳେ ୧୯୪୮ ଫେବୃୟାରୀ ୧୧ରେ ତାଙ୍କର ବିୟୋଗ ଘଟିଥିଲା। ୧୯୩୧ରୁ ୧୯୩୬ ମଧ୍ୟରେ ସେ ଅଷ୍ଟ୍ରେଲିଆର ନବମ ଗଭର୍ନର-ଜେନେରାଲ ଭାବେ ଦାୟିତ୍ୱ ନିର୍ବାହ କରିଥିଲେ।

# ‘ଦବଙ୍ଗ ୩’ରେ ଘରବାହୁଡ଼ା



ସୋନାକ୍ଷୀ ସିହ୍ନା

**ମୁମ୍ବାଇ:** ଖୁବ୍‌ଶୀଘ୍ର ‘ଦବଙ୍ଗ ୩’ର ଶୁଟିଂ କାର୍ଯ୍ୟ ଆରମ୍ଭ ହେବାକୁ ଯାଉଥିବା ବେଳେ ବଲିଉଡ ଅଭିନେତ୍ରୀ ସୋନାକ୍ଷୀ ସିହ୍ନାଙ୍କ ପାଇଁ ଏହା ଘରବାହୁଡ଼ା ସାବ୍ୟସ୍ତ ହୋଇଛି। ଶନିବାର କ୍ରୋମ୍ ପିକ୍ଚର୍ସର ୧୫ତମ ବାର୍ଷିକୀ ଏବଂ ‘ବଧାଇ ହୋ’ର ସଫଳତାର ଉତ୍ସବ ପାଳିତ ହେଉଥିବା ପରିପ୍ରେକ୍ଷୀରେ ଗଣମାଧ୍ୟମକୁ ସୋନାକ୍ଷୀ ଏହା ପ୍ରକାଶ କରିଛନ୍ତି। ୨୦୧୦ରେ ସୁପରଷ୍ଟାର ସଲମାନ୍ ଖାନ୍‌ଙ୍କ ସହିତ ଦବଙ୍ଗରେ ପ୍ରଥମ କରି ସେ ଅଭିନୟ ଜୀବନ ଆରମ୍ଭ କରିଥିଲେ। ତେବେ ଉକ୍ତ ଫିଲ୍ମର ପରବର୍ତ୍ତୀ ସଂସ୍କରଣର ଶୁଟିଂ ସମ୍ପର୍କରେ ସୋନାକ୍ଷୀ କହିଲେ, ଦବଙ୍ଗ ୩ର ଶୁଟିଂ ପାଇଁ ସେ ଖୁବ୍ ଉତ୍ସାହିତ। ଦବଙ୍ଗ ଏବଂ ଦବଙ୍ଗ ୨ର ରିଲିଜ୍ ପରେ ଏକ ଲମ୍ବା ଅବକାଶ ସୃଷ୍ଟି ହୋଇଥିଲା। ବର୍ତ୍ତମାନ ଦବଙ୍ଗ ୩ର ଶୁଟିଂ ଆରମ୍ଭ ହେବାକୁ ଯାଉଛି। ‘ବଧାଇ ହୋ’ର ନିର୍ଦ୍ଦେଶକ ଅମିତ ଶର୍ମାଙ୍କୁ ପ୍ରଶଂସା କରି ସୋନାକ୍ଷୀ କହିଲେ, ଅମିତ ଶର୍ମାଙ୍କ ପାଇଁ ମୁଁ ଖୁବ୍ ଗର୍ବିତ। କାରଣ ତାଙ୍କର ପ୍ରଥମ ନିର୍ଦ୍ଦେଶନାରେ ନିର୍ମିତ ଫିଲ୍ମରେ ମୋତେ ହିରୋଇନ୍ ଭୂମିକା ମିଳିଥିଲା। ତାଙ୍କର ପ୍ରିୟ ନିର୍ଦ୍ଦେଶକଙ୍କ ମଧ୍ୟରୁ ସେ ଅନ୍ୟତମ। ତେଣୁ ତାଙ୍କ ପାଇଁ ସେ ଖୁସି ଓ ଗୌରବାନ୍ୱିତ ବୋଲି ପ୍ରକାଶ କରିଥିଲେ।



ରବିବାର ଅପରାହ୍ନ ୫ଟାରେ ମହାକାଶରୁ ନିଆଯାଇଥିବା ପାଣିପାଗ ଚିତ୍ର।

## କେମିତି ରହିବ ଆଜିର ପାଗ

**ରାଜ୍ୟ–**ଆସନ୍ତା ୨୪ ଘଣ୍ଟା ମଧ୍ୟରେ ଓଡ଼ିଶାର ପାଗ ମୁଖ୍ୟତଃ ଶୁଖିଲା ରହିବା ସମ୍ଭାବନା ଅଛି।

**ସ୍ଥାନୀୟ ଅଞ୍ଚଳ–** ଭୁବନେଶ୍ୱର ଓ ଏହାର ପାର୍ଶ୍ୱବର୍ତ୍ତୀ ଅଞ୍ଚଳରେ ଆକାଶ ମେଘମୁକ୍ତ ରହିବ। ସୋମବାର ଏଠାରେ ସର୍ବୋଚ୍ଚ ତାପମାତ୍ରା ୩୦ ଡିଗ୍ରୀ ଏବଂ ସର୍ବନିମ୍ନ ୧୪ ଡିଗ୍ରୀ ସେଲ୍‌ସିୟସ୍ ରହିବ ବୋଲି ଅନୁମାନ କରାଯାଇଛି। ରବିବାର ରାଜ୍ୟରେ ରେକର୍ଡ କରାଯାଇଥିବା ସର୍ବୋଚ୍ଚ ଓ ସର୍ବନିମ୍ନ ତାପମାତ୍ରା ପାର୍ଶ୍ୱରେ ଦିଆଗଲା।

| ସ୍ଥାନ | ସର୍ବୋଚ୍ଚ ତାପମାତ୍ରା | ସର୍ବ ନିମ୍ନ ତାପମାତ୍ରା |
|---|---|---|
| ବାଲେଶ୍ୱର | ୨୯.୦ | ୧୧.୪ |
| ଚାନ୍ଦବାଲି | ୨୮.୩ | ୧୩.୮ |
| କଟକ | ୨୮.୦ | ୧୨.୮ |
| ପାରାଦ୍ୱୀପ | ୨୬.୩ | ୧୫.୫ |
| ଭୁବନେଶ୍ୱର | ୨୯.୮ | ୧୪.୬ |
| ଗୋପାଳପୁର | ୨୯.୫ | ୧୫.୦ |
| ପୁରୀ | ୨୪.୦ | ୧୫.୬ |
| ଅନୁଗୋଳ | ୨୯.୧ | ୦୮.୮ |
| ବାରିପଦା | --- | ୧୧.୪ |
| ଝାରସୁଗୁଡ଼ା | ୨୯.୩ | ୯.୧ |
| କେନ୍ଦୁଝର | ୨୭.୬ | ୯.୬ |
| ସମ୍ବଲପୁର | ୩୦.୦ | ୯.୦ |
| ସୁନ୍ଦରଗଡ଼ | ୨୬.୦ | ୧୧.୦ |
| ହୀରାକୁଦ | ୨୯.୧ | ୧୦.୭ |
| ତାଳଚେର | ୩୨.୦ | ୧୦.୫ |
| ଭବାନୀପାଟଣା | --- | ୯.୫ |
| ବଲାଙ୍ଗୀର | --- | ୧୦.୮ |
| କୋରାପୁଟ | ୨୮.୬ | ୧୦.୦ |
| ଫୁଲବାଣୀ | --- | ୭.୨ |
| ଟିଟିଲାଗଡ଼ | --- | ୯.୫ |
| ମାଲକାନଗିରି | ୩୩.୫ | ୧୪.୪ |
| ସୋନପୁର | ୨୯.୬ | ୯.୨ |
| ଦାରିଙ୍ଗିବାଡ଼ି | ୨୨.୮ | ୧୦.୫ |
| ଢେଙ୍କାନାଳ | --- | --- |

ଡିଗ୍ରୀ ସେଲ୍‌ସିୟସ୍

# ସବୁଠୁ ସୁନ୍ଦର କୁକୁର ବୁ ମୃତ

**ୱାଶିଂଟନ୍:** ବିଶ୍ୱର ସବୁଠୁ ସୁନ୍ଦର କୁକୁର କୁହାଯାଉଥିବା ବୁ ୧୨ବର୍ଷ ବୟସରେ ମୃତ୍ୟୁବରଣ କରିଛି। ତା'ର ହୃଦ୍‌ଯନ୍ତ୍ରରେ ସମସ୍ୟା ସୃଷ୍ଟି ହୋଇଥିଲା। ପୋମେରାନିଆନ୍ ପ୍ରଜାତିର ବୁ ଏବଂ ତା'ର ସାଥୀ ବୁଢ଼ି ଏକତ୍ର ରହିଆସୁଥିଲେ। କିନ୍ତୁ ବୁଢ଼ି ଗତବର୍ଷ ମୃତ୍ୟୁବରଣ କରିବା ପରେ ବୁ ସାଥୀହୀନ ହୋଇଯାଇଥିଲା। ଏଥିପାଇଁ ବୁ ଠାରେ ହୃଦ୍‌ଯନ୍ତ୍ର ସମସ୍ୟା ଦେଖାଦେଇଥିଲା। ବୁ ସାଥୀହୀନ ହୋଇଯିବା ପରେ ଅତ୍ୟନ୍ତ ଭାଙ୍ଗିପଡିଥିଲା ବୋଲି ତା'ର ମାଲିକ ସୋସିଆଲ୍ ମିଡିଆରେ ଉଲ୍ଲେଖ କରିଛନ୍ତି। ସେ ଅତ୍ୟନ୍ତ ମ୍ରିୟମାଣ ଅବସ୍ଥାରେ ଦୀର୍ଘ ବର୍ଷେ ରହିବା ପରେ ପରିଶେଷରେ ଶେଷ ନିଃଶ୍ୱାସ ତ୍ୟାଗ କରିଛି। ବୁ ର ମୃତ୍ୟୁ ଆମ ପରିବାର ପାଇଁ ହୃଦୟବିଦାରକ ହେଲେ ବି ସେ ଯନ୍ତ୍ରଣାରୁ ମୁକ୍ତି ପାଇଯାଇଛି ବୋଲି ମାଲିକ ପ୍ରକାଶ କରିଛନ୍ତି। ୨୦୧୨ରେ ବୁ ଭର୍ଜିନ ଆମେରିକାର ଅଫିସିଆଲ ପେଟ୍ ଲାୟାସନ୍ ଭାବେ ନିୟୋଜିତ ହୋଇଥିଲା। ଏହାର ବିଭିନ୍ନ ଫଟୋ ପୋଜ୍‌କୁ ଆଧାର କରି ‘ବୁ: ଦି ଲାଇଫ୍ ଅଫ୍ ଦି ୱାର୍ଲ୍ଡ୍ସ କ୍ୟୁଟେଷ୍ଟ ଡଗ୍’ ନାମକ ଏକ ପୁସ୍ତକ ୨୦୧୧ରେ ପ୍ରକାଶ ପାଇଛି।



# ପାକିସ୍ତାନରେ ପ୍ରଥମ ରୋବଟିକ୍ ସର୍ଜରି

କରାଚୀ

ପାକିସ୍ତାନରେ ପ୍ରଥମଥର ପାଇଁ ଏକ ରୋବଟିକ୍ ଅସ୍ତ୍ରୋପଚାର ସଫଳ ହୋଇଛି। କରାଚୀସ୍ଥିତ ଏକ ହସ୍ପିଟାଲ୍‌ରେ ଜଣେ ମହିଳା ରୋଗୀଙ୍କଠାରେ ଶନିବାର ଏହି ଅସ୍ତ୍ରୋପଚାର କରାଯାଇଥିଲା। ଏହି ପଦ୍ଧତିକୁ ହିଷ୍ଟେରେକ୍ଟୋମି କୁହାଯାଉଛି। ୩ ଦିନିଆ ମଲ୍ଟିଡିସିପ୍ଲିନାରି ରୋବଟିକ ସର୍ଜରି କର୍ମଶାଳାର ଉଦ୍‌ଯାପନି ଦିବସରେ କରାଚିସ୍ଥିତ ସିଭିଲ ହସ୍ପିଟାଲରେ ଏହି ଅସ୍ତ୍ରୋପଚାର କରାଯାଇଥିଲା। ବେଲୁଚିସ୍ତାନର ୫୫ ବର୍ଷୀୟା ମହିଳାଙ୍କ ଜରାୟୁରେ ରକ୍ତକ୍ଷରଣ ସମସ୍ୟା ଲାଗି ରହିଥିଲା। ତାଙ୍କଠାରେ ରୋବୋଟିକ୍ ଅସ୍ତ୍ରୋପଚାର କରାଯାଇ ଜରାୟୁ କଢ଼ାଯାଇପାରିଛି। ଅପରେଶନ୍‌ର ୨୪ଘଣ୍ଟା ପରେ ମହିଳାଙ୍କୁ ଡିସ୍‌ଚାର୍ଜ କରିଦିଆଯାଇଥିଲା। କିଙ୍ଗ୍ସ କଲେଜ୍ ଲଣ୍ଡନ ଏବଂ ସେଣ୍ଟ ଥୋମାସ୍ ହସ୍ପିଟାଲ ଲଣ୍ଡନର ରୋବଟିକ ସର୍ଜନ ଟିମ୍ ଅସ୍ତ୍ରୋପଚାର କରିଥିଲେ। ସେମାନଙ୍କୁ ସ୍ଥାନୀୟ ଏକ ଡାକ୍ତରୀ ଟିମ୍ ସହାୟତା କରିଥିଲେ। ବିଶେଷକରି ସ୍ତ୍ରୀରୋଗ କ୍ଷେତ୍ରରେ ପାକିସ୍ତାନରେ ରୋବଟିକ୍ ଅସ୍ତ୍ରୋପଚାର ସଫଳ ହୋଇପାରିଥିବା ମେଡିକାଲ୍ ଟିମ୍ ବର୍ଣ୍ଣନା କରିଛି। ପାକିସ୍ତାନରେ ଚିକିତ୍ସା ବିଜ୍ଞାନରେ ଏହା ନୂଆ ଦିଗ ଉନ୍ମୋଚନ କରିବ ବୋଲି ବିଶେଷଜ୍ଞମାନେ ମତ ଦେଇଛନ୍ତି।

**GOVT. OF ODISHA, DEPARTMENT OF WATER RESOURCES**
**O/o THE EXECUTIVE ENGINEER, RENGALI RIGHT CANAL DIVISION NO.II, DHENKANAL**
Email Id– eerrc2dkl@gmail.com

**'e' Procurement Notice**

**No. 1150-A:-** The Executive Engineer, Rengali Right Canal Division No.II, Mahisapat, Dhenkanal on behalf of the Governor of Odisha invites on line percentage rate bids for construction of the work as detailed below:

1. Name of the work : 03 (three) nos. of works
2. Tender Cost : Rs. 19.90 lakh to 74.79 lakh
3. Bid Document Cost : As per DTCN
4. Bid Security : Rs. 19,900.00 to 74,800.00
5. Class of Contractor : D class to A class
6. Period of Completion : 03 months to 06 months
7. Other details are as follows :

| Procurement Officer | Bid Identification No. | Availability of Tender On-line for bidding | | Date of Opening of Bid (single cover)/ Technical Bid (Double cover) |
|---|---|---|---|---|
| | | From | To | |
| Executive Engineer, Rengali Right Canal Division No.II, Dhenkanal | EERRCIIDKL -11/2018-19 | 23.01.2019 10.00AM | 06.02.2019 5.00PM | 07.02.2019 11.00AM |

8. For further details and on line bidding, visit Govt. website www.tendersodisha.gov.in

32084/11/0002/1819 *Executive Engineer, Rengali Right Canal Division No.II, Dhenkanal*

**GOVERNMENT OF ODISHA, OFFICE OF THE EXECUTIVE ENGINEER RURAL WORKS DIVISION, JEYPORE**

No.185 Date.17.01.2019

**NOTICE INVITING TENDER FOR CIVIL WORKS IN ODISHA NATIONAL COMPETITIVE BIDDING THROUGH e-Procurement**

**Bid Identification No: EERWDJYP – Online - 07/2018-19**

1) Type of works : Bridges
2) Class of contractor : "B & A" Class Contractor (of Odisha PWD) or relevant class of other licensing authorities.
3) Mode of submission of tender : Tender should be submitted online only in https://tendersodisha.gov.in
4) Period of completion : 11 months
5) Period of availability of tenders online/Date & time of bidding online / Date of opening of tender papers : The details are as follows:

| Procurement officer | Bid Identification No. | No. of works | Availability of Tender online for bidding | | Date & Time of opening of tender in O/o E.E. R.W. Division, Jeypore |
|---|---|---|---|---|---|
| | | | From | To | |
| 1 | 2 | 3 | 4 | 5 | 6 |
| Executive Engineer, R.W. Division, Jeypore | EERWDJYP Online-07/2018-19 | 2 (Two) Nos. | 23.01.2019 at 11.00AM | 30.01.2019 upto 5.00PM | 31.01.2019 at 11.30AM |

6) Bid documents consisting of qualification information and eligibility criterion of bidders, specifications, the schedule of quantities and the set of terms and conditions of contract and other necessary documents can be seen in the website: www.tendersodisha.gov.in.

1434-O

25160/11/0010/1819 *Sd./- Executive Engineer, Rural Works Division, Jeypore*

**Expression of Interest (EOI)**
**Odisha Tribal Empowerment & Livelihoods Programme Plus (OTELP Plus)**
**Programme Support Unit (PSU)**
**ST & SC Development Department, Govt. of Odisha**

**No. CAD-1299:-** Expression of Interest (EoI) is invited from FNGO of national repute with prior experience in implementing community empowerment and watershed development programmes, to be engaged for the implementation of OTELP Plus activities in 7 blocks of 2 districts viz. Bamara, Jamankira & Kuchinda under Kuchinda ITDA of Sambalpur district & Telkoi Block under Keonjhar ITDA, Joda, Jhumpura & Champua Blocks of Champua ITDA of Keonjhar districts under OTELP Plus.

Interested FNGOs may download the details from www.otelp.org. RFP with required documents should be sent through speed post/ registered post only in a closed envelope superscribed as "RFP for FNGO under OTELP Plus" to the Office of the PSU, OTELP Plus, 2nd Floor, TDCCOL Building, Rupali Square Bhubaneswar-751022. The last date of receipt of application is 07.02.19 upto 4.00PM & the date of opening of Bid documents is 07.02.19 at 5.00PM. The Programme Director reserves the right to accept or reject any or all bid without assigning any reason thereof.

26019/11/0013/1819 *Sd./- Programme Director*

# Exam Mate

Mock Test Paper for Std X, XII CBSE Board, IIT - JEE Main & Advanced. FOR ANSWERS VISIT : **www.dharitri.com**

## SAMPLE PAPER # 8

### CLASS-X (SOCIAL SCIENCE)

**Time Allowed : 3 hours** **Maximum Marks: 80**

### GENERAL INSTRUCTIONS

1. ***The question paper has 27 questions in all. All questions are compulsory.***
2. ***Questions from serial number 1 to 7 are very short answer questions. Each question carries one mark.***
3. ***Questions from serial number 8 to 18 are 3 marks questions. Answer of these questions should not exceed 80 words each.***
4. ***Questions from serial number 19 to 25 are 5 marks questions. Answer of these questions should not exceed 100 words each.***
5. ***Questions 26 and 27 are map questions. Question number 26 is of 2 marks. Question number 27 is of 3 marks.***

**1.** What was themain reason for breaking down the network of foreign trade of the Indian merchants in the 18th century ?

**OR**

What were the works of Gomasthas ?

**OR**

Which place was the most favoured destination for migrants after Industrial Revolution?

**2.** Which are the most important social groups of Sri Lanka ?

**3.** Name the countries which are examples of 'holding together' federations.

**4.** Which is the cheapest mode of transport in India ?

**5.** What was the Napoleonic Code usually known as ?

**OR**

When was Tonkin Free School started in Vietnam ?

**6.** How are Consumer Protection Council different from Consumer Courts ?

**7.** Madhav has no regular work. Sometimes, he spends the whole day but earns a little and he also has no such investment capability to use own skills to earn money. Which sector Madhav may be engaged in ?

**8.** What were the main objectives of the Civil Disobedience Movements ?

**9.** What were the major proposals of the Vienna Congress ?

**OR**

Who was Ho Chi Minh ? Describe his achievements.

**10.** In our country the government has taken up the responsibility of public sector activities. Give reasons why ?

**11.** a. "The use of non-conventional sources of energy is becoming necessary in our country". Give three reasons to support this statement.

b. What values/lesson you have learnt from the above questions ?

**12.** Explain any three features of handwritten manuscripts before the age of print in India.

**OR**

Mention any three features of pickwick papers.

**13.** What efforts have been made to reform political parties in India ?

**14.** Compare the conditions of the "Blacks in the US and the Dalits". In India.

**15.** Some dams are referred to as multi-purpose projects. Why is it so ?

**16.** Give a brief description of the jute cultivation in India. Also mention the climatic conditions required for jute cultivation.

**17.** Give any three limitations of the Barter system.

**18.** Mention any three characteristics of development.

**19.** How was the family life in Chawls in Bombay ? What is the impact of social change on the family life ? Explain.

**OR**

Give three significant values associated with the silk routes.

**OR**

Explain the five features of proto-industrialization.

**20.** What are the major sources of energy in rural households of India ? Identify the major problems faced due to these sources. Give suggestions to solve these problems.

**21.** Describe the different forms of castes that can take place in politics.

**22.** "At first the rich peasants of Uttar Pradesh and Gujurat were the enthusiastic supporters of the Civil Disobedience Movement, but later they refused to participate." Analyze the statement.

**23.** Explain the impacts of globalization and MNCs on workers.

**24.** Analyze Right to Information Act as the watchdog of democracy.

**25.** What are National and International Resources ?

**26.** On the given political outline map of India, mark and locate the following:

i. A place where Khilafat Committee was formed in 1919.

ii. A place where Militant Guerrilla Movement spread under the leadership of Alluri Sitaram Raju.

**27.** Three features (i), (ii) and (iii) are marked on the given map of India. Identify them and write their names in the marked on the map.

(i) An oil field (ii) A mica mine

(iii) A nuclear power plant.




Vidyamandir Classes
GURUKUL FOR IITJEE AND MEDICAL PREPARATION
NATIONAL ADMISSION cum SCHOLARSHIP TEST ON 2nd FEBRUARY 2019
(FOR CLASS VII, VIII, IX, X & XI STUDENTS) Ph. No. 0674 - 2421400, 2421800, 85990 87100 / 85990 87200
Preparation For: JEE Mains & Advanced, Medical (NEET / AIIMS), KVPY, Olympiad, NTSE & Board.
Jaydev Vihar Centre : 1st Floor Above HDFC Bank, Madhusudan Nagar, Kalinga Stadium Square, •Damana Centre: Plot No. 248, 1st Floor, Near Damana Square, Sailashree Vihar Road, Chandrasekharpur, Bhubaneswar
Corporate Office: Vidyamandir Classes, Aggrawal Corporate Heights, 3rd Floor, Plot No. A-7 Netaji Subhash Place, Opposite Wazirpur Depot, Pitampura, Delhi, www.vidyamandir.com



ଡା. ଆଶିଷ ବାନାର୍ଜୀ

# ପ୍ରାକୃତିକ ପେନ୍‌କିଲର

ସୁସ୍ଥ ଶରୀରରେ ସ୍ନାୟୁମାନଙ୍କରେ ବାୟୁ ସୁଚାରୁରୂପେ ପ୍ରବାହିତ ଯୋଗୁ ଅଙ୍ଗପ୍ରତ୍ୟଙ୍ଗର କାର୍ଯ୍ୟ ଚାଲିଥାଏ। ଏହି ବାୟୁ କୌଣସି କାରଣରୁ ଅବରୋଧ ହେଲେ ସେହି ପ୍ରବାହିତ ହେଉଥିବା ସ୍ଥାନରେ ଯନ୍ତ୍ରଣା ଉତ୍ପନ୍ନ ହୋଇ ସେ ଅଞ୍ଚଳଟି କାର୍ଯ୍ୟାକ୍ଷମ ହୋଇପଡ଼େ ଏବଂ ସନ୍ଧିସ୍ଥାନକୁ ଆକ୍ରାନ୍ତ କଲେ ଫୁଲା, ଯନ୍ତ୍ରଣା ସହ ପାଣି ଜମିବାକୁ ଲାଗେ ଏବଂ ସ୍ନାୟୁ ସମ୍ପର୍କୀୟ ଅଙ୍ଗଗୁଡ଼ିକ କାଲୁଆ ଓ ଦୁର୍ବଳ ହୋଇ ଅକାମୀ ହେବାକୁ ବସେ। ଏଥିପାଇଁ ଶୋଥ, ବେଦନା ନାଶକ ଓ କାଲୁଆବସ୍ଥାକୁ ଲକ୍ଷ୍ୟ କରି ସ୍ନାୟୁ ଉତ୍ତେଜକ ଔଷଧ ଦେବାକୁ ପଡ଼େ। ଯଦ୍ୱାରା ସ୍ନାୟୁର କ୍ଷତ ଦୂର ହୋଇ ବାୟୁ ଚାଳାଚଳ ପଥକୁ ସୁଗମ କରେ।

ଏତଦ୍‌ବ୍ୟତୀତ ଉଚ୍ଚ ରକ୍ତଚାପ ବା ଆଘାତଜନିତ ଅନ୍ତ ମସ୍ତିଷ୍କ ରକ୍ତନଳୀରୁ ରକ୍ତସ୍ରାବ ହେବା ଯୋଗୁ ସେହି ଅଞ୍ଚଳକୁ ରକ୍ତ ନ ପହଞ୍ଚିବା କାରଣରୁ ସେ ଅଞ୍ଚଳଟି ଅକାମୀ ହୋଇଯାଏ, ଫଳରେ ସେଠାରୁ ପ୍ରେରିତ ସ୍ନାୟୁ ଅପରପାର୍ଶ୍ୱ ଅଙ୍ଗକୁ ଅକାମୀ କରି ଏକାଙ୍ଗୀବାତ ବା ସର୍ବାଙ୍ଗବାତ ଏପରି ପରିସ୍ଥିତି ନେଇ ରୋଗ ସୃଷ୍ଟି ହୋଇଥାଏ। ଏହି ଅବରୋଧ ରକ୍ତକୁ ତରଳାଇ ପୁନଃ କାର୍ଯ୍ୟଶୀଳ କରିବାରେ ଓ ସ୍ନାୟୁକୁ ବଲ୍ୟପ୍ରଦାନକାରୀ ଔଷଧର ପ୍ରୟୋଗ ଅନେକ କ୍ଷେତ୍ରରେ ସଫଳତା ଦେଇଥାଏ।

ଏହି ଯନ୍ତ୍ରଣା ସାମୟିକ ଲାଘବ ନିମନ୍ତେ କୃତ୍ରିମ ରାସାୟନିକ ଯୌଗିକ ଔଷଧ ବଟିକାର ସେବନ ପାକସ୍ଥଳୀ ଅନ୍ତରେ କ୍ଷତି ପହଞ୍ଚାଇବା ସମୟରେ ବୃକକ୍ ନଷ୍ଟର କାରଣ ଅଟେ। ଏହା ସେବନ ଦ୍ୱାରା ସାମୟିକ ଆରାମ ମିଳେ। ମାତ୍ର ଆୟୁର୍ବେଦ ଚିକିତ୍ସା ବିଜ୍ଞାନରେ ଏପରି ଭସ୍ମଘଟିତ ଔଷଧ ବନୌଷଧି ଓ ରସଘଟିତ (ପାରଦ, ଗନ୍ଧକ) ଔଷଧ ରହିଅଛି, ଯାହା ରୋଗ ସହ ଏହାର ଯନ୍ତ୍ରଣାକୁ ଦୂର କରେ, ସେଥିମଧ୍ୟରୁ ଅଳ୍ପକିଛି ତଳେ ଉଲ୍ଲେଖ କରାଯାଇଅଛି: ଯଥା:–



"ଆଜିର ଆଧୁନିକ ଚିକିତ୍ସା ବିଜ୍ଞାନରେ ଚିକିତ୍ସା ଦ୍ୱାରା କେତେକ ରୋଗରୁ ସାମୟିକ ଉପଶମ ମିଳୁଥିଲେ ମଧ୍ୟ ସମ୍ପୂର୍ଣ୍ଣ ଆରୋଗ୍ୟ ହେବା ଆଶା କ୍ଷୀଣ। କିନ୍ତୁ ଏପରି ଆୟୁର୍ବେଦ ଶାସ୍ତ୍ରରେ ଲକ୍ଷାଧିକ ଔଷଧ ଦ୍ରବ୍ୟର ବର୍ଣ୍ଣନା ରହିଅଛି ଯାହାକି ବ୍ୟକ୍ତିଙ୍କୁ ଜରାବ୍ୟାଧିରୁ ମୁକ୍ତି ଦେଇ ନୀରୋଗ କରିପାରିବ, ଏହା ମୁନି ଋଷିମାନଙ୍କ ଦିବ୍ୟ ଦୃଷ୍ଟି ଓ ସାଧନା ବଳରେ ସମ୍ଭବ ହୋଇପାରିଛି, ଯାହାକି ଦୁରାରୋଗ୍ୟ ବ୍ୟାଧି ମଧ୍ୟ ଚିର ଆରୋଗ୍ୟ ହୋଇପାରିବ।"





**ଅଶ୍ୱଗନ୍ଧା:** ଫୁଲା ଯନ୍ତ୍ରଣା ହେଉଥିବା ସ୍ଥାନରେ ଏହାକୁ ବାଟି ଲେପଦେଲେ ଶୀଘ୍ର ଉପଶମ ମିଳେ, ବାତବ୍ୟାଧିଜନିତ ଦୁର୍ବଳତାରେ ଏହାର କ୍ଷୀରପାକ ସେହି ଅଙ୍ଗରେ ଅଭ୍ୟଙ୍ଗ କଲେ ଅଙ୍ଗର ସ୍ନାୟୁ ସକ୍ରିୟ ହୋଇ ଶକ୍ତିଶାଳୀ ହୋଇଥାଏ। ଏତଦ୍‌ବ୍ୟତୀତ ଏହାର ଚୂର୍ଣ୍ଣ ଭ୍ରମ, ମୂର୍ଚ୍ଛା, ନିଦ୍ରାହୀନତା, ଶ୍ୱାସ ଓ ଧାତୁଦୌର୍ବଲ୍ୟରେ ଗାଈକ୍ଷୀର ସହ ସେବନ କଲେ ସୁଫଳ ମିଳେ।

**ଶୋଧିତ ଗୁଗ୍ଗୁଳ:** ସାଇଟିକା, ରିଉମାଟିଡ୍ ଆର୍ଥ୍ରାଇଟିସ୍ ଇତ୍ୟାଦି ବାତବ୍ୟାଧି ଜନିତ ଯନ୍ତ୍ରଣାରୁ ଶୀଘ୍ର ଉପଶମ ମିଳେ।

**ଅପାମାର୍ଗ ପତ୍ର:** ଯୋନି ଶୂଳେ ଅପାମାର୍ଗ ପତ୍ର ଦୁଇଟି ଯୋନିରେ ଧାରଣ କଲେ ଶୀଘ୍ର ଶୂଳ ପ୍ରଶମିତ ହୋଇଥାଏ।

**ଶୋଧିତ ବୃଦ୍ଧଦାରକ ବୀଜ–** ଏହା ସେବନ କଲେ ଗାଉଟ୍, ଗଣ୍ଠିବାତ ଓ ପ୍ରମେହ ଜନ୍ୟ ପୀଡ଼ାରେ ଲାଭଦାୟକ।

**ରାସ୍ନା–** ସାଇଟିକ୍ ଓ ସମସ୍ତ ସ୍ନାୟବିକ ବ୍ୟାଧିରେ ଲାଭଦାୟକ।

**ଶୋଧିତ ହେଙ୍ଗୁ–** ଗୁଳ୍ମ, ଉଦରଶୂଳ, ଆଧ୍ମାନ, ହୃଦ୍‌ରୋଗ, ରଜଃ ଅବରୋଧଜନିତ ବ୍ୟଥା, ବାଳକମାନଙ୍କ ଅବିଚ୍ଛିନ୍ନ କାଶ ନିବାରକ ସହ ପ୍ରସବା ନାରୀଙ୍କ ଦୂଷିତ ରକ୍ତ ବହିଃନିସରଣରେ ସହାୟକ ହୋଇଥାଏ।

**ହିଙ୍ଗୁଳ–** ବଳବୀର୍ଯ୍ୟ ବର୍ଦ୍ଧକ, ଆମବାତ (ରିଉମାଟିଜିମ୍) ପାଇଁ ଉପକାରୀ।

**ନବସାଦର–** ଶିରଃଶୂଳ, ଅର୍ବୁଦ, ମୂତ୍ରକୃଚ୍ଛ୍ର, ଅସ୍ଥିଭଗ୍ନରେ ନବସାଦର ଜଳ ଲେପ୍ ଓ ପୁରାତନ ଘା'ରେ ଏହାର ଚୂର୍ଣ୍ଣ କନାପଟି ଦେଇ ଲଗାଇଲେ ଘା'ଟି ଶୁଖିଯାଏ ଓ ବେଦନା ଦୂରୀଭୂତ ହୋଇଥାଏ।

**ଗୋଲମରିଚ–** ଯନ୍ତ୍ରଣା ନିବାରକ, ହୃଦ୍‌ରୋଗ, ପୁରାତନ ଜ୍ୱର ଓ ଦନ୍ତଶୂଳ ଓ ଅମ୍ଳଜନିତ ପେଟ ବ୍ୟଥାରେ ଆଶୁ ଲାଭକାରୀ।

**ଅସ୍ଥି ସଂହାର–** ଏହାକୁ ବାଟି ଲେପ ଦେଲେ ଭଗ୍ନାସ୍ଥି ଯୋଡ଼ିଯିବା ସହ ସ୍ନାୟବିକ ପୀଡ଼ା ଦୂରୀଭୂତ ହୋଇଥାଏ।

**ଗଙ୍ଗଶିଉଳି ମୂଳ–** ସାଇଟିକା ରୋଗୀକୁ ଏହାର କ୍ୱାଥ ପାନ କରାଇଲେ ଶୀଘ୍ର ଆରୋଗ୍ୟ ମିଳେ।

**ଗଜପିପ୍ପଳି–**ପେଟଫାମ୍ପି ଯନ୍ତ୍ରଣାରେ ଏହାର ଚୂର୍ଣ୍ଣ ଉଷୁମ ପାଣିରେ ସେବନ କଲେ ଶୀଘ୍ର ବ୍ୟଥା ଦୂରହୋଇ ଉପଶମ ମିଳେ।

**ଶୋଧିତ ଅହିଫେନ–** ବାତିକ ବେଦନାକୁ ତୁରନ୍ତ ଶାନ୍ତ କରେ।

**ସଜନା ଛାଲି–** ଦନ୍ତଶୂଳ, ପକ୍ଷାଘାତ, ଗୃଧ୍ରସୀ, ପେଟର ଟ୍ୟୁମରକୁ ଭଲ କଲେ। ବେଗନିଆ ପତ୍ର ଓ ଗନ୍ଧାଳି ପତ୍ର ସ୍ୱରସ ଉଷୁମ କରି ସେବନ କଲେ ଗଣ୍ଠିବାତ ବେଦନା ଦୂର ହୁଏ।

**ଶୋଧିତ କୁଚିଲା ବୀଜ–** ମୁଖମଣ୍ଡଳ ଓ ସର୍ବାଙ୍ଗ ପକ୍ଷାଘାତ, ଅଙ୍ଗ ଦୁର୍ବଳତା, ହିଷ୍ଟିଆ, ଅଣ୍ଟାଧରା ଓ ଛାତି ବ୍ୟଥାରେ ଲାଭକାରୀ।

**ଶଙ୍ଖଭସ୍ମ–** ଉଦରଶୂଳ, ପରିଣାମ ଶୂଳରେ ଉଷୁମ ପାଣି ସହ ସେବ୍ୟ। ଏହି ଔଷଧି ଦ୍ରବ୍ୟଗୁଡ଼ିକ ଗୋଟିକିଆ ବଦଳରେ ବିଭିନ୍ନ ଯୋଗ ସହ କୋଡ଼ିଏରୁ ଊର୍ଦ୍ଧ୍ୱ ଦ୍ରବ୍ୟ ମିଶି ଔଷଧ ପ୍ରସ୍ତୁତ କରାଯାଇଥାଏ। ତତ୍‌ସଙ୍ଗେ ସ୍ୱର୍ଣ୍ଣ, ମୁକ୍ତା, ଲୌହ, କାନ୍ତଲୌହ, ସ୍ୱର୍ଣ୍ଣମାକ୍ଷିକ, ବଙ୍ଗଭସ୍ମ, ଶୁଦ୍ଧ ଶିଳା ଜତୁ, ରସ ସିନ୍ଦୂର, ରସକର୍ପୁର ଇତ୍ୟାଦି ଔଷଧର ମିଶ୍ରଣ ବାତ ବ୍ୟାଧିକୁ ନାଶ କରି ବ୍ୟଥା ଦୂର କରିଥାଏ।

**ବାହ୍ୟ ଅଭ୍ୟଙ୍ଗାର୍ଥେ–** କର୍ପୂର, ପିପରମେଣ୍ଟ, ଯୁଆଣିଫୁଲ, ନୀଳଗିରି ତେଲ, ତାରପିନ୍ ତେଲ, ଲବଙ୍ଗ ତେଲ, ଇଉକାଲିପଟାସ ତେଲର ଯୌଗିକ ମିଶ୍ରଣ ମାଲିସ ଦ୍ୱାରା ବ୍ୟଥା ଦୂର ହୁଏ।

ଆଜିର ଆଧୁନିକ ଚିକିତ୍ସା ବିଜ୍ଞାନରେ ଚିକିତ୍ସା ଦ୍ୱାରା କେତେକ ରୋଗରୁ ସାମୟିକ ଉପଶମ ମିଳୁଥିଲେ ମଧ୍ୟ ସମ୍ପୂର୍ଣ୍ଣ ଆରୋଗ୍ୟ ହେବା ଆଶା କ୍ଷୀଣ। କିନ୍ତୁ ଏପରି ଆୟୁର୍ବେଦ ଶାସ୍ତ୍ରରେ ଲକ୍ଷାଧିକ ଔଷଧ ଦ୍ରବ୍ୟର ବର୍ଣ୍ଣନା ରହିଅଛି ଯାହାକି ବ୍ୟକ୍ତିଙ୍କୁ ଜରାବ୍ୟାଧିରୁ ମୁକ୍ତି ଦେଇ ନୀରୋଗ କରିପାରିବ ଏହା ମୁନି ଋଷିମାନଙ୍କ ଦିବ୍ୟ ଦୃଷ୍ଟି ଓ ସାଧନା ବଳରେ ସମ୍ଭବ ହୋଇପାରିଛି ଯାହାକି ଦୁରାରୋଗ୍ୟ ବ୍ୟାଧି ମଧ୍ୟ ଚିର ଆରୋଗ୍ୟ ହୋଇପାରିବ। ପ୍ରୋତ୍ସାହନ ଅଭାବରୁ ଆୟୁର୍ବେଦରେ ଗବେଷଣା କରି ଔଷଧ ଉଦ୍ଧାର କରିଥିବା ଆୟୁର୍ବେଦ ଡାକ୍ତରମାନେ ଲୋକଲୋଚନକୁ ଆସି ପାରୁନାହାନ୍ତି ଏବଂ ବହୁ ଦୁର୍ଲଭ ବୃକ୍ଷ ଜ୍ଞାନାଭାବରୁ ଅଦରକାରୀ ଭାବେ ଲୋପ ହେବାକୁ ବସିଲାଣି। ଯଦି ଏହି ବିଜ୍ଞାନକୁ ପ୍ରୋତ୍ସାହନ ମିଳେ ତେବେ ଏହା ବିଶ୍ୱକୁ ଚିକିତ୍ସା ବିଜ୍ଞାନରେ ଦିଗ୍‌ଦର୍ଶନ ଦେବାକୁ ସକ୍ଷମ ହେବ।

–ଆନନ୍ଦବଜାର, ବେତନଟୀ, ମୟୂରଭଞ୍ଜ
ମୋ:୯୮୬୧୩୭୪୩୮୫

# ମସ୍ତିଷ୍କ କାର୍ଯ୍ୟଧାରାକୁ ସକ୍ରିୟ କରାଏ ସନ୍ତୁଳିତ ଖାଦ୍ୟ



ମସ୍ତିଷ୍କ ଯଦି ଠିକ୍ ଭାବରେ କାର୍ଯ୍ୟ କରେ ତେବେ ଆମେ କେତେକ ପ୍ରମୁଖ ସ୍ୱାସ୍ଥ୍ୟଜନିତ ସମସ୍ୟାଠାରୁ ନିଜକୁ ଦୂରେଇ ରଖିଥାଉ। ବିଶେଷଭାବରେ ଏଥିପାଇଁ ଆମକୁ ନିଜର ଦୈନନ୍ଦିନ ଜୀବନଶୈଳୀ, ଖାଦ୍ୟପେୟ ପ୍ରତି ଧ୍ୟାନ ଦେବାକୁ ପଡିଥାଏ। ମସ୍ତିଷ୍କର କାର୍ଯ୍ୟଧାରା ସମ୍ପର୍କରେ ଅଧିକ ତଥ୍ୟ ଜାଣିବାକୁ ନିକଟରେ ବୋଷ୍ଟନ ୟୁନିଭର୍ସିଟିର ସ୍ନାୟୁଶଲ୍ୟ ବିଶେଷଜ୍ଞମାନେ ଏକ ଗବେଷଣା କରିଥିଲେ। ଏଥିରେ ସେମାନେ ଏକ ରୋଚକ ତଥ୍ୟ ଲୋକଲୋଚନକୁ ଆଣିବାରେ ସକ୍ଷମ ହୋଇଛନ୍ତି।ସେମାନଙ୍କ ଦ୍ୱାରା ସଦ୍ୟପ୍ରକାଶିତ ଗବେଷଣା ରିପୋର୍ଟରେ ଏ ସମ୍ପର୍କରେ ସବିଶେଷ ଉଲ୍ଲେଖ କରାଯାଇଛି। ଏଥିରୁ ଜାଣିବାକୁ ମିଳିଛି ଯେ, ଯଦି ଜଣେ ବ୍ୟକ୍ତି ନିୟମିତ ସନ୍ତୁଳିତ ଖାଦ୍ୟ ଖାଆନ୍ତି ତେବେ ତାହା ତାଙ୍କର ମସ୍ତିଷ୍କ କାର୍ଯ୍ୟଧାରାକୁ ଆହୁରି ସକ୍ରିୟ କରାଇଥାଏ। ଏପରି ସିଦ୍ଧାନ୍ତରେ ପହଞ୍ଚିବା ପୂର୍ବରୁ ସେମାନେ କେତେକ ବ୍ୟକ୍ତିଙ୍କୁ ଏହି ଗବେଷଣା ପରିସରଭୁକ୍ତ କରି ସେମାନଙ୍କର ଖାଦ୍ୟପେୟ ଏବଂ ମସ୍ତିଷ୍କର କାର୍ଯ୍ୟଧାରା ଉପରେ ତନ୍ନ ତନ୍ନ କରି ତର୍ଜମା କରିଥିଲେ। ଏମାନଙ୍କ ମଧ୍ୟରୁ ଯେଉଁମାନେ ନିୟମିତ ସନ୍ତୁଳିତ ଖାଦ୍ୟ ଖାଉଥିଲେ ସେମାନଙ୍କ ମସ୍ତିଷ୍କର କାର୍ଯ୍ୟଧାରା ଅନ୍ୟମାନଙ୍କ ତୁଳନାରେ ସକ୍ରିୟ ଥିଲା ବୋଲି ଉକ୍ତ ଗବେଷଣାରୁ ଜଣାପଡିଛି।

# ଅଲ୍‌ରାଉଣ୍ଡର ସ୍ପେଶଶିପ୍



ମହାକାଶ ହେଉ ଅବା ପୃଥିବୀ ବିଷୟରେ ଅଧିକ ତଥ୍ୟ ଜାଣିବା ପାଇଁ ବିଭିନ୍ନ ଦେଶର ମହାକାଶ ବିଜ୍ଞାନୀ ଗବେଷଣା ଜାରି ରଖିଛନ୍ତି। ନିକଟରେ ଆମେରିକୀୟ ମହାକାଶ ଗବେଷଣା ସଂସ୍ଥା 'ନାସା'ର ବୈଜ୍ଞାନିକମାନେ ଏକ ଅତ୍ୟାଧୁନିକ ସ୍ପେଶଶିପ୍ ପ୍ରସ୍ତୁତ କରିଛନ୍ତି। ଏହା ପୃଥିବୀ ସମ୍ପର୍କରେ ଅନେକ ତଥ୍ୟ ସଂଗ୍ରହ କରିପାରିବ। ତା'ସହ ଓଜୋନ ସ୍ତର ସ୍ଥିତି ବିଷୟରେ ଏଥିରୁ ମଧ୍ୟ ନୂଆ ତଥ୍ୟ ମିଳିପାରିବ ବୋଲି ପ୍ରକାଶ କରିଛନ୍ତି ଉକ୍ତ ୟୁନିଭର୍ସିଟିର ବୈଜ୍ଞାନିକମାନେ। କେବଳ ସେତିକି ନୁହେଁ, ଜଳବାୟୁ ଏବଂ ପାଣିପାଗ ସମ୍ପର୍କରେ ତାଜା ଖବର ଏଥିରୁ ସଂଗ୍ରହ କରାଯାଇପାରିବ।

# ଧୂମପାନ ପରିତ୍ୟାଗ କରିବାର ନୂଆ ଉପାୟ



ଧୂମପାନ ଏପରି ଏକ ଅଭ୍ୟାସ ଯାହା ପରୋକ୍ଷରେ ଅନେକ ରୋଗକୁ ଆମନ୍ତ୍ରଣ କରିଥାଏ। ତଥାପି ଅନେକେ ଏହାକୁ ଦୈନନ୍ଦିନ ଜୀବନର ଏକ ଅଭ୍ୟାସ ଭାବେ ଭାବି ନିଅନ୍ତି ଏବଂ ଏହି ସାଇଲେଣ୍ଟ କିଲରକୁ ଆପଣାର କରିନିଅନ୍ତି। ଆପଣ ଯଦି ଧୂମପାନ ପରି ଖରାପ ଅଭ୍ୟାସ ସହ ଜଡ଼ିତ ଏବଂ ସେଥିରୁ ମୁକୁଳିବାକୁ ଚାହୁଁଛନ୍ତି ତେବେ ବ୍ୟସ୍ତ ହେବା ଦରକାର ନାହିଁ। ଏହାର ଏକ ସରଳ ତଥା ସହଜ ଉପାୟ ରହିଛି। ଆପଣ ଯଦି ନିୟମିତ ଧୂମପାନ କରୁଛନ୍ତି ତେବେ ଏପରି କିଛି ସାଙ୍ଗ ବାଛନ୍ତୁ ଯେଉଁମାନେ ଆପଣଙ୍କୁ ଏଥିରୁ ମୁକୁଳାଇ ପାରିବେ। ଏକ ସଦ୍ୟ ସର୍ଭେ ଅନୁସାରେ ଏପରି କେତେଜଣ ସାଙ୍ଗ ଅଛନ୍ତି ଯେଉଁମାନେ ଅନ୍ୟମାନଙ୍କର କେତେକ ଖରାପ ଅଭ୍ୟାସକୁ ପରିବର୍ତ୍ତନ କରିବାକୁ ଆଗେଇ ଆସିଥାଆନ୍ତି। ସେପରି ସାଙ୍ଗମାନଙ୍କ ସହ ପ୍ରତିଦିନ କିଛି ସମୟ କଟାଇଲେ ଜଣେ ନିଜକୁ ଧୀରେ ଧୀରେ ଧୂମପାନଠାରୁ ଦୂରେଇ ରଖିପାରିବ ବୋଲି ଜଣାପଡ଼ିଛି। ଏପରି ବିଷୟକୁ ନେଇ ଆମେରିକାସ୍ଥିତ ୟୁନିଭର୍ସିଟି ଅଫ୍ କାଲିଫର୍ନିଆର ବିଶେଷଜ୍ଞମାନେ ଏକ ସର୍ଭେ କରିଥିଲେ। ଏହି ସମୟରେ ସେମାନେ ନିୟମିତ ଧୂମପାନ କରୁଥିବା କିଛି ବ୍ୟକ୍ତିଙ୍କୁ ସେମାନଙ୍କର ଅତି ନିକଟତର ସାଙ୍ଗଙ୍କ ସହ ପ୍ରତିଦିନ ଅତିକମ୍‌ରେ ଦୁଇଘଣ୍ଟା କଟାଇବାକୁ ପରାମର୍ଶ ଦେଇଥିଲେ। ଆଶ୍ଚର୍ଯ୍ୟଜନକ ଭାବରେ ସେମାନଙ୍କ ମଧ୍ୟରୁ ପାଖାପାଖି ୩୫ ପ୍ରତିଶତ ଧୂମପାନ ପ୍ରତି ଧୀରେ ଧୀରେ ବିମୁଖ ହେଉଥିବାର ଦେଖିବାକୁ ମିଳିଥିଲା। ହେଲେ ଏହି ସମୟରେ ଧୂମପାନ କରୁଥିବା ବ୍ୟକ୍ତିଙ୍କର ମାନସିକତା ସକାରାତ୍ମକ ରହିବା ନିହାତି ଜରୁରୀ।

# ନିଃସଙ୍ଗତା ଓ ମେଦବୃଦ୍ଧି

ଏକୁଟିଆ ରହିବାକୁ କାହାକୁ ଭଲ ଲାଗେ କହିଲେ? ଯଦି ଜଣେ ବ୍ୟକ୍ତି ଅଧିକାଂଶ ସମୟ ଏକୁଟିଆ ରହନ୍ତି ତେବେ ତାହା ମେଦ ବୃଦ୍ଧି କରିଥାଏ। ୟୁନିଭର୍ସିଟି ଅଫ୍ ୱାଶିଂଟନ୍‌ର ମନୋବିଜ୍ଞାନୀମାନେ ନିକଟରେ 'ନିଃସଙ୍ଗତା ଓ ମେଦବୃଦ୍ଧି' ଉପରେ ସର୍ଭେ କରିଥିଲେ। ପ୍ରତିଦିନ ଅଧିକାଂଶ ସମୟ ନିଃସଙ୍ଗ ଜୀବନଯାପନ କରୁଥିବା କେତେକ ବ୍ୟକ୍ତିଙ୍କୁ ଏହାର ପରିସରଭୁକ୍ତ କରାଯାଇ ଏହାର ପ୍ରଭାବ ସେମାନଙ୍କର ଓଜନ ଉପରେ କିପରି ପଡୁଛି ତାହାକୁ ଲକ୍ଷ୍ୟ କରାଯାଇଥିଲା। ନିୟମିତ ଚେକ୍‌ଅପ୍ ପରେ ସେମାନଙ୍କ ମଧ୍ୟରୁ କେତେକ ବ୍ୟକ୍ତିଙ୍କର ଓଜନ ବଢୁଥିବାର ଜଣାପଡ଼ିଥିଲା। ନିଃସଙ୍ଗତା ପ୍ରଭାବରୁ ଏପରି ହେଉଛି ବୋଲି ସେମାନେ ଆକଳନ କରବା ସହ ଏହା ପଛରେ ଆଉ କେତେ ସତ୍ୟତା ରହିଛି ସେ ବିଷୟରେ ସେମାନେ ଗବେଷଣା ଜାରି ରଖିଛନ୍ତି।



# ଉପକାରୀ କଦଳୀ



- ଉଚ୍ଚ ରକ୍ତଚାପ ରୋଗୀ ଯଦି ଦିନକୁ ଦୁଇଟି ଲେଖାଏ ପାଚିଲା କଦଳୀ ଖାଆନ୍ତି ତେବେ ତାହା ରକ୍ତଚାପକୁ ନିୟନ୍ତ୍ରଣରେ ରଖିଥାଏ ବୋଲି ୟୁନିଭର୍ସିଟି ଅଫ୍ ଲଣ୍ଡନର ବିଶେଷଜ୍ଞମାନେ ସର୍ଭେରୁ ଜାଣିପାରିଛନ୍ତି।
- ଆପଣ ଅବସାଦଗ୍ରସ୍ତ ରହୁଛନ୍ତି କି ? ଯଦି ହଁ, ତେବେ ଏଥିରୁ ରକ୍ଷା ପାଇବାର ସରଳ ଉପାୟ ରହିଛି। ପ୍ରତିଦିନ ପାଚିଲା କଦଳୀ ଖାଇଲେ ଜଣେ ନିଜକୁ ଅବସାଦଠାରୁ ଦୂରେଇ ରଖିପାରିବ ବୋଲି ମତ ଦେଇଛନ୍ତି ୟୁନିଭର୍ସିଟି ଅଫ୍ ଟୋକିଓର ଖାଦ୍ୟ ବିଶେଷଜ୍ଞମାନେ।
- ପାଚିଲା କଦଳୀରେ ଫାଇବର ଭରି ରହିଛି। ଏହାକୁ ଖାଇବା ଦ୍ୱାରା ପାଚନକ୍ରିୟା ଆହୁରି ସକ୍ରିୟ ହୋଇଥାଏ।
- କ୍ୟାଲସିୟମର ଅନ୍ୟତମ ପ୍ରମୁଖ ଉତ୍ସ ହେଉଛି ପାଚିଲା କଦଳୀ। ଏହା ଶରୀରକୁ ସୁସ୍ଥ ରଖିବାରେ ସହାୟକ ହୋଇଥାଏ।
- ନିୟମିତ କଦଳୀ ଖାଇଲେ ତାହା ହୃତ୍‌ପିଣ୍ଡକୁ ସୁସ୍ଥ ରଖିଥାଏ।
- ପାଚିଲା କଦଳୀରେ ଆନିମିଆ ସହ ଲଢ଼ିବାର ଶକ୍ତି ରହିଛି।
- ଏହା ଶରୀର ଭିତରେ ଅମ୍ଳଜନିତ ପ୍ରଦାହ ସୃଷ୍ଟି କରିବାକୁ ଦିଏ ନାହିଁ।
- ପାଚିଲା କଦଳୀ ଖାଇଲେ ତାହା ଶରୀରକୁ ଶକ୍ତି ପ୍ରଦାନ କରିଥାଏ।
- ଯଦି ଆପଣ କୋଷ୍ଠକାଠିନ୍ୟ ସମସ୍ୟା ସହ ଜଡ଼ିତ ତେବେ ରାତିରେ ଶୋଇବା ପୂର୍ବରୁ ଉଷୁମ ପାଣି ସହ ଦୁଇଟି କଦଳୀ ଖାଇଲେ ଏଭଳି ସମସ୍ୟା କେତେକାଂଶରେ ଦୂର ହୋଇଥାଏ।



ପାଚିଲା କଦଳୀରେ ଅନେକ ଉପକାରୀ ଗୁଣ ଭରି ରହିଛି। ଜାଣନ୍ତୁ ସେ ସମ୍ପର୍କରେ...

ଭ୍ରାଇବ୍ରାଣ୍ଟ ଗୁଜରାଟ ସମ୍ମିଳନୀରେ ୨୮,୩୬୦ ଏମ୍‌ଓୟୁ ସ୍ୱାକ୍ଷରିତ ହୋଇଛି ।

– ବିଜୟ ରୂପାନୀ, ଗୁଜରାଟ ମୁଖ୍ୟମନ୍ତ୍ରୀ



ଇନଫୋସିସ୍ ଅଧିକ ସଂଖ୍ୟାରେ ଆମେରିକୀୟଙ୍କୁ ନିଜ ଦେଶରେ ନିଯୁକ୍ତି ଦେଇଛି ।

– ରବି କୁମାର, ପ୍ରେସିଡେଣ୍ଟ ତଥା ଡେପୁଟି ସିଓଓ, ଇନଫୋସିସ୍



## ସଂକ୍ଷେପରେ

### ସ୍ୱାୟତ୍ତତା ନେଇ ଜଲାନଙ୍କ ମନ୍ତବ୍ୟ

## ଦେଶରେ ରାଜନୈତିକ ସଂସ୍କାର ଜରୁରୀ

**ନୂଆଦିଲ୍ଲୀ,୨୦-୧:** ନିର୍ବାଚନ କମିଶନ, କମ୍ପ୍ଟ୍ରୋଲର ଆଣ୍ଡ ଅଡିଟର ଜେନେରାଲ(ସିଏଜି),ୟୁପିଏସ୍‌ସି ଭଳି ସଂସ୍ଥାଗୁଡ଼ିକୁ ଅଧିକ ସ୍ୱାୟତ୍ତତା ପ୍ରଦାନ କରିବାକୁ ହେଲେ ଦେଶରେ ରାଜନୈତିକ ସଂସ୍କାର ଜରୁରୀ ବୋଲି ରିଜର୍ଭ ବ୍ୟାଙ୍କର ପୂର୍ବତନ ଗଭର୍ନର ବିମଳ ଜଲାନ କହିଛନ୍ତି। କୋଲକାତାରେ ଏକ କାର୍ଯ୍ୟକ୍ରମରେ ଯୋଗଦେଇ ସେ କହିଛନ୍ତି ଯେ, ଆର୍‌ବିଆଇ, ସିବିଆଇ, ନିର୍ବାଚନ କମିଶନର ସ୍ୱାୟତ୍ତତା ନେଇ ଦେଶରେ ଚର୍ଚ୍ଚା ହେଉଛି। ସରକାରଙ୍କୁ ଏଥିପାଇଁ ସମାଲୋଚନା କରାଯାଉଛି। କେନ୍ଦ୍ର ସରକାରଙ୍କ ସହ ମତାନ୍ତର ପରେ ଡ.ଉର୍ଜିତ ପଟେଲ ଆର୍‌ବିଆଇ ଗଭର୍ନର ପଦରୁ ଇସ୍ତଫା ଦେଲେ ବୋଲି କୁହାଯିବାରୁ ସେ କହିଛନ୍ତି ଯେ, ରିଜର୍ଭ ବ୍ୟାଙ୍କ ସମ୍ପୂର୍ଣ୍ଣ ଭାବେ ସ୍ୱତନ୍ତ୍ର। ସେ କହିଛନ୍ତି ଯେ, ଭାରତର ଆର୍ଥିକ ସ୍ଥିତି ଅତ୍ୟନ୍ତ ସୁଦୃଢ଼। ତଥାପି ଦାରିଦ୍ର୍ୟ ସୀମା ରେଖା ତଳେ ବିଶ୍ୱର ସର୍ବାଧିକ ଲୋକ ଭାରତରେ ବସବାସ କରୁଛନ୍ତି। ଦୁର୍ବଳ ପ୍ରଶାସନ ଓ ପ୍ରଶାସନିକ ଦକ୍ଷତା ଅଭାବରୁ ଆର୍ଥିକ କ୍ଷେତ୍ରରେ ଭାରତ ସେଭଳି ସଫଳତା ହାସଲ କରିପାରିନାହିଁ ବୋଲି ଜଲାନ କହିଛନ୍ତି। ପ୍ରଶାସନକୁ ସରକାରଙ୍କ ହିତ ଛାଡ଼ି ଜନ ହିତ ପ୍ରତି ଅଧିକ ଧ୍ୟାନ ଦେବାକୁ ହେବ ବୋଲି ପୂର୍ବତନ ଗଭର୍ନର କହିଛନ୍ତି।

## ଫେବୃୟାରୀରେ କେତେକ ବ୍ୟାଙ୍କ ପିସିଏରୁ ବାହାରିବେ: ରାଜୀବ କୁମାର



**ନୂଆଦିଲ୍ଲୀ,୨୦-୧:** ଆସନ୍ତା ମାସରେ ଉନ୍ନତ ପ୍ରଦର୍ଶନ କରୁଥିବା କେତେକ ରାଷ୍ଟ୍ରାୟତ୍ତ ବ୍ୟାଙ୍କ ରିଜର୍ଭ ବ୍ୟାଙ୍କ ଦ୍ୱାରା ପ୍ରଣୀତ ତ୍ୱରିତ ସୁଧାରାତ୍ମକ କାର୍ଯ୍ୟାନୁଷ୍ଠାନ(ପିସିଏ)ରୁ ବାଦ୍ ପଡିପାରନ୍ତି ବୋଲି ଆର୍ଥିକ ବ୍ୟାପାର ସଚିବ ରାଜୀବ କୁମାର କହିଛନ୍ତି। ବିଭିନ୍ନ ମାନଦଣ୍ଡକୁ ଦୃଷ୍ଟିରେ ରଖି ଯେଉଁ ବ୍ୟାଙ୍କଗୁଡିକ ଭଲ ପ୍ରଦର୍ଶନ କରିଛନ୍ତି ବୋଲି ଜଣାପଡିବ ସେଗୁଡିକୁ ପିସିଏରୁ ବାଦ୍ ଦିଆଯିବ। ସୂଚନାଥାଉ କି, ବର୍ତ୍ତମାନ ୨୧ ରାଷ୍ଟ୍ରାୟତ୍ତ ବ୍ୟାଙ୍କ ମଧ୍ୟରୁ ୧୧ଟି ପିସିଏ ଅଧୀନରେ ରହିଛି। ଫଳରେ ସେମାନଙ୍କୁ ଋଣ ଦେବାରୁ ରୋକାଯାଇଛି। ସେ କହିଛନ୍ତି ଯେ, କେନ୍ଦ୍ର ସରକାରଙ୍କ ପକ୍ଷରୁ ଏହି ବ୍ୟାଙ୍କଗୁଡିକୁ ପୁଞ୍ଜି ଯୋଗାଇ ଦିଆଯାଉଛି। ଫଳରେ ସେମାନେ ସହଜରେ ପିସିଏରୁ ବାଦ୍ ପଡିପାରିବେ। ନିକଟରେ ସରକାର ରାଷ୍ଟ୍ରାୟତ୍ତ ବ୍ୟାଙ୍କଗୁଡ଼ିକୁ ୨୮,୬୧୫ କୋଟି ଟଙ୍କା ପ୍ରଦାନ କରିଛନ୍ତି। ତନ୍ମଧ୍ୟରୁ ବ୍ୟାଙ୍କ ଅଫ୍ ଇଣ୍ଡିଆକୁ ସର୍ବାଧିକ ୧୦,୦୮୬ କୋଟି ଟଙ୍କା ମିଳିଛି।

## କୁମ୍ଭ ମେଳାରୁ ମିଳିବ ୧.୨ ଲକ୍ଷ କୋଟି ରାଜସ୍ୱ: ସିଆଇଆଇ

**ନୂଆଦିଲ୍ଲୀ,୨୦-୧:** ଗତ ୧୫ ତାରିଖରୁ ଉତ୍ତରପ୍ରଦେଶରେ ଆରମ୍ଭ ହୋଇଥିବା କୁମ୍ଭ ମେଳା ପାଇଁ ରାଜ୍ୟ ସରକାର ବଡ଼ ଧରଣର ଖର୍ଚ୍ଚ କରିଛନ୍ତି। ଏହାକୁ ନେଇ ଜୋରଦାର ଚର୍ଚ୍ଚା ହେଉଛି। ତେବେ ଉଦ୍ୟୋଗ ଜଗତର ପ୍ରତିନିଧି କନଫେଡ଼େରେଶନ ଅଫ୍ ଇଣ୍ଡିଆନ ଇଣ୍ଡଷ୍ଟ୍ରି(ସିଆଇଆଇ) ଏ ସଂକ୍ରାନ୍ତରେ ଏକ ରିପୋର୍ଟ ପ୍ରସ୍ତୁତ କରିଛି। ଏଥିରେ କୁହାଯାଇଛି ଯେ, କୁମ୍ଭ ମେଳା ଆୟୋଜନ ମାଧ୍ୟମରେ ପ୍ରାୟ ୧.୨ ଲକ୍ଷ କୋଟି ଟଙ୍କାର ରାଜସ୍ୱ ମିଳିବାକୁ ଯାଉଛି। ଏହି ଆଧାତ୍ମିକ ତଥା ଧାର୍ମିକ ଆୟୋଜନ ଯୋଗୁ ପ୍ରାୟ ୬ ଲକ୍ଷ ବ୍ୟକ୍ତି ପ୍ରତ୍ୟକ୍ଷ ତଥା ପରୋକ୍ଷ ନିଯୁକ୍ତି ପାଇଛନ୍ତି ବୋଲି ରିପୋର୍ଟରେ ଉଲ୍ଲେଖ କରାଯାଇଛି। ସୂଚନାଥାଉ କି, ଉତ୍ତର ପ୍ରଦେଶ ସରକାର ୫୦ ଦିନ ଧରି ଚାଲିବାକୁ ଥିବା କୁମ୍ଭ ମେଳା ଲାଗି ପ୍ରାୟ ୪୨୦୦ କୋଟି ଟଙ୍କା ଖର୍ଚ୍ଚ କରିଛନ୍ତି, ଯାହାକି ୨୦୧୩ ମହାକୁମ୍ଭ ମେଳା ତୁଳନାରେ ୩ ଗୁଣ ଅଧିକ। ଆଜି ସୁଦ୍ଧା ଏହା ସର୍ବବୃହତ ମହଙ୍ଗା ମେଳା କୁହାଯାଉଛି। ସିଆଇଆଇ ରିପୋର୍ଟ ଅନୁଯାୟୀ, ହସ୍ପିଟାଲିଟି ସେକ୍ଟରରେ ୨.୫ ଲକ୍ଷ, ଏୟାରଲାଇନ୍ସ ଓ ବିମାନବନ୍ଦରରେ ପ୍ରାୟ ୧.୫ ଲକ୍ଷ ଲୋକଙ୍କ ପାଇଁ ନିଯୁକ୍ତି ସୁଯୋଗ ସୃଷ୍ଟି ହୋଇଛି। ଏହାବ୍ୟତୀତ ଟୁର୍ ଅପରେଟରମାନେ ୪୫ ହଜାର ବ୍ୟକ୍ତିଙ୍କୁ ନିଯୁକ୍ତି ଦେଇଛନ୍ତି। ସେହିଭଳି ଇକୋ ଓ ମେଡିକାଲ ଟୁରିଜମ୍‌ରେ ୮୫ ହଜାର ନିଯୁକ୍ତି ପାଇଛନ୍ତି। ଏହାବ୍ୟତୀତ ଟୁର୍ ଗାଇଡ, ଟ୍ୟାକ୍ସି ଡ୍ରାଇଭର, ଉଦ୍ୟୋଗ ସହିତ ଜଡ଼ିତ ଅସଂଗଠିତ କ୍ଷେତ୍ରରେ ପ୍ରାୟ ୫୦ ହଜାର ନିଯୁକ୍ତି ସୃଷ୍ଟି ହୋଇଛି। ଏହାଦ୍ୱାରା ସରକାରୀ ଏଜେନ୍ସି ଓ ବ୍ୟବସାୟୀଙ୍କ ଆୟ ବଢ଼ିବ।

### ■ ଏନସିଏଲ୍‌ଏଟି ରାୟ ପ୍ରକାଶ

# ଏଣିକି ଖସିପାରିବେନି କର୍ପୋରେଟ ଗ୍ୟାରେଣ୍ଟର

**ନୂଆଦିଲ୍ଲୀ,୨୦-୧**

- ■ ୩ ଜଣିଆ ଖଣ୍ଡପୀଠ ଦେଇଛନ୍ତି ରାୟ
- ■ ଆଇବିସିର ଧାରା ୭ ଅନୁଯାୟୀ ନିଆଯାଇପାରିବ କାର୍ଯ୍ୟାନୁଷ୍ଠାନ
- ■ ଆର୍‌ଇସି ବିରୋଧରେ ଫେରୋ ଆଲଏଜର ବିବାଦ



ଗ୍ରାମୀଣ ବିଦ୍ୟୁତୀକରଣ କର୍ପୋରେଶନ (ଆର୍‌ଇସି) ବିରୋଧରେ ଫେରୋ ଆଲଏଜ ମାମଲାରେ ରାୟ ପ୍ରକାଶ କରି ରାଷ୍ଟ୍ରୀୟ କମ୍ପାନୀ ଆଇନ ଅପିଲୀୟ ନ୍ୟାୟାଧିକରଣ (ଏନ୍‌ସିଏଲ୍‌ଏଟି) କହିଛନ୍ତି ଯେ, ଦେବାଳିଆ ଆଇନ (ଆଇବିସି) ଅଧୀନରେ ଋଣଖିଲାପୀ କମ୍ପାନୀଙ୍କ ବିରୋଧରେ ଋଣ ସମାଧାନ ପ୍ରକ୍ରିୟା ଆରମ୍ଭ କରିବା ପୂର୍ବରୁ ଋଣପ୍ରଦାନକାରୀ ବ୍ୟାଙ୍କ ଅଥବା ସଂସ୍ଥା କର୍ପୋରେଟ ଗ୍ୟାରେଣ୍ଟରଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିପାରିବେ।

ତିନି ଜଣ ବିଚାରପତିଙ୍କୁ ନେଇ ଗଠିତ ଖଣ୍ଡପୀଠ ତାଙ୍କ ରାୟରେ ଦର୍ଶାଇଛନ୍ତି ଯେ, କର୍ପୋରେଟ ଗ୍ୟାରେଣ୍ଟରମାନଙ୍କୁ ମଧ୍ୟ ଆର୍ଥିକ ଦୃଷ୍ଟିରୁ ଋଣଦାତା ଭାବେ ବିଚାର କରାଯିବ। ଖଣ୍ଡପୀଠଙ୍କ ମତରେ ମୂଳ ଋଣ ଖିଲାପକାରୀଙ୍କ ବିରୋଧରେ ଦେବାଳିଆ ସମାଧାନ ପ୍ରକ୍ରିୟା(ସିଆଇଆର୍‌ପି) ଆରମ୍ଭ କରିବା ପୂର୍ବରୁ କର୍ପୋରେଟ ଗ୍ୟାରେଣ୍ଟି ପ୍ରଦାନକାରୀଙ୍କ ବିରୋଧରେ କର୍ପୋରେଟ ଦେବାଳିଆ ସମାଧାନ ପ୍ରକ୍ରିୟା ଆରମ୍ଭ କରାଯାଇପାରେ। ଏନ୍‌ସିଏଲ୍‌ଏଟି ଅଧ୍ୟକ୍ଷ ବିଚାରପତି ଏସ୍.ଜେ. ମୁଖୋପାଧ୍ୟାୟଙ୍କ ଅଧ୍ୟକ୍ଷତାରେ ଗଠିତ ଖଣ୍ଡପୀଠ ଉକ୍ତ ରାୟ ଦେଇ କହିଛନ୍ତି ଯେ, ଆଇବିସିର ଧାରା ୭ ଅନୁସାରେ ଗୋଟିଏ ଅଥବା ଏକାଧିକ ଋଣପ୍ରଦାନକାରୀ ମିଶି କର୍ପୋରେଟ ଗ୍ୟାରେଣ୍ଟରଙ୍କ ବିରୋଧରେ ରାଷ୍ଟ୍ରୀୟ କମ୍ପାନୀ ଆଇନ ନ୍ୟାୟାଧିକରଣ(ଏନ୍‌ସିଏଲ୍‌ଟି)ରେ ଦେବାଳିଆ ପ୍ରକ୍ରିୟା ଆରମ୍ଭ କରିବାର ଅଧିକାର ପାଇଛନ୍ତି। କମ୍ପାନୀ ପାଇଁ ସମାଧାନ ପ୍ରକ୍ରିୟା ଅଧିକାରୀ କିଏ ହେବ ତାହା ମଧ୍ୟ ସୁପାରିସ କରିବାର ଅଧିକାର ଋଣପ୍ରଦାନକାରୀଙ୍କ ହାତରେ ରହିଛି ବୋଲି ଉକ୍ତ ଧାରାରେ ଉଲ୍ଲେଖ କରାଯାଇଛି। ଆଇବିସି କୋଡ୍‌ରେ କର୍ପୋରେଟ ଗ୍ୟାରେଣ୍ଟରଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ନିଆଯିବାକୁ ରୋକାଯାଇନି ବୋଲି ଖଣ୍ଡପୀଠ କହିଛନ୍ତି। ସୂଚନାଥାଉ କି, ଏନ୍‌ସିଏଲ୍‌ଟିର କୋଲକାତା ବେଞ୍ଚ ଏ ସମ୍ପର୍କରେ ଏକ ରାୟ ଦେବା ପରେ ଏନ୍‌ସିଏଲ୍‌ଏଟିରେ ଏକାଧିକ ମାମଲା ଦାଏର କରାଯାଇଥିଲା। କୋଲକାତା ବେଞ୍ଚ ରାଷ୍ଟ୍ରାୟତ୍ତ ଗ୍ରାମୀଣ ବିଦ୍ୟୁତୀକରଣ କର୍ପୋରେଶନ(ଆର୍‌ଇସି)କୁ ଫେରୋ ଆଲଏଜ କର୍ପୋରେଶନ ବିପକ୍ଷରେ ପଦକ୍ଷେପ ନେବାକୁ ଅନୁମତି ଦେଇଥିଲେ। ସୂଚନାଥାଉ କି, ୨୦୦୯ ମେ'ରେ ଫାକର ପାୱାରକୁ ୫୧୭.୯୦ କୋଟି ଟଙ୍କା ଋଣ ଦେଇଥିଲା। ଏଥିପାଇଁ ଫାକର ଆଲଏଜ କର୍ପୋରେଟ ଗ୍ୟାରେଣ୍ଟର ସାଜିଥିଲା। ପରେ ଆଲଏଜ ପକ୍ଷରୁ ୧୯.୮୦ କୋଟି ଶେୟାର ପ୍ରଦାନ କରାଯାଇଥିଲା। କିନ୍ତୁ ଫାକର ପାୱାର ଋଣ ଫେରସ୍ତ କରି ନ ଥିଲା ଏବଂ ଋଣ ପ୍ରଦାନ ଅର୍ଥକୁ ଏନ୍‌ପିଏ ଭାବେ ଘୋଷଣା କରାଯାଇଥିଲା। ଏହାକୁ ଦୃଷ୍ଟିରେ ରଖି ଆର୍‌ଇସି ଫେରୋ ଆଲଏଜକୁ କର୍ପୋରେଟ ଗ୍ୟାରେଣ୍ଟି ବାବଦରେ ୨୦୧୫ ସେପ୍ଟେମ୍ବର ୩୦ ସୁଦ୍ଧା ୫୬୪.୬୩ କୋଟି ଟଙ୍କା ପରିଶୋଧ କରିବାକୁ ନିର୍ଦ୍ଦେଶ ଦେଇଥିଲା। ତେବେ ୨୦୧୭ ଜୁଲାଇ ୬ରେ ଟ୍ରିବ୍ୟୁନାଲ ଆର୍‌ଇସିର ମାମଲାକୁ ଗ୍ରହଣ କରିଥିଲା।

## ଷ୍ଟେଶନରେ ପୁଣି ମିଳିବ ମାଟିପାତ୍ରରେ ଚା'

**ନୂଆଦିଲ୍ଲୀ,୨୦-୧**



ଦୀର୍ଘ ୧୫ ବର୍ଷ ପରେ ରେଳ ଷ୍ଟେଶନରେ ପୁଣି ମାଟି ପାତ୍ର ଚା' ମିଳିବ। ପୂର୍ବତନ ରେଳ ମନ୍ତ୍ରୀ ଲାଲୁ ପ୍ରସାଦ ଯାଦବ ତାଙ୍କ କାର୍ଯ୍ୟକାଳରେ ଏହି ବ୍ୟବସ୍ଥା ଆରମ୍ଭ କରିଥିଲେ। କିନ୍ତୁ କିଛି ଦିନ ପରେ ଏହାର ସ୍ଥାନ ନେଇଥିଲା ପେପର ଓ ପ୍ଲାଷ୍ଟିକ କପ୍। ଉତ୍ତର ଓ ଉତ୍ତର-ପୂର୍ବ ରେଳୱେର ମୁଖ୍ୟ ବାଣିଜ୍ୟିକ ମାନେଜରଙ୍କୁ ରେଳୱେ ବୋର୍ଡ ପକ୍ଷରୁ ଏ ସଂକ୍ରାନ୍ତରେ ଏକ ପତ୍ର ପଠାଯାଇଛି। ରେଳମନ୍ତ୍ରୀ ପୀୟୂଷ ଗୋୟଲ ବାରାଣସୀ ଓ ରାୟବରେଲି ଷ୍ଟେଶନରେ ମାଟିରେ ତିଆରି ପାତ୍ର, ଗ୍ଲାସ ଓ ପ୍ଲେଟ ବ୍ୟବହାର କରିବାକୁ ନିର୍ଦ୍ଦେଶ ଦେଇଥିବା ଚିଠିରେ ଉଲ୍ଲେଖ କରାଯାଇଛି। ଜଣେ ବରିଷ୍ଠ ଅଧିକାରୀ କହିଛନ୍ତି ଯେ, ରେଳୱେର ଏହି ପଦକ୍ଷେପ ଯୋଗୁ ଯାତ୍ରୀମାନେ ମାଟିପାତ୍ରରେ ଚା' ପିଇବାର ମଜା ଉଠାଇପାରିବେ ଏବଂ ଏହାଦ୍ୱାରା ନିଜର ଅସ୍ତିତ୍ୱ ବଞ୍ଚାଇ ରଖିବା ଲାଗି ସଂଘର୍ଷ କରୁଥିବା କୁମ୍ଭାରମାନଙ୍କୁ ବଡ଼ ବଜାର ମିଳିଯିବ। ଜୋନାଲ ରେଳୱେ ଓ ଆଇଆରସିଟିସିକୁ ତୁରନ୍ତ ଏହା ଲାଗୁ କରିବାକୁ ପତ୍ରରେ ନିର୍ଦ୍ଦେଶ ଦିଆଯାଇଛି। ଟ୍ରେନ ଓ ଷ୍ଟେଶନରେ ଯାତ୍ରୀଙ୍କୁ ପରଷା ଯାଉଥିବା ଭୋଜନ, ପାନୀୟ ଆଦି ପାଇଁ ପରିବେଶ ଅନୁକୂଳ ମାଟିରେ ତିଆରି ସାମଗ୍ରୀ ବ୍ୟବହାର କରିବାକୁ କୁହାଯାଇଛି। ପ୍ରାପ୍ତ ସୂଚନାରୁ ଜଣାପଡିଛି ଯେ, ଖଦି ଏବଂ ଗ୍ରାମୋଦ୍ୟୋଗ ଆୟୋଗ(କେଭିଆଇସି) ଅଧ୍ୟକ୍ଷ ବି.କେ. ସାକ୍ସେନା ଗତ ବର୍ଷ ସେପ୍ଟେମ୍ବରରେ ଉକ୍ତ ପ୍ରସ୍ତାବ ଦେଇଥିଲେ। ସେ ରେଳମନ୍ତ୍ରୀ ଗୋୟଲଙ୍କୁ ପତ୍ର ଲେଖି ଷ୍ଟେଶନ ଆଖପାଖରେ ବସବାସ କରୁଥିବା କୁମ୍ଭାରଙ୍କୁ ରୋଜଗାର ଦେବା ପାଇଁ ଉକ୍ତ ପଦକ୍ଷେପ ନିଆଯିବା ଜରୁରୀ। ସେ କହିଛନ୍ତି ଯେ, ବିଜୁଳିରେ ଚାଲୁଥିବା ଚକ ସାହାଯ୍ୟରେ ଦିନକୁ ୧୦୦ରୁ ୬୦୦ ମାଟି କପ୍ ତିଆରି କରାଯାଇପାରିବ।

## ଲେଭଲ କ୍ରସିଂର ବ୍ୟାପକ ନିରାପତ୍ତା ଅଡିଟ୍ ହେବ

**ଭୁବନେଶ୍ୱର,୨୦-୧**

### ପୁରୀ ଘଟଣା ପରେ ପୂର୍ବତଟ ରେଳପଥର ପଦକ୍ଷେପ



ଶନିବାର ପୁରୀ ନିକଟରେ ଲେଭଲ କ୍ରସିଂ ଖୋଲାଥିବା ବେଳେ ହଠାତ ଏକ ଏକ୍ସପ୍ରେସ ଟ୍ରେନ ଅତିକ୍ରମ କରିବା ଭଳି ଅଭାବନୀୟ ଘଟଣାକୁ ନେଇ ପୂର୍ବତଟ ରେଳପଥ ପକ୍ଷରୁ ପ୍ରତିକ୍ରିୟା ପ୍ରକାଶ ପାଇଛି। ଏହାର ଯେଭଳି ପୁନରାବୃତ୍ତି ନ ଘଟେ ତାକୁ ଧ୍ୟାନରେ ରଖି ରେଳୱେ ପକ୍ଷରୁ ବିହିତ ପଦକ୍ଷେପ ଗ୍ରହଣ କରାଯାଇଛି। ପୂର୍ବତଟ ରେଳପଥ ଏହାର ପରିସରରେ ଆସୁଥିବା ସବୁ ଲେଭଲ କ୍ରସିଂର ବ୍ୟାପକ ନିରାପତ୍ତା ଅଡିଟ କରିବ। ଆଗାମୀ ଦିନରେ ଏଭଳି ଘଟଣାକୁ ଏଡାଇବା ପାଇଁ ପ୍ରଣାଳୀର ସମ୍ପୂର୍ଣ୍ଣ ଯାଞ୍ଚ କରିବାକୁ ନିଷ୍ପତ୍ତି ହୋଇଥିବା ପୂର୍ବତଟ ରେଳପଥ ମହାପ୍ରବନ୍ଧକ ପି.ଏସ୍. ମିଶ୍ର ସୂଚନା ଦେଇଛନ୍ତି।

ଏହି ପଦକ୍ଷେପ ବେଳେ କୌଣସି ଅବହେଳା ତଥା ତ୍ରୁଟି ବିଚ୍ୟୁତିକୁ ପ୍ରଶ୍ରୟ ଦିଆଯିବ ନାହିଁ। ପ୍ରଣାଳୀର ବ୍ୟାପକ ସମୀକ୍ଷା କାର୍ଯ୍ୟ ଆରମ୍ଭ କରାଯାଇଛି। ସିଷ୍ଟମରେ ରହିଥିବା ତ୍ରୁଟି ବିଚ୍ୟୁତି ସମ୍ପର୍କରେ ସୂଚନା ଦେବାକୁ ମିଶ୍ର କର୍ମଚାରୀଙ୍କୁ ପରାମର୍ଶ ଦେଇଛନ୍ତି। ଏହା ହେଲେ ତ୍ରୁଟିକୁ ସୁଧାରିବାରେ ସୁବିଧା ହେବ। ସମସ୍ୟା ସମ୍ପର୍କରେ କନିଷ୍ଠ କର୍ମଚାରୀଙ୍କଠାରୁ ସୂଚନା ନେବାକୁ ବରିଷ୍ଠ ଅଧିକାରୀଙ୍କୁ କୁହାଯାଇଛି। ବର୍ତ୍ତମାନ ପୂର୍ବତଟ ରେଳପଥର ୮୨୮ ଲେଭଲ କ୍ରସିଂ ରହିଛି। ଏହା ମଧ୍ୟରେ ଓଡ଼ିଶାରେ ୫୫୯, ଛତିଶଗଡରେ ୪୫ ଏବଂ ଆନ୍ଧ୍ର ପ୍ରଦେଶରେ ୨୨୪ଟି ଲେଭଲ କ୍ରସିଂ ରହିଛି। ବୁମ ବ୍ୟାରିୟର, ସଂଯୁକ୍ତ ସଡକ, ସାଇରନ, ସତର୍କତା ଫଳକ ଭଳି ବିଭିନ୍ନ ଦିଗକୁ ଯାଞ୍ଚ ପରିସରଭୁକ୍ତ କରାଯାଇଛି। ସେହିଭଳି ଗେଟ୍‌ମ୍ୟାନମାନଙ୍କର କାର୍ଯ୍ୟକାରୀ ଜ୍ଞାନ ଏବଂ ଲେଭଲ କ୍ରସିଂ ପାର ହେବା ନେଇ ଲୋକୋ ପାଇଲଟମାନଙ୍କୁ ବିଭିନ୍ନ ନିୟମ ସମ୍ପର୍କରେ ଅବଗତ କରାଯିବ। କାର୍ଯ୍ୟରେ ଅବହେଳାକୁ ବରଦାସ୍ତ କରାଯିବ ନାହିଁ ବୋଲି ମିଶ୍ର କହିଛନ୍ତି। ଏଭଳି ପଦକ୍ଷେପ ଦ୍ୱାରା ସମସ୍ୟାକୁ ସମାଧାନ କରାଯାଇପାରିବ ବୋଲି ସେ ଆଶା ପ୍ରକଟ କରିଛନ୍ତି।

## ଜିଏସଟି ରିଟର୍ନକୁ ଇ-ୱେ ବିଲ ସହ ଯୋଡ଼ାଯିବ

**ନୂଆଦିଲ୍ଲୀ,୨୦-୧**

କ୍ରମାଗତ ୬ ମାସ ଧରି ଅର୍ଥାତ ଦୁଇଟି ତ୍ରୈମାସରେ ଜିଏସ୍‌ଟି ରିଟର୍ନ ଦାଖଲ କରାଯାଇ ନ ଥିଲେ ମାଲ୍ ପରିବହନ ଲାଗି ଇ-ୱେ ବିଲ୍ ଜେନେରେଟ ହେବ ନାହିଁ। କେନ୍ଦ୍ର ସରକାର ଏଭଳି ଏକ ନୂଆ ସର୍ତ୍ତ ଲାଗୁ କରିବାକୁ ଯାଉଛନ୍ତି। ଜଣେ ଅଧିକାରୀ କହିଛନ୍ତି ଯେ, ସରକାର ଜିଏସ୍‌ଟି ନେଟୱର୍କ (ଜିଏସ୍‌ଟିଏନ୍)ରେ ଉପରୋକ୍ତ ବ୍ୟବସ୍ଥା ଆଣିବାକୁ ଯାଉଛନ୍ତି। ସେ କହିଛନ୍ତି ଯେ, ଏହି ନୂଆ ପ୍ରଣାଳୀ କାମ ଆରମ୍ଭ କରିବା ମାତ୍ରେ ସରକାରଙ୍କ ପକ୍ଷରୁ ନୋଟିଫିକେଶନ ଜାରି କରାଯିବ। ଏହାଦ୍ୱାରା ଜିଏସ୍‌ଟି ଫାଙ୍କିକୁ ରୋକାଯାଇପାରିବ ବୋଲି ସେ ପ୍ରକାଶ କରିଛନ୍ତି। ସୂଚନାଥାଉ କି, ଏପ୍ରିଲ-ଡିସେମ୍ବର ଅବଧିରେ ଅଧିକାରୀମାନେ ଜିଏସ୍‌ଟି ଫାଙ୍କି/ନିୟମ ଉଲ୍ଲଂଘନର ୩,୬୨୬ଟି ମାମଲା ଧରିପାରିଛନ୍ତି। ଟିକସ ଫାଙ୍କି ରୋକିବା ଲାଗି କେନ୍ଦ୍ର ସରକାର ଗତ ବର୍ଷ ଏପ୍ରିଲରୁ ଇ-ୱେ ବିଲ୍ ଲାଗୁ କରିଛନ୍ତି।

## ଡାକାର ଶ୍ରେଷ୍ଠ ୧୦ରେ ହିରୋ ମୋଟୋ ସ୍ପୋର୍ଟସ ଟିମ୍



**ନୂଆଦିଲ୍ଲୀ,୨୦-୧**

ଡାକାର ର୍‍ୟାଲି ୨୦୧୯ରେ ହିରୋମୋଟୋ ସ୍ପୋର୍ଟସ ଟିମ୍ ର୍‍ୟାଲି ଦ୍ୱିତୀୟଥର ଲାଗି ୧୦ମ ସ୍ଥାନ ହାସଲ କରିଛି। ଓରିଏଲ୍ ମିନା ୯ମ ସ୍ଥାନ ହାସଲ କରିଥିବା ବେଳେ ଜ୍ୟାକ୍ୱିମ ରୋଡ୍ରିଗ୍ସ ଶ୍ରେଷ୍ଠ ୨୦ତମ ସ୍ଥାନ ହାସଲ କରିଛନ୍ତି। ପିସାକୋରେ ଓରିଏଲ ମିନା ଶେଷ ପର୍ଯ୍ୟାୟରେ ୧୨ତମ ତଥା ୧୭ତମ ସ୍ଥାନ ହାସଲ କରିବାକୁ ସକ୍ଷମ ହୋଇଛନ୍ତି। ମୋଟ ର୍‍ୟାଙ୍କିଂରେ ସେ ୯ମ ଏବଂ ରୋଡ୍ରିଗ୍ସ ୧୭ତମ ସ୍ଥାନରେ ଅଛନ୍ତି। ସେ ଚଳିତ ବର୍ଷ ହିରୋଜ ଅଫ ଡାକାର ସମ୍ମାନ ଲାଭ କରିଥିବା କମ୍ପାନୀ ପ୍ରକାଶ କରିଛି।

## ୟୁନାଇଟେଡ ବ୍ୟାଙ୍କ-ଷ୍ଟାର ହେଲ୍‌ଥ ଚୁକ୍ତି

**କଲିକତା,୨୦-୧**

ୟୁନାଇଟେଡ ବ୍ୟାଙ୍କ ଅଫ୍ ଇଣ୍ଡିଆ(ୟୁବିଆଇ), ଷ୍ଟାର ହେଲ୍‌ଥ ଏବଂ ଆଲାଏଡ ଇନସ୍ୟୁରାନ୍ସ କମ୍ପାନୀ ଚୁକ୍ତିରେ ସାମିଲ ହୋଇଛନ୍ତି। ଗ୍ରାହକଙ୍କୁ ଇନସ୍ୟୁରାନ୍ସ ସଲ୍ୟୁଶନ ପ୍ରଦାନ ଦିଗରେ ଏହି ଚୁକ୍ତି ସହାୟକ ହେବ ବୋଲି ବ୍ୟାଙ୍କ ପକ୍ଷରୁ ସୂଚନା ରହିଛି। ୟୁବିଆଇର ବ୍ୟାଙ୍କାରୁରାନ୍ସ ଜିଏମ୍ ବିନୋଦ ବବର, ଷ୍ଟାର ହେଲଥ ଇନସ୍ୟୁରାନ୍ସ ଏବଂ ଆଲାଏଡ ଇନସ୍ୟୁରାନ୍ସ କମ୍ପାନୀ ପକ୍ଷରୁ ଯୁଗ୍ମ କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ ବିଶ୍ୱଜିତ ମୋହନତଙ୍କ ମଧ୍ୟରେ ଏହି ଚୁକ୍ତି ସ୍ୱାକ୍ଷରିତ ହୋଇଛି। ଏହି ଅବସରରେ ବ୍ୟାଙ୍କର ବରିଷ୍ଠ ଅଧିକାରୀମାନେ ଉପସ୍ଥିତ ଥିଲେ।

## ଏଏସ୍‌ବିଏମ୍‌ରେ ଜାତୀୟ ମାର୍କେଲୋଜିଷ୍ଟିକ୍ସ ସିମ୍ପୋଜିୟମ



**ଭୁବନେଶ୍ୱର,୨୦-୧**

ଏସିଆନ୍ ସ୍କୁଲ ଅଫ୍ ବିଜନେସ ମ୍ୟାନେଜମେଣ୍ଟ(ଏଏସବିଏମ୍) ପକ୍ଷରୁ ୮ମ ଜାତୀୟ ମାର୍କେଲଜିଷ୍ଟିକ୍ସ ସିମ୍ପୋଜିୟମ ଅନୁଷ୍ଠିତ ହୋଇଯାଇଛି। ଅର୍ଥନୀତିର ବିକାଶ ଲାଗି ଲଜିଷ୍ଟିକ୍ସ କ୍ଷେତ୍ରର ଭୂମିକା ଉପରେ କାର୍ଯ୍ୟକ୍ରମ ଅବସରରେ ଅନୁଗୋଳ ସୁକିନ୍ଦା ରେଲୱେର ଏମ୍‌ଡି ଡି.କେ. ସାମନ୍ତରାଏ ଗୁରୁତ୍ୱାରୋପ କରିଥିଲେ। ଶିଳ୍ପ ପ୍ରତିଷ୍ଠାନର ପ୍ରତିଦ୍ୱନ୍ଦ୍ୱିତାମୂଳକ କାର୍ଯ୍ୟଶୈଳୀ ଉପରେ ଏମ୍‌ଏମ୍‌ଟିସିର ମ୍ୟାନେଜର କେ.କେ. ପଲ ଆଲୋଚନା କରିଥିଲେ। ଏଏସ୍‌ବିଏମ୍‌ର ପ୍ରତିଷ୍ଠାତା ବିଶ୍ୱଜିତ ପଟ୍ଟନାୟକ କାର୍ଯ୍ୟକ୍ରମରେ ସଭାପତିତ୍ୱ କରିବା ସହ ପ୍ରଯୁକ୍ତି ବିଦ୍ୟା, ନବୀନ ପ୍ରକ୍ରିୟା ଏବଂ ବ୍ୟବସାୟିକ କୌଶଳ ଉପରେ ମତ ରଖିଥିଲେ। ଏହି ଅବସରରେ ପ୍ରତିଷ୍ଠାନର ଡିନ୍ ପ୍ରଫେସର କଲ୍ୟାଣ ଶଙ୍କର ରାଏ, ହୋଟେଲିୟର ଏ.ତାଲୁକଦାର,ଏକ୍ସିମ ଲଜିଷ୍ଟିକ୍ସର ଏମ୍‌ଡି ହିମାଦ୍ରୀ କେଶରୀ ପଟ୍ଟନାୟକ, ଇଉନିବ୍ରୋ ମାରକଟର ସହପ୍ରତିଷ୍ଠାତା ଶିସାସିସ ଆଚାର୍ଯ୍ୟ, ଭାରତୀ ଏୟାରଟେଲର ଓଡ଼ିଶା ମାର୍କେଟିଂ ମୁଖ୍ୟ ବିଶାଳ ଶୁରାନା, ଡ. ପ୍ରକାଶ ଚନ୍ଦ୍ର ଦାସ ପ୍ରମୁଖ ଉପସ୍ଥିତ ଥିଲେ।

## ଆୟକର ରିହାତି: ୫ଟି ବଜେଟ୍‌ରୁ କେତେ ମିଳିଛି

**ଅନ୍ତରୀଣ ବଜେଟ ୨୦୧୯ ଉପସ୍ଥାପନ ହେବାକୁ ଆଉ କେଇଟା ଦିନ ବାକି ରହିଛି। ଏଭଳି ସ୍ଥିତିରେ ଆୟକର କ୍ଷେତ୍ରରେ ଆଶ୍ୱସ୍ତି ମିଳିବା ନେଇ ସମସ୍ତେ ଆଶାବାଦୀ ରହିଛନ୍ତି। ତେବେ ଗତ ୫ଟି ବଜେଟରେ ଭାଜପା ନେତୃତ୍ୱାଧୀନ କେନ୍ଦ୍ର ସରକାର ଦେଶବାସୀଙ୍କୁ କିଛି ପରିମାଣରେ ଆଶ୍ୱସ୍ତ କରିଛନ୍ତି ସତ ସେସ୍ ଓ ସରଚାର୍ଜ ଆଦି କେତେକ ନୂଆ ନିୟମ ମଧ୍ୟ ଲାଗୁ କରିଛନ୍ତି।**




**ନୂଆଦିଲ୍ଲୀ,୨୦-୧**

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ କାର୍ଯ୍ୟକାଳର ଏହା ଶେଷ ବଜେଟ ହୋଇଥିବାରୁ ଆୟକର ଦୃଷ୍ଟିରୁ ଦେଶବାସୀଙ୍କୁ ଅଧିକ ଖୁସି ମିଳିବ ବୋଲି ଆଶାକରାଯାଉଛି। ଆୟକର ବାବଦରେ କ'ଣ ପରିବର୍ତ୍ତନ ହୋଇଛି ତାହା ନିମ୍ନରେ ଉଲ୍ଲେଖ କରାଯାଉଛି।

### ବଜେଟ ୨୦୧୪ରେ କ'ଣ ମିଳିଥିଲା

କ୍ଷମତାକୁ ଆସିବା ପରେ ଏନ୍‌ଡିଏ ସରକାର ୨୦୧୪ ଜୁଲାଇରେ ତାଙ୍କର ପ୍ରଥମ ବଜେଟ୍ ଉପସ୍ଥାପନ କରିଥିଲେ।

- ◆ଆୟକର ଛାଡ଼ ସୀମାକୁ ବାର୍ଷିକ ୨ ଲକ୍ଷରୁ ବଢ଼ାଇ ୨.୫ ଲକ୍ଷ ଟଙ୍କା କରାଯାଇଥିଲା।
- ◆ଆୟକର ଆଇନର ଧାରା ୮୦ସି ଅନ୍ତର୍ଗତରେ ଛାଡ଼ ସୀମା ୧ ଲକ୍ଷରୁ ବୃଦ୍ଧି ପାଇ ୧.୫ ଲକ୍ଷ ଟଙ୍କା ହୋଇଥିଲା।
- ◆ଗୃହ ଋଣ ଉପରେ ଟିକସ ଛାଡ଼ସୀମାକୁ ୧.୫ ଲକ୍ଷରୁ ବଢ଼ାଇ ୨ ଲକ୍ଷ ଟଙ୍କା କରାଯାଇଥିଲା। ଏଥିରେ ମୂଳ ଟଙ୍କା ଲାଗି ଟିକସ ଛାଡ଼ସୀମା ୧.୫ ଲକ୍ଷ ଟଙ୍କା ଏବଂ ଗୃହ ଋଣ ଲାଗି ପ୍ରଦାନ କରାଯିବାକୁ ଥିବା ସୁଧ ଲାଗି ଟିକସ ଛାଡ଼ସୀମାକୁ ୨ ଲକ୍ଷ ଟଙ୍କା କରାଯାଇଥିଲା। ବରିଷ୍ଠ ନାଗରିକଙ୍କ ଲାଗି ଏହା ୩ ଲକ୍ଷ ଟଙ୍କା ଥିଲା।

### ୨୦୧୫ ବଜେଟରେ କ'ଣ ଦିଆଯାଇଥିଲା

- ◆ଏନ୍‌ପିଏସ୍‌ରେ ଯୋଗଦାନ କରିବା ଉପରେ ଅତିରିକ୍ତ ୫୦ ହଜାର ଟଙ୍କା ଉପରେ ଟିକସ ଛାଡ଼ ସୁବିଧା।
- ◆ସୁକନ୍ୟା ସମୃଦ୍ଧି ଯୋଜନାକୁ ସମ୍ପୂର୍ଣ୍ଣ ଟିକସମୁକ୍ତ କରାଯାଇଥିଲା।
- ◆ସ୍ୱାସ୍ଥ୍ୟ ବୀମା ପ୍ରିମିୟମ ଉପରେ ଛାଡ଼ସୀମାକୁ ୧୫ ହଜାର ଟଙ୍କାରୁ ବଢ଼ାଇ ୨୫ ହଜାର ଟଙ୍କା କରାଯାଇଥିଲା। ୬୦ ବର୍ଷରୁ ଅଧିକ ବୟସ୍କଙ୍କ ପାଇଁ ଏହି ଛାଡ଼ସୀମା ୫୦ ହଜାର ଟଙ୍କା ହୋଇଥିଲା।
- ◆ସମ୍ପତ୍ତି ଟିକସକୁ ପ୍ରତ୍ୟାହାର କରି ନିଆଯାଇଥିଲା।

### ୨୦୧୬ରେ କେନ୍ଦ୍ର କ'ଣ ଦେଇଥିଲା

- ◆ଘରଭଡ଼ା ଦେଉଥିବା ମାଲିକଙ୍କ ଲାଗି ଟିକସ ଛାଡ଼ସୀମାକୁ ୨୪ ହଜାରରୁ ୬୦ ହଜାର ଟଙ୍କାକୁ ବୃଦ୍ଧି କରାଯାଇଥିଲା।
- ◆୫ ଲକ୍ଷ ଟଙ୍କାରୁ କମ୍ ଆୟକାରୀ ବ୍ୟକ୍ତିଙ୍କ ଲାଗି ଟିକସ ରିବେଟ୍ ୨ ହଜାରରୁ ବଢ଼ାଇ ୫ ହଜାର ଟଙ୍କା କରିଦିଆଯାଇଥିଲା।
- ◆ନୂଆ ଘର କିଣୁଥିବା ବ୍ୟକ୍ତିଙ୍କୁ ୩୫ ଲକ୍ଷ ଟଙ୍କା ପର୍ଯ୍ୟନ୍ତ ଋଣ ପରିଶୋଧ କରିବା ଉପରେ ସୁଧରେ ଅତିରିକ୍ତ ୫୦ ହଜାର ଟଙ୍କା ଟିକସଛାଡ଼ କରାଯାଇଥିଲା।

### ବଜେଟ ୨୦୧୭

- ◆୨.୫ ଲକ୍ଷରୁ ୫ ଲକ୍ଷ ଟଙ୍କା ପର୍ଯ୍ୟନ୍ତ ଆୟକାରୀଙ୍କ ଲାଗି ଆୟକର ହାରକୁ ୧୦ ପ୍ରତିଶତରୁ ୫%କୁ ହ୍ରାସ କରାଯାଇଥିଲା।
- ◆ସମସ୍ତ ଟିକସଦାତାଙ୍କୁ ୧୨,୫୦୦ ଟଙ୍କାର ଟିକସ ରିବେଟ୍ ଦିଆଯାଇଥିଲା।

### ବଜେଟ ୨୦୧୮

- ◆୧୫ ହଜାର ଟଙ୍କାର ମେଡିକାଲ ରିଇମ୍ବର୍ସମେଣ୍ଟ ଏବଂ ୧୯,୨୦୦ ଟଙ୍କାର ପରିବହନ ଭତ୍ତା ଉପରେ ଟିକସ ଛାଡ଼ କରିବା ବଦଳରେ ଚାକିରି କରିଥିବା ବ୍ୟକ୍ତିଙ୍କ ଲାଗି ୪୦ ହଜାର ଟଙ୍କାର ଷ୍ଟାଣ୍ଡାର୍ଡ ଡିଡକ୍ସନକୁ ଫେରାଇ ଅଣାଯାଇଥିଲା।
- ◆୧ ଲକ୍ଷ ଟଙ୍କାରୁ ଅଧିକ ଇକ୍ୱିଟିରେ ମିଳୁଥିବା ଏଲ୍‌ଟିସିଜି (ଦୀର୍ଘକାଳୀନ ଆର୍ଥିକ ଲାଭ) ଉପରେ ୧୦ ପ୍ରତିଶତ ଟିକସ ଆଦାୟ କରାଗଲା।

### ୧% ବଢ଼ିଲା ସେସ୍

୨୦୧୪-୧୫ରେ ଟିକସ ଉପରେ ୨% ଶିକ୍ଷା ସେସ୍ ଏବଂ ୧ ପ୍ରତିଶତ ସେକେଣ୍ଡାରୀ ଓ ହାୟାର ସେକେଣ୍ଡାରୀ ସେସ୍ ଲାଗୁ କରାଯାଇଥିଲା। ୨୦୧୮ ବଜେଟ୍‌ରେ ଜେଟ୍‌ଲୀ ଏହି ସେସ୍‌କୁ ଆହୁରି ୧% ବଢ଼ାଇ ୪ % କରିଦେଲେ।

### ବୃଦ୍ଧି ପାଇଲା ସରଚାର୍ଜ

ବଜେଟ୍ ୨୦୧୫ରେ ଅର୍ଥମନ୍ତ୍ରୀ ଜେଟ୍‌ଲୀ ୧ କୋଟିରୁ ଅଧିକ ଆୟକାରୀଙ୍କ ଲାଗି ସରଚାର୍ଜକୁ ୧୦ ପ୍ରତିଶତରୁ ୧୨ପ୍ରତିଶତକୁ ବୃଦ୍ଧି କଲେ। ୨୦୧୬ ବଜେଟ୍‌ରେ ଏହା ୧୫%କୁ ବୃଦ୍ଧି ପାଇଲା। ୨୦୧୭ ବଜେଟରେ ୫୦ ଲକ୍ଷରୁ ୧ କୋଟି ଟଙ୍କା ପର୍ଯ୍ୟନ୍ତ ଆୟକାରୀଙ୍କ ଲାଗି ନୂଆ ୧୦ ପ୍ରତିଶତ ସରଚାର୍ଜ ଲାଗୁ କରାଯାଇଥିଲା।

### ଟିକସ ରିବେଟ୍

ବଜେଟ ୨୦୧୪-୧୫ରେ ଧାରା ୮୭ଏ ଅନ୍ତର୍ଗତରେ ୫ ଲକ୍ଷ ଟଙ୍କା ପର୍ଯ୍ୟନ୍ତ ଟିକସଯୋଗ୍ୟ ଆୟ ଉପରେ ୨୦୦୦ ଟଙ୍କାର ଟିକସ କ୍ରେଡିଟ ହେଉଥିଲା। ଏଥିସହିତ ଏହି ଆୟ ପର୍ଯ୍ୟନ୍ତ ଟିକସ ରିବେଟ୍ ଦାବି କରାଯାଇପାରୁଥିଲା। ଏବେ ଏହି ସୀମାରେ ହ୍ରାସ ଘଟି ୩.୫ ଲକ୍ଷ ଟଙ୍କା ରହିଛି।

ମହେନ୍ଦ୍ର ସିଂ ଧୋନୀଙ୍କୁ ମୁଁ ଏବେ ମଧ୍ୟ ୫୦ ଓଭର ଫର୍ମାଟରେ ବିଶ୍ୱର ଶ୍ରେଷ୍ଠ ମ୍ୟାଚ୍ ଫିନିଶର ବୋଲି ମନେକରେ।
–ଇଆନ ଚାପେଲ, ପୂର୍ବତନ ଅଷ୍ଟ୍ରେଲିଆ କ୍ରିକେଟ ଅଧିନାୟକ



ଭାରତୀୟ ଅଧିନାୟକ ବିରାଟ କୋହଲି ଅନ୍ତର୍ଜାତୀୟ ଦିନିକିଆ କ୍ରିକେଟରେ ବିଶ୍ୱର ଶ୍ରେଷ୍ଠ ବ୍ୟାଟ୍ସମ୍ୟାନ ।
–ମାଇକେଲ କ୍ଲାର୍କ, ପୂର୍ବତନ ଅଷ୍ଟ୍ରେଲିଆ କ୍ରିକେଟ ଅଧିନାୟକ



## ସଂକ୍ଷେପରେ

### ବର୍ଷର ପ୍ରଥମ ଟାଇଟଲ ଜିତିଲେ ଅଙ୍କିତା

**ନୂଆଦିଲ୍ଲୀ, ୨୦।୧(ପି.ଟି.):** ଭାରତର ଏକ ନମ୍ବର ଟେନିସ ଖେଳାଳି ଅଙ୍କିତା ରାଇନା ଚଳିତ ବର୍ଷର ପ୍ରଥମ ସିଙ୍ଗଲ୍ସ ଟାଇଟଲ ଜିତିଛନ୍ତି। ରବିବାର ସିଙ୍ଗାପୁରରେ ଅନୁଷ୍ଠିତ ୨୫ ହଜାର ଆମେରିକୀୟ ଡଲାର ପୁରସ୍କାର ରାଶିବିଶିଷ୍ଟ ଆଇଟିଏଫ୍ ସିଙ୍ଗାପୁର ଇଭେଣ୍ଟର ମହିଳା ସିଙ୍ଗଲ୍ସ ଫାଇନାଲରେ ଅଙ୍କିତା ଚାମ୍ପିୟନ ହୋଇଛନ୍ତି। ଫାଇନାଲରେ ଅଙ୍କିତା ୬-୩, ୬-୨ ସିଧାସଳଖ ସେଟ୍‌ରେ ଟପ୍ ସିଡ୍ ନେଦରଲାଣ୍ଡ୍ସର ଆରାନସ୍କା ରସ୍‌ଙ୍କୁ ପରାସ୍ତ କରିଛନ୍ତି। ଚଳିତ ବର୍ଷର ଏହା ତାଙ୍କ ପ୍ରଥମ ଏବଂ ମୋଟ୍ ଉପରେ ୮ମ ସିଙ୍ଗଲ୍ସ ଟାଇଟଲ୍ ଥିଲା। ଅଙ୍କିତାଙ୍କୁ ଏହି ମ୍ୟାଚ୍ ଜିତିବାକୁ ଏକ ଘଣ୍ଟା ଓ ୨୩ ମିନିଟ୍ ସମୟ ଲାଗିଥିଲା। ଟୁର୍ନାମେଣ୍ଟରେ ସେ ୪ଜଣ ସିଡ୍ ମାନ୍ୟତାପ୍ରାପ୍ତ ଖେଳାଳିଙ୍କୁ ହରାଇଥିଲେ। ଏଥିସହ ୨୫ ବର୍ଷୀୟା ଏହି ଅହମ୍ମଦାବାଦ୍ ଖେଳାଳି ପ୍ରତିଯୋଗିତାରୁ ୫୦ ପଏଣ୍ଟ ଅର୍ଜନ କରିଛନ୍ତି। ସୋମବାର ନୂତନ ଡବ୍ଲ୍ୟୁଟିଏ ର୍‍ୟାଙ୍କିଙ୍ଗ୍ ପ୍ରକାଶ ପାଇଲେ ଅଙ୍କିତା କ୍ୟାରିୟରର ଶ୍ରେଷ୍ଠ ମାନ୍ୟତା ପାଇବାର ସମ୍ଭାବନା ରହିଛି।

### ଖୋର୍ଦ୍ଧା ରେଲୱେ ରନର୍ସଅପ୍

**ପଦ୍ମପୁର, ୨୦।୧ (ଡି.ଏନ.ଏ):** ବରଗଡ଼ ଜିଲା ପଦ୍ମପୁର ବୋରାସମ୍ବର ସ୍ପୋର୍ଟିଂ ପକ୍ଷରୁ ଆୟୋଜିତ ୨୫ତମ ସର୍ବଭାରତୀୟ ବୋରାସମ୍ବର କପ୍ କ୍ରିକେଟ ଟୁର୍ନାମେଣ୍ଟ ରବିବାର ଉଦ୍‌ଯାପିତ ହୋଇଯାଇଛି। ରବିବାର ଅନୁଷ୍ଠିତ ଫାଇନାଲ ମ୍ୟାଚ୍‌ରେ ରାଉରକେଲା ୟୁଥ୍ କ୍ରିକେଟ କ୍ଲବ ଖୋର୍ଦ୍ଧା ରେଲୱେକୁ ପରାସ୍ତ କରି ଚାମ୍ପିୟନ ହୋଇଛି। ୩୦ଓଭର ବିଶିଷ୍ଟ ଫାଇନାଲ ମ୍ୟାଚରେ ପ୍ରଥମେ ବ୍ୟାଟିଂ କରିବାକୁ ଯାଇ ରେଲୱେ ଦଳ ୨୮.୫ ଓଭରରେ ୧୭୫ ରନ କରିଥିଲା। ଦଳ ପକ୍ଷରୁ ପ୍ରଶାନ୍ତ ସାହୁ ୭୭ (୭୧), ରାକେଶ ମହାନ୍ତି ୨୪ (୨୧), ସୂର୍ଯ୍ୟକାନ୍ତ ପ୍ରଧାନ ୧୯(୭) ରନ କରିଥିଲେ। ରାଉରକେଲା ଦଳ ପକ୍ଷରୁ ଅୟସ୍କାନ୍ତ ସାହୁ ୨୬ରନ ଦେଇ ୫ଟି ଉଇକେଟ ଅକ୍ତିଆର କରିଥିଲେ। ୧୭୬ ରନ୍‌ର ବିଜୟ ଲକ୍ଷ୍ୟ ନେଇ ରାଉରକେଲା ଦଳ ୭୧ରନରେ ୫ଟି ଉଇକେଟ ହରାଇଥିଲା। ତେବେ ରଣଜୀ ଖେଳାଳି ଗୋବିନ୍ଦ ପୋଦ୍ଦାରଙ୍କ ଧୂଆଁଧାର ୧୧୦(୬୭), ବାସୁଦେବଙ୍କ ୨୫ରନ ସହାୟତାରେ ୨୩.୨ ଓଭରରେ ୧୭୬ ରନ ସଂଗ୍ରହ କରି ଦଳ ବିଜୟୀ ହୋଇଥିଲା। ଉଦ୍‌ଯାପନୀ ଉତ୍ସବରେ ପୂର୍ବତନ ମନ୍ତ୍ରୀ ବିଜୟରଞ୍ଜନ ସିଂ ବରିହା ମୁଖ୍ୟଅତିଥି, ଶ୍ରମ ମନ୍ତ୍ରୀ ସୁଶାନ୍ତ ସିଂ ଓ ବରଗଡ଼ ଏମ୍‌ପି ଡ. ପ୍ରଭାସ ସିଂ ଏବଂ ଚିତ୍ତରଞ୍ଜନ କର ସମ୍ମାନିତ ଅତିଥି ଭାବେ ଯୋଗଦେଇ ଚାମ୍ପିୟନ ଦଳକୁ ୧ଲକ୍ଷ ଏବଂ ଉପବିଜେତା ଦଳକୁ ୫୦ ହଜାର ଟଙ୍କା ଏବଂ ଟ୍ରଫି ପ୍ରଦାନ କରିଥିଲେ।

### ଏଆଇଏଫଏଫ ସି ଲାଇସେନ୍ସ କୋଚିଂ କୋର୍ସ ୧୬ରେ

**କଟକ ଅଫିସ,୨୦।୧:** ଅଲ ଇଣ୍ଡିଆ ଫୁଟବଲ ଫେଡେରେଶନ (ଏଆଇଏଫ୍‌ଏଫ) ଆନୁକୂଲ୍ୟରେ 'ସି' ଲାଇସେନ୍ସ କୋଚିଂ କୋର୍ସ ଫେବୃୟାରୀ ୧୬ ତାରିଖରେ କଟକରେ ଅନୁଷ୍ଠିତ ହେବ । ଇଚ୍ଛୁକ ବ୍ୟକ୍ତି ଏଆଇଏଫ୍‌ଏଫର ପୋର୍ଟାଲରେ ନାମ ପଞ୍ଜୀକରଣ କରି ପାରିବେ । ତେବେ ପଞ୍ଜୀକରଣ କରିବାକୁ ଥିବା ବ୍ୟକ୍ତିମାନେ ଅତିକମରେ ଏଆଇଏଫଏଫ 'ଡି' ଲାଇସେନ୍ସ ଯୋଗ୍ୟତା ହାସଲ କରିଥିବା ଉଚିତ । ଆସନ୍ତା ୨୨ ତାରିଖ ପଞ୍ଜୀକରଣର ଶେଷ ତାରିଖ ରହିଛି ।

# ଅଷ୍ଟ୍ରେଲିଆନ୍ ଓପନ୍‌ରେ ବିପର୍ଯ୍ୟୟର ଦିନ

## ଫେଡରର, କର୍ବର, ଶାରାପୋଭା, ସିଲିକ୍‌ଙ୍କ ପରାଜୟ

ମେଲବୋର୍ନ, ୨୦।୧(ଏଏଫ୍‌ପି)

ଚଳିତ ବର୍ଷର ପ୍ରଥମ ଗ୍ରାଣ୍ଡସ୍ଲାମ ଅଷ୍ଟ୍ରେଲିଆନ୍ ଓପନ୍‌ର ୭ମ ଦିବସ ବେଶ୍ ଘଟଣା ବହୁଳ ରହିଥିଲା। ବିଶେଷ କରି ରବିବାର ବିପର୍ଯ୍ୟୟର ଦିନ ଥିଲା କହିଲେ ମଧ୍ୟ କିଛି କମ୍ ହେବନାହିଁ। କ୍ୟାରିୟରର ରେକର୍ଡ ୭ମ ଥର ପାଇଁ ଅଷ୍ଟ୍ରେଲିଆନ ଓପନ୍ ଟାଇଟଲ ଜିତିବା ଲକ୍ଷ୍ୟରେ ରହିଥିବା ଡିଫେଣ୍ଡିଂ ଚାମ୍ପିୟନ ରୋଜର ଫେଡରରଙ୍କୁ ପରାଜୟର ସାମ୍ନା କରିବାକୁ ପଡ଼ିଛି। ସ୍ଥାନୀୟ ରଡ୍ ଲାଭର ଏରେନାଠାରେ ଖେଳାଯାଇଥିବା ପୁରୁଷ ସିଙ୍ଗଲ୍ସ ୪ର୍ଥ ରାଉଣ୍ଡର ଏକ ମ୍ୟାଚ୍‌ରେ ୩୭ ବର୍ଷୀୟ ସୁଇସ୍ ତାରକା ଫେଡରର ନିଜଠାରୁ ୨୦ ବର୍ଷ ସାନ ଗ୍ରୀକର ଷ୍ଟିଫାନୋସ ସିତ୍‌ସିପାସଙ୍କ ନିକଟରୁ ହାରିଯାଇଛନ୍ତି। ଷ୍ଟିଫାନୋସ ଏହି ମ୍ୟାଚ୍‌କୁ ୬-୭(୧୧/୧୩), ୭-୬ (୭/୩), ୭-୫, ୭-୬ (୭/୫) ସେଟ୍‌ରେ ଜିତି କ୍ୱାର୍ଟର ଫାଇନାଲରେ ସ୍ଥାନ ପକ୍କା କରିଛନ୍ତି। ମହିଳା ସିଙ୍ଗଲ୍ସରେ ମଧ୍ୟ ବିପର୍ଯ୍ୟୟ ଦେଖିବାକୁ ମିଳିଛି। ଚତୁର୍ଥ ରାଉଣ୍ଡର ଏକ ମ୍ୟାଚ୍‌ରେ ବିଶ୍ୱର ୨ ନମ୍ବର ମାନ୍ୟତା ଆଞ୍ଜେଲିକ କର୍ବର ପରାଜୟବରଣ କରିଛନ୍ତି। ଆମେରିକାର ଡାନିଏଲ୍ କୋଲିନ୍ସ ୬-୦, ୬-୨ ସିଧାସଳଖ ସେଟ୍‌ରେ ୱିମ୍ବଲଡନ ଚାମ୍ପିୟନ କର୍ବରଙ୍କୁ ହରାଇ ବିଦାୟର ରାସ୍ତା ଦେଖାଇଛନ୍ତି। ସେହିଭଳି ୫ଥର ଗ୍ରାଣ୍ଡସ୍ଲାମ ବିଜୟିନୀ ତଥା ରୁଷୀୟ ଟେନିସ ସୁନ୍ଦରୀ ମାରିଆ ଶାରାପୋଭା ମଧ୍ୟ ନିଜ ମୁକାବିଲାରେ ହାରିଯାଇଛନ୍ତି। ଅଷ୍ଟ୍ରେଲିଆର ଆଶଲୀ ବାର୍ଟିଙ୍କ ୪-୬, ୬-୧, ୬-୪ ସେଟ୍‌ରେ ଶାରାପୋଭାଙ୍କୁ ମାତ୍ ଦେଇଅନ୍ତିମ-୮ରେ ପ୍ରବେଶ କରିଛନ୍ତି।

ପୁରୁଷ ସିଙ୍ଗଲ୍ସରେ ୬ଷ୍ଠ ସିଡ୍ ମାରିନ ସିଲିକ ୭-୬ (୮/୬), ୩-୬, ୨-୬, ୬-୪, ୪-୬ ସେଟ୍‌ରେ ସ୍ପେନର ରର୍ବଟ ବୌତିସ୍ତାଙ୍କ ନିକଟରୁ ହାରି ଅଭିଯାନ ଶେଷ କରିଛନ୍ତି। ତେବେ ଦ୍ୱିତୀୟ ସିଡ୍ ରାଫାଲ ନାଡାଲ ୬-୦, ୬-୧, ୭-୬ (୭/୪)ରେ ବିଶ୍ୱର ପ୍ରାକ୍ତନ ୪ ନମ୍ବର ମାନ୍ୟତାପ୍ରାପ୍ତ ଖେଳାଳି ଥୋମାସ ବର୍ଡିଚ୍‌ଙ୍କୁ ପରାସ୍ତ କରି କ୍ୱାର୍ଟର ଫାଇନାଲରେ ସ୍ଥାନ ପକ୍କା କରିଛନ୍ତି। ବୁଲଗେରିଆର ଗ୍ରିଗୋର ଦିମିତ୍ରୋଭା ୫-୭, ୬-୭ (୬/୮), ୭-୬ (୭/୧), ୫-୭ ସେଟ୍‌ରେ ଯୁବ ଆମେରିକୀୟ ଖେଳାଳି ଫ୍ରାନସେସ ତିଆଫୋଏଙ୍କ ନିକଟରୁ ହାରିଯାଇଛନ୍ତି।



ରୋଜର ଫେଡରର



ଆଞ୍ଜେଲିକ କର୍ବର

### କ୍ରିକେଟରୁ କ୍ୱାର୍ଟର ଫାଇନାଲ



ମେଲବୋର୍ନ, ୨୦।୧

ଅଷ୍ଟ୍ରେଲିଆନ୍ ଓପନ୍ ମହିଳା ସିଙ୍ଗଲ୍ସ କ୍ୱାର୍ଟର ଫାଇନାଲରେ ପ୍ରବେଶ କରିଛନ୍ତି ଘରୋଇ ତାରକା ଆସ୍‌ଲେଇଘ ବାର୍ଟି। ରବିବାର ଖେଳାଯାଇଥିବା ୪ର୍ଥ ରାଉଣ୍ଡର ଏକ ମୁକାବିଲାରେ ୨୪ ବର୍ଷୀୟା ବାର୍ଟି ୪-୬, ୬-୧, ୬-୪ ସେଟ୍‌ରେ ପାଞ୍ଚଥର ଗ୍ରାଣ୍ଡସ୍ଲାମ ବିଜୟିନୀ ମାରିଆ ଶାରାପୋଭାଙ୍କୁ ପରାସ୍ତ କରିଛନ୍ତି। ବାର୍ଟି ଅଷ୍ଟ୍ରେଲିଆର ମହିଳା ସିଙ୍ଗଲ୍ସ ଓ ଡବଲ୍ସର ଏକ ନମ୍ବର ମାନ୍ୟତାପ୍ରାପ୍ତ ଖେଳାଳି। ତେବେ ବାର୍ଟିଙ୍କ ବିଷୟରେ ସବୁଠାରୁ ରୋଚକ କଥା ହେଉଛି, ସେ ମଧ୍ୟ ଜଣେ ପ୍ରଫେଶନାଲ କ୍ରିକେଟ ଖେଳାଳି। ୨୦୧୧ରେ ୱିମ୍ବଲଡନ ବାଳିକାବର୍ଗ (ଜୁନିୟର) ଟାଇଟଲ ଜିତିଥିବା ବାର୍ଟି ୨୦୧୪ରେ ପ୍ରଫେଶନାଲ ଟେନିସରୁ ବିଶ୍ରାମ ନେଇ ଅଷ୍ଟ୍ରେଲିଆର ଘରୋଇ ଟି୨୦ ଲିଗ୍ କ୍ରିକେଟ ଟୁର୍ନାମେଣ୍ଟ ବିଗ୍ ବାସ୍ ଲିଗ୍ (ବିବିଏଲ୍)ରେ ବ୍ରିସବେନ ହିଟ୍ସ ପକ୍ଷରୁ ପୁରା ସିଜନ ମ୍ୟାଚ୍ ଖେଳିଥିଲେ। ଦୁଇବର୍ଷ କାଳ କ୍ରିକେଟରେ ଅତିବାହିତ କରିବା ପରେ ବାର୍ଟି ପୁଣିଥରେ ଟେନିକ କୋର୍ଟକୁ ପ୍ରତ୍ୟାବର୍ତ୍ତନ କରିଛନ୍ତି। ଦଶନ୍ଧିର ପ୍ରଥମ ଅଷ୍ଟ୍ରେଲିଆ ଖେଳାଳିଭାବେ ଅଷ୍ଟ୍ରେଲିଆନ୍ ଓପନ୍ କ୍ୱାର୍ଟର ଫାଇନାଲକୁ ପ୍ରବେଶ କରି ସେ ସମସ୍ତଙ୍କ ଦୃଷ୍ଟି ଆକର୍ଷଣ କରିବାରେ ସଫଳ ହୋଇଛନ୍ତି।

### ପ୍ରୋ-ହକି ଲିଗ୍ ପାଇଁ ପାକିସ୍ତାନର ନୂଆ ଦଳ

କରାଚୀ,୨୦।୧(ପି.ଟି.)

ଆସନ୍ତା ମାସରେ ଆରମ୍ଭ ହେବାକୁଥିବା ଏଫ୍‌ଆଇଏଚ୍ ପ୍ରୋ- ଲିଗ୍ ସିରିଜ ପାଇଁ ପାକିସ୍ତାନ ଚୟନକର୍ତ୍ତାମାନେ ରବିବାର ଦେଶର ହକି ଦଳ ଘୋଷଣା କରିଛନ୍ତି। ସେମାନେ ଅଧିନାୟକ ମହମ୍ମଦ ରିଜୱାନ(ସିନିୟର)ଙ୍କ ସମେତ ନିକଟରେ ବିଶ୍ୱକପ୍‌ରେ ନୈରାଶ୍ୟଜନକ ପ୍ରଦର୍ଶନ କରିଥିବା ଦଳର ୧୧ଜଣ ଖେଳାଳିଙ୍କୁ ବାଦ୍ ଦେଇଛନ୍ତି। ଦଳ ମନୋନୟନ ପାଇଁ ଇସ୍‌ଲାମାବାଦ୍‌ଠାରେ ଟ୍ରାଏଲ୍ ଅନୁଷ୍ଠିତ ହୋଇଥିଲା। ନୂଆରୂପ ଦିଆଯାଇଥିବା ୧୮ ଜଣିଆ ପାକିସ୍ତାନ ଦଳର ନେତୃତ୍ୱ ନେବେ ମିଡ୍ ଫିଲ୍ଡର ଅଲି ଶାନ୍। ପ୍ରୋ-ଲିଗ୍ ସିରିଜ ଆସନ୍ତା ୬ମାସ ମଧ୍ୟରେ ଆର୍ଜେଣ୍ଟିନା, ଅଷ୍ଟ୍ରେଲିଆ, ନ୍ୟୁଜିଲାଣ୍ଡ ଏବଂ ୟୁରୋପୀୟ ଦେଶଗୁଡ଼ିକରେ ହେବ। ୨୫ ବର୍ଷୀୟ ଅଲି ଶାନ ଦେଶ ତରଫରୁ ୧୩୫ ଅନ୍ତର୍ଜାତୀୟ ମ୍ୟାଚ ଖେଳି ସାରିଛନ୍ତି। ଗତ ବର୍ଷ ନଭେମ୍ବର-ଡିସେମ୍ବରରେ ଭୁବନେଶ୍ୱରରେ ୧୬ଟି ଦେଶକୁ ନେଇ ଅନୁଷ୍ଠିତ ବିଶ୍ୱକପ୍‌ରେ ପାକିସ୍ତାନ ଗୋଟିଏ ହେଲେ ମ୍ୟାଚ ନ ଜିତି ୧୧ତମ ସ୍ଥାନରେ ରହିଥିଲା। ମେଗା ଇଭେଣ୍ଟରେ ଖରାପ ପ୍ରଦର୍ଶନ ପାଇଁ ଟିମ୍ ମ୍ୟାନେଜର ହସନ ସର୍ଦ୍ଦାର ସିନିୟର ଖେଳାଳିମାନଙ୍କୁ ଦାୟୀ କରିଥିଲେ। କୌତୂହଳର କଥା ହେଲା ଆର୍ଥିକ ସଂକଟ ଯୋଗୁ ପ୍ରୋ-ଲିଗ୍‌ରେ ପାକିସ୍ତାନ ହକି ଦଳର ଅଂଶଗ୍ରହଣ ଏବେ ଅନିଶ୍ଚିତ ଅବସ୍ଥାରେ ରହିଛି। ଦଳରୁ ବାଦ୍ ପଡ଼ିଥିବା ଖେଳାଳିମାନେ ହେଲେ ମଝର ଆବାସ, ଇରଫାନ ସିନିୟର, ମହମ୍ମଦ ତୌସିକ୍ ଅର୍ସାଦ, ରଶିଦ୍ ମେହେମୁଦ୍, ଅଜାଜ ଅହମ୍ମଦ, ଅମାଦ ସକିଲ ବଟ୍, ଇରଫାନ ଜୁନିୟର, ତାସାୱାର ଆବାସ, ଉମାର ଭୁଟା ଏବଂ ମହମ୍ମଦ ଜୁବେର। ଗୋଲକିପର ଇମରାନ ବଟ୍ ୨୦୧୮ ବିଶ୍ୱକପ୍ ପରେ ଅବସର ନେଇଯାଇଥିଲେ।

# ଲାଗଟ୍, ୱର୍କନେଶଙ୍କୁ ଟାଇଟଲ

## ମୁମ୍ବାଇ ମାରାଥନ

ମୁମ୍ବାଇ,୨୦।୧ (ପି.ଟି.)

ଚାରି ଲକ୍ଷ ୫ ହଜାର ଆମେରିକୀୟ ଡଲାର ପୁରସ୍କାର ରାଶିବିଶିଷ୍ଟ ଟାଟା ମୁମ୍ବାଇ ମାରାଥନ ରବିବାର ଅନୁଷ୍ଠିତ ହୋଇଯାଇଛି। କେନିଆର କସ୍‌ମସ ଲାଗଟ୍ ଓ ଇଥିଓପିଆର ୱର୍କନେଶ ଅଲେମୁ ଭାରତର ଏହି ଶ୍ରେଷ୍ଠ ମାରାଥନରେ ଯଥାକ୍ରମେ ପୁରୁଷ ଓ ମହିଳା ବର୍ଗରେ ଚାମ୍ପିୟନ ହୋଇଛନ୍ତି। ୨୦୧୬ ସେଭିଲା ମାରାଥନ ଚାମ୍ପିୟନ ଲାଗଟ୍ ୪୨.୧୯୫ କି.ମି. ବିଶିଷ୍ଟ ଏହି ଦୂରତାକୁ ୨ ଘଣ୍ଟା ୯ ମିନିଟ୍ ୧୫ ସେକେଣ୍ଡରେ ଶେଷ କରି ଟ୍ରଫି ହାସଲ କରିଥିଲେ। ୧୬ ବର୍ଷର ମୁମ୍ବାଇ ମାରାଥନ ଇତିହାସରେ ଏହା ୨ୟ ଶ୍ରେଷ୍ଠ ଟାଇମିଂ ଥିଲା। ୨୦୧୬ରେ କେନିଆର ଅନ୍ୟତମ ଧାବକ ଗିଡିଅନ କିପ୍‌କେଟର ଏହି ଦୂରତାକୁ ୨:୦୮:୩୫ ରେ ଫିନିଶ କରିଥିଲେ, ଯାହା ଟୁର୍ନାମେଣ୍ଟର ଅଦ୍ୟାବଧି ଶ୍ରେଷ୍ଠ ଟାଇମିଂ ରହିଛି। ଇଥିଓପିଆର ଦୁଇ ଧାବକ ଆଚିଉ ବଣ୍ଟି (୨:୧୦:୦୫) ଓ ଏକଲନ୍ୟୁ ଶମେଟ୍ (୨:୧୦:୧୪) ଯଥାକ୍ରମେ ରୌପ୍ୟ ଓ ବ୍ରୋଞ୍ଜ ପଦକ ଜିତିଥିଲେ। ମହିଳା ବର୍ଗରେ ପ୍ରଥମ ୩ଟି ସ୍ଥାନ ଇଥିଓପିଆର ଧାବିକାମାନେ ଅକ୍ତିଆର କରିନେଇଥିଲେ। ଇଥିଓପିଆର ଅଲେମୁ ୨:୨୫:୪୫ ସେକେଣ୍ଡରେ ରେସ୍ ସମାପ୍ତ କରି ସ୍ୱର୍ଣ୍ଣ ପଦକ ହାସଲ କରିଥିବାବେଳେ ଅମାନେ ଗୋବେନା (୨:୨୬:୦୯) ଓ ବିର୍କି ଡେବେଲେ (୨:୨୬:୩୯) ଯଥାକ୍ରମେ ୨ୟ ଓ ୩ୟ ସ୍ଥାନ ହାସଲ କରିଥିଲେ।

### ହସ୍ପିଟାଲରେ ୧୫ ଧାବକ

ମୁମ୍ବାଇ,୨୦।୧

ରବିବାର ଅନୁଷ୍ଠିତ ମୁମ୍ବାଇ ମାରାଥନ ବେଳେ ୩୨୨୬ ଜଣ ଧାବକ ଡାକ୍ତରୀ ସହାୟତା ଲୋଡ଼ିଥିଲେ। ଏମାନଙ୍କ ମଧ୍ୟରୁ ଅଧିକାଂଶ ମାଂସପେଶୀ ଏବଂ ଶରୀରରେ ଜଳୀୟ ଅଂଶ ଅଭାବଜନିତ ସମସ୍ୟା ଅନୁଭବ କରିଥିଲେ। ୧୫ଜଣଙ୍କୁ ହସ୍ପିଟାଲରେ ଭର୍ତ୍ତି ହେବାକୁ ପଡ଼ିଥିଲା। ୧୩ ଜଣ ପ୍ରାଥମିକ ଚିକିତ୍ସା ପରେ ଡାକ୍ତରଖାନାରୁ ଛାଡ଼ ପାଇଥିଲେ। ମାରାଥନ ବେଳେ ଡାକ୍ତରୀ ସହାୟତା ଯୋଗାଇଦେଇଥିବା ଏସିଆନ ହାର୍ଟ ଇନଷ୍ଟିଚ୍ୟୁଟ୍‌ର ଡାକ୍ତର ବିଜୟ ଡି'ସିଲ୍‌ଭା କହିଛନ୍ତି, ପ୍ରବଳ ଧୂଳି ସହିତ ବର୍ତ୍ତମାନର ଜଳବାୟୁ ମାରାଥନ ଧାବକଙ୍କ ପାଇଁ ସମସ୍ୟା ସୃଷ୍ଟି କରିଥିଲା। ଏ ବର୍ଷ ତୁଳନାରେ ଗତବର୍ଷ ଅଧିକ ସଂଖ୍ୟକ ଧାବକ ଜଳୀୟଅଂଶ ଅଭାବଜନିତ ସମସ୍ୟା ଅନୁଭବ କରିଥିଲେ। ୩ଜଣ ଧାବକ ତଳେ ପଡ଼ି ଆହତ ହୋଇଥିଲେ। ଜଣଙ୍କ ମୁଣ୍ଡରେ ଷ୍ଟିଚ୍ କରିବାକୁ ପଡ଼ିଥିଲା।

# ବାଙ୍କୀ ଆଥ୍‌ଲେଟିକ ଆସୋସିଏଶନ୍ ଚାମ୍ପିୟନ

ବାଙ୍କୀ, ୨୦।୧ (ସ୍ୱ.ପ୍ର)

ବାଙ୍କୀ ବ୍ଲକ ଅନ୍ତର୍ଗତ ପଥୁରୀପଡ଼ା ମହାବେରଣା କ୍ଲବ ଆନୁକୂଲ୍ୟରେ ଚାଲିଥିବା ରାଜ୍ୟସ୍ତରୀୟ ହରିଶ୍ଚନ୍ଦ୍ର ମିଶ୍ର କ୍ରିକେଟ ଟୁର୍ନାମେଣ୍ଟ ଉଦ୍‌ଯାପିତ ହୋଇଯାଇଛି। ରବିବାର ପ୍ରତିଯୋଗିତାର ଫାଇନାଲ ଖେଳ ରବିବାର ବାଙ୍କୀ ଆଥଲେଟିକ ଆସୋସିଏଶନ୍ ଓ ବୈଦେଶ୍ୱର ଦିଶା କ୍ଲବ ମଧ୍ୟରେ ହୋଇଥିଲା। ଏଥିରେ ପ୍ରଥମେ ବ୍ୟାଟିଂ କରି ବୈଦେଶ୍ୱର ଦିଶାଦଳ ନିର୍ଦ୍ଧାରିତ ୨୦ଓଭର ମଧ୍ୟରୁ ୧୭.୩ ଓଭରରେ ସମସ୍ତ ଉଇକେଟ ହରାଇ ୧୭୬ ରନ୍ କରିଥିଲା। ଦଳ ପକ୍ଷରୁ ପ୍ରଦ୍ୟୁମ୍ନ ପ୍ରଧାନ ୬୫ ଓ ଗଣେଶ୍ୱର ମହାପାତ୍ର ୨୦ ରନ୍ କରିଥିଲେ। ବିପକ୍ଷ ଦଳର ଅସୀମାନନ୍ଦ ଦଳବେହେରା ୫ ଉଇକେଟ୍ ନେଇଥିଲେ। ଜବାବରେ ବାଙ୍କୀ ଆଥଲେଟିକ ଆସୋସିଏଶନ୍ ୧୯.୧ ଓଭରରେ ୭ ଉଇକେଟ ବିନିମୟରେ ୧୭୯ ରନ କରି ମ୍ୟାଚ ଜିତିନେଇଥିଲା। ଦଳ ପକ୍ଷରୁ ଆଦର୍ଶ ମହାପାତ୍ର ୫୬, ସାଗର ବେହେରା ୩୩ ରନ କରିଥିଲେ। ବିପକ୍ଷ ଦଳର ସନାତନ ଖଟୁଆ ଓ ବିବେକ ନାୟକ ୨ଟି ଲେଖାଏଁ ଉଇକେଟ ନେଇଥିଲେ। ଅସୀମା ନନ୍ଦ ଦଳବେହେରା ମ୍ୟାନ ଅଫ୍ ଦି ମ୍ୟାଚ୍ ଏବଂ ଆଦର୍ଶ ମହାପାତ୍ର ମ୍ୟାନ ଅଫ୍ ଦି ସିରିଜ୍ ହୋଇ ମୁଖ୍ୟ ଅତିଥିଙ୍କ ଠାରୁ ପୁରସ୍କାର ଗ୍ରହଣ କରିଥିଲେ। ଏହି ଉପଲକ୍ଷେ ଆୟୋଜିତ ଉଦ୍‌ଯାପନୀ ଉତ୍ସବରେ ମୁଖ୍ୟ ଅତିଥିଭାବେ ବିଧାୟକ ପ୍ରଭାତ କୁମାର ତ୍ରିପାଠୀ, ଅରିନ୍ଦମ୍ ରାୟ, ନରସିଂହ ଦାସ, ପୁଷ୍ପଲତା ସାମନ୍ତ, ପ୍ରଶାନ୍ତ ପାଣିଗ୍ରାହୀ, ସୁବାସ ଚନ୍ଦ୍ର ପାଢ଼ୀ, ସମରେନ୍ଦ୍ର ମହାପାତ୍ର ପ୍ରମୁଖ ସମ୍ମାନିତ ଅତିଥିଭାବେ ଯୋଗଦେଇଥିଲେ। ମୁଖ୍ୟ ଅତିଥି ଖେଳାଳିମାନଙ୍କୁ ଉତ୍ସାହିତ କରିବା ସହିତ ରନର୍ସ ଦଳକୁ ୫ ହଜାର ଟଙ୍କା ଅର୍ଥରାଶି ଓ ଟ୍ରଫି ପ୍ରଦାନ କରିଥିବା ବେଳେ ବିଜୟୀ ଦଳ ବାଙ୍କୀକୁ ୧୦ ହଜାର ଟଙ୍କା ଓ ଟ୍ରଫି ପ୍ରଦାନ କରିଥିଲେ। ସୁଧିରଞ୍ଜନ ପଣ୍ଡା ଓ ପ୍ରଦୀପ ସାହୁ ଫାଇନାଲ ଖେଳକୁ ପରିଚାଳନା କରିଥିଲେ। ସ୍କୋରର ଭାବେ ପ୍ରଭାତ ରଞ୍ଜନ ପଣ୍ଡା କାର୍ଯ୍ୟ ତୁଲାଇଥିଲେ ହରିଶ୍ଚନ୍ଦ୍ର ତ୍ରିପାଠୀ ଓ ମନୋଜ ରାଉତ ଧାରା ବିବରଣୀ ପ୍ରଦାନ କରିଥିଲେ। ସମ୍ପାଦକ ସଦାଶିବ ଦାଶ ବିବରଣୀ ପାଠ କରିବା ସହ ଧନ୍ୟବାଦ ଅର୍ପଣ କରିଥିଲେ।




ବାଙ୍କୀ ଦଳର ଅଧିନାୟକ ପୁରସ୍କାର ଗ୍ରହଣ କରୁଛନ୍ତି।

# ଓଡ଼ିଶା ପ୍ରିମିୟର ଲିଗ୍ ଜିତିଲା ଚିଲିକା

ଭୁବନେଶ୍ୱର, ୨୦।୧(ସ୍ପୋର୍ଟ୍ସ ବ୍ୟୁରୋ)

ଓଡ଼ିଶା ୟୁଥ୍ ଆନୁକୂଲ୍ୟରେ ବାଙ୍ଗାଲୋର ସମ୍ପସିଦ୍ଧି ସ୍ପୋର୍ଟ୍ସ ଗ୍ରାଉଣ୍ଡରେ ଅନୁଷ୍ଠିତ ଓଡ଼ିଶା ପ୍ରିମିୟର ଲିଗ୍ (ଓପିଏଲ୍) ରବିବାର ଉଦ୍‌ଯାପିତ ହୋଇଯାଇଛି। ଫାଇନାଲ ମ୍ୟାଚ୍‌ରେ ବ୍ରହ୍ମପୁର ଟାଇଗର୍ସକୁ ୫ ଉଇକେଟ୍‌ରେ ପରାସ୍ତ କରି ଟେଅକ୍ ଚିଲିକା ଇଲେଭେନ ଚଳିତ ବର୍ଷର ଚାମ୍ପିୟନ ଆଖ୍ୟା ଅର୍ଜନ କରିଛି। ଏହି ମ୍ୟାଚ୍‌ରେ ପ୍ରଥମେ ବ୍ୟାଟିଂ କରି ବ୍ରହ୍ମପୁର ୧୫ ଓଭରରେ ୯ ଉଇକେଟ୍ ହରାଇ ୧୪୪ ରନ କରିଥିଲା। ଜବାବରେ ଚିଲିକା ୧୪.୨ ଓଭରରେ ୫ ଉଇକେଟ୍ ହରାଇ ବିଜୟ ହାସଲ କରିନେଇଥିଲା। ୪୫ ବଲରୁ ୮୧ ରନ କରିଥିବା ଅଙ୍କିତ ଦାବସ ଉଭୟ ମ୍ୟାଚ୍ ଓ ଟୁର୍ନାମେଣ୍ଟର ଶ୍ରେଷ୍ଠ ଖେଳାଳି ବିବେଚିତ ହୋଇଥିଲେ। ଅଙ୍କିତ ଏହି ଟୁର୍ନାମେଣ୍ଟରେ ମୋଟ୍ ୨୬୫ ରନ କରିଥିଲେ। ପୂର୍ବରୁ ଖେଳାଯାଇଥିବା ପ୍ରଥମ ସେମିଫାଇନାଲରେ ଚିଲିକା ୨ ରନରେ ସମ୍ବଲପୁର ପାଇରେଟ୍ସକୁ ପରାସ୍ତ କରି ଫାଇନାଲରେ ପ୍ରବେଶ କରିଥିଲା। ଚିଲିକା ପକ୍ଷରୁ ଧାର୍ଯ୍ୟ ୧୮୨ ରନର ଟାର୍ଗେଟ୍‌କୁ ପିଛା କରି ସମ୍ବଲପୁର ୯ ଉଇକେଟ୍ ବିନିମୟରେ ୧୭୯ ରନ କରିପାରିଥିଲା। ସେହିପରି ୨ୟ ସେମିଫାଇନାଲରେ ବ୍ରହ୍ମପୁର ୪୮ ରନରେ ପୁରୀ ଲାୟନ୍ସକୁ ମାତ୍ ଦେଇଥିଲା। ଏହି ମ୍ୟାଚ୍‌ରେ ବ୍ରହ୍ମପୁର ପ୍ରଥମେ ବ୍ୟାଟିଂ କରି ୨୦ ଓଭରରେ ୧୭୫ ରନ କରି ଅଲ୍‌ଆଉଟ୍ ହୋଇଥିଲା। ଏହାର ପିଛା କରି ପୁରୀ ୬ ଉଇକେଟ୍‌ରେ ୧୨୭ ରନ କରିପାରିଥିଲା। ଆୟୋଜକ ଓଡ଼ିଶା ୟୁଥର ସଦସ୍ୟ ଭରତ ମହାପାତ୍ର, ଦେବେନ୍ଦ୍ର ଦାସ, ମନ୍ମଥ ରାୟ, ସୁନୀଲ କୁମାର ମଲିକ, ସଞ୍ଜୀବ ଦାଶ, ଆକାଶ ଦାଶ, ସୁନୀଲ କୁମାର ନାୟକ, ଗୋପୀନାଥ ବିଶ୍ୱାଳ, ଅରୁନ ଗୋଲ୍ଡେନ, ସୀତାଂଶୁ ମହାପାତ୍ର ପ୍ରମୁଖ ଟୁର୍ନାମେଣ୍ଟ ପରିଚାଳନାରେ ସହଯୋଗ କରିଥିଲେ।




ଚାମ୍ପିୟନ ଟେଅକ୍ ଚିଲିକା ଇଲେଭେନ ଦଳ ଅତିଥିଙ୍କ ସହ ।

ଜୋସ ଓ ଧୂମ ମଚେଇବା ପାଇଁ ଆସିଗଲା
ଛୋଟ ଇନ୍ଦ୍ରୀୟ ଚିନ୍ତା କାହିଁକି ?




କାମ ନ କଲେ ଅର୍ଥ ଫେରସ୍ତ
Love Square Capsules
ବ୍ୟବହାର କରିବା ମାତ୍ରେ ହିଁ ପ୍ରଭାବ ଆରମ୍ଭ
କ୍ୟାପସୁଲ ସହିତ ଇନ୍ଦ୍ରୀୟ ବର୍ଦ୍ଧକ ଯନ୍ତ୍ର ମାଗଣା।
ଏହି କ୍ୟାପ୍‌ସୁଲ ନିୟମିତ ସେବନଦ୍ୱାରା ଉର୍ଯ୍ୟା ବଢିବା ସହିତ ସହବାସରେ ଉତ୍ସାହ ମଧ୍ୟ ବଢିଥାଏ। ସପ୍ନଦୋଷ, ଶିଘ୍ର ପତନ, ଉତ୍ତେଜନାର ଅଭାବ, ନପୁଂସକତା, ଇନ୍ଦ୍ରୀୟର ପତଳାପଣ, ତଥା ଦୁର୍ବଳତା ଦୂର କରିବା ସହ ସମୟକୁ ବଢାଇଥାଏ।
(ସୌଖିନ ଲୋକ ବି ଥରେ ନିଶ୍ଚୟ ବ୍ୟବହାର କରନ୍ତୁ)
HERBAL CARE
Mob : 7462930397
8227874192



"ଦକ୍ଷିଣ ଆଫ୍ରିକା ବିପକ୍ଷ ୩ ମ୍ୟାଚ ବିଶିଷ୍ଟ ଟେଷ୍ଟ ସିରିଜରେ ଜାତୀୟ ଦଳର ଖରାପ ପ୍ରଦର୍ଶନ ନେଇ ତଦନ୍ତ ହେବା।
– ଏହେସାନ ମନି, ପାକିସ୍ତାନ କ୍ରିକେଟ ବୋର୍ଡ ଚେୟାରମ୍ୟାନ



"ଇଂଲଣ୍ଡରେ ଆଇସିସି ବିଶ୍ୱକପ୍ ପାଇଁ ଗ୍ଲେନ ମାକ୍ସୱେଲ ଅଷ୍ଟ୍ରେଲିଆ କ୍ରିକେଟ ଦଳକୁ ସଫଳ ନେତୃତ୍ୱ ଦେଇପାରିବେ।
–ମିଚେଲ ଜନସନ, ପୂର୍ବତନ ଅଷ୍ଟ୍ରେଲିଆ କ୍ରିକେଟର

## ସଂକ୍ଷେପରେ

### ଜ୍ୟାକବ ମାର୍ଟିନଙ୍କ ଅବସ୍ଥା ସଙ୍କଟାପନ୍ନ

ନୂଆଦିଲ୍ଲୀ,୨୦।୧:ପୂର୍ବତନ ଭାରତୀୟ କ୍ରିକେଟର ଜ୍ୟାକବ ମାର୍ଟିନଙ୍କ ସ୍ୱାସ୍ଥ୍ୟବସ୍ଥା ସଙ୍କଟାପନ୍ନ ରହିଛି। ସେ ଏବେ ବଡୋଦରା ମେଡିକାଲରେ ଚିକିତ୍ସିତ ହେଉଛନ୍ତି। ୪୬ ବର୍ଷୀୟ ପୂର୍ବତନ କ୍ରିକେଟରଙ୍କ ଚିକିତ୍ସା ଲାଗି ଏବେ ଅର୍ଥ ଅଭାବ ପଡ଼ିଛି। ସେ ଅନ୍ତର୍ଜାତୀୟ ସ୍ତରରେ ୧୦ ଦିନିକିଆ ମ୍ୟାଚ୍ ଖେଳିଥିଲେ। ଜ୍ୟାକବ ଗତ ୨୮ ତାରିଖରେ ଦୁର୍ଘଟଣାର ସମ୍ମୁଖୀନ ହୋଇଥିଲେ। ଏଥିରେ ତାଙ୍କର ଫୁସ୍‌ଫୁସ ଓ ଲିଭର କ୍ଷତିଗ୍ରସ୍ତ ହୋଇଛି। ସେ ଏବେ ଭେଣ୍ଟିଲେଟରରେ ଅଛନ୍ତି। ମାର୍ଟିନଙ୍କ ସ୍ତ୍ରୀ ମେଡିକାଲରେ ଅଧିକ ଖର୍ଚ୍ଚ ହେଉଥିବାରୁ ଭାରତୀୟ କ୍ରିକେଟ କଣ୍ଟ୍ରୋଲ ବୋର୍ଡ (ବିସିସିଆଇ) ସହାୟତା ଲୋଡ଼ିଛନ୍ତି। ଏପର୍ଯ୍ୟନ୍ତ ବିସିସିଆଇ ପକ୍ଷରୁ ସହାୟତା ବାବଦକୁ ୫ ଲକ୍ଷ ଟଙ୍କା ପ୍ରଦାନ କରାଯାଇଥିବା ପୂର୍ବତନ ବିସିସିଆଇ ଓ ବରୋଦା କ୍ରିକେଟ ଆସୋସିଏଶନ (ବିସିଏ) ସମ୍ପାଦକ ସଞ୍ଜୟ ପଟେଲ କହିଛନ୍ତି। ତାଙ୍କ ମେଡିକାଲ ଚିକିତ୍ସା ବାବଦକୁ ଏପର୍ଯ୍ୟନ୍ତ ୧୧ ଲକ୍ଷ ଟଙ୍କା ଖର୍ଚ୍ଚ ହୋଇସାରିଛି। ବିସିସିଆଇ ପକ୍ଷରୁ ସିଧାସଳଖ ଅର୍ଥ ପୈଠ କରାଯିବା ପରେ ଚିକିତ୍ସା ଜାରି ରହିଛି ବୋଲି ପଟେଲ କହିଛନ୍ତି। ଏଥିସହ ପୂର୍ବତନ ପେସର ଜାହିର ଖାଁ ଓ ପଠାନ ଭ୍ରାତାମାନେ ଆର୍ଥିକ ସହାୟତା ଦେବାକୁ ପ୍ରସ୍ତୁତ ବୋଲି ସେ କହିଛନ୍ତି। ଉଲ୍ଲେଖଥାଉ କି, ଜ୍ୟାକବଙ୍କ ନେତୃତ୍ୱରେ ବରୋଦା ପ୍ରଥମ ଥର ପାଇଁ ରଣଜୀ ଟ୍ରଫି ଜିତିଥିଲା।

### ବିହାରୀଲାଲ ସ୍ମାରକୀ କ୍ରିକେଟ ଉଦ୍‌ଘାଟିତ

ପୁରୁଣା ଭୁବନେଶ୍ୱର, ୨୦।୧ (ଡି.ଏନ.ଏ.): ପୋଖରୀପୁଟଠାରେ ବିହାରୀଲାଲ ଜେନା ସ୍ମାରକୀ ଟି୨୦ କ୍ରିକେଟ ଟୁର୍ନାମେଣ୍ଟ ରବିବାର ଉଦ୍‌ଘାଟିତ ହୋଇଛି। ପ୍ରଥମ ଦିବସରେ ଅନୁଷ୍ଠିତ ୨ଟି ମ୍ୟାଚରେ ପ୍ରଗତି ଓ ସହିଦ ସ୍ପୋର୍ଟିଂ ବିଜୟ ହାସଲ କରିଛନ୍ତି। ପ୍ରଥମ ମ୍ୟାଚରେ ସ୍କାନ ୨୦ ଓଭରରେ ୧୧୭ ରନ କରି ଅଲ୍‌ଆଉଟ ହୋଇଥିଲା। ଜବାବରେ ପାରାମାଉଣ୍ଟ ୧୭ ଓଭରରେ ୮ ଉଇକେଟ ହରାଇ ବିଜୟ ଲକ୍ଷ୍ୟ ହାସଲ କରି ନେଇଥିଲା। ଦ୍ୱିତୀୟ ମ୍ୟାଚରେ ପ୍ରଗତି ପ୍ରଥମେ ବ୍ୟାଟିଂ କରି ୧୫୦ ରନ କରିଥିବାବେଳେ ସହିଦ ସ୍ପୋର୍ଟିଂ ୪ ଉଇକେଟ ହରାଇ ୧୫୪ ରନ ସଂଗ୍ରହ କରି ନେଇଥିଲା। ୨ଟି ମ୍ୟାଚରେ ଯଥାକ୍ରମେ ଅମିତାଭ ରାଉତ ଓ ଶୁଭମ୍ ଶତ୍ରୁଜିତ ମ୍ୟାନ ଅଫ ଦି ମ୍ୟାଚ ବିବେଚିତ ହୋଇଥିଲେ। ତୋଫାନ ସାମନ୍ତରାୟ, ଦୀପକ ମଙ୍ଗରାଜ ଓ ଅକ୍ଷୟ ଜେନା ଅତିଥିଭାବେ ଯୋଗଦେଇ ଟୁର୍ନାମେଣ୍ଟକୁ ଉଦ୍‌ଘାଟନ କରିଥିଲେ। ଅମ୍ପାୟର ସୁଶୀଲ ପରିଡ଼ା, ପ୍ରଦୋଷ ବଳିୟାର ସିଂ ମ୍ୟାଚ ପରିଚାଳନା କରିଥିବାବେଳେ ସ୍କୋରର ଥିଲେ ମହେଶ ପ୍ରଧାନ ଓ ରାହୁଲ।

### ପୁଲ୍ ଚାମ୍ପିୟନ ସହ ଲିଗ ପର୍ଯ୍ୟାୟରେ ଉତ୍କଳ

କଟକ ଅଫିସ,୨୦।୧: କଟକରେ ଚାଲିଥିବା ପୂର୍ବାଞ୍ଚଳ ଆନ୍ତଃ ବିଶ୍ୱବିଦ୍ୟାଳୟ କ୍ରିକେଟ ଟୁର୍ନାମେଣ୍ଟର ୪ଟି ଯାକ ପୁଲର ଚାମ୍ପିୟନ ତାଲିକା ଘୋଷଣା ହୋଇଛି । ଓଡ଼ିଶାର ଏକମାତ୍ର ଦଳ ଭାବେ ଉତ୍କଳ ବିଶ୍ୱବିଦ୍ୟାଳୟ ଏହି ତାଲିକାରେ ରହିଛି । ଉତ୍କଳ ବିଶ୍ୱବିଦ୍ୟାଳୟ ପୁଲ-ଡିର ଚାମ୍ପିୟନ ହୋଇଛି । ପୁଲ-ଏର ବାରଣାସୀ ଏମ.ଜି କାଶୀ ବିଦ୍ୟାପୀଠ, ପୁଲ-ବିର ଝାଡ଼ଖଣ୍ଡର ବିନୋବାଭାବେ ବିଶ୍ୱବିଦ୍ୟାଳୟ ଓ ପୁଲ-ସିର ଉତ୍ତରପ୍ରଦେଶର ଭିବିଏସ୍ ପୂର୍ବାଞ୍ଚଳ ବିଶ୍ୱବିଦ୍ୟାଳୟ ଚାମ୍ପିୟନ ହୋଇଛନ୍ତି । ୪ଟି ଯାକ ଦଳକୁ ନେଇ ଆସନ୍ତା ୨୨ରୁ ୨୪ ତାରିଖ ପର୍ଯ୍ୟନ୍ତ ଲିଗ୍ ପର୍ଯ୍ୟାୟରେ ମ୍ୟାଚ୍ ଖେଳାଯିବ । ରେଭେନ୍ସା ବିଶ୍ୱବିଦ୍ୟାଳୟର ଦୁଇଟି ଯାକ ଗ୍ରାଉଣ୍ଡରେ ଏହି ମ୍ୟାଚ୍ ହେବ। ଲିଗ୍ ପର୍ଯ୍ୟାୟରେ ଶ୍ରେଷ୍ଠ ୨ଟି ଦଳ ସର୍ବଭାରତୀୟ ବିଶ୍ୱବିଦ୍ୟାଳୟ କ୍ରିକେଟ ଟୁର୍ନାମେଣ୍ଟ ଖେଳିବାକୁ ସିଧାସଳଖ ଯୋଗ୍ୟତା ହାସଲ କରିବେ ।

### ବ୍ରୋଞ୍ଜ ପଦକ ମ୍ୟାଚରେ ହାରିଲା ଓଡ଼ିଶା

କଟକ ଅଫିସ,୨୦।୧: ପୁଣେଠାରେ ରବିବାର ଖେଲୋ ଇଣ୍ଡିଆ ୟୁଥ ଗେମ୍ସ ୨୧ବର୍ଷରୁ କମ୍ ବାଳିକା ହକି ପ୍ରତିଯୋଗିତାର ବ୍ରୋଞ୍ଜ ପଦକ ମ୍ୟାଚ୍ ଖେଳାଯାଇଥିଲା । ଏଥିରେ ଓଡ଼ିଶା ୧-୨ ଗୋଲରେ ପଞ୍ଜାବଠାରୁ ପରାସ୍ତ ହୋଇଛି । ପ୍ରଥମ କ୍ୱାର୍ଟର ଗୋଲଶୂନ୍ୟ ରହିବା ପରେ ଦ୍ୱିତୀୟ କ୍ୱାର୍ଟରର ୧୮ତମ ମିନିଟରେ ଓଡ଼ିଶା ପକ୍ଷରୁ ରୋଜିତା କୁଜୁର ପ୍ରଥମ ଗୋଲଟି ଦେଇଥିଲେ। ୨୮ତମ ମିନିଟରେ ପଞ୍ଜାବର କାଜଲ ଏକ ଗୋଲ ଦେବା ଫଳରେ ଦ୍ୱିତୀୟ କ୍ୱାର୍ଟର ଶେଷ ସୁଦ୍ଧା ସ୍କୋର ୧-୧ ରହିଥିଲା । ୩ୟ କ୍ୱାର୍ଟର ଗୋଲ ଶୂନ୍ୟ ରହିବା ପରେ ୪ର୍ଥ କ୍ୱାର୍ଟରରେ କାଜଲ ପଞ୍ଜାବ ନିମନ୍ତେ ଦ୍ୱିତୀୟ ତଥା ବିଜୟ ସୂଚକ ଗୋଲ ସ୍କୋର କରିଥିଲେ ।

■ ଯାଜପୁର ଜିଲା ଓପନ ଚେସ୍ ଉଦ୍‌ଯାପିତ

# ସୌମ୍ୟ, ତ୍ରିଦେବ ଚାମ୍ପିୟନ

ଭୁବନେଶ୍ୱର, ୨୦।୧(କ୍ରୀଡ଼ା ପ୍ରତିନିଧି)

ଯାଜପୁର ରୋଡ଼ସ୍ଥିତ ଗ୍ଲୋରିୟସ ଇଂଲିଶ୍ ମିଡିୟମ ସ୍କୁଲରେ ଯାଜପୁର ଜିଲା ଓପନ ଚେସ୍ ଚାମ୍ପିୟନଶିପ୍ ରବିବାର ଉଦ୍‌ଯାପିତ ହୋଇଛି। ଏହାର ସିନିୟର ବର୍ଗରେ ଫିଡେମାଷ୍ଟର ସୌମ୍ୟରଞ୍ଜନ ମିଶ୍ର ଓ ଜୁନିୟରରେ ତ୍ରିଦେବ ତୀର୍ଥଙ୍କର ଚାମ୍ପିୟନ ହୋଇଛନ୍ତି। ଖୋର୍ଦ୍ଧା ଜିଲାରୁ ପ୍ରତିନିଧିତ୍ୱ କରୁଥିବା ଉଭୟ ପ୍ରତିଯୋଗୀ ୬ ରାଉଣ୍ଡ ବିଶିଷ୍ଟ ଏହି ପ୍ରତିଯୋଗିତାରେ ୫.୫ ପଏଣ୍ଟ ଲେଖାଏ ପାଇଥିଲେ।



ଟ୍ରଫି ସହ ସୌମ୍ୟରଞ୍ଜନ ମିଶ୍ର।

**ସୌମ୍ୟ ୫୩***

ଟୁର୍ନାମେଣ୍ଟର ଟପ୍ ସିଡ୍ ସୌମ୍ୟ ଏହାକୁ ମିଶାଇ କ୍ୟାରିୟରରେ ୫୩ତମ ଓପନ ଚେସ୍ ଟାଇଟଲ ହାସଲ କରିଛନ୍ତି। ୬ ରାଉଣ୍ଡ ମଧ୍ୟରୁ ସେ ୫ଟି ମ୍ୟାଚ ଜିତିଥିବାବେଳେ ଗୋଟିଏ ଡ୍ର ରଖି ଅପରାଜେୟ ରହିଥିଲେ। ନିଜ ଟାଇଟଲ ପଥରେ ସେ ରାଜେଶ କୁମାର ଜେନା, ଜ୍ୟୋତି ରଞ୍ଜନ ପଣ୍ଡା, ସଞ୍ଜୀବନ ନାୟକ, ବସନ୍ତ କୁମାର ଦାସ ଓ ଆଶୁତୋଷ ମହାନ୍ତିଙ୍କୁ ହରାଇଥିବାବେଳେ ରବୀନ୍ଦ୍ର କୁମାର ଓଝାଙ୍କ ସହ ମ୍ୟାଚ ଡ୍ର ରଖିଥିଲେ। ସଞ୍ଜୀବନ ନାୟକ ୫ ପଏଣ୍ଟ ସହିତ ରନର୍ସଅପ୍ ହୋଇଥିବାବେଳେ ବସନ୍ତ କୁମାର ଦାସ, ଆଶୁତୋଷ ମହାନ୍ତି ଓ ଧୀରେନ୍ଦ୍ର କୁମାର ଦାସ ୪ ପଏଣ୍ଟ ଲେଖାଏ ହାସଲ କରି ପରବର୍ତ୍ତୀ ୩ ସ୍ଥାନରେ ରହିଛନ୍ତି। ଅନ୍ୟମାନଙ୍କ ମଧ୍ୟରେ ରବୀନ୍ଦ୍ର କୁମାର ଓଝା, ରାଜେଶ କୁମାର ଜେନା, ଦେବୀ ପ୍ରସାଦ ବିଶ୍ୱାଳ, ସୁବୋଧ ଆଚାର୍ଯ୍ୟ ଓ ପଲକ ମହାପାତ୍ର ଟପ୍-୧୦ ଫିନିଶ୍ କରିଛନ୍ତି। ଜୁନିୟର ବିଭାଗରେ ଅମନ ଲାହା, ନିଖିଲ ସାହୁ, ସିଦ୍ଧାର୍ଥ ଭୂୟାଁ, କୁମାର କୌସିକ, ସ୍ୱରାଜ କୁମାର ସାହୁ, ଆରୁଷ ଦାଭାଡେ, ଚିନ୍ମୟ କୁମାର ମହାପାତ୍ର, ଉଦୟ ପରିଡ଼ା ଓ ରିତୁସ୍ମିତା ବିଶ୍ୱାଳ ଯଥାକ୍ରମେ ୨ୟରୁ ୧୦ମ ସ୍ଥାନ ଅଧିକାର କରିଛନ୍ତି।

■ ଓଡ଼ିଶା ଟେନିସ ପ୍ରିମିୟର ଲିଗ୍

# କେନ୍ଦ୍ରାପଡ଼ା କଣ୍ଟେଣ୍ଡର୍ସ ଚାମ୍ପିୟନ

ଭୁବନେଶ୍ୱର, ୨୦।୧(କ୍ରୀଡ଼ା ପ୍ରତିନିଧି)

ଓଡ଼ିଶା ଟେନିସ ପ୍ରିମିୟର ଲିଗ୍ (ଓଟିପିଏଲ)ର ଦ୍ୱିତୀୟ ସଂସ୍କରଣ ରବିବାର କଳିଙ୍ଗ ଷ୍ଟାଡିୟମରେ ଉଦ୍‌ଯାପିତ ହୋଇଛି। ଫାଇନାଲରେ ପୁରୀ ୱେଭର୍ସକୁ ୩-୨(୨୬-୨୦) ଗେମ୍‌ରେ ହରାଇ କେନ୍ଦ୍ରାପଡ଼ା କଣ୍ଟେଣ୍ଡର୍ସ ଚାମ୍ପିୟନ ହୋଇଛି। ପ୍ରଥମ ମ୍ୟାଚରେ ପୁରୀ ଦଳର ସୁରଜ ଆର. ପ୍ରବୋଧ ୭-୦ରେ କେନ୍ଦ୍ରାପଡ଼ା କଣ୍ଟେଣ୍ଡର୍ସର ଜଗମୀତ ସିଂଙ୍କୁ ହରାଇ ଅଭିଯାନ ଆରମ୍ଭ କରିଥିଲେ। ଦ୍ୱିତୀୟ ଗେମ୍‌ରେ ଆଲେକ୍ସ ସୋଲାଙ୍କିଙ୍କ ବିଜୟ ଫଳରେ କେନ୍ଦ୍ରାପଡ଼ା ଦଳ ସଫଳ ପ୍ରତ୍ୟାବର୍ତ୍ତନ କରିଥିଲା। ସୋଲାଙ୍କି ୭-୧ରେ ପୁରୀ ୱେଭର୍ସର ଆଶୁତୋଷ ଦାସଙ୍କୁ ହରାଇ ଦେଇଥିଲେ। ତୃତୀୟ ଗେମ୍‌ରେ ଅଭିକା ସଗୱାଲ ପୁରୀର ଅନମ ଆଲମାସଙ୍କୁ ୭-୧ରେ ହରାଇ କେନ୍ଦ୍ରାପଡ଼ାକୁ ଅଗ୍ରଣୀ ଦେଇଥିଲେ। ୪ର୍ଥ ଗେମ୍‌ରେ ପୁରୀ ଦଳର ସୂରଜ-ଜଗଦୀଶ ତନୱାର ଯୋଡ଼ି କେନ୍ଦ୍ରାପଡ଼ାର ନିଶାନ୍ତ ଗୋଏଲ-ଜଗମୀତଙ୍କୁ ୭-୫ରେ ହରାଇବାରୁ ମ୍ୟାଚ ୨-୨ ସ୍ଥିତିକୁ ଚାଲି ଆସିଥିଲା। ୫ମ ତଥା ନିର୍ଣ୍ଣାୟକ ଗେମ୍‌ରେ କେନ୍ଦ୍ରାପଡ଼ା କଣ୍ଟେଣ୍ଡର୍ସର ଅଭିକା ସଗୱାଲ-ଆଲେକ୍ସ ସୋଲାଙ୍କି ଯୋଡ଼ି ପୁରୀ ୱେଭର୍ସର ଅନମ ଆଲମାସ-ଜଗଦୀଶ ତନୱାର ଯୋଡ଼ିଙ୍କୁ ୭-୪ରେ ପରାସ୍ତ କରି ଦଳକୁ ଟାଇଟଲ ବିଜୟୀ କରାଇଥିଲେ। ଉଦ୍‌ଯାପନୀ ଉତ୍ସବରେ ଅତିଥିଭାବେ ଯୋଗଦେଇ ବିଧାୟକ ପ୍ରିୟଦର୍ଶୀ ମିଶ୍ର ଚାମ୍ପିୟନ କେନ୍ଦ୍ରାପଡ଼ା କଣ୍ଟେଣ୍ଡର୍ସ ଟିମ୍ ମାଲିକ ଡ. ପ୍ରକାଶ କୁମାରଙ୍କୁ ୨ ଲକ୍ଷ ଏବଂ ଭୁବନେଶ୍ୱର ଉତ୍ତରର ଜିଲା କାଉନସିଲର କୁନାଲ ରାଉତ ଓ ଟୁର୍ନାମେଣ୍ଟ ନିର୍ଦ୍ଦେଶକ ଦିଲୀପ ମହାନ୍ତି ରନର୍ସଅପ୍ ପୁରୀ ୱେଭର୍ସ ଦଳର ମାଲିକ ଅରୁଣ ଅଗ୍ରୱାଲଙ୍କୁ ୧ ଲକ୍ଷ ଟଙ୍କାର ଚେକ୍ ପୁରସ୍କାର ଆକାରରେ ପ୍ରଦାନ କରିଥିଲେ।




ଚାମ୍ପିୟନ କେନ୍ଦ୍ରାପଡ଼ା କଣ୍ଟେଣ୍ଡର୍ସ ଦଳ ଟ୍ରଫି ସହ ।

# ଜାତୀୟ ସବ୍‌ଜୁନିୟର ଉଷୁରେ ଭାଗନେବ ଓଡ଼ିଶା

ଭୁବନେଶ୍ୱର, ୨୦।୧(କ୍ରୀଡ଼ା ପ୍ରତିନିଧି)

ପଞ୍ଜାବର ଫଗୱାରାଠାରେ ଚଳିତ ମାସ ୨୨ରୁ ୨୭ ପର୍ଯ୍ୟନ୍ତ ୧୮ତମ ଜାତୀୟ ସବ୍‌ଜୁନିୟର ଉଷୁ ଚାମ୍ପିୟନଶିପ୍ ଅନୁଷ୍ଠିତ ହେବ। ଏଥିରେ ଓଡ଼ିଶାର ୨୩ ଜଣିଆ ଦଳ ଅଂଶଗ୍ରହଣ କରିବ। ୧୧ ବାଳିକା ଓ ୧୨ ବାଳକଙ୍କୁ ନେଇ ଗଠିତ ଓଡ଼ିଶା ଦଳ ରବିବାର ପଞ୍ଜାବ ଯାତ୍ରା କରିଛି ବୋଲି ଉଷୁ ଆସୋସିଏଶନ ଅଫ୍ ଓଡ଼ିଶାର ସମ୍ପାଦକ ପ୍ରଦ୍ୟୁମ୍ନ ବେହେରା ପ୍ରକାଶ କରିଛନ୍ତି। ପ୍ରତିଯୋଗୀଙ୍କ ସହ ପ୍ରଶିକ୍ଷକ ଜୀତେନ୍ଦ୍ର ଦାଶ, ଦଲ୍‌ମୁ ଖଡଙ୍ଗକେଲ ଏବଂ ମ୍ୟାନେଜରଭାବେ ସୁଧାଂଶୁ ପଣ୍ଡା ଓ ଅନୁରାଧା ସ୍ୱାଇଁ ଦଳ ସହ ଯାଇଛନ୍ତି ବୋଲି ସେ କହିଛନ୍ତି। ପ୍ରଦ୍ୟୁମ୍ନ ବେହେରା ଓ ସୁଧାଂଶୁ ହରିଚନ୍ଦନ ଏହି ପ୍ରତିଯୋଗିତାରେ ଜଜ୍ ଦାୟିତ୍ୱ ନିର୍ବାହ କରିବେ। ଭୁବନେଶ୍ୱରସ୍ଥିତ ପୁମାସ ସ୍ପୋର୍ଟ୍ସ କମ୍ପ୍ଲେକ୍ସରେ ଅନୁଷ୍ଠିତ ରାଜ୍ୟ ପ୍ରତିଯୋଗିତାରୁ ପ୍ରଦର୍ଶନ ଆଧାରରେ ଖେଳାଳି ଚୟନ କରାଯାଇ ଗତ ୧୪ରୁ ୧୯ ପର୍ଯ୍ୟନ୍ତ ପ୍ରଶିକ୍ଷଣ ଦିଆ ଯାଇଥିଲା। ଓଡ଼ିଶା ଦଳ (ବାଳିକା): ସୃଷ୍ଟି ସିଂ, ସୋନାଲି ପାଟିଲ, ମୋନାଲିସା ଦେହୁରି, ପାୟଲ ପଟ୍ଟନାୟକ, ନୂପୁର ପଟ୍ଟନାୟକ, ତନିସା ସାହୁ, ସ୍ନେହ ସାମନ୍ତରାୟ, ଜିୟା ବାଜୋରିଆ, ସାକ୍ଷୀ ସଙ୍ଘି, କ୍ରିତିକା ପସେରି, ସୋନାଲି ବାରିକ। ବାଳକ: ସୋନୁ ଖୋସ୍‌ଲା, ସୋନି ଟକ୍ରି, ହ୍ରିତେଶ କୁମାର ସ୍ୱାଇଁ, ପ୍ରଦ୍ୟୁମ୍ନ ଷଡ଼ଙ୍ଗୀ, ସ୍ୱୟଂଶୁ ପଣ୍ଡା, ଶୁଭମ୍ ଖୋସଲା, ଦୀନେଶ କୁମାର ବେହେରା, ଚନ୍ଦନ କୁମାର ଡାକୁଆ, ଆଦିତ୍ୟ ଜେନା, ଆଶୁତୋଷ ମହାରଣା, ଟୁନୁ ଟକ୍ରି, ଅର୍ପନ କୁମାର ମହାଳିକ।




ଜାତୀୟ ସବ୍‌ଜୁନିୟର ଉଷୁ ପାଇଁ ମନୋନୀତ ଓଡ଼ିଶା ଦଳ କର୍ମକର୍ତ୍ତାଙ୍କ ସହ ।

# ଅକ୍‌ଲାଣ୍ଡରେ ଟିମ୍ ଇଣ୍ଡିଆ

ଅକ୍‌ଲାଣ୍ଡ, ୨୦।୧ (ପି.ଟି.)

ସୀମିତ ଓଭର ବିଶିଷ୍ଟ ସିରିଜ ଖେଳିବା ଲାଗି ଭାରତୀୟ କ୍ରିକେଟ ଦଳ ନ୍ୟୁଜିଲାଣ୍ଡ ଗସ୍ତ କରିଛି। ଦଳ ରବିବାର ଅକ୍‌ଲାଣ୍ଡରେ ଅବତରଣ କରିଛି। ଏହି ସିରିଜ ଜାନୁୟାରୀ ୨୩ରୁ ଆରମ୍ଭ ହେବ। ଦେଶରେ ୩ ସପ୍ତାହ ଧରି ଅବସ୍ଥାନ କାଳରେ ଭାରତୀୟ ଦଳ ୫ ଅନ୍ତର୍ଜାତୀୟ ଦିନିକିଆ ଏବଂ ୩ ଅନ୍ତର୍ଜାତୀୟ ଟି୨୦ ମ୍ୟାଚ ଖେଳିବ। ଅକ୍‌ଲାଣ୍ଡ ବିମାନବନ୍ଦରରେ ଭାରତୀୟ କ୍ରିକେଟ ଦଳ ଅବତରଣ କରୁଥିବା ଦୃଶ୍ୟ ସମ୍ବଳିତ ଏକ କ୍ଷୁଦ୍ର ଭିଡିଓ ଭାରତୀୟ କ୍ରିକେଟ କଣ୍ଟ୍ରୋଲ ବୋର୍ଡ (ବିସିସିଆଇ) ଅପ୍‌ଲୋଡ୍ କରିଛି। ଉପସ୍ଥିତ ଭାରତୀୟ ସମର୍ଥକମାନେ ଖେଳାଳିମାନଙ୍କୁ ସ୍ୱାଗତ କରିଥିଲେ। କେଦାର ଯାଦବ ଓ ଦୀନେଶ କାର୍ତ୍ତିକ ଅଟୋଗ୍ରାଫ ଦେଉଥିଲେ। ଅଧିନାୟକ ବିରାଟ କୋହଲି ଏବଂ ତାଙ୍କ ପତ୍ନୀ ଅନୁଷ୍କା ଶର୍ମାଙ୍କୁ ଲୋକେ ଚିୟରଅପ୍ କରିଥିଲେ। ଭାରତୀୟ ଦଳ ସୋମବାର ସକାଳେ ନାପିଏର ଗସ୍ତ କରିବ। ସେଠାରେ ବୁଧବାର ସକାଳେ ପ୍ରଥମ ଅନ୍ତର୍ଜାତୀୟ ଦିନିକିଆ ମ୍ୟାଚ ଖେଳାଯିବ। ପରବର୍ତ୍ତୀ ଅନ୍ତର୍ଜାତୀୟ ଦିନିକିଆଗୁଡ଼ିକ ଯଥାକ୍ରମେ ଟରାଙ୍ଗା (ଜାନୁୟାରୀ ୨୬ ଓ ୨୮), ହାମିଲଟନ (ଜାନୁୟାରୀ ୩୧) ଏବଂ ୱେଲିଂଟନ (ଫେବୃୟାରୀ ୩)ଠାରେ ଖେଳାଯିବ। ସେହିପରି ତିନୋଟି ଅନ୍ତର୍ଜାତୀୟ ଟି୨୦ ୱେଲିଂଟନଠାରେ (ଫେବୃୟାରୀ ୬), ଅକ୍‌ଲାଣ୍ଡ (ଫେବୃୟାରୀ ୮) ଏବଂ ହାମିଲଟନ (ଫେବୃୟାରୀ ୧୦)ଠାରେ ଖେଳାଯିବାର କାର୍ଯ୍ୟକ୍ରମ ରହିଛି। ଅନ୍ତର୍ଜାତୀୟ ଦିନିକିଆ ମ୍ୟାଚ ସକାଳ ୭ଟା ୩୦ରୁ ଏବଂ ତିନୋଟିଯାକ ଅନ୍ତର୍ଜାତୀୟ ଟି୨୦ ଅପରାହ୍ଣ ୧୨ଟା ୩୦ରୁ ଆରମ୍ଭ ହେବ।

# କିଶୋର କ୍ଲବ ଚାମ୍ପିୟନ

ଜଟଣୀ,୨୦।୧(ଡି.ଏନ.ଏ)

**ଶ୍ରୀବତ୍ସ ସ୍ମାରକୀ ଫୁଟ୍‌ବଲ**

ଜଟଣୀ କୁଶୁମାଟି-ଛଣଘର ଖେଳପଡ଼ିଆରେ ଚାଲିଥିବା ରାଜ୍ୟସ୍ତରୀୟ ଶ୍ରୀବତ୍ସ ସ୍ମାରକୀ ଫୁଟବଲ ଟୁର୍ନାମେଣ୍ଟ ରବିବାର ଉଦ୍‌ଯାପିତ ହୋଇଛି । ଫାଇନାଲ୍‌ରେ ଭୁବନେଶ୍ୱରର ଦୁଇ ଦଳ କିଶୋର କ୍ଲବ ଓ ଜଗା ୟୁନାଇଟେଡ୍ ମଧ୍ୟରେ ମ୍ୟାଚ୍ ଅନୁଷ୍ଠିତ ହୋଇଥିଲା। ତୀବ୍ର ପ୍ରତିଦ୍ୱନ୍ଦ୍ୱିତାମୂଳକ ଏହି ମ୍ୟାଚ୍‌ରେ ଜଗା ୟୁନାଇଟେଡ୍‌କୁ ୪-୩ ଟାଇବ୍ରେକରରେ ପରାସ୍ତ କରି କିଶୋର କ୍ଲବ ଚାମ୍ପିୟନ ହୋଇଛି। ଖେଳର ନିର୍ଦ୍ଧାରିତ ସମୟରେ ଉଭୟ ଦଳ ଗୋଟିଏ ଲେଖାଏଁ ଗୋଲ କରିବାରୁ ମ୍ୟାଚ୍ ୧-୧ରେ ଅମୀମାଂସିତ ରହିଥିଲା। ଫଳରେ ଟାଇବ୍ରେକର ପଦ୍ଧତି ଅବଲମ୍ବନ କରାଯାଇଥିଲା। କିଶୋର କ୍ଲବର ପପୁ ମାଝି ମ୍ୟାନ୍ ଅଫ୍ ଦି ଟୁର୍ନାମେଣ୍ଟ ଓ ଜଗା ୟୁନାଇଟେଡ୍ ଦୀପକ ଓରାମ ମ୍ୟାନ୍ ଅଫ୍ ଦି ମ୍ୟାଚ୍ ବିବେଚିତ ହୋଇଥିଲେ। ସୁଜିତ୍ ପାତ୍ର ରେଫ୍‌ରି ରହିଥିବା ବେଳେ ରାମଚନ୍ଦ୍ର ମିଶ୍ର ଓ ପ୍ରଫୁଲ୍ଲ ବେହେରା ଲାଇନ୍‌ରେ ସହାୟତା କରିଥିଲେ। ଫ୍ରେଣ୍ଡସ୍ ପାରାଡାଇଜ୍‌ଡ୍ ସ୍ପୋର୍ଟ୍ସ ଆସୋସିଏଶନ୍ ପକ୍ଷରୁ ଆୟୋଜିତ ଏହି ଟୁର୍ନାମେଣ୍ଟର ଉଦ୍‌ଯାପନୀ ଉତ୍ସବରେ ବରିଷ୍ଠ କଂଗ୍ରେସ ନେତା ସୁରେଶ କୁମାର ରାଉତରାୟ, ଓସିଏର ପୂର୍ବତନ ଉପସଭାପତି ନବ ପଟ୍ଟନାୟକ, ରୋଟାରିୟାନ୍ ହାଡ଼ିବନ୍ଧୁ ପଟ୍ଟନାୟକ, ଭାଜପା ନେତା ବିଶ୍ୱରଞ୍ଜନ ବଡ଼ଜେନା, ପ୍ରତାପ ସାମନ୍ତରାୟ, ସରପଞ୍ଚ ସୁନୀଲ କୁମାର ରାଉତରାୟ, ସମିତି ସଭ୍ୟ ହରମୋହନ ରାଉତରାୟ ଅତିଥି ଭାବେ ଯୋଗ ଦେଇଥିଲେ। ଚାମ୍ପିୟନ କିଶୋର କ୍ଲବକୁ ୧୦ ହଜାର ଟଙ୍କା ଓ ଟ୍ରଫି ଏବଂ ରନର୍ସଅପ୍ ଜଗା ୟୁନାଇଟେଡ୍‌କୁ ୭ ହଜାର ଟଙ୍କା ଓ ଟ୍ରଫି ପ୍ରଦାନ କରାଯାଇଥିଲା। ଆୟୋଜକ ଆସୋସିଏଶନ୍‌ର ରଶ୍ମିରଞ୍ଜନ ସ୍ୱାଇଁ, ପି. ଅବିନାଶ, ସୁଶୀଲ ବେହେରା, ପ୍ରସନ୍ନ ବେହେରା, ଦୀପକ ମହାରଣା ଓ ଅନ୍ୟମାନେ କାର୍ଯ୍ୟକ୍ରମ ପରିଚାଳନାରେ ସହାୟତା କରିଥିଲେ।




ଚାମ୍ପିୟନ କିଶୋର କ୍ଲବ୍ ଦଳର ଖେଳାଳିମାନେ ଅତିଥିଙ୍କଠାରୁ ପୁରସ୍କାର ଗ୍ରହଣ କରୁଛନ୍ତି।

■ ଡୋପ୍‌ରେ ବିଫଳ ଏସିଆନ୍ ଗେମ୍ସ ଚାମ୍ପିୟନ

# ଅନୁ ରାଘବନଙ୍କୁ ମିଳିବ ବ୍ରୋଞ୍ଜ

କୋଚି,୨୦।୧

ଜାକର୍ତ୍ତାଠାରେ ଅନୁଷ୍ଠିତ ଏସିଆନ୍ ଗେମ୍ସରେ ଭାରତର ପଦକ ସଂଖ୍ୟା ବୃଦ୍ଧି ପାଇବା ନିଶ୍ଚିତ ହୋଇଛି। ମହିଳା ବିଭାଗର ୪୦୦ ମିଟର ବାଧାଦୌଡ଼ ଇଭେଣ୍ଟ ଚାମ୍ପିୟନ କେମି ଆଡେକୋୟା ଡୋପ ଟେଷ୍ଟରେ ବିଫଳ ହୋଇଛନ୍ତି। ବାହାରିନ ଧାବିକାଙ୍କ ନମୁନାରେ ଆନାବୋଲିକ ଷ୍ଟେରଏଡ୍ ମିଳିଛି। ଏ ନେଇ ଆଥ୍‌ଲେଟିକ୍ସ ଇଣ୍ଟେଗ୍ରିଟି ୟୁନିଟ (ଏଆଇୟୁ) ୪ ଥର ଚାମ୍ପିୟନ ୨୫ ବର୍ଷୀୟ ବାସନ୍ଦ କରିଛି। ଏସିଆନ୍ ଗେମ୍ସ ୪୦୦ ମି. ବାଧାଦୌଡ଼କୁ କେମି ୫୪.୮୭ ସେକେଣ୍ଡରେ ଶେଷ କରି ସ୍ୱର୍ଣ୍ଣ ପଦକ ଜିତିଥିଲେ। ତାଙ୍କ ପଛକୁ ଭିଏତନାମର କ୍ୱାଚ ଥି ଲାନ (୫୫.୩୦ ସେ) ଓ ବାହାରିନର ଆମିନାତ ଜମାଲ (୫୫.୬୫ ସେ) ଯଥାକ୍ରମେ ରୌପ୍ୟ ଓ ବ୍ରୋଞ୍ଜ ପଦକ ଜିତିଥିଲେ। କେରଳର ଅନୁ ରାଘବନ ରେସ୍‌କୁ ୫୬.୯୨ ସେ. ଶେଷ କରି ୪ର୍ଥ ସ୍ଥାନ ଅଧିକାର କରିଥିଲେ। ରେସ୍ ପରେ ଧାର୍ଯ୍ୟ ଲାଇନ୍ ବାହାରେ ଜଣେ ପଦକଧାରୀ ଦୌଡ଼ିଥିବା ଅନୁ ଅଭିଯୋଗ ଆଣିଥିଲେ। ହେଲେ କୌଣସି ଫାଇଦା ମିଳି ନ ଥିଲା। ଏବେ କେମି ବାସନ୍ଦ ହେବାରୁ ଅନୁଙ୍କୁ ବ୍ରୋଞ୍ଜ ପଦକ ମିଳିବା ସ୍ପଷ୍ଟ ହୋଇଛି। ସେହିଭଳି ଥି ଲାନଙ୍କୁ ସ୍ୱର୍ଣ୍ଣ ଓ ଜମାଲଙ୍କୁ ରୌପ୍ୟ ମିଳିବ।

■ ବାଙ୍କୁଆଳ ଜଗବନ୍ଧୁ ମେମୋରିଆଲ କ୍ରିକେଟ

# ଉଦ୍‌ଘାଟନୀ ମ୍ୟାଚରେ ଆମ୍ବେଡକର ସ୍ପୋର୍ଟିଂ ବିଜୟୀ



ଅତିଥିମାନେ ଖେଳାଳିଙ୍କ ସହ ପରିଚିତ ହେଉଛନ୍ତି।

ପୁରୁଣା ଭୁବନେଶ୍ୱର, ୨୦।୧ (ଡି.ଏନ.ଏ.)

ସ୍ଥାନୀୟ ବାଙ୍କୁଆଳ ଖେଳପଡ଼ିଆଠାରେ ରବିବାର ୯ମ ଜଗବନ୍ଧୁ ମେମୋରିଆଲ କ୍ରିକେଟ ଟୁର୍ନାମେଣ୍ଟ ଆରମ୍ଭ ହୋଇଛି। ଉଦ୍‌ଘାଟନୀ ମ୍ୟାଚରେ ଜଗତ୍‌ସିଂହପୁରର ଆମ୍ବେଡକର ସ୍ପୋର୍ଟିଂ ୧୫୨ରନରେ କଟକର ସିଦ୍ଧେଶ୍ୱର ସ୍ପୋର୍ଟିଂକୁ ହରାଇ ଦେଇଛି। ଟସ୍ ଜିତି ପ୍ରଥମେ ବ୍ୟାଟିଂ କରିଥିବା ଆମ୍ବେଡକର ସ୍ପୋର୍ଟିଂ ନିର୍ଦ୍ଧାରିତ ୨୨ ଓଭରରେ ୮ଉଇକେଟ ବିନିମୟରେ ୨୩୨ରନ କରିଥିଲା। ଜବାବରେ ସିଦ୍ଧେଶ୍ୱର ସ୍ପୋର୍ଟିଂ ୧୬ ଓଭରରେ ମାତ୍ର ୮୦ରନ କରି ଅଲଆଉଟ ହୋଇଯାଇଥିଲା।

ବିଜୟୀ ଦଳର ଜହୁର ଖାଁ 'ମ୍ୟାନ ଅଫ୍ ଦି ମ୍ୟାଚ' ବିବେଚିତ ହୋଇଥିଲେ। ଉଦ୍‌ଘାଟନୀ ଦିବସରେ ସରପଞ୍ଚ ବିନୋଦିନୀ ଜେନା ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିଲେ। ଏହି ଅବସରରେ ସାମାଜିକ କର୍ମୀ କ୍ଷୀରୋଦ ସ୍ୱାଇଁ, ପ୍ରଫୁଲ୍ଲ କୁମାର ସ୍ୱାଇଁ, ରାଜଦୀପ୍ତ ବଡ଼ଜେନା, ରମେଶ ପଣ୍ଡା ଓ ସୁନୀଲ ସ୍ୱାଇଁ ପ୍ରମୁଖ ଉପସ୍ଥିତ ଥିଲେ। ଆଲୋକ ସାମନ୍ତରାୟ ଓ ଗୌତମ ସ୍ୱାଇଁ ମ୍ୟାଚ ପରିଚାଳନା କରିଥିଲେ।

ଧରିତ୍ରୀ
DHARITRI
www.orissakhabar.com/ www.dharitri.com ପୃଷ୍ଠା ୨୦ Press Regd. No. R.N. 21326/74 Postal Regd. No. BN/42/18-20. ଭୁବନେଶ୍ୱର, ସୋମବାର, ଜାନୁୟାରୀ ୨୧/୨୦୧୯ Bhubaneswar, Monday, January 21/ 2019

## ଦଇତାପତି ନିଯୋଗ ନିର୍ବାଚନ
# ୨୪ ନାମାଙ୍କନପତ୍ର କାଏମ୍

**ପୁରୀ ଅଫିସ,୨୦।୧**

- ୬ ପ୍ରତ୍ୟାହୃତ, ୨ ନାକଚ
- ଆସନ୍ତା ୨୮ ତାରିଖରେ ହେବ ନିର୍ବାଚନ
- ୧୫ଜଣଙ୍କୁ ନିର୍ବାଚିତ କରିବେ ୧୨୦ ମତଦାତା

ଆସନ୍ତା ୨୮ ତାରିଖରେ ଅନୁଷ୍ଠିତ ହେବ ଦଇତାପତି ନିଯୋଗ ନିର୍ବାଚନ। ଏଥିପାଇଁ ରବିବାର ନାମାଙ୍କନପତ୍ର ପ୍ରତ୍ୟାହାର ଓ ଯାଞ୍ଚ କରାଯାଇଥିଲା। ନିର୍ଦ୍ଧାରିତ ସମୟ ପୂର୍ବାହ୍ନ ୧୦ଟାରୁ ଅପରାହ୍ନ ୨ଟା ମଧ୍ୟରେ ନାମାଙ୍କନପତ୍ର ପ୍ରତ୍ୟାହାର କରାଯାଇଥିଲା। ୬ଜଣ ଦଇତାପତି ସେବକ ସେମାନଙ୍କ ନାମାଙ୍କନପତ୍ର ପ୍ରତ୍ୟାହାର କରିନେଇଛନ୍ତି। ଏମାନଙ୍କ ମଧ୍ୟରେ ବରିଷ୍ଠ ଦଇତାପତି ପ୍ରେମାନନ୍ଦ ଦାସମହାପାତ୍ର ଓ ବିନାୟକ ଦାସମହାପାତ୍ର ରହିଥିବା ଜଣାପଡିଛି। ସେହିପରି ଯାଞ୍ଚ ସମୟରେ ୨ଜଣଙ୍କ ପ୍ରାର୍ଥିପତ୍ର ନାକଚ ହୋଇଯାଇଛି। ଫଳରେ ୨୪ ଜଣଙ୍କ ନାମାଙ୍କନପତ୍ର କାଏମ ରହିଛି।

ତେବେ ନିର୍ବାଚନରେ ଲଢିବାକୁ ଥିବା ପ୍ରାର୍ଥୀମାନେ ହେଲେ ବାସୁଦେବ ଦାସମହାପାତ୍ର, ଭଗବାନ ଦାସମହାପାତ୍ର, ରବୀନ୍ଦ୍ର ଦାସମହାପାତ୍ର, ଦୁର୍ଗାପ୍ରସାଦ ଦାସମହାପାତ୍ର, ଗଣେଶ ଦାସମହାପାତ୍ର, ଗଣପତି ଦାସମହାପାତ୍ର, ଦେବୀପ୍ରସାଦ ଦାସମହାପାତ୍ର, ଜୟକୃଷ୍ଣ ଦାସମହାପାତ୍ର, ସଞ୍ଜୟ ଦାସମହାପାତ୍ର, ରଘୁନାଥ ଦାସ ମହାପାତ୍ର, ଚନ୍ଦ୍ରଶେଖର ଦାସମହାପାତ୍ର, ଜଗନ୍ନାଥ ଦାସମହାପାତ୍ର, ଆର୍ତ୍ତତ୍ରାଣ ପତିମହାପାତ୍ର, ମଦନ ଦାସମହାପାତ୍ର, ବିଭୁପ୍ରସାଦ ଦାସମହାପାତ୍ର, ଶ୍ୟାମପ୍ରସାଦ ଦାସମହାପାତ୍ର, ଦୀନବନ୍ଧୁ ଦାସମହାପାତ୍ର, ଅମିତ ଦାସମହାପାତ୍ର, ଜିତେନ୍ଦ୍ର ଦାସମହାପାତ୍ର, କୀର୍ତ୍ତିପ୍ରକାଶ ଦାସମହାପାତ୍ର, ମଧୁସୂଦନ ଦାସମହାପାତ୍ର, ରାମକୃଷ୍ଣ ଦାସମହାପାତ୍ର, ନରସିଂହ ଦାସ ମହାପାତ୍ର ଓ ସୂର୍ଯ୍ୟନାରାୟଣ ସ୍ୱାଇଁ ମହାପାତ୍ର।

ତେବେ ପ୍ରାର୍ଥିପତ୍ର ପ୍ରତ୍ୟାହାର କରି ନେଇଥିବା ବରିଷ୍ଠ ଦଇତାପତି ବିଶ୍ୱାବସୁ ବିନାୟକ ଦାସମହାପାତ୍ର କହିଛନ୍ତି, ଆଗକୁ ମହାପ୍ରଭୁଙ୍କ ରଥଯାତ୍ରା ଆସୁଛି। ଠାକୁରଙ୍କ କାମ ସମସ୍ତେ ମିଳିମିଶି କରିବୁ। ଯୁବ ଦଇତାପତିମାନଙ୍କୁ ଆଗକୁ ଛାଡିବା ଲାଗି ନାମାଙ୍କନପତ୍ର ପ୍ରତ୍ୟାହାର କରିଛି। ଯୁବଗୋଷ୍ଠୀଙ୍କ ପଛରେ ରହି ସେମାନଙ୍କୁ ସବୁ କ୍ଷେତ୍ରରେ ସାହାଯ୍ୟ, ସହଯୋଗ ଏବଂ ପରାମର୍ଶ ଦେବି ବୋଲି ସେ କହିଛନ୍ତି।

ସୂଚନାଥାଉ କି, ୧୫ ଜଣଙ୍କୁ ନିର୍ବାଚିତ କରିବା ଲାଗି ଆସନ୍ତା ୨୮ ତାରିଖରେ ଦଇତାପତି ନିଯୋଗ ନିର୍ବାଚନ ହେବ। ଶ୍ରୀମନ୍ଦିର ଦକ୍ଷିଣ ଦ୍ୱାର ଶୀତତାପ ପ୍ରକୋଷ୍ଠରେ ସକାଳ ୯ଟାରୁ ଅପରାହ୍ନ ୩ଟା ପର୍ଯ୍ୟନ୍ତ ମତଦାନ କରିବେ ୧୨୦ ମତଦାତା। ସେହିଦିନ ଅପରାହ୍ନ ୪ଟାରେ ଫଳାଫଳ ଘୋଷଣା ହେବ।

# ଗଛରୁ ପଡ଼ି ଯୁବକଙ୍କ ମୃତ୍ୟୁ

**ଗୋପ, ୨୦।୧(ଡି.ଏନ୍.ଏ.):** ନୟାହାଟ ଫାଣ୍ଡି ଅଧୀନ ଶନିବାର ପୂର୍ବାହ୍ନରେ କୋଲର ଗ୍ରାମରେ ଗଛ କାଟୁଥିବାବେଳେ ଭାସ୍କର ଭୋଇ(୪୦) ଗଛରୁ ପଡ଼ି ମୃତ୍ୟୁବରଣ କରିଥିବା ଫାଣ୍ଡି ପକ୍ଷରୁ ଜଣାପଡ଼ିଛି। ଚାରିଛକ ଫାଣ୍ଡି ଅଧୀନ ଚହଟା ଗ୍ରାମର ଭାସ୍କର ସବୁଦିନ ଧରି ଗଛକାଟିବା ଲାଗି ନୟାହାଟ ଫାଣ୍ଡି ଅଧୀନ କୋଲର ଗ୍ରାମକୁ ଯାଇଥିଲେ। ଚାକୁଣ୍ଡା ଗଛ କାଟିବା ଲାଗି ସେ ଗଛରେ ଚଢ଼ି ହାଣୁଥିବାବେଳେ ଅସାବଧାନତା ଯୋଗୁ ଗଛରୁ ପଡ଼ିଯାଇଥିଲେ। ଘଟଣାସ୍ଥଳରୁ ତାଙ୍କୁ ସଙ୍ଗେ ସଙ୍ଗେ ନୟାହାଟ ସ୍ୱାସ୍ଥ୍ୟକେନ୍ଦ୍ରକୁ ଅଣାଯିବା ପରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ସନ୍ଧ୍ୟାରେ ମୃତକଙ୍କ ଭାଇ ଏ ସମ୍ପର୍କରେ ନୟାହାଟ ଫାଣ୍ଡିରେ ଅଭିଯୋଗ କରିବା ପରେ ନୟାହାଟ ଫାଣ୍ଡି ଅଧିକାରୀ ଗଙ୍ଗାଧର ସାହୁ ଘଟଣାସ୍ଥଳରେ ପହଞ୍ଚି ମୃତଦେହ ଜବତ କରିବା ପରେ ବ୍ୟବଚ୍ଛେଦ ଲାଗି ଚାରିଛକ ଡାକ୍ତରଖାନାକୁ ପଠାଇଥିବା ଜଣାପଡ଼ିଛି। ଏ ସମ୍ପର୍କରେ ଗୋପ ଥାନାରେ ଅପମୃତ୍ୟୁ ମାମଲା ୧/୧୯ ରୁଜୁ କରାଯାଇ ତଦନ୍ତ ଆରମ୍ଭ କରିଥିବା ଥାନାଧିକାରୀ ରଞ୍ଜନ କୁମାର ପ୍ରଧାନ କହିଛନ୍ତି।




# ବାଲିକିଆରି ଜଙ୍ଗଲରେ ମାଈ ହାତୀ ମୃତ

**ନରସିଂହପୁର,୨୦।୧(ସ୍ୱ.ପ୍ର.)**



ନରସିଂହପୁର ପଶ୍ଚିମାଞ୍ଚଳ ବନ ବିଭାଗ ଅନ୍ତର୍ଗତ ବାଲିକିଆରି ସଂରକ୍ଷିତ ଜଙ୍ଗଲର କମ୍ପାର୍ଟମେଣ୍ଟ ୧୦ ଅଞ୍ଚଳରେ ରବିବାର ଏକ ମାଈହାତୀର ମୃତ୍ୟୁ ଘଟିଛି। ହାତୀଟି କିଛି ଦିନ ହେବ ଅସୁସ୍ଥ ଥିବାରୁ ବନ ବିଭାଗ ପକ୍ଷରୁ ଉକ୍ତ ଜଙ୍ଗଲରେ ଚିକିତ୍ସା କରାଯାଉଥିଲା। ଅପରାହ୍ନ ୩ଟାରେ ହାତୀର ମୃତ୍ୟୁ ଖବରପାଇ ପଶ୍ଚିମାଞ୍ଚଳ ରେଞ୍ଜ ଅଧିକାରୀ ବିଜୟ କୁମାର ମହାନ୍ତି ଏବଂ ଏସିଏଫ୍ ଓ ପୂର୍ଣ୍ଣଚନ୍ଦ୍ର ଗୁରୁ ଘଟଣା ସ୍ଥଳରେ ପହଞ୍ଚିଥିଲେ। ପରେ ନରସିଂହପୁର ପ୍ରାଣୀ ଚିକିତ୍ସକ ବିଜୟ କୁମାର ସେନାପତିଙ୍କ ସହାୟତାରେ ହାତୀର ମୃତଦେହ ବ୍ୟବଚ୍ଛେଦ କରାଯାଇଥିଲା। ଏହାପରେ ମୃତହାତୀକୁ ମାଟିରେ ପୋତି ଦିଆଯାଇଛି। ହାତୀଟି ୪୦ ବର୍ଷର ହୋଇଥିବା ବେଳେ ବୟସାଧିକ କାରଣରୁ ଅସୁସ୍ଥ ହୋଇ ମୃତ୍ୟୁ ଘଟିଥିବା ଏସିଏଫ୍‌ଓ ଗୁରୁ ସୂଚନା ଦେଇଛନ୍ତି।





3-Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar, Editor - Tathagata Satpathy, ସମ୍ପାଦକ– ତଥାଗତ ସତପଥୀ



ଅତି ଘର୍ଷଣ ଫଳରେ ଚନ୍ଦନ କାଷ୍ଠରୁ ମଧ ଅଗ୍ନି ବାହାରେ। ସେହିପରି ଜ୍ଞାନୀମାନଙ୍କ ପ୍ରତି ଅବଜ୍ଞା ପ୍ରଦର୍ଶନ କଲେ ସେମାନଙ୍କ ହୃଦୟରୁ କ୍ରୋଧଜାତ ହୁଏ।

- ମହର୍ଷି ବାଲ୍ମୀକି



## ସଂକ୍ଷେପରେ

### ମଦମୁକ୍ତ ଓଡ଼ିଶା ଅଭିଯାନ କାର୍ଯ୍ୟକ୍ରମ

**ଚୌଦ୍ୱାର ୨୦।୧(ଡି.ଏନ୍.ଏ.):** ଚୌଦ୍ୱାର ଜନ ଜାଗରଣ ମଞ୍ଚ ଓ ଲିଗାଲ ଏଡ ୱାର୍କରସ୍ (ଲ) ସଙ୍ଗଠନର ମିଳିତ ଆନୁକୂଲ୍ୟରେ ସ୍ଥାନୀୟ ଅଞ୍ଚଳରେ ରବିବାର ମଦମୁକ୍ତ ଓଡ଼ିଶା ଅଭିଯାନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଶିକ୍ଷାବିତ୍ କୈଳାସ ଚନ୍ଦ୍ର ବରାଳ, ସୁଶାନ୍ତ କୁମାର ନାୟକ, ମାନସ କୁମାର ସାହୁ ପ୍ରମୁଖ ସକାଳେ ଗାନ୍ଧିଛକସ୍ଥିତ ମହାତ୍ମା ଗାନ୍ଧୀଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରିଥିଲେ। ଏଥିସହ ଉଭୟ ସଙ୍ଗଠନର କର୍ମକର୍ତ୍ତା, ଯୁବ ବାହିନୀର ସଦସ୍ୟ ଓ ସ୍ଥାନୀୟ ଯୁବକମାନେ ମଦ ବିରୋଧୀ ସ୍ଲୋଗାନ ଲେଖାଥିବା ପ୍ଲାକାର୍ଡ ଧରି ଶୋଭାଯାତ୍ରାରେ ଚୌଦ୍ୱାର ପୌରପାଳିକାର ୧ରୁ ୫ ନମ୍ବର ୱାର୍ଡ ପରିକ୍ରମା କରିଥିଲେ। ଏଥି ସହିତ ପଥପ୍ରାନ୍ତ ସଭାମାନ ଆୟୋଜନ କରି ମଦମୁକ୍ତ ଓଡ଼ିଶା ଗଠନ ପାଇଁ ସହଯୋଗ କରିବାକୁ ଲୋକମାନଙ୍କୁ ବୁଝାଇଥିଲେ। ପ୍ରକାଶ ନାୟକ, ରଞ୍ଜନ ବେହେରା, ସୁନାକର ସାହୁ, ପରିକ୍ଷିତ ଲେଙ୍କା, ମଳୟ ମହାପାତ୍ର, ଲଲାଟେନ୍ଦୁ ପାତ୍ର, ନାରାୟଣ ସ୍ୱାଇଁ, ସତ୍ୟବ୍ରତ ପୃଷ୍ଟି ଓ ଶରତ ପ୍ରଧାନ ପ୍ରମୁଖ ଶୋଭାଯାତ୍ରାର ନେତୃତ୍ୱ ନେଇଥିଲେ।

### ବିଦ୍ୟାଳୟର ବାର୍ଷିକ ଉତ୍ସବ

**ନିଆଳି, ୨୦।୧(ଡି.ଏନ୍.ଏ.) :** ନିଆଳି ପ୍ରାଚୀ ମହିଳା ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ବାର୍ଷିକ ଉତ୍ସବ ବିଦ୍ୟାଳୟ ପରିସରରେ ରବିବାର ଅନୁଷ୍ଠିତ ହୋଇଯାଇଛି। ବିଦ୍ୟାଳୟର ଅଧକ୍ଷା ସ୍ମିତାରାଣୀ ସିଂହଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ମୁଖ୍ୟଅତିଥି ଭାବେ ଜଗତ୍‌ସିଂହପୁର ଏମ୍‌ପି ଡ. କୁଳମଣି ସାମଲ, ମୁଖ୍ୟବକ୍ତା ସ୍ଥାନୀୟ ବିଧାୟକ ଡା. ପ୍ରମୋଦ କୁମାର ମଲ୍ଲିକ, ସମ୍ମାନିତ ଅତିଥି ଭାବେ ୬୬୨ ଅଧ୍ୟାପକ ଆସୋସିଏଶନ୍‌ର ସମ୍ପାଦକ ଏସ୍.କେ. ଶତାଉଦ୍ଦିନ୍ ଅହମ୍ମଦ, ସ୍ଥାନୀୟ ସରପଞ୍ଚ ପ୍ରଶାନ୍ତ କୁମାର ସିଂହ ପ୍ରମୁଖ ଯୋଗଦେଇଥିଲେ। ଅଧାପକ ଅବ୍‌ଦୁଲ ଅମିନ୍ ଖାନ୍ ସଭା ପରିଚାଳନା ଓ ଅଧାପକ ଦେବରାଜ ଷଡଙ୍ଗୀ ଧନ୍ୟବାଦ ଦେଇଥିଲେ।

### ପଲ୍ଲିଭାରତର କବିତା ଆସର

**ନିଆଳି, ୨୦।୧(ଡି.ଏନ୍.ଏ.):** ପଲ୍ଲିଭାରତ ସାରସ୍ୱତ ସାଂସ୍କୃତିକ ପରିଷଦ ପକ୍ଷରୁ ରାଧାକାନ୍ତ ମଠ ପରିସରରେ ବନ୍ଧୁ ମିଳନ ଓ କବିତାଆସର କାର୍ଯ୍ୟକ୍ରମ ରବିବାର ଅନୁଷ୍ଠିତ ହୋଇଯାଇଛି। ପରିଷଦର ସଭାପତି ହଂସନାଥ ସାହୁଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ମୁଖ୍ୟଅତିଥି ଭାବରେ 'ତୁଳସୀକ୍ଷେତ୍ର' ପତ୍ରିକାର ସମ୍ପାଦକ ସୁଦର୍ଶନ ମହାପାତ୍ର, ମୁଖ୍ୟବକ୍ତା ସାହିତ୍ୟିକ ଡ. ତ୍ରିନାଥ ପଟ୍ଟନାୟକ ଯୋଗଦେଇଥିଲେ। ଅନୁଷ୍ଠାନର ସମ୍ପାଦକ ବିଜୟ କୁମାର ମିଶ୍ର ବିବରଣୀ ପାଠ, ଯୁଗ୍ମ ସମ୍ପାଦକ ଅବ୍‌ଦୁଲ ବାରି ଅତିଥି ପରିଚୟ ପ୍ରଦାନ, ସାହିତ୍ୟିକ କାର୍ତ୍ତିକ ଚନ୍ଦ୍ର ଷଡଙ୍ଗୀ କବିତା ସଂଯୋଜନା କରିଥିଲେ। ଏହି କାର୍ଯ୍ୟକ୍ରମରେ ୬୦ରୁ ଊର୍ଦ୍ଧ୍ୱ କବିୟତ୍ରୀ ଓ କବି କବିତା ପାଠ କରିଥିଲେ। ଅଶୋକ ରାୟ, ପ୍ରଦୀପ୍ତ ନନ୍ଦ, ବିଜୟା ନଳିନୀ ଲେଙ୍କା, ବିନୋଦ କୁମାର ଭୋଇ, ସୁଧାଂଶୁ ପରିଡା ପ୍ରମୁଖ କାର୍ଯ୍ୟକ୍ରମରେ ସହଯୋଗ କରିଥିଲେ।

### ରାହୁଲ ଗାନ୍ଧୀଙ୍କ ଓଡ଼ିଶା ଗସ୍ତ ପ୍ରସ୍ତୁତି ବୈଠକ

**ଚୌଦ୍ୱାର, ୨୦।୧ (ଡି.ଏନ୍.ଏ.):** ଆସନ୍ତା ୨୫ ତାରିଖରେ କଂଗ୍ରେସ ଅଧକ୍ଷ ରାହୁଲ ଗାନ୍ଧୀ ଓଡ଼ିଶା ଆସିବାର କାର୍ଯ୍ୟକ୍ରମ ରହିଛି। ଟାଙ୍ଗୀ-ଚୌଦ୍ୱାର ବ୍ଲକ ମହିଷାଲଣ୍ଡା ପଞ୍ଚାୟତ ଅଧୀନ ବନ୍ତୋ ଫାର୍ମହାଉସ ପରିସରରେ ଚୌଦ୍ୱାର-କଟକ କଂଗ୍ରେସ ପକ୍ଷରୁ ରାହୁଲଙ୍କୁ ସ୍ୱାଗତ ପାଇଁ ଏକ ପ୍ରସ୍ତୁତି ବୈଠକ ରବିବାର ଅନୁଷ୍ଠିତ ହୋଇଯାଇଛି। କଂଗ୍ରେସ ନେତା ସନ୍ତୋଷ କୁମାର ମହାନ୍ତିଙ୍କ ଅଧକ୍ଷତାରେ ଅନୁଷ୍ଠିତ ବୈଠକରେ ରାଜ୍ୟ ସରକାରଙ୍କ ମନୋମୁଖି ଶାସନ ବିରୋଧରେ ସଂଗ୍ରାମ ଜାରି ରଖିବା ପାଇଁ ଆଲୋଚନା କରାଯାଇଥିଲା। ମାନସ ପରିଡା ବୈଠକ ପରିଚାଳନା କରିଥିଲେ। ପୂର୍ବତନ ବ୍ଲକ ଅଧକ୍ଷ ପ୍ରହ୍ଲାଦ ସ୍ୱାଇଁ, କଂଗ୍ରେସ ପର୍ଯ୍ୟବେକ୍ଷକ ସୁବୋଧ ପ୍ରସାଦ ପଣ୍ଡା, ଜଗଜ୍ଜୀବନ ମହାନ୍ତି, ଲୋକନାଥ ରାଉତ, ରତିକାନ୍ତ ଜେନା, ବସନ୍ତ କୁମାର ବେଉରା, ଦୀପକ ରଞ୍ଜନ ଜେନା, ରୁଦ୍ର ପ୍ରକାଶ ବେଉରା ଓ ଲିପ୍ସା ଚିନ୍ତାପାଲିଙ୍କ ସମେତ ବହୁ କଂଗ୍ରେସ କର୍ମୀ ଯୋଗଦେଇ ନିଜର ମତାମତ ରଖିଥିଲେ।

## ■ ବିଦ୍ୟୁତ୍ ସଂସ୍କାର କାର୍ଯ୍ୟକ୍ରମରେ ମନ୍ଥରତା

# ବର୍ଷକରେ ୧୫ରୁ ସରିଛି ୩ ଟ୍ରାନ୍ସଫର୍ମର କାମ

**କଟକ ସଦର, ୨୦।୧ (ଡି.ଏନ୍.ଏ.)**

ସୌଭାଗ୍ୟ ଯୋଜନାରେ ଘରେ ଘରେ ବିଦ୍ୟୁତ୍ ଶକ୍ତି ପହଞ୍ଚାଇବା ପାଇଁ ରାଜ୍ୟ ବିଦ୍ୟୁତ୍ ବିଭାଗ ୧ ବର୍ଷ ତଳେ ସଂସ୍କାର କାର୍ଯ୍ୟକ୍ରମ ହାତକୁ ନେଇଥିଲା। ହେଲେ କଟକ ସଦର ବ୍ଲକ ଅଧୀନ କନ୍ଦରପୁର, କିଶନନଗର ଓ ୪୨ ମୌଜା ସେକ୍ସନରେ ବିଦ୍ୟୁତ୍ ସଂସ୍କାର କାର୍ଯ୍ୟକ୍ରମ ଅତି ମନ୍ଥର ଗତିରେ ଚାଲିଥିବା ଜଣାପଡିଛି। ଠିକାଦାରମାନଙ୍କ ଅସହଯୋଗ ସଂସ୍କାର କାର୍ଯ୍ୟକ୍ରମ ମନ୍ଥରତାର ମୁଖ୍ୟ କାରଣ ବୋଲି କୁହାଯାଉଛି। ୨୦୧୮ରେ ଏହି ସବୁ ସେକ୍ସନରେ ୧୫ଟି ୬୬ କେଭିଏ ଟ୍ରାନ୍ସଫର୍ମର ବସାଇବା ପାଇଁ ଲକ୍ଷ୍ୟ ରଖାଯାଇଥିଲା। ମାତ୍ର ୩ଟି କାମ ସରିଥିବାବେଳେ ବାକିତକ ଅଧାପନ୍ତରିଆ ହୋଇ ପଡିଛି। ସେଥିପାଇଁ ସୌଭାଗ୍ୟ ଯୋଜନାରେ ନୂଆ ବିଦ୍ୟୁତ୍ ଉପଭୋକ୍ତାଙ୍କୁ ଲାଇନ୍ ଦିଆଯାଇପାରୁ ନ ଥିବା ଯୋବ୍ରା ଉପଖଣ୍ଡ ବିଦ୍ୟୁତ୍ କାର୍ଯ୍ୟାଳୟରେ ଅଭିଯୋଗ ହୋଇଛି। ମିଳିଥିବା ସୂଚନା ଅନୁଯାୟୀ, ଏହି ସମସ୍ତ ଟ୍ରାନ୍ସଫର୍ମର ଦୀନଦୟାଲ ଗ୍ରାମୀଣ ବିଦ୍ୟୁତ୍‌କରଣ ଯୋଜନାରେ ବସାଯିବା ପାଇଁ ଲକ୍ଷ୍ୟ ରଖାଯାଇଛି। ଏହାଛଡା ସିଆରଆରଆଇ ସବ୍‌ଷ୍ଟେଶନରୁ ୩୩ କେଭି ଫିଡର କନ୍ଦରପୁର ପର୍ଯ୍ୟନ୍ତ ଟଣାଯିବାର ଲକ୍ଷ୍ୟ ଥିଲା। କାର୍ଯ୍ୟକ୍ରମର ଦାୟିତ୍ୱ ନେଇଥିବା ମାନ୍ୟତାପ୍ରାପ୍ତ ଠିକାଦାରମାନେ ଅଣ

**ଠିକାଦାରଙ୍କ ଅସହଯୋଗ ମନ୍ଥରତାର କାରଣ**

ମାନ୍ୟତାପ୍ରାପ୍ତ ଠିକାଦାରମାନଙ୍କୁ ଅଲିଖିତ ଚୁକ୍ତି କରି କାମ ଦେଉଛନ୍ତି। ଫଳରେ କାମ ଅଗ୍ରଗତି କରିବା ବଦଳରେ ମନ୍ଥର ହୋଇପଡିଛି। ୩୩ କେଭି ଫିଡରଟିକୁ ତାଳଦଣ୍ଡା କେନାଲ ବନ୍ଧ ପାର୍ଶ୍ୱରେ ଫକୀରପଡା ପର୍ଯ୍ୟନ୍ତ ନେବା ପାଇଁ ଦୀନଦୟାଲ ଜ୍ୟୋତି କର୍ତ୍ତୃପକ୍ଷଙ୍କୁ ପ୍ରସ୍ତାବ ଦିଆଯାଇଛି। ହେଲେ ଠିକାଦାର ଜଣଙ୍କ କଟକ-ପାରାଦୀପ ରାସ୍ତାପାର୍ଶ୍ୱରେ ନେବା ପାଇଁ ଲୁହାଖୁଣ୍ଟ ୬ ମାସ ହେବ ପକାଇ ରଖିଛି। ଏଭଳି ପରିସ୍ଥିତିରେ ପିଠା କାର୍ଯ୍ୟକ୍ରମରେ ନୂଆ ଲାଇନ୍ ପାଇବା ପାଇଁ କିଶନନଗର, କନ୍ଦରପୁର ଓ ୪୨ ମୌଜା ଜୋନ୍‌ରୁ ୧୨୦୦ରୁ ଊର୍ଦ୍ଧ୍ୱ ଆବେଦନ କରିଛନ୍ତି। ଏହାବାଦ୍ ରଘୁନାଥପୁର ଓ ବିରିଡି ସେକ୍ସନର ମଧ ଲମ୍ବା ତାଲିକା ରହିଛି। ଏଭଳି ପରିସ୍ଥିତିରେ ପୋପରଡା-କନ୍ଦରପୁର ପୁରୁଣା ୩୩ କେଭି ଫିଡରରେ ଚାପ ଯୋଗୁ ଘନଘନ ବିଦ୍ୟୁତ୍ ବିଭ୍ରାଟ ଦେଖାଦେଇଛି। ସମସ୍ୟା ସମ୍ପର୍କରେ ଯୋବ୍ରା ବିଦ୍ୟୁତ୍ ଉପଖଣ୍ଡର ସହକାରୀ ପରିଚାଳକ ଏସ୍.କେ. ସାହୁଙ୍କୁ ପଚାରିବାରୁ ଅଧିକାଂଶ କେନ୍ଦ୍ରୀୟ ଯୋଜନା ହୋଇଥିବାରୁ ମନ୍ଥରତା ପାଇଁ ସେସୁ କର୍ତ୍ତୃପକ୍ଷ ମୁହଁ ଖୋଲିବା ସମ୍ଭବ ହେଉନି ବୋଲି କହିଥିଲେ।




କଟକ କଳାବିକାଶ କେନ୍ଦ୍ର ଅଡିଟୋରିୟମରେ ଥିଏଟର ମୁଭ୍‌ମେଣ୍ଟ ପକ୍ଷରୁ ଅନୁଷ୍ଠିତ ଗ୍ଲୋବାଲ ଥିଏଟର ଫେଷ୍ଟିଭାଲର ରବିବାର ଉଦ୍‌ଘାଟନୀ ସନ୍ଧ୍ୟାରେ କଳାକାରଙ୍କ ଦ୍ୱାରା ପରିବେଷିତ ଓଡିଶୀ ନୃତ୍ୟ।

## ସମ୍ବାଦପତ୍ର ବିକ୍ରେତା ସଂଘ ସଭ୍ୟଙ୍କୁ ମିଳିଲା ଶ୍ରମିକ କାର୍ଡ



ସମ୍ବାଦପତ୍ର ବିକ୍ରେତା ସଂଘ ସଭ୍ୟମାନଙ୍କୁ କାର୍ଡ ପ୍ରଦାନ କରାଯାଉଛି।

**କଟକ ଅଫିସ, ୨୦।୧**

କଟକ ବାଖରାବାଦ୍‌ସ୍ଥିତ ଗାନ୍ଧୀଭବନଠାରେ ସମ୍ବାଦପତ୍ର ବିକ୍ରେତା ସଂଘର ସଭ୍ୟମାନଙ୍କ ଏକ ସମାବେଶ ରବିବାର ଅପରାହ୍ନରେ ଅନୁଷ୍ଠିତ ହୋଇଯାଇଛି। ସଂଘ ସଭାପତି ବିଜୟ କୁମାର ପଢିହାରୀଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସମାବେଶରେ ଓଡ଼ିଶା ନିର୍ମାଣ ଶ୍ରମିକ କଲ୍ୟାଣ ବୋର୍ଡର ଅଧକ୍ଷ ସୁବାସ ସିଂ ମୁଖ୍ୟଅତିଥି ଭାବେ ଯୋଗଦେଇ ସମ୍ବାଦପତ୍ର ବିକ୍ରେତା ସଂଘ କଟକର ସଭ୍ୟମାନଙ୍କୁ ଶ୍ରମିକ କାର୍ଡ ପ୍ରଦାନ କରିଥିଲେ। ଏଥିରେ କର୍ପୋରେଟର ରଞ୍ଜନ ବିଶ୍ୱାଳଙ୍କ ସମେତ କଟକ ଶ୍ରମ ବିଭାଗର ଅଧିକାରୀମାନେ ଉପସ୍ଥିତ ଥିଲେ। ଏହି କାର୍ଡ ପ୍ରଦାନ ଦ୍ୱାରା ଖବରକାଗଜ ବିକ୍ରେତାମାନେ ସରକାରଙ୍କ ବିଭିନ୍ନ ଯୋଜନାର ସୁଯୋଗ ପାଇପାରିବେ ବୋଲି କୁହାଯାଇଥିଲା। ସଂଘ ଉପସଭାପତି ସିନୁ ରେଡ୍ଡୀ, ସମ୍ପାଦକ ଦୁର୍ଗାପ୍ରସାଦ ଛାଟୋଇ, ସହ ସମ୍ପାଦକ ରତ୍ନାକର ପ୍ରଧାନ, କୋଷାଧକ୍ଷ ଅକ୍ଷୟ ମହାନ୍ତିଙ୍କ ସମେତ ସଭ୍ୟ ସନ୍ତୋଷ ମହାନ୍ତି, ହିମାଂଶୁ ମହାପାତ୍ର, ପ୍ରଶାନ୍ତ ସାହୁ, ମନୋଜ ପାଲ, ପ୍ରଭାସ ପ୍ରଧାନ, ହାଡ଼ିବନ୍ଧୁ ବେହେରା, ଗୋବିନ୍ଦ ଚନ୍ଦ୍ର ଦାଶ ଓ ବଂଶୀଧର ବେହେରା ଉପସ୍ଥିତ ଥିଲେ।

## ଅନୁକୂଳଚନ୍ଦ୍ରଙ୍କ ଜନ୍ମ ଉତ୍ସବ ପାଳିତ

**ଫୁଲନଖରା/ ଖୁଣ୍ଟୁଣୀ, ୨୦।୧ (ଡି.ଏନ୍.ଏ.)**

କଟକ ସଦର ଥାନା ଅଧୀନ ଅରଡିଆପଦା ଢିଅସାହିଠାରେ ଠାକୁର ଅନୁକୂଳଚନ୍ଦ୍ରଙ୍କ ଜନ୍ମ ଉତ୍ସବ ଓ ୨୭ତମ ବନ ମହୋତ୍ସବ ରବିବାର ଅନୁଷ୍ଠିତ ହୋଇଯାଇଛି। ଏଥିରେ ଚିନ୍ତାମଣି ବାରିକ, ବିଷ୍ଣୁମୋହନ ପାତ୍ର, ପ୍ରଶାନ୍ତ ମହାରଣା ଓ ଲକ୍ଷ୍ମୀକାନ୍ତ ମହାନ୍ତି ଅତିଥି ଭାବେ ଯୋଗଦେଇ ଅନୁକୂଳଚନ୍ଦ୍ରଙ୍କ ଜୀବନୀ ଉପରେ ଆଲୋକପାତ କରିଥିଲେ। ଆଲୋକ ଜେନାଙ୍କ ନେତୃତ୍ୱରେ ଆୟୋଜିତ ଉତ୍ସବରେ ବ୍ରଜବନ୍ଧୁ ବେଉରା, ଅଜୟ ବେଉରା, ତପନ ଦାଶ ଓ ସୁରେଶ ବେଉରା ସହଯୋଗ କରିଥିଲେ।

ସେହିପରି ଖୁଣ୍ଟୁଣୀସ୍ଥିତ ସତ୍‌ସଙ୍ଗ ବିହାର ପରିସରରେ ଠାକୁର ଅନୁକୂଳଚନ୍ଦ୍ରଙ୍କ ଜନ୍ମୋତ୍ସବ ପାଳିତ ହୋଇଯାଇଛି। ସତସଙ୍ଗ ବିହାର ସଭାପତି ପାରେଶ୍ୱର ଜେନାଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଧର୍ମସଭାରେ ମୁଖ୍ୟଅତିଥି ଭାବେ ଖୁଣ୍ଟୁଣୀ ଥାନାଧିକାରୀ ସତ୍ୟବ୍ରତ ଲେଙ୍କା, ମୁଖ୍ୟବକ୍ତା ଭବାନୀପାଟଣାର ସରୋଜକାନ୍ତ ଖମାରୀ ଏବଂ ସମ୍ମାନିତ ଅତିଥି ଡା.ପ୍ରଦୀପ କୁମାର ମିଶ୍ର ପ୍ରମୁଖ ଯୋଗଦେଇଥିଲେ। ଏହି ଅବସରରେ ମାତୃ ସମ୍ମିଳନୀ, ନଗର ସଂକୀର୍ତ୍ତନ, ସାମୂହିକ ପ୍ରାର୍ଥନା, ଗ୍ରନ୍ଥ ପାଠ ଆଦି ହୋଇଥିଲା। ଏଥିରେ ଚୌଦ୍ୱାର, ଆଠଗଡ଼, ଖୁଣ୍ଟୁଣୀ ଓ ଗୁରୁଡ଼ିଝାଟିଆ ଅଞ୍ଚଳରୁ ୪୦୦ରୁ ଊର୍ଦ୍ଧ୍ୱ ଦିକ୍ଷିତ ଯୋଗଦେଇଥିଲେ।

## ମୋହରିର ଦିବସ ପାଳିତ

**କଟକ ଅଫିସ, ୨୦।୧**

ଲିଗାଲ ଆସିଷ୍ଟାଣ୍ଟସ୍ ଆସୋସିଏଶନ ଓଡ଼ିଶା ହାଇକୋର୍ଟ ପକ୍ଷରୁ ବିଶିଷ୍ଟ ଓ ବୟୋଜ୍ୟେଷ୍ଠ ମୋହରିର ସ୍ୱଗତଃ ବନମାଳି ଜେନାଙ୍କ ଶ୍ରାଦ୍ଧଦିବସ ଉପଲକ୍ଷେ ମୋହରିର ଦିବସ ରବିବାର ପାଳିତ ହୋଇଯାଇଛି। ହାଇକୋର୍ଟ ବାର୍ ଆସୋସିଏଶନ ହଲ୍‌ରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ହାଇକୋର୍ଟ ବିଚାରପତି ଡ. ବିଦ୍ୟୁତ୍ ରଞ୍ଜନ ଷଡଙ୍ଗୀ, ମୁଖ୍ୟବକ୍ତା ହାଇକୋର୍ଟ ବାର ଆସୋସିଏଶନ ସମ୍ପାଦକ ସତ୍ୟବ୍ରତ ମହାନ୍ତି, ଅନ୍ୟତମ ବକ୍ତା ଭାବେ ନିଖିଳ ଉତ୍କଳ ଓକିଲ ମୋହରିର ସଂଘ ସଭାପତି ଭାସ୍କର ଚନ୍ଦ୍ର ମହାନ୍ତି ଯୋଗଦେଇଥିଲେ। ଲିଗାଲ ଆସିଷ୍ଟାଣ୍ଟସ୍ ଆସୋସିଏଶନ ସଭାପତି କୃଷ୍ଣଚନ୍ଦ୍ର ମିଶ୍ର କାର୍ଯ୍ୟକ୍ରମରେ ସଭାପତିତ୍ୱ କରିଥିବାବେଳେ ସାଧାରଣ ସମ୍ପାଦକ ଦିଲ୍ଲୀପ କୁମାର ମହାନ୍ତି ବିବରଣୀ ପାଠ କରିଥିଲେ। ଉପସଭାପତି ବସନ୍ତ କୁମାର ରାଉତ, ସହ ସମ୍ପାଦକ ରଘୁନାଥ ବେହେରା, କୋଷାଧକ୍ଷ ଗୋପବନ୍ଧୁ ସୁନ୍ଦରରାୟ ସଭା ପରିଚାଳନା କରିଥିଲେ।

କ୍ରିମିନାଲ କୋର୍ଟସ ବାର ଅସୋସିଏଶନ ପ୍ରାଙ୍ଗଣରେ କଟକ ଜିଲା ସିଭିଲ୍ କୋର୍ଟ ମୋହରିର ସଂଘ ଓ କ୍ରିମିନାଲ କୋର୍ଟ ମୋହରିର ସଂଘର ମିଳିତ ଆନୁକୂଲ୍ୟରେ ମୋହରିର ଦିବସ ପାଳିତ ହୋଇଯାଇଛି। ବରିଷ୍ଠ ମୋହରିର ସ୍ୱର୍ଗତ ଉପେନ୍ଦ୍ର ମହାପାତ୍ର ଓ ଶ୍ୟାମ ସୁନ୍ଦର ମହାନ୍ତିଙ୍କ ଫଟୋଚିତ୍ର ଉନ୍ମୋଚନ କରାଯିବା ସହ ସାଧାରଣ ସଭା ଅନୁଷ୍ଠିତ ହୋଇଥିଲା। ଏହି ସଭାରେ ଉଦ୍‌ଘାଟକ ଭାବେ ଖୋର୍ଦ୍ଧା ଜିଲା ଓ ଦୌରାଜଜ୍ ସତ୍ୟନାରାୟଣ ମିଶ୍ର ଯୋଗଦେଇ ଫୁଲତୋଡ଼ା ବଦଳରେ ଗୋଟିଏ ଗଛ ଉପହାର ଦେବା ପାଇଁ ପରାମର୍ଶ ଦେଇଥିଲେ। ଏଥିରେ ମୁଖ୍ୟଅତିଥି ଭାବେ କଟକ ଜିଲା ଓ ଦୌରାଜଜ୍ ବାଳକୃଷ୍ଣ ମହାପାତ୍ର, ମୁଖ୍ୟବକ୍ତା ବରିଷ୍ଠ ଆଇନଜୀବୀ ସୌରଚନ୍ଦ୍ର ମହାପାତ୍ର, ସମ୍ମାନିତ ଅତିଥି ଭାବେ କଟକ ବାର ଆସୋସିଏଶନର ସଭାପତି ଉମାକାନ୍ତ ନନ୍ଦ, ସମ୍ପାଦକ ନରେଶ ଚନ୍ଦ୍ର ଜେନା, କ୍ରିମିନାଲ କୋର୍ଟସ ବାର ଆସୋସିଏଶନ ସଭାପତି ଅକ୍ଷୟ ପତି ଓ ସମ୍ପାଦକ ପ୍ରଦୀପ ପରିଡ଼ା ଯୋଗଦେଇଥିଲେ। ସିଭିଲ ଓ କ୍ରିମିନାଲ କୋର୍ଟ ମୋହରିର ସଂଘର କର୍ମକର୍ତ୍ତା ଗଣେଶ୍ୱର ସ୍ୱାଇଁ ସଭାରେ ସଭାପତିତ୍ୱ କରିଥିବାବେଳେ ସଂଘର ସାଧାରଣ ସମ୍ପାଦକ ଅଜୟ ଚନ୍ଦ୍ର ପରିଜା ବିବରଣୀ ପାଠ କରିଥିଲେ।




କାର୍ଯ୍ୟକ୍ରମରେ ବିଚାରପତି ଡ. ବିଦ୍ୟୁତ୍ ରଞ୍ଜନ ଷଡଙ୍ଗୀ ଉଦ୍‌ବୋଧନ ଦେଉଛନ୍ତି।

## ଘର ନାହିଁ ତ ଭୋଟ୍ ନାହିଁ

**କଟକ ଅଫିସ, ୨୦।୧**

ବସ୍ତିବାସୀଙ୍କ ଏକତା ମଞ୍ଚ ଆହ୍ୱାନରେ ସହରର ବିଭିନ୍ନ ସାହି ଓ ବସ୍ତିର ମୁଖିଆମାନଙ୍କୁ ନେଇ କାଠଯୋଡ଼ି ରିଂରୋଡ ସ୍ଥିତ ପୀରବାବା ପଡ଼ିଆଠାରେ ଏକ ଆଲୋଚନା ସଭା ରବିବାର ଅନୁଷ୍ଠିତ ହୋଇଯାଇଛି। ବସ୍ତିନେତା ସେଖ୍ ଅବଦୁଲ୍ଲାଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ବରିଷ୍ଠ ଆଇନଜୀବୀ କ୍ଷୀରୋଦ ରାଉତ, ହେମେନ୍ଦ୍ର ସାମଲ, ବାମପନ୍ଥୀ ନେତା ପ୍ରତାପ ମହାପାତ୍ର, ବସ୍ତି ସଂଘର୍ଷ ସମିତି ନେତା ପ୍ରତାପ ସାହୁ, ଆଡଭୋକେଟ ବିଜୟ ପଣ୍ଡା, ସାମାଜିକ କର୍ମୀ ରାମପ୍ରସାଦ ରାଓ, ନାରୀନେତ୍ରୀ ସଜନି ଦାସ ପ୍ରମୁଖ ଯୋଗଦେଇ ମୌଳିକ ଅଧିକାର ଯୋଗାଇ ଦେବା କ୍ଷେତ୍ରରେ ଆଲୋକପାତ କରିଥିଲେ। କଟକ ସହରବାସୀଙ୍କୁ ଯେଉଁ ଲୋକମାନେ ନିଜର ଶ୍ରମ ଓ ସେବା ଯୋଗାଇ ଦେଉଛନ୍ତି ସେମାନଙ୍କ ପାଇଁ ରାଜ୍ୟ ସରକାର କିମ୍ବା ଜିଲା ପ୍ରଶାସନ ପକ୍ଷରୁ କୌଣସି ଥଇଥାନ ଯୋଜନା କାର୍ଯ୍ୟକାରୀ କରାଯାଉନାହିଁ। କେବଳ ବିଜ୍ଞାପନ ଦ୍ୱାରା ପ୍ରଚାର କରାଯାଉଛି। ଏହି ସହରର ଭୂମିହୀନ ପରିବାର ଜିଲା ପ୍ରଶାସନ, ମହାନଗର ନିଗମ, ରାଜ୍ୟ ଓ କେନ୍ଦ୍ର ସରକାରଙ୍କ ନିକଟରେ ବାରମ୍ବାର ଆନ୍ଦୋଳନ ଜରିଆରେ ଦାବି ଉପସ୍ଥାପନ କରିଥିଲେ ସୁଦ୍ଧା ଆଜିପର୍ଯ୍ୟନ୍ତ ଗୋଟିଏ ହେଲେ ପରିବାର ବାସଗୃହ ପାଇପାରିନାହାନ୍ତି। ଏଣୁ ବାସହୀନମାନଙ୍କୁ ଘର ଯୋଗାଇ ଦିଆ ନ ଗଲେ ଭୋଟ ଦିଆଯିବ ନାହିଁ ବୋଲି ବୈଠକରେ କୁହାଯାଇଛି। 'ଘର ନାହିଁ ତ ଭୋଟ ନାହିଁ' ବ୍ୟାନର ଟାଙ୍ଗିବା, ପ୍ରଚାରପତ୍ର ଦ୍ୱାରା ବସ୍ତିବାସିନ୍ଦାଙ୍କୁ ସଚେତନ କରିବାର କାର୍ଯ୍ୟ ଆସନ୍ତା ୨୬ ତାରିଖରୁ ଆରମ୍ଭ କରାଯିବ ବୋଲି ସ୍ଥିର କରାଯାଇଛି। ଏଥିରେ ରାଜୁ ରାଓ, ବି. ଲିଙ୍ଗରାଜୁଙ୍କ ସମେତ ବିଭିନ୍ନ ବସ୍ତିର ୩୦୦ରୁ ଊର୍ଦ୍ଧ୍ୱ ପ୍ରତିନିଧି ଯୋଗଦେଇଥିଲେ।

## ଜନସମ୍ପର୍କ କାର୍ଯ୍ୟକ୍ରମ

**କଟକ ଅଫିସ, ୨୦।୧:** କମିଶନରେଟ୍ ପୋଲିସ ପକ୍ଷରୁ ରବିବାର ପୋଲିସ-ଜନତା ମଧ୍ୟରେ ଜନସମ୍ପର୍କ କାର୍ଯ୍ୟକ୍ରମ ଓ ସ୍ୱାସ୍ଥ୍ୟ ଶିବିର ସ୍ଥାନୀୟ ଓସିଏ କନଫରେନ୍ସ ହଲରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ପୋଲିସ କମିଶନର ସତ୍ୟଜିତ୍ ମହାନ୍ତି, ଡିସିପି ଅଖିଳେଶ୍ୱର ସିଂଙ୍କ ସମେତ ଅନ୍ୟ ଅଧିକାରୀମାନେ ଉପସ୍ଥିତ ଥିଲେ। ଜାଇକା କାର୍ଯ୍ୟ ସମ୍ପୂର୍ଣ୍ଣ କରିବା, ରାସ୍ତାଘାଟ ମରାମତି ସହ କଟକରେ ଉପୁଜୁଥିବା ଟ୍ରାଫିକ୍ ସମସ୍ୟାର ସମାଧାନ କରିବାକୁ ଉପସ୍ଥିତ ଲୋକମାନେ କହିଥିଲେ। କମିଶନର ଉକ୍ତ ଅଭିଯୋଗର ସମାଧାନ ଦିଗରେ କାର୍ଯ୍ୟ କରିବାକୁ ପ୍ରତିଶ୍ରୁତି ଦେଇଥିଲେ। ଅନୁଷ୍ଠିତ ସ୍ୱାସ୍ଥ୍ୟ ଶିବିରରେ ୨୦୦ରୁ ଊର୍ଦ୍ଧ୍ୱ ଲୋକଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରାଯାଇଥିଲା।

## ଓରିୟନ ସାଂସ୍କୃତିକ ମହୋତ୍ସବ ଉଦ୍‌ଯାପିତ

**କଟକ ଅଫିସ, ୨୦।୧:** ଶ୍ରୀ ଶ୍ରୀ ବିଶ୍ୱବିଦ୍ୟାଳୟରେ ସାଂସ୍କୃତିକ ମହୋତ୍ସବ ଓରିୟନ ରବିବାର ଉଦ୍‌ଯାପିତ ହୋଇଛି। ପ୍ରଥମେ ପଥପ୍ରାନ୍ତ ନାଟକ ପ୍ରତିଯୋଗିତା ଆରମ୍ଭ ହୋଇଥିଲା। ଏଥିରେ ଅଭିନେତା ତଥା ବିଧାୟକ ଆକାଶଦାସ ନାୟକ ଓ ଦିଲ୍ଲୀସ୍ଥିତ ନାଟକ ମଣ୍ଡଳୀ 'ନାଟ୍ୟ ଓସ୍ତାଦ'ର ମୁଖ୍ୟ ଅରୁଣାଂଶ ସୋକିନ ବିଚାରକ ଭାବେ ଯୋଗଦେଇଥିଲେ। ଏହି କାର୍ଯ୍ୟକ୍ରମରେ ଉଚ୍ଚଶିକ୍ଷା ବିଭାଗର ସଚିବ ବିଷ୍ଣୁପଦ ସେଠୀ ଓ ସହକାରୀ ସଚିବ ଡ. ପାର୍ଥସାରଥୀ ମିଶ୍ର ଯଥାକ୍ରମେ ମୁଖ୍ୟଅତିଥି ଓ ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ। ପରେ ସାଂସ୍କୃତିକ ସନ୍ଧ୍ୟା ସିଲେଷ୍ଟିଆ ଫ୍ୟାସନ ଶୋ ହୋଇଥିଲା। ରାଜ୍ୟର ବିଭିନ୍ନ ଶିକ୍ଷାନୁଷ୍ଠାନରୁ ପ୍ରତିଯୋଗୀ ଭାଗ ନେଇଥିଲେ। ସାଂସ୍କୃତିକ ସନ୍ଧ୍ୟାର ମୁଖ୍ୟ ଆକର୍ଷଣ ଥିଲେ ବଲିଉଡ ଗାୟକ ଷ୍ଟିବେନ ବେନ। ସେ ନିଜର ଗୀତରେ ଉପସ୍ଥିତ ଦର୍ଶକଙ୍କୁ ମତୁଆଲା କରିଥିଲେ।

## ଶ୍ରୀରାମଚନ୍ଦ୍ର ଭଞ୍ଜଦେଓଙ୍କ ଉପରେ ଆଲୋଚନା ସଭା

**କଟକ ଅଫିସ, ୨୦।୧**

ସାହିତ୍ୟ ଓ ସାଂସ୍କୃତିକ ସଙ୍ଗଠନ ସମନ୍ୱୟ ପକ୍ଷରୁ ସିଡିଏ ସେକ୍ଟର-୬ସ୍ଥିତ ସିଣ୍ଡିକେଟ ବ୍ୟାଙ୍କ ସଭାଗୃହରେ ଶ୍ରୀରାମଚନ୍ଦ୍ର ଭଞ୍ଜଦେଓଙ୍କ ଉପରେ ଏକ ଆଲୋଚନା ସଭା ରବିବାର ଅନୁଷ୍ଠିତ ହୋଇଯାଇଛି। ଅନୁଷ୍ଠାନର ସଭାପତି ସାହିତ୍ୟିକ ଦୁଃଖିଶ୍ୟାମ ଦାସ ସଭାରେ ପୌରୋହିତ୍ୟ କରିଥିବାବେଳେ ସମ୍ପାଦକ ଇଂ. ଅବିନାଶ ପରିଡ଼ା ବିବରଣୀ ପାଠ କରିଥିଲେ। ରବୀନ୍ଦ୍ରନାଥ ପଣ୍ଡା ବେଦପାଠ ଓ ସସ୍ମିତା ଜେନା ଶ୍ରୀରାମଚନ୍ଦ୍ର ଭଞ୍ଜଦେଓଙ୍କ ଉପରେ ସନ୍ଦର୍ଭ ପାଠ କରିଥିଲେ। ଉକ୍ତ ପ୍ରବନ୍ଧ ଉପରେ ଆଲୋଚନା ରଖି ଇଂ. ପ୍ରଦୀପ୍ତ ମହାପାତ୍ର ମୟୂରଭଞ୍ଜ ମହାରାଜା ଶ୍ରୀରାମଚନ୍ଦ୍ର ଭଞ୍ଜଦେଓଙ୍କ ପ୍ରତିଭା ସମ୍ପର୍କରେ ଆଲୋକପାତ କରିଥିଲେ। କଟକରେ ଶ୍ରୀରାମଚନ୍ଦ୍ର ଭଞ୍ଜ ମେଡିକାଲ କଲେଜ, ଉତ୍କଳ ସାହିତ୍ୟ ସମାଜର ମୁଖ୍ୟ ଘର, ବାଲେଶ୍ୱର ରାମଚନ୍ଦ୍ର ଟୋଲ ଓ ଉତ୍କଳ ବିଶ୍ୱବିଦ୍ୟାଳୟ ଛାପାଖାନା ଆଦି ବହୁ ରାଷ୍ଟ୍ର ହିତକର କାର୍ଯ୍ୟ ତାଙ୍କ ଦ୍ୱାରା ସମ୍ପାଦିତ ହୋଇଛି ବୋଲି ସାମାଜିକ କର୍ମୀ ପ୍ରଶାନ୍ତ ଦାସ କହିଛନ୍ତି। ପ୍ରଫେସର ଦୁର୍ଗାପ୍ରସନ୍ନ ନନ୍ଦ, ପ୍ରମୋଦ ପ୍ରସାଦ ନନ୍ଦ, ଆଡଭୋକେଟ କବିର ଜେନା, ଦେବେନ୍ଦ୍ର ପଟ୍ଟନାୟକ, ଦେବେନ୍ଦ୍ର ପରିଡ଼ା, ଶରତ ଚନ୍ଦ୍ର ଜେନା ପ୍ରମୁଖ ଉପସ୍ଥିତ ଥିଲେ। ସଙ୍ଗଠନ ସମ୍ପାଦକ କିଶୋର ଚନ୍ଦ୍ର ସ୍ୱାଇଁ ଧନ୍ୟବାଦ ଦେଇଥିଲେ।

## ■ ପିଠା କାର୍ଯ୍ୟକ୍ରମରେ ଗଣ୍ଡଗୋଳ ଘଟଣା

# ପୁଣି ମୁହାଁମୁହିଁ ହେଲେ ଦୁଇ ଗୋଷ୍ଠୀ

**କଟକ ଅଫିସ, ୨୦।୧**

କଟକ ସଦର ବ୍ଲକ ଅଧୀନ ଗତିରାଉତପାଟଣା ପଞ୍ଚାୟତ କାର୍ଯ୍ୟାଳୟରେ ଶନିବାର ଅନୁଷ୍ଠିତ ପିଠା କାର୍ଯ୍ୟକ୍ରମରେ ଦୁଇ ଗୋଷ୍ଠୀ ମଧ୍ୟରେ ମାରପିଟ୍ ହୋଇଥିଲା। ଏଥିରେ ସ୍ଥାନୀୟ ସରପଞ୍ଚଙ୍କ ସମେତ ଉଭୟ ପକ୍ଷର ୭ ଜଣ ଆହତ ହୋଇଥିଲେ। ଏହାକୁ ନେଇ ରବିବାର ପୁଣି ଦୁଇ ଗୋଷ୍ଠୀ ଚାଉଳିଆଗଞ୍ଜ ଥାନା ଅନ୍ତର୍ଗତ ନୂଆପାଟଣା ବଜାରରେ ମୁହାଁମୁହିଁ ହୋଇଛନ୍ତି। ଏ ନେଇ ଉଭୟ ପକ୍ଷରୁ ଚାଉଳିଆଗଞ୍ଜ ଥାନାରେ ଅଭିଯୋଗ ହୋଇଛି। ଗତିରାଉତ ପାଟଣା ସରପଞ୍ଚ ଲକ୍ଷ୍ମୀପ୍ରିୟା ସ୍ୱାଇଁଙ୍କ ଅଭିଯୋଗ ଅନୁଯାୟୀ, ରବିବାର ସକାଳେ ତାଙ୍କ ପୁଅ ସଂଗ୍ରାମ ସ୍ୱାଇଁ ନୂଆପାଟଣା ବଜାରକୁ ଯାଇଥିଲେ। ସେଠାରେ ଅପର ପକ୍ଷର କେତେଜଣ ବ୍ୟକ୍ତି ସଂଗ୍ରାମଙ୍କୁ ଗାଳିଗୁଲଜ କରିଥିଲେ। ସେ ଏହାକୁ ବିରୋଧ କରିବାରୁ ସେମାନେ ତାଙ୍କୁ ମାଡ ମାରିଥିଲେ ବୋଲି ଅଭିଯୋଗପତ୍ରରେ ଦର୍ଶାଯାଇଛି। ଅନ୍ୟପକ୍ଷରେ ଏକ ରାଜନୈତିକ ଦଳର କର୍ମୀ ରବୀନ୍ଦ୍ର ନାଥ ଦାସଙ୍କ ଅଭିଯୋଗ ଅନୁଯାୟୀ, ରବିବାର ତାଙ୍କ ପୁଅ କିଶୋର ରଞ୍ଜନ ଦାସ ନୂଆପାଟଣା ବଜାରରେ ଥିବା ଏକ ପାନ ଦୋକନକୁ ଯାଇଥିଲେ। ସେଠାରେ ସରପଞ୍ଚଙ୍କ କିଛି ସହଯୋଗୀ ତାଙ୍କୁ ଆକ୍ରମଣ କରିଥିଲେ। ସୂଚନାଯୋଗ୍ୟ, ଶନିବାର ଉକ୍ତ ପଞ୍ଚାୟତ କାର୍ଯ୍ୟାଳୟରେ ପିଠା କାର୍ଯ୍ୟକ୍ରମ ହୋଇଥିଲା। ଏଥିରେ କ୍ରୀଡାମନ୍ତ୍ରୀ ଚନ୍ଦ୍ରସାରଥି ବେହେରା ଯୋଗଦେଇ ବାର୍ଦ୍ଧକ୍ୟ ଓ ବିଧବା ଭତ୍ତା, ଏଲ୍‌ଇଡି ବଲ୍‌ବ ଓ ସ୍ୱୟଂ ସହାୟକ ଗୋଷ୍ଠୀକୁ ପ୍ରୋତ୍ସାହନ ରାଶି ବଣ୍ଟନ କରିଥିଲେ। ହେଲେ ସଭା ଆୟୋଜନ ସମୟ ନିର୍ଘଣ୍ଟକୁ ନେଇ ସରପଞ୍ଚଙ୍କ ସମର୍ଥକ ଓ ମନ୍ତ୍ରୀଙ୍କ ସମର୍ଥକଙ୍କ ମଧ୍ୟରେ ମାରପିଟ୍ ହୋଇଥିଲା। ଏ ନେଇ ଉଭୟ ପକ୍ଷରୁ ଅଭିଯୋଗ ହେବା ପରେ ପୋଲିସ ୨ଟି ମାମଲା ରୁଜୁ କରିଥିଲା।



କଟକସ୍ଥିତ ରାଷ୍ଟ୍ରଭାଷା ଗାନ୍ଧୀଭବନରେ ରବିବାର ଅନୁଷ୍ଠିତ ପଣ୍ଡିତ ଅନସୂୟା ପ୍ରସାଦ ପାଠକଙ୍କ ସ୍ମୃତିସଭାରେ ଏମ୍‌ପି ଡ. ପ୍ରସନ୍ନ କୁମାର ପାଟଶାଣୀ ପଣ୍ଡିତ ଅନସୂୟା ପ୍ରସାଦ ପାଠକ ହିନ୍ଦୀ ସେବା ସମ୍ମାନ ପ୍ରଦାନ କରାଯାଉଛି।



ଗୁରୁ ନାନକ ଦେବଙ୍କ ଜନ୍ମବାର୍ଷିକ ପାଳନ ଉପଲକ୍ଷେ ଶିଖରପୁରସ୍ଥିତ ଗୁରୁଦ୍ୱାରାଠାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଉପସ୍ଥିତ ଜନସମାଗମ।

## କଟକ ଜିଲା କଂଗ୍ରେସର ନୂତନ ସମ୍ପାଦକ ନିଯୁକ୍ତ

**ଖୁଣ୍ଟୁଣୀ,୨୦।୧(ଡି.ଏନ୍.ଏ.)**

କଟକ ଜିଲା କଂଗ୍ରେସ କମିଟିର ସମ୍ପାଦକ ଭାବେ ଆଠଗଡ଼ ନିର୍ବାଚନମଣ୍ଡଳୀର କଖଡ଼ି ପଞ୍ଚାୟତର ପୂର୍ବତନ ସରପଞ୍ଚ ସୁନୀଲ ସୂତାର ଓ ଗୁରୁଡିଝାଟିଆର ପୂର୍ବତନ ସରପଞ୍ଚ ବିକ୍ରମ ସେନ ଧଳ ନିଯୁକ୍ତ ପାଇଛନ୍ତି। ପିସିସି ସଭାପତି ନିରଞ୍ଜନ ପଟ୍ଟନାୟକଙ୍କ ଅନୁମୋଦନ କ୍ରମେ ଜିଲା ସଭାପତି ଗୁରୁପଦ ନନ୍ଦ ଏହି ନିଯୁକ୍ତି ପ୍ରଦାନ କରିଛନ୍ତି।



ଅତି ଘର୍ଷଣ ଫଳରେ ଚନ୍ଦନ କାଷ୍ଠରୁ ମଧ ଅଗ୍ନି ବାହାରେ। ସେହିପରି ଜ୍ଞାନୀମାନଙ୍କ ପ୍ରତି ଅବଜ୍ଞା ପ୍ରଦର୍ଶନ କଲେ ସେମାନଙ୍କ ହୃଦୟରୁ କ୍ରୋଧଜାତ ହୁଏ।
- ମହର୍ଷି ବାଲ୍ମୀକି



## ସଂକ୍ଷେପରେ

### ମଦମୁକ୍ତ ଓଡ଼ିଶା ଅଭିଯାନ କାର୍ଯ୍ୟକ୍ରମ

**ଚୌଦ୍ୱାର ୨୦।୧(ଡି.ଏନ୍.ଏ.):** ଚୌଦ୍ୱାର ଜନ ଜାଗରଣ ମଞ୍ଚ ଓ ଲିଗାଲ ଏଡ ୱାର୍କରସ୍ (ଲ) ସଙ୍ଗଠନର ମିଳିତ ଆନୁକୂଲ୍ୟରେ ସ୍ଥାନୀୟ ଅଞ୍ଚଳରେ ରବିବାର ମଦମୁକ୍ତ ଓଡ଼ିଶା ଅଭିଯାନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଶିକ୍ଷାବିତ୍ କୈଳାସ ଚନ୍ଦ୍ର ବରାଳ, ସୁଶାନ୍ତ କୁମାର ନାୟକ, ମାନସ କୁମାର ସାହୁ ପ୍ରମୁଖ ସକାଳେ ଗାନ୍ଧୀଛକସ୍ଥିତ ମହାତ୍ମା ଗାନ୍ଧୀଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରିଥିଲେ। ଏଥିସହ ଉଭୟ ସଙ୍ଗଠନର କର୍ମକର୍ତ୍ତା, ଯୁବ ବାହିନୀର ସଦସ୍ୟ ଓ ସ୍ଥାନୀୟ ଯୁବକମାନେ ମଦ ବିରୋଧୀ ସ୍ଲୋଗାନ ଲେଖାଥିବା ପ୍ଲାକାର୍ଡ ଧରି ଶୋଭାଯାତ୍ରାରେ ଚୌଦ୍ୱାର ପୌରପାଳିକାର ୧ରୁ ୫ ନମ୍ବର ୱାର୍ଡ ପରିକ୍ରମା କରିଥିଲେ। ଏଥି ସହିତ ପଥପ୍ରାନ୍ତ ସଭାମାନ ଆୟୋଜନ କରି ମଦମୁକ୍ତ ଓଡ଼ିଶା ଗଠନ ପାଇଁ ସହଯୋଗ କରିବାକୁ ଲୋକମାନଙ୍କୁ ବୁଝାଇଥିଲେ। ପ୍ରକାଶ ନାୟକ, ରଞ୍ଜନ ବେହେରା, ସୁନାକର ସାହୁ, ପରିକ୍ଷିତ ଲେଙ୍କା, ମଳୟ ମହାପାତ୍ର, ଲଲାଟେନ୍ଦୁ ପାତ୍ର, ନାରାୟଣ ସ୍ୱାଇଁ, ସତ୍ୟବ୍ରତ ପୃଷ୍ଟି ଓ ଶରତ ପ୍ରଧାନ ପ୍ରମୁଖ ଶୋଭାଯାତ୍ରାର ନେତୃତ୍ୱ ନେଇଥିଲେ।

### ବିଦ୍ୟାଳୟର ବାର୍ଷିକ ଉତ୍ସବ

**ନିଆଳି, ୨୦।୧(ଡି.ଏନ୍.ଏ.) :** ନିଆଳି ପ୍ରାଚୀ ମହିଳା ଉଚ୍ଚ ମାଧମିକ ବିଦ୍ୟାଳୟର ବାର୍ଷିକ ଉତ୍ସବ ବିଦ୍ୟାଳୟ ପରିସରରେ ରବିବାର ଅନୁଷ୍ଠିତ ହୋଇଯାଇଛି। ବିଦ୍ୟାଳୟର ଅଧକ୍ଷା ସ୍ମିତାରାଣୀ ସିଂହଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ମୁଖ୍ୟଅତିଥି ଭାବେ ଜଗତ୍‌ସିଂହପୁର ଏମ୍‌ପି ଡ. କୁଳମଣି ସାମଲ, ମୁଖ୍ୟବକ୍ତା ସ୍ଥାନୀୟ ବିଧାୟକ ଡା. ପ୍ରମୋଦ କୁମାର ମଲ୍ଲିକ, ସମ୍ମାନିତ ଅତିଥି ଭାବେ ୬୬୨ ଅଧାପକ ଆସୋସିଏଶନ୍‌ର ସମ୍ପାଦକ ଏସ୍.କେ. ଶତାଉଦ୍ଦିନ୍ ଅହମ୍ମଦ, ସ୍ଥାନୀୟ ସରପଞ୍ଚ ପ୍ରଶାନ୍ତ କୁମାର ସିଂହ ପ୍ରମୁଖ ଯୋଗଦେଇଥିଲେ। ଅଧାପକ ଅବ୍‌ଦୁଲ ଅମିନ୍ ଖାନ୍ ସଭା ପରିଚାଳନା ଓ ଅଧାପକ ଦେବରାଜ ଷଡଙ୍ଗୀ ଧନ୍ୟବାଦ ଦେଇଥିଲେ।

### ପଲ୍ଲିଭାରତର କବିତା ଆସର

**ନିଆଳି, ୨୦।୧(ଡି.ଏନ୍.ଏ.):** ପଲ୍ଲିଭାରତ ସାରସ୍ୱତ ସାଂସ୍କୃତିକ ପରିଷଦ ପକ୍ଷରୁ ରାଧାକାନ୍ତ ମଠ ପରିସରରେ ବନ୍ଧୁ ମିଳନ ଓ କବିତାଆସର କାର୍ଯ୍ୟକ୍ରମ ରବିବାର ଅନୁଷ୍ଠିତ ହୋଇଯାଇଛି। ପରିଷଦର ସଭାପତି ହଂସନାଥ ସାହୁଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ମୁଖ୍ୟଅତିଥି ଭାବରେ 'ତୁଳସୀକ୍ଷେତ୍ର' ପତ୍ରିକାର ସମ୍ପାଦକ ସୁଦର୍ଶନ ମହାପାତ୍ର, ମୁଖ୍ୟବକ୍ତା ସାହିତ୍ୟିକ ଡ. ତ୍ରିନାଥ ପଟ୍ଟନାୟକ ଯୋଗଦେଇଥିଲେ। ଅନୁଷ୍ଠାନର ସମ୍ପାଦକ ବିଜୟ କୁମାର ମିଶ୍ର ବିବରଣୀ ପାଠ, ଯୁଗ୍ମ ସମ୍ପାଦକ ଅବ୍‌ଦୁଲ ବାରି ଅତିଥି ପରିଚୟ ପ୍ରଦାନ, ସାହିତ୍ୟିକ କାର୍ତ୍ତିକ ଚନ୍ଦ୍ର ଷଡଙ୍ଗୀ କବିତା ସଂଯୋଜନା କରିଥିଲେ। ଏହି କାର୍ଯ୍ୟକ୍ରମରେ ୬୦ରୁ ଉର୍ଦ୍ଧ୍ୱ କବିୟତ୍ରୀ ଓ କବି କବିତା ପାଠ କରିଥିଲେ। ଅଶୋକ ରାୟ, ପ୍ରଦୀପ୍ତ ନନ୍ଦ, ବିଜୟା ନଳିନୀ ଲେଙ୍କା, ବିନୋଦ କୁମାର ଭୋଇ, ସୁଧାଂଶୁ ପରିଡା ପ୍ରମୁଖ କାର୍ଯ୍ୟକ୍ରମରେ ସହଯୋଗ କରିଥିଲେ।

### ରାହୁଲ ଗାନ୍ଧୀଙ୍କ ଓଡ଼ିଶା ଗସ୍ତ ପ୍ରସ୍ତୁତି ବୈଠକ

**ଚୌଦ୍ୱାର, ୨୦।୧ (ଡି.ଏନ୍.ଏ.):** ଆସନ୍ତା ୨୫ ତାରିଖରେ କଂଗ୍ରେସ ଅଧକ୍ଷ ରାହୁଲ ଗାନ୍ଧୀ ଓଡିଶା ଆସିବାର କାର୍ଯ୍ୟକ୍ରମ ରହିଛି। ଟାଙ୍ଗୀ-ଚୌଦ୍ୱାର ବ୍ଲକ ମହିଷାଲଣ୍ଡା ପଞ୍ଚାୟତ ଅଧୀନ ବନ୍ତୋ ଫାର୍ମହାଉସ ପରିସରରେ ଚୌଦ୍ୱାର-କଟକ କଂଗ୍ରେସ ପକ୍ଷରୁ ରାହୁଲଙ୍କୁ ସ୍ୱାଗତ ପାଇଁ ଏକ ପ୍ରସ୍ତୁତି ବୈଠକ ରବିବାର ଅନୁଷ୍ଠିତ ହୋଇଯାଇଛି। କଂଗ୍ରେସ ନେତା ସନ୍ତୋଷ କୁମାର ମହାନ୍ତିଙ୍କ ଅଧକ୍ଷତାରେ ଅନୁଷ୍ଠିତ ବୈଠକରେ ରାଜ୍ୟ ସରକାରଙ୍କ ମନୋମୁଖୀ ଶାସନ ବିରୋଧରେ ସଂଗ୍ରାମ ଜାରି ରଖିବା ପାଇଁ ଆଲୋଚନା କରାଯାଇଥିଲା। ମାନସ ପରିଡା ବୈଠକ ପରିଚାଳନା କରିଥିଲେ। ପୂର୍ବତନ ବ୍ଲକ ଅଧକ୍ଷ ପ୍ରହ୍ଲାଦ ସ୍ୱାଇଁ, କଂଗ୍ରେସ ପର୍ଯ୍ୟବେକ୍ଷକ ସୁବୋଧ ପ୍ରସାଦ ପଣ୍ଡା, ଜଗଜ୍ଜୀବନ ମହାନ୍ତି, ଲୋକନାଥ ରାଉତ, ରତିକାନ୍ତ ଜେନା, ବସନ୍ତ କୁମାର ବେଉରା, ଦୀପକ ରଞ୍ଜନ ଜେନା, ରୁଦ୍ର ପ୍ରକାଶ ବେଉରା ଓ ଲିପ୍ସା ଚିନ୍ତାପାଲିଙ୍କ ସମେତ ବହୁ କଂଗ୍ରେସ କର୍ମୀ ଯୋଗଦେଇ ନିଜର ମତାମତ ରଖିଥିଲେ।

■ ବିଦ୍ୟୁତ୍ ସଂସ୍କାର କାର୍ଯ୍ୟକ୍ରମରେ ମନ୍ଥରତା

# ବର୍ଷକରେ ୧୫ରୁ ସରିଛି ୩ ଟ୍ରାନ୍ସଫର୍ମର କାମ

**କଟକ ସଦର, ୨୦।୧ (ଡି.ଏନ୍.ଏ.)**

ସୌଭାଗ୍ୟ ଯୋଜନାରେ ଘରେ ଘରେ ବିଦ୍ୟୁତ୍ ଶକ୍ତି ପହଞ୍ଚାଇବା ପାଇଁ ରାଜ୍ୟ ବିଦ୍ୟୁତ୍ ବିଭାଗ ୧ ବର୍ଷ ତଳେ ସଂସ୍କାର କାର୍ଯ୍ୟକ୍ରମ ହାତକୁ ନେଇଥିଲା। ହେଲେ କଟକ ସଦର ବ୍ଲକ ଅଧୀନ କନ୍ଦରପୁର, କିଶନନଗର ଓ ୪୨ ମୌଜା ସେକ୍ସନରେ ବିଦ୍ୟୁତ୍ ସଂସ୍କାର କାର୍ଯ୍ୟକ୍ରମ ଅତି ମନ୍ଥର ଗତିରେ ଚାଲିଥିବା ଜଣାପଡିଛି। ଠିକାଦାରମାନଙ୍କ ଅସହଯୋଗ ସଂସ୍କାର କାର୍ଯ୍ୟକ୍ରମ ମନ୍ଥରତାର ମୁଖ୍ୟ କାରଣ ବୋଲି କୁହାଯାଉଛି। ୨୦୧୮ରେ ଏହି ସବୁ ସେକ୍ସନରେ ୧୫ଟି ୬୬ କେଭିଏ ଟ୍ରାନ୍ସଫର୍ମର ବସାଇବା ପାଇଁ ଲକ୍ଷ୍ୟ ରଖାଯାଇଥିଲା। ମାତ୍ର ୩ଟି କାମ ସରିଥିବାବେଳେ ବାକିତକ ଅଧାପନ୍ତରିଆ ହୋଇ ପଡିଛି। ସେଥିପାଇଁ ସୌଭାଗ୍ୟ ଯୋଜନାରେ ନୂଆ ବିଦ୍ୟୁତ୍ ଉପଭୋକ୍ତାଙ୍କୁ ଲାଇନ୍ ଦିଆଯାଇପାରୁ ନ ଥିବା ଯୋବ୍ରା ଉପଖଣ୍ଡ ବିଦ୍ୟୁତ୍ କାର୍ଯ୍ୟାଳୟରେ ଅଭିଯୋଗ ହୋଇଛି। ମିଳିଥିବା ସୂଚନା ଅନୁଯାୟୀ, ଏହି ସମସ୍ତ ଟ୍ରାନ୍ସଫର୍ମର ଦୀନଦୟାଲ ଗ୍ରାମୀଣ ବିଦ୍ୟୁତ୍‌କରଣ ଯୋଜନାରେ ବସାଯିବା ପାଇଁ ଲକ୍ଷ୍ୟ ରଖାଯାଇଛି। ଏହାଛଡା ସିଆରଆରଆଇ ସବ୍‌ଷ୍ଟେଶନରୁ ୩୩ କେଭି ଫିଡର କନ୍ଦରପୁର ପର୍ଯ୍ୟନ୍ତ ଟଣାଯିବାର ଲକ୍ଷ୍ୟ ଥିଲା। କାର୍ଯ୍ୟକ୍ରମର ଦାୟିତ୍ୱ ନେଇଥିବା ମାନ୍ୟତାପ୍ରାପ୍ତ ଠିକାଦାରମାନେ ଅଣ

**ଠିକାଦାରଙ୍କ ଅସହଯୋଗ ମନ୍ଥରତାର କାରଣ**

ମାନ୍ୟତାପ୍ରାପ୍ତ ଠିକାଦାରମାନଙ୍କୁ ଅଲିଖିତ ଚୁକ୍ତି କରି କାମ ଦେଉଛନ୍ତି। ଫଳରେ କାମ ଅଗ୍ରଗତି କରିବା ବଦଳରେ ମନ୍ଥର ହୋଇପଡିଛି। ୩୩ କେଭି ଫିଡରଟିକୁ ତାଳଦଣ୍ଡା କେନାଲ ବନ୍ଧ ପାର୍ଶ୍ୱରେ ଫକୀରପଡା ପର୍ଯ୍ୟନ୍ତ ନେବା ପାଇଁ ଦୀନଦୟାଲ ଜ୍ୟୋତି କର୍ତ୍ତୃପକ୍ଷଙ୍କୁ ପ୍ରସ୍ତାବ ଦିଆଯାଇଛି। ହେଲେ ଠିକାଦାର ଜଣଙ୍କ କଟକ-ପାରାଦୀପ ରାସ୍ତାପାର୍ଶ୍ୱରେ ନେବା ପାଇଁ ଲୁହାଖୁଣ୍ଟ ୬ ମାସ ହେବ ପକାଇ ରଖିଛି। ଏଭଳି ପରିସ୍ଥିତିରେ ପିଠା କାର୍ଯ୍ୟକ୍ରମରେ ନୂଆ ଲାଇନ୍ ପାଇବା ପାଇଁ କିଶନନଗର, କନ୍ଦରପୁର ଓ ୪୨ ମୌଜା ଜୋନ୍‌ରୁ ୧୨୦୦ରୁ ଉର୍ଦ୍ଧ୍ୱ ଆବେଦନ କରିଛନ୍ତି। ଏହାବାଦ୍ ରଘୁନାଥପୁର ଓ ବିରିଡି ସେକ୍ସନର ମଧ ଲମ୍ବା ତାଲିକା ରହିଛି। ଏଭଳି ପରିସ୍ଥିତିରେ ପୋପରଡା-କନ୍ଦରପୁର ପୁରୁଣା ୩୩ କେଭି ଫିଡରରେ ଚାପ ଯୋଗୁ ଘନଘନ ବିଦ୍ୟୁତ୍ ବିଭ୍ରାଟ ଦେଖାଦେଇଛି। ସମସ୍ୟା ସମ୍ପର୍କରେ ଯୋବ୍ରା ବିଦ୍ୟୁତ୍ ଉପଖଣ୍ଡର ସହକାରୀ ପରିଚାଳକ ଏସ୍.କେ. ସାହୁଙ୍କୁ ପଚାରିବାରୁ ଅଧିକାଂଶ କେନ୍ଦ୍ରୀୟ ଯୋଜନା ହୋଇଥିବାରୁ ମନ୍ଥରତା ପାଇଁ ସେସୁ କର୍ତ୍ତୃପକ୍ଷ ମୁହଁ ଖୋଲିବା ସମ୍ଭବ ହେଉନି ବୋଲି କହିଥିଲେ।

### ସମ୍ବାଦପତ୍ର ବିକ୍ରେତା ସଂଘ ସଭ୍ୟଙ୍କୁ ମିଳିଲା ଶ୍ରମିକ କାର୍ଡ



ସମ୍ବାଦପତ୍ର ବିକ୍ରେତା ସଂଘ ସଭ୍ୟମାନଙ୍କୁ କାର୍ଡ ପ୍ରଦାନ କରାଯାଉଛି।

**କଟକ ଅଫିସ, ୨୦।୧**

କଟକ ବାଖରାବାଦ୍‌ସ୍ଥିତ ଗାନ୍ଧୀଭବନଠାରେ ସମ୍ବାଦପତ୍ର ବିକ୍ରେତା ସଂଘର ସଭ୍ୟମାନଙ୍କ ଏକ ସମାବେଶ ରବିବାର ଅପରାହ୍ନରେ ଅନୁଷ୍ଠିତ ହୋଇଯାଇଛି। ସଂଘ ସଭାପତି ବିଜୟ କୁମାର ପଢିହାରୀଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସମାବେଶରେ ଓଡ଼ିଶା ନିର୍ମାଣ ଶ୍ରମିକ କଲ୍ୟାଣ ବୋର୍ଡର ଅଧକ୍ଷ ସୁବାସ ସିଂ ମୁଖ୍ୟଅତିଥି ଭାବେ ଯୋଗଦେଇ ସମ୍ବାଦପତ୍ର ବିକ୍ରେତା ସଂଘ କଟକର ସଭ୍ୟମାନଙ୍କୁ ଶ୍ରମିକ କାର୍ଡ ପ୍ରଦାନ କରିଥିଲେ। ଏଥିରେ କର୍ପୋରେଟର ରଞ୍ଜନ ବିଶ୍ୱାଳଙ୍କ ସମେତ କଟକ ଶ୍ରମ ବିଭାଗର ଅଧିକାରୀମାନେ ଉପସ୍ଥିତ ଥିଲେ। ଏହି କାର୍ଡ ପ୍ରଦାନ ଦ୍ୱାରା ଖବରକାଗଜ ବିକ୍ରେତାମାନେ ସରକାରଙ୍କ ବିଭିନ୍ନ ଯୋଜନାର ସୁଯୋଗ ପାଇପାରିବେ ବୋଲି କୁହାଯାଇଥିଲା। ସଂଘ ଉପସଭାପତି ସିନୁ ରେଡ୍ଡୀ, ସମ୍ପାଦକ ଦୁର୍ଗାପ୍ରସାଦ ଛାଟୋଇ, ସହ ସମ୍ପାଦକ ରତ୍ନାକର ପ୍ରଧାନ, କୋଷାଧକ୍ଷ ଅକ୍ଷୟ ମହାନ୍ତିଙ୍କ ସମେତ ସଭ୍ୟ ସନ୍ତୋଷ ମହାନ୍ତି, ହିମାଂଶୁ ମହାପାତ୍ର, ପ୍ରଶାନ୍ତ ସାହୁ, ମନୋଜ ପାଲ, ପ୍ରଭାସ ପ୍ରଧାନ, ହାଡ଼ିବନ୍ଧୁ ବେହେରା, ଗୋବିନ୍ଦ ଚନ୍ଦ୍ର ଦାଶ ଓ ବଂଶୀଧର ବେହେରା ଉପସ୍ଥିତ ଥିଲେ।





କଟକ କଳାବିକାଶ କେନ୍ଦ୍ର ଅଡିଟୋରିୟମରେ ଥିଏଟର ମୁଭ୍‌ମେଣ୍ଟ ପକ୍ଷରୁ ଅନୁଷ୍ଠିତ ଗ୍ଲୋବାଲ ଥିଏଟର ଫେଷ୍ଟିଭାଲର ରବିବାର ଉଦ୍‌ଘାଟନୀ ସନ୍ଧ୍ୟାରେ କଳାକାରଙ୍କ ଦ୍ୱାରା ପରିବେଷିତ ଓଡିଶୀ ନୃତ୍ୟ।

### ଅନୁକୂଳଚନ୍ଦ୍ରଙ୍କ ଜନ୍ମ ଉତ୍ସବ ପାଳିତ

**ଫୁଲନଖରା/ ଖୁଣ୍ଟୁଣୀ, ୨୦।୧ (ଡି.ଏନ୍.ଏ.)**

କଟକ ସଦର ଥାନା ଅଧୀନ ଅରଡିଆପଦା ଡିଅସାହିଠାରେ ଠାକୁର ଅନୁକୂଳଚନ୍ଦ୍ରଙ୍କ ଜନ୍ମ ଉତ୍ସବ ଓ ୨୭ତମ ବନ ମହୋତ୍ସବ ରବିବାର ଅନୁଷ୍ଠିତ ହୋଇଯାଇଛି। ଏଥିରେ ଚିନ୍ତାମଣି ବାରିକ, ବିଷ୍ଣୁମୋହନ ପାତ୍ର, ପ୍ରଶାନ୍ତ ମହାରଣା ଓ ଲକ୍ଷ୍ମୀକାନ୍ତ ମହାନ୍ତି ଅତିଥି ଭାବେ ଯୋଗଦେଇ ଅନୁକୂଳଚନ୍ଦ୍ରଙ୍କ ଜୀବନୀ ଉପରେ ଆଲୋକପାତ କରିଥିଲେ। ଆଲୋକ ଜେନାଙ୍କ ନେତୃତ୍ୱରେ ଆୟୋଜିତ ଉତ୍ସବରେ ବ୍ରଜବନ୍ଧୁ ବେଉରା, ଅଜୟ ବେଉରା, ତପନ ଦାଶ ଓ ସୁରେଶ ବେଉରା ସହଯୋଗ କରିଥିଲେ।

ସେହିପରି ଖୁଣ୍ଟୁଣୀସ୍ଥିତ ସତ୍‌ସଙ୍ଗ ବିହାର ପରିସରରେ ଠାକୁର ଅନୁକୂଳଚନ୍ଦ୍ରଙ୍କ ଜନ୍ମୋତ୍ସବ ପାଳିତ ହୋଇଯାଇଛି। ସତସଙ୍ଗ ବିହାର ସଭାପତି ପାରେଶ୍ୱର ଜେନାଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଧର୍ମସଭାରେ ମୁଖ୍ୟଅତିଥି ଭାବେ ଖୁଣ୍ଟୁଣୀ ଥାନାଧିକାରୀ ସତ୍ୟବ୍ରତ ଲେଙ୍କା, ମୁଖ୍ୟବକ୍ତା ଭବାନୀପାଟଣାର ସରୋଜକାନ୍ତ ଖମାରୀ ଏବଂ ସମ୍ମାନିତ ଅତିଥି ଡା.ପ୍ରଦୀପ କୁମାର ମିଶ୍ର ପ୍ରମୁଖ ଯୋଗଦେଇଥିଲେ। ଏହି ଅବସରରେ ମାତୃ ସମ୍ମିଳନୀ, ନଗର ସଂକୀର୍ତ୍ତନ, ସାମୂହିକ ପ୍ରାର୍ଥନା, ଗ୍ରନ୍ଥ ପାଠ ଆଦି ହୋଇଥିଲା। ଏଥିରେ ଚୌଦ୍ୱାର, ଆଠଗଡ଼, ଖୁଣ୍ଟୁଣୀ ଓ ଗୁରୁଡ଼ିଝାଟିଆ ଅଞ୍ଚଳରୁ ୪୦୦ରୁ ଉର୍ଦ୍ଧ୍ୱ ଦିକ୍ଷିତ ଯୋଗଦେଇଥିଲେ।

## ମୋହରିର ଦିବସ ପାଳିତ

**କଟକ ଅଫିସ, ୨୦।୧**

ଲିଗାଲ ଆସିଷ୍ଟାଣ୍ଟସ୍ ଆସୋସିଏଶନ ଓଡ଼ିଶା ହାଇକୋର୍ଟ ପକ୍ଷରୁ ବିଶିଷ୍ଟ ଓ ବୟୋଜ୍ୟେଷ୍ଠ ମୋହରିର ସ୍ୱଗତଃ ବନମାଳି ଜେନାଙ୍କ ଶ୍ରାଦ୍ଧଦିବସ ଉପଲକ୍ଷେ ମୋହରିର ଦିବସ ରବିବାର ପାଳିତ ହୋଇଯାଇଛି। ହାଇକୋର୍ଟ ବାର୍ ଆସୋସିଏଶନ ହଲ୍‌ରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ହାଇକୋର୍ଟ ବିଚାରପତି ଡ. ବିଦ୍ୟୁତ୍ ରଞ୍ଜନ ଷଡଙ୍ଗୀ, ମୁଖ୍ୟବକ୍ତା ହାଇକୋର୍ଟ ବାର ଆସୋସିଏଶନ ସମ୍ପାଦକ ସତ୍ୟବ୍ରତ ମହାନ୍ତି, ଅନ୍ୟତମ ବକ୍ତା ଭାବେ ନିଖିଳ ଉତ୍କଳ ଓକିଲ ମୋହରିର ସଂଘ ସଭାପତି ଭାସ୍କର ଚନ୍ଦ୍ର ମହାନ୍ତି ଯୋଗଦେଇଥିଲେ। ଲିଗାଲ ଆସିଷ୍ଟାଣ୍ଟସ୍ ଆସୋସିଏଶନ ସଭାପତି କୃଷ୍ଣଚନ୍ଦ୍ର ମିଶ୍ର କାର୍ଯ୍ୟକ୍ରମରେ ସଭାପତିତ୍ୱ କରିଥିବାବେଳେ ସାଧାରଣ ସମ୍ପାଦକ ଦିଲ୍ଲୀପ କୁମାର ମହାନ୍ତି ବିବରଣୀ ପାଠ କରିଥିଲେ। ଉପସଭାପତି ବସନ୍ତ କୁମାର ରାଉତ, ସହ ସମ୍ପାଦକ ରଘୁନାଥ ବେହେରା, କୋଷାଧକ୍ଷ ଗୋପବନ୍ଧୁ ସୁନ୍ଦରରାୟ ସଭା ପରିଚାଳନା କରିଥିଲେ।

କ୍ରିମିନାଲ କୋର୍ଟସ ବାର ଅସୋସିଏଶନ ପ୍ରାଙ୍ଗଣରେ କଟକ ଜିଲା ସିଭିଲ୍ କୋର୍ଟ ମୋହରିର ସଂଘ ଓ କ୍ରିମିନାଲ କୋର୍ଟ ମୋହରିର ସଂଘର ମିଳିତ ଆନୁକୂଲ୍ୟରେ ମୋହରିର ଦିବସ ପାଳିତ ହୋଇଯାଇଛି। ବରିଷ୍ଠ ମୋହରିର ସ୍ୱର୍ଗତ ଉପେନ୍ଦ୍ର ମହାପାତ୍ର ଓ ଶ୍ୟାମ ସୁନ୍ଦର ମହାନ୍ତିଙ୍କ ଫଟୋଚିତ୍ର ଉନ୍ମୋଚନ କରାଯିବା ସହ ସାଧାରଣ ସଭା ଅନୁଷ୍ଠିତ ହୋଇଥିଲା। ଏହି ସଭାରେ ଉଦ୍‌ଘାଟକ ଭାବେ ଖୋର୍ଦ୍ଧା ଜିଲା ଓ ଦୌରାଜଜ୍ ସତ୍ୟନାରାୟଣ ମିଶ୍ର ଯୋଗଦେଇ ଫୁଲତୋଡ଼ା ବଦଳରେ ଗୋଟିଏ ଗଛ ଉପହାର ଦେବା ପାଇଁ ପରାମର୍ଶ ଦେଇଥିଲେ। ଏଥିରେ ମୁଖ୍ୟଅତିଥି ଭାବେ କଟକ ଜିଲା ଓ ଦୌରାଜଜ୍ ବାଳକୃଷ୍ଣ ମହାପାତ୍ର, ମୁଖ୍ୟବକ୍ତା ବରିଷ୍ଠ ଆଇନଜୀବୀ ସୌରଚନ୍ଦ୍ର ମହାପାତ୍ର, ସମ୍ମାନିତ ଅତିଥି ଭାବେ କଟକ ବାର ଆସୋସିଏଶନର ସଭାପତି ଉମାକାନ୍ତ ନନ୍ଦ, ସମ୍ପାଦକ ନରେଶ ଚନ୍ଦ୍ର ଜେନା, କ୍ରିମିନାଲ କୋର୍ଟସ ବାର ଆସୋସିଏଶନ ସଭାପତି ଅକ୍ଷୟ ପତି ଓ ସମ୍ପାଦକ ପ୍ରଦୀପ ପରିଡ଼ା ଯୋଗଦେଇଥିଲେ। ସିଭିଲ ଓ କ୍ରିମିନାଲ କୋର୍ଟ ମୋହରିର ସଂଘର କର୍ମକର୍ତ୍ତା ଗଣେଶ୍ୱର ସ୍ୱାଇଁ ସଭାରେ ସଭାପତିତ୍ୱ କରିଥିବାବେଳେ ସଂଘର ସାଧାରଣ ସମ୍ପାଦକ ଅଜୟ ଚନ୍ଦ୍ର ପରିଜା ବିବରଣୀ ପାଠ କରିଥିଲେ।





କାର୍ଯ୍ୟକ୍ରମରେ ବିଚାରପତି ଡ. ବିଦ୍ୟୁତ୍ ରଞ୍ଜନ ଷଡଙ୍ଗୀ ଉଦ୍‌ବୋଧନ ଦେଉଛନ୍ତି।

## ଘର ନାହିଁ ତ ଭୋଟ୍ ନାହିଁ

**କଟକ ଅଫିସ, ୨୦।୧**

ବସ୍ତିବାସୀଙ୍କ ଏକତା ମଞ୍ଚ ଆହ୍ୱାନରେ ସହରର ବିଭିନ୍ନ ସାହି ଓ ବସ୍ତିର ମୁଖିଆମାନଙ୍କୁ ନେଇ କାଠଯୋଡ଼ି ରିଂରୋଡ ସ୍ଥିତ ପୀରବାବା ପଡ଼ିଆଠାରେ ଏକ ଆଲୋଚନା ସଭା ରବିବାର ଅନୁଷ୍ଠିତ ହୋଇଯାଇଛି। ବସ୍ତିନେତା ସେଖ୍ ଅବଦୁଲ୍ଲାଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ବରିଷ୍ଠ ଆଇନଜୀବୀ କ୍ଷୀରୋଦ ରାଉତ, ହେମେନ୍ଦ୍ର ସାମଲ, ବାମପନ୍ଥୀ ନେତା ପ୍ରତାପ ମହାପାତ୍ର, ବସ୍ତି ସଂଘର୍ଷ ସମିତି ନେତା ପ୍ରତାପ ସାହୁ, ଆଡଭୋକେଟ ବିଜୟ ପଣ୍ଡା, ସାମାଜିକ କର୍ମୀ ରାମପ୍ରସାଦ ରାଓ, ନାରୀନେତ୍ରୀ ସଜନି ଦାସ ପ୍ରମୁଖ ଯୋଗଦେଇ ମୌଳିକ ଅଧିକାର ଯୋଗାଇ ଦେବା କ୍ଷେତ୍ରରେ ଆଲୋକପାତ କରିଥିଲେ। କଟକ ସହରବାସୀଙ୍କୁ ଯେଉଁ ଲୋକମାନେ ନିଜର ଶ୍ରମ ଓ ସେବା ଯୋଗାଇ ଦେଉଛନ୍ତି ସେମାନଙ୍କ ପାଇଁ ରାଜ୍ୟ ସରକାର କିମ୍ବା ଜିଲା ପ୍ରଶାସନ ପକ୍ଷରୁ କୌଣସି ଥଇଥାନ ଯୋଜନା କାର୍ଯ୍ୟକାରୀ କରାଯାଉନାହିଁ। କେବଳ ବିଜ୍ଞାପନ ଦ୍ୱାରା ପ୍ରଚାର କରାଯାଉଛି। ଏହି ସହରର ଭୂମିହୀନ ପରିବାର ଜିଲା ପ୍ରଶାସନ, ମହାନଗର ନିଗମ, ରାଜ୍ୟ ଓ କେନ୍ଦ୍ର ସରକାରଙ୍କ ନିକଟରେ ବାରମ୍ବାର ଆନ୍ଦୋଳନ ଜରିଆରେ ଦାବି ଉପସ୍ଥାପନ କରିଥିଲେ ସୁଦ୍ଧା ଆଜିପର୍ଯ୍ୟନ୍ତ ଗୋଟିଏ ହେଲେ' ପରିବାର ବାସଗୃହ ପାଇପାରିନାହାନ୍ତି। ଏଣୁ ବାସହୀନମାନଙ୍କୁ ଘର ଯୋଗାଇ ଦିଆ ନ ଗଲେ ଭୋଟ ଦିଆଯିବ ନାହିଁ ବୋଲି ବୈଠକରେ କୁହାଯାଇଛି। 'ଘର ନାହିଁ ତ ଭୋଟ ନାହିଁ' ବ୍ୟାନର ଟାଙ୍ଗିବା, ପ୍ରଚାରପତ୍ର ଦ୍ୱାରା ବସ୍ତିବାସିନ୍ଦାଙ୍କୁ ସଚେତନ କରିବାର କାର୍ଯ୍ୟ ଆସନ୍ତା ୨୬ ତାରିଖରୁ ଆରମ୍ଭ କରାଯିବ ବୋଲି ସ୍ଥିର କରାଯାଇଛି। ଏଥିରେ ରାଜୁ ରାଓ, ବି. ଲିଙ୍ଗରାଜୁଙ୍କ ସମେତ ବିଭିନ୍ନ ବସ୍ତିର ୩୦୦ରୁ ଉର୍ଦ୍ଧ୍ୱ ପ୍ରତିନିଧି ଯୋଗଦେଇଥିଲେ।

### ଜନସମ୍ପର୍କ କାର୍ଯ୍ୟକ୍ରମ

**କଟକ ଅଫିସ, ୨୦।୧:** କମିଶନରେଟ୍ ପୋଲିସ ପକ୍ଷରୁ ରବିବାର ପୋଲିସ-ଜନତା ମଧରେ ଜନସମ୍ପର୍କ କାର୍ଯ୍ୟକ୍ରମ ଓ ସ୍ୱାସ୍ଥ୍ୟ ଶିବିର ସ୍ଥାନୀୟ ଓସିଏ କନଫରେନ୍ସ ହଲରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ପୋଲିସ କମିଶନର ସତ୍ୟଜିତ୍ ମହାନ୍ତି, ଡିସିପି ଅଖିଳେଶ୍ୱର ସିଂଙ୍କ ସମେତ ଅନ୍ୟ ଅଧିକାରୀମାନେ ଉପସ୍ଥିତ ଥିଲେ। ଜାଇକା କାର୍ଯ୍ୟ ସମ୍ପୂର୍ଣ୍ଣ କରିବା, ରାସ୍ତାଘାଟ ମରାମତି ସହ କଟକରେ ଉପୁଜୁଥିବା ଟ୍ରାଫିକ୍ ସମସ୍ୟାର ସମାଧାନ କରିବାକୁ ଉପସ୍ଥିତ ଲୋକମାନେ କହିଥିଲେ। କମିଶନର ଉକ୍ତ ଅଭିଯୋଗର ସମାଧାନ ଦିଗରେ କାର୍ଯ୍ୟ କରିବାକୁ ପ୍ରତିଶ୍ରୁତି ଦେଇଥିଲେ। ଅନୁଷ୍ଠିତ ସ୍ୱାସ୍ଥ୍ୟ ଶିବିରରେ ୨୦୦ରୁ ଉର୍ଦ୍ଧ୍ୱ ଲୋକଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରାଯାଇଥିଲା।

### ଓରିୟନ ସାଂସ୍କୃତିକ ମହୋତ୍ସବ ଉଦ୍‌ଯାପିତ

**କଟକ ଅଫିସ, ୨୦।୧:** ଶ୍ରୀ ଶ୍ରୀ ବିଶ୍ୱବିଦ୍ୟାଳୟରେ ସାଂସ୍କୃତିକ ମହୋତ୍ସବ ଓରିୟନ ରବିବାର ଉଦ୍‌ଯାପିତ ହୋଇଛି। ପ୍ରଥମେ ପଥପ୍ରାନ୍ତ ନାଟକ ପ୍ରତିଯୋଗିତା ଆରମ୍ଭ ହୋଇଥିଲା। ଏଥିରେ ଅଭିନେତା ତଥା ବିଧାୟକ ଆକାଶଦାସ ନାୟକ ଓ ଦିଲ୍ଲୀସ୍ଥିତ ନାଟକ ମଣ୍ଡଳୀ 'ନାଟ୍ୟ ଓସ୍ତାଦ'ର ମୁଖ୍ୟ ଅରୁଣାଂଶ ସୋକିନ ବିଚାରକ ଭାବେ ଯୋଗଦେଇଥିଲେ। ଏହି କାର୍ଯ୍ୟକ୍ରମରେ ଉଚ୍ଚଶିକ୍ଷା ବିଭାଗର ସଚିବ ବିଷ୍ଣୁପଦ ସେଠୀ ଓ ସହକାରୀ ସଚିବ ଡ. ପାର୍ଥସାରଥୀ ମିଶ୍ର ଯଥାକ୍ରମେ ମୁଖ୍ୟଅତିଥି ଓ ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ। ପରେ ସାଂସ୍କୃତିକ ସନ୍ଧ୍ୟା ସିଲେଷ୍ଟିଆ ଫ୍ୟାସନ ଶୋ ହୋଇଥିଲା। ରାଜ୍ୟର ବିଭିନ୍ନ ଶିକ୍ଷାନୁଷ୍ଠାନରୁ ପ୍ରତିଯୋଗୀ ଭାଗ ନେଇଥିଲେ। ସାଂସ୍କୃତିକ ସନ୍ଧ୍ୟାର ମୁଖ୍ୟ ଆକର୍ଷଣ ଥିଲେ ବଲିଉଡ ଗାୟକ ଷ୍ଟିବେନ ବେନ। ସେ ନିଜର ଗୀତରେ ଉପସ୍ଥିତ ଦର୍ଶକଙ୍କୁ ମତୁଆଲା କରିଥିଲେ।

### ଶ୍ରୀରାମଚନ୍ଦ୍ର ଭଞ୍ଜଦେଓଙ୍କ ଉପରେ ଆଲୋଚନା ସଭା

**କଟକ ଅଫିସ, ୨୦।୧**

ସାହିତ୍ୟ ଓ ସାଂସ୍କୃତିକ ସଙ୍ଗଠନ ସମନ୍ୱୟ ପକ୍ଷରୁ ସିଡିଏ ସେକ୍ଟର-୬ସ୍ଥିତ ସିଣ୍ଡିକେଟ ବ୍ୟାଙ୍କ ସଭାଗୃହରେ ଶ୍ରୀରାମଚନ୍ଦ୍ର ଭଞ୍ଜଦେଓଙ୍କ ଉପରେ ଏକ ଆଲୋଚନା ସଭା ରବିବାର ଅନୁଷ୍ଠିତ ହୋଇଯାଇଛି। ଅନୁଷ୍ଠାନର ସଭାପତି ସାହିତ୍ୟିକ ଦୁଃଖିଶ୍ୟାମ ଦାସ ସଭାରେ ପୌରୋହିତ୍ୟ କରିଥିବାବେଳେ ସମ୍ପାଦକ ଇଂ. ଅବିନାଶ ପରିଡ଼ା ବିବରଣୀ ପାଠ କରିଥିଲେ। ରବୀନ୍ଦ୍ରନାଥ ପଣ୍ଡା ବେଦପାଠ ଓ ସସ୍ମିତା ଜେନା ଶ୍ରୀରାମଚନ୍ଦ୍ର ଭଞ୍ଜଦେଓଙ୍କ ଉପରେ ସନ୍ଦର୍ଭ ପାଠ କରିଥିଲେ। ଉକ୍ତ ପ୍ରବନ୍ଧ ଉପରେ ଆଲୋଚନା ରଖି ଇଂ. ପ୍ରଦୀପ୍ତ ମହାପାତ୍ର ମୟୂରଭଞ୍ଜ ମହାରାଜା ଶ୍ରୀରାମଚନ୍ଦ୍ର ଭଞ୍ଜଦେଓଙ୍କ ପ୍ରତିଭା ସମ୍ପର୍କରେ ଆଲୋକପାତ କରିଥିଲେ। କଟକରେ ଶ୍ରୀରାମଚନ୍ଦ୍ର ଭଞ୍ଜ ମେଡିକାଲ କଲେଜ, ଉତ୍କଳ ସାହିତ୍ୟ ସମାଜର ମୁଖ୍ୟ ଘର, ବାଲେଶ୍ୱର ରାମଚନ୍ଦ୍ର ଟୋଲ ଓ ଉତ୍କଳ ବିଶ୍ୱବିଦ୍ୟାଳୟ ଛାପାଖାନା ଆଦି ବହୁ ରାଷ୍ଟ୍ର ହିତକର କାର୍ଯ୍ୟ ତାଙ୍କ ଦ୍ୱାରା ସମ୍ପାଦିତ ହୋଇଛି ବୋଲି ସାମାଜିକ କର୍ମୀ ପ୍ରଶାନ୍ତ ଦାସ କହିଛନ୍ତି। ପ୍ରଫେସର ଦୁର୍ଗାପ୍ରସନ୍ନ ନନ୍ଦ, ପ୍ରମୋଦ ପ୍ରସାଦ ନନ୍ଦ, ଆଡଭୋକେଟ କବିର ଜେନା, ଦେବେନ୍ଦ୍ର ପଟ୍ଟନାୟକ, ଦେବେନ୍ଦ୍ର ପରିଡ଼ା, ଶରତ ଚନ୍ଦ୍ର ଜେନା ପ୍ରମୁଖ ଉପସ୍ଥିତ ଥିଲେ। ସଙ୍ଗଠନ ସମ୍ପାଦକ କିଶୋର ଚନ୍ଦ୍ର ସ୍ୱାଇଁ ଧନ୍ୟବାଦ ଦେଇଥିଲେ।

■ ପିଠା କାର୍ଯ୍ୟକ୍ରମରେ ଗଣ୍ଡଗୋଳ ଘଟଣା

## ପୁଣି ମୁହାଁମୁହିଁ ହେଲେ ଦୁଇ ଗୋଷ୍ଠୀ

**କଟକ ଅଫିସ, ୨୦।୧**

କଟକ ସଦର ବ୍ଲକ ଅଧୀନ ଗତିରାଉତପାଟଣା ପଞ୍ଚାୟତ କାର୍ଯ୍ୟାଳୟରେ ଶନିବାର ଅନୁଷ୍ଠିତ ପିଠା କାର୍ଯ୍ୟକ୍ରମରେ ଦୁଇ ଗୋଷ୍ଠୀ ମଧରେ ମାରପିଟ୍ ହୋଇଥିଲା। ଏଥିରେ ସ୍ଥାନୀୟ ସରପଞ୍ଚଙ୍କ ସମେତ ଉଭୟ ପକ୍ଷର ୭ ଜଣ ଆହତ ହୋଇଥିଲେ। ଏହାକୁ ନେଇ ରବିବାର ପୁଣି ଦୁଇ ଗୋଷ୍ଠୀ ଚାଉଳିଆଗଞ୍ଜ ଥାନା ଅନ୍ତର୍ଗତ ନୂଆପାଟଣା ବଜାରରେ ମୁହାଁମୁହିଁ ହୋଇଛନ୍ତି। ଏ ନେଇ ଉଭୟ ପକ୍ଷରୁ ଚାଉଳିଆଗଞ୍ଜ ଥାନାରେ ଅଭିଯୋଗ ହୋଇଛି। ଗତିରାଉତ ପାଟଣା ସରପଞ୍ଚ ଲକ୍ଷ୍ମୀପ୍ରିୟା ସ୍ୱାଇଁଙ୍କ ଅଭିଯୋଗ ଅନୁଯାୟୀ, ରବିବାର ସକାଳେ ତାଙ୍କ ପୁଅ ସଂଗ୍ରାମ ସ୍ୱାଇଁ ନୂଆପାଟଣା ବଜାରକୁ ଯାଇଥିଲେ। ସେଠାରେ ଅପର ପକ୍ଷର କେତେଜଣ ବ୍ୟକ୍ତି ସଂଗ୍ରାମଙ୍କୁ ଗାଳିଗୁଲଜ କରିଥିଲେ। ସେ ଏହାକୁ ବିରୋଧ କରିବାରୁ ସେମାନେ ତାଙ୍କୁ ମାଡ ମାରିଥିଲେ ବୋଲି ଅଭିଯୋଗପତ୍ରରେ ଦର୍ଶାଯାଇଛି। ଅନ୍ୟପକ୍ଷରେ ଏକ ରାଜନୈତିକ ଦଳର କର୍ମୀ ରବୀନ୍ଦ୍ର ନାଥ ଦାସଙ୍କ ଅଭିଯୋଗ ଅନୁଯାୟୀ, ରବିବାର ତାଙ୍କ ପୁଅ କିଶୋର ରଞ୍ଜନ ଦାସ ନୂଆପାଟଣା ବଜାରରେ ଥିବା ଏକ ପାନ ଦୋକନକୁ ଯାଇଥିଲେ। ସେଠାରେ ସରପଞ୍ଚଙ୍କ କିଛି ସହଯୋଗୀ ତାଙ୍କୁ ଆକ୍ରମଣ କରିଥିଲେ। ସୂଚନାଯୋଗ୍ୟ, ଶନିବାର ଉକ୍ତ ପଞ୍ଚାୟତ କାର୍ଯ୍ୟାଳୟରେ ପିଠା କାର୍ଯ୍ୟକ୍ରମ ହୋଇଥିଲା। ଏଥିରେ କ୍ରୀଡାମନ୍ତ୍ରୀ ଚନ୍ଦ୍ରସାରଥି ବେହେରା ଯୋଗଦେଇ ବାର୍ଦ୍ଧକ୍ୟ ଓ ବିଧବା ଭତ୍ତା, ଏଲ୍‌ଇଡି ବଲ୍‌ବ ଓ ସ୍ୱୟଂ ସହାୟକ ଗୋଷ୍ଠୀକୁ ପ୍ରୋତ୍ସାହନ ରାଶି ବଣ୍ଟନ କରିଥିଲେ। ହେଲେ ସଭା ଆୟୋଜନ ସମୟ ନିର୍ଘଣ୍ଟକୁ ନେଇ ସରପଞ୍ଚଙ୍କ ସମର୍ଥକ ଓ ମନ୍ତ୍ରୀଙ୍କ ସମର୍ଥକଙ୍କ ମଧରେ ମାରପିଟ୍ ହୋଇଥିଲା। ଏ ନେଇ ଉଭୟ ପକ୍ଷରୁ ଅଭିଯୋଗ ହେବା ପରେ ପୋଲିସ ୨ଟି ମାମଲା ରୁଜୁ କରିଥିଲା।





କଟକସ୍ଥିତ ରାଷ୍ଟ୍ରଭାଷା ଗାନ୍ଧୀଭବନରେ ରବିବାର ଅନୁଷ୍ଠିତ ପଣ୍ଡିତ ଅନସୂୟା ପ୍ରସାଦ ପାଠକଙ୍କ ସ୍ମୃତିସଭାରେ ଏମ୍‌ପି ଡ. ପ୍ରସନ୍ନ କୁମାର ପାଟଶାଣୀ ପଣ୍ଡିତ ଅନସୂୟା ପ୍ରସାଦ ପାଠକ ହିନ୍ଦୀ ସେବା ସମ୍ମାନ ପ୍ରଦାନ କରାଯାଉଛି।



ଗୁରୁ ନାନକ ଦେବଙ୍କ ଜନ୍ମବାର୍ଷିକ ପାଳନ ଉପଲକ୍ଷେ ଶିଖରପୁରସ୍ଥିତ ଗୁରୁଦ୍ୱାରାଠାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଉପସ୍ଥିତ ଜନସମାଗମ।

### କଟକ ଜିଲା କଂଗ୍ରେସର ନୂତନ ସମ୍ପାଦକ ନିଯୁକ୍ତ

**ଖୁଣ୍ଟୁଣୀ, ୨୦।୧(ଡି.ଏନ୍.ଏ.)**

କଟକ ଜିଲା କଂଗ୍ରେସ କମିଟିର ସମ୍ପାଦକ ଭାବେ ଆଠଗଡ଼ ନିର୍ବାଚନମଣ୍ଡଳୀର କଖଡ଼ି ପଞ୍ଚାୟତର ପୂର୍ବତନ ସରପଞ୍ଚ ସୁନୀଲ ସୂତାର ଓ ଗୁରୁଡିଝାଟିଆର ପୂର୍ବତନ ସରପଞ୍ଚ ବିକ୍ରମ ସେନ ଧଳ ନିଯୁକ୍ତ ପାଇଛନ୍ତି। ପିସିସି ସଭାପତି ନିରଞ୍ଜନ ପଟ୍ଟନାୟକଙ୍କ ଅନୁମୋଦନ କ୍ରମେ ଜିଲା ସଭାପତି ଗୁରୁପଦ ନନ୍ଦ ଏହି ନିଯୁକ୍ତି ପ୍ରଦାନ କରିଛନ୍ତି।



ଯେଉଁ ଲୋକ ଭୂଇଁ ତାଡ଼ି ଫସଲ କରୁଛି, ସିଏ ହିଁ ହେଉଛି ଭଗବାନଙ୍କର ଅତି ପ୍ରିୟ ସନ୍ତାନ।
- ଜେଫରସନ୍



## ସଂକ୍ଷେପରେ

### କୋଣାର୍କ-ଓଡ଼ିଶା ପରିବାର ପକ୍ଷରୁ ଶୀତ ସାହିତ୍ୟ ଆସର



**କୋଣାର୍କ, ୨୦।୧(ଡି.ଏନ୍.ଏ.):** ସ୍ଥାନୀୟ ପୂର୍ତ୍ତ ବିଭାଗ ଡାକବଙ୍ଗଳାଠାରେ କୋଣାର୍କ-ଓଡ଼ିଶା ପରିବାର ପକ୍ଷରୁ ରବିବାର ଶୀତ ସାହିତ୍ୟ ଆସର ଆୟୋଜିତ ହୋଇଯାଇଛି। ଅନୁଷ୍ଠାନର ସଭାପତି କପିଳେଶ୍ୱର ଖମାରୀଙ୍କ ପୌରୋହିତ୍ୟରେ ଆୟୋଜିତ ସାହିତ୍ୟ ସଭାରେ କୋଣାର୍କ ଏନ୍ଏସି ନିର୍ବାହୀ ଅଧିକାରୀ ଏମ୍.ଶ୍ରୀନିବାସ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଏହାକୁ ଉଦ୍ଘାଟନ କରିଥିଲେ। ମୁଖ୍ୟ ବକ୍ତାଭାବେ କବି ଭାଗୀରଥି ବେହେରା, ସମ୍ମାନିତ ଅତିଥି ଭାବେ ଡକ୍ଟର ପ୍ରଭାକର ତ୍ରିପାଠୀ ଓ ଆୟୋଜକ ଅନୁଷ୍ଠାନର ଉପସଭାପତି ମୀନକେତନ ଦାସ ଯୋଗଦେଇ ସମ୍ପ୍ରତି ଆଧୁନିକ କବି ଓ ସେମାନଙ୍କ କବିତା ସୃଷ୍ଟି ସମ୍ପର୍କରେ ନିଜସ୍ୱ ମତବ୍ୟକ୍ତ କରିଥିଲେ। ଏହି ଅବସରରେ କବି ଲିଙ୍ଗରାଜ ମହାପାତ୍ରଙ୍କ କବିତା ପୁସ୍ତକ 'ନଥିବା ଲୋକ ସମ୍ପର୍କରେ'କୁ ଅତଥିମାନେ ଉନ୍ମୋଚନ କରିଥିଲେ। କୋଣାର୍କ ଓଡ଼ିଶା ପରିବାରର ସମ୍ପାଦକ ବିଚିତ୍ର ମହାପାତ୍ର ସ୍ୱାଗତ ଭାଷଣ ଦେଇଥିବାବେଳେ ସାମାଜିକ କର୍ମୀ ରାମକୃଷ୍ଣ ମହାନ୍ତି ସାହିତ୍ୟ ସଭାକୁ ସଂଯୋଜନା କରିଥିଲେ। ଦ୍ୱିତୀୟ ଅଧିବେଶନରେ ଆୟୋଜିତ କବିତା ପାଠ ଉତ୍ସବରେ କବି ଉମାକାନ୍ତ ମହାପାତ୍ର, ଅଧ୍ୟାପକ ପ୍ରକାଶଚନ୍ଦ୍ର ଖଟୋଇ, କୃଷ୍ଣଚନ୍ଦ୍ର ରଥ, ପ୍ରଫୁଲ୍ଲଚନ୍ଦ୍ର ମିଶ୍ର, କବୟିତ୍ରୀ ସ୍ୱର୍ଣ୍ଣଲତା ତ୍ରିପାଠୀଙ୍କ ସମେତ ଅନ୍ୟମାନେ ସ୍ୱରଚିତ କବିତା ପାଠ କରିଥିଲେ। ଏହି ସାହିତ୍ୟ ଆସରକୁ ସାମାଜିକ କର୍ମୀ ପଞ୍ଚାନନ ଲେଙ୍କା ପରିଚାଳନା କରିଥିଲେ।

### ଡେଲାଙ୍ଗରେ ଆଇନ ସେବା ଶିବିର

**କଣାସ,୨୦।୧(ଡି.ଏନ୍.ଏ.):** ପିପିଲି ତାଲୁକ ଆଇନ ସେବା ସଂସ୍ଥା ପକ୍ଷରୁ ରବିବାର ଡେଲାଙ୍ଗ-କୋଠବାଡ ପଞ୍ଚାୟତ କାର୍ଯ୍ୟାଳୟ ସଭାକକ୍ଷରେ ଆଇନ ସେବା ସାକ୍ଷରତା, ସହାୟତା ଏବଂ ସଚେତନତା ଶିବିର ଅନୁଷ୍ଠିତ ହୋଇଯାଇଛି। ସିନିୟର ସିଭିଲ ଜଜ୍ ସୁବ୍ରତ କୁମାର ପଟ୍ଟନାୟକଙ୍କ ଅଧକ୍ଷତାରେ ସଭାରେ ବିଚାରପତି ଅରୂପ ନାୟକ , ଆଇନଜୀବୀ ରମାକାନ୍ତ ସାହୁ, ରସାନ୍ତ ପରିଡା, ଶିବ ପ୍ରସାଦ ସାହୁ, ସଞ୍ଜୟ ଯାଦବ, ସରପଞ୍ଚ ରମାବେଦୀ ରାଉତରାୟ, ଡେଲାଙ୍ଗ ଥାନା ଇନସ୍ପେକ୍ଟର ଅସିତରଞ୍ଜନ ମହାନ୍ତି, ଅତିରିକ୍ତ ବିଡିଓ ପ୍ରଦୀପ୍ତ ନାୟକ, ସିଡିପିଓ କାମିନୀ ପ୍ରଭା ସ୍ୱାଇଁ ପ୍ରମୁଖ ଶିଶୁ ଓ ମହିଳା ସୁରକ୍ଷା ଆଇନ, ଖାଉଟୀ କଲ୍ୟାଣ ଆଇନ, ସୂଚନା ଅଧିକାର ଆଇନ, ଦେୱାନୀ ଆଇନ ସମ୍ପର୍କରେ ସଚେତନ ସୃଷ୍ଟି କରିଥିଲେ। ୮ଜଣ ପୁରୁଷ ଓ ମହିଳା ସେମାନଙ୍କ ବ୍ୟକ୍ତିଗତ ସମସ୍ୟା ସମ୍ପର୍କରେ ବିଚାରପତିଦ୍ୱୟଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ। ସମିତି ସଭ୍ୟ ତଥା ପୂର୍ବତନ ସରପଞ୍ଚ ଦୁର୍ଗାଚରଣ ରାଉତରାୟ ଧନ୍ୟବାଦ ଦେଇଥିଲେ।

### ଗଣେଶ୍ୱରପୁର ପଞ୍ଚାୟତ ବିଜେଡି ସଭାପତିଙ୍କ ପରଲୋକ

**ଗୋପ, ୨୦।୧(ଡି.ଏନ୍.ଏ.):** ଗୋପ ବ୍ଲକ ଅଧୀନ ଗଣେଶ୍ୱରପୁର ଗ୍ରାମପଞ୍ଚାୟତର ବିଜୁ ଜନତା ଦଳ ସଭାପତି ଭ୍ରମରବର ପ୍ରଧାନ (୬୫)ଙ୍କ ରବିବାର ହୃଦ୍ଘାତରେ ପରଲୋକ ହୋଇଯାଇଛି। ସେ ଭାରତୀୟ ଆୟୁର୍ବିଜ୍ଞାନ ସଂସ୍ଥାନ ଡାକ୍ତରଖାନାରେ ଚିକିତ୍ସିତ ହେଉଥିଲେ। ୨୦୦୯ ମସିହାରୁ ଗଣେଶ୍ୱରପୁର ଗ୍ରାମପଞ୍ଚାୟତର ସଭାପତି ଭାବେ କାର୍ଯ୍ୟ ସମ୍ପାଦନ କରୁଥିଲେ। ତାଙ୍କର ମୃତ୍ୟୁ ଖବର ପାଇ ନିମାପଡ଼ା ବିଧାୟକ ସମୀର ରଞ୍ଜନ ଦାଶ ତାଙ୍କ ନିକଟରେ ପହଞ୍ଚି ତାଙ୍କୁ ପୁଷ୍ପମାଲ୍ୟ ଦେଇ ଶେଷ ସମ୍ମାନ ଜଣାଇଥିଲେ। ସେହିପରି ଗୋପ ବ୍ଲକ ବିଜୁ ଜନତା ଦଳ ସଭାପତି ମଧୁସୂଦନ ପାଇକରାୟ, ଏମ୍ପିଙ୍କ ପ୍ରତିନିଧି ସୁକାନ୍ତ ମହାନ୍ତି, ଗଣେଶ୍ୱରପୁର ସରପଞ୍ଚ ଦେବବ୍ରତ ସାହୁ, ସମିତି ସଭ୍ୟ କରୁଣାକର ସାହୁ, ପୂର୍ବତନ ସରପଞ୍ଚ ପ୍ରହ୍ଲାଦ ସ୍ୱାଇଁ ପ୍ରମୁଖ ତାଙ୍କ ମରଶରୀର ନିକଟରେ ପହଞ୍ଚି ପୁଷ୍ପମାଲ୍ୟ ଦେଇ ଶେଷ ସମ୍ମାନ ପ୍ରଦାନ କରିଥିଲେ। ତାଙ୍କ ଗ୍ରାମ ଗଣେଶ୍ୱରପୁର ପଞ୍ଚାୟତ ଲୁଣହା ଶ୍ମଶାନରେ ଶେଷକୃତ୍ୟ ସମ୍ପନ୍ନ କରାଯାଇଥିବାବେଳେ ଜ୍ୟେଷ୍ଠପୁତ୍ର ନଳିନୀକାନ୍ତ ପ୍ରଧାନ ମୁଖାଗ୍ନି ଦେଇଥିଲେ।

## ମୌଳିକ ସୁବିଧା ନାହିଁ

# ହଟହଟା ହେଉଛନ୍ତି ଗଙ୍ଗାସାଗର ଯାତ୍ରୀ

**ସାକ୍ଷୀଗୋପାଳ,୨୦।୧(ଡି.ଏନ୍.ଏ.)**



ସାକ୍ଷୀଗୋପାଳ ମନ୍ଦିର ସମ୍ମୁଖରେ ଗଙ୍ଗାସାଗର ଯାତ୍ରୀମାନେ ଶୀତକାକରରେ ବସିରହିଛନ୍ତି।

ସାକ୍ଷୀଗୋପାଳ ମନ୍ଦିରରେ ଏବେ ଗଙ୍ଗାସାଗର ଯାତ୍ରୀଙ୍କ ଭିଡ଼ ଲାଗିଛି। ଗଙ୍ଗାସାଗର ମେଳାରୁ ଫେରି ଶ୍ରୀକ୍ଷେତ୍ରରେ ଜଗନ୍ନାଥଙ୍କ ଦର୍ଶନ ସାଙ୍ଗକୁ ତୀର୍ଥଯାତ୍ରାର ସାକ୍ଷୀରଖିବା ନିମନ୍ତେ ଦେଶର ବିଭିନ୍ନ ପ୍ରାନ୍ତରୁ ତୀର୍ଥଯାତ୍ରୀଙ୍କର ସୁଅଛୁଟିଛି। ମହାରାଷ୍ଟ୍ର, ଉତ୍ତରପ୍ରଦେଶ, ମଧ୍ୟପ୍ରଦେଶ, ରାଜସ୍ଥାନ, ଛତିଶଗଡ, ହିମାଚଳ ପ୍ରଦେଶ, ମଣିପୁର, ଆସାମ, କର୍ନାଟକ, ଆନ୍ଧ୍ରପ୍ରଦେଶ, ଦିଲ୍ଲୀ, ବିହାର ଓ ପଞ୍ଜାବ ଆଦି ରାଜ୍ୟରୁ ପର୍ଯ୍ୟଟନ ବସ ଓ ଟ୍ରକ ଯୋଗେ ଆସି ତୀର୍ଥଯାତ୍ରୀମାନେ ସାକ୍ଷୀଗୋପାଳଙ୍କୁ ଦର୍ଶନ କରୁଛନ୍ତି।

ମାତ୍ର ଏଠାରେ କ୍ଲାନ୍ତି ମେଣ୍ଟାଇବାକୁ ଯାତ୍ରୀମାନଙ୍କ ନିମନ୍ତେ ମୌଳିକ ସୁବିଧା ନାହିଁ। ସାକ୍ଷୀଗୋପାଳ ମନ୍ଦିରକୁ ପୁରୀ ରାଜପଥରୁ ଲାଗିଥିବା ସାକ୍ଷୀଗୋପାଳ ବଜାର ମଧ୍ୟରେ ସଂକୀର୍ଣ୍ଣ ଜନଗହଳି ରାସ୍ତାରେ ଯାନବାହନ ଚଳାଚଳ କରିବା କଷ୍ଟକର ହେଉଛି। ମୁଖ୍ୟତଃ ସନ୍ଧ୍ୟା ସମୟରେ ଭିଡଯୋଗୁ ରାଜପଥରୁ ଗାଡିଗୁଡିକ ମନ୍ଦିରକୁ ନ ଛଡାଯିବାରୁ ତୀର୍ଥଯାତ୍ରୀ ଦୁଇ କିଲୋମିଟରରୁ ଅଧିକ ରାସ୍ତା ଚାଲିଚାଲି ଯିବାବେଳେ କେଣିକେହି ଅଟୋରିକ୍ସାରେ ଆସିବାକୁ ବାଧ ହେଉଥିବା ଦେଖାଯାଇଛି। ବିଶ୍ରାମ, ସ୍ନାନ, ଶୌଚ, ରାତ୍ରିଯାପନ ନିମନ୍ତେ ପର୍ଯ୍ୟାପ୍ତ ସୁବିଧା ନ ଥିବାରୁ ପାର୍କିଂ ସ୍ଥଳରେ ହିଁ ରୋଷେଇ ସହ ରାତ୍ରିଯାପନ କରୁଛନ୍ତି। ମନ୍ଦିର ନିକଟରେ ଥିବା ପାନ୍ଥଶାଳା, ପୁରୁଣା ଶୌଚାଳୟରେ ବି ପାଣି ସୁବିଧା ନାହିଁ। ୧୮ଲକ୍ଷ ଟଙ୍କା ବ୍ୟୟରେ ହୋଇଥିବା ନୂତନ ଶୌଚାଳୟଟିରେ ପାଣି ସୁବିଧା ନ ଥିବାରୁ ଏହା ଉନ୍ମୁକ୍ତ କରାଯାଇପାରୁ ନାହିଁ। ତୀର୍ଥଯାତ୍ରୀଙ୍କ ଭିଡକୁ ଲକ୍ଷ୍ୟରଖି ସେମାନଙ୍କ ନିମନ୍ତେ ଅସ୍ଥାୟୀ ସୁବିଧା କରାଯାଉ ନ ଥିବାରୁ ହଟହଟା ହେଉଛନ୍ତି।

ଅପରପକ୍ଷେ ପୁରାତନ ସାକ୍ଷୀଗୋପାଳ ଧର୍ମଶାଳା ବିବାଦ ମୁକ୍ତହୋଇ ସାକ୍ଷୀଗୋପାଳ ଠାକୁରଙ୍କ ମାଲିକାନାକୁ ଫେରିବା ପରେ ଏହାର ଜୀର୍ଣ୍ଣ ଉଦ୍ଧାର କରାଯାଇପାରୁ ନାହିଁ। ଏହାର ପୁନରୁଦ୍ଧାର ପାଇଁ ବାରମ୍ବାର ଧାରଣା, ଅନଶନ ଓ ଆତ୍ମାହୁତି ଭଳି ଚରମ ପଦକ୍ଷେପ ନିଆଯାଇଥିଲେ ମଧ୍ୟ କିଛି ସୁଫଳ ମିଳିନାହିଁ।

ଏକ ତରଫା ଗାଡି ଚଳାଚଳ ପାଇଁ ଦାବି:– ସାକ୍ଷୀଗୋପାଳ ମନ୍ଦିର ମୁଖ୍ୟରାସ୍ତା ବ୍ୟତୀତ ସାକ୍ଷୀଗୋପାଳ କଲେଜ ଛକରୁ ଅନ୍ୟ ଏକ ବାଇପାସ ରାସ୍ତା ରହିଛି। ଭିଡ ସମୟରେ ଉକ୍ତ ଦୁଇଟି ରାସ୍ତାକୁ ବ୍ୟବହାର କରି ଏକ ତରଫା ଯାନବାହନ ଚଳାଚଳ କରିବାକୁ ସତ୍ୟବାଦୀ ଅଞ୍ଚଳର କେତେକ ସଚେତନ ନାଗରିକ ସତ୍ୟବାଦୀ ଥାନାଧିକାରୀଙ୍କ ଦୃଷ୍ଟି ଆକର୍ଷଣ କରି ଏକ ଦାବି ଜଣାଇଛନ୍ତି। ବଜାର ମଧ୍ୟରେ ବସୁଥିବା ଉଠା ଦୋକାନୀମାନଙ୍କୁ ନିୟନ୍ତ୍ରିତ ବଜାର ପରିସରକୁ ସ୍ଥାନାନ୍ତର କରିବାକୁ ଅନୁରୋଧ କରାଯାଇଛି। ରାସ୍ତାରେ ତୀର୍ଥଯାତ୍ରୀଙ୍କ ଯାନବାହନ ଚଳାଚଳ ସୁବିଧା ନିମନ୍ତେ ଟ୍ରାଫିକ ପୋଲିସ ମୁତୟନ ଏବଂ ପୋଲିସ ପାଟ୍ରୋଲିଂ ବ୍ୟବସ୍ଥା କରିବାକୁ ପୁରୀ ଜିଲାପାଳ, ଏସ୍ପିଙ୍କ ଅବଗତି ଓ କାର୍ଯ୍ୟାନୁଷ୍ଠାନ ନିମନ୍ତେ ଅନୁରୋଧ କରିଛନ୍ତି।




ବିଜୟୀ ଦଳକୁ ପୂର୍ବତନ ପିସିସି ସଭାପତି ପ୍ରସାଦ ହରିଚନ୍ଦନ ପୁରସ୍କୃତ କରୁଛନ୍ତି।

## ନାରାୟଣୀ କପ୍ କ୍ରିକେଟ୍ ଉଦ୍ଯାପିତ

# ପୁରୀର ମହାବୀର ସ୍ପୋର୍ଟିଂ ବିଜୟୀ

**କଣାସ, ୨୦।୧(ସ୍ୱ.ପ୍ର.)**

କଣାସ ବ୍ଲକ ଅନ୍ତର୍ଗତ ଗଡସାନପୁଟ ଗ୍ରାମପଞ୍ଚାୟତର କଣ୍ଠାବଣିଆ ଗ୍ରାମରେ ନାରାୟଣୀ କ୍ରିକେଟ କ୍ଲବ ପକ୍ଷରୁ ଚାଲିଥିବା ୩୨ ତମ ନାରାୟଣୀ କପ୍ କ୍ରିକେଟ୍ ଟୁର୍ନାମେଣ୍ଟ ରବିବାର ଉଦ୍ଯାପିତ ହୋଇଯାଇଛି। ଫାଇନାଲ୍‌ରେ ପୁରୀର ମହାବୀର ସ୍ପୋର୍ଟିଂ ଭୁବନେଶ୍ୱରର ଓସ୍କାର ସ୍ପୋର୍ଟିଂକୁ ପରାସ୍ତ କରିଥିଲା। ରାଜୀବ ଗାନ୍ଧୀ ଷ୍ଟାଡିୟମରେ ଅନୁଷ୍ଠିତ ଫାଇନାଲରେ ଟସ୍ ଜିତି ଓସ୍କାର ପ୍ରଥମେ ବ୍ୟାଟିଂ କରି ୩୦ ଓଭରରେ ୧୬୨ରନ୍ କରି ଅଲ୍ଆଉଟ୍ ହୋଇଯାଇଥିଲା। ଜବାବରେ ମହାବୀର ସ୍ପୋର୍ଟିଂ ୨୩ ଓଭରରେ ୪ଉଇକେଟ ହରାଇ ଆବଶ୍ୟକ ୧୬୩ ରନ୍ ସଂଗ୍ରହ କରି ଚାମ୍ପିୟନ ହୋଇଥିଲା। ମହାବୀର ସ୍ପୋର୍ଟିଂର ଦୀପକ ସାହୁ ବ୍ୟକ୍ତିଗତ ଭାବେ ୪୯ରନ୍ କରିବା ସହ ଗୋଟିଏ ଉଇକେଟ ନେଇଥିବାରୁ ତାଙ୍କୁ ମ୍ୟାନ୍ ଅଫ୍ ଦି ମ୍ୟାଚ ଘୋଷଣା କରାଯାଇଥିଲା। ସେହିପରି ମହାବୀର ସ୍ପୋର୍ଟିଂର ମୁକ୍ତିକାନ୍ତ ପାତ୍ର ଟୁର୍ନାମେଣ୍ଟରେ ସର୍ବାଧିକ ୯୪ରନ କରିଥିବା ବେଳେ ୭ଟି ଉଇକେଟ ନେଇଥିବାରୁ ମ୍ୟାନ ଅଫ ଦି ସିରିଜି ବିବେଚିତ ହୋଇଥିଲେ। ପୁରସ୍କାର ବିତରଣ ଉତ୍ସବରେ ପିସିସିର ପୂର୍ବତନ ସଭାପତି ପ୍ରସାଦ ହରିଚନ୍ଦନ, ପାରାଦୀପର ଯୁବ ସାମାଜିକ କର୍ମୀ ବାପି ସର୍ଖେଲ୍, ପୂର୍ବତନ ଭାରତୀୟ କ୍ରିକେଟ୍ ଦଳର ସଦସ୍ୟ ଶିବସୁନ୍ଦର ଦାସ ଏବଂ ଶିକ୍ଷାବିତ୍ ପ୍ରଦୀପ ହରିଚନ୍ଦନ ଅତିଥି ଭାବେ ଯୋଗଦେଇ ଚାମ୍ପିୟନ ଦଳକୁ ଚାମ୍ପିୟନ୍ସ ଟ୍ରଫି ସହିତ ୨୨ହଜାର ଟଙ୍କା, ରନର୍ସଅପ୍ ଦଳକୁ କପ୍ ସହିତ ୧୭ହଜାର ଟଙ୍କା ପ୍ରଦାନ କରିଥିଲେ।




କାର୍ଯ୍ୟକ୍ରମରେ ମଞ୍ଚାସୀନ ରାଜସ୍ୱମନ୍ତ୍ରୀ ମହେଶ୍ୱର ମହାନ୍ତି ଓ ଅନ୍ୟ ଅତିଥିମାନେ।

# ପୁରୀ ଅର୍ବାନ୍ କୋଅପରେଟିଭ ବ୍ୟାଙ୍କର ସାଧାରଣ ସଭା

**ପୁରୀ ଅଫିସ,୨୦।୧**

ପୁରୀ ଅର୍ବାନ କୋଅପରେଟିଭ ବ୍ୟାଙ୍କର ୭୩ତମ ବାର୍ଷିକ ସାଧାରଣ ସଭା ରବିବାର କଚେରି ରୋଡ୍‌ସ୍ଥିତ ମୁଖ୍ୟ କାର୍ଯ୍ୟାଳୟ ପରିସରରେ ଅନୁଷ୍ଠିତ ହୋଇଯାଇଛି। ବ୍ୟାଙ୍କ ସଭାପତି ଗୁଣଧର ଦାସମହାପାତ୍ରଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି ସଭାରେ ରାଜସ୍ୱ ମନ୍ତ୍ରୀ ମହେଶ୍ୱର ମହାନ୍ତି ମୁଖ୍ୟଅତିଥି ଭାବେ ଯୋଗଦେଇ କହିଲେ, ପୁରୀ ଅର୍ବାନ ବ୍ୟାଙ୍କ ଏକ ପୁରାତନ ବ୍ୟାଙ୍କ। ୧୯୮୨ରେ ସେ ଏହାର ନିର୍ଦ୍ଦେଶକ ଥିଲେ। ଏଠାରେ ତାଙ୍କର ଏକ ଆକାଉଣ୍ଟ ଥିଲା, ଯେଉଁଥିରେ ସେ ପ୍ରତି ମାସରେ ୧୫୦ ଟଙ୍କା ଲେଖାଏ ଜମା କରୁଥିଲେ। ଏହିଭଳି ତାଙ୍କର ସଞ୍ଚୟର ଅଭ୍ୟାସ ବଢିଥିଲା। ତେବେ ଦୀର୍ଘ ୨୫ ବର୍ଷ ପରେ ବ୍ୟାଙ୍କ ତା'ର ସଭ୍ୟମାନଙ୍କୁ ଲାଭାଂଶ ପ୍ରଦାନ କରିବାକୁ ଯାଉଥିବାରୁ ମନ୍ତ୍ରୀ ଆନନ୍ଦ ପ୍ରକାଶ କରିବା ସହିତ ସଭାପତିଙ୍କୁ ଧନ୍ୟବାଦ ଦେଇଥିଲେ। ସଭା ପୂର୍ବରୁ ମନ୍ତ୍ରୀ ନବୀକୃତ ବ୍ୟାଙ୍କ ଗୃହର ଉଦ୍ଘାଟନ କରିଥିଲେ।

ଚଳିତବର୍ଷ ବ୍ୟାଙ୍କ ଗୃହ ନବୀକରଣ, ଅନାଦାୟ ଋଣ ୩୧ ପ୍ରତିଶତରୁ ୧୨.୧୬ ପ୍ରତିଶତକୁ ହ୍ରାସ ପାଇବା, ରିଜର୍ଭ ବ୍ୟାଙ୍କ ପକ୍ଷରୁ ବି–ଶ୍ରେଣୀଭୁକ୍ତ ମାନ୍ୟତା ମିଳିବା, ନୂତନ ଏଟିଏମ୍ ଓ ନୂତନ ଶାଖା ଖୋଲିବା ଏବଂ ବଡ଼ଦାଣ୍ଡରେ ଥିବା ଶାଖା କାର୍ଯ୍ୟାଳୟକୁ ସ୍ଥାନାନ୍ତର କରିବା ପାଇଁ ଆର୍‌ବିଆଇକୁ ଚିଠି ଲେଖାଯାଇଥିବା ନେଇ ସଭାରେ ଅବଗତ କରାଯାଇଥିଲା। ବ୍ୟାଙ୍କ ଉପସଭାପତି ଝୁନାରାଣୀ ମହାନ୍ତି, ନିର୍ଦ୍ଦେଶକ ଚନ୍ଦ୍ରଶେଖର ଦଳବେହେରା, ଅନନ୍ତ ପ୍ରଧାନ, ରବିନାରାୟଣ ଦାଶ, ରାଧାଶ୍ୟାମ ନାୟକ, ଡା. ପ୍ରଧାନ ଧୀରେନ ରାୟ, ବୃନ୍ଦାବନ ବେହେରା, ପ୍ରାଣକୃଷ୍ଣ ସାହୁ, ଗୀତାଞ୍ଜଳି ପଣ୍ଡା, ସଂଯୁକ୍ତା ଦେବତା, ଲକ୍ଷ୍ମୀପ୍ରିୟା ସାହୁ, ମମତାରାଣୀ ସାହୁ, ତପନ କୁମାର ମହାନ୍ତି ଓ ବିଜୟ କୁମାର ସେନାପତି ଉପସ୍ଥିତ ଥିଲେ। ସମ୍ପାଦିକା ସଞ୍ଜବତି ଘଟୁଆରୀ ବାର୍ଷିକ ବିବରଣୀ ପାଠ ଓ ପ୍ରକାଶ ଚନ୍ଦ୍ର ମହାନ୍ତି ମଞ୍ଚ ପରିଚାଳନା କରିଥିଲେ।

### ଚିଲିକା ପରିବେଶ ଓ ପର୍ଯ୍ୟଟନ ମହାସଂଘର ପ୍ରଥମ ବାର୍ଷିକ ଉତ୍ସବ

**ବ୍ରହ୍ମଗିରି, ୨୦।୧(ଡି.ଏନ୍.ଏ.)**

ସାତପଡା ଅଞ୍ଚଳରେ ଗଢି ଉଠିଥିବା ଚିଲିକା ପରିବେଶ ପର୍ଯ୍ୟଟନ ମହାସଂଘର ରବିବାର ପ୍ରଥମ ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଯାଇଅଛି। ମହାସଂଘର ସଭାପତି ସଦାଶିବ ଜେନାଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ମୁଖ୍ୟ ଅତିଥିଭାବେ ବ୍ରହ୍ମଗିରି ବିଧାୟକ ସଞ୍ଜୟ କୁମାର ଦାସବର୍ମା ଯୋଗ ଦେଇଥିଲେ। ଚିଲିକା ପର୍ଯ୍ୟଟନ କ୍ଷେତ୍ରରେ ଏକ ସ୍ୱତନ୍ତ୍ର ସ୍ଥାନ ଅଧିକାର କରିଥିବା ସମୟରେ ଏହାର ତଟବର୍ତ୍ତୀ ଗ୍ରାମଗୁଡିକରେ ଗଢିଉଠିଛି ୬ଟି ମୋଟର ବୋଟ ସଂଘ। ଚିଲିକା ଉପରେ ୧୧ଶହ ପରିବାର ଜୀବିକା ନିର୍ବାହ କରିଥାନ୍ତି। ଏ ନେଇ ପ୍ରତ୍ୟକଙ୍କ ମଧ୍ୟରେ ପ୍ରତିଯୋଗିତାମୂଳକ ମନୋଭାବ ନେଇ ଅନେକ ବିବାଦ ଦେଖାଦେଇଥାଏ। ଫଳରେ ଚିଲିକାର ପର୍ଯ୍ୟଟନ ଶିଳ୍ପରେ ପ୍ରଭାବ ପଡେ। ୬ଟି ମୋଟର ବୋଟ ସଂଘ ଏକତ୍ରିତ ହୋଇ ପର୍ଯ୍ୟଟନ ଶିଳ୍ପର ବିକାଶ ପାଇଁ ଉଦ୍ୟମ କରିବା ସହ ନିଜ ନିଜ ମଧ୍ୟରେ ସୁସମ୍ପର୍କ ରକ୍ଷା କରି ଚିଲିକା ପରିବେଶ ପର୍ଯ୍ୟଟନ ମହାସଂଘ ଗଠନ କରିଥିଲେ। ୬ଟି ମହା ସଂଘର ଆୟ ପ୍ରତ୍ୟକ ଦିନ ସନ୍ଧ୍ୟାରେ ଏକାଠି କରି ୧୧ଶହ ପରିବାର ମଧ୍ୟରେ ସୁଚାରୁରୂପେ ବାଣ୍ଟି ନେଉଛନ୍ତି। ସେବେଠାରୁ ଏବେ ପର୍ଯ୍ୟଟନ ଶିଳ୍ପରେ କୌଣସି ବିବାଦ ଦେଖାଦେଇନି।



କୃତୀ ପ୍ରତିଯୋଗୀଙ୍କୁ ଅତିଥି ପୁରସ୍କୃତ କରୁଛନ୍ତି।

# ବିବେକାନନ୍ଦ ଶିକ୍ଷାକେନ୍ଦ୍ର ପକ୍ଷରୁ ରାଜ୍ୟସ୍ତରୀୟ ବିଜ୍ଞାନମେଳା

**କୋଣାର୍କ, ୨୦।୧(ଡି.ଏନ୍.ଏ.)**

କୋଣାର୍କର ଅଗ୍ରଣୀ ଶିକ୍ଷାନୁଷ୍ଠାନ ବିବେକାନନ୍ଦ ଶିକ୍ଷାକେନ୍ଦ୍ର ଓ ଉତ୍କଳ ଶିକ୍ଷା ବିକାଶ ପରିଷଦ ମିଳିତ ଆନୁକୂଲ୍ୟରେ ତୃତୀୟ ରାଜ୍ୟସ୍ତରୀୟବିଜ୍ଞାନ ମେଳା ରବିବାର ଅନୁଷ୍ଠିତ ହୋଇଯାଇଛି। ବିଦ୍ୟାଳୟର ପ୍ରଧାନ ଶିକ୍ଷକ ପୂର୍ଣ୍ଣଚନ୍ଦ୍ର ମୁଦୁଲିଙ୍କ ଅଧକ୍ଷତାରେ ଅନୁଷ୍ଠିତ ଏହି ରାଜ୍ୟସ୍ତରୀୟ ବିଜ୍ଞାନମେଳାରେ ଅତିଥି ଭାବେ ରତ୍ନପୁର ଜୁନିୟର ବିଜ୍ଞାନ ମହାବିଦ୍ୟାଳୟର ଅଧକ୍ଷ ଚିତ୍ତରଞ୍ଜନ ପରିଡା, ଉତ୍କଳ ଶିକ୍ଷାବିକାଶ ପରିଷଦର ଅଧକ୍ଷ ମଙ୍ଗୁଳିଚନ୍ଦ୍ର ମହାନ୍ତି, ନେହେରୁ ଯୁବକେନ୍ଦ୍ରର ଯୁବ ସଂଯୋଜକ ଜୟଶଙ୍କର ଯୋଶୀ ପ୍ରମୁଖ ଯୋଗ ଦେଇଥିଲେ। ଅତିଥିମାନେ ଛାତ୍ରୀଛାତ୍ରଙ୍କୁ ସାମ୍ପ୍ରତିକ ସ୍ଥିତିରେ ବିଜ୍ଞାନର ଉପାଦେୟତା ଓ ମାନବ ସମାଜର ବହୁବିଧ ଉନ୍ନତି ଦିଗରେ ତାହାର କାର୍ଯ୍ୟକାରିତା ସମ୍ବନ୍ଧରେ ଆଲୋକପାତ କରିଥିଲେ। ବିବେକାନନ୍ଦ ଶିକ୍ଷାକେନ୍ଦ୍ରର ସମ୍ପାଦକ ଗୁଣନିଧି ମୁଦୁଲି ବିଜ୍ଞାନମେଳା ସମ୍ବନ୍ଧରେ ପୁଙ୍ଖାନୁପୁଙ୍ଖ ଭାବେ ଛାତ୍ରୀଛାତ୍ରଙ୍କୁ ଅବଗତ କରାଇଥିଲେ। ବିଚାରକ ଭାବରେ ମଙ୍ଗଳା ମହାବିଦ୍ୟାଳୟର ରସାୟନ ବିଭାଗ ଅଧାପକ ନୃସିଂହ ଚରଣ ବିଶ୍ୱାଳ, କୋଣାର୍କ ଭଗବତୀ ମହାବିଦ୍ୟାଳୟର ଅଧାପିକା ମାଧବୀ ସେଠ୍ ଓ ଅଧାପକ ଦେବନ ମୁଦୁଲି ଯୋଗଦେଇ ଛାତ୍ରୀଛାତ୍ରଙ୍କ ଦ୍ୱାରା ପ୍ରସ୍ତୁତ ପ୍ରକଳ୍ପଗୁଡ଼ିକୁ ଦେଖିଥିଲେ। ଏହି ମେଳାରେ ଉତ୍କଳ ଶିକ୍ଷାବିକାଶ ପରିଷଦ ଦ୍ୱାରା ପରିଚାଳିତ ୧୪ଗୋଟି ବିଦ୍ୟାଳୟର ୫୬ଟି ଷ୍ଟଲ ପ୍ରଦର୍ଶିତ ହୋଇଥିଲା। କାର୍ଯ୍ୟକ୍ରମକୁ ବିଦ୍ୟାଳୟର ଶିକ୍ଷକ ଗୋପାଳ ଦାଶ, ବଳରାମ ପଣ୍ଡା ପ୍ରମୁଖ ପରିଚାଳନା କରିଥିଲେ।



କର୍ମଶାଳାରେ ଉପସ୍ଥିତ ଲୋକମାନେ।

# ଗୋବଂଶର ସୁରକ୍ଷା, ଜୈବିକ କୃଷି ସମ୍ପର୍କିତ କର୍ମଶାଳା

**ସାକ୍ଷୀଗୋପାଳ, ୨୦।୧(ଡି.ଏନ୍.ଏ./ସ୍ୱ.ପ୍ର.)**

ସତ୍ୟବାଦୀ ବ୍ଲକ ମହାବଳାପଡ଼ା ସ୍ଥିତ ବରାଳ ବାଲୁଙ୍କେଶ୍ୱର ଚାରିଟେବୁଲ ଟ୍ରଷ୍ଟଦ୍ୱାରା ପରିଚାଳିତ ଗୋଶାଳା ପରିସରରେ ରବିବାର ଭାରତୀୟ ଗୋବଂଶ ସୁରକ୍ଷା ଓ ଜୈବିକକୃଷି କର୍ମଶାଳା ଅନୁଷ୍ଠିତ ହୋଇଯାଇଛି। ଶଙ୍କର୍ଷଣ ମିଶ୍ରଙ୍କ ସଭାତିତ୍ୱରେ ଅନୁଷ୍ଠିତ ଆଲୋଚନା ଚକ୍ରରେ ଗୋ ସମ୍ପଦରୁ ପ୍ରସ୍ତୁତ ପଞ୍ଚଗବ୍ୟ କୃଷିକ୍ଷେତ୍ରରେ ଉପଯୋଗ କରି କିଭଳି ନୀରୋଗ ଫସଲ ଅମଳ ଏବଂ କୃଷକମାନେ ଲାଭବାନ ହୋଇପାରିବେ ଆଲୋଚନା କରାଯାଇଥିଲା। ଚାରିଟେବୁଲ ଟ୍ରଷ୍ଟର ସଭାପତି ମହେଶ୍ୱର ପ୍ରଧାନ ଉପସ୍ଥିତ ଗୋପ୍ରେମୀମାନଙ୍କୁ ଗୋ ସମ୍ପଦର ଅଧଃପତନ ଦ୍ୱାରା ସମାଜର କିଭଳି କ୍ଷତି ସାଧନ ହେଉଛି ସୂଚନା ଦେଇଥିଲେ। ଭାରତୀୟ ଗୋ ସମ୍ପଦ କୃଷିର ମୂଳାଧାର ହୋଇଥିବାରୁ ଗୋ ବଂଶର ସୁରକ୍ଷା ଦିଗରେ ଗୋଶାଳା ଗୋଭକ୍ତମାନଙ୍କୁ ନେଇ ଆଗାମୀ ଦିନରେ ଆନ୍ଦୋଳନକୁ ଓହ୍ଲାଇବ ବୋଲି ସଭାପତି କହିଥିଲେ। ପଶୁ ନିଷ୍ଠୁରତା ଆଇନକୁ ଆୟୁଧ କରି କର୍ମକର୍ତ୍ତାମାନେ ଗୋ ସୁରକ୍ଷା ନିମନ୍ତେ ପୁରୀ ଜିଲାପାଳ, ଏସପିଙ୍କୁ ସ୍ମାରକ ପତ୍ର ପ୍ରଦାନ କରିବାକୁ ବୈଠକରେ ନିଷ୍ପତ୍ତି ଗ୍ରହଣ କରାଯାଇଥିଲା। ଅରବିନ୍ଦ ଦାଶ, ପ୍ରଫୁଲ୍ଲ ମିଶ୍ର, ସୁଦର୍ଶନ ବିଶ୍ୱାଳ, ଅଶ୍ୱିନ ପତି, ଜୟନ୍ତ କୁମାର ତ୍ରିପାଠୀ, ସୀତାକାନ୍ତ ମିଶ୍ର, ରମେଶ ଚନ୍ଦ୍ର ଉତ୍ତରକବାଟ ଓ ଭିକାରୀ ସେନାପତି ପ୍ରମୁଖ ଆଲୋଚନାରେ ଅଂଶଗ୍ରହଣ କରିଥିଲେ।

### କିଣ୍ଡରଗାର୍ଟେନ ସ୍କୁଲର ବାର୍ଷିକୋତ୍ସବ

**ପୁରୀଅଫିସ,୨୦।୧**

ଭିଆଇପି ରୋଡ୍ ନେତାଜୀ ସୁବାସ ବୋଷ ଛକସ୍ଥିତ ପୁରୀ କିଣ୍ଡରଗାର୍ଟେନ ସ୍କୁଲର ବାର୍ଷିକୋତ୍ସବ ଅନୁଷ୍ଠିତ ହୋଇଯାଇଛି। ଉତ୍ସବରେ ରେଭେରେଣ୍ଡ ସୁରେନ୍ଦ୍ର କୁମାର ମହାନ୍ତି ଓ ସସ୍ମିତ ମହାନ୍ତି ବାଇବେଲ ପାଠ କରିଥିଲେ। ସ୍କୁଲ ଅଧକ୍ଷା ରୀତା ବାନାର୍ଜୀଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି ଉତ୍ସବରେ ସାମାଜିକ କର୍ମୀ ପ୍ରତିମା ମିଶ୍ର ମୁଖ୍ୟଅତିଥି, ଆଲିସନ୍ ରିଚାର୍ଡସନ, ଅନୁଷ୍ଠାନ ମୁଖ୍ୟ ଚାରୁଶ୍ରୀ ମହାନ୍ତି, ନିର୍ଦ୍ଦେଶକ ସୁରେନ୍ଦ୍ର କୁମାର ମହାନ୍ତି ପ୍ରମୁଖ ଅତିଥି ଭାବେ ଯୋଗଦେଇଥିଲେ। ଖ୍ରୀଷ୍ଟିଆନ ଅରଗାନାଇଜେଶନ ଫର୍ ଡେଭେଲପମେଣ୍ଟ ଆଣ୍ଡ ଏଜୁକେଶନଙ୍କ ଦ୍ୱାରା ପରିଚାଳିତ ଏହିବିଦ୍ୟାଳୟରେ ପିଲାଙ୍କୁ ବିନା ମୂଲ୍ୟରେ ଶିକ୍ଷାଦାନ କରାଯାଉଛି।

# ରାମକୃଷ୍ଣ ମିଶନ ପକ୍ଷରୁ ମେଧାବୀ ଛାତ୍ରଙ୍କୁ ଆର୍ଥିକ ପ୍ରୋତ୍ସାହନ

**ପୁରୀଅଫିସ,୨୦।୧**

ଶ୍ରୀରାମକୃଷ୍ଣ ମିଶନ ପୁରୀ ଆନୁକୂଲ୍ୟରେ ଗରିବ ମେଧାବୀ ଛାତ୍ରୀଛାତ୍ରଙ୍କୁ ଆର୍ଥିକ ସହାୟତା ପ୍ରଦାନ କରାଯାଇଛି। ରବିବାର ଆଶ୍ରମ ପରିସରରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ୯୭ଜଣ ଛାତ୍ରୀଛାତ୍ରଙ୍କୁ ପାଠ୍ୟପୁସ୍ତକ କ୍ରୟ ନିମନ୍ତେ ପ୍ରତ୍ୟେକଙ୍କୁ ୧ ହଜାର ଲେଖାଏ ଟଙ୍କା ପ୍ରଦାନ କରିଥିଲେ। ଶ୍ରୀଜଗନ୍ନାଥ ବେଦକର୍ମକାଣ୍ଡ ମହାବିଦ୍ୟାଳୟ ଅଧକ୍ଷ ଡ. ଜଗବନ୍ଧୁ ମିଶ୍ରଙ୍କ ସଭାପତିତ୍ୱରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ଜିଲା ସାମାଜିକ ମଙ୍ଗଳ ଅଧିକାରୀ ଚନ୍ଦ୍ରକାନ୍ତ ମାଝିମୁଖ୍ୟଅତିଥି ଭାବେ ଯୋଗଦେଇ ଛାତ୍ରୀଛାତ୍ରଙ୍କ ଉଜ୍ଜ୍ୱଳ ଭବିଷ୍ୟତ କାମନା କରିଥିଲେ। ଆଶ୍ରମ ସମ୍ପାଦକ ସ୍ୱାମୀ ଆପ୍ତେଶ୍ୱରାନନ୍ଦଜୀ ମହାରାଜ ବିବେକାନନ୍ଦଙ୍କ ଜୀବନାଦର୍ଶ ଉପରେ ଆଲୋକପାତ କରି ପ୍ରତ୍ୟେକ ଛାତ୍ର ଉତ୍ତମ ଚରିତ୍ର ସମ୍ପର୍ଣ୍ଣ ହେବା ଲାଗି ପରାମର୍ଶ ଦେଇଥିଲେ। ଆଶ୍ରମ ପରିଚାଳନା ସମିତି ସଭ୍ୟ ଧନଞ୍ଜୟ ଦାସ ସଭା ପରିଚାଳନା ଓ ପଦ୍ମଲୋଚନ ନାୟକ ଧନ୍ୟବାଦ ଦେଇଥିଲେ।



ମିଶନ ତରଫରୁ ବୃତ୍ତି ପାଇଥିବା ଛାତ୍ରୀଛାତ୍ର।

# ଭଗବତୀ ବିଦ୍ୟା ନିକେତନର କ୍ରୀଡ଼ା ଉତ୍ସବ

**ପୁରୀ ଅଫିସ,୨୦।୧**

ପୁରୀ ସହର ଉପକଣ୍ଠ ଅଠରନଳା ଶିକ୍ଷାଶ୍ରୀଲେନ୍ ସ୍ଥିତ ଭଗବତୀ ବିଦ୍ୟା ନିକେତନର ୨୦ତମ ବାର୍ଷିକ କ୍ରୀଡା ଉତ୍ସବ ତାଳବଣିଆସ୍ଥିତ ଇଣ୍ଡୋର ଷ୍ଟାଡିୟମରେ ରବିବାର ଅନୁଷ୍ଠିତ ହୋଇଯାଇଛି। ବିଦ୍ୟାଳୟ ପରିଚାଳନା କମିଟି ସଭାପତି ପ୍ରାଣକୃଷ୍ଣ ମହାପାତ୍ର କ୍ରୀଡା ପତାକା ଉତ୍ତୋଳନ କରିପ୍ରତିଯୋଗିତାକୁଉଦ୍ଘାଟନ କରିଥିଲେ। ଅନୁଷ୍ଠାନର ସମ୍ପାଦକ ମହେନ୍ଦ୍ର ବିଶୋୟୀ, ପ୍ରଧାନଶିକ୍ଷୟିତ୍ରୀ କ୍ରିଷ୍ଣା କୁମାର ଦେଇ, ସାହିତ୍ୟିକ କୌଳାସ ରାୟ ପ୍ରମୁଖ ଅତିଥି ଭାବେ ଯୋଗଦେଇଥିଲେ। ଏହି ଅବସରରେ ପିଲାଙ୍କ ମଧ୍ୟରେ ଶହେ, ୨ଶହ ମିଟର ଦୌଡ, ଅଖାଦୌଡ ଆଦି ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। କ୍ରୀଡା ଶିକ୍ଷୟିତ୍ରୀ ବିଷ୍ଣୁପ୍ରିୟା ମହାନ୍ତି, ଇତିଶ୍ରୀ ସାହୁ, ଟିଙ୍କିଲି ବେହେରା, ଜିତେନ୍ଦ୍ର ଡାକୁଆ ପ୍ରମୁଖ ପରିଚାଳନା କରିଥିଲେ।

# ପ୍ରାଚ୍ୟଖଣ୍ଡ ହେଉଛି ସୂର୍ଯ୍ୟଙ୍କ ଜନ୍ମଦେଶ

**ପୁରୀ ଅଫିସ,୨୦।୧**

ଭକ୍ତ ସାଲବେଗ ସମାଧି ପୀଠରେ ରବିବାର ପ୍ରାଚ୍ୟ ସଂସ୍କୃତି ଓ ସୂର୍ଯ୍ୟ ଉପାସନା ଶୀର୍ଷକ ରାଜ୍ୟସ୍ତରୀୟ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଯାଇଛି। ଶ୍ରୀଗୁଣ୍ଡିଚା ଆଧାତ୍ମିକ ଟ୍ରଷ୍ଟ ପକ୍ଷରୁ ଆୟୋଜିତ ଏହି ଆଲୋଚନାଚକ୍ରକୁ ମୁଖ୍ୟଅତିଥି ଦଇତାପତି ରଘୁନାଥ ଦାସମହାପାତ୍ର ଉଦ୍ଘାଟନ କରିଥିଲେ। ମୁଖ୍ୟବକ୍ତା ଓଡ଼ିଆ ଭାଷା ପ୍ରତିଷ୍ଠାନର ପୂର୍ବତନ ନିର୍ଦ୍ଦେଶକ ଡ. ହରପ୍ରସାଦ ମିଶ୍ର କହିଲେ, ସୂର୍ଯ୍ୟ ହେଉଛନ୍ତି ପ୍ରଜ୍ଞା ଓ ଚେତନାର ପ୍ରତୀକ। ମୁନିଋଷିମାନେ ସୂର୍ଯ୍ୟଙ୍କୁ ସକଳ ସୃଷ୍ଟିର ଆଧାର ଭାବେ ବିବେଚନା କରିଯାଇଛନ୍ତି। ସୂର୍ଯ୍ୟଙ୍କ ଜନ୍ମଦେଶ ରୂପେ ପ୍ରାଚ୍ୟଖଣ୍ଡକୁ ବିବେଚନା କରାଯାଇଛି । ଶାସ୍ତ୍ର ମତେ ଏହି ପ୍ରାଚ୍ୟଖଣ୍ଡର ବ୍ୟାପ୍ତି ଗଙ୍ଗାନଦୀଠାରୁ ଗୋଦାବରୀ ପର୍ଯ୍ୟନ୍ତ ବିସ୍ତୃତ। ଜୈନ ଓ ବୌଦ୍ଧ ଧର୍ମରେ ମଧ୍ୟ ସୂର୍ଯ୍ୟଙ୍କୁ ଉପାସନାର ମୂଳାଧାର ରୂପେ ଗ୍ରହଣ କରାଯାଇଥିବା ଖଣ୍ଡଗିରି, ଉଦୟଗିରି ଗୁମ୍ଫା ଚିତ୍ରରେ ଗଙ୍ଗାବତରଣ ଦୃଶ୍ୟରୁ ପ୍ରତୀୟମାନ ହୁଏ। ସୂର୍ଯ୍ୟଙ୍କୁ ସକଳ ସମ୍ପ୍ରଦାୟର ଉପାସନା ଧାରାର ପ୍ରତୀକ ରୂପେ ବିବେଚନା କରାଯାଇଛି ବୋଲି ଡ. ମିଶ୍ର କହିଥିଲେ।




ଅତିଥିମାନେ ଟ୍ରଷ୍ଟର ମୁଖପତ୍ର 'ଶ୍ରୀଗୁଣ୍ଡିଚା' ସ୍ୱତନ୍ତ୍ର ବିଶେଷାଙ୍କ ଉନ୍ମୋଚନ କରୁଛନ୍ତି।

ଟ୍ରଷ୍ଟ ଉପାଧକ୍ଷ ବିନୋଦ କୁମାର ପଣ୍ଡାଙ୍କ ଅଧକ୍ଷତାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ସମ୍ମାନିତ ଅତିଥି ଡ. ପ୍ରମୋଦ କୁମାର ଦଳେଇ, ଡ. ରମାକାନ୍ତ କର ଓ ଟ୍ରଷ୍ଟ ସଦସ୍ୟା ବିଜୟଲକ୍ଷ୍ମୀ ସାହୁ ଯୋଗଦେଇଥିଲେ। ଗବେଷକ ମଦନମୋହନ ମହାପାତ୍ର ଆଲୋଚନାଚକ୍ରର ଆଭିମୁଖ୍ୟ ସମ୍ପର୍କରେ ବର୍ଣ୍ଣନା କରିଥିବା ବେଳେ ସମ୍ପାଦକ ଲକ୍ଷ୍ମୀନାରାୟଣ ପଟ୍ଟନାୟକ ସ୍ୱାଗତ ଭାଷଣ ଦେଇଥିଲେ। ଶ୍ରୀଜଗନ୍ନାଥ ଚେତନା ସଙ୍ଗଠନର ରାଜ୍ୟ ସଭାପତି ବଦ୍ରି ମିଶ୍ର, ଅଧାପକ ସର୍ବେଶ୍ୱର ଷଡ଼ଙ୍ଗୀ, ଅଧାପକ ଲକ୍ଷ୍ମୀଧର ମିଶ୍ର, ଡ. ଲକ୍ଷ୍ମୀଧର ସୁବୁଦ୍ଧି, ସେବକ ହରେକୃଷ୍ଣ ପ୍ରଧାନୀ, ପ୍ରମଦା ଦେବୀ ପ୍ରମୁଖ ଉତ୍କଳରେ ସୂର୍ଯ୍ୟ ଉପାସନାର ପରମ୍ପରା ଉପରେ ଆଲୋକପାତ କରିଥିଲେ। ଏହି ଅବସରରେ ଆଧାତ୍ମିକ ଟ୍ରଷ୍ଟର ମୁଖପତ୍ର ଶ୍ରୀଗୁଣ୍ଡିଚାର ସ୍ୱତନ୍ତ୍ର ବିଶେଷାଙ୍କ ଉନ୍ମୋଚିତ ହୋଇଥିଲା। ପ୍ରଦୀପ କୁମାର ନାୟକଙ୍କ ସହଯୋଗରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ଆଇନଜୀବୀ ଅଶୋକ କୁମାର ଆଢ୍ୟ ଧନ୍ୟବାଦ ଦେଇଥିଲେ।